ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର, ୨୦୧୮ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୭୭୦୮୫ | ଇମେଲ୍ : aahwaan@gmail.com

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ବଡ଼ଦିନ ଏବଂ ନୂତନ ବର୍ଷ ୨୦୧୯ ଉପଲକ୍ଷେ ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା, ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| ଗଳ୍ପ ବିଭାଗ | | ୩୧ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୩୨ |
| ଆଇନା | ବିନୟ ମହାପାତ୍ର | ୩୫ |
| ପ୍ରଭାତୀ ତାରା | ସୁଷମା ପରିଜା | ୪୨ |
| ଶ୍ରାବଣୀ | ମନୋରଞ୍ଜନ ମୁଦୁଲି | ୫୨ |
| ଫେରିଆସ ତୁମେ | ସୁବଳ ମହାପାତ୍ର | ୫୯ |
| ତାସ ନିଶା | ସେଠୀ କାର୍ତ୍ତିକ ଚନ୍ଦ୍ର | ୬୯ |
| ସାହାଯ୍ୟ | ପ୍ରେମଶିଳା ରାଉତ | ୭୦ |
| ଇଞ୍ଜିନିୟରର ପ୍ରେମିକା | ସୁଦର୍ଶନ ସାହୁ | ୭୪ |
| ପ୍ରୀତିପର୍ଣ୍ଣା | ସତ୍ୟପ୍ରକାଶ ସେଠୀ | ୭୬ |
| ଅଭିଯୋଗ | ଅନସୂୟା ପଣ୍ଡା | ୮୨ |
| ବକ୍କର | ସୁଧୀର କୁମାର ଦ୍ୱିବେଦୀ | ୮୫ |
| ଚାମଚ | ଧୀରେନ୍ଦ୍ର | ୮୮ |

 Magazine Downloaded from www.aahwaan.com


| | | |
|---|---|---|
| ଆଜ୍ଞା ମୁଁ ଭଗବାନ ସାହୁ ଲେଖୁଛି | ଜ୍ୟୋତିରଞ୍ଜନ ସାହୁ | ୯୧ |
| ଫେସବୁକରେ ପ୍ରେମ | ପ୍ରିୟଙ୍କା ସାହୁ | ୯୬ |
| ସଂପର୍କର ଖିଅ | କୁମୁଦ ଛନ୍ଦ୍ର ଦଳେଇ | ୧୦୦ |
| ମଙ୍ଗଳସୂତ୍ର | ନୂତନକୁମାର ବେହେରା | ୧୦୫ |
| ମୋ ପିଲାଦିନର ସ୍ମୃତି | ଶ୍ରୀ ରମା କାନ୍ତ ମିଶ୍ର | ୧୦୯ |
| ସନିଆ ଓରଫ୍ ସନ୍ୟାସୀ ବାବା | ବାଲ୍ମୀକି ନାୟକ | ୧୧୨ |
| ବଡ଼ଲୋକ | ଅନୁସୂୟା ଜେନା | ୧୨୮ |
| ମୋ ମାଆ | ସଙ୍ଗୀତା ମଞ୍ଜରୀ ମହାନ୍ତି | ୧୩୨ |
| ଉଚିତ ଶିକ୍ଷା | ସଙ୍ଗୀତାମଞ୍ଜରୀ ମହାନ୍ତି | ୧୩୩ |
| ଦୁଇକପ୍ ଚା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୪ |
| ହ୍ୱାଟ୍ସଆପ୍ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୬ |
| ** କବିତା ବିଭାଗ** | | **୧୩୮** |
| ସମ୍ପର୍କ | ଅଭୀପ୍ସା ଜେନା | ୧୩୯ |
| ଆଶିଷ ଦିଅ ଚାଚାଜୀ | ସନ୍ତୋଷ ପଟ୍ଟନାୟକ | ୧୪୦ |
| ପଲ୍ଲୀ ସନ୍ଧ୍ୟା | ତପନ ଦୀକ୍ଷିତ | ୧୪୧ |
| ଲାଗିଗଲା ମନ | କୁମୁଦ ଚନ୍ଦ୍ର ଦଳେଇ | ୧୪୨ |

 Magazine Downloaded from www.aahwaan.com


| | | |
|---|---|---|
| ମଦ୍ୟପାନ ହେଉ ଛେଦନ | ପ୍ରଦୀପ କୁମାର ଗୌଡ଼ | ୧୪୪ |
| ଯୁଦ୍ଧ | ଶଙ୍କର୍ଷଣ କର | ୧୪୬ |
| ଜହ୍ନ ବୁଡ଼ିଗଲାପରେ | ଗୋକୁଳାନନ୍ଦ ପଧାନ | ୧୪୭ |
| ଚୁପ୍ ଚାପ୍ ଲୁହ ଠୋପା | ଡା ନୀଳମାଧବ କର | ୧୪୯ |
| ଶେଷ କଥା | କୁଳମଣି ରାଉତ | ୧୫୦ |
| ହାଏରେ ମଣିଷ | ଦୀପକ ଷଡ଼ଙ୍ଗୀ | ୧୫୨ |
| ସାଥୀ | ପ୍ରିୟଙ୍କା ସାହୁ | ୧୫୩ |
| ଭ୍ରମରେ ଭ୍ରମର | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୧୫୪ |
| ବାଧକ ସାଜ ନି ଜମା | ପ୍ରଶାନ୍ତ କୁମାର ନାଥ | ୧୫୫ |
| ତୁମେ ଶଳା ସୈତାନ | ହୃଦୟାନନ୍ଦ ପଧାନ | ୧୫୬ |
| ଇହଲୋକ ଇନ୍ଧନ | ଶ୍ରୀରାଜଶେଖର ସି ଚିମା | ୧୫୭ |
| ପନ୍ଦରଟି ଲଘୁ କବିତା | ଶ୍ରୀ ରମା କାନ୍ତ ମିଶ୍ର | ୧୫୮ |
| ମହାକାଳୀ ଚଣ୍ଡୀ | ଶିବାଶିଷ ନାଏକ | ୧୬୩ |
| ସ୍ମୃତି ସେ ତ ରୂପାଜହ୍ନ | ଶରତ କୁମାର ଦାସ | ୧୬୬ |
| ନୟନ ରାଣୀ | ସୌମ୍ୟରଞ୍ଜନ ପାଲ | ୧୬୮ |
| ମଲ୍ଲୀର ଗଜରା | ଜଗନ୍ନାଥ ତରେଇ | ୧୬୯ |

| | | |
|---|---|---|
| ଆଜିର ସ୍ୱପ୍ନ ନାରୀ | କେ. ନିର୍ମଳ | ୧୭୧ |
| ଜମା ଭୁଲିଯିବ ନାହିଁ | ଭାଗିରଥୀ ଯାନୀ | ୧୭୨ |
| ଛାଡ଼ଖାଇ | ମନୋରଞ୍ଜନ ମୁଦୁଲି | ୧୭୪ |
| ଯମରାଜଙ୍କ ସଙ୍ଗେ ସାକ୍ଷାତକାର | ନୂତନକୁମାର ବେହେରା | ୧୭୬ |
| ଏମିତି କେମିତି ହୁଏ | ଦୀପକ କୁମାର ଦାସ | ୧୭୭ |
| ତୁମେ ମୋର ଏକ ଅଭୁଲାସ୍ମୃତି | ଡମ୍ବୁରୁଧର ବାଗ | ୧୭୮ |
| ଅଧୁରା ଜୀବନ | ସ୍ୱାବିତ କୁମାର ପାତ୍ର | ୧୭୯ |
| ଜୀବନସାଥୀ ତୁମେ... | ଶୁଭଲକ୍ଷ୍ମୀ ପାତ୍ର | ୧୮୦ |
| ମାଆ | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୮୧ |
| ମୋ ଗାଁ | ଅରୁଣ କୁମାର ମହାନ୍ତି | ୧୮୩ |
| ମରୀଚିକା | ଅଜୟ କୁମାର ବେହେରା | ୧୮୫ |
| ମୋ କୋଳକୁ ତୁ ଆସନା | ବନ୍ଦିତା କର | ୧୮୮ |
| ଇଛା | ଅର୍ପିତା ରଣା | ୧୯୦ |
| ମୁଁ | ପଙ୍କଜ ମହନ | ୧୯୧ |
| କଣ ଲେଖିବ୍ | ସୁଶାନ୍ତ କୁମାର ଧଳ | ୧୯୨ |
| ପ୍ରେମ | ଅମ୍ବିକା ସ୍ୱାଇଁ | ୧୯୪ |

 Magazine Downloaded from www.aahwaan.com


| | | |
|---|---|---|
| କାଇଁ ପୂଜିବି ଏ ପଥର | ସୁଧାଂଶୁଶେଖର ସାହୁ | ୧୯୫ |
| ଚଳନ୍ତି ଈଶ୍ୱର | ରାହାସ କୁମାର ବେହେରା | ୧୯୬ |
| ଅଫେରା ଫଗୁଣ | ପ୍ରଦୀପ ବନ୍ଧ | ୧୯୯ |
| ଶିଳ୍ପୀର ସନ୍ଧାନରେ ଶିଳ୍ପୀ | ରାମ କଲତା | ୨୦୧ |
| ଜୀବନ | ଡଃ ଦୀପାଞ୍ଜଳି ସାହୁ | ୨୦୩ |
| କୋଡ଼ିଏ ଟଙ୍କା | ସନାତନ ସର୍କାର | ୨୦୪ |
| ଗଛ ଆମର ମିତ | ପ୍ରେମଶିଳା ରାଉତ | ୨୦୬ |
| ଚନ୍ଦ୍ରମା | ଶୁଭସ୍ମିତା ବେହେରା | ୨୦୮ |
| ପ୍ରେମର ସନ୍ଧ୍ୟା | ପ୍ରଶାନ୍ତ କୁମାର ପ୍ରଧାନ | ୨୦୯ |
| ଦୁଃଖନଦୀ ତୀରେ | କସ୍ତୁରୀ ଚରଣ ରାଉତ | ୨୧୦ |
| ଜଳିଜଳି ଯାଏ ଦୀପ | ଆଶୁତୋଷ ମେହେର | ୨୧୧ |
| ଭାଗ୍ୟବାନ ଢେଉ | ଧିରେନ୍ ବାଗ୍ | ୨୧୨ |
| ତୁମ ଅପେକ୍ଷାରେ | ଗଙ୍ଗାସୁନନ୍ଦିନୀ ରୁପମା ଗୁରୁ | ୨୧୩ |
| ଲକ୍ଷ୍ମୀପ୍ରିୟା ତୁମେ ନୁହଁ କାହାର | ଦିଲ୍ଲୀପ କୁମାର ସାମଲ | ୨୧୪ |
| ତୁମରି ଆସିବା ପାଇଁ | ବିଦ୍ୟାଧର ସେଠୀ | ୨୧୬ |
| ନିଶ୍ୱାସ ସ୍ରୋତେ ମୋ ଦିଅଁ | ରାମପ୍ରସାଦ ସିଂହ | ୨୧୭ |

 Magazine Downloaded from www.aahwaan.com


| | | |
|---|---|---|
| ସୁଯୋଗ୍ୟ ସନ୍ତାନ ହେବା | ମହେଶ୍ୱର ସାହୁ | ୨୧୮ |
| ଜୀବନ କି ରକ୍ତ ମାଗୁନାହିଁ | ଏମ୍. ବିଜୟ କୁମାର | ୨୧୯ |
| ଶହୀଦ ଅମର ରହେ | ସୋମନାଥ ବେହେରା | ୨୨୦ |
| ମନକୁ ଦେଇଛି ମାରି | ଶିଶିର କୁମାର ପଣ୍ଡା | ୨୨୨ |
| ଅଫେରା ଅତୀତ | ରବୀନ୍ଦ୍ର ମହାରଣା | ୨୨୩ |
| ପ୍ରିୟତମା | ବେଦବ୍ୟାସ ମାଝୀ | ୨୨୪ |
| ଆମ ଓଡ଼ିଶାରେ ହକି | ତପନ କୁମାର ସ୍ୱାଇଁ | ୨୨୫ |
| ଆମନ୍ତ୍ରଣ, ଏକ ଶୀତ ସ୍ୱପ୍ନର | ବିନ୍ଦୁ ନିବେଦିତା | ୨୨୬ |
| ଚିଠି | ସିଦ୍ଧେଶ୍ୱର ତ୍ରିପାଠୀ | ୨୨୮ |
| ସର୍କାର ବସି ମଦ ପିଉଛି | ପ୍ରଶାନ୍ତ ମାଝୀ | ୨୨୯ |
| ସୁଫନେଖା ଅଜାଣତେ କଣ କଲ ? | ରାମ ପ୍ରସାଦ ସିଂହ | ୨୩୦ |
| ମନେ ପଡ଼େ | ସୁଦର୍ଶନ ସାହୁ | ୨୩୧ |
| ଆଜିର ଆହ୍ୱାନ | ହରେରାମ ପଣ୍ଡା | ୨୩୨ |
| ବର୍ଷା | ଶିବାନନ୍ଦ ବନଛୋର | ୨୩୩ |
| ଦୁଇଟି ପ୍ରୀତିଗୀତି | ରାଜେଶ ପୂଝାରୀ | ୨୩୪ |
| ପାଗଳ ଭ୍ରମର | ଅନିଲ କୁମାର ମହାରଣା | ୨୩୫ |

 Magazine Downloaded from www.aahwaan.com


| | | |
|---|---|---|
| ସେ ଘା' | କ୍ଷମାନିଧି ସାହୁ | ୨୩୬ |
| ଧୂଆଁ | ଅଜୟ କୁମାର ମହାନ୍ତି | ୨୩୭ |
| ଆସ ପୃଥିବୀଟେ ପାଲଟି ଯିବା | ସବ୍ୟସାଚୀ ବିଷୋୟୀ | ୨୩୮ |
| ଦୟାମୟୀ ମୋର ମା ମଙ୍ଗଳା | କୁମାର ଲୋକେଶ୍ | ୨୩୯ |
| ଶ୍ରେଷ୍ଠ ଧନୁର୍ଧର | ଚିତ୍ତରଞ୍ଜନ ସାହୁ | ୨୪୦ |
| ଭଙ୍ଗା ହୃଦୟ | ନିହାରିକା ସାହୁ | ୨୪୨ |
| ସୁନ୍ଦର | ଜୟଶ୍ରୀ ମହାରଣା | ୨୪୩ |
| ମାଆ | ଗୌରୀ ପଣ୍ଡା | ୨୪୪ |
| ସ୍ମୃତି ପରା ଇତିହାସ | ନରେନ୍ଦ୍ର ସାହୁ | ୨୪୫ |
| ଦୁର୍ଘଟଣା | ତୁଷାରକାନ୍ତ ପ୍ରସାଦ | ୨୪୭ |
| ଗଡ଼ବଡ଼ | ଜ୍ୟୋତିରଞ୍ଜନ ମହାରଣା | ୨୪୮ |
| ତୁ ମନେ ପଡୁ | ଜିତେନ୍ଦ୍ର କୁମାର କହଁର | ୨୪୯ |
| ମିନି ମାରାଥନ୍ | ସୁସ୍ମିତା ମହାପାତ୍ର | ୨୫୧ |
| ଶୀତ - ଅଲାଜୁକୀ ଝିଅ | ସତ୍ୟବ୍ରତ ସାହୁ | ୨୫୩ |
| ଆମେ ଦୀନ ଅରକ୍ଷିତ | ସୁରଞ୍ଜନ ପାତ୍ର | ୨୫୪ |
| ଦଶହରା | ଅଭିଷେକ ପାଢ଼ୀ | ୨୫୫ |

 Magazine Downloaded from www.aahwaan.com


| | | |
|---|---|---|
| ଶହୀଦ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୫୬ |
| ମନ ଦର୍ପଣ | ରୁଖସାର୍ ବେଗମ୍ | ୨୫୭ |
| ବଢ଼ିଲା ଝିଅର ବାପା | ବିକେଶ ସାହୁ | ୨୫୮ |
| ଜଳସଂକଟ ଏକ ଆହ୍ୱାନ | ପ୍ରଦ୍ୟୁତ କୁମାର ମହାକୁଡ଼ | ୨୬୦ |
| ଜଙ୍ଗଲି ଫୁଲ | ପରମିତା ମିଶ୍ର | ୨୬୧ |
| ଶୀତ | ଶ୍ରୀଧର ପଟ୍ଟନାୟକ | ୨୬୩ |
| ସମୟ ବି ଧୋକାଦିଏ | ରୋଜା ପଣ୍ଡା | ୨୬୪ |
| ସରଗଟା କେତେ ସୁନ୍ଦର | ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ | ୨୬୬ |
| କ'ଣ ଚାହଁ ? | ଜୟନ୍ତ କୁମାର ସାହୁ | ୨୬୭ |
| ତୁମ ବିନା | ସାଗର ନାୟକ | ୨୬୮ |
| ଜୀବନ | କାର୍ତ୍ତିକ ପାଣିଗ୍ରାହୀ | ୨୬୯ |
| **ସମ୍ବଲପୁରୀ ବିଭାଗ** | | **୨୭୦** |
| ମଢ଼େନ୍ ବୁହାରି | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୨୭୧ |
| କେତେ କଥା କହେସି | ରାମ କଲତା | ୨୭୩ |
| ଛାଡ଼ଖାଇ | କଲ୍ୟାଣୀ ନନ୍ଦ | ୨୭୪ |
| କଲେଜ୍ ପାଠ୍ | କ୍ଷମାନିଧି ସାହୁ | ୨୭୫ |

 Magazine Downloaded from www.aahwaan.com


| | | |
|---|---|---|
| ରାଏତ୍ ରାନୀ | ଏମ୍ ବିଜୟ କୁମାର | ୨୭୭ |
| ଲୁହୁ | ପ୍ରସନ୍ନ ପ୍ରୟାସ ଭୁଏ | ୨୭୯ |
| ଯେନ୍‌ତା ବୀଜକେ ସେନ୍‌ତା ଫସଲ୍ | କବି ପ୍ରସାଦ | ୨୮୦ |
| କୁଲାଫରି | ରମଣୀରଞ୍ଜନ ବିଶ୍ୱାଳ | ୨୮୧ |
| ଚୁଟରୀ | ରମଣୀରଞ୍ଜନ ବିଶ୍ୱାଳ | ୨୮୨ |
| ପ୍ରବନ୍ଧ ବିଭାଗ | | ୨୮୩ |
| ହିନ୍ଦୁଧର୍ମରେ ଉତ୍ସବ ଏବଂ ପର୍ବପର୍ବାଣୀ | ନରେଶ କୁମାର ବେହେରା | ୨୮୪ |
| କୋଣାର୍କର କୋହ ଏବଂ ମୂର୍ତ୍ତିକଳା | ପ୍ରମୋଦ କୁମାର ପଣ୍ଡା | ୨୯୦ |
| ବିଶେଷ ସୂଚନା | | ୩୦୨ |


**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ଜାନୁଆରୀ ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

Magazine Downloaded from www.aahwaan.com

 Magazine Downloaded from www.aahwaan.com

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଡିସେମ୍ବର ୨୦୧୮ ମସିହାର ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି । ବର୍ଷର ଶୀତ ଦିନ ଆରମ୍ଭ ହୋଇ ସାରିଛି, ତଥାପି ଅନେକ ସ୍ଥାନରେ ଶୀତର ପ୍ରକୋପ ଅନୁଭବ କରିବାର ପ୍ରକୃଷ୍ଟ ସମୟ ଆସିନାହିଁ । ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ହେଉ ଅବା କୋରାପୁଟ୍ ଜିଲ୍ଲାର ଭିତର ଅଞ୍ଚଳ ହେଉ, ଅନେକ ସ୍ଥାନରେ ତଥାପି ଶୀତ ପ୍ରକୋପ ଅନୁଭୂତ ହେଉନାହିଁ । ହୁଏତ ଏହା ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଇଁ ହୋଇପାରେ । କିନ୍ତୁ ଏହି ସମୟ ଯେ ବଣଭୋଜି କରିବା ପାଇଁ ଉତ୍ତମ ଏହା ବିଚାରଣୀୟ । ପିଲାଦିନେ ଏହି ସମୟରେ ଧାନକଟା ଛୁଟି ମିଳୁଥିଲା ପରେ ପରେ ବଡ଼ଦିନ ଛୁଟି ପାଇ ଆନନ୍ଦିତ ହେଉଥିଲୁ, ଏବେ କର୍ମ ଜଞ୍ଜାଳରେ ବ୍ୟସ୍ତ ରହି ସେ ସବୁକୁ ଭୁଲି ଗଲୁଣି । ଆମ ପିଲାମାନେ ମଧ୍ୟ ଶୀତ ଛୁଟି କଣ ଭୁଲିଗଲେଣି । ପ୍ରତିଯୋଗୀତା ବହୁଳ ସମାଜରେ ଦ୍ରୃତ ଧାବମନ ସମୟ ଆଗରେ ସ୍ଥାୟୀତ୍ୱର କୌଣସି ଆବଶ୍ୟକତା ନାହିଁ ବୋଲି ଅନେକ ବିବେଚନା କରିଲେଣି । ଛୁଟି ମିଳୁଥିଲେ ବି ଆମ ପିଲାଙ୍କର ବିଦ୍ୟାଳୟ, ବ୍ୟକ୍ତିଗତ ଟ୍ୟୁସନ୍ ଇତ୍ୟାଦିର ବଳୟରୁ ମୁକ୍ତି ମିଳୁନାହିଁ । ଆମେ ଯେତେ ଅଧିକ ଛୁଟିକୁ ଉପଭୋଗ କରୁଥିଲୁ ହୁଏତ ଏହି ପୀଢ଼ିର ପିଲାମାନେ ତାହା କେବେ ଅନୁଭବ କରି ପାରିବେ ନାହିଁ ।



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

ସହରରେ ଶୀତର ଆନନ୍ଦ ଗ୍ରାମାଞ୍ଚଳ ତୁଳନାରେ ଅଧିକ ନାହିଁ । କିଛି ନାହିଁ କହିଲେ ଚଳେ । ଧାନ କଟା ହେବାପରେ ସେ ସବୁକୁ ଗାଁରେ ଆଣି ଖଳାରେ ରଖାଯାଉଥିଲା, ଆମେ ପିଲାଦିନେ ସେଇ ଧାନଖଳାରେ ଡିଆଁଡେଇଁ କରି ଖେଳୁଥିଲୁ । ବିଲକୁ ଯାଇ ଅଣିଚଣା, ବିଲଚଣା ତୋଳି ଆଣି ପୋଡ଼ି ଖାଉଥିଲୁ, ଚଣା ଶାଗ ଖାଇବାର ମଜା ଆଜିକାଲି ଆଉ ନାହିଁ କହିଲେ ଚଳେ ।

ଆସନ୍ତୁ ଆମେ ପୁଣିଥରେ ପୁରୁଣା ଦିନକୁ ମନେ ପକାଇବା । ଏହି କ୍ରମରେ ଲେଖାମାନ ଆପଣମାନେ ଲେଖି ପଠାଇଲେ ଆଗାମୀ ପୀଢ଼ିର ବଂଶଧରମାନେ ତାହାକୁ ପଢ଼ି ଆମୋଦିତ ହୁଅନ୍ତେ ବୋଲି ମୁଁ ମନେକରେ । ଆଶା କରୁଛି ଆଗାମୀ ସଂସ୍କରଣ ମାନଙ୍କରେ ଅତୀତର ସ୍ମୃତିଚାରଣ କରି ଅନେକ ଲେଖା ଆପଣମାନଙ୍କ ନିଜସ୍ୱ ଅନୁଭୂତିରୁ ଲେଖି ପଠାଇବେ । ଆସନ୍ତୁ ଏବେ ଦୃଷ୍ଟି ପକାଇବା ବିଗତ ଏକ ମାନରେ ଭାରତରେ ସଂଘଟିତ କିଛି ଉଲ୍ଲେଖନୀୟ ଘଟଣାବଳୀ ଉପରେ ।

ସୋସିଆଲ୍ ମିଡ଼ିଆରେ ଓଡ଼ିଆ ଭାଷା ବିକୃତ ହେଉଛି

ବିଗତ ଦିନରେ ଆମେ ଅନେକ ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞାପନ ଦେଖିଲୁ ଯେଉଁଠି ଓଡ଼ିଆ ଭାଷାକୁ ଭାଷାନ୍ତରଣ କରୁଥିବା ବ୍ୟକ୍ତିମାନେ ଭାଷାର ମୂଳ ତତ୍ତ୍ୱକୁ ଭୁଲିଯାଇ ମନଇଚ୍ଛା ଅନୁବାଦ କରି ଦେଉଛନ୍ତି ଯାହା ଫଳରେ ଓଡ଼ିଆ ଭାଷା ପରି ଏକ ସମୃଦ୍ଧ ଶାସ୍ତ୍ରୀୟ ଭାଷାର ଅପମାନ ହେଉଛି । ଆମ ଭାଷାରେ ଯେତେ ସଂଖ୍ୟକ ଅକ୍ଷର ଅଛି ତାହା ଇଂରାଜୀ ଭାଷାରେ ମଧ୍ୟ ନାହିଁ । ଏବଂ ପ୍ରତ୍ୟେକ ଶବ୍ଦ ବା

 Magazine Downloaded from www.aahwaan.com

ବାକ୍ୟକୁ ସଠିକ ଭାବରେ ଲେଖିବା ଏବଂ ଉଚ୍ଚାରଣ କରିବାପାଇଁ ସମସ୍ତ ଉପାଦାନ ଆମ ଭାଷାରେ ରହିଛି । ଏହା ସବୁ ସତ୍ତ୍ୱେ ଲୋକମାନେ ଆମ ଭାଷାକୁ ବ୍ୟବହାର କରିବା ସମୟରେ ଅନେକ ତ୍ରୁଟି କରୁଛନ୍ତି, ଯାହା ଦୃଷ୍ଟିକଟୁ ଏବଂ ଶ୍ରୁତିକଟୁ ହେଉଛି ।

ବିଗତ ଦିନରେ ଜଣେ ବନ୍ଧୁ ଛବି ଉପସ୍ଥାପନ କରି ଦେଖାଇଥିଲେ ଓଡ଼ିଶା ସଂଲଗ୍ନ ଆନ୍ଧ୍ରପ୍ରଦେଶର ସିଂହାଚଳମ ଦେବସ୍ଥାନର ଏକ ଚିତ୍ର ଯେଉଁଠି ଓଡ଼ିଆ ଭାଷାକୁ ଅତ୍ୟନ୍ତ କଦର୍ଯ୍ୟ ଭାବରେ ଲେଖାଯାଇଛି । ହେଲେ ସେମାନେ ତ ହେଲେ ଅଣଓଡ଼ିଆ, ସେମାନେ ବା କେମିତି ଜାଣିବେ ଓଡ଼ିଆ ବ୍ୟାକରଣ ବିଷୟରେ । ଏପରି ହୋଇଥିଲେ ବୋଧହୁଏ ଉଚିତ ହୋଇଥାନ୍ତା, ସେମାନେ ଯଦି ଓଡ଼ିଆରେ ଲେଖିବା ପୂର୍ବରୁ କୌଣସି ଓଡ଼ିଆ ବ୍ୟକ୍ତି ସହ ପରାମର୍ଶ କରିଥାନ୍ତେ ତ ଭଲ ହୋଇଥାନ୍ତା ।

ସେହିପରି ମାଲକାନଗିରି, ଜୟପୁର ଆଦି ଅଞ୍ଚଳରେ ଓଡ଼ିଆ ଭାଷାକୁ କଦର୍ଯ୍ୟ କରି ଲେଖାଯାଉଛି । ଆମେ ଯେଉଁଠି ବି ଓଡ଼ିଆର ଅପମାନ ଦେଖୁଛେ ନିଶ୍ଚୟ ଭାବରେ ଏହାର ବିରୋଧ କରିବା ଉଚିତ ।

ହେଲେ କିଛି ବନ୍ଧୁ ସାମାଜିକ ଗଣମାଧ୍ୟମ ଯଥା ଫେସବୁକ୍ ଓ ହ୍ୱାଟସାପ୍ ସମେତ ଟ୍ୱିଟର ଭଳି ମାଧ୍ୟମରେ ଓଡ଼ିଆକୁ କଦର୍ଯ୍ୟ କରି ପରିବେଷଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଅତୀତରେ ଅନେକ ଚର୍ଚ୍ଚା ହୋଇଥିଲେ ସୁଦ୍ଧା ଏହାର କୌଣସି ସୁଫଳ ଦେଖିବାକୁ ମିଳୁନାହିଁ । ସ୍ଥଳବିଶେଷରେ ଲୋକମୁଖରେ ପ୍ରଚଳିତ ଭାଷାକୁ ହିଁ ପ୍ରକୃତ ଭାଷା ବୋଲି ବିବେଚନା କରି ଲିଖିତ ଓଡ଼ିଆକୁ ଅଣଦେଖା କରିବାର ଏକ ପ୍ରଥା

 Magazine Downloaded from www.aahwaan.com

ସାଂପ୍ରତିକ ସମୟରେ କିଛି ବନ୍ଧୁଙ୍କୁ ଆଦରଣୀୟ ହୋଇଛି । ଓଡ଼ିଆ ଅକ୍ଷରରେ ତିନି ପ୍ରକାର ସ ଯଥା ସ, ଶ, ଏବଂ ଷ ଥାଉ ଥାଉ କେବଳ ଗୋଟିଏ ପ୍ରକାର ସ'କୁ ନେଇ ହିଁ ବ୍ୟବହାର କରିବା ଏବଂ ସେହିଭଳି ଦୁଇଟି ବ ଯଥା ବର୍ଗ୍ୟ ଏବଂ ଅବର୍ଗ୍ୟ ବ ଥାଉ ଥାଉ ଏହାକୁ ଅମାନ୍ୟ କରିବା ଅନ୍ୟତମ । ଓଡ଼ିଆ ଭାଷାରେ ବ୍ୟବହୃତ ଅଧିକାଂଶ ବ' କେବଳ ଅବର୍ଗ୍ୟ ବ' ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ୟୁନିକୋଡ଼ ଓଡ଼ିଆରେ ଅବର୍ଗ୍ୟ ବ ପାଇଁ ଏକ ସ୍ୱତନ୍ତ୍ର ଅକ୍ଷର ଦେଖିବାକୁ ମିଳୁଛି । ହେଲେ ଏହାର ବ୍ୟବହାର କେହି କରୁନାହାନ୍ତି । ଆମେ ଆମର ଏହି ପତ୍ରିକା ଦ୍ୱାରା ଓଡ଼ିଆ ଭାଷା ଏବଂ ଲିପି ସୃଷ୍ଟି କରୁଥିବା ସମସ୍ତ ସଂସ୍ଥାକୁ ଅନୁରୋଧ କରୁଛି ଯେ ସେମାନେ ବର୍ଗ୍ୟ ଓ ଅବର୍ଗ୍ୟ ବ ପାଇଁ ଭିନ୍ନ ଭିନ୍ନ ଅକ୍ଷର ବ୍ୟବହାର ପ୍ରଣାଳୀକୁ ସରଳୀକୃତ କରନ୍ତୁ ।

ଆପଣ ଧ୍ୟାନ ଦେଇଛନ୍ତି କି ଅମାବାସ୍ୟା କେମିତି ଅମାସିଆ ହୋଇଗଲା, ଉପବାସ କେମିତି ଉପାସ ହୋଇଗଲା ! କାରଣ ଏହି ସବୁ ସ୍ଥଳରେ ଅବର୍ଗ୍ୟ ବ ର ବ୍ୟବହାର ହେଉଛି ଯାହା ଉଚ୍ଚାରଣ ସମୟରେ ଅ ବା ଓ ଭଳି ମନେ ହେଉଥିବାରୁ ଉହ୍ୟ ରହିଯାଉଛି । ଶୁଦ୍ଧ ଓଡ଼ିଆ ଲେଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଯେଉଁମାନେ ଏହାର ବିରୋଧ କରୁଛନ୍ତି ସେମାନେ ସମ୍ଭବତଃ ଓଡ଼ିଆ ବ୍ୟାକରଣକୁ ଧ୍ୟାନ ଦେଇ ପଢ଼ିନାହାନ୍ତି କିମ୍ବା ନିଜର ପାଣ୍ଡିତ୍ୟ ଦେଖାଇବା ଉଦ୍ଦେଶ୍ୟରେ ମନ ଇଚ୍ଛା ଭାଷାକୁ ବଦଳାଇବାକୁ ଆଗଭର ହେଉଛନ୍ତି ।

ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଶେଷ

 Magazine Downloaded from www.aahwaan.com

ବିଗତ ସପ୍ତାହରେ ଭାରତର ପାଞ୍ଚଟି ପ୍ରମୁଖ ରାଜ୍ୟ ଯଥା ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ମିଜୋରାମ୍ ଏବଂ ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ସମାପ୍ତ ହୋଇଛି । ଏବଂ ବିଭିନ୍ନ ଗଣମାଧ୍ୟମରେ ଆୟୋଜିତ ନିର୍ବାଚନ ପରବର୍ତ୍ତୀ ଗଣନା ଅନୁଯାୟୀ ଏହି ସମସ୍ତ ରାଜ୍ୟରେ କଂଗ୍ରେସକୁ ଅଧିକ ଭୋଟ ମିଳିଥିବା ବେଳେ ବିଜେପିକୁ ଶକ୍ତ ଧକ୍କା ମିଳିଛି । ଅବଶ୍ୟ ଏହା ଏକ ଅନୁମାନ ମାତ୍ର, ପ୍ରକୃତ ଗଣନା ଆସନ୍ତା କାଲି ହେବାକୁ ଥିବା ବେଳେ ଏହା ସ୍ପଷ୍ଟ ହୋଇଯିବ ଯେ ପ୍ରକୃତରେ ଜନସାଧାରଣ କଣ ଚାହାନ୍ତି ।

ବର୍ଷ ୨୦୧୯ର ସର୍ବସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ ଏକ ପ୍ରାକ୍ କ୍ୱାର୍ଟର ଫାଇନାଲ୍ ବୋଲି ଅନେକ ବିବେଚନା କରୁଛନ୍ତି । କୁହାଯାଉଛି ଯେ ଏହାଦ୍ୱାରା ମୋଦି ସମ୍ପର୍କିତ ଯେଉଁ ଧାରା ଦେଶରେ ବହୁଥିବା କଥା କୁହାଯାଉଥିଲା ଏବେ ତାହା ମାନ୍ଦା ପଡ଼ିବାକୁ ଲାଗିଲାଣି । ଏମିତି ବି ହୋଇପାରେ ଯେ ସ୍ଥାନୀୟ ସମସ୍ୟାକୁ ନେଇ ଅନେକ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନର ଆଶା କରାଯାଇ ପାରେ । ସେ ଯା ହେଉ, ସର୍ବଭାରତୀୟ ସ୍ତରରେ ମୋଦୀଙ୍କ ନେତୃତ୍ୱ ଭଳି ଅଦ୍ୱିତୀୟ ନେତୃତ୍ୱ ଆଉ କେହି ଦେଇ ପାରିବେ ନାହିଁ ।

ପାଞ୍ଚଟି ରାଜ୍ୟର ୬୭୮ଟି ବିଧାନ ସଭା ଆସନ ପାଇଁ ୮୫୦୦ରୁ ଅଧିକ ପ୍ରତ୍ୟାଶୀ ରହିଥିବା ବେଳେ ୧.୭୪ ଲକ୍ଷ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ବ୍ୟବହାର ହୋଇଛି ।

ପଳାତକ ବିଜୟ ମାଲ୍ୟାଙ୍କୁ ଭାରତକୁ ପ୍ରତ୍ୟାର୍ପଣ କରାଯିବ

 Magazine Downloaded from www.aahwaan.com

ଏକ ଅପ୍ରତ୍ୟାଶିତ ନିର୍ଦ୍ଦେଶନାମାରେ ଲଣ୍ଡନ ସ୍ଥିତ ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟଙ୍କ ଅଦାଲତର ମୁଖ୍ୟ ବିଚାରପତି ଏମ୍ମା ଆର୍ବଥ୍ନଟ୍ ନିର୍ଦ୍ଦେଶ ଦେଇଛନ୍ତି ଯେ ଭାରତର ଆର୍ଥିକ ଅପରାଧରେ ସଂପୃକ୍ତ ପଳାତକ ବିଜୟ ମାଲ୍ୟା ବିରୋଧରେ ଭାରତ ସରକାର ଦେଇଥିବା ଦସ୍ତାବେଜ ଆଧାରରେ ସେ ଦୋଷୀ ହୋଇପାରନ୍ତି ସେଥିପାଇଁ ତାଙ୍କୁ ଭାରତକୁ ପ୍ରତ୍ୟାର୍ପଣ କରାଯିବ ଏବଂ ସେ ଆର୍ଥିକ ହେରଫେର ମାମଲାରେ ଅଦାଲତ ଦ୍ୱାରା ହେଉଥିବା କାର୍ଯ୍ୟକୁ ସହଯୋଗ କରିବେ । ଅନେକ ଦିନରୁ ଭାରତ ସରକାର ମାଲ୍ୟାଙ୍କୁ ଭାରତ ଆଣିବା ପାଇଁ ଯୋଜନା କରୁଥିଲେ ଏବେ ତାହା ସଫଳ ହୋଇଛି ବୋଲି କୁହାଯାଉଛି ।

ଅଗୁସ୍ତା ୱେଷ୍ଟଲାଣ୍ଡ ସ୍କାମର ମୁଖ୍ୟକୁ ସାଉଦୀରୁ ଅଣାଗଲା

କଂଗ୍ରେସ ଶାସନ କାଳରେ ହୋଇଥିବା ଏକ ହେଲିକପ୍ଟର ସୌଦା ମାମଲରେ ମଧ୍ୟସ୍ଥତା କରିଥିବା ଖ୍ରୀଷ୍ଟିଆନ୍ ମିଚେଲଙ୍କୁ ସାଉଦୀ ସରକାର ଭାରତକୁ ସମର୍ପଣ କରିଛନ୍ତି । ଫେବୃଆରୀ ୨୦୧୦ ମସିହାରେ ୧୨ଟି ଅଗୁସ୍ତା ୱେଷ୍ଟଲାଣ୍ଡ ହେଲିକପ୍ତର କ୍ରୟ କରିବାପାଇଁ ମଧ୍ୟସ୍ଥତା ନିମନ୍ତେ ଖ୍ରୀଷ୍ଟିଆନ୍ ମିଶେଲ୍ ପାଖାପାଖି ୫୧ ମିଲିୟନ୍ ୟୁରୋ ଅର୍ଥ ଦେଇଥିଲେ । ଯେଉଁଥିରୁ ପ୍ରାୟ ୫.୬ ମିଲିୟନ୍ ୟୁରୋ ଭାରତକୁ ବେଆଇନ୍ ଭାବରେ ପଠାଯାଇଥିଲା, ଏବଂ କୁହାଯାଇଥିଲା ଯେ ଏହି ଅର୍ଥକୁ ଭାରତୀୟ ବାୟୁସେନା ଅଫିସରଙ୍କୁ ଏବଂ କିଛି ନେତା ମନ୍ତ୍ରୀଙ୍କୁ ଦିଆଯାଇଥିଲା ।

ସୂଚନାଯୋଗ୍ୟ ଯେ ମାର୍ଚ୍ଚ ୨୦୦୮ରେ ଖ୍ରୀଷ୍ଟିଆନ୍ ମିଶେଲ୍ ଅଗଷ୍ଟା ୱେଷ୍ଟଲାଣ୍ଡ କମ୍ପାନୀର ଭାରତୀୟ ଶାଖା ପ୍ରମୁଖ ପିଟର୍ ହୁଲେଙ୍କୁ ଏକ

 Magazine Downloaded from www.aahwaan.com

ନୋଟ୍ ଲେଖିଥିଲେ ଏବଂ ସେଥିରେ ସେ କହିଥିଲେ ଯେ ଏହି ସୌଦାକୁ କରିବାକୁ ହେଲେ ସୋନିଆ ଗାନ୍ଧୀଙ୍କ ନିକଟବର୍ତ୍ତୀ ଲୋକଙ୍କୁ ଧରିବାକୁ ହେବ । ସେମାନଙ୍କ ମଧ୍ୟରେ ସୋନିଆ ଗାନ୍ଧୀଙ୍କ ରାଜନୈତିକ ସେକ୍ରେଟାରୀ ଅହମଦ୍ ପଟେଲ୍, ପ୍ରଣବ ମୁଖର୍ଜୀ, ଏମ୍ ବିରପ୍ପା ମୋଇଲି ଇତ୍ୟାଦିଙ୍କ ନାମ ସେହି ନୋଟରେ ରହିଥିବା କଥା କୁହାଯାଉଛି ।

ତିନୋଟି ହେଲିକପ୍ଟର ଭାରତକୁ ଅଣାଯିବା ପରେ ଚଳିତବର୍ଷ ଏହି ସୌଦାକୁ ଭାଙ୍ଗି ଦିଆଯାଇଥିଲା କାରଣ ଏହି ହେଲିକପ୍ଟର କିଣାରେ କୌଣସି ୱାରାଣ୍ଟି ବା ଯନ୍ତ୍ରପାତି ଉପକରଣ ଯୋଗାଇବା କଥା ଉଲ୍ଲେଖ ନଥିଲା । ହେଲେ ଏହି ହେଲିକପ୍ଟର ପାଇଁ ଭାରତ ଦେଇଥିବା ୧୧ ବିଲିୟନ୍ ୟୁରୋରୁ ବ୍ୟାଙ୍କ ଗ୍ୟାରେଣ୍ଟି ଅନ୍ତର୍ଭୁକ୍ତ ୨.୫ ବିଲିୟନ୍ ଫେରି ଆସିଥିବା ବେଳେ ବାକି ଅର୍ଥ କେମିତି ଫେରିବା ତାହା ଯୋଜନା କରାଯାଉଛି ।

ଏହି ହେଲିକପ୍ଟର ସୌଦାରେ କଂଗ୍ରେସ ଦଳର ଅନେକ ପ୍ରମୁଖ ନେତା ସଂପୃକ୍ତ ଥିବା ହେତୁ ଏହା ଦ୍ୱାରା କଂଗ୍ରେସକୁ ଏକ ରାଜନୈତିକ ଧକ୍କା ମିଳିବା ସ୍ୱାଭାବିକ ।

ପେଟ୍ରୋଲ ଦର କମ ହେବାରେ ଲାଗିଛି

ଦଶହରା ସମୟରେ ପେଟ୍ରୋଲିୟମ ପଦାର୍ଥର ଦର ଆକଶଛୁଆଁ ହୋଇଯାଇଥିଲା ଯେଉଁଥିପାଇଁ ଜନସାଧାରଣ ଆକ୍ରୋଶ ସୃଷ୍ଟି ହୋଇଥିଲା । ଦରବୃଦ୍ଧି ଅକ୍ଟୋବର ମାସର ଶେଷ ସପ୍ତାହ ପର୍ଯ୍ୟନ୍ତ ବଜାୟ ରହିଥିଲା । କିନ୍ତୁ ଏହାପରେ ବିଶ୍ୱ ବଜାରରେ ଅଶୋଧିତ ତୈଳର ଦର

 Magazine Downloaded from www.aahwaan.com

କମ ହେବା ହେତୁ ଏକଦା ୮୬ ଟଙ୍କାରେ ବିକ୍ରୀ ହେଉଥିବା ପେଟ୍ରୋଲ ଏକ ମାସରୁ କମ ସମୟ ମଧ୍ୟରେ ପନ୍ଦର ଟଙ୍କାରୁ ଅଧିକ କମ ହୋଇଯାଇଥିଲା ।

ପାକିସ୍ତାନ ବର୍ତମାନ ଦେବାଳିଆ

ପାକିସ୍ତାନର ନବନିର୍ବାଚିତ ସରକାର ଦେଶର ଆର୍ଥିକ ଅବସ୍ଥାକୁ ସୁଧାରିବାକୁ ଅନେକ ଚେଷ୍ଟା କରିବା ସତ୍ତ୍ୱେ ତାହା ସୁଧୁରିବାର ନାଁ ନେଉନାହିଁ । ତେଣେ ଦେଶର ଆର୍ଥିକ ସ୍ଥିତିକୁ ଦେଖି ବିଦେଶରୁ ଋଣ ଆଣିବାର ସମସ୍ତ ଯୋଜନା ପଣ୍ଡ ହେବାରେ ଲାଗିଛି । ଏକଦା ସାଉଦୀ ଆରବ ପାକିସ୍ତାନର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ବେଳେ ଏବେ ସେହି ଦେଶମାନେ ମଧ୍ୟ ପାକିସ୍ତାନକୁ ଋଣ ଦେବାକୁ ମନା କରିଦେଇଛନ୍ତି ।

ବିଗତ ଦୁଇ ସପ୍ତାହ ତଳେ ଆମେରିକା ଦେଉଥିବା ଏକ ବୃହତ ପରିମାଣର ଅନୁଦାନକୁ ଟ୍ରମ୍ପ ପ୍ରଶାସନ ଟାଳି ଦେଇଥିଲେ । ଯାହା ଫଳରେ ପାକିସ୍ତାନର ଅବସ୍ଥା ଅଧିକ ଅସୁବିଧା ହୋଇଯାଇଛି ।

ଏହାକୁ ଭାରତୀୟ ସରକାର ତଥା ମୋଦିଙ୍କ କୂଟନୈତିକ ବିଜୟ ବୋଲି ପାକିସ୍ତାନର ଗଣମାଧ୍ୟମ ପ୍ରକାଶ କରୁଛନ୍ତି ।

ଅଯୋଧ୍ୟାରେ ରାମମନ୍ଦିର ଦାବୀ ଯୋରଦାର

ଭାରତ ସରକାର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣରେ ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ କରି ସର୍ବଭାରତୀୟ ସାଧୁ ମହାସଂଘମାନେ ଅଯୋଧ୍ୟାରେ ନଭେମ୍ବର ମାସ ପଚିଶି ତାରିଖରେ ଏକ ବିଶାଳ ଆୟୋଜନ କରିଥିଲେ । ଏଥିରେ ସମଗ୍ର ଦେଶରୁ ରାମଭକ୍ତଙ୍କ

 Magazine Downloaded from www.aahwaan.com

ସମାଗମ ହେବାକୁ ଲାଗିଥିଲା । ଏହାକୁ ନେଇ ବିରୋଧୀମାନେ ସରକାରଙ୍କୁ ସମାଲୋଚନା କରି କହୁଥିଲେ ଯେ ନିର୍ବାଚନ ଆସିଲେ ବିଜେପି ରାମମନ୍ଦିର କଥା କହି ସାଧାରଣ ଜନତାଙ୍କୁ ଭୁଆଁ ବୁଲାଉଛି । ସେ ଯାହେଉ ଅଯୋଧ୍ୟାରେ ହିନ୍ଦୁମାନଙ୍କର ବିଶାଳ ସମାବେଶକୁ ଦେଖି ଅନେକ ନେତା ସେଠାରେ ଅଧିକ ସୁରକ୍ଷା ବ୍ୟବସ୍ଥା କରିବା ତଥା ସ୍ଥାନୀୟ ଅନ୍ୟ ଧର୍ମାବଲମ୍ବୀମାନେ ଭୟଭୀତ ହୋଇ ରହିଥିବା କଥା କହିଥିଲେ ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ବିଶ୍ୱହିନ୍ଦୁ ପରିଷଦ ରାମ ମନ୍ଦିର ନିର୍ମାଣ୍ ପାଇଁ ସମଗ୍ର ଦେଶରେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଘରକୁ ସଂଶ୍ଳିଷ୍ଟ କରିବା ଯୋଜନା କରିଛନ୍ତି । ଡିସେମ୍ବର ମାସରେ ଏଥିପାଇଁ ଦିଲ୍ଲୀ ଠାରେ ଏକ ବିଶାଳ ସଭା କରାଯାଇ ପରେ ପରେ ସମଗ୍ର ଦେଶରେ ଆୟୋଜନ ମାନ କରାଯିବ ବୋଲି କୁହାଯାଉଛି ।

## ହକି ବିଶ୍ୱକପ ଆୟୋଜନ କରିଲା ଓଡ଼ିଶା

ଚଳିତ ବର୍ଷର ହକି ବିଶ୍ୱକପକୁ ଓଡ଼ିଶା ଆୟୋଜନ କରି ଏକ ନୂତନ କୀର୍ତ୍ତିମାନ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱର ଷୋହଳଟି ଦେଶର ଦଳ ଅଂଶ ଗ୍ରହଣ କରୁଥିବା ବେଳେ ଏଥିପାଇଁ ସମୁଦାୟ ଭୁବନେଶ୍ୱର ସହରକୁ ନୂତନ ରୂପ ଦିଆଯାଇଛି । ବିଶ୍ୱ କପର ଉଦ୍‌ଘାଟନୀ ଉତ୍ସବ ଦୁଇଦିନଧରି ଭୁବନେଶ୍ୱର ଏବଂ କଟକରେ ଆୟୋଜିତ ହୋଇଥିଲା । ଭୁବନେଶ୍ୱର କାର୍ଯ୍ୟକ୍ରମରେ ବଲିଉଡ଼ ତାରକା ଶାହରୁଖ୍ ଖାନ, ମାଧୁରୀ ଦିକ୍ଷିତ ସମେତ ସଂଗୀତଜ୍ଞ ଏ ଆର୍ ରହମାନ୍

 Magazine Downloaded from www.aahwaan.com

ଦର୍ଶକଙ୍କୁ ଆମୋଦିତ କରିଥିଲେ । କଟକରେ ଆୟୋଜିତ ସମାରୋହରେ ବଲିଉଡ୍ ତାରକା ସଲମାନ ଖାନ୍ ସମେତ ଅନେକ ତାରକା ଯୋଗ ଦେଇଥିଲେ ।

ଏକଦା ହକି ଆମ ଦେଶର ସର୍ବପ୍ରିୟ ଖେଳ ଥିଲା ଏବଂ ଅଲିମ୍ପିକରେ ଭାରତକୁ ହରାଇବା ଭଳି କ୍ଷମତା କୌଣସି ଦେଶର ନଥିଲା । ଚଳିତ ବର୍ଷ ଆୟୋଜିତ ଏହି ଖେଳକୁ ବିଶ୍ୱର ୧୯୪ଟି ଦେଶରେ ପ୍ରସାରଣ କରାଯାଉଛି, ଏବଂ ଏହା ଦ୍ୱାରା ଆମ ରାଜ୍ୟ ତଥା ଭୁବନେଶ୍ୱରର ପ୍ରଚାର ହେଉଛି । ଆଶା କରାଯାଉଛି ଏହା ଦ୍ୱାରା ଆମ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ ।

ଏହି ଖେଳ ସ୍ୱର୍ଦ୍ଧା ସହିତ ପ୍ରତିଦିନ ସନ୍ଧ୍ୟାରେ ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି । ସଦ୍ୟ ପ୍ରାପ୍ତ ଖବର ଅନୁଯାୟୀ ଭାରତୀୟ ଦଳ କ୍ୱାର୍ଟର ଫାଇନାଲ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ମୁହଁଖୋରୀ ପାଇଁ ବିପଦରେ ସିଦ୍ଧୁ

କ୍ରୀଡ଼ାବିତରୁ ରାଜନୈତିଜ୍ଞ ପାଲଟି ଥିବା ନବଜୋତ ସିଂ ସିଦ୍ଧୁ ଏକ ସମୟରେ ବିଜେପିରେ ଥିବା ସମୟରେ ବର୍ତ୍ତମାନ କଂଗ୍ରେସ ଦଳର ସଦସ୍ୟ । ବିଗତ ଦିନରେ ସେ ପାକିସ୍ତାନର ନବନିର୍ବାଚିତ ସରକାରଙ୍କ ଶପଥଗ୍ରହଣ ସମାରୋହରେ ଯୋଗ ଦେଇଥିବା ବେଳେ ଏକ ଅପ୍ରତ୍ୟାଶିତ ଘଟଣାବଳୀ ଓ ସମାଲୋଚନାର ଶରବ୍ୟ ହୋଇଥିଲେ, ଏବ ସେ ପୁଣିଥରେ ପାକିସ୍ତାନ ଗସ୍ତ କରି ଆଉ ଥରେ ସମାଲୋଚିତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ ପାକିସ୍ତାନ ଏବଂ ଭାରତ ସୀମା ନିକଟବର୍ତ୍ତୀ ଏକ

 Magazine Downloaded from www.aahwaan.com

ଗୁରୁଦ୍ୱାରାର ଉଦଘାଟନ ସମାରୋହରେ ଯୋଗ ଦେବାପାଇଁ ପାକିସ୍ତାନ ଯାଇଥିବା ବେଳେ ସିଦ୍ଧୁ ସେଠାରେ ଆତଙ୍କବାଦୀ ସମର୍ଥନବାଦୀ ଅନେକ ନେତାଙ୍କ ସହ ଫଟୋ ଉଠାଇଥିଲେ । ଏହାପରେ ତାଙ୍କୁ ସମାଲୋଚନାର ଶୀକାର ହେବାକୁ ପଡିଥିଲା ।

ପଞ୍ଜାବ ସରକାରଙ୍କ ବିନା ଅନୁମତିରେ ସେ ବ୍ୟକ୍ତିଗତ ନିମନ୍ତ୍ରଣରେ ଏହି କାର୍ଯ୍ୟକ୍ରମ ପାଇଁ ପାକିସ୍ତାନ ଯାଇଥିବା କଥା ପ୍ରଥମେ କହିଥିଲେ ସୁଦ୍ଧା ପରେ ସେ କହିଥିଲେ ଯେ ପାକିସ୍ତାନ ଯିବାପାଇଁ ତାଙ୍କୁ କଂଗ୍ରେସ ସଚିବ ରାହୁଲ ଗାନ୍ଧୀ ଏବଂ ବରିଷ୍ଠ ନେତା ଅହମଦ୍ ପଟେଲ ସହଯୋଗ କରିଥିଲେ ।

ପାକିସ୍ତାନରୁ ଫେରିବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରେନ୍ଦ୍ର ସିଂ ତାଙ୍କ ଉପରେ କ୍ରୋଧିତ ବୋଲି ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ସେ କୌଣସି କ୍ୟାପଟେନଙ୍କୁ ଜାଣନ୍ତି ନାହିଁ, ସେ କେବଳ ଜାଣନ୍ତି ଜଣେ କ୍ୟାପଟେନ୍ ଯେ ହେଉଛନ୍ତି ରାହୁଲ ଗାନ୍ଧୀ । ଏହାପରେ ପଞ୍ଜାବରେ ଅନେକ ବିଧାୟକ ସିଦ୍ଧୁଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ।

ଟ୍ରାଫିକ୍ ବ୍ୟବସ୍ଥାରେ ଇ-ଚାଲାନ୍ ଲାଗୁହେଲା

ଅନେକ ସମୟରେ ପୋଲିସ୍ ଦ୍ୱାରା ହେଉଥିବା ଧରପଗଡ଼ରେ ଅନିୟମିତତା ଅଭିଯୋଗ ଆସିବାପରେ କମିସନରେଟ୍ ପୋଲିସ୍ ଏକ ନୂତନ ବ୍ୟବସ୍ଥା କରିଛନ୍ତି । ଏହାଦ୍ୱାରା ବର୍ତ୍ତମାନ ଟ୍ରାଫିକ୍ ସମ୍ବନ୍ଧିତ ଅପରାଧ ପାଇଁ ଆପଣଙ୍କୁ ଅର୍ଥ ନଗଦ ଦେବାକୁ ହେବନାହିଁ । ଆପଣ

 Magazine Downloaded from www.aahwaan.com

ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ଼ ଦ୍ୱାରା ମଧ୍ୟ ଏହା ଦେଇ ପାରିବେ । ଏହା ଫଳରେ ଅର୍ଥ ହେରଫେର ହେବ ନାହିଁ । ଆର୍ଥିକ ଦଣ୍ଡ ଦେଇ ସାରିବା ପରେ ଆପଣଙ୍କ ମୋବାଇଲରେ ଏହି ସମ୍ବନ୍ଧିତ ସୂଚନା ଆସିଯିବ । ଯାହାଫଳରେ ଆୟ ହୋଇଥିବା ଅର୍ଥ ସରକାରୀ ଖଜଣାରେ ଜମା ହୋଇଥିବା ଆପଣ ନିଶ୍ଚିତ ହୋଇପାରିବେ । ବାରମ୍ବାର ଖିଲାପି କରୁଥିବା ବ୍ୟକ୍ତିଙ୍କ ଲାଇସେନ୍ସ ଜବତ କରାଯାଇ ପାରିବ ।

ବର୍ତ୍ତମାନ ରାତିରେ ବି ମିଳିବ ଆହାର

ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୫୪ଟି ଆହାର କେନ୍ଦ୍ର ବର୍ତ୍ତମାନ ରାତିରେ ମଧ୍ୟ ଆହାର ଯୋଗାଇ ଦେବେ । ବିଭିନ୍ନ ହସପିଟାଲ ନିକଟରେ ଥିବା ଆହାର କେନ୍ଦ୍ର ମାନଙ୍କରେ ଏହି ସୁବିଧା ଉପଲବ୍ଧ ହେବ । ସୂଚନାଯୋଗ୍ୟ ଯେ ଆହାର କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶାର ଅନେକ ସ୍ଥାନରେ ମାତ୍ର ପାଞ୍ଚଟଙ୍କରେ ଭାତ ଡାଲମା ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।

ବର୍ତ୍ତମାନ ଏହା ରାଜ୍ୟର ୭୬ଟି ସହରାଞ୍ଚଳରେ କାର୍ଯ୍ୟକ୍ଷମ ଥିବ ବେଳେ ଆଗାମୀ ବର୍ଷ ଜାନୁଆରୀ ୨୬ ପରେ ଏହା ଆହୁରି ଅଧିକ ୩୨ଟି ସହରାଞ୍ଚଳରେ କାର୍ଯ୍ୟକ୍ଷମ ହେବ । ଏବଂ ଏହାଦ୍ୱାରା ଲାଭାନ୍ୱିତ ହେଉଥିବା ଲୋକଙ୍କ ସଂଖ୍ୟା ଏକ ଲକ୍ଷରୁ ଅଧିକ ହେବ ବୋଲି କୁହାଯାଇଛି ।

ଏହି ରାତ୍ରୀକାଳିନ ସୁବିଧାପାଇଁ ସର୍ବସାଧାରଣ ଚାହିଁଲେ ଅନୁଦାନ ଦେଇପାରିବେ । ବିବାହ, ବ୍ରତ ଓ ଜନ୍ମଦିନ ଆଦି ଉପଲକ୍ଷେ ଲୋକମାନେ

 Magazine Downloaded from www.aahwaan.com

ଆହାର କାର୍ଯ୍ୟକ୍ରମ ପାଇଁ ଅନୁଦାନ ଦେଲେ ତାହା ଗ୍ରହଣୀୟ ହେବ ।

ଓଡ଼ିଶାରେ ବିଜେପିର ମଞ୍ଚ ଧରିଲେ ଅପରାଜିତା

ଓଡ଼ିଶା କ୍ୟାଡରର ବରିଷ୍ଠା ଆଇଏଏସ୍ ଅଧିକାରୀ ଶ୍ରୀମତି ଅପରାଜିତା ଷଡ଼ଙ୍ଗୀ ନିଜ ପଦବୀରୁ ଇସ୍ତଫା ଦେଇ ସମସ୍ତଙ୍କୁ ଚମକାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ସେ ରାଜନୀତିରେ ଯୋଗ ଦେବାକଥା ଜଣାଇଥିଲେ ଏବଂ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ । ଶୁଣାଯାଉଛି ଯେ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ସଂଗଠନକୁ ସୁଦୃଢ଼ କରିବା ତଥା ଏକ ବୃହତ ବିଜୟ ଯୋଗାଇ ଦେବା ଆଶାରେ ଏକ ମହିଳାଙ୍କୁ ମଞ୍ଚ ଧରାଇବାକୁ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେଇଥିବା ବେଳେ ଅପରାଜିତା ଷଡ଼ଙ୍ଗୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦିଆଯାଇଛି ।

ଆଗରୁ କୁହାଯାଉଥିଲା ଯେ ବିଜେଡ଼ି ଛାଡ଼ିଥିବା ବୈଜୟନ୍ତ ପଣ୍ଡା ବିଜେପିରେ ଯୋଗ ଦେଇ ପାରନ୍ତି ଏବଂ ଅନେକ ଭାବିଥିଲେ ସେ ଓଡ଼ିଶାରୁ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇପାରନ୍ତି କିନ୍ତୁ ଏବେ ଅପରାଜିତା ଷଡ଼ଙ୍ଗୀଙ୍କ ଆଗମନ ପରେ ବୈଜୟନ୍ତଙ୍କ ମୁଖ୍ୟମନ୍ତ୍ରୀ ପାଇଁ ପ୍ରାର୍ଥୀତ୍ୱ ବର୍ତ୍ତମାନ ପ୍ରଶ୍ନବାଚୀ ହୋଇ ଯାଇଛି ।

ଫ୍ରାନ୍ସ ଜଳୁଛି

ବିଭିନ୍ନ ସାମଗ୍ରୀର ବୃଦ୍ଧି ସମେତ ରାଷ୍ଟ୍ରପତି ଇମାନୁଏଲ ମ୍ୟାକ୍ରନଙ୍କ ଇସ୍ତଫା ଦାବିରେ ଫ୍ରାନ୍ସବାସୀ ସେମାନଙ୍କ ଆନ୍ଦୋଳନକୁ ଜୋରଦାର କରିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଚଳିତ ସପ୍ତାହରେ ଆନ୍ଦୋଳନ ହୋଇଛି । ଏଥିରେ ଆନ୍ଦୋଳନକାରୀମାନେ ବ୍ୟାପକ ହିଂସା ଘଟାଇବା

 Magazine Downloaded from www.aahwaan.com

ସହିତ ପୋଡ଼ାଜଳା କରିଛନ୍ତି । ପୁଲିସ ସହିତ ସେମାନଙ୍କର ପ୍ରବଳ ଠେଲାପେଲା ଓ ଧସ୍ତାଧସ୍ତି ହୋଇଛି । ଫଳରେ ପୁଲିସ ଆନ୍ଦୋଳନକାରୀମାନଙ୍କୁ ଘଉଡ଼ାଇବା ପାଇଁ ରବର ଗୁଳି ଓ ଲୁହ ବୁହା ବାଷ୍ପର ପ୍ରୟୋଗ ମଧ୍ୟ କରିଛି । ପୁଲିସ ପକ୍ଷରୁ ୧୭୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି । ପ୍ୟାରିସ ବ୍ୟତୀତ ମାର୍ସିଲି, ବୋରଡିକ୍ସ, ଲାୟନ ଏବଂ ଟାଲୌଜ୍ ଆଦି ସହରରେ ଆନ୍ଦୋଳନକାରୀମାନେ ଏକଜୁଟ ହେବା ସହିତ ହିଂସା ଭିଆଇଛନ୍ତି । କ୍ରମାଗାତ ଚତୁର୍ଥ ସପ୍ତାହାନ୍ତରେ ଆନ୍ଦୋଳନକାରୀମାନେ ଦେଶବ୍ୟାପୀ ବିକ୍ଷୋଭ କରିଛନ୍ତି । ପ୍ୟାରିସଠାରେ ପୁଲିସ କହିଛି, ଶନିବାର ୧୦୮୨ ଜଣଙ୍କୁ ଗିରଫ କରାଯାଇଛି । ପୂର୍ବ ପର୍ଯ୍ୟାୟ ଆନ୍ଦୋଳନରେ ୪୧୨ ଜଣଙ୍କୁ ଗିରଫ କରାଯାଇଥିଲା ବୋଲି ପ୍ୟାରିସ ପୁଲିସ କହିଛନ୍ତି ।

ଆଭ୍ୟନ୍ତରୀଣ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି, ଶନିବାରର ବିକ୍ଷୋଭରେ ୧,୩୬,୦୦୦ ଲୋକ ସାମିଲ ହୋଇଥିଲେ । ଡିସେମ୍ବର ୧ରେ ହୋଇଥିବା ଆନ୍ଦୋଳନରେ ମଧ୍ୟ ସମାନ ସଂଖ୍ୟକ ଆନ୍ଦୋଳନକାରୀ ସାମିଲ ଥିଲେ । ଅନ୍ୟାନ୍ୟ ସ୍ଥାନ ତୁଳନାରେ ପ୍ୟାରିସରେ ଆନ୍ଦୋଳନକାରୀମାନେ ଅଧିକ ମାତ୍ରାରେ ହିଂସାକାଣ୍ଡ ଭିଆଇଛନ୍ତି । ଆନ୍ଦୋଳନକାରୀମାନେ କାରରେ ନିଆଁ ଲଗାଇ ଦେବା ସହିତ ବାରିକେଡ୍‌କୁ ଜାଳିଦେଇଛନ୍ତି । ଡିସେମ୍ବର ୧ ତୁଳନାରେ ଗତ ଶନିବାର ଆନ୍ଦୋଳନକାରୀମାନେ ଅଧିକ ସମ୍ପତ୍ତି ନଷ୍ଟ କରିଛନ୍ତି ବୋଲି ନଗର କର୍ତ୍ତୃପକ୍ଷ କହିଛନ୍ତି । ଆନ୍ଦୋଳନକାରୀମାନେ ଫ୍ରାନ୍‌ସ ରାଷ୍ଟ୍ରପତି

 Magazine Downloaded from www.aahwaan.com

ଇମାନୁଏଲ ମ୍ୟାକ୍ରନଙ୍କ ଇସ୍ତଫା ଦାବି କରିବା ସହିତ ତାଙ୍କ ବିରୋଧରେ ସ୍ଲୋଗାନମାନ ଦେଇଛନ୍ତି ।

ଆମେରିକାରେ ରାଜନୈତିକ ସଂକଟ

ଆମେରିକାରେ ରାଜନୈତିକ ସଙ୍କଟ ଧୀରେ ଧୀରେ ଘନୀଭୁତ ହେବାରେ ଲାଗିଛି । ଫଳରେ ଦେଖାଦେଇଥିବା ଆର୍ଥିକ ସମସ୍ୟାର ମୁକାବିଲା ପାଇଁ ଆଣ୍ଟି ଡେଫିସିଏନ୍‌ସି ଆକ୍ଟ ଅନ୍ତର୍ଗତ ସଙ୍ଘୀୟ କର୍ମଚାରୀଙ୍କୁ ବିନା ଦରମାରେ ଛୁଟିରେ ପଠାଯିବା ଭଳି ଅବସ୍ଥା ସୃଷ୍ଟି ହୋଇଛି । ଏହାକୁ ଶଟ୍ ଡାଉନ୍ କୁହାଯାଇଥାଏ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଦାୟିତ୍ୱ ଗ୍ରହଣ ପରେ ତୃତୀୟ ଥର ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଏଭଳି ସ୍ଥିତିର ମୁକାବିଲା ଲାଗି ଟ୍ରମ୍ପ୍ ସରକାରୀ ଖର୍ଚ୍ଚ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି । ଫଳରେ ଶଟ୍ ଡାଉନ୍ ସମସ୍ୟା କିଛି ଦିନ ପାଇଁ ଟଳିଯିବାର ଆଶା ରହିଛି । କିଛି ଦିନ ତଳେ ହୋଇଥିବା ମଧ୍ୟବର୍ତ୍ତୀ ନିର୍ବାଚନରେ ନିମ୍ନ ସଦନ ପ୍ରତିନିଧି ସଭାରେ ଡେମୋକ୍ରାଟିକ୍ ଦଳର ବିଜୟ ଟ୍ରମ୍ପ୍‌ଙ୍କ ନୂଆ ସମସ୍ୟା ସୃଷ୍ଟି କରିଛି । ଫଳରେ ଟ୍ରମ୍ପ୍‌ଙ୍କ କେତେକ କାର୍ଯ୍ୟରେ ଡେମୋକ୍ରାଟିକ୍ ଦଳ ଗତିରୋଧ କରିବାରେ ଲାଗିଛି । ଆମେରିକାର ନୂଆ ଆବ୍ରଜନ ନିୟମ ଅନୁସାରେ ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ନ ମିଳିଲେ ଆର୍ଥିକ ଶଟ୍ ଡାଉନ୍ ହେବାର ଆଶଙ୍କା ରହିଛି ।

ଭାରତ ଯେଉଁ ଉନ୍ନତିର ପଥରେ ଅଗ୍ରସର ହେଉଛି ଏବଂ ବିଶ୍ୱଗୁରୁ ଭାବରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରି ପାରିଛି ଏହି ପଦକ୍ଷେପ ଆଗକୁ

 Magazine Downloaded from www.aahwaan.com

ଅଧିକ ସକ୍ରିୟ ହେବ । ବର୍ଷ ୨୦୨୨ରେ ଭାରତରେ ଜି-୨୦ ରାଷ୍ଟ୍ରସଂଘର ସାଧାରଣ ବୈଠକ ଆୟୋଜିତ ହେବା ଏକ ଉଲ୍ଲେଖନୀୟ ତଥ୍ୟ ନିଶ୍ଚୟ ଭାବରେ ।

ଦେଶ ଦୁନିଆର ଅନେକ ଘଟଣାର ସବିଶେଷ ବିବରଣୀ ପଢ଼ିବା ପରେ ଆସନ୍ତୁ ଆମେ ପଢ଼ିବା ଆହ୍ୱାନ ଇ-ପତ୍ରିକା ଏବଂ ନିଜସ୍ୱ ମତାମତ ଜଣାଇବା । ଆପଣଙ୍କ ପ୍ରୋତ୍ସାହନ ହିଁ ଆହ୍ୱାନର ସମ୍ବଳ । ନିଜସ୍ୱ ମତାମତ ଆପଣ ଆମ ୱେବ୍‌ସାଇଟରେ ଦେଇ ପାରିବେ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

## ଖେଳର ଉପାଦାନମାନ -ଝିଙ୍କ

ଝିଙ୍କ ଏକ ବିପଦଜନକ ପ୍ରାଣୀ ବୋଲି ସେମାନେ ଜାଣି ନଥିଲେ । ଛୋଟ ଜନ୍ତୁଟିଏ । ଛୋଟିଆ ଗୋଜିଆ ମୁଣ୍ଡ । ଦେହସାରା ଲମ୍ବା ମୋଟା ବାଳ । ସେ ବାଳଗୁଡାକ ଟାଣୁଆ କାଠି ବୋଲି ସିଂହ ଛୁଆମାନେ ଜାଣି ନଥିଲେ । ଏ କାଠି ଗୁଡାକ କଂଟାଠାରୁ ଶକ୍ତ । କିନ୍ତୁ ଝିଙ୍କର କାଠି ଗୁଡିକ ତାର ଏତେ ବଡ ରକ୍ଷାକବଚ ବୋଲି ସେମାନେ ଜାଣିଲେ । ଝିଙ୍କର କଂଟା ଏକ ମୋଟା ଲୋମ, ଏକପଟ ଶରୀରରେ ଲାଗିଥାଏ, ମଝିଟା ପୋଲା ଆଉ ଶେଷ ଆଡକୁ ଖୁବ ମୁନିଆ ହୋଇ ଯାଇଥାଏ । ଏ କାଠି ଯୋଗୁ ଝିଙ୍କ ଚାଲିବା ବେଳେ ଶବ୍ଦ ହେଉଥାଏ ।

ସେଦିନ ଆଉ ଏକ ମନେ ରଖିବା ଭଳି ଲଢେଇ ସିଂହ ଛୁଆମାନଙ୍କ ଜୀବନରେ ଘଟିଗଲା । ଏଭିତରେ ସେମାନେ ଅନେକ ବଡ ହୋଇ ଆସିଲେଣି । ପ୍ରାୟ ତରୁଣ ଅବସ୍ଥା । ଝିଙ୍କଟିଏ ଏକୁଟିଆ ରାସ୍ତାରେ ଆସୁଥାଏ । ଝିଙ୍କର ଲମ୍ବା କାଠି, ଛୋଟ ମୁଣ୍ଡ ଆଉ ଛୋଟ ଛୋଟ ଗୋଡ଼ । ଚାଲିଲାବେଳେ କାଠି ସବୁ ଶରୀର ସହ ସିଧା ହୋଇ ରହେ, ପଛ ପାଖର ଲମ୍ବା କାଠି ସବୁ ମାଟିରେ ପ୍ରାୟ ଘୁଷୁରୁଥାଏ । ଦୁରରୁ ଦେଖିଲେ ଲାଗିବ ଯେମିତି ଲମ୍ବା ବାଳଥିବା ଛୋଟିଆ ପଶୁଟିଏ ଧିରେ ଚାଲି କରି ଆସୁଛି । ଏ ଜୀବ ମାଟି ଭିତରେ ଗାତ କରି ରୁହେ ।

ଦୁଇଭାଇ ଏମିତିଆ ଏକ ଛୋଟ ପ୍ରାଣୀ ଦେଖି ତାକୁ ମାରିବା ପାଇଁ ଦୌଡ଼ିଗଲେ ।

 Magazine Downloaded from www.aahwaan.com

ସେମାନଙ୍କ ମା ମଧ୍ୟ ନ ଅଟକାଇ ସେମାନଙ୍କ ସହ ଯୋଗଦେଲା । ଝିଙ୍କର କେଉଁଠି ଲୁଚିବା ପାଇଁ ସ୍ଥାନ ନଥିଲା । ତେଣୁ ସେ ପଳେଇ ଯିବା ଆଶା ଛାଡ଼ି ନିଜକୁ ବଂଚେଇବା ପାଇଁ ଚେଷ୍ଟା କଲା । ସେମାନେ ଝିଙ୍କକୁ ସବୁ ଦିଗରୁ ଆକ୍ରମଣ କରୁଥାନ୍ତି । ଝିଙ୍କର ପ୍ରତିରକ୍ଷା ପ୍ରଣାଳୀ ଅନ୍ୟ ଜୀବଙ୍କଠାରୁ ଅନେକ ଭିନ୍ନ । ତା ଉପରେ କିଛି ଆକ୍ରମଣ ହେଲେ ସେ ନିଜ ଶରୀରକୁ ଫୁଲାଇ ଦିଏ ଆଉ ତଳେ ପାର ହୋଇ ରହିଥିବା କଂଟାସବୁ ଠିଆ ହୋଇ ଯାଆନ୍ତି । ଯେମିତି କି ଏକ ବେଲୁନ ଦେହରେ ବଡ ବଡ କଂଟା ସବୁ ଖଂଜି ଦିଆ ଯାଇଛି । ଏଣେ ଝିଙ୍କ ନିଜ ଦେହ ଫୁଲେଇ ଦେଇଥାଏ ଆଉ ପଛୁଆ ମାଡି ଆସୁଥାଏ । ଆକ୍ରମଣ କରିବା ପାଇଁ ଯଦି ସିଂହ ମାଡ଼ି ଆସେ ତେବେ ଝିଙ୍କ ନିଜର ଦେହକୁ ଫୁଲେଇ ଦେଇ ପଛୁଆ ମାଡିଆସେ । ଝିଙ୍କ ପଛୁଆ ମାଡି ଆସିବାର କାରଣ ତା ଶରୀରରେ ପଛ ଆଡକୁ ଲମ୍ବା କଂଟା ଥାଏ । ମୁଣ୍ଡ ଆଡକୁ ଖୁବ ଛୋଟ କଂଟା । ଝିଙ୍କ କାଠି ସବୁ ଗୋଜିଆ । ଯଦି ସିଂହ ଥାବା ମାରିବତେବେ ଥାବା ଦେହରେ ଝିଙ୍କ କାଠି ଫୁଟିଯିବ । ତେଣୁ ଝିଙ୍କକୁ ଥାବା ମାରିବା ସହଜ ନୁହେଁ ।

ଝିଙ୍କକୁ ସିଂହଛୁଆ ଆଉ ସିଂହୀ ସେମିତି ସବୁ ଦିଗରୁ ଆକ୍ରମଣ କରୁଥାନ୍ତି । ଝିଙ୍କର ସବୁଠାରୁ ସମ୍ବେଦନଶୀଳ ଅଙ୍ଗ ହେଉଛି ମୁଣ୍ଡ । ସେଠି କାଠି ପ୍ରାୟ ନାହିଁ କହିଲେ ଚଳେ । ଯଦି କେମିତି ମୁଣ୍ଡକୁ ଧରି ନିଆଯାଇପାରେ ତେବେ ଝିଙ୍କ ଶିକାର ହୋଇ ପାରିବ । ତେଣୁ ଝିଙ୍କ ସିଂହମାନଙ୍କ କାବୁରେ ନଆସିବା ପାଇଁ ଖୁବ ତତ୍ପର ଥିଲା । ବଡ ସିଂହୀକୁ ଜଣାଥିଲା ଯେ ଏମିତି ଝିଙ୍କକୁ ଆକ୍ରମଣ କରିବା କେମିତି କଷ୍ଟ ଆଉ ବିପଦପୂର୍ଣ୍ଣ । ଝିଙ୍କର କାଠି ସବୁ ବାଡେଇ ହୋଇ ଝଣ ଝଣ ଶବ୍ଦ ହୋଉଥାଏ । ଝିଙ୍କ କାଠି ସିଂହ ଦେହରେ ଫୁଟିଗଲେ ସିଂହକୁ ସଂକ୍ରମଣ ହେବ ଆଉ ଗଭୀର ଆଘାତ ଲାଗିବ । ସେମିତି ଝଣ ଝଣ କରି ଝିଙ୍କ ପଛୁଆ ମାଡି ଆସୁଥାଏ । ସିଂହମାନେ ଘୁଂଚି ଯାଉଥାନ୍ତି । ପୁଣି ତାକୁ ଥାବା ମାରିବାକୁ ଚେଷ୍ଟା

 Magazine Downloaded from www.aahwaan.com

କରୁଥାନ୍ତି । କିନ୍ତୁ କେହି ତା ମୁଣ୍ଡକୁ ଧରିପାରୁ ନଥାନ୍ତି । ଏମିତି ପ୍ରାୟେ ୧୫/୨୦ମିନିଟ୍ ପର୍ଯ୍ୟନ୍ତ ଲଢେଇ ଚାଲିଲା । ସେମାନଙ୍କ ମୁହଁ ଆଉ ଥାବାରେ ସାମନ୍ୟ ଆଘାତ ଲାଗିଥାଏ । ଏମିତଆ କଂଟା ଦେଖି ସେମାନେ ଜୋରରେ ଆକ୍ରମଣ କରି ପାରୁ ନଥାନ୍ତି ।

ଛୁଆ ମାନେ କିନ୍ତୁ ନଛୋଡବନ୍ଧା । ସେମାନେ ଯେମିତି ହେଲେ ଝିଙ୍କ ଶିକାର କରିବେ । ଛୁଆ ଦୁହେଁ ଝିଙ୍କର ମୁଣ୍ଡ ଆଡକୁ ସବୁବେଳେ ମାଡି ଯାଉଥାନ୍ତି । ଏଣେ ଝିଙ୍କ ମୁଣ୍ଡ ଆଡକୁ କିଛି କଂଟା ଲେଉଟାଇ ଦେଇଥାଏ । ମୁଣ୍ଡ ପ୍ରାୟ ଦେଖା ଯାଉ ନଥାଏ । ସେମନେ ବହୁତ ଚେଷ୍ଟା କଲେ । ପ୍ରଥମେ ମା ସିଂହୀ ଏମିତି ବ୍ୟର୍ଥ ଆକ୍ରମଣକୁ ଛାଡି ଚୁପ୍‌ଚାପ୍ ବସିଗଲା । ଅନ୍ୟମାନେ ମଧ୍ୟ ଏମିତି ଆକ୍ରମଣର ବ୍ୟର୍ଥତା ଦେଖି ଝିଙ୍କକୁ ଛାଡିଦେଲେ । ଝିଙ୍କକୁ ଏକ ନୂଆ ଜୀବନ ମିଳିଲା । ସିଂହ ମାନେ ଦୂରକୁ ଚାଲି ଯାଇଥିବାର ଦେଖି ଝିଙ୍କ ନିଜର କଂଟାକୁ ତଳୁଆ କରିଦେଲା । ଆଗର ଲମ୍ବା ମୁନିଆ କଂଟା ସବୁ ତଳେ ଘଷୁରୁଥିଲା । ସେ ଧିରେ ଧିରେ ରାସ୍ତାରେ ଚାଲିଗଲା ।

ଶିକାର କରିବା ପାଇଁ ଦୁଇଭାଙ୍କର ଖୁବ ଇଛା । ଦୁଇ ଭାଇ ବଡ ଜନ୍ତୁ ଶିକାରରେ ଏ ପର୍ଯ୍ୟନ୍ତ ଭାଗ ନେଇ ନାହାନ୍ତି । ଦୂରରୁ ଯାହା ନିଜର ମା ଆଉ ମାଉସୀ ମାନଙ୍କୁ ଶିକାର କରିବା ଦେଖିଛନ୍ତି । ସେମାନେ ଚାହିଁଲେ ମଧ୍ୟ ସେମାନଙ୍କୁ ଶିକାରରେ ଭାଗ ନେବାପାଇଁ ଅନୁମତି ମିଳିନଥିଲା । ତେଣୁ ସବୁବେଳେ କିଛି ନା କିଛି ଛୋଟ ଶିକାର କରି ନିଜର ପାରିବା ପଣିଆ ଦେଖାଇବା ପାଇଁ ଦୁଇ ଭାଇ ଆଗୁଆ ହୋଇ ବାହାରି ପଡୁଥିଲେ ।

ବଜ୍ରକାପ୍ତା ଆଉ ଝିଙ୍କ ଶିକାରର ଅଭିଜ୍ଞତା ତିକ୍ତ ଥିଲା । କେବଳ ବ୍ୟର୍ଥତା ଛଡା କିଛି ମିଳି ନଥିଲା । ସେମାନେ ନିଜକୁ କିଛି ପ୍ରମାଣିତ କରି ପାରି ନଥିଲେ । ନିଜ ମନ ଭିତରେ ଏକ ଶିକାରୀ ନିଜକୁ ପ୍ରମାଣିତ କରିବା ପାଇଁ ଖୁବ ପ୍ରଯତ୍ନଶୀଳ ଥିଲା ।

 Magazine Downloaded from www.aahwaan.com

# ଆଇନା



ବିନୟ ମହାପାତ୍ର

ଜୀବନଟା ସତେ ଆଇନାଟିଏ । ତାକୁ ଦେଖି ଟିକିଏ ହସିଦେଲେ ସିଏ ବି ହସିଦିଏ, ବେଶି ନୁହେଁ କି କମ୍ ବି ନୁହେଁ, ନିଜେ ଯେତିକି ହସିଥିବ ଠିକ୍ ସେତିକି । ତୁମ ଲୁହ ଦେଖିଲେ ତା ଆଖିରୁ ବି ଲୁହ ଝରିଆସେ, କିନ୍ତୁ ସେ କେବେବି ଲୁହ ପୋଛିବାକୁ ହାତ ବଢାଇ ଦିଏନି, କି ସମବେଦନାରେ ପଦେହେଲେ କିଛି କହେନି । ସେଥିପାଇଁ ବୋଧହୁଏ, କାନ୍ଦିଲାବେଳେ କେହି ଆଇନା ଦେଖେନା । କାରଣ ଆଇନା କହେ, ଜୀବନରେ କାନ୍ଦିବା ମନା । କାନ୍ଦିଲ ଯଦି ତେବେ ନିଜ ଲୁହ ନିଜେ ପୋଛିବାକୁ ଶିଖ ! ଦୁନିଆରେ କେହି ଆସେନା କାହାର ଲୁହ ପୋଛିବାକୁ । ସତକଥା; ନିଜ ଲୁହ, ନିଜକୁ ତ ପୋଛିବାକୁ ପଡେ । ଆଉ ଯିଏବା ଆସେ ଲୁହ ପୋଛିବାକୁ, ସେ ଖାଲି ବାହାନାରେ ସମ୍ପର୍କ ଜଡେଇ ହେବାକୁ ଆସେ । ସମ୍ପର୍କର ଦ୍ୱାହି ଦେଉ ଦେଉ ନିଜର ସ୍ୱାର୍ଥ ହାସଲ କରିନିଏ । ବଡ ସ୍ୱାର୍ଥପର ଏ ଦୁନିଆ । ଏଇଟାତ ସତକଥା, କିନ୍ତୁ ସବୁ ସମ୍ପର୍କ ଏକାପରି ନୁହେଁ ! କିଛି ସମ୍ପର୍କ ଏମିତି ବି ଥାଏ, ଯେଉଁଠି ପାଇବାର ଲୋଭ ନଥାଏ, ନା' ଥାଏ ସ୍ୱାର୍ଥ ନା' ଦେଖେଇ ହେବାର ଇଚ୍ଛା ଥାଏ । ସେ ସମ୍ପର୍କ ସବୁ ହୃଦୟର ଥାଏ, ଆତ୍ମାର ଥାଏ । ରକ୍ତର ସମ୍ପର୍କକୁ ପଛରେ ପକେଇଦିଏ । ସେଇ ସମ୍ପର୍କ ସତେବା ଆଇନାଟିଏ । ହସିଦେଲେ ସିଏବି ହସିଦିଏ, କିନ୍ତୁ ଲୁହ ଦେଖିଲେ ଲୁହ ତ ଗଡେଇ ଦିଏ, ପୁଣି ହାତ ବଢେଇ ଦିଏ ଲୁହ ଟୋପାକ ତଳେ ପଡିବା ଆଗରୁ ପୋଛିନେବାକୁ । କାନ୍ଧରେ ହାତ ପକାଇ ବୁଝେଇଦିଏ ଏଇ ଦୁନିଆର ଜଟିଳ ଗଣିତ ସବୁ । ଛାତିରେ ଆଉଜାଇ ନେଇ

 Magazine Downloaded from www.aahwaan.com

ଚାପିଧରେ, ଉଠି ଆସୁଥିବା ଶେଷ କୋହକୁବି ସାଥିରେ ନେଇଯାଏ ।

ମାଆ, ବାପା, ଭାଇ, ଭଉଣୀ ନିଜର ପୁଅ, ଝିଅ, କି ନାତି, ନାତୁଣୀ ସବୁ ରକ୍ତର, ସତରେ କେତେ ନିଜର, ରକ୍ତ ତ ଏକ ହେଲେ ହୃଦୟ ଭିନ୍ନ, ଆତ୍ମା ବି ଅଲଗା, ଅଲଗା । ମାଆ ବାପାଙ୍କର ପ୍ରେମ ଅତୁଳନୀୟ, ସେଥିରେ ତିଳେ ବି ସ୍ୱାର୍ଥ ନଥାଏ, କିଛି ପାଇବାର ଆଶା ନଥାଏ । ମାଆ ବାପା କେବଳ ଦେଇ ଜାଣନ୍ତି । ନିଜର ରକ୍ତ ଦେଇ ସନ୍ତାନକୁ ଶରୀର ଦେଇଥାନ୍ତି । ନିଜର ଆହାର କାଟି ସନ୍ତାନ ପେଟକୁ ଆହାର ଦିଅନ୍ତି । ନିଜର ଇଛାମାନଙ୍କର ଗଳା ଚିପିଦେଇ ସନ୍ତାନର ସମସ୍ତ ଇଛା ପୁରଣ ପାଇଁ ନିଜ ଜୀବନର ବାଜି ଲଗାଇ ଦିଅନ୍ତି । ବଦଳରେ ଚାହାଁନ୍ତି କଣ ? କେବଳ ଟିକିଏ ହସ ! ସନ୍ତାନ ମୁହଁରେ ଟିକିଏ ସନ୍ତୋଷର ହସ, ଟିକେ ସଫଳତାର ହସ, ଖୁସି ଆନନ୍ଦର ହସ । ସେଇ ଟିକକ ହସରେ ତାଙ୍କର ସମଗ୍ର ଜୀବନର ତପସ୍ୟା ସତେ ପୂର୍ଣ୍ଣତା ଲାଭ କରିଯାଏ । ମାଆ ବାପାଙ୍କର ତୁଳନାରେ ଦୁନିଆରେ କିଛିବି, କେହି ବି ନାହିଁ । ହେଲେ ମାଆ ବାପାଙ୍କର ନିର୍ଭୟ ଚାନ୍ଦୁଆ କେତେଦିନ ରହେ ? ମଣିଷ ଜୀବନର ଅଧାରାସ୍ତା ହେଉ ହେଉ ସେମାନେ ପିଲାଙ୍କ ହାତଛାଡି ଚାଲିଯାଆନ୍ତି ଆଉ କିଛି ହତଭାଗା ସନ୍ତାନ ବୁଢା ବାପମାଆଙ୍କର ହାତ ଛାଡିଦିଅନ୍ତି । ସେଇ ସମୟରେ ଆଉ ଜଣେ ସମ୍ଭାଳିନିଏ ମଣିଷକୁ, ସେ ପତ୍ନୀ ହୋଇପାରେ ପତି ବି । ସେ ସମ୍ପର୍କ ରକ୍ତର ସମ୍ପର୍କ ନୁହେଁ, କେବଳ ବନ୍ଧୁତ୍ୱର ସମ୍ପର୍କ, ହେଲେ ସମସ୍ତ ରକ୍ତ ସମ୍ପର୍କୀୟଙ୍କଠାରୁ ଅନେକ ଅଧିକ ଅନାବିଳ ଅଧିକ ଗାଢ । ଏ ସମ୍ପର୍କ ପ୍ରେମର ସମ୍ପର୍କ, ଶ୍ରଦ୍ଧାର ସମ୍ପର୍କ, ବିଶ୍ୱାସର ସମ୍ପର୍କ । ଦୁଇଟି ମଣିଷର ଏ ସମ୍ପର୍କ ଏତେ ନିବିଡଭାବେ ବାନ୍ଧି ହୋଇଯାଆନ୍ତି, ସତେ ଲାଗେ ଯେମିତି ଗୋଟିଏ ଶରୀର, ଗୋଟିଏ ହୃଦୟ, ଗୋଟିଏ ଆତ୍ମା । ଜଣଙ୍କ ବିନା ଆଉ ଜଣକଙ୍କର ଗତି, ସ୍ଥିତି, ମୁକ୍ତି କିଛି ବି ନଥାଏ ଯେମିତି ।

 Magazine Downloaded from www.aahwaan.com

ଜୀବନ ତାର ରାସ୍ତାରେ ନଦୀଟିଏ ପରି ବହି ଚାଲିଯାଏ । କେତେ ପାହାଡ, ପର୍ବତ ଖାଲଖମା ଦେଇ । କେଉଁଠି ଧୀର ମନ୍ଥର ତ କେଉଁଠି ପ୍ରବଳ ବେଗବତୀର ଉଗ୍ରରୂପ ନିଏ । କେବେ ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ସୁଖିଯାଏ ତ କେବେ ବର୍ଷାର ପାଣିରେ ଦୁଇକୂଳଖାଇ ଭରିଯାଏ । ଯାହାବି ଆସିଛି, ଯେମିତି ସମୟ ଆସିଛି ସବୁ ପରିସ୍ଥିତିରେ ସେ ତାର ଯାତ୍ରା ଜାରି ରଖିଛି । କେବେବି ଥକିନି, କେବେବି ଛାଇ ଖୋଜିନି ଦି'ଘଡି ବସି କ୍ଳାନ୍ତି ମେଣ୍ଟେଇ ନେବାକୁ । କିନ୍ତୁ ଏ ଜୀବନ ମୋର ଏକୁଟିଆ ନଥିଲା । ଆଉଜଣେ ବି ଥିଲା ମୋ ସାଥିରେ, ମୋ ପାଦରେ ପାଦମିଳେଇ ଚାଲୁଥିଲା ହେଲେ.... କେମିତି ବୁଝେଇଦେବି ସେ ଯାତ୍ରା କେମିତି ଥିଲା, ସେ ଏକ ଭିନ୍ନ ପ୍ରକାରର ସହଯାତ୍ରା, ଯେମିତି ତ୍ରୀବେଣୀ ସଙ୍ଗମରେ ଗଙ୍ଗା ଜମୁନା ଏକାଠି ମିଶିଗଲା ପରେ ସାଥିହୋଇ ବୋହିଯିଆନ୍ତି, କିନ୍ତୁ କଣ ହୁଏ ସେମାନଙ୍କର ଅସ୍ତିତ୍ୱ ? ଜଣଙ୍କର ପ୍ରାଣ ଶରୀର ଆଉଜଣଙ୍କ ସାଥିରେ ବିଲୟ ହୋଇଯାଏ । ଗଙ୍ଗା ଜମୁନା ଏକ ହୋଇ ଯାଆନ୍ତି, ଗଙ୍ଗା ନା' ଗଙ୍ଗାରହେ ନା' ଜମୁନା, ଜମୁନା ରହେ, ତ୍ରୀବେଣୀ ପରେ ଆଞ୍ଜୁଳାଏ ପାଣି ହାତରେ ନେଇ କହିହେବନି ସେଥିରେ କେତେ ଗଙ୍ଗା କେତେ ଜମୁନା । କେଉଁ ବୁନ୍ଦାକ ଗଙ୍ଗାଜଳ କେଉଁ ବୁନ୍ଦାକ ଜଳ ଜମୁନାର । ସିଏତ ଏକ ଏକାକାର, ଏକ ଶରୀର, ଏକ ଆତ୍ମା ହୋଇଯାଇଛନ୍ତି । ସେମିତି ଥିଲା ଆମର ଏ ଯାତ୍ରା । ମୋର ସହଯାତ୍ରୀ ମୋର ପତ୍ନୀ, ମୋର ଅର୍ଦ୍ଧାଙ୍ଗୀ, ଆମର ଶରୀରତ ଭିନ୍ନଥିଲା, କିନ୍ତୁ ଆମର ହୃଦୟ, ଆମର ଆତ୍ମା ଏକଥିଲେ ! ଜୀବନର ସବୁ ଦୁଃଖ ସୁଖ ହସ ଲୁହକୁ ସାଥିହୋଇ ଜିଇଁଛୁ ଆଉ ସହିଛୁ । ପିଲାଏ ବଡ ହୋଇଗଲେ । ଚାକିରୀ କଲେ । ଝିଅ ବାହାଘର ପରେ ଝିଅ ତା ଶାଶୁଘରେ, ତାର ସଂସାରରେ ଖୁସିରେ ଅଛି । ପୁଅ ତାର ପରିବାର ସାଥିରେ ନେଇ ତା କର୍ମସ୍ଥଳରେ ଖୁସି । ଆଉ ଜୀବନର ଏଇ ସଂଧ୍ୟାରେ ଆମେ ଦୁଇଜଣ ଆମର ଏଇ ଛୋଟିଆ ନୀଡଟିରେ

 Magazine Downloaded from www.aahwaan.com

ପୁରୁଣା ଦିନମାନଙ୍କର ରୋମନ୍ଥନ କରୁଛୁ ।

ସବୁଦିନ ପରି ଆଜିବି ସୂର୍ଯ୍ୟ ଡୁବି ସାରିଲାଣି, ହେଲେ ଆକାଶରେ ବୁଡିଯାଉଥିବା ସୂର୍ଯ୍ୟର ସେଇ ନାଲିମା ଏବେବି ଘୋଟିହୋଇ ରହିଛି । ଆକାଶର ନାଲିମା ଯଦିଓ କିଛି ଫିକା ପଡି ଆସିଲାଣି, ତଥାପି, ଅନ୍ଧାରକୁ ଅଟକେଇ ରଖିଛି, ସତେ କହୁଛି, ରହି ଯାଆରେ ଆଉ ଟିକିଏ, ଜୀବନର ଏଇ ରଙ୍ଗକୁ ଆଉ ଟିକେ ଦେଖିବାକୁ ଦେ, ଖୁବ୍ ଭଲ ଲାଗୁଛି ଜୀବନର ଏଇ ରଙ୍ଗ । ଇଏତ ଆସିବା ସମୟର ରଙ୍ଗ ଆଉ ଯିବା ସମୟର ରଙ୍ଗ ବି । ବାରଣ୍ଡାରେ ବସି ସଂଧ୍ୟା ଆକାଶର ଏଇ ଫିକା ନାଲିମା ଭିତରେ ମୁଁ ହଜି ଯାଇଥିଲି ଯେମିତି । ହଠାତ୍ ପାଣିକାଚର ରୁଣୁଝୁଣୁ ମଧୁର ଝଙ୍କାର ସଂଧ୍ୟାଟାକୁ ଆହୁରି ରୋମାଣ୍ଟିକ କରିଦେଉଥିଲା । ଏଇ ଚିହ୍ନାଜଣା ଶବ୍ଦ ପ୍ରାଣରେ ମୋର ରଚିବସିଯାଇଚି । ବହୁତବାର ଶୁଣିଛି ଏ ଶବ୍ଦ । ଯେତେ ଶୁଣିଲେ ବି ମନ ଭରେନା । ରେଷେଇ ଘରେ ବାଜେ ଏ ଝଙ୍କାର, ଖାଇବା ଟେବୁଲ ପାଖରେ ବି ବାଜେ, ଯେତେବେଳେ ସେ ପରଶି ଦିଅନ୍ତି ତାଙ୍କର ହାତରନ୍ଧା ଆମୃତ, ଆଉ ରାତ୍ରୀର ନିସ୍ତବ୍ଧ ପ୍ରହରରେ ବି ବାଜୁଥିଲା, ଯେତେବେଳେ ସେ ମୋର ନିବିଡ ବାହୁ ବନ୍ଧନରେ, କାମନାର ଅନନ୍ତ ଜ୍ୱଳନର ପିଡା ଉପଶମ ମୁହୁର୍ତ୍ତରେ । ଏଇତ ବାଜୁଛି ଚୁଡିର ସେ ଝଙ୍କାର, ଚା'କପ୍ ହାତରେ ନେଇ ସେ ପାଖକୁ ଆସୁଥିଲେ । ଚା କପ୍ ଟେବୁ ଉପରେ ଥୋଉ ଥୋଉ କହିଲେ ସଂଜବତୀ ପାଇଁ ଟିକିଏ ଡେରି ହୋଇଗଲା, ରାଗିନ ତ ? ମୁଁ ଆକାଶରୁ ମୁହଁ ଫେରେଇ ଚଷମା ଫାଙ୍କରୁ ଥରେ ଚା'କପ୍ କୁ, ପୁଣି ଥରେ ତାଙ୍କ ମୁହଁକୁ ଚାହିଁଲି । ସ୍ମିତ ହସଧାରେ ଲାଖି ରହିଥିଲା ଓଠରେ ତାଙ୍କର, ଯେମିତି କୁନି ଝିଅଟିଏ ତାର ପ୍ରଥମ ଭୁଲ ପାଇଁ 'ସରି' କହୁଥିଲା । ଜୀବନର ଏଇ ସଂଧ୍ୟାରେ ଏବେ ବି ତାଙ୍କର ସେଇ ସୁନ୍ଦରତା, ସେଇ ଲାବଣ୍ୟଭରା ଦୀପ୍ତିମୟୀ ଦେବୀର କାନ୍ତି, ମୋତେ ମୁଗ୍ଧ କରୁଥିଲା ।

 Magazine Downloaded from www.aahwaan.com

ଲାଗୁଥିଲା ସତେ ଯେମିତି ସକାଳର ସୂର୍ଯ୍ୟର ରଙ୍ଗ, ଡୁବିଯାଉଥିବା ସୂର୍ଯ୍ୟରେ ବି ସେମିତି ନାଲିମା ନେଇ ସମାନ ଚମକରେ ଏବେବି ଝଟକୁଛି । କେତେ ସୁନ୍ଦର ସତେ ଏଇ କରୁଣାମୟୀ ଦେବୀ । ମୋ ଘରର ଲକ୍ଷ୍ମୀ, ଅଳ୍ପକେ ସନ୍ତୁଷ୍ଟ, ନା କେବେ କିଛି ଅଭିଯୋଗ ନା କିଛି ମାଗୁଣୀ । ମୋର ଦୁଇ ସନ୍ତାନର ମମତାମୟୀ ମାଆଟିଏ ସିଏ । କେତେ ଯତ୍ନରେ, ମମତାର ପଣତ ତଳେ ବଢେଇ ପୁଣି ଉଡେଇ ଦେଲା ବିସ୍ତାରୀତ ଅନନ୍ତ ଗଗନରେ । କହିଲା ଯାଅ, ସଂସାରକୁ ଜିତି ଯାଅ, ଯେଉଁଠି ବି ରୁହ, ଖୁସିରେ ଥାଅ । ସଂଜ ସକାଳରେ ମନ୍ଦିରରେ ଦୀପ ଜାଳେ, କେବଳ ଏତିକି ମାଗେ, ହେ ପ୍ରଭୁ ! ମୋ ପିଲାଙ୍କୁ ଖୁସିରେ ରଖ ।

କେବେବି ନିଜର ଖୁସିକଥା ଭାବିନି । ଏଇ ପରିଣତ ବୟସରେ ନାତି ନାତୁଣୀଙ୍କ ସାଙ୍ଗରେ ଦି'ଘଡି ଖେଳିବାକୁ କଣ ମନ ହୁଏନି ତାଙ୍କର ? କ୍ଳାନ୍ତ ମୁହୁର୍ତ୍ତରେ ପୁଅ ବୋହୁଙ୍କର ଟିକିଏ ସେବା ପାଇବାକୁ ମନ ହୁଏନି ? ହେଲେ ଆଜିବି ତାଙ୍କର ସେଇ ନିୟମିତ ରୁଟିନ୍ ଭିତରେ ସେ ଯେପରି ବାନ୍ଧିହୋଇ ରହି ଯାଇଛନ୍ତି । ଘଡିର କଣ୍ଟା ପରି । ସେଇ ସୀମିତ ପରିଧୀ ଭିତରେ ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ସେଇ 'ବାର୍' ରୁ 'ବାର୍' ଭିତରେ ବାରମ୍ବାର ନିଜର ଦୌଡ, କେବେବି କଣ ଥକି ଯାଆନ୍ତିନି ? ତାରିଖ ବଦଳିଯାଏ, ମାସ ବର୍ଷ ସବୁ ବଦଳେ ହେଲେ ଘଣ୍ଟାର କଣ୍ଟାଟିର ଜୀବନ ବଦଳେନି, ତାର ପଥ ବଦଳେନି, ରୁଟିନ୍ ବି ବଦଳେନି । ସେଇ ତାର ଜୀବନର ଧର୍ମ, ଜୀବନର ଲକ୍ଷ୍ୟ । ସେମିତି ଗୋଟିଏ ଜୀବନ ଥିଲା ତାଙ୍କର ।

କହିଲି, ମୋ ପାଖରେ ଟିକିଏ ବସ, ତାଙ୍କ ହାତକୁ ମୋ ହାତରେ ନେଇ ଜାବୁଡି ଧରିଲି, କହିଲି ଆରେ ଚାହା ଡେରି ହୋଇଗଲା ବୋଲି ରାଗିବି କାହିଁକି ? ଏ ବୟସରେ ତୁମର ଏତେ ଖଟଣି, ତୁମେ ଥକି ଯାଉନ ? ସକାଳୁ ସଂଜ ଯାଏ ଲାଗି ରହିଛ କାମରେ ।

 Magazine Downloaded from www.aahwaan.com

ଟିକେ ସାହାଯ୍ୟ କରିବାକୁ ବି କେହିନାହିଁ । କେତେ ସେବା କରୁଛ ମୋର, କଥା ଦେଇଥିଲି ତୁମକୁ ରାଣୀ କରି ରଖିବି, ହେଲେ ସାରା ଜୀବନ ତ ସେବିକାଟିଏ ହୋଇ ରହିଗଲ । ପିଲାଙ୍କ ପାଇଁ ଏତେ କଲ, ହେଲେ ଆଜି ପାଣି ଟୋପେ ଦେବାପାଇଁ ପାଖରେ କେହି ନାହିଁ । ଆମ ଚାରି ଆଖି ଏକ ହୋଇଗଲେ, ଛଳ ଛଳ ଚାରିଆଖି, ସେ ଲୁହ ଦୁଃଖର କି ଖୁସିର ଜାଣେନା । ତଥାପି ସେ ସ୍ମିତ ହାସିନୀ ସବୁବେଳେ ସେମିତି । ଅଳ୍ପ ଟିକେ ହସିଦେଇ କହିଲେ, ଆଜି ବି ତ ମୁଁ ରାଣୀ ହୋଇ ରହିଛି, ମୁଁ ମୋ ରାଜାର ରାଣୀ ! ତୁମେ ମୋ ପାଖରେ ଅଛ, ମୋ ସାଥିରେ ଅଛ, ଜୀବନଟା ବହୁତ ସହଜ ଲାଗୁଛି, ତୁମଛଡା ମୋର ଆଉ ଅଧିକ ବା କଣ ଲୋଡାଥିଲା ଯେ ! ମୋର ଖୁସିର ସାମ୍ରାଜ୍ୟ, ତୁମଠାରୁ ଆରମ୍ଭ ଆଉ ତୁମଠାରେ ହିଁ ଶେଷ । ଜୀବନରେ ଆଉ ଅଧିକ କିଛି ଲୋଡେନା, ପାଇବାକୁ ଆଉ କଣ ବାକି ରହିଲା ଯେ ମୋର ? ଜୀବନରେ ଆଉ କିଛି ବି ତ ମାଗିନି, କିଛି ଶେଷ ଅବଶୋଷ ବି ନାହିଁ । ମୁଁ ମୋ ଆଇନାରେ ମୋ ନିଜକୁ ଦେଖୁଥିଲି । କି ସୁନ୍ଦର ଆଇନା ସତେ । ଆଖି ଜକେଇ ଆସିଛି, ହେଲେ ଓଠରେ ସେଇ ସରୁ ସ୍ମିତହସ ଏବେବି ଲାଗିରହିଛି । ଲୁହ ପୋଛି ନେବାକୁ ଜମାରୁ ଇଚ୍ଛା ହେଉ ନଥିଲା । ସେ ଲୁହ ବହିବାର ନଥିଲା । ସେଇଠି ସେମିତି ଢଳଢଳ ହୋଇ ରହିଯିବ । ତାଙ୍କୁ ମୁଁ କୁଣ୍ଢେଇ ଧରିଲି । କିଛି ଆବେଗ ନଥିଲା ସେଥିରେ, କିଛି ଅନୁଭବ ବି ନଥିଲା । ଏଇ ଅନୁଭବକୁ ବୋଧହୁଏ ନିରାନନ୍ଦ କହନ୍ତି । ଗୋଟିଏ ମଣିଷ, ସତେ ଯେପରି ନିଜେ ନିଜକୁ କୁଣ୍ଢେଇ ଧରିଛି !

ଜୀବନରେ ମଣିଷକୁ ଆଉ କଣ ଲୋଡା ଯେ ? ଏଇ ଟିକକ ପ୍ରେମ, ଏଇ ଟିକିଏ ବିଶ୍ୱାସ ସ୍ୱର୍ଗରେ ମିଳେ କି ନାହିଁ ଜାଣେନା । ଯେଉଁଠି ଏତେ ପ୍ରେମଥାଏ, ଏତେ ସମ୍ମାନ ଆଉ ଶ୍ରଦ୍ଧାଥାଏ ସେ ସ୍ଥାନ ସ୍ୱର୍ଗଠାରୁ କେଉଁ ଗୁଣରେ କମ୍ ! ମୃତ୍ୟୁ କେବେ ଆସିବ ଜଣା ନାହିଁ ।

 Magazine Downloaded from www.aahwaan.com

ମଲା ପରେ ସ୍ୱର୍ଗ କି ନର୍କରେ ଜାଗା ମିଳିବ ଜଣାନାହିଁ । କିନ୍ତୁ ମରିବା ପର୍ଯ୍ୟନ୍ତ ନିଜ ସଂସାରକୁ ସ୍ୱର୍ଗପରି କରି ମଣିଷ କାହିଁକି ଆନନ୍ଦ ନେଇ ପାରିବନି ! ସଂସାରକୁ ସ୍ୱର୍ଗପରି କରିବାକୁ ବେଶି ଖର୍ଚ୍ଚ ବି ତ କରିବାକୁ ହୁଏନା । ସ୍ୱର୍ଗ ପାଇଁ ମହଲ ପରି ଉଆସ ତ ଦରକାର ହୁଏନା । ମହଙ୍ଗା ଫର୍ଣିଚର କି ମହଙ୍ଗା ସାଜସଜ୍ଜା ବି ଲୋଡା ନାହିଁ । ଲୋଡା କେବଳ ଟିକିଏ ପ୍ରେମ, ଟିକିଏ ବିଶ୍ୱାସ ଟିକିଏ ବୁଝାମଣା ଆଉ ଟିକିଏ ସମର୍ପଣର ଭାବନା । ଯାହା ଆମ ପାଖରେ ବହୁତ ଥିଲା । ଆମର ଏ ସୁଖର ସାମ୍ରାଜ୍ୟରେ ରାଜାବି ଅଛି ଆଉ ରାଜାର ରାଣୀ ବି । (ଗଳ୍ପଟି ମୋ କବିତା 'ଶୁଆ ଶାରୀ'ର ଛାୟାରେ ଲିଖିତ) ।

 Magazine Downloaded from www.aahwaan.com

# ପ୍ରଭାତୀ ତାରା



ସୁଷମା ପରିଜା

ସକାଳୁ ସକାଳୁ ଅନିରୁଦ୍ଧ ପଟ୍ଟନାୟକଙ୍କୁ ଜଗନ୍ନାଥ ମନ୍ଦିରର ଗୋଟିଏ କୋଣରେ ଆଖି ବନ୍ଦ କରି ବସି ଥିବାର ଦେଖି ଚମକି ପଡିଲା ସୁରଭି । ସବୁଦିନ ସକାଳୁ ସେ ଏଇ ମନ୍ଦିର ଆସେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ଦର୍ଶନ କରିବା ଲାଗି । ପଟ୍ଟନାୟକ ବାବୁଙ୍କୁ ସେ କେବେ ଏତେ ସକାଳୁ ଆସିବାର ଦେଖିନାଇଁ ସେ । ପଟ୍ଟନାୟକ ବାବୁ ଏଇ ସିଡିଏ  ନଅ ନମ୍ବର ସେକ୍ଟର୍ ର ଜଣେ ଗଣମାନ୍ୟ ବ୍ୟକ୍ତି । ସେକ୍ଟର୍ ର ସବୁ ଉନ୍ନୟନ ମୂଳକ କାର୍ଯ୍ୟ ଓ ସଭାସମିତି ରେ ତାଙ୍କ ଉପସ୍ଥିତି ଦେଖିଛି ସୁରଭି । ତାଙ୍କରି ଘର ବାଟ ଦେଇ ସବୁ ଦିନେ ଏଇ ମନ୍ଦିରକୁ ଆସିଥାଏ ସେ । କଲୋନୀରେ ଗୋଟିଏ ମୁଣ୍ଡରେ ତାଙ୍କର ସୁଦୃଶ୍ୟ ଦ୍ୱିତଳ ପ୍ରାସାଦ ଆଉ ତା' ଆଗରେ ଥିବା ସୁନ୍ଦର ଫୁଲବଗିଚା ଯିଏ ଥରେ ଦେଖିବ ସହଜରେ ଆଖି ଫେରାଇ ନେଇ ପାରିବନି  । ଅନେକ ଥର ସେପଟଦେଇ ଗଲାବେଳେ ସେଇ ଘରକୁ ଦେଖି ନିଜେ ବିମୋହିତ ହୋଇଛି ସୁରଭି । ଯେତେବେଳେ ଦେଖିବ ସେଇ ବଗିଚାରେ କିଛି ନା କିଛି କାମ କରୁଥିବେ ପଟ୍ଟନାୟକ ବାବୁ । ଭଳି କି ଭଳି ସୁନ୍ଦର ଗୋଲାପ ଫୁଲ ସହିତ ଋତୁ ଫୁଲ ମାନଙ୍କ ରେ ଭର୍ତ୍ତି ହୋଇ ରହିଥାଏ ସେ ବଗିଚାଟି । କିନ୍ତୁ କେବେ ବି କାହାରିକୁ ସେଇ ବଗିଚାରୁ ଫୁଲଟିଏ ତୋଳିବାର ଦେଖିନଥିଲା ସେ ।

ଥରେ କୌତୁହଳବଶତଃ ମନ୍ଦିରର ପୂଜାରୀ ନନାଙ୍କୁ ପଚାରିଥିଲା ସୁରଭି, “ଏଇ ଆମ ପଟ୍ଟନାୟକ ବାବୁଙ୍କ ଘରେ କ'ଣ କେହି ରହନ୍ତିନି କି ନନା ?” ମୁହଁ ଶୁଖାଇ ନନା ଉତ୍ତର

 Magazine Downloaded from www.aahwaan.com

ଦେଇଥିଲେ, "କିଏ ଅଛି ଯେ ରହିବ ? ତାଙ୍କ ସ୍ତ୍ରୀ ଚାଲିଯିବାର ବୋଧହୁଏ ବାର କି ତେର ବର୍ଷ ହେବ, ଗୋଟିଏ ବୋଲି ପୁଅ ସେ ବି ଆମେରିକାରେ ଚାକିରୀ ବାକିରୀ କରି ତିନିବର୍ଷ ହେବ ରହିଲାଣି ସେଠି । ତାଙ୍କର ସ୍ତ୍ରୀ ଖୁବ୍ ଭଲମଣିଷ ଥିଲେ ମାଆ ! ଦୁଃଖୀରଙ୍କିଙ୍କର ପେଟ ଚିହ୍ନୁଥିଲେ । ତମେ ସିନା ଏଇ କେତେ ବର୍ଷ ହେବ ଆସି ଏଇଠି ରହୁଛ, ମୁଁ ପରା ଦୀର୍ଘ ବର୍ଷ ହେଲାଣି ଏଇ ମନ୍ଦିର ଗଢ଼ା ହେଲା ଦିନଠାରୁ ଏଠି ଅଛି, ଘର ଘର କରି ସମସ୍ତଙ୍କୁ ଚିହ୍ନିଛି, ଜାଣିଛି । ସେ ବାବୁ ଖୁବ୍ ଭଲପାଉଥିଲେ ତାଙ୍କ ସ୍ତ୍ରୀଙ୍କୁ । ତାଙ୍କର ଫୁଲରେ ଶରଧା ଥିଲା ବୋଲି ଘର ଆଗରେ ମାଳୀଟିଏ ରଖି ସେଇ ସୁନ୍ଦର ଫୁଲବଗିଚାଟି କରାଇଥିଲେ । ସେ ମାଆ ଜଣକ ତମରି ଭଳି ସବୁଦିନ ସକାଳେ ଆସୁଥିଲେ ପ୍ରଭୁଙ୍କୁ ଦର୍ଶନ କରିବା ଲାଗି, ଡାଲାରେ ଡାଲାଏ ଲେଖାଏଁ ସେଇ ବଗିଚାରୁ ସଜଫୁଲ ଆଣୁଥିଲେ ଠାକୁରଙ୍କୁ ସଜାଇବା ପାଇଁ । ହଠାତ୍ ଦିନେ ରାତିରେ ହୃଦ୍‌ଘାତ ହେଲା ତାଙ୍କର, ମେଡିକାଲ ନେବା ଭିତରେ କାଳ ହୋଇଗଲା ତାଙ୍କର । ପୁଅଟି ସ୍କୁଲ୍‌ରେ ପଢୁଥାଏ ସେତେବେଳେ, ଯେଉଁ କଷ୍ଟରେ ପଟ୍ଟନାୟକ ବାବୁ ପାଳିଛନ୍ତି ସେଇ ପିଲାକୁ ତମେ କଳ୍ପନା କରି ପାରିବନି ମାଆ । ଛାତିରେ ପଥର ରଖି ନିଜେ ଛୁଆର ସବୁ କାମ କରୁଥିଲେ । ଘରେ ପାର୍ଟ ଟାଇମ୍ କାମବାଲୀଟିଏ ଆସି ବାସନମଜା, ଲୁଗାସଫା, ରନ୍ଧାବଢା କରି ଦେଇ ଯାଉଥିଲା । ବାକି ସବୁ କାମ ନିଜ ହାତରେ କରୁଥିଲେ ପଟ୍ଟନାୟକ ବାବୁ । କଲେକ୍ଟରଙ୍କ ଅଫିସ୍ ରେ ଚାକିରୀ,  ପୁଅର ଖାଇବା ପିଇବା, ପାଠ ପଢା ଇତ୍ୟାଦି  ନିଜେ ବୁଝାବୁଝି କରି ସବୁ କରୁଥିଲେ ।

ସବୁ କାମ ଭିତରେ ବି ତାଙ୍କ ସ୍ତ୍ରୀଙ୍କର ପ୍ରିୟ ଫୁଲ ବଗିଚା କଥା ଭୁଲି ନଥିଲେ ସେ । ସବୁ ଗଛପତ୍ରର ନିଜେ ଯତ୍ନ ନେଉଥିଲେ, ସେମିତି ଭଳି କି ଭଳି ସୁନ୍ଦର ଗୋଲାପ ଫୁଲ ସହିତ ଅନ୍ୟାନ୍ୟ ଫୁଲ ଫୁଟୁଥିଲା ହେଲେ ସେ ସେଥିରୁ ଗୋଟିଏ ହେଲେ ବି ତୋଳି

 Magazine Downloaded from www.aahwaan.com

ନଥିଲେ । ସେଇ ଫୁଟିଥିବା ଫୁଲ ମାନଙ୍କୁ ନିର୍ନିମେଷ ନୟନରେ ଚାହିଁ ବସି ରହୁଥିଲେ ବଗିଚାରେ ତିଆରି ହୋଇଥିବା ସେଇ ସିମେଣ୍ଟ ବେଞ୍ଚଟିରେ, ଯେଉଁଠି ତାଙ୍କର ସ୍ତ୍ରୀଙ୍କ ସହିତ ସେ ଆଗରୁ ବସି ରହୁଥିଲେ ଘଣ୍ଟା ଘଣ୍ଟା ଧରି । ଯାହା ଯେମିତି ଚାଲିଥିଲା, ତାଙ୍କ ରିଟାୟାରମେଣ୍ଟ ପରେ ପରେ ପୁଅଟି ଚାଲିଗଲା ଇଞ୍ଜିନିୟରିଂ ପଢିବା ପାଇଁ ରାଉରକେଲା, ସେଇଠୁ ସଂପୂର୍ଣ୍ଣ ଭାବେ ଏକୁଟିଆ ହୋଇଗଲେ ସେ । ଧୀରେ ଧୀରେ କଲୋନୀର ସବୁ ଉନ୍ନୟନମୂଳକ କାର୍ଯ୍ୟରେ ସବୁବେଳେ ଲିପ୍ତ ରହିଲେ ପଟ୍ଟନାୟକବାବୁ । ଚାରିବର୍ଷର ଇଞ୍ଜିନିୟରିଂ ପଢାପରେ କ୍ୟାମ୍ପସ୍ ସିଲେକ୍ସନରେ ଚାକିରୀ ପାଇ ତାଙ୍କ ପୁଅ ସନତ୍ ଚାଲିଗଲା ବେଙ୍ଗାଲୁରୁ । ଯେଉଁ ଦିନ ବେଙ୍ଗାଲୁରୁରେ ଚାକିରୀ ପାଇବା କଥା ଜଣାଇଥିଲା ସନତ୍, ସେଦିନ ଖୁସିରେ କାନ୍ଦି ପକେଇଥିଲେ ପଟ୍ଟନାୟକ ବାବୁ ।

ମୋ ପୁଅ ସନତ୍ ଚାକିରୀ ପାଇ ଯାଇଛି କହି ଏଇ ମନ୍ଦିରରେ ପାଆଁଶ ଟଙ୍କାର ଲଡୁ ଭୋଗକରି କଲୋନୀରେ ବାଣ୍ଟିଥିଲେ । ମତେ ଶହେଟଙ୍କା ଦକ୍ଷିଣା ଦେଇ କହିଥିଲେ, "ବୁଝିଲ ନନା ! ଚାରୁ ଗଲା ପରେ ମୁଁ ଭାବିନଥିଲି ଯେ ଏକୁଟିଆ ଏଇ ପୁଅଟିକୁ ପାଳି ପୋଷି, ତା'ର ଯତ୍ନ ନେଇ, ତା'କୁ ଏତୁଟିରୁ ଏତୁଟିଏ କରି ପାରିବି, ସବୁ ଦିନେ ରାତିରେ ଶୋଇବା ବେଳେ ଚାରୁଙ୍କୁ କ୍ଷମା ମାଗେ, ଯଦି ତମ ପୁଅକୁ କିଛି ଅଣହେଳା କରିଥିବି ମତେ ମାଫ୍ କରିଦେବ । ଆଜି ସେ ମଣିଷ ହୋଇ ତା'ର ନିଜ ଗୋଡରେ ନିଜେ ଛିଡା ହୋଇଛି, ମୋର ଦାୟିତ୍ୱ ସରିଛି, ଖାଲି ତା'କୁ ହାତକୁ ଦି'ହାତ କରିଦେଲେ ମୋ କାମ ଶେଷ । ତେଣିକି ତାଙ୍କ ସଂସାର ସିଏ ବୁଝିବେ, ମୋର ଜଗନ୍ନାଥ ଭରସା ।"

ବୟସ ମଧ୍ୟ ବଢି ଚାଲିଥିଲା, ତାଙ୍କର ଏକୁଟିଆପଣ ତାଙ୍କୁ ଖାଇ ଗୋଡାଉଥିଲା କି କ'ଣ କେଜାଣି ? ସେ ବେଶୀ ସମୟ ମନ୍ଦିର କାମ, କଲୋନୀର ଉନ୍ନତି ପାଇଁ ସଭାସମିତିରେ

 Magazine Downloaded from www.aahwaan.com

କାଟିବାରେ ଲାଗିଥିଲେ । ଚାକିରୀ କରିବାର ବର୍ଷଟିଏ ପରେ ସନତକୁ ତା'ର କମ୍ପାନୀ ପକ୍ଷରୁ ବିଦେଶରେ କାମ କରିବା ଲାଗି ସୁଯୋଗ ମିଳିଥିଲା । ତା'ର ଭଲକାମ ଦେଖି କମ୍ପାନୀ ତା'କୁ ଆମେରିକା ପଠାଇ ଦେଇଥିଲେ । ଖବର ପାଇ ଖୁବ୍ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ ପଟ୍ଟନାୟକ ବାବୁ । ଛୋଟ ପିଲାଟା ବିଦେଶରେ ଏକୁଟିଆ କେମିତି ରହିବ, କେମିତି ଚଳିବ, ଏଇ ଚିନ୍ତାରେ ସବୁବେଳେ ସେ ମନେ ମନେ ଘାରି ହେଉଥିଲେ । ପ୍ରଥମେ ପ୍ରଥମେ ସନତ୍ ବାପାଙ୍କ ପାଖକୁ ପ୍ରାୟ ସବୁ ଦିନେ ଫୋନ୍ କରି ସେ ଭଲ ଅଛି, ତା'ପାଇଁ କୌଣସି ଚିନ୍ତା କରିବାର ନାହିଁ, ବରଂ ସେ ନିଜର ଯତ୍ନ ନିଅନ୍ତୁ ବୋଲି କହୁଥିଲା, କିନ୍ତୁ ସମୟ ଗଡିବା ସହିତ ସେଇ ଫୋନ୍ ଆସିବାର ବ୍ୟବଧାନ ବଢି ଯାଇଥିଲା ।

ସବୁ ଦିନ ରାତି ଅନିଦ୍ରା ରହି ପୁଅର ଫୋନକୁ ଅପେକ୍ଷା କରି ରହୁଥିଲେ ପଟ୍ଟନାୟକ ବାବୁ । ଧୀରେ ଧୀରେ ତାଙ୍କର ଶରୀର ଦୁର୍ବଳ ହେବାରେ ଲାଗିଥିଲା, ଏଇ ସମୟରେ ପୁଅ ଦିନେ ଫୋନ୍ କରି ଜଣାଇଦେଲା ଯେ ସିଏ ସେଠାରେ ତା'ର ଜଣେ ସହକର୍ମୀକୁ ରେଜିଷ୍ଟ୍ରି ମ୍ୟାରେଜ୍ କରିଛି ଏବଂ ତାଙ୍କର ଆଶୀର୍ବାଦ ନେବା ପାଇଁ ସେମାନେ ସୁବିଧା ସୁଯୋଗ ଦେଖି କେବେ ଇଣ୍ଡିଆ ଆସିବେ । ସେଦିନ ସ୍ତବ୍ଧ ହୋଇ ଯାଇଥିଲେ ପଟ୍ଟନାୟକ ବାବୁ ।

ଶରୀର ତ ଦୁର୍ବଳ ଥିଲା କିନ୍ତୁ ମନର ବଳରେ ସେ ମାଡି ଚାଲିଥିଲେ, ହେଲେ ସନତର ବାହାଘର କଥା ଶୁଣି ତାଙ୍କର ହୃଦୟ ଭାଙ୍ଗିଗଲା । ତାଙ୍କୁ ଚାରିଦିଗ ଶୂନ୍ୟ ଦିଶୁଥିଲା, ମନରେ ଆଶଙ୍କା ହେଉଥିଲା ଯଦି ପତ୍ନୀର ମୋହରେ ସନତ୍ ଆମେରିକାରେ ସବୁଦିନ ପାଇଁ ରହିଯାଏ, ତେବେ ତାଙ୍କର କ'ଣ ହେବ ? ତାଙ୍କ ମଲାମୁହଁରେ ନିଆଁ ଟିକିଏ ଦେବାକୁ ଏ ସଂସାରରେ କେହି ନାହିଁ । ତିରିଶି ବର୍ଷ ତଳେ କଟକରେ ଜାଗା କିଣି ଘର କଲାବେଳେ ସେ ଗାଁରେ ଥିବା ପୈତୃକ ସମ୍ପତ୍ତି ବିକ୍ରି କରିବା ସହିତ ଗାଁ ସହ ସବୁ ସଂପର୍କ ତୁଟେଇ

 Magazine Downloaded from www.aahwaan.com

ଦେଇଥିଲେ । ନିଜର ଚାକିରୀ, ନିଜର ସ୍ତ୍ରୀ, ନିଜର ପୁଅ, ନିଜର ଘରଦ୍ୱାର କଥା ଚିନ୍ତାକରି କରି ଚାକିରୀ ସରିଗଲା ପରେ ଏଇ ଘରେ ବାନ୍ଧି ହୋଇ ରହିଯାଇଛନ୍ତି, ଏବେ ସେ କ'ଣ କରିବେ ? କେମିତି କାଟିବେ ତାଙ୍କ ବଳକା ଜୀବନ ? କିଏ ତାଙ୍କର ସାହା ଭରସା ହେବ ? ଏମିତି ଅନେକ ଚିନ୍ତା କରି କରି ରୋଗାକ୍ରାନ୍ତ ହୋଇ ପଡିଥିଲେ ସେ । ଏବେ ସବୁବେଳେ ଚୁପ୍ ଚାପ୍ ରୁହନ୍ତି ସେ, କେହି କିଛି ପଚାରିଲେ ମନ ହେଲେ ଉତ୍ତର ଦିଅନ୍ତି ନହେଲେ ନାହିଁ, ସେମିତି ଚୁପ୍ ହୋଇ ଘରେ ବସିଥାନ୍ତି ।

ସେଦିନ ପୂଜାରୀନନାଙ୍କ କଥା ଶୁଣି ଖୁବ୍ ଦୁଃଖିତ ହୋଇଥିଲା ସୁରଭି । ପଟ୍ଟନାୟକ ବାବୁଙ୍କ ଲାଗି ତା'ର ମନରେ କେମିତି ଗୋଟେ ଦୟାର ଭାବ ଉଦ୍ରେକ ହୋଇଥିଲା । ତା'ର ନିଜର ବାପାମାଆଙ୍କୁ ଖୁବ୍ ଛୋଟବେଳୁ ହରାଇ ସେ ମାମୁଁଘରେ ମାଇଁଙ୍କ ପାଖରେ ବଢିଥିଲା । ବାହାଘର ପରେ ଶାଶୁଘରକୁ ଆସିଲା ବେଳକୁ ଶଶୁର ନଥିଲେ, ଦୁଇଟା ବର୍ଷରେ ଶାଶୁ ଚାଲିଗଲେ । ବାହାଘରର ସାତବର୍ଷ ପରେ ବି ତା'ର କୋଳ ଖାଲିଥିଲା ।

ସ୍ୱାମୀ ବୈଜୟନ୍ତଙ୍କର ଅମାପ ସ୍ନେହ ସତ୍ତ୍ୱେ ମଧ୍ୟ ତା'ର ମନ ସନ୍ତାନଟିଏ ପାଇଁ ବ୍ୟାକୁଳ ହେଉଥିଲା । ସେଇ ମନାସ କରି ସବୁଦିନ ସେ ଜଗନ୍ନାଥ ମନ୍ଦିରକୁ ଆସୁଥିଲା । ସେଠି ପ୍ରାୟତଃ ପଟ୍ଟନାୟକ ବାବୁଙ୍କ ସହିତ ଦେଖା ହେଉଥିଲା । ତାଙ୍କୁ ନମସ୍କାରଟିଏ କରି ଆଗେଇ ଯାଉଥିଲା ସୁରଭି ।

ପଟ୍ଟନାୟକ ବାବୁଙ୍କୁ ଦେଖିଲେ ତାକୁ ଲାଗୁଥିଲା ସେ ତା'ର କେହି ଆପଣାର ଲୋକ ବୋଲି । ମନରେ ସ୍ୱତଃ ଭକ୍ତି ଆସୁଥିଲା, ତା'ର ଖୁବ୍ ଇଚ୍ଛା ହେଉଥିଲା ସେ ତାଙ୍କର ସେବା ଶୁଶ୍ରୁଷା କରନ୍ତା, ତାଙ୍କର ଦୁଃଖ ସୁଖ ବାଣ୍ଟନ୍ତା । କିନ୍ତୁ ମୁହଁ ଖୋଲି କିଛି କହି ପାରୁନଥିଲା କାଳେ ସେ ଖରାପ ଭାବିବେ ବୋଲି । ଆଜି ତାଙ୍କୁ ମନରେ ଏମିତି ଭାବରେ ବସିଥିବାର

 Magazine Downloaded from www.aahwaan.com

ଦେଖି ମନଟା ସମ୍ଭାଳି ହେଲାନି ସୁରଭିର । ତାଙ୍କର ପାଖକୁ ଯାଇ ଡାକିଲା, "ମଉସା ! ଏତେ ସକାଳୁ ଏଠି ଏମିତି କାହିଁକି ବସି ରହିଛନ୍ତି ?" କୌଣସି ଉତ୍ତର ନପାଇ ତାଙ୍କ ବାହୁକୁ ଧରି ହଲାଇ ଦେବାରୁ ତଳକୁ ଗଡିପଡିଲେ ସେ । ଛାନିଆଁ ହୋଇ ଡାକ ପକେଇଲା ସୁରଭି, "ନନା ! ନନା ! ଧାଇଁ ଆସ, ମଉସା ଏଠି ପଡିଗଲେ ।" ସୁରଭିର ଚିତ୍କାର ଶୁଣି ମନ୍ଦିର ବେଢା ଭିତରେ ଥିବା ନିଜର ବସାଘରୁ ଧାଇଁ ଆସିଲେ ନନା । ଦୁହେଁ ମିଶି ଟେକିନେଇ ମନ୍ଦିରର ନାଟ ମଣ୍ଡପ ଉପରେ ଶୁଆଇ ଦେଇ ମୁହଁରେ ପାଣି ଛାଟି ଚେତା ଫେରାଇବା ଲାଗି ଚେଷ୍ଟା କରୁ କରୁ କଲୋନୀର ଅନେକ ଲୋକ ଜମା ହୋଇଗଲେ ସେଠାରେ । ପଟ୍ଟନାୟକ ବାବୁଙ୍କ ଦେହରେ ଭୀଷଣ ତାତି, ଥରଥର ହୋଇ ସାରାଶରୀର କମ୍ପୁଥାଏ । ଦେଖଣାହାରୀଙ୍କ ଭିତରେ ଥିଲେ ଜଣେ ଡାକ୍ତର । ସେ ଆଗେଇ ଆସି ପରୀକ୍ଷା କଲେ ପଟ୍ଟନାୟକ ବାବୁଙ୍କୁ । କହିଲେ, "କିଛି ଗୋଟିଏ ମାନସିକ ଆଘାତରେ ପଟ୍ଟନାୟକ ବାବୁଙ୍କର ହୃଦଘାତ ହୋଇଛି, ସାଙ୍ଗେ ସାଙ୍ଗେ ମେଡିକାଲ ନେବାକୁ ହେବ ।"

ଆସନ୍ତୁ ମୋ ସାଥିରେ, ଏଇ ପାଖରେ ଥିବା ନର୍ସିଂ ହୋମକୁ ନେଇଯିବା । କିଛି ଲୋକଙ୍କ ସହାୟତାରେ ତତ୍‌କ୍ଷଣାତ୍ ନିଆଗଲା ତାଙ୍କୁ ନର୍ସିଂ ହୋମ୍‌କୁ । ସେମାନଙ୍କ ସହିତ ସୁରଭି ମଧ୍ୟ ଗଲା । ଡାକ୍ତରଜଣକ ସାଙ୍ଗରେ ଥିବାରୁ ନର୍ସିଂ ହୋମର ଷ୍ଟାଫ୍‌ମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଦେଲେ ପଟ୍ଟନାୟକ ବାବୁଙ୍କର । କଲୋନୀର କିଛି ଯୁବକ ମଧ୍ୟ ପହଞ୍ଚି ଯାଇଥିଲେ ସେଠାରେ, ସୁରଭି ସହିତ ସେମାନେ ବି ଜଗି ରହିଥାନ୍ତି ପଟ୍ଟନାୟକ ବାବୁଙ୍କୁ । କଲୋନୀର ବୟସ୍କ ଲୋକମାନେ ସାହସ ଦେଉଥାନ୍ତି, "କିଛି ଚିନ୍ତା ନକରି ପଟ୍ଟନାୟକ ବାବୁଙ୍କ ଚିକିତ୍ସା ଜାରି ରଖ, ଯାହା ଖର୍ଚ୍ଚ ହେବ ଆମେ ସମସ୍ତେ ମିଶି କରିବା, ତାଙ୍କର କେହି ନଥିଲେ କ'ଣ ହେଲା, ସେ ଆମର ନିଜଲୋକ, ଆମରି ଭିତରୁ ଜଣେ, ଆମେ ସମସ୍ତେ

 Magazine Downloaded from www.aahwaan.com

ମିଳିମିଶି ତାଙ୍କର ସେବା ଶୁଶ୍ରୂଷାରେ ଲାଗିବା, ତାଙ୍କର କିଛି ହେବନି, ଆମେ ତାଙ୍କୁ ଏଠୁ ସୁସ୍ଥ କରି ନେଇ ତାଙ୍କ ଘରେ ଛାଡିବା ।” ସମସ୍ତେ ମିଶି ପଟ୍ଟନାୟକ ବାବୁଙ୍କ ଆରୋଗ୍ୟ କାମନା କରି ପ୍ରାର୍ଥନା କରୁଥାଆନ୍ତି । ସମସ୍ତଙ୍କ ପ୍ରାର୍ଥନା ବୋଧହୁଏ ଜଗନ୍ନାଥ ମହାପ୍ରଭୁ ଶୁଣିଲେ । ସନ୍ଧ୍ୟା ସୁଦ୍ଧା ପଟ୍ଟନାୟକ ବାବୁଙ୍କ ଚେତା ଫେରିଲା, ଧୀରେ ଧୀରେ ଆଖି ଖୋଲି ଚାହିଁଲେ ସେ । ମୁଁ କୋଉଠି ବୋଲି ଧୀରସ୍ୱରରେ ପଚାରିଲେ ସେ । ତାଙ୍କ ପାଦ ତଳେ ବସି ରହିଥିଲା ସୁରଭି, ତାଙ୍କୁ ଆଖି ଖୋଲିବାର ଦେଖି ଭାବବିହ୍ୱଳ ହୋଇ, “ମୋ ବାପା” ବୋଲି ଡାକି ବହେ ଆଉଁସି ଦେଇ ଛାତିରେ ଲୋଟି ପଡିଲା ତାଙ୍କର ।

ଅବୁଝା ଆଖିରେ ଚାହିଁ ରହିଥିଲେ ପଟ୍ଟନାୟକ ବାବୁ । ସୁରଭି ସହିତ ଥିବା ଯୁବକ ମାନେ ତାଙ୍କ ପାଖକୁ ଆସି ସବୁ ଘଟଣା କହିଥିଲେ, କେମିତି ସୁରଭି ଅପା ମନ୍ଦିରରେ ତାଙ୍କୁ ବେହୋସ ଅବସ୍ଥାରେ ଦେଖି ନନା ଆଉ କଲୋନୀର ଅନ୍ୟ ଲୋକମାନଙ୍କ ସାହାଯ୍ୟ ନେଇ ଏଇ ନର୍ସିଂ ହୋମ୍‌କୁ ଆଣି ଚିକିତ୍ସା କରାଇଥିଲେ ଏବଂ ସୁରଭି ଅପା ନିଜର ଝିଅ ଭଳିଆ ତାଙ୍କର ପାଖେ ପାଖେ ରହିଛନ୍ତି ସେଇ ସମୟଠାରୁ । ଗଭୀର କୃତଜ୍ଞତାରେ ଭାରି ହୋଇ ଯାଉଥିଲା ପଟ୍ଟନାୟକ ବାବୁଙ୍କ କଣ୍ଠସ୍ୱର । ଧାର ଧାର ହୋଇ ଲୁହ ଗଡି ପଡୁଥିଲା ପଟ୍ଟନାୟକ ବାବୁଙ୍କ ଆଖିରୁ, ସେ ଥର ଥର କଣ୍ଠରେ କହିଉଠିଲେ, “ମା !” ପୁଣି ତାଙ୍କର ଆଖି ପତା ମୁଦି ହୋଇଗଲା । ପାଖରେ ଥିବା ନର୍ସ୍ ଡାକି ଆଣିଲେ ଡାକ୍ତରଙ୍କୁ । ସେ ତାଙ୍କୁ ଇଞ୍ଜେକସନ୍‌ଟିଏ ଦେବା ପରେ ସୁରଭିକୁ ଡାକି କହିଗଲେ, ପେସେଣ୍ଟ୍‌କୁ ଯଥାସମ୍ଭବ ଚିନ୍ତାମୁକ୍ତ କରି ରଖନ୍ତୁ, କୌଣସି ପ୍ରକାର ଷ୍ଟ୍ରେସ୍ ତାଙ୍କ ପାଇଁ ପ୍ରାଣଘାତକ ହୋଇପାରେ । କ'ଣ କରିବ ବୋଲି ଚିନ୍ତାରେ ପଡିଲା ସୁରଭି । ପଟ୍ଟନାୟକ ବାବୁଙ୍କ ବର୍ତ୍ତମାନର ଚିନ୍ତାର କାରଣ ସିନା ସେ ଜାଣିଲେ ତା'ର ପ୍ରତିକାର କ'ଣ କରିବ, ହେଲେ ସେ କେମିତି ପଚାରିବ ତାଙ୍କୁ ? କ'ଣ

 Magazine Downloaded from www.aahwaan.com

ଭାବିବେ ସେ ? ଏମିତି ଚିନ୍ତା କରି କରି ସେ ବ୍ୟତିବ୍ୟସ୍ତ ହୋଇ ପଡୁଥିଲା, ସେଇ ସମୟରେ ସେଠାରେ ପହଞ୍ଚିଲେ ବୈଜୟନ୍ତ । ସକାଳେ ତାଙ୍କୁ ସବୁ ଘଟଣା ଫୋନ୍ କରି ଜଣାଇ ଦେଇଥିଲା ସୁରଭି । ପଟ୍ଟନାୟକ ବାବୁଙ୍କ ପାଇଁ ସୁରଭିର ଆତ୍ମୀୟତା ବେଶ୍ ଜଣାଥିଲା ତାଙ୍କୁ । ବୈଜୟନ୍ତଙ୍କର ମଧ୍ୟ ପଟ୍ଟନାୟକ ବାବୁଙ୍କ ଦୁଃଖର କଥାଶୁଣି ତାଙ୍କ ପ୍ରତି ସମବେଦନା ବଢ଼ିଥିଲା । ଘଟଣାଟି ଘଟିବା ବେଳକୁ ତାଙ୍କର ଅଫିସ୍ ବେଳ ହୋଇ ଯାଇଥିବାରୁ ସୁରଭିକୁ ଯାହା କରିବାର ଦରକାର ଅଛି କର ବୋଲି ଅନୁମତି ଦେଇଥିଲେ ବୈଜୟନ୍ତ । ଏବେ ଅଫିସରୁ ଫେରି ସିଧା ନର୍ସିଂ ହୋମ୍‌କୁ ଆସିଛନ୍ତି ସେ । ସୁରଭି ସହିତ ସେ ଆଜି ରାତିରେ ପଟ୍ଟନାୟକ ବାବୁଙ୍କୁ ନର୍ସିଂ ହୋମରେ ଜଗି ରହିବେ ବୋଲି କହି ସେଠାରେ ଥିବା କଲୋନୀର ଯୁବକମାନଙ୍କୁ ଘରକୁ ପଠାଇ ଦେଇଥିଲେ ସେ । ସାରାରାତି ସେମିତି ତାଙ୍କର ବେଡ୍ ପାଖରେ ଜଗି ବସିଥିଲେ ସ୍ୱାମୀ ସ୍ତ୍ରୀ ଦୁହେଁ । ସକାଳେ ନିଦ ଭାଙ୍ଗିଲା ପଟ୍ଟନାୟକ ବାବୁଙ୍କର । ସୁରଭି ସହିତ ତା'ର ସ୍ୱାମୀଙ୍କୁ ଦେଖି ସେ ବୁଝିଗଲେ ଯେ ରାତିସାରା ଅନିଦ୍ରା ରହି ଦୁଇଜଣ ଯାକ ତାଙ୍କୁ ଜଗି ବସିଛନ୍ତି । କୃତଜ୍ଞତାରେ ମୁଣ୍ଡ ନଇଁ ଯାଇଥିଲା ତାଙ୍କର । ସେ ଭୋ ଭୋ ହୋଇ ପିଲାଙ୍କ ଭଳି କାନ୍ଦି ଉଠିଲେ । ସୁରଭିକୁ ଚାହିଁ କହିଲେ, "ମାଆରେ ! ତୁ ଆର ଜନ୍ମରେ ମୋର ମାଆ ଥିଲୁ ନିଶ୍ଚୟ, ନହେଲେ ପର ଲୋକଟିଏ ପାଇଁ ଏତେ କିଏ କରେ ? ଆଜିକାଲି ନିଜର ଜନ୍ମ କଲା ପୁଅ ତ ବାପକୁ ପଚାରୁନି, ଆଉ ପର ପାଇଁ ? ତୁ ମତେ ଋଣୀ କରିଦେଲୁରେ ମାଆ ! କେମିତି ଏ ଜୀବନରେ ତୋର ଋଣ ଶୁଝିବି ?" ତାଙ୍କର ଦୁଇ ହାତକୁ ଧରି ପକାଇଲା ସୁରଭି, କହିଲା, "ଛି, ଛି, ଇଏ କି କଥା କହୁଛନ୍ତି ବାପା ! ମୁଁ କ'ଣ ଆପଣଙ୍କ ଝିଅ ନୁହେଁ ? ପିଲାଟି ଦିନରୁ ବାପକୁ ହରାଇଛି ମୁଁ, ଏଠିକି ଆସି ରହିବାପରେ ଆପଣଙ୍କୁ ଦେଖି ସବୁବେଳେ ଆପଣଙ୍କ ଭିତରେ ମୋ ବାପାଙ୍କୁ ଦେଖିଛି,

 Magazine Downloaded from www.aahwaan.com

ଆପଣଙ୍କୁ ନିଜର ବାପା ବୋଲି ଭାବିଛି, ସେଇ ସ୍ନେହ, ସେଇ ଅଧିକାର ନେଇ ମୋର କର୍ତ୍ତବ୍ୟ ମୁଁ କରିଛି ।" ଆହୁରି ଜୋରରେ କାନ୍ଦି ଉଠିଲେ ପଟ୍ଟନାୟକ ବାବୁ । କହିଲେ, "ମାଆ ରେ ! କହିଲା ବେଳକୁ ଲାଜ ଲାଗୁଛି, ମୋ ସ୍ତ୍ରୀ ଚାରୁଲତା ଅଧା ବୟସରେ ଚାଲିଗଲା, ମତେ ଆଉ ମୋର ସାନପୁଅଟିକୁ ସଂସାରରେ ଏକୁଟିଆ ଛାଡି ଦେଇ । ସେଇ ପୁଅଟିକୁ ମାଆବାପ ଦୁଇଜଣଙ୍କ ସ୍ନେହ ଦେଇ ନିଜ ଲୁହକୁ ନିଜେ ପିଇ ମଣିଷ ଭଳିଆ ମଣିଷଟିଏ କରିବାରେ ସାରା ଜୀବନ ବିତିଗଲା ମୋର । ପାଠପଢି ବଡ କମ୍ପାନୀରେ ଚାକିରୀପାଇ ବିଦେଶ ଚାଲିଗଲା ସିଏ । ଆଖିରେ ଦେଖିଥିବା ଏ ବୁଢା ବାପଟାର ସବୁ ଦୁଃଖ, ସବୁ କଷ୍ଟ ପାଶୋରି ଦେଲା ବିଦେଶିନୀ ସ୍ତ୍ରୀଟିଏ ପାଇଗଲା ପରେ । ମୋର ତା' ଛଡା କିଏବା ଅଛି ଏଇ ସଂସାରରେ ? ସେ ଥରଟିଏ ବି ଭାବିଲାନି ମୋ କଥା, ତା ବିନା ଏଠି କେମିତି, କେତେ କଷ୍ଟରେ ଜୀବନ ବିତାଉଛି ମୁଁ ସେକଥା ତ ଚିନ୍ତା କଲାନାହିଁ, ଏବେ ମତେ କହୁଛି ଏଠାର ଘରଦ୍ୱାର ବିକ୍ରି କରି ଦେଇ ଆମେରିକା ଯାଇ ତା'ପାଖରେ ରହିବା ପାଇଁ । ମୁଁ ମନା କଲାରୁ କହୁଛି କ'ଣ ନା ତା'ର ଆଉ ଇଣ୍ଡିଆକୁ ଫେରିବାର ନାହିଁ, ତେଣୁ ଏଠାରେ ଏଇ ପ୍ରପର୍ଟି ରଖି ଲାଭ କ'ଣ ? ବରଂ ଯାକୁ ବିକ୍ରି କରି ଆମେରିକାରେ ନିଜର ପ୍ରପର୍ଟି କିଣି ସେଇଠି ସେଟେଲ୍ ହୋଇଯିବା ବୁଦ୍ଧିମାନର କାମ । ତା'ଛଡା ମୁଁ ଏଠି ରହିଲେ ମୋର ଦେହ ମୁଣ୍ଡ ଦେଖିବ କିଏ ? ସେ ଏଠିକାର କୋଉ ପ୍ରପର୍ଟି ଡିଲର୍ ସହିତ ଯୋଗାଯୋଗ କରି ସାରିଛି, ଆର ମାସରେ ଆସି ଏ ଘରଦ୍ୱାର ବିକ୍ରି କରି ମତେ ସାଥିରେ ନେଇଯିବ ଆମେରିକା । ତୁ କହିଲୁ ଝିଅ ! ମୁଁ ନିଜର ଝାଳବୁହା ଧନରେ କରିଥିବା ଏଇ ଘରଟା ଛାଡି ଯାଇ ପାରିବି ? ଏଠି ପରା ତା' ମାଆର ସ୍ମୃତି ସାଇତା ହୋଇ ରହିଛି, ତା' ନିଜର ବାଲ୍ୟ, ଶୈଶବ, କୈଶୋରର ସମସ୍ତ ସ୍ମୃତି ଏଠି ଲେସି ହୋଇ ରହିଛି, ଯାହା ମତେ ବଞ୍ଚିରହିବା ପାଇଁ ସାହସ ଦେଉଛି, ମୋ

 Magazine Downloaded from www.aahwaan.com

ଜୀବନର ଉର୍ଜା ପରା ଏଇ ଘରଟି, ଯାକୁ ଛାଡି ମୁଁ ବଞ୍ଚିବି କେମିତି ? କଥା ଶେଷ କଲା ବେଳକୁ କୋହ ଜମାଟ ବାନ୍ଧି ତାଙ୍କର କଣ୍ଠସ୍ୱର କାନ୍ଦିଲା ଭଳିଆ ଶୁଣା ଯାଉଥିଲା ସୁରଭିକୁ । ବୈଜୟନ୍ତ ମୁଣ୍ଡ ତଳକୁ ପୋତି ବସି ରହିଥିଲେ ମଧ୍ୟ ସୁରଭି ଅନୁଭବ କରି ପାରୁଥିଲା ଯେ ସେ କାନ୍ଦୁଛନ୍ତି । ସେ ଦୁହିଁଙ୍କ ମନର କୋହ ଲୁହହୋଇ ବୋହି ଯାଉଥିଲା ସୁରଭିର ଆଖିରୁ । କିଛି ସମୟର ନୀରବତା ପରେ ଉଠି ଠିଆ ହେଲେ ବୈଜୟନ୍ତ । ପଟ୍ଟନାୟକ ବାବୁଙ୍କ ହାତକୁ ଚାପିଧରି ତାଙ୍କୁ ଆଶ୍ୱାସନା ଦେଲେ, "ଆପଣ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ ମଉସା ! ମୁଁ କଥା ଦେଉଛି ଆପଣଙ୍କୁ, ଆପଣଙ୍କ ଘର ଆପଣଙ୍କ ପାଖରୁ କେହି ଛଡାଇ ନେଇ ପାରିବେନି, ଆପଣ ଏଇଠି ରହିବେ ଆପଣଙ୍କ ଘରେ, ଆମେରିକାରେ ରହୁ ଆପଣଙ୍କ ପୁଅ, ଆମେ ସମସ୍ତେ ମିଶି ଆପଣଙ୍କ ସେବା କରିବୁ, ଆପଣଙ୍କ ଭଲ ମନ୍ଦ ବୁଝିବୁ । ମୁଁ ଏବେ ଯାଉଛି ମନ୍ଦିରରେ ଆମ କଲୋନୀର ଲୋକମାନଙ୍କୁ ଏକତ୍ରିତ କରି ଏଇ କଥା ଜଣାଇବି, ଆମେ ଦେଖିବୁ କୋଉ ଆଇନ୍ ବଳରେ ସନତ୍ ଆପଣଙ୍କଠାରୁ ଆପଣଙ୍କ ଜୀବନର ସହାରା ଛଡାଇ ନେବ । ଦରକାର ହେଲେ ଆମେ ଥାନା ପୋଲିସର ସହାୟତା ନେବୁ, ଆପଣ ଖାଲି ମନ ଦୃଢ କରି ସୁସ୍ଥ ହୋଇ ବସି ରୁହନ୍ତୁ, ସନତ୍ ଏକା ଆପଣଙ୍କ ପୁଅ ନୁହେଁ, ଆମେ ସମସ୍ତେ ଆପଣଙ୍କ ପୁଅ,  ଆପଣ ଆମ ସମସ୍ତଙ୍କର ଦାୟିତ୍ୱ ।"

ପଟ୍ଟନାୟକ ବାବୁଙ୍କ ମୁହଁରେ ହସ ଉକୁଟି ଉଠିଲା । ତାଙ୍କୁ ଲାଗୁଥିଲା ଘନଘୋର ବର୍ଷାରାତିର ତମିସ୍ରା ଅପସରି ଯାଇଛି । ପ୍ରଭାତୀ ତାରାଟି ତା'ର ଉଜ୍ୱଳ ଆଲୋକ ବିକିରଣ କରି ତାଙ୍କୁ ଜୀବନର ଏକ ନୂତନ ଦିଗନ୍ତ ଦେଖାଇ ଦେଉଛି । ଗଭୀର ନିଶ୍ୱାସଟିଏ ନେଇ ସେ ଆଖି ବନ୍ଦ କରି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲେ ।।

ଶାରଳା ଭବନ, ପୋତାପୋଖରୀ, ନୟାବଜାର, କଟକ, ୭୫୩୦୦୪, ଓଡ଼ିଶା

 Magazine Downloaded from www.aahwaan.com

# ଶ୍ରାବଣୀ



ମନୋରଞ୍ଜନ ମୁଦୁଲି

ପୁରୀ ସମୁଦ୍ରବେଳା ଭୂମି ସକାଳର ସୁନେଲି କିରଣରେ ଅଶାନ୍ତ ଲହରୀ ଠାରୁ କିଛିଟା ଦୂରରେ ବସିଥିଲା ଗାଲରେ ହାତ ରଖି ଝିଅଟି । ସାବନା ଶରୀରଟାକୁ ଯୌବନ ସ୍ପର୍ଶ କରିବା ଆଗରୁ ପ୍ରକୃତିର ତାଣ୍ଡବଲୀଳାରେ ସମସ୍ତ ଖୁସି ସ୍ୱପ୍ନରେ ରହି ଯାଇଥିଲା । ପ୍ରଳୟଙ୍କରୀ ମହାବାତ୍ୟାରେ ଭାସି ଯାଇଥିଲା ବାଙ୍କି ମୁହାଣ ପାଖରେ ଥିବା ତାଙ୍କର ଛୋଟ ମାଟି ଘରଖଣ୍ଡିକ । ବାପାମା' ଓ ତା'ର ଛୋଟ ଭାଇ ଶ୍ରୀକାନ୍ତ ଆଖି ପିଛୁଳାକେ ସମୁଦ୍ରର ବଡବଡ଼ ଲହରୀ ଭିତରେ ଲୀନ ହୋଇ ଯାଇଥିଲେ । ଆଉ ସେ କାର୍ତ୍ତିକ ମାସର ଅମାବାସ୍ୟା ରାତିରେ ଶ୍ରାବଣୀର ନୂଆ ଜୀବନର ଆରମ୍ଭ ହୋଇଥିଲା । ସବୁକିଛି ତା ଠାରୁ ଛଡେଇ ଥିଲା କରାଳ ସମୁଦ୍ରର ଲହରୀ । କାହିଁକି ଛାଡ଼ିଦେଲା ଶ୍ରାବଣୀକୁ । କୁଡିଆ ଖଣ୍ଡକ ବି ବାଲିରେ ମିଶିଗଲା । ଆଖିର ଲୁହ ସବୁ ଶୁଖିଗଲା । ଦୁଇଦିନ ପେଟରେ ଦାନାଟିଏ ପଡ଼ିନାହିଁ । ଅନେକଙ୍କର ଅବସ୍ଥା ଏପରି । କିଏ ବା ପଚାରିବ କାହାକୁ । ଆଖିର ଲୁହ ଆଖିରେ ମରିଗଲା ମନର କୋହ ମନରେ ରହିଗଲା ହେଲେ ପେଟର ଯନ୍ତ୍ରଣା ତ ସବୁଠାରୁ ଭୟଙ୍କର । ତାକୁ କିଏ ବା ସମ୍ଭାଳିବ । ହାତଗୋଡ଼ ଉଠେଇବାର ଜୋର ନାହିଁ । ବହୁକଷ୍ଟରେ ଦୁଇ ତିନି କିଲୋମିଟର ଚାଲି ଚାଲି ଆସିଥିଲା ବାତ୍ୟା ଆଶ୍ରୟସ୍ଥଳକୁ । ଦେହରେ ପିନ୍ଧିଥିଲା ତିନିଦିନ ତଳର ସେଇ ଫ୍ରକ ଖଣ୍ଡିକ । ରିଲିଫି ସହାୟକେନ୍ଦ୍ରରେ କିଛି ଚୁଡ଼ା ଓ ଦୁଇ ପ୍ୟାକେଟ ବିସ୍କୁଟ ମିଳିଥିଲା । ଆଉ ଖଣ୍ଡେ ସୂତା ଚାଦର । ଦୁଇଦିନ ପରେ ସବୁ ସେଠାରୁ ଆସ୍ତେ ଆସ୍ତେ ଚାଲିଗଲେ ନିଜର

 Magazine Downloaded from www.aahwaan.com

ପରିବାର ନେଇ । ଶ୍ରାବଣୀ ଯିବ ବା କୁଆଡ଼େ । କେଉଁଠି ଖୋଜିବ ତା ପରିଜନ ପରିଚିତଙ୍କୁ । ନିରାଶ୍ରିତକୁ କିଏ ଦେବ ଆଶ୍ରା । କରାଳରାତ୍ରର ସେ ଦୃଶ୍ୟ ଏବେ ତା ଆଖିରେ ଅସ୍ପଷ୍ଟ ଦିଶୁଛି । ବାପାମାଆ ଓ ଭାଇ ଶ୍ରୀକାନ୍ତ ଟଣାଓଟରା ହୋଇ ସମୁଦ୍ର ଭିତରକୁ କରାଳ ଲହଡ଼ି ଭିତରକୁ ଚାଲି ଯାଉଛନ୍ତି ଆଉ ହାତ ବଢେଇ ତାକୁ ଯେମିତି ଡାକୁଛନ୍ତି । ଆଠଦିନ ବିତି ଗଲାଣି, ସଞ୍ଜୁଆ ଶୀତ ଧୀରେଧୀରେ ମାଡି ଆସୁଛି । କଣ କରିବ ପାଖରେ ସମ୍ବଳ ତନୁକୁ ଢାଙ୍କିବା ପାଇଁ କେବଳ ଚାଦର ଖଣ୍ଡେ । ଭାରାକ୍ରାନ୍ତ ମନରେ ବସିଥିବା ଦେଖି ରିଲିଫି ଅସ୍ଥାୟୀ କ୍ୟାମ୍ପକୁ ଆସିଥିବା ଗାଡ଼ିର ଡ୍ରାଇଭର ଜଣକ ପଚାରିଲେ ମା ତୁମର ଘର ଲୋକ ଆଉ ଏଠି କିଏ ଅଛନ୍ତି ? ଶ୍ରାବଣୀର ମୁହଁଟି ନିରବରେ ଶୁଖିଗଲା । ଶୁଖିଲା ଆଖିରେ ଦୁଇଟୋପା ଲୁହ କେଉଁଠି ଥିଲା ନିଗିଡି ବାହାରି ଆସିଲା । ଡ୍ରାଇଭର ହୃଦୟଟି ଲୁହ ଦୁଇଟୋପାରେ ଦ୍ରବୀଭୂତ ହୋଇଥିଲା । ସେ ଶ୍ରାବଣୀକୁ ପଚାରିଲା ମା ତୁ ଯିବୁ କେଉଁଠିକୁ । ଘର ମା ତୋର କେଉଁଠି ? ଶ୍ରାବଣୀ କଣ ବା ଉତ୍ତର ଦେବ । ହଠାତ୍ ସେ କହିଲା ମଉସା ମୁଁ ପୁରୀ ଜଗନ୍ନାଥଙ୍କ ପାଖକୁ ଯିବି । ମୋତେ ଟିକିଏ ନେଇଯିବ । ହଁ ଏଇ ଗାଡି ପୁରୀ ତ ଯିବ ହେଲେ ତୋର ଘର କଣ ପୁରୀ ଟାଉନରେ ? ନା ମଉସା ମୁଁ ଜଗନ୍ନାଥଙ୍କୁ ଦେଖିବାକୁ ଯିବି । ପୁରୀରେ କଣ ତମର କିଏ ଅଛନ୍ତି ? ଶ୍ରାବଣୀ କହିଲା ନା ମୋର କେହି ନାହାନ୍ତି । ଜଗନ୍ନାଥ ମୋର ବାପମା ଭାଇ ସମସ୍ତଙ୍କୁ ଏଇ ବାତ୍ୟାରେ ନେଇଗଲେ । ମୋର ବର୍ତ୍ତମାନ ଦୁନିଆରେ କେହି ନାହାନ୍ତି । ମୁଁ ଥରଟିଏ ଜଗନ୍ନାଥଙ୍କୁ ପଚାରିବି । ମୋର କି ଦୋଷଥିଲା ଯେ ମୋତେ କାହିଁକି ଏକୁଟିଆ ଛାଡ଼ିଦେଲେ । ଶ୍ରାବଣୀର ଏ କୋହଭରା କଥାଟି କାହାଣୀ ପରି ଡ୍ରାଇଭରକୁ ଲାଗୁଥିଲା । ଅତି ମର୍ମାହତ ହୋଇ ହାତଯାଡି ଶ୍ରାବଣୀ କହିଲା ମୋ ପାଖରେ ଗୋଟିଏ ବି ପଇସା ନାହିଁ ମୋତେ ଟିକିଏ ପୁରୀ ବଡ଼ଦାଣ୍ଡରେ ଛାଡ଼ି ଦିଅନ୍ତୁ । ଏଇ ଦୁଇପଦ

 Magazine Downloaded from www.aahwaan.com

କଥାରେ ଡ୍ରାଇଭର ହୃଦୟରେ ଏକ କ୍ଷତ ସୃଷ୍ଟିହେଲା ପରି ପରି ଅନୁଭବ କରୁଥିଲା ପୁରୀ ତହସିଲଦାରଙ୍କ ଡ୍ରାଇଭର ନରେନ୍ଦ୍ର ଭୋଇ । ନରେନ୍ଦ୍ର ଏକ ବିଚିତ୍ର ବିଚାର ବଳୟ ଭିତରେ ଖୋଜୁଥିଲେ ରାସ୍ତାଟିଏ । ଚଉଦ ପନ୍ଦରବର୍ଷର ଝିଅଟି ପୁରୀ ସହରରେ ରାତିରେ ରହିବ କେଉଁଠି । ଜଗନ୍ନାଥଙ୍କୁ ନିଜର ଦୁଖଃ ଜଣାଇବ, ଖାଇବ କଣ, ରହିବ କେଉଁଠି, ଏଠି ଛାଡ଼ିଦେଇ ଚାଲିଯିବ କିପରି । ନରେନ୍ଦ୍ର ପୁଣିଥରେ ପଚାରିଲେ ମା ରାତିରେ ତୁ ପୁରୀ ରହିବୁ କେଉଁଠି । ଶ୍ରାବଣୀ ନରେନ୍ଦ୍ର ଆଡ଼କୁ ଖାଲି ବଲବଲ ହୋଇ ଚାହିଁ ରହିଲା । ତା ମୁହଁରୁ ଏକ ସାହରା ଖୋଜିବାର ଆଶା ବାରି ହେଉଥିଲା । ନରେନ୍ଦ୍ର ଶ୍ରାବଣୀକୁ ନେବାକୁ ଇଚ୍ଛୁକ ଥିଲେ ମଧ୍ୟ ତାର ସ୍ତ୍ରୀ କିଛି କହିବନିତ । ସେ ଚିନ୍ତାକରି ସ୍ତ୍ରୀ ଲକ୍ଷ୍ମୀକୁ ଥରେ ପଚାରିଲେ ଭଲ ହେବ ଭାବି ଲକ୍ଷ୍ମୀକୁ ଫୋନରେ ସବୁ କଥା କହିଲା । ଲକ୍ଷ୍ମୀ ନରେନ୍ଦ୍ରକୁ ଫୋନରେ କହିଲା ଆରେ ମୋତେ ପଚାରୁଛ କଣ ? ଏତେ ରାତିରେ ବଢିଲା ଝିଅଟିକୁ ଛାଡ଼ି ଆସିବ କେଉଁଠି । ଘରକୁ ନେଇ ଆସ । ନରେନ୍ଦ୍ର ଏକ ପ୍ରକାର ସମାଧାନର ବାଟ ପାଇ ଖୁସିରେ କହିଲା ମା ତୁ ଆମ ଘରକୁ ଚାଲ୍ । କାଲି ତୁ ଗାଧେଇ ପାଧୋଇ ଜଗନ୍ନାଥ ପାଖକୁ ଯିବୁ । ଆଜି ରାତିରେ ତୁ ଆମ ଘରେ ଖାଇ ପିଇ ଶୋଇପଡିବୁ ।

ଏତିକି ନରେନ୍ଦ୍ର ମୁହଁରୁ ଶୁଣିବା ପରେ ଶ୍ରାବଣୀ ଜଗନ୍ନାଥଙ୍କ ଉପରେ ଥିବା ଆକ୍ରୋଶଟି ଅନେକାଂଶରେ କମି ଆସିଥିଲା । ନରେନ୍ଦ୍ର କହିଲେ ମା ତୁ ମୋ ଗାଡ଼ିରେ ବସ୍ ମୋ ସହିତ ତୁ ମୋ ଘରକୁ ଯିବୁ । ଶ୍ରାବଣୀ କହିଲା ମଉସା ଆପଣ ଏ ହତବାଗିଟା ପାଇଁ କଷ୍ଟ କାହିଁକି କରିବେ । ନରେନ୍ଦ୍ର କହିଲେ ଆରେ ମା ତୁ କଣ ଆମର ଝିଅ ନୁହେଁ । ଆମ ଘରେ ତୁ ଗଲେ ତୋ ମାଉସୀ କେତେ ଖୁସିହେବ । ସନ୍ଧ୍ୟା ପ୍ରାୟ ଆଗତ । ଜିପ୍‌ଗାଡ଼ିରେ ଶ୍ରାବଣୀ ଓ ନରେନ୍ଦ୍ର ବସି ସିଧା ପୁରୀ ଅଭିମୁଖେ ଆସିଲେ । ପ୍ରଥମେ ନରେନ୍ଦ୍ର ଶ୍ରାବଣୀକୁ ଘରେ ଓହ୍ଲାଇଦେଇ

 Magazine Downloaded from www.aahwaan.com

ଅଫିସ ଗ୍ୟାରେଜରେ ଜିପ୍ ରଖିଦେଇ ଘରକୁ ଆସିଲେ । ରୋଷେଇଘରେ ସ୍ତ୍ରୀ ଲକ୍ଷ୍ମୀ ରୋଷେଇରେ ବ୍ୟସ୍ତ । ବାରଣ୍ଡା କବାଟରେ ଠକ୍‌ଠକ୍‌ଶବ୍ଦ ଶୁଣି ଲକ୍ଷ୍ମୀ ଦୁଆର କବାଟ ଭିତରୁ ଖୋଲିଦେଲେ । ନରେନ୍ଦ୍ରଙ୍କର ପାଖରେ ଶ୍ରାବଣୀ ଠିଆ ହୋଇଥିଲା । ମୁହଁରେ ହସଟି ସଙ୍କୁଚିତ ହୋଇ ଯାଇଥିଲା । ଦୁଇହାତ ଯୋଡି ପ୍ରଣାମକଲା ଶ୍ରାବଣୀ । ମୁଣ୍ଡରେ ଉଲୁରା କେଶ, ଆଠଦିନ ହେଲାଣି ଖାଇବା ପିଇବା ଠିକ୍‌ଠିକଣା ନାହିଁ । ଶ୍ରାବଣୀର ଶାରୀରିକ ଗଠନ ଓ ତାର ବେଶପୋଷାକ ଭିତରେ ଅନେକ ଅମେଳ ପରିଲକ୍ଷିତ ହେଉଥିଲା ଲକ୍ଷ୍ମୀ ତା'ର ହାତଧରି ଘରଭିତରକୁ ନେଇ ଯାଉଯାଉ ପଚାରିଲେ ମା ତୁ କଣ ଖାଇଛୁ ନା ନାହିଁ ? ନିରବ ରହିବା ଦେଖି ଲକ୍ଷ୍ମୀ ନରେନ୍ଦ୍ରକୁ କହିଲେ, ଆରେ ଛୁଆଟାକୁ ରାସ୍ତାରେ କିଛି ଟିକିଏ ଖୁଆଇ ଆଣିଛ କି ନା ? ନରେନ୍ଦ୍ର କହିଲେ ନା ଆମେ ସିଧା ରିଲିଫି କ୍ୟାମ୍ପରୁ ଆସିଲୁ । ତୁମ ଟିକିଏ ଶୀଘ୍ର ଖାଇବାର ବ୍ୟବସ୍ଥା କର । ଲକ୍ଷ୍ମୀ ଗୋଟିଏ ତଉଲିଆ ଓ ସାବୁନ ଆଣି ହାତରେ ଧରେଇ କହିଲେ ମା ତୁ ଆଗ ବାଥରୁମ ଯାଇ ଟିକିଏ ଧୋଇ ସଫାସୁତୁରା ହୋଇଯା । ମୁଁ ଖାଇବାର ବ୍ୟବସ୍ଥା କରୁଛି ।

ନରେନ୍ଦ୍ର ମନେ ମନେ ଭାବୁଛନ୍ତି ସତରେ ମୋ ସ୍ତ୍ରୀ ଲକ୍ଷ୍ମୀ ନାଆଁର ସାର୍ଥକ ରଖିଛି । ରୂପରେ ଲକ୍ଷ୍ମୀ ପ୍ରତିମା ପରି । ଗୁଣରେ ବି ସେମିତି, ଦୁଃଖୀରଙ୍କି ପେଟକୁ ବୁଝିପାରେ । ନିରାଶା ଝିଅ ପିଲାଟିକୁ ନେଇ ଆସିବାକୁ ସଙ୍ଗେ ସଙ୍ଗେ କହିଲା ଆଉ ପହଞ୍ଚୁ ନ ପହଞ୍ଚୁଣୁ ତା'ର ଯତ୍ନରେ ଲାଗିଲାଣି । ରାତ୍ର ଭୋଜନ ପାଇଁ ଲକ୍ଷ୍ମୀ ଖାଦ୍ୟ ତିନୋଟି ଥାଳିରେ ବାଢ଼ି ତିନି ଖଣ୍ଡ ଆସନ ପକାଇଲେ । ସୋଫା ଉପରୁ ଶ୍ରାବଣୀର ହାତକୁ ଧରି କହିଲେ.. ଆରେ ଝିଅ ତୋର ନାଁଟି କଣ ମୋତେ ତୁ କହିଲୁ... ! ରୁଦ୍ଧ ଗଳାଟିରୁ ଧୀରେଧୀରେ କହିଲା ମା.. ମୋ ନାଁ ଶ୍ରାବଣୀ ମାଝୀ । ଏତିକି ଶ୍ରାବଣୀର କଥା ଆବାଜ୍‌ରୁ ଲକ୍ଷ୍ମୀ ତା ହୃଦୟରେ କଷ୍ଟ ପୁରାପୁରି ବୁଝି

 Magazine Downloaded from www.aahwaan.com

ନେଇଥିଲେ । ଆଉ କିଛି ପଚାରିଲେ ଅଧିକ କଷ୍ଟ ହେବ ଭାବି କିଛି ନ ପଚାରି ଲକ୍ଷ୍ମୀ କହିଲେ ଚାଲ ମା ଖାଇ ନେବା ଥକି ପଡ଼ିଥିବୁ । ଖାଇସାରି ଶୋଇ ପଡ଼ିଲେ ଦେହଟିକିଏ ଭଲଲାଗିବ । ଆସନ ଉପରେ ନରେନ୍ଦ୍ର ଶ୍ରାବଣୀ ବସିଲେ, ଦୁଇଜଣ ଖାଇବାପରେ ଲକ୍ଷ୍ମୀ ଖାଇଲେ । ଶ୍ରାବଣୀର ଦୁଇଆଖିରେ ଯେମିତି ବିଗତ ସାରା ସପ୍ତାହର ନିଦ ଅଜାଡି ହୋଇ ପଡୁଥିଲା । ସଙ୍ଗେ ସଙ୍ଗେ କୁଆଡୁ ନିଦ ମାଡ଼ି ଆସିଲା କେଜାଣି ଶ୍ରାବଣୀ ସେହି ସୋଫା ଉପରେ ଶୋଇପଡ଼ିଲା । ଲକ୍ଷ୍ମୀ ଶ୍ରାବଣୀ ପାଇଁ ବିଛଣା ସଜେଇ ଶ୍ରାବଣୀର ଦୁଇ ବାହୁରେ ଧରି ଶୁଆଇ ପକାଇ ଚାଦରଟିଏ ଢାଙ୍କିଦେଲେ ।

ଏବେ ସ୍ୱାମୀସ୍ତ୍ରୀ ଦୁଇଜଣ ଶୋଇବା ଘର ଖଟରେ ବସି ପରସ୍ପରକୁ ଚାହିଁ ରହିଥାନ୍ତି । ଉଭୟଙ୍କ ମନରେ ସେଇ ଗୋଟିଏ ଆକର୍ଷଣର କେନ୍ଦ୍ର ଶ୍ରାବଣୀକୁ ନେଇ । ଉଭୟ ମନର ପ୍ରତିକ୍ରିୟାକୁ କେମିତି କିଏ ଉପସ୍ଥାପନା କରିବ ତାହା ତ ଶ୍ରାବଣୀର ଭବିଷ୍ୟତ ରାସ୍ତା । ଲକ୍ଷ୍ମୀ ସାମାନ୍ୟ ନିରବ ପରେ କହିଲେ । ଏ ଶ୍ରାବଣୀର ଘରଲୋକେ କେହି କଣ ଅଛନ୍ତି ନା ନାହାନ୍ତି । ନରେନ୍ଦ୍ର କହିଲେ ବାପା ମା ଓ ଭାଇ ଏଇ ମହାବାତ୍ୟାରେ ସମୁଦ୍ର ଗର୍ଭରେ ଭାସିଗଲେ ବୋଲି ଝିଅଟି କହୁଥିଲା । ସେତେବେଳେ ଆମର କେହି ଉଦ୍ଧାରକାରି ଦଳ ଏ ଝିଅକୁ ଉଦ୍ଧାର କରିଥିଲେ । ବନ୍ଧୁବାନ୍ଧବ ଯଦି ବା କିଏ ହୁଏତ ଥାଇପାରନ୍ତି । କାଲି ପଚାରିଲେ ଜଣାପଡିବ । ଲକ୍ଷ୍ମୀ କିନ୍ତୁ ବାରଣ କରି କହିଲେ, ନା ଝିଅଟି ମାନସିକ ସ୍ଥିତି ଭଲନାହିଁ । କିଛି ପଚାରିଲେ ହୁଏତ କଷ୍ଟ ପାଇପାରେ । କିଛିଦିନ ମୋ ପାଖରେ ରହିଲା ପରେ, ତାର ମାନସିକ ସ୍ଥିତି ଦେଖି ସବୁ ପଚାରିବା । ଶ୍ରାବଣୀ ନିଘୋଡ଼ ନିଦରେ ଶୋଇ ସାରିଥିଲା ।

ପରଦିନ ସକାଳ ପ୍ରାୟ ଛଅଟା ହେବ । ଲକ୍ଷ୍ମୀ ଘରର ସମସ୍ତ କାମଦାମ ସାରି

 Magazine Downloaded from www.aahwaan.com

ଶ୍ରାବଣୀକୁ ଉଠାଇଲେ । ଶ୍ରାବଣୀକୁ ଶିଘ୍ର ଦାନ୍ତସଫା କରି ଗାଧୁଆ ଇତ୍ୟାଦି ସାରି ମନ୍ଦିରଯିବା ପାଇଁ କହିଲେ । ଲକ୍ଷ୍ମୀ ମନ୍ଦିର ଯିବା ପାଇଁ ଫୁଲ ଧୂପଦୀପ ଇତ୍ୟାଦି ସଜାଡ଼ି ନରେନ୍ଦ୍ରଙ୍କୁ ଅପେକ୍ଷା କରିଥାନ୍ତି । ଶ୍ରାବଣୀ ଦାନ୍ତସଫା କରି ମୁହଁ ଧୋଇବାକୁ ବେସିନ୍‌ପାଖରେ ଠିଆ ହୋଇ ଆଇନା ଆଗରେ ନିଜର ମୁହଁ ଭିତରେ ତା ମାଆର ଚିକଣ ଗୋଲ ମୁହଁଟିକୁ ସତରେ ଯେମିତି ଦେଖି ପାରୁଛି । ଆଉ ତାର ମା ଯେମିତି ସେଇ କରାଳ ସମୁଦ୍ରଗର୍ଭରେ ହାତ ବଢାଇ କଣ କହୁଛି ।

ଶ୍ରାବଣୀର ଦୁଇଆଖି ଲୁହରେ ଛଳଛଳ ହୋଇ ଆସୁଥିଲା । ସେ ଲୁହ ଦୁଇଟୋପା ପୋଛୁ ପୋଛୁ ଲକ୍ଷ୍ମୀଦେବୀଙ୍କୁ କହିଲା ....ମା ମୋତେ ମନ୍ଦିର ଯିବାକୁ କହନ୍ତୁ ନାହିଁ । ମୁଁ ମନ୍ଦିର ଭିତରକୁ ଯାଇ ପାରିବି ନାହିଁ । ଆଜି ମୋ ବାପା ମା ଓ ଭାଇ ସମୁଦ୍ରରେ ବୁଡିଯିବାର ଦଶମ ଦିନ । ସେମାନଙ୍କ ସ୍ନାନ ତର୍ପଣ କଲା ପରେ ମନ୍ଦିର ଯିବି । ମା ଆପଣ ମାନେ ମନ୍ଦିର ଯାଆନ୍ତୁ । ଲକ୍ଷ୍ମୀଦେବୀ ଶ୍ରାବଣୀର କଥା ଶୁଣି ଆଖି ଛଳଛଳ ହୋଇଗଲା । ଶ୍ରାବଣୀକୁ ଛାତିରେ ଚାପି ଧରିଲେ ଲକ୍ଷ୍ମୀ । ଆଖିରୁ ଅମାନିଆ ଲୁହ ଦୁଇଧାର ବୋହିଗଲା । କରୁଣ କଣ୍ଠରେ କହିଲେ ଚାଲ୍ ମହୋଦଧୀରେ ତିଳ ତଣ୍ଡୁଳ ତର୍ପଣ ସାରି ଆମେ ଜଗନ୍ନାଥ ଦର୍ଶନ କରିବା । ତୁମ ପରିବାରର ସମସ୍ତଙ୍କ ଆତ୍ମାର ସଦ୍ଗତି ପାଇଁ କାଳିଆକୁ ଜଣାଇବା । ଏତିକି ବେଳେ ନରେନ୍ଦ୍ର ଗୋଟିଏ ଅଟୋରିକ୍ସା ଡାକି ଆଣି ଘରେ ପହଞ୍ଚିଲେ । ସମସ୍ତେ ଅଟୋରେ ବସି ସ୍ୱର୍ଗଦ୍ୱାର ଅଭିମୁଖେ ଚାଲିଲେ । ନରେନ୍ଦ୍ର ବ୍ରାହ୍ମଣ ଡାକି ତର୍ପଣ ପାଇଁ ସକଳ ବ୍ୟବସ୍ଥା କରୁଥିଲେ । ଶ୍ରାବଣୀ ସିକ୍ତ ବାଲୁକାର ଅନତି ଦୁରରେ ଠିଆ ହୋଇ ଅଶାନ୍ତ ସମୁଦ୍ରର ଶେଷ ପର୍ଯ୍ୟନ୍ତ ଆଖିର ଦୃଷ୍ଟିକୁ ନିକ୍ଷେପ କରୁଥାଏ । ଅଶାନ୍ତ ଲହରୀ ଭିତରେ ତୃଷ୍ଣା ହୃଦୟଟା ବିଷାକ୍ତ ଓ ବିଷାଦ ଛାୟାରେ ଭରି ଉଠୁଥାଏ । ଶ୍ରାବଣୀ ଆଉ ଭାରସାମ୍ୟ ରଖିପାରିଲା

 Magazine Downloaded from www.aahwaan.com

ନାହିଁ । ଧୀରେଧୀରେ ସେ ବାଲି ଉପରେ ବସି ପଡ଼ିଲା । ଦୁଇହାତ ପାପୁଲିରେ ମୁହଁକୁ ଚାପି ଧରିଥାଏ ଅମାନିଆ ଶ୍ରାବଣ ବର୍ଷା ପରି ତା ଦୁଇ ଆଖିରୁ ଲୁହ ସବୁ ବହି ଯାଉଥିଲା । ଦୂରରୁ ଲକ୍ଷ୍ମୀ ଝିଅଟିର ଏପରି ଅବସ୍ଥା ଦେଖି ପାଖକୁ ଆସି ହାତଧରି ଉଠାଇ ଦୁଇଆଖିରୁ ଲୁହ ପୋଛୁପୋଛୁ କହିଲେ ... ଆରେ ମା ଆଉ ତୁ କାନ୍ଦେନା । ଆମେ କଣ ତୋ ବାପା ବୋଉ ନୋହୁଁ । ଆଜି ଠାରୁ ତୁ ମୋହରି ଗେହ୍ଲାଝିଅ ହୋଇ ମୋ ପାଖରେ ହିଁ ରହିବୁ । ଆମେ ପରା ଅଛୁ । ଆଉ କାନ୍ଦେନା... । ଅଶ୍ରୁଳ ମୁହଁଟିରେ ହସଟିଏ ଦେବାପାଇଁ ଲକ୍ଷ୍ମୀ ଅନେକ ବୁଝାଉଥିଲେ । ତଥାପି ଲକ୍ଷ୍ମୀଙ୍କର କଣ୍ଠରୁଦ୍ଧ ହୋଇ ଯାଉଥିଲା । ଶ୍ରାବଣୀ ଆଉ ଲକ୍ଷ୍ମୀଙ୍କର ଏପରି ଭାବଭରା କରୁଣ ଦୃଶ୍ୟ ଦେଖି ନରେନ୍ଦ୍ରଙ୍କ ହୃଦୟ ଦ୍ରବୀଭୂତ ହୋଇ ପଡିଥିଲା । ନାରୀ ହୃଦୟର କରୁଣାର ପ୍ରତିଛବି ନରେନ୍ଦ୍ର ଅନତି ଦୂରରୁ ଦେଖି ତାଙ୍କର ଆଖି ମଧ୍ୟ ଛଳଛଳ ହୋଇ ଯାଇଥିଲା ।

Magazine Downloaded from www.aahwaan.com

# ଫେରିଆସ ତୁମେ...



ସୁବଳ ମହାପାତ୍ର

ସବୁ ସଧବା ସ୍ତ୍ରୀ ଲୋକଙ୍କର ଗୋଟିଏ ବଡ ଇଛା ଥାଏ, ଅହ୍ୟରେ ଯିବେ । ସ୍ୱାମୀ ବଞ୍ଚି ଥାଉଥାଉ ତାଙ୍କଠୁ ଆଗ ଯିବେ । ହାତରେ କାଚ, ପାଦରେ ଅଳତା, ସିଂଥିରେ ସିନ୍ଦୁର, ବେକରେ ମଙ୍ଗଳସୁତ୍ର, ପାଉଁଜି, ନାଲି ଶାଢ଼ୀ, ନାକରେ ନୋଥ, ପାଣିଚୁଡ଼ି, ସିନ୍ଦୁର ଫଗୁଆ, ନାଲି ଟିକିଲି, ଏସବୁ ନାଇ ବେଶ ହୋଇ ସେମାନେ ଯିବେ ମଶାଣିକୁ । ବାଜିବ ଅହ୍ୟ ଡେଙ୍ଗୁରା । ବିଧବା ବେଶରେ କିଏ ଯିବାକୁ ଚାହେଁ ଯେ ?

ସେ ବି ସେମିତି ଚାହିଁଥିଲା । କହି ରଖିଥିଲା, ମୁଁ ତ ୟାଙ୍କଠୁ ଆଗ ଯିବି । ମୁଁ ମଲେ, ମୋତେ ସ୍ୱର୍ଗଦ୍ୱାର ନେବ ପୋଡିବାକୁ । ମୁଁ କାହାର ଧାରୁଆ ହେବିନି, ମୋ ବେକରେ ଯେଉଁ ମାଳ(ସୁନା)ଟି ଅଛି ତାକୁ ବିକି ପଛେ ମୋର ଶୁଦ୍ଧଘର କରିବ, କିନ୍ତୁ ସ୍ୱର୍ଗଦ୍ୱାରରେ ପୋଡିବ ।

ଛୋଟରୁ ମା' ନଥିଲା । ଭାଇ, ଭଉଣୀ ମିଶି ଚାରିଜଣ । ବାପା ସ୍କୁଲ ଶିକ୍ଷକ, ଦ୍ୱିତୀୟ ହେବାପାଇଁ ମନା କଲେ । ବାପା, ଛୋଟ ଛୋଟ ଚାରୋଟି ଛୁଆଙ୍କୁ, ମା'ଠୁ ବଳି କୋମଳ, ବାପାଠୁ ବଳି ସ୍ନେହ ଦେଇ ବଡ଼ କଲେ । ବଡ ଦୁଇଜଣ ଭଉଣୀ, ସାନ ଦୁଇଜଣ ଭାଇ । ୟେ, ଦୁଇ ନମ୍ବର । ତୃତୀୟ ଶ୍ରେଣୀ ଯାଏଁ ପାଠ ପଢିଥିଲା ସେ । ସ୍କୁଲ ଛାଡି, ଭାଇ ଭଉଣୀଙ୍କୁ କୋଳେଇ କାଖେଇ ବଡ କଲା । ସକାଳୁ ଉଠି ଗୁଡାଖୁରେ ଦାନ୍ତ ନ ଘଷିଲେ ନଚଳେ । ଏଇଟା ଛୁଆରୁ ଅଭ୍ୟାସ । ବାପା ବି ଗୁଡାଖୁରେ ଦାନ୍ତ ଘସନ୍ତି, ସେଇଠୁ ଶିଖିଛି । ତା ସହ ଦୋକ୍ତା ଖିଆ । ନାସ ପତ୍ରକୁ ଆଣି ନଖେ ଚୂନ ସହ ହାତରେ ମନ୍ଥି ପାଟିରେ ତଳ ପୁଲୁପୁଲି

 Magazine Downloaded from www.aahwaan.com

(ତଳ ଓଠ) ଟାଣି ଦାନ୍ତ ସନ୍ଧି ରେ ଟିପେ ଦୋକ୍ତା ରଖି କାମରେ ଲାଗିଯାଏ ସେ ।

ପିଉସୀ ନାନୀଙ୍କ ଲେଖା ଯୋଖା ସାତକ ପଣିକିଆ ଭିତରେ ବନ୍ଧୁ ଘରେ ବନ୍ଧୁ ବାନ୍ଧିଲେ ବାପା । ଛୋଟରୁ ମା ନଥିଲା । ପନ୍ଦର ବର୍ଷ ବୟସରେ ଆସିଥିଲା ସେ ଶାଶୁ ଘରକୁ । ବାହା ହେଲା ବେଳକୁ ଶାଶୁ ଶ୍ୱଶୁର ନଥିଲେ । ସ୍ୱାମୀ ସାନ ପୁଅ । ଉପରେ ଦୁଇଜଣ ଦେଢଶୁର । ସ୍ୱାମୀଙ୍କ ବୟସ ତିରିଶ । ତିରିଶ ବରକୁ ପନ୍ଦର କନିଆଁ । ବର, ମନା କରୁଥିଲେ ବାହା ହେବେନି ବୋଲି, ବାପା ମା, ଗଲାପରେ ଏକା ହେବାରୁ ମନ ବଳେଇଲେ ବାହା ହେବାକୁ । ଦେଖାଦେଖି ନାହିଁ, କୁହା ବୋଲାରେ ବନ୍ଧୁ ବନ୍ଧୁରେ ବାହାଘର ।

ପନ୍ଦର ବର୍ଷରୁ ଆସି ଘର ସମ୍ଭାଳି କେତେବେଳେ ଦୁଇଟି ଝିଅ ଜନ୍ମ କରି ସାରିଥିଲା ସେ । ସ୍ୱାମୀ ଫରେଷ୍ଟ ଅଫିସରେ କ୍ଲର୍କ । ଚାକିରୀ ସ୍ଥଳ ବ୍ରହ୍ମପୁର । ସଚୋଟ ମଣିଷ । ଲାଞ୍ଚ ଖାଇବେ ନି କି କାହାକୁ ଖାଇବାକୁ ଦେବେନି । ଘରେ ରହିବା, ଖାଇବାର ଅଭାବ ନାହିଁ । କଣ ଭିକାରୀ ହୋଇଛନ୍ତି ଯେ ଲାଞ୍ଚ ନେବେ ? ଏହି କଥାକୁ ମଜ୍ଜି କରି ବଞ୍ଚନ୍ତି । ସରଳ, ନିର୍ମାୟା ଜୀବନ । ଛୁଆ ଦୁଇଟି ଆସ୍ତେ ଆସ୍ତେ ବଡ ହେବାକୁ ଲାଗିଲେ । ସ୍ୱାମୀ ମଝିରେ ମଝିରେ ଟୁରରେ ଯାଆନ୍ତି । ସ୍ୱାମୀ ଚାକିରୀକୁ ଚାଲିଗଲା ପରେ, ବାହାର ଜାଗାରେ ଏକୁଟିଆ ସ୍ତ୍ରୀ ଲୋକ ଛୁଆ ଦୁଇଟିକୁ ଧରି ଚଳିବା କେତେ କଷ୍ଟ କେବଳ ଅନୁଭବୀ ହିଁ ଜାଣେ । ତଥାପି ଚାଲିଥାଏ ସଂସାର । ଆଖ ପାଖ ସାଇ ପଡ଼ିଶା କିଛି ଓଡ଼ିଆ, କିଛି ତେଲୁଗୁ । ଆତେଇ ବାତେଇ, ଦେଇ ନେଇ ଚଳେ ସେ ଓଡ଼ିଆ, ତେଲୁଗୁ ପଡ଼ିଶା ସ୍ତ୍ରୀ ଲୋକଙ୍କ ସହ । ସମସ୍ତେ ଭଲ ପାଆନ୍ତି ।

ଚାକିରୀ ଜାଗାରୁ ମଝିରେ ମଝିରେ ଆସନ୍ତି ଗାଁକୁ ବୁଲିବାକୁ । ଯାହା ହେଲେ ବି ଗାଁ ଡାକେ । ଗାଁକୁ ଆସିଲେ ପୁଅଟିଏ ନାହିଁ ବୋଲି, କେତେ କଥା ଶୁଣିବାକୁ ମିଳେ ଭାଇ ଭଗାରୀ

 Magazine Downloaded from www.aahwaan.com

ମାନଙ୍କଠୁ । ହଁ, ଯିଏ ଯାହା କହୁଛି କହୁ, କେତେ ଦିନ କି ? ଚାରି ଛଅଦିନ ପରେ ପୁଣି ଚାକିରୀ ଜାଗାକୁ ଗଲାପରେ କିଏ ପଚାରୁଛି ? ଏଇୟା ଭାବି ସେ ସହିଯାଏ ସବୁ ।

ପିଲା ଯୋଡିକ ଛୋଟ ଛୋଟ ହୋଇଥାନ୍ତି, ସ୍ୱାମୀ କାହାକୁ କିଛି ସାହାଯ୍ୟ କରିଥିଲେ । ଲୋକଟିର ଚାକିରୀ ଯାଉଯାଉ ବଞ୍ଚି ଯାଇଥିଲା, ଗୋଟେ ଦରଖାସ୍ତ ପାଇଁ । ଭଲରେ ଭଲରେ ଦରଖାସ୍ତଟିଏ ଲେଖିଦେଇ ଉପର ଅଫିସରକୁ ଯାଇ ଦେବାକୁ କହିଲେ । ଉପର ଅଫିସର ଦରଖାସ୍ତଟି ପଢି ଖୁସି ହୋଇଗଲେ । ଚାକିରୀ ରହିଗଲା । ଦିନେ ଲୋକଟି ପାଞ୍ଚ ଟଙ୍କିଆ ନୋଟ ଦୁଇଟି ଆଣି ବଡ ଝିଅ ହାତରେ ଧରେଇ ଦେଇ ଚାଲିଗଲା । ବଡଝିଅ ଖେଳୁ ଖେଳୁ ପାଞ୍ଚ ଟଙ୍କିଆ ନୋଟ ଦୁଇଟିକୁ ଆଣି ପାଣିରେ ବୁଡ଼େଇ ଦେଲା । ଗଲା ସେ ଟଙ୍କା । ସ୍ୱାମୀ କହିଲେ, “ଯାଉ, ଆମ ପରିଶ୍ରମର ପଇସା ନଥିଲା ।”(ଏହା ସେତେବେଳର କଥା ଯେତେବେଳେ ଟଙ୍କାଏରେ ଦଶ କିଲୋ ଚାଉଳ ମିଳୁଥିଲା)

ଚାକିରୀ ଜୀବନରେ ଥରେ ସ୍ୱାମୀଙ୍କ ଉପର ଅଫିସର ଲାଞ୍ଚ ନେବାକୁ ବାଧ୍ୟ କରିବାରୁ, ସ୍ୱାମୀ ଚାକିରୀ ଛାଡି ଚାଲି ଆସିଲେ ଗାଁକୁ । ପାଖ ସ୍କୁଲରେ ମାଷ୍ଟ୍ର ଚାକିରୀଟିଏ କଲେ । ଦୁଃଖ ନଥାଏ । ଖାଇବାକୁ ଦରମା ଟଙ୍କା ସହ ଜମିରୁ ଧାନ ଭାଗରେ ମିଳୁଥାଏ । ଚଳି ଯାଉଥାଏ ଜୀବନ । କିନ୍ତୁ ଅସହ୍ୟ ହୁଏ ‘ପୁଅ ଆଣ୍ଠୁକୁଡ଼ା’ର ଶବ୍ଦ । ଅଟକି ଯାଏ ଛାତିରେ । ହୃଦୟକୁ ବିଦାରି ଦିଏ । ‘ପୁଅ’ ଶବ୍ଦଟି ଅତିଷ୍ଠ କରେ । ରାତି ଅଧରେ ନିଦ ଭାଙ୍ଗିଯାଏ । ରହି ରହି କାନ ପାଖରେ ଝଙ୍କୃତ ହୁଏ ପୁଅ.... ପୁଅ... ପୁଅ... ଆଣ୍ଠୁକୁଡ଼ା... ଆଣ୍ଠୁକୁଡ଼ା... ଆଣ୍ଠୁକୁଡ଼ା...

କାନରେ ହାତ ଦେଇ ଶବ୍ଦକୁ କାନ ଭିତରକୁ ଯିବାକୁ ଅଟକାଏ । ପୁଣି କୁଆଡୁ ଗୋଟେ ଶବ୍ଦ ଆସେ, ବୋଧହୁଏ ଛାତି ଭିତରୁ, ହୃଦୟ ଭିତରୁ, ପେଟ ଭିତରୁ, ଦେହ ଭିତରୁ....ଅଳି କରେ ସ୍ୱାମୀଙ୍କ ପାଖରେ, “ପୁଅ ଦରକାର ପୁଅ ।”

 Magazine Downloaded from www.aahwaan.com

ପୁଅକୁ ଅପେକ୍ଷା କରି କରି ପାଞ୍ଚଟି ଝିଅ ଜନ୍ମ କରି ସାରିଥିଲା ସେ । ତଥାପି ପାଖ ପଡୋଶୀଙ୍କ ଗଞ୍ଜଣା 'ପୁଅ ଆଣ୍ଠୁକୁଡ଼ା' । ଓଃ... ଏ ଶବ୍ଦ ସହିବା ବାହାରେ । ନା, ପୁଅଟିଏ ଜନ୍ମ କରିବାକୁ ପଡିବ । ଯାହାବି ହେଉ । ଘରେ ପଲେ ଛୁଆ । ସ୍ୱାମୀଙ୍କ ଦରମା ଖାଇବାକୁ ନିଅଣ୍ଟ । ଗଣିତ, ଇଂରାଜୀକୁ ମୁହଁ ମୁହଁରେ ବୁଝେଇ ଦେଉଥିବା, ଜଟିଳ ଗଣିତକୁ ଗାର କାଟି ସରଳ କରି ଦେଉଥିବା, ସ୍ନେହ ଆଦରରେ ପାଠ ପଢ଼ାଉ ଥିବା ଲୋକଟିକୁ 'ସାର' ବୋଲି ସମସ୍ତେ ସମ୍ମାନ ଦିଅନ୍ତି । ଶିକ୍ଷକ ହୋଇବି କେବେ କାହା ଉପରକୁ ହାତ ଉଠେଇ ନଥିବା, କେବେ କାହାର ଅନିଷ୍ଟ ଚିନ୍ତା କରିନଥିବା, ସମସ୍ତଙ୍କର ଆଦରର ସାରଙ୍କୁ ଭଗବାନ ସହାୟ ହୁଅନ୍ତି । କେବେ ଦରମା ଟଙ୍କା ସରିଗଲେ ସେ ବର୍ଷ ଅମଳ ଭଲହୁଏ । କେବେ ବଢି ବା ମରୁଡି ହେଲେ ଦରମା ବଢିବାର ଖବର ଆସେ । ଦିନକୁ ଦୁଇ କିଲୋ ଚାଉଳ ଦୋକାନରୁ ଆଣି ରୋଷେଇ ହୁଏ । ମାସ ଶେଷରେ ଦରମା ମିଳିଲେ ବାକି ପଇସା ସୁଝାଯାଏ ଦୋକାନୀକୁ । ବୋଧହୁଏ ସ୍ୱାମୀଙ୍କ ଭାଗ୍ୟ । ଚାଲିଥାଏ ଜୀବନ । ନହେଲେ ଏତେ କଷ୍ଟରେ ଏତେ ପିଲା ଛୁଆଙ୍କ ମୁହଁରେ ଅନ୍ନ ମୁଠେ ଦେବା କମ କଥା କି ?

କଳିଗୋଳ, ସମ୍ପ୍ରୀ କଟା ଭିତରେ 'ପୁଅ ଆଣ୍ଠୁକୁଡ଼ା' ଶବ୍ଦଟି ନିଜର ହୋଇ ଯାଇଥିଲା ତା'ର । ରହି ରହି ଶୁଭେ । ଯା, ପୁତୁରା ବୋହୁ, ଲେଖା ଯୋଖା ବନ୍ଧୁ ବାନ୍ଧବ, କଥା କଥାରେ ଥଟ୍ଟା ରହସ୍ୟରେ, ଗାଳି ଗୁଲଜରେ କହି ଦିଅନ୍ତି ଏ ଶବ୍ଦଟି । ଭିତରେ ଭିତରେ ଭାଙ୍ଗି ପଡେ ସେ । ଗୁମୁରି ଗୁମୁରି କାନ୍ଦେ । ଦିନ ଦିନ ଧରି ଠାକୁରଙ୍କୁ ଡାକେ । ଅଧିଆ ପଡେ । ଓଷା, ବ୍ରତ, ବାର, କୌଣସିଟି ଛାଡ଼ ନଥାଏ । ମାସରେ ଦଶ ଦିନ ସେ ଓପାସ ଥାଏ । ଆଜି ପୂର୍ଣ୍ଣିମା ତ କାଲି ଅମାବାସ୍ୟା । ଆଜି ସଂକ୍ରାନ୍ତି ତ କାଲି ମଙ୍ଗଳବାର । ପଣା ପାଣି, ହିଙ୍ଗୁଳା, ମଙ୍ଗଳା ଠୁ ଆରମ୍ଭ କରି ବୁଧେଇ ଓଷା ଯାଏଁ । ପୁଅ ଜୀଉନ୍ତିଆ ଠୁ ଦ୍ୱିତୀୟା ଓଷା ଯାଏଁ । ଦୁର୍ଗା ପୂଜା

 Magazine Downloaded from www.aahwaan.com

ଠୁ ମହାଶିବରାତ୍ରି ଯାଏଁ, ଗଣେଶ ପୂଜାଠୁ ପଞ୍ଚୁକ, କାର୍ତ୍ତିକେଶ୍ୱର ପୂଜା ଯାଏଁ । ତଥପି ପାଞ୍ଚ ଝିଅ ପରେ ସେ ସାହସ ସଞ୍ଚୟ କରେ ପୁଅଟିଏ ପାଇଁ ।

ଏତେ ଦିନ ପରେ ବୋଧେ ଭଗବାନ ଡାକ ଶୁଣିଲେ । ସ୍ୱପ୍ନରେ କହିଲେ ବହୁତ କଷ୍ଟ କରି ଡାକିଲୁଣି, କହ କଣ ଦରକାର ? ଟଙ୍କା, ସୁନା, ହୀରା, ନିଳା, ମୋତି ମାଣିକ୍ୟ, ଭଲ ଘର, ସ୍ୱାମୀର ଚାକିରୀ ଯାହା ମାଗିବୁ ଦେବି । ତା ପାଟିରୁ କେବଳ ଗୋଟିଏ ଶବ୍ଦ ବାହାରିଥିଲା, 'ପୁଅ' । ତଥାସ୍ତୁ, କହି ଅନ୍ତର୍ଧ୍ୟାନ ହୋଇଯାଇଥିଲେ ପ୍ରଭୁ । ନିଦ ଭାଙ୍ଗିଲା ବେଳକୁ ଘର ଚନ୍ଦନ, ଅଗୁରୁ, ଓ ଫୁଲ ବାସ୍ନା ହେଉଥିଲା ।

ଅପେକ୍ଷାର ଅନ୍ତ କରି ପୁଅଟିଏ କୋଳକୁ ଆସିଲା । ଭାଇ ଭଗାରୀ, ବନ୍ଧୁ ବାନ୍ଧବଙ୍କ ମୁହଁ ବନ୍ଦ ହୋଇ ଯାଇଥିଲା । ସୁଖ, ଦୁଃଖ, ହସ, କାନ୍ଦ, ଅଛି ନାହିଁରେ ଚାଲିଥିଲା ସଂସାର । ଏତେ ଭିତରେ ବି ତା'ର ପ୍ରିୟ ଖାଦ୍ୟ ଥିଲା ମାଛ । ବାର, ଅବାରକୁ ଛାଡି ଆଇଁସ ଦିନ ମାନଙ୍କରେ ମାଛ ନହେଲେ ଶୁଖୁଆ ଖଣ୍ଡେ ତା'ର ନିହାତି ଦରକାର । ନହେଲେ ନଚଳେ । ପୋଖରୀ ମାଛ ହେଉ କି ଆନ୍ଦ୍ରା, ପାଣି ଶୁଖୁଆ ହେଉକି ଚିଙ୍ଗୁଡ଼ି ଶୁଖୁଆ, କି ଖାରପାଣିଆଁ ତା ସହ ପଖାଳ ମୁଠେ । ଏମିତି ବାଗରେ ସେ ରାନ୍ଧିବ ଯେ ଲୋକ ହାତ ନଚାଟି ରହି ପାରିବନି । କୁଣିଆଁ, ମଇତ୍ର, ବନ୍ଧୁ, ବାନ୍ଧବ ସବୁବେଳେ ଘରେ । ପିଠା ପଣା, କେଉଁ ଗୋଟିକ ତାକୁ ଜଣା ନଥିଲା ବୋଲି କହି ହେବନି । ଏକା ଏକା ଗୋଟେ ଗୋଟେ କାମ, ନିମନ୍ତ ଉଠେଇଦିଏ ସେ । ବାପଘର ପଟୁ ହେଉ କି ଶାଶୁଘର ପଟୁ, ସମସ୍ତେ ତା ରାନ୍ଧଣାର ପ୍ରଶଂସା କରନ୍ତି । କେହି ଜଣେ ଘରକୁ ଆସିଲେ, ମଣ୍ଡା, ଆରିସା, ଭଳି କି ଭଳି ପିଠା, ମାଛ ଭଜା ନିଜ ହାତରେ ତିଆରି କରେ ସେ ।

ଆସ୍ତେ ଆସ୍ତେ ଛୁଆ ମାନେ ବଡ ହେଉଥିଲେ । ଗାଁରେ ତା ବିନା କେଉଁଗୋଟେ ମେଳା

 Magazine Downloaded from www.aahwaan.com

ମଉଛବ ଅଧା ଅଧା ଲାଗୁଥିଲା । ପାଲା ହେଉ କି ଦାଶକାଠିଆ, ଦଣ୍ଡ ନାଚ ହେଉ କି ଗାଁ ନାଟକ, ସନ୍ଧ୍ୟାକୁ ଖାଇସାରି, ପାଟିରେ ପାନ କଲେ ଜାକି ସେ ବାହାରି ପଡୁଥିଲା ଦେଖିବାକୁ । ସାଙ୍ଗରେ ପୁଅ ଝିଅ । ସ୍ୱାମୀ କେବେ ଯାଆନ୍ତି ନାହିଁ । କିନ୍ତୁ ଦୁଇ ଜଣଙ୍କ ଭିତରେ ଥିଲା ଅତୁଟ ପ୍ରେମ ।

ସ୍ୱାମୀଙ୍କ ଅଭ୍ୟାସ ଥିଲା ରାତି ଅଧରେ ଉଠି ବାହାରେ ଖୋଲା ପବନରେ ବୁଲିବା । ଶୋଇଯିବେ ସନ୍ଧ୍ୟା ଆଠଟାରୁ, ରାତି ଗୋଟେରେ ଉଠି ରାସ୍ତାରେ ଗୀତ ଗାଇ ଗାଇ ପଇଁତରା ମାରିବେ ଘଣ୍ଟେ, ପୁଣି ନିଦ ଲାଗିଲେ ଆସି ଶୋଇବେ ।

ଝିଅ ବାହା ହୋଇ ନାତି ମୁହଁ ଦେଖି ସାରିଥିଲା ସେ । କୋଳେଇ କାଖେଇ ବଡ କରିଥିଲା ସେମାନଙ୍କୁ । କୁହନ୍ତି, "ନିଜ ମା ନଚେତ ମା ର ମା" ଏଇ ଦୁଇଜଣଙ୍କ ଠୁ ଅଧିକ ସ୍ନେହ, ମମତା କେହି ଦିଅନ୍ତି ନାହିଁ । ଏହା ଦୁଇଶହ ପ୍ରତିଶତ ପ୍ରମାଣ କରିଥିଲା ସେ । ନାତି ମାନେ ବି ମା'ର ଡାକ ସହ ତାଳ ଦେଇ ତାକୁ 'ବୋଉ' ବୋଲି ଡାକୁଥିଲେ । 'ବୋଉ'ଟି ଅପଭ୍ରଂଶ ହୋଇ 'ବଉ' ହୋଇଯାଇଥିଲା । ଅଜାଙ୍କୁ ନନା, ଆଇକୁ (ଙ୍କୁ) ବଉ । ନାତିମାନେ ବେଳେବେଳେ ବୁଢା ବୁଢ଼ୀଙ୍କ ପ୍ରେମ ଦେଖି ଚିଡାଉଥିଲେ । କିନ୍ତୁ କେବେବି ଦୁଇଜଣଙ୍କୁ କେହି ରାଗିବାର ଦେଖି ନାହାନ୍ତି । ଥରେ ବାପଘରକୁ ଯାଇଥାଏ ସେ । ଦିନେ ପରେ ସ୍ୱାମୀଙ୍କୁ ସାଧାରଣ ଜର ଟିକେ ହେଲା । ନାତିମାନେ ଚିଡ଼େଇ ଚିଡ଼େଇ ଗାଇଲେ...

ଆମ ଆଇ ଦିନେ ରୁଷି,

ଯାଇଥିଲେ ବାପ ଘର ।

ଦିନେ ଦୁଇଦିନ ଯାଇଛି କି ନାହିଁ,

ଦିନେ ଦୁଇଦିନ ଯାଇଛି କି ନାହିଁ,

 Magazine Downloaded from www.aahwaan.com

ଅଜାଙ୍କୁ ଆସିଲା ଛାନିଆଁ ଜର....

ବୁଢା, ରାଗି ମାଗି ମୁସ୍ତେଜ । ଦି ଦିନ ଭିତରେ ଆଇ ଖବର ପାଇ ଘରେ ଆସି ହାଜର ।

ରାତି ଅଧରେ ବୁଲିବା ଜାଣି ନାତିମାନେ ପଚାରନ୍ତି, "ନନା, ରାତିରେ ତୁମକୁ ଡର ଲାଗେନି ?"

...ଡର କିଆଁ ଲାଗିବ ?

...ରାତିରେ ଭୂତ ବାହାରନ୍ତି ପରା

...ହେଃ, ଭୂତ ଫୁତ କିଛି ନାହିଁ, ସେମାନେ ଆମ ପୂର୍ବ ପୁରୁଷ । ତାଙ୍କୁ ଡର କଣ ? ସେମାନେ କେବେବି ଆମର କ୍ଷତି କରନ୍ତି ନାହିଁ । ସବୁବେଳେ ଆମକୁ ଭଲ ପାଆନ୍ତି ଆଉ ଠିକ ରାସ୍ତା ଦେଖାନ୍ତି । ଆମେ ଯେମିତି ତୁମର ପୂର୍ବ ପୁରୁଷ, ସେମାନେ ବି ସେମିତି ।

ସେ ହିଁ ଶିଖେଇଥିଲେ ନାତି ମାନଙ୍କୁ ଜୀବନ ଦର୍ଶନ ବିଷୟରେ । କହିଥିଲେ, କେବେ ଗାଁ ମଶାଣିକୁ ଯାଇ ଦେଖିଆସ, ତୁମର ସବୁ ଗର୍ବ ଚୂନା ହୋଇଯିବ । ଏହି ଜାଗାରେ କେତେ ଧନୀ, କେତେ ଗରିବ ଏକାଠି ଶୋଇ ଥିବାର ତୁମେ ଦେଖି ପାରିବ । ଜାତି, ଅଜାତି, ଧନୀ, ଗରିବ ସମସ୍ତେ ଏକାକାର ଏହି ଜାଗାରେ । ବଞ୍ଚିଥିଲା ବେଳେ କିନ୍ତୁ ଅଲଗା ଅଲଗା । ଜାତିର ଗର୍ବ, ଧନୀର ଗର୍ବ, ପଦ ମର୍ଯ୍ୟାଦାର ଗର୍ବ ନେଇ ବଞ୍ଚନ୍ତି । ମରିଗଲା ପରେ ସମସ୍ତଙ୍କ ଦେହର ପାଉଁଶ ଏକାଠି ମିଶେ । ସମସ୍ତେ ଏକାଠି ରୁହନ୍ତି ।

ଚାଲିଥାଏ ଜୀବନ, ଚାଲିଥାଏ ପୂଜା, ପାଠ, ମାଛ ଖିଆ, ଗୁଡାଖୁ ଘସା, ଦୋକ୍ତା ଖିଆ, ପାଲା ଦଣ୍ଡ ନାଚ ଦେଖା । ଝିଅ, ସାହି ସ୍ତ୍ରୀଲୋକଙ୍କ ସହ ନାତିମାନେ ବି ଯାଆନ୍ତି । ମଝିରେ ମଝିରେ ଦେହ ବିଗିଡି ଯାଏ । ଔଷଧରେ ଭଲ ହୁଏ । ରକ୍ତଚାପ ବେମାରୀଟି ବାହାରି

 Magazine Downloaded from www.aahwaan.com

ସାରିଥାଏ । ତଥାପି ଚଳ ଚଞ୍ଚଳ । କାର୍ତ୍ତିକ ମାସସାରା ବଡ଼ି ଭୋରରୁ ଉଠି ଗାଧୋଇବାକୁ ଯାଏ ସେ ଗାଁ ପୋଖରିକୁ । ମାସ ଶେଷରେ ପଞ୍ଚୁକ ସହ ଡଙ୍ଗାଭସା । ଦୌଡା ଦୌଡ଼ିରେ ଜୀବନର ସତୁରିଟି ମାଇଲ ଖୁଣ୍ଟ କେତେବେଳେ ସେ ଅତିକ୍ରମ କରିଗଲା ଜଣା ପଡ଼ିଲାନି । ତିନୋଟି ଝିଅ ବାହା ହୋଇ ସାରିଥିଲେ । ପୁଅ ବାହାଘର କରି ସାରିଥିଲା । ନାତି ନାତୁଣୀ ମିଶେଇ ଆଠଟି ସେ ଦେଖି ସାରିଥିଲା । ବଡ ନାତି ମାନେ ପାଠ ପଢ଼ିସାରି ଚାକିରୀ କରି ସାରିଥିଲେ । ନାତୁଣୀ ମାନେ ପାଠ ପଢୁଥିଲେ । ହଠାତ ଦିନେ ଜର ହେଲା । ଦେହ ଭଲ ନଲାଗିବାରୁ ଡାକ୍ତର ଦେଖେଇଲା ପରେ ଜଣା ପଡିଲା କିଡନିରେ ଦୋଷ ଅଛି । ରକ୍ତରେ ହିମୋଗ୍ଲୋବିନ କମ, ରକ୍ତ ଦେବାକୁ ପଡିବ । ଖାଇବା, ପିଇବା କଟକଣା ସହ ମାସେ ଦୁଇମାସରେ ଥରେ ରକ୍ତ ନେବାକୁ ପଡିଲା ତାକୁ । ତଥାପି ସ୍ନେହରେ ଊଣା ନଥାଏ କାହାରି ପ୍ରତି । ନାତିମାନେ ଘରକୁ ଆସିଲେ ମା'କୁ ପଛେ, ଆଗ ଖୋଜନ୍ତି ବଉ କୁଆଡେ ଗଲା । 'ବୁଢ଼ୀଲୋ' ବୋଲି କୁହାଟ ଗୋଟିଏ ମାରିଦେଲେ, କେଉଁଠୁ ନା କେଉଁଠୁ 'ଓ' ବୋଲି ଶବ୍ଦଟେ ଭାସିଆସେ । ସ୍ୱାମୀ ବାହାରୁ ଘେରେ ବୁଲି ଆସି ପଚାରନ୍ତି ବଉ କାଇଁ ? ପୁଅ ଝିଅ ଘରକୁ ଫେରୁ ଫେରୁ ପଚାରନ୍ତି ବଉ କାଇଁ ? କୁଣିଆଁ, ମଇତ୍ର ଖୋଜନ୍ତି କୁଆଡେ ଗଲେ ? ଗଲା ଆଇଲା ଲୋକଠୁ, ଭିକାରୀ ଭିକାରୁଣୀ ଯାଏଁ ସମସ୍ତଙ୍କୁ ଗୋଟେ ସୂତ୍ରରେ ବାନ୍ଧି ରଖିଥିଲା ସେ । ଘରେ ଯେତେ ଲୋକ ଥିଲେବି ସମସ୍ତେ ଖୋଜନ୍ତି ତା'କୁ ।

ଆସ୍ତେ ଆସ୍ତେ ଦୁର୍ବଳ ହୋଇ ଆସିଲା ସେ, ପାଞ୍ଚ ବର୍ଷର ଚିକତ୍ସା ଆଉ କାମ ଦେଉ ନଥିଲା । ଡାକ୍ତର କହିଲେ, ଆଉ ଆଶା ନାହିଁ, ତାଙ୍କୁ ଏବେ ଆଉ କିଛି କଟକଣା ଭିତରେ ରଖ ନାହିଁ । ଯାହା ଇଛା କରୁଛନ୍ତି ଖାଇବାକୁ ଦିଅ । ସ୍ୱାମୀଙ୍କୁ ବି ଅଣାନବେ ପୁରି ନବେ ଚାଲୁଥିଲା, ତାକୁ ପଞ୍ଚସ୍ତରୀ । ବର୍ଷେ ପୂର୍ବରୁ ବଡ଼ମଝିଆଁ ଝିଅର ଆକସ୍ମିକ ମୃତ୍ୟୁ ପରେ ଭାଙ୍ଗି

 Magazine Downloaded from www.aahwaan.com

ପଡିଲେ ଦୁଇଜଣ ଯାକ । ଦେହ ଭଲ ରହୁ ନଥାଏ ଦୁଇଜଣଙ୍କର । ଶୋଇ ରହୁଥାଏ ସେ ଦିନକୁ ଅଠର ଘଣ୍ଟା । ମଝିରେ ଉଠି ଖାଇସାରି ପାଟିରେ ଦୋକ୍ତାଟିକେ ଜାକି ପୁଣି ଶୋଇଯାଏ । ଅନ୍ୟ କିଛି ମନେ ରହୁ ନଥାଏ କିନ୍ତୁ ଦୋକ୍ତା ରଖା ଜାଗାଟି ଭୁଲି ନଥାଏ ସେ । କାହାକୁ ଚିହ୍ନିବାର କି ଆଉ କିଛି କରିବାର, କହିବାର ଶକ୍ତି ନଥାଏ ।

ନାତି ଆସିଥାଏ ଘରକୁ । ଝିଅ ମାଛ ଭାଜିଦେଲା । ଆଇ ନାତି ବସି ମାଛ ଖାଇଲେ । ନାତି ପଚାରିଲା, "ବଉ, ଆଉ ଖଣ୍ଡେ ଖାଇବୁ କି ?" ମୁଣ୍ଡ ହଲେଇ ହଁ କହି ପୁଣି ମନା କଲା । ଆଉ ଥରେ ପଚାରିବାରୁ କହିଲା ଫାଳେ ଦେ । ସେଇ ଥିଲା ତା'ର ଶେଷ ମାଛଖିଆ ।

ବୟସ ଅଧିକ ହେତୁ ସ୍ୱାମୀଙ୍କ ଦେହ ଖରାପ ହେବାରୁ ସଂଗେ ସଂଗେ ଡାକ୍ତରଖାନା ନିଆଗଲା । ଚାରି ଦିନ ପରେ ସ୍ୱାମୀ ଷାଠିଏ ବର୍ଷର ସମ୍ପର୍କର ହାତ ଛାଡି ଚାଲିଗଲେ । ସ୍ୱାମୀଙ୍କ ମୃତ୍ୟୁ ଖବର ସେ ଶୁଣିଲା, ପ୍ରତିକ୍ରିୟା କିଛି ନଥିଲା । ଜୀବନ ବଞ୍ଚିବା ପାଇଁ ନିଶ୍ୱାସଟି ଚାଲିଥିଲା କେବଳ । ଖାଇବା, ପିଇବା ପ୍ରାୟ ନଥିଲା ଆଉ । ତରଳ ଖାଦ୍ୟ ରହିଥିଲା ଜୀବନ । ଦିନକୁ ବାଇଶି ଘଣ୍ଟା ଶୋଇବାରେ ଯାଉଥିଲା । ସ୍ୱାମୀ ଯିବାର ମାତ୍ର ଦେଢ଼ ମାସ ପରେ ସେ ଚାଲିଗଲା । ପଛରେ ଛାଡି ଦେଇଗଲା, ତା ହାତରନ୍ଧା, ସ୍ନେହ ମମତା, ପ୍ରେମ, ଭଲ ପାଇବା ଟିକକ । ରାତି ଅଧରେ ଗାଡି ନମିଳିବାରୁ, ସକାଳୁ ସକାଳୁ ତା ଇଛାକୁ ସମ୍ମାନ ଜଣେଇ ନିଆଗଲା ତାକୁ ସ୍ୱର୍ଗଦ୍ୱାର, ମାତ୍ର କିଛି ସମୟ ପରେ ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା ସେ ।

ଅନ୍ୟ ଡେଙ୍ଗୁରା ବାଜିଲାନି ସିନା, ସମସ୍ତେ କୁହାକୁହି ହେଉଥିଲେ, "ସ୍ୱାମୀ ମରିବାର ତିନିମାସ ଭିତରେ ସ୍ତ୍ରୀ ମରିଗଲେ ବିଧବା ଦୋଷ ଲାଗେନାହିଁ ।"

ମରିବାର ଚାରି ବର୍ଷ ପରେ ବି ଆଜି ଗାଁର ପ୍ରତ୍ୟେକ ପୂଜାରେ ମନେ ପକାନ୍ତି ଗାଁର

 Magazine Downloaded from www.aahwaan.com

ବୁଢ଼ୀ ଲୋକମାନେ । ଖୋଜା ପଡେ ସେ । ସେ ଥିଲାବେଳେ କାହାର କଣ ପସନ୍ଦ, କାହାଘରକୁ କଣ ଭୋଗ ଦିଆଯିବ, କାହାଘରର କିଏ ଆସିନି, ତା ଘରକୁ ଭୋଗ ପଠାହେବ, ସବୁ ବୁଝିଥିଲା । ଆଖିରୁ ସ୍ୱତଃ ଲୁହ ବାହାରି ଆସେ ତା ସାଂଗ ସାଥୀମାନଙ୍କର ତାକୁ ମନେ ପକେଇ ।

ଆଉ କିଏ ଦେଖୁ ନଦେଖୁ, ମୁଁ ଦେଖି ପାରୁଥିଲି ବୁଢା ବୁଢ଼ୀ ଦୁହିଁଙ୍କର ଷାଠିଏ ବର୍ଷର ଭଲ ପାଇବାକୁ । ସେମାନଙ୍କ ପ୍ରେମକୁ ।

ସେ ଆଉ କେହି ନଥିଲା, ସେ ଥିଲା ନଳୀ, ନଳିନୀ ଦାଶ, ମଞ୍ଜୁବୋହୁ, ଆଉ ତା' ନାତି ନାତୁଣୀଙ୍କ ଆଦରର 'ବୁଢ଼ୀ' । ଆଉ ତା ସ୍ୱାମୀ ଜଣଙ୍କ ହେଲେ ବିମ୍ବାଧର ଦାଶ, ସମସ୍ତଙ୍କ ଆଦରର ସାର, ନାତି ନାତୁଣୀ ପୁଅ ଝିଅଙ୍କ 'ନନା' ।

ଚାରିବର୍ଷ ବିତିଗଲା ପରେ, ଏବେବି ଘରକୁ ଗଲେ ପାଟିରୁ ସ୍ୱତଃ ବାହାରି ଆସେ 'ବୁଢ଼ୀଲୋ'.... କିନ୍ତୁ 'ଓ' କରିବାକୁ ସେ ନଥାଏ....

ତୁମ ଦୁଇଜଣଙ୍କୁ ସବୁ ନାତି ନାତୁଣୀ, ପୁଅ ଝିଅଙ୍କ ତରଫରୁ ଏତିକି ବିନତି....

'ଫେରିଆସ ତୁମେ..... RIP(Return If Possible)'

ହତଭାଗା ନାତି

ଖଲାରୀ, ଅନୁଗୁଳ, ଓଡିଶା

ଭ୍ରାମ୍ୟଭାଷ : ୯୩୭୬୦୧୨୫୦୦,

ଇମେଲ୍ : Subal.mohpatra@gmail.com

 Magazine Downloaded from www.aahwaan.com

# ତାସ ନିଶା



ସେଠୀ କାର୍ତ୍ତିକ ଚନ୍ଦ୍ର

ସାହାଣୀ ବୁଢ଼ା ମନ୍ଦିର ଚଟାଣରେ ବସି ନିଜ ଅତୀତକୁ ଭାବି ଚାଲିଥିଲା । ଆଦରର ଭାରିଜା, ଲଳିତାକୁ ଗୋଟିଏ ଚାପୁଡ଼ାରେ ମାରି ଦେଇଥିବା ଅପରାଧବୋଧ ତାକୁ କେବେ କ୍ଷମା କରିପାରୁ ନଥିଲା ।

ଆଜି ବି କେହି ଯଦି ରାସ୍ତା ଛକ, ଦୋକାନ, କ୍ଲବ୍ ଘରେ ତାସ୍ ଖେଳନ୍ତି, ତା' ଆଡ଼େ ନଜର ଦିଏନି ସେ । ତାସ୍ ଖେଳ ନିଶା ଦିନେ ବଡ଼ ଅଘଟଣ ଘଟାଇ ଦେଇଥିଲା । ଆଜି ସେ ସମସ୍ତ ପ୍ରିୟ ପରିଜନଙ୍କଠୁ ବହୁ ଦୂରରେ । ମନ୍ଦିରର ହତା ଭିତରେ ଗୋଟିଏ କୋଣରେ ବସି ଭିକ ମାଗି ବଞ୍ଚୁଛି । ଲଳିତା ଚାଲିଗଲା ପରର ବର୍ଷେ ନ ପୂରୁଣୁ ସଡ଼କ ଦୁର୍ଘଟଣାରେ ଏକମାତ୍ର ପୁଅ ଓ ବୋହୂକୁ ବି ହରାଇଲା । ସବୁ ଛାଡ଼ି ଚାଲିଗଲେ ବି କାହିଁକି କେଜାଣି ଲଳିତାର ସ୍ନେହ ଓ ଭଲପାଇବାକୁ ସେ ଆଜି ବି ଭୁଲି ପାରିନି । ନିଶାର ଶଇତାନି ଶକ୍ତି, ଯେମିତି କ୍ରୋଧ ରୂପରେ ତା'ର ସର୍ବସ୍ୱ ହରାଇ ନେଇଛି । ଆଜି ମନ୍ଦିର ବେଢ଼ାରେ ଗୋଟିଏ ଦୃଶ୍ୟ ଦେଖି ସେ ଭିକ କଥା ବି ଭୁଲି ଯାଇଥିଲା ।

ବୁଢ଼ୀଟିଏ ବୁଢ଼ାକୁ କିଛି ଖୁଆଇ ଦେଉଥିବାର ଦୃଶ୍ୟ ।

ଅନେକ ଦିନରୁ ଶୁଖିଯାଇଥିବା ଅଶ୍ରୁ ଆଜି ଅନବରତ ବହି ଚାଲିଥିଲା ଭରା ସରଜୁଟିଏ ହେବାକୁ ....

-ସେଠୀ କାର୍ତ୍ତିକ ଚନ୍ଦ୍ର,

ଚଉମୁଖ, ବାଲେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

# ସାହାଯ୍ୟ



ପ୍ରେମଶିଳା ରାଉତ

କାର୍ତ୍ତିକ ମାସର ଅନ୍ତିମ ପର୍ଯ୍ୟାୟରେ ମଦନ ତାହାର ଚାଷର ଅମଳ ଶେଷ କରିଛି । ବିଗତବର୍ଷ ଅପେକ୍ଷା ଏ ବର୍ଷ ଅମଳ ବହୁତ କମ ହୋଇଛି । ତିତଲୀ ବାତ୍ୟା ତା'ର ସବୁ ଧୂଳିସାତ୍ କରି ଦାଉ ସାଧି ଚାଲିଗଲା । ଜମିର ଫସଲରେ ସେ ବର୍ଷ ସାରା ଭଲରେ ଚଳି ଯାଉଥିଲା । ହେଲେ ଏ ବର୍ଷ ଦୁଇ ମାସ ପାଇଁ ମଧ୍ୟ ଅଡ଼ିଆ ହେବନାହିଁ ।

ଘରେ ତାର ମାଁ, ସ୍ତ୍ରୀ ଆଉ ବାର ବର୍ଷର ଝିଅ ଏହି ଚାରିଜଣଙ୍କୁ ନେଇ ତାର ହସ ଖୁସିର ସଂସାର । ପରିବାର ଚଳିବ କିପରି ? ମନରେ ଏ ଗୋଟେ ପ୍ରଶ୍ନ ଉଙ୍କି ମାରୁଥାଏ ।ତେଣେ ଝିଅର ପାଠପଢ଼ା ପାଇଁ ଲୁଗାପଟା, ବହିପତ୍ର, ସ୍କୁଲ ଫିସ୍ କେତେ କଣ ଖର୍ଚ୍ଚ ଅଛି । ଏତେ ଟଙ୍କା କୋଉଁଠୁ ଆଣିବ । ଏ କଥା ଭାବି ଭାବି ପେଟର ଭୋକ ମରିଯାଏ ଆଉ ଆଖିର ନିଦ ହଜିଯାଏ । ଚିନ୍ତାରେ ତାର ମଥା ଘୁରି ଯାଉଥାଏ । ଏ ସମୟରେ ମଦନର ମନେ ପଡ଼ିଲା ତା ପିଲା ଦିନର ସାଂଗ ମହେଶ୍ୱର କଥା । ମହେଶ୍ୱର ଜଣେ ସରକାରୀ କର୍ମଚାରୀ । ବହୁତ ଭଲରେ ହସଖୁସିରେ ତା ସଂସାର ଚଳେ । ମହେଶ୍ୱର ଏବେ ରହୁଛି ଗାଁରୁ ଷାଠିଏ କିଲୋମିଟର ଦୂରରେ ଥିବା ଭୁବନେଶ୍ୱରରେ ।

ସେ କୋଟି କୋଟି ଟଙ୍କାର ମାଲିକ । ବିଭିନ୍ନ ପ୍ରକାରର ବ୍ୟବସାୟ ମଧ୍ୟ କରୁଥିଲା । ମଦନ ମନରେ ଅନେକ ଆଶା ଓ ବିଶ୍ୱାସ ରଖି ସକାଳର ବସରେ ଭୁବନେଶ୍ୱର ବାହାରିଲା । ମହେଶ୍ୱରକୁ ଭେଟି ତାରି ଅସୁବିଧା କଥା ଜଣେଇଲା ଓ କିଛି ସାହାଯ୍ୟ ସହଯୋଗ କରିବା

 Magazine Downloaded from www.aahwaan.com

ପାଇଁ ଅନୁରୋଧ କରି କାକୁତି ମିନତୀ ହେଲା । କିନ୍ତୁ ମହେଶ୍ୱର ସବୁ କଥା ଶୁଣି ସାହାଯ୍ୟ କରିବା ପାଇଁ ରୋକ୍ ଠୋକ୍ ମନା କରିଦେଲା । ଆଉ କହିଲା, ତୋତେ କଣ ସାହାଯ୍ୟ କରିବି ? ଦିନେ ଦୁଇଦିନ, ପାଞ୍ଚଦିନ ସିନା ତତେ ଖାଇବାକୁ ଦେବି । ତୋର ଚାଷ ଭଲ ହେଲାନି ବୋଲି କଣ ତୋତେ ତୋ ପରିବାରକୁ ବରଷ ସାରା ମୁଁ ପ୍ରତିପୋଷଣ କରିବି । ଛୋଟ ବେଳେ ସିନା ମୋ ଖାଇବାରୁ ତୋତେ ଅଧା ଦେଇ ଭାଗବଣ୍ଟା କରୁଥିଲି, ମୋ ଠାରୁ ଖାତା, ପେନ୍, ବହି ନେଉଥିଲୁ, ତୋତେ ପୁରୁଣା ସାର୍ଟପ୍ୟାଣ୍ଟ ଦେଉଥିଲି, ହେଲେ ତୁ ଭୁଲିଯାଆନା ମଦନ ସେଇ ସମୟ ଥିଲା ପିଲାବେଳ ଆଜି ଆଉ ସେ ସମୟ ଆଉ ନାହିଁ । ମଦନର ମନ କାଚ ଗ୍ଲାସ ଭଳି ଭାଙ୍ଗି ଖଣ୍ଡ ବିଖଣ୍ଡ ହେଇଗଲା । ମହେଶ୍ୱରର କେଇ ପଦ କଠୋର କଥାରେ । କିଛି ସମୟ ନିରବ ରହି କହିଲା - ମୁଁ ତୋତେ ମାହାଳିଆ କିଛି ମାଗିବାକୁ ଆସିନି । ମୁଁ ତୋ ପାଖରେ ରହି କିଛି କାମ କରିବି ମୋ ପରିବାର ପୋଷିବାକୁ । ତୁ ଯାହା କହିବୁ ସାଙ୍ଗ ମୁଁ ତାହା କରିବି । ଦରକାର ପଡିଲେ ତୋ ଘରର କାମ ଦାମ କରିବି, ଲୁଗାପଟା ସଫା, ଘର ସଫା, ବଗିଚା କାମ ସବୁ କରିବି । ହେଲେ ମୋତେ ଏଡାଇ ଦିଏ ନାରେ ସାଙ୍ଗ । ମୋ ଉପରେ ଟିକେ ଦୟାକର । ମହେଶ୍ୱର କିଛି ବି ଶୁଣିଲାଣି ମନା କରିଦେଇ କହିଲା - ମୁଁ ତୋର କିଛି ବି କରିପାରିବିନି ଚାଲିଯା ଏଠୁ । ମୁହଁ ଶୁଖେଇ ମଦନ ଫେରି ଆସିଲା ମହେଶ୍ୱର ଘରୁ, ମନରେ ଅନେକ ପ୍ରକାରର ଭାବନା ଦୋହଲୁଥାଏ । କେତେ ଆଶା ନେଇ ଆସିଥିଲି ସବୁ ପାଣି ଫୋଟକା ପରି ଫାଟିଗଲା । କଣ କରିବି ବୁଦ୍ଧି ଦିଶୁନାହିଁ । କେମିତି ପରିବାରର ତିନି ପେଟକୁ ଦାନା ଦେବି । ଛି ଏମିତି ଜୀବନ ଜୀଇଁବା । ଏମିତି ନିଜକୁ ନିଜେ କହି ହେଉଥାଏ । ବସ୍‌ଷ୍ଟାଣ୍ଡକୁ ଆସି ବସରେ ବସିଲା । ଭାବୁଥାଏ ଖାଲି ଗୋଟିଏ କଥା ପରିବାର କେମିତି ଚଳିବ । କେମିତି ସେ ଯୋଗାଡ କରିବ ଅର୍ଥ ।

 Magazine Downloaded from www.aahwaan.com

ବେଳେବେଳେ ନିଜ ଜୀବନକୁ ଧିକ୍କାର ମଧ୍ୟ କରୁଥାଏ । କଣ ସେ କରିବ ବୁଦ୍ଧି ଦିଶୁନଥାଏ । କୁଆଡେ ଯିବ ଘରକୁ ଗଲେ ନିଶ୍ଚୟ ମା ଆଉ ସ୍ତ୍ରୀ ପଚାରିବେ କଣ କାମ ମିଳିଲା । ଟଙ୍କା ନେଇ ଆସିଛ କି । ଏମିତି ଅନେକ ପ୍ରଶ୍ନ ପଚାରିବେ । କି ଉତ୍ତର ଦେବି । ହଠାତ୍ ଏତିକି ବେଳେ ମଦନର ଆଉ ଜଣେ ସାଙ୍ଗ ମନୋଜ ସହ ଦେଖାହେଲା । ଯିଏ କି ସ୍କୁଲରେ ପଢୁଥିବା ସମୟରେ ବହୁତ ମାର୍ ପିଟ୍ କରୁଥିଲା ମଦନ ସହ । ମଦନକୁ ବହୁତ ହଇରାଣ କରୁଥିଲା । ବହିପତ୍ରକୁ ଛଡେଇ ନେଇ ଚିରା ଫୋପଡା କରୁଥିଲା । ମଦନକୁ ଦେଖି ମନୋଜ କହିଲା କିରେ ମଦନ ସାଙ୍ଗ କୁଆଡେ ଯାଇଥିଲୁ । ମୋତେ ଚିହ୍ନି ପାରିଲୁଟି । ମୁଁ ମନୋଜ ତୋ ସ୍କୁଲସାଙ୍ଗ । ମଦନ କହିଲା ହଁ ହଁ ଚିହ୍ନି ପାରିଲି । ମଦନର ଶୁଖା ମୁହଁକୁ ଆଉ ଛଳଛଳ ଆଖିକୁ ଦେଖି ମନୋଜ ପୁଣି ପଚାରିଲା - କଣ ହେଇଛି ସାଙ୍ଗ ତୋ ମୁହଁଟା ଶୁଖିଯାଇଛି କାହିଁକି ? କଣ ଅସୁବିଧା ହୋଇଛି କି । ଆରେ ମତେ କହ । ମୁଁ ଆଉ ସେଇ ସ୍କୁଲ୍ ସାଙ୍ଗ ନାହିଁ ପୁରାପୁରି ବଦଳି ଯାଇଛି । ମଦନ କାନ୍ଧରେ ହାତ ରଖି ମନୋଜ ଆଉ ଥରେ କହିଲା ଲୁଚାନି ସାଙ୍ଗ କଣ ହେଇଛି ମୋତେ କହ । ମଦନ ହା କରି କାନ୍ଦି ପକେଇଲା ଆଉ ମନୋଜକୁ କୁଣ୍ଢେଇ ଧରି ତା'ର ଅସୁବିଧା ସବୁ କହିଲା । ମନୋଜ ସବୁ କଥା ଶୁଣି ସାରି ମଦନ ଆଖିର ଲୁହକୁ ପୋଛି କହିଲା - ଚିନ୍ତା କରନି ସାଙ୍ଗ ମୁଁ ତୋତେ ସାହାଯ୍ୟ କରିବି । ମନୋଜ ଜଣେ କଲେଜର ଅଧ୍ୟାପକ ଏବଂ ଜଣେ ଜଣା ଶୁଣା ପରିଚିତ ଲୋକ । ସମାଜରେ ସେ ବହୁତ ସମ୍ମାନ ପ୍ରତିଷ୍ଠା ଅର୍ଜନ କରିଛି । ଘରେ ତା'ର ଦୋକାନ ମଧ୍ୟ ଅଛି । ମନୋଜ ମଦନକୁ କହିଲା - ତୋର କିଛି ଅସୁବିଧା ହେବନିରେ ସାଙ୍ଗ ମୁଁ ଥାଉ ଥାଉ ।

ମନରେ ସାହାସ ଦେଇ କହିଲା ସାଂଗ ତୁ ମୋ ପାଖରେ ରହିବୁ । ଆଉ ମୁଁ ତୋତେ କିଛି ଅର୍ଥ ସାହାଯ୍ୟ କରିବି । ମଦନ ସହମତି ପ୍ରକାଶ କରି କହିଲା ହଁ ସାଂଗ ଆସନ୍ତା କାଲି

 Magazine Downloaded from www.aahwaan.com

ଠାରୁ ମୁଁ ତୋ ପାଖରେ ରହିବି । କାଲି ସକାଳୁ ତୋ ଘରକୁ ଯିବି ମନୋଜ ହଁ କହିଲା । ମଦନ ଆର ଦିନ ସକାଳୁ ମନୋଜ ଘରକୁ ଗଲା । ଦେଖି କି ନିଜ ଆଖିକୁ ବିଶ୍ୱାସ କରିପାରିଲାନି । ମନୋଜ ଦୋକାନ ଚାବିକୁ ବଢେଇ ଦେଇ କହୁଛି ସାଙ୍ଗ ଆଜିଠୁ ଦୋକାନର ଭଲମନ୍ଦ ବୁଝିବୁ ନେ ଚାବିକାଠି । ଏତିକି ଶୁଣି ମଦନ ଆଖିରୁ ଖୁସିର ଲୁହ ଝରି ପଡୁଥାଏ । ମଦନ ଖାଲି ଚାହିଁ ରହିଥାଏ ମନୋଜକୁ । ମନୋଜ ମଦନକୁ କହିଲା ଆରେ କାହିଁକି ଏମିତି ଚାହିଁଛୁ ମୁଁ କଣ ତୋ ପାଇଁ ଏତେ ଟିକେ କରିପାରିବିନି । ମଦନ କହିଲା ସାଙ୍ଗ ମୁଁ ତୋତେ କ'ଣ କହି ଧନ୍ୟବାଦ ଦେବି ନିଜେ ଜାଣିପାରୁନି । ତୋର ଏ ସାହାଯ୍ୟ ଜୀବନରେ କେବେ ଭୁଲିପାରିବିନି । ଦୋକାନାର ଭଲମନ୍ଦ ବୁଝି ମଦନ ଭଲ ଦୁଇ ପଇସା ରୋଜଗାର କଲା ଏବଂ ଚାରି ପେଟକୁ ଦାନା ଦଉଛି । ମଝିରେ ମଝିରେ ଗ୍ରାମକୁ ଯାଏ ।

ତା ପରିବାରକୁ ଦେଖିବା ସହ ଜମିବାଡି ମଧ୍ୟ ଦେଖାଶୁଣା କରି ବହୁତ ସୁବିଧାରେ ଚଳୁଛି । ମନରେ ମନୋଜ କଥା ଭାବିଲେ ତା ଆଖିରୁ ଦୁଇଟୋପା ଖୁସିର ଲୁହ ଝରିପଡେ । ସତରେ ମଦନ ଏ ସାହାଯ୍ୟକୁ ଜୀବନରେ କେବେ ଭୁଲି ପାରିବନି ।

ଗ୍ରାମ- ବୃନ୍ଦାବାହାଲ
ବ୍ଲକ - ଗୋଲାମୁଣ୍ଡା
ଜିଲ୍ଲା- କଳାହାଣ୍ଡି

 Magazine Downloaded from www.aahwaan.com

# ଇଞ୍ଜିନିୟରର ପ୍ରେମିକା



ସୁଦର୍ଶନ ସାହୁ

ପ୍ରୀତିର ଦୁଇ ପୋଟଳ ଚିରା ଆଖିରୁ ଆଜି ଲୁହ ଆଉ ବନ୍ଦ ହେଉ ନାହିଁ । ସୁଶାନ୍ତକୁ ବିବାହ କରିବା ତାର ମାତ୍ର କିଛିଦିନ ପୁରିନାହିଁ, ଆଖିରେ ତାର ଲୁହ । ତା'ର ଆଖିରେ ଆଖିଏ ଲୁହକୁ ଯିଏବି ଦେଖିବ ତାର ମନର playstoreରୁ ସନ୍ଦେହର appଟିକୁ download କରିବାକୁ ବାଧ୍ୟ ହେବ । କିନ୍ତୁ ପ୍ରୀତି ଏହା କାହାକୁ କରିବାକୁ ଦେଉ ନାହିଁ, କାରଣ ତା'ର ଲୁହ ଭିଜା ଆଖିକୁ ମାର୍ବଲ ପ୍ଲେଟ ପକା ଭଡ଼ା ଘରର କୋଠରୀରେ ବନ୍ଦ କରି ଦେଉଛି ।

ଦିନେ ସୂର୍ଯ୍ୟ ବୁଡିବାର କିଛି କ୍ଷଣ ଯାଇନି ଚୁପ ଚାପ୍ ମୋବାଇଲଟିକୁ ଧରି ଏକ କାନ୍ଥକୁ ଆଉଜେଇ ବସି ପଡ଼ିଲା ଏବଂ camera ଫୋଟରେ ବିଭିନ୍ନ ପ୍ରକାରର ଫୋଟକୁ ଦେଖୁ ଦେଖୁ କଲେଜ ପଢ଼ିବା ବେଳର ସାଙ୍ଗ ଜୟାର ଫୋଟଟି ତାର ଆଖିରେ ପଡିଗଲା, ଠିକ ସେହି ସମୟଠାରୁ ତା'ର ଆଖି ମୋବାଇଲର ସ୍କ୍ରିନରୁ ଦୁରେଇ ଯାଇ ତୀକ୍ଷ୍ଣ ଭାବରେ ମାର୍ବଲ ଚଟାଣର ଅଙ୍କା ବଙ୍କା ଫୁଲ ଉପରେ ରହି ଭାବି ବସିଲା ତା'ର ଅତୀତର ସ୍ମୃତି ସବୁ... । ସ୍କୁଲ ପାଠପଢ଼ା ଶେଷ ହେଲା ପରେ ଯେତେବେଳେ କଲେଜରେ ପାଦ ଦେଲା ତାର ପ୍ରଥମ ସାଙ୍ଗ ଜୟା ସହିତ ସାକ୍ଷାତ ହୋଇଥିବା କଥା, ଆଉ ତାର ରୁଢ଼ିଆ ହାଇସ୍କୁଲରୁ ରିଟାର୍ଡ୍ ହୋଇଥିବା ବୁଢ଼ା ବାପଟି କଥା । ଗାଁରେ କଥା ହୁଅନ୍ତି ବୁଢ଼ାର ସବୁ ଧନ ଏହି ଝିଅର ବାହାଘରରେ ଖର୍ଚ୍ଚ କରିବ, ଏହି କଥା ଶୁଣି ସେ ଲାଜେଇ ଯାଇ ମୁରୁକି ହସାଦିଏ । କିନ୍ତୁ କଲେଜରେ ପଢ଼ିବା ବେଳେ ଜୀବନର ଜାତୀୟ ରାଜପଥ କେତେବେଳେ ରାଜ୍ୟ

 Magazine Downloaded from www.aahwaan.com

ରାଜପଥରେ ବଦଳି ଯାଇଥିଲା ସେ ନିଜେ ବି ଜାଣିପାରିନଥିଲା ।

ବାପା ଦେଇଥିବା oppo A37 ମୋବାଇଲରେ ଦିନେ Facebook ଚଲାଇଲା ବେଳେ ଇଞ୍ଜିନିୟର ସୁଶାନ୍ତ ନାମକ friend request ଆସିଲା, କିନ୍ତୁ ସେ ତା'ର profileର ସମସ୍ତ ବିବରଣୀକୁ ଟିକିନିଖି କରି ପରଖି ବନ୍ଧୁତାକୁ ଗ୍ରହଣ କରିଥିଲା । ପରବର୍ତ୍ତୀ କ୍ଷେତ୍ରରେ ସେହି ସୁଶାନ୍ତ ସହିତ ପ୍ରେମର ସମ୍ପର୍କ କେତେବେଳେ ଯେ ଗଢିଉଠିଥିଲା ସେ ନିଜେ ବି ଜାଣି ନଥିଲା ।

ହଠାତ୍ ସେହି ଫୁଲଟି ଉପରେ ଏକ ଝିଟିପିଟି ପଡିବାରୁ ତାର ଆଖିର ପତା ଧପ କିଣି ବନ୍ଦ ହୋଇ ପୁଣି ଖୋଲି ଭାବିବସିବାକୁ ଲାଗିଲା - ତା'ର ଆଜି ବେଶୀ ମନେ ପଡୁଛି ବୁଢ଼ା ବାପକୁ ଏକାକରି ସେହି ଇଞ୍ଜିନିୟର ସୁଶାନ୍ତ ସହିତ ଘରୁ ବାହାରି ଆସିଥିଲା, ଆଜି କେମିତି ସେହି ଇଞ୍ଜିନିୟର ସୁଶାନ୍ତ ଏକ ଘରୋଇ କଲେଜର ପିଅନ ହୋଇପାରିଲା ।

(ଏଥିପାଇଁ ନାୟିକା ପ୍ରୀତି ମୋ ସ୍ୱପ୍ନରେ ଆସି କଇଁ କଇଁ କାନ୍ଦି କହିଗଲା ଯେ, ସମାଜର ଯୁବପିଢ଼ି ମାନଙ୍କୁ ଚେତାଇ ଦେବାକୁ, ତାହାଭଳି ଅନ୍ଧଭାବରେ କାହାରିକୁ ଭଲ ନପାଇ ଏବଂ ଫେସବୁକର ଫେକ୍ ଆଇଡ଼ିମାନଙ୍କ ଠାରୁ ଦୂରେଇ ରହିବାକୁ ।।)

ସୁଦର୍ଶନ ସାହୁ

ଓଡ଼ିଆ ବିଭାଗ ଛାତ୍ର

ଏନ୍ ସି କଲେଜ ,ଯାଜପୁର

 Magazine Downloaded from www.aahwaan.com

# ପ୍ରୀତିପର୍ଣ୍ଣା



ସତ୍ୟପ୍ରକାଶ ସେଠୀ

ଜନ୍ମ ଓ ମୃତ୍ୟୁ ପରି ପ୍ରେମ ଜୀବନର ଏକ ଚିରନ୍ତନ ସତ୍ୟ ।ମୁନି ଋଷି ଠାରୁ ଆରମ୍ଭ କରି ଇତର ପ୍ରାଣୀ ଯାଏଁ କେହି ସେଥିରୁ ବର୍ତ୍ତି ଯାଇ ପାରି ନାହାନ୍ତି । ମାନବ ଶିଶୁ ହାତ ଗୋଡ଼ ହଲାଇ ଧୀରେ ଧୀରେ ସେ ବଡ଼ ହୁଏ । କ୍ରମଶଃ ଦୁନିଆର ହାନି ଲାଭ ସବୁ ବୁଝେ । ଯୌବନ ଆସି ପଦାର୍ପଣ କଲାଠୁଁ ତା'ହୃଦୟରେ ପ୍ରେମ ଭାବ ମୁଣ୍ଡ ଟୁଙ୍ଗାରେ । ଦୁନିଆଟା ତାକୁ ପ୍ରେମମୟ ପ୍ରତୀତ ହୁଏ । ସବୁ କିଛି ତାକୁ ମଧୁର ଓ ସୌନ୍ଦର୍ଯ୍ୟମୟ ଲାଗେ । ଦେହରେ ଶାରୀରିକ ବିକୃତି ଓ ମନରେ ଏକ ଅଫୁରନ୍ତ ଉତ୍ସବ ଜାଗିଉଠେ । ହୃଦୟ ପ୍ରେମଶିକ୍ତ ହୁଏ । ସେ ଖୋଜେ ସାଥୀଟିଏ ଯାହା ସହ ସେ ଖେଳିବ, ବୁଲିବ, ହସିବ ବସିବ ବା ନିଜର ବିଶେଷ ମୁହୂର୍ତ୍ତକୁ ବ୍ୟତୀତ କରିବ ।

ପ୍ରୀତିପର୍ଣ୍ଣା ପୂର୍ଣ୍ଣ ଯୌବନା । ଦେହରେ ମାଦକତା ଭରି ରହିଥାଏ । ତା'ର ଅଙ୍ଗ ସୌଷ୍ଠବ ଅତ୍ୟନ୍ତ ରୁଚିମନ୍ତ । ସ୍ୱର୍ଗର ଅପସରି ପରି ସେ ବେଶ୍ ସୁନ୍ଦରୀ । ଯିଏ ଦେଖୁଥାଏ ତାକୁ ଲୋଲୁପ ଦୃଷ୍ଟି ପକାଉଥାଏ । ପୁରୁଷ ହୃଦୟରେ ସେ କାଳ୍ପନିକ ରାଜକୁମାରୀ ବା ସାହାଡ଼ା ସୁନ୍ଦରୀ କାହାଣୀର ନାୟିକା । କେତେ ଯେ ପୁରୁଷ ତା'ର ରୂପରେ ବିମୋହିତ ହୋଇ ନଥିବେ ତା' କହି ହେବ ନାହିଁ ।ଅତ୍ୟାଧୁନିକ ପ୍ରସାଧାନ ସାମଗ୍ରୀ, ଓଠରେ ଲିପ୍ଷ୍ଟିକ୍ ଓ ଭୃଲତାରେ ଆଇଲାଶ ଓ ଦେହରେ ଅତର ଗନ୍ଧ ନଥାଇ ମଧ୍ୟ ତା'ର ଅଙ୍ଗ ସୌଷ୍ଠବ ବେଶ୍ ପରିସ୍ଫୁଟ ହୋଇ ଦିଶୁଥାଏ । କେବେ କେବେ ଦେହର ଅତର ଗନ୍ଧ ବିମୁଗ୍ଧ ସାଥୀ ସହପାଠୀଙ୍କୁ ବିମୋହିତ କରିଥାଏ । ସେ ହେଉଛି ଆମ ବିଶ୍ୱବିଦ୍ୟାଳୟର କୁଇନ ।

 Magazine Downloaded from www.aahwaan.com

ସମସ୍ତଙ୍କ ଭିତରେ ପ୍ରୀତିପର୍ଣ୍ଣାକୁ ପାଇବା ପାଇଁ ପ୍ରତିଯୋଗୀତା । କେହି କେହି ପ୍ରୀତିପର୍ଣ୍ଣାର ବିଶ୍ୱ ବିଦ୍ୟାଳୟ ଯିବା ଆସିବା ବାଟ ଜଗି ବସିଥାନ୍ତି - ଥରେ ମାତ୍ର ତାକୁ ଦର୍ଶନ କରିବା ପାଇଁ । ଆଉ କେହି କେହି ମହୁମାଛି ପରି ଘେରି ଯାଉଥାନ୍ତି ତା' ଚାରିପଟେ – କଥା ପଦେ ହେବା ପାଇଁ । ପ୍ରୀତିପର୍ଣ୍ଣାର ହସର ଝଲକ ଟିକକ ପାଇବା ପାଇଁ ଦିନ ତମାମ ଅନିସା କରି ରହିଥାନ୍ତି – ସମସ୍ତେ । ପ୍ରୀତିପର୍ଣ୍ଣାକୁ ଯେମିତି ଶ୍ରେଣୀଗୃହଭିତରେ କଣେଇଁ କଣେଇଁ ବାରମ୍ବାର ଚାହିଁ ହେବ, ସେହିଭଳି ଗୋଟେ ଦୂରତା ଓ ସହଜେ ଦର୍ଶନ କରି ହେଲା ଭଳି ଜାଗା ବାଛି ବସିବାକୁ ପୁରୁଷ ବନ୍ଧୁମାନଙ୍କ ମଧ୍ୟରେ ଗୋଟେ ପ୍ରତିଯୋଗୀତା ଲାଗି ରହିଥାଏ । ପ୍ରୀତିପର୍ଣ୍ଣା ଯେଉଁ ଦିନ ବିଶ୍ୱ ବିଦ୍ୟାଳୟ ଆସେ ନାହିଁ ସେଦିନ ବିଶ୍ୱ ବିଦ୍ୟାଳୟଯାକ ପିଲାଙ୍କର ମନ ଭାଙ୍ଗିଯାଏ, କାହାରି ମନରେ ସେତେ ସରାଗ ନଥାଏ । କାରଣ ଅନେକଙ୍କ ହୃଦୟର ସେ ମନ ମୟୂରୀ ।

ପ୍ରୀତିପର୍ଣ୍ଣା ସେଲେବ୍ରିଟି ନହେଲେ ମଧ୍ୟ ସେ ଆମ ବିଶ୍ୱ ବିଦ୍ୟାଳୟର ସେଲେବ୍ରିଟି ପାଲଟି ଯାଇଥାନ୍ତି । ସବୁଠିଁ ତାଙ୍କ ରୂପ ଯୌବନର ଆଲୋଚନା । କ୍ୟାଣ୍ଟିନ୍ ଓ ଲାଇବ୍ରେରୀ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟରେ ଏକରୁ ଅନେକ ଲୋକ ମେଳି ସ୍ଥଳୀ ଗୁଡ଼ିକରେ ମୁଖ୍ୟ ଆଲୋଚନାର ବିଷୟ – ସେଇ ପ୍ରୀତିପର୍ଣ୍ଣା ।

ଏଗୁଡାକ କିନ୍ତୁ ପ୍ରୀତିପର୍ଣ୍ଣାକୁ ଭଲ ଲାଗେ ନାହିଁ । ସେ ଅଣନିଶ୍ୱାସୀବୋଧ କରୁଥାନ୍ତି । ବିଶ୍ୱ ବିଦ୍ୟାଳୟକୁ ଯିବା ଆସିବା ଠାରୁ ବିଶ୍ୱ ବିଦ୍ୟାଳୟ ଭିତରେ ମଧ୍ୟ ସେ ନାନା ଅଶ୍ଳୀଳ ଇଙ୍ଗିତରେ ଶୀକାର ହୋଇ ଯାଉଥାଏ । ତା'ର ରୂପକୁ ନେଇ ତା' ମନରେ ଯେତିକି ଗର୍ବ ଥିଲା ଏବେ ସେହି ରୂପକୁ ନେଇ ପ୍ରତ୍ୟହ ନୂଆ କାହାଣୀ ଘଟେ । ନାନା ଘାତ ପ୍ରତିଘାତର ଶୀକାର ହେବାକୁ ହୁଏ । ଦୈନନ୍ଦିନ ଘଟୁଥିବା ଅଘଟଣକୁ ସାମ୍ନା କରିବାକୁ ଯାଇ ତା' ମନରେ

 Magazine Downloaded from www.aahwaan.com

ଅହେତୁକ ଡର ପଶି ଯାଉଥିଲା । ସିଏ ବି ମନେ ମନେ ଚାହୁଁଥିଲା ସୁରକ୍ଷା, ଗୋଟାଏ ପୁରୁଷ ବନ୍ଧୁର ସାହାରା ।

ପ୍ରତ୍ୟେହ ଘରକୁ ନୂଆ ଅଭିଯୋଗ ନେଇ ଫେରେ – ପ୍ରୀତିପର୍ଣ୍ଣା । ବାପା ତ ତା'ର ସାଧାରଣ କ୍ଲର୍କଟିଏ, ଦୁନିଆ ସହିତ ଲଢିବାର ସାମର୍ଥ୍ୟ ତାଙ୍କର ବା ଆସନ୍ତା କୁଆଡୁ ? ବସି ବସି ଉପାୟ ଚିନ୍ତା କରୁଥାନ୍ତି । ରୋଷେଇ ଶାଳରୁ ପତ୍ନୀ ହାତରେ ଅଟା ଚକଟା ଧରି ଆସି ପାଖରେ ଛିଡ଼ା ହେଲେ । କହିଲେ – "ହଇ ଗୋ ! ଶୁଣୁଛ, ପ୍ରୀତିପର୍ଣ୍ଣାର ବାହାଘର କର । କେତେ ଆଡୁ କେତେ ପ୍ରସ୍ତାବ ଆସୁଛି, ଭଲ ପିଲାଟିଏ ଦେଖି ଛନ୍ଦି ଦେବା । ତେଣିକି ତା ସଂସାର ସେ ସମ୍ଭାଳିବ । ତୁମେ ଆଉ ତା ଟେନସନ୍ ଏତେ ନେଇ ପାରିବ ନାହିଁ । ରୋଗୀଣା ମଣିଷଟା, ଦେହ ମୁଣ୍ଡ ଖରାପ ହୋଇଯିବ ।"

ସେୟା ହେଲା । ପ୍ରୀତିପର୍ଣ୍ଣାର ବିବାହ ଆୟୋଜନ ଚାଲିଲା । ଗୋଟେ ଥିଲାବାଲା ଘରେ ବୋହୂ ହେବ ପ୍ରୀତିପର୍ଣ୍ଣା । ସିଏ ବି ପରିସ୍ଥିତି ଦୃଷ୍ଟିରୁ ପ୍ରତିବାଦ କରିପାରିଲା ନାହିଁ । ହେଲେ ଗୋଟାଏ ସର୍ତ୍ତ ସେ ପାଠ ପଢିବ । ଶ୍ୱଶୁର ସେଥିରେ ରାଜି ହୋଇଗଲେ । ବିବାହ ସମ୍ପନ୍ନ ହୋଇଗଲା । ରୂପବତୀ ହେଲେ ଘର କୋଣର ବୋହୂ । ପ୍ରତିଶ୍ରୁତି ଭୂଲି ତାକୁ ବାରଣର ଶୀକାର ହେବାକୁ ପଡିଥାଏ । ତଥାପି ନିଜର ଅଦମ୍ୟ ଅଧ୍ୟାବସାୟର ନିଶା ତାଙ୍କୁ ବିଶ୍ୱ ବିଦ୍ୟାଳୟ ଆସିବାକୁ ରୋକି ପାରି ନଥାଏ । ଏଥିପାଇଁ ଅବଶ୍ୟ ଶାଶୁ ଓ ନଣନ୍ଦଙ୍କ ଠାରୁ ନାନା ଅକଥା ଶୁଣିବାକୁ ପଡିଥାଏ ।

ବିବାହ ଉତ୍ସବ କାଳରେ ସମସ୍ତ ସାଥୀ ସହପାଠୀ ଓ ସହପାଠିନୀ ମଧ୍ୟ ନିମନ୍ତ୍ରିତ ହୋଇ ଆସିଥିଲେ । ଏବେବି ସେ ବିଶ୍ୱ ବିଦ୍ୟାଳୟ ଆସନ୍ତି । ହେଲେ ମସ୍ତକରେ ସିନ୍ଦୂର ଲାଗିଲାଠୁଁ ସେ ସାଥୀ ସହପାଠୀଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କର ଅପା । ପ୍ରୀତିପର୍ଣ୍ଣା ଅପା ।

 Magazine Downloaded from www.aahwaan.com

ସମସ୍ତଙ୍କର ଆଦରଣୀୟା ଓ ସମ୍ମାନୀୟା ।

ବିବାହ ପୂର୍ବରୁ ଯେମିତି ସେ ସମସ୍ତଙ୍କର ଭୋଗ୍ୟା ହେବା ପାଇଁ ଯୋଗ୍ୟା ଥିଲେ – ଅନ୍ୟମାନଙ୍କ ନଜରରେ, ହେଲେ ହାତକୁ ଦୁଇ ହାତ ହୋଇଗଲା ପରେ ବୋଧହୁଏ ଟିକିଏ ଲୋକଙ୍କର ଦୃଷ୍ଟି ଭଙ୍ଗୀରେ ପରିବର୍ତ୍ତନ ଘଟିଥାଏ ।

ପ୍ରୀତିପର୍ଣ୍ଣାର ପ୍ରେମ ସୁଧା ନିଧି ପାଇବା ପାଇଁ ଯେଉଁ ପ୍ରତିଯୋଗୀତା ଚାଲିଥିଲା, ତା'ର ଗୋଟେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଏବେ ସମସ୍ତେ ଅପାର ଭାଇ । ଅପାର ସ୍ନେହ ଶ୍ରଦ୍ଧା ମଧ୍ୟ ନିଆରା । ସେବେ ରୂପ ପାଇଁ ଓ ଏବେ ଗୁଣ ପାଇଁ ସେ ବେଶ୍ ଚର୍ଚ୍ଚିତା । ସମସ୍ତେ ଖୁସି ହୁଅନ୍ତି । ବାସ୍ତବରେ ସୌନ୍ଦର୍ଯ୍ୟ ସହିତ ଗୁଣର ସମ୍ମିଶ୍ରଣ ଘଟିଲେ, ମଣିଷ ନିଆରା ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାଏ । ସେହି ହିଁ ପୂଜନୀୟା ଓ ବନ୍ଦନୀୟା । ସତେ କି ଦୀପ୍ତିମୟୀ ଦେବୀ ମୂର୍ତ୍ତିଟିଏ ।

ମାତ୍ର ମଣିଷ ଜୀବନରେ କୌଣସି ଜିନିଷ ଚିରସ୍ଥାୟୀ ନୁହଁ । ଏଠି ସବୁ କିଛି ଅଳିକ । ଅଢ଼େଇ ଦିନରେ ବଢ଼ଇ କଥା ପୁଣି ନୂଆ କାହାଣୀ ଲେଖା ହୁଏ । ସୁଖ ସମୃଦ୍ଧିର କଥା ମଧ୍ୟ ସେୟା । ଏକ ନିୟମର କ୍ରମିକ ଧାରା । କ୍ଷଣକେ ଛାଇ ଓ ପୁଣି ଖରା । ଖରା ଛାଇର ଲୁଚକାଳି ଭିତରେ ଜୀବନ କିନ୍ତୁ ବେଶ୍ ଧାଏଁ ।

* * *

ସୁନ୍ଦରୀ ସ୍ତ୍ରୀମାନଙ୍କୁ ପୁରୁଷମାନେ କୁଆଡେ ଭାରି ସନ୍ଦେହ ଚକ୍ଷୁରେ ଦେଖନ୍ତି । ସେଦିନ ଜଣେ ସାଥୀ ସହପାଠୀ ସହିତ ହସି କଥା ହେଉଥିବାର କୁଆଡ଼େ ସ୍ୱାମୀ ମହାଦେବ ଅଫିସରୁ ଫେରିବା ବାଟରେ ଦେଖି ପକାଇଥିଲେ । ଘର ଭିତରକୁ ନପଶୁଣୁ ଆରମ୍ଭ ହୋଇଗଲା ଜେରା । ଶାଶୁ ଶ୍ୱଶୁର ମଧ୍ୟ ପଦେ ପଦେ ପାଳି ଧରୁଥାନ୍ତି । ନଣନ୍ଦ ଓ ଘର ଜ୍ୱାଇଁଆ

 Magazine Downloaded from www.aahwaan.com

ସ୍ୱାଭାବର ନଣଦେଇଟା କଥାଟାକୁ ଅଧିକ ମୋଟ କରି ପକାଇଲେ । ସେମାନଙ୍କର ଉଦ୍ଦେଶ୍ୟଟା କ'ଣ ଥିଲା କେଜାଣି ଭଗବାନଙ୍କୁ ଜଣା । ତେଣିକି ଧାରାବାହିକ ଭାବେ ଚାଲେ ନାନା ଅପଯଶ ଅପନିନ୍ଦା ଓ ଗାଳି । ପ୍ରୀତିପର୍ଣ୍ଣା ନିରୀହା ଶିଶୁ ଶାବକ ହରିଣୀଟି ପରି କେବଳ ନୀରବରେ ଚାହିଁରହେ । ସମସ୍ତ ଅକଥନୀୟ ଅତ୍ୟାଚାରକୁ ମୁଣ୍ଡ ପାତି ସହେ । କାରଣ ପ୍ରତିବାଦ କରିବା ପାଇଁ ତାଙ୍କ ନିକଟରେ ଯଥେଷ୍ଟ ଭାଷା ନଥାଏ ବା ତାଙ୍କୁ ଶୁଣିବା ପାଇଁ କେହି ସେତେ ଆଗ୍ରହ ଦେଖାଉ ନଥାନ୍ତି । ଅଭିସନ୍ଧି ରଖି ଶ୍ୱଶୁର ଘର ଲୋକେ ତାଙ୍କ ପାଠ ପଢ଼ାରେ ପୂର୍ଣ୍ଣଚ୍ଛେଦ ଟାଣିବା ନିଷ୍ପତ୍ତି ପ୍ରାୟତଃ ନେଇସାରିଥିଲେ । ନିରୁପାୟ ହୋଇ ସମ୍ମତି ଜଣାଇବାକୁ ମନେ ମନେ ସ୍ଥିର କରୁଥାନ୍ତି ପ୍ରୀତିପର୍ଣ୍ଣା । ମାତ୍ର ଗାଳି ଓ ତିରସ୍କାର ପରିମାଣ ଦିନକୁ ଦିନ ବଢ଼ିବାକୁ ଲାଗୁଥାଏ । ସେତିକିରେ ବି ଝଡ଼ ଥମିଲା ନାହିଁ । ପୁଣି ବାପା ମାମୁଁଙ୍କୁ ଡାକି କୁଳଟା ବେଶ୍ୟାର ଅପବାଦ ଓ ଶେଷରେ କହିଲେ – "ଯା'କୁ ଆମେ ସମ୍ଭାଳି ପାରିବୁ ନାହିଁ, ପାରୁଛ ଯଦି ନିଜ ସାଥିରେ ନିଜ ଘରକୁ ତାକୁ ନେଇଯାଅ, ତା ସଙ୍ଗେ ଆମେ ଝଗଡ଼ା ଝାଣ୍ଟି କରି ପାରିବୁ ନାହିଁ", ଇତ୍ୟାଦି । ଇତି ହେଲା ଗୋଟାଏ କାହାଣୀର ଶେଷ କଥା । ପ୍ରୀତିପର୍ଣ୍ଣା ନୀରବରେ ସମୟର ଆହ୍ୱାନକୁ ସହି ନେଲେ । ମନେ ମନେ ଗୋଟିଏ କଥା ବାରମ୍ବାର ଭାବୁଥିଲେ – "ନାରୀର ସୌନ୍ଦର୍ଯ୍ୟ ଅଭିଶାପ ନା ଆଶୀର୍ବାଦ" ?

ବାସ୍ ସେତିକି । ଘଟଣା ଏବେ ଭିନ୍ନ ମୋଡ । ପ୍ରୀତିପର୍ଣ୍ଣା ସେହିଦିନଠୁଁ ବାପ ଘରେ । କୌଣସି ପ୍ରକାରରେ ଏମ୍. ଏ. ପରୀକ୍ଷାଟା ଦେଇଦେଇ ମାତିଗଲେ ଆଇ. ଏ. ଏସ୍. ପରୀକ୍ଷା ପାଇଁ । ସଦା କଠୋର ପରିସ୍ଥିତି ଓ ପରିବେଶ ସହ ଲଢ଼ି ଲଢ଼ି ପ୍ରୀତିପର୍ଣ୍ଣା ଚାହୁଁଥାନ୍ତି – ନିଜକୁ ନିଜେ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ଏ ନାରୀ ଜାତିଟାର ରକ୍ଷା କବଚ ପାଲଟିବାକୁ । ତାଙ୍କର ଇଚ୍ଛା ଶକ୍ତି ଶେଷରେ ତାଙ୍କୁ ଆଇ. ପି. ଏସ୍. ଅଫିସରରେ ନିଯୁକ୍ତି ପର୍ଯ୍ୟନ୍ତ ଟାଣି

 Magazine Downloaded from www.aahwaan.com

ନେଲା । ଏବେ ସେ ଏସ୍. ପି. ପ୍ରୀତିପର୍ଣ୍ଣା । କଠୋର ଅନୁଶାସନ ଓ ବିଶାଳ ହୃଦୟ ନେଇ ସହରରୁ ଅଳିଆ ଓ ଆବର୍ଜନା – ଅସାମାଜିକ ଗୁଣ୍ଡା ବଦମାସିଆଙ୍କୁ ହଟେଇ, ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଲକ୍ଷ୍ୟ । ସାଧାରଣ ଜନତାକୁ ନ୍ୟାୟ ପ୍ରଦାନ କରିବା ତାଙ୍କର ଦ୍ୱିତୀୟ ଲକ୍ଷ୍ୟ । ଘରୋଇ ହିଂସା ଓ ପାରିବାରିକ କନ୍ଦଳକୁ ଆପୋଷ ବୁଝାମଣା ସୂତ୍ରରେ ସମାଧାନ କରିବା ତାଙ୍କର ତୃତୀୟ ଲକ୍ଷ୍ୟ ।

ପ୍ରୀତିପର୍ଣ୍ଣା ଜୀବନ ସାରା ଚର୍ଚ୍ଚିତା ରହିଛନ୍ତି । ଆଜି ବି ସେ ବେଶ୍ ଚର୍ଚ୍ଚିତା । କିନ୍ତୁ ଏ ଚର୍ଚ୍ଚା ଭିନ୍ନ ଏକ ଗୌରବର ଗାଥା ଗାଏ ।

ତୁମେ ପ୍ରୀତିପର୍ଣ୍ଣା ରଖିଗଲ ଯେଣୁ
ଏ ମାଟି ମାଆର ମାନ
ତୁମ ପ୍ରସଂଶାରେ ଶତମୁଖେ ପରା
ଜନତାର ଜୟ ଗାନ । ।

ଉପ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ଭଦ୍ରକ ସର୍କଲ
ଦୂରଭାଷା-୯୯୩୭୨୧୮୧୮୪୬

 Magazine Downloaded from www.aahwaan.com

# ଅଭିଯୋଗ



ଅନସୂୟା ପଣ୍ଡା

"ଆମେ ସପ୍ତାହେ ପାଇଁ ଶିମଲା ଯାଉଛୁ, ଛୁଟି କଟାଇବା ପାଇଁ । ଆମ ତୁଳସୀ ଗଛରେ ଟିକେ ପାଣି ଦେଇଦେବ, ନହେଲେ ଗଛ ଶୁଖିଯିବ ।... ଆଉ ତମେ କୁଆଡ଼େ ବୁଲି ଯିବ ନା ନାଇଁ ?" ତୁଳସୀ ଗଛ କୁଣ୍ଡଟାକୁ ଆମ ଘାର ସାମନାରେ ରଖିଦେଇ ପଡ଼ିଶାଘରର ସ୍ୱପ୍ନା ପଚାରିଲା । "ନା ଆମେ ଏ ଛୁଟିରେ କୁଆଡ଼େ ଯିବୁନି" କହି ତା ତୁଳସୀ ଗଛ କୁଣ୍ଡକୁ ନେଇ ବାଲକୋନୀରେ ରଖିଲା ନୀଳିମା ।

ସ୍ୱପ୍ନାର ଏଇ ଦୁଇବର୍ଷ ହେବ ବାହାଘର ହୋଇଛି, ପିଲାପିଲି ହୋଇନାହାନ୍ତି । ଗତ ଦଶହରା ଛୁଟିରେ ସେମାନେ ଶିରିଡ଼ି ସାଇ, ସିଦ୍ଧି ବିନାୟକ, ଖଣ୍ଡାଲା, ଶନି ସିଙ୍ଗାରପୁର୍ ଆଦି ବୁଲି ଯାଇଥିଲେ । ବୁଲାବୁଲି କରି ଫେସବୁକରେ ଫଟୋ ପକାଇବା ସ୍ୱପ୍ନାର ବଡ଼ ସଉକ । ତା ସ୍ୱାମୀ ମଧ୍ୟ ତାକୁ ଖୁବ୍ ଭଲ ପାଆନ୍ତି, ତା'ର ସବୁ କଥା ରଖନ୍ତି ।

ଗତକାଲି ସନ୍ଧ୍ୟାରେ ଲିଫ୍‌ଟରେ ଅନିମା ସହ ଦେଖା ହୋଇଥିଲା, ସେ ଓ ତା'ର ପରିବାର ଦକ୍ଷିଣ ଭାରତ ଭ୍ରମଣରେ ଆଜି ଯାଉଛନ୍ତି । ଗତ କାଲିଠୁ ଧାନକଟା ଛୁଟି ଆରମ୍ଭ ହୋଇଛି, ସମସ୍ତେ ନିଜ ପରିବାର ସହ ନୂଆ ନୂଆ ଯାଗା ଯାଇ ଛୁଟି କଟାଉଛନ୍ତି, ନିଜ ପରିବାର ସହ ସମୟ ବିତାଉଛନ୍ତି । ନୂଆ ନୂଆ ଅନୁଭବରେ ଜୀବନକୁ ଉପଭୋଗ କରୁଛନ୍ତି । ହେଲେ ତୁଷାରଙ୍କୁ ଅଫିସ କାମରୁ ଫୁରସତ୍ ନାହିଁ । ଅଫିସ କାମ ତାଙ୍କର କେବେ ସରେନି । ଯେବେ ଅଫିସ କାମ ଏତେ ନଥିବ, ତେବେ ନିଜର ବା ନିଜ ପରିବାରର

 Magazine Downloaded from www.aahwaan.com

କାହା ସ୍ୱାସ୍ଥ୍ୟ ବା ଅନ୍ୟ କୌଣସି ସମସ୍ୟା ନେଇ ସେ ଚିନ୍ତିତ ଥିବେ । ଖୁବ୍ କମ ସମୟ ଆମେ ଦୁହେଁ ଭଲରେ କଥା ହେଉ । ନୀଳିମାର ମନ ସବୁବେଳେ ଏଥିପାଇଁ ଦୁଃଖୀ । ତୁଷାର ନା କେବେ ଖୁସିରେ ଶାଢ଼ୀ, ଗହଣା କିଣି ଦେଇଛନ୍ତି ନା ସିନେମା ବା କୌଣସି ଭଲ ଯାଗା ବୁଲେଇବାକୁ ନେଇଛନ୍ତି ।

କେବେ ଜନ୍ମଦିନ କି ବିବାହ ବାର୍ଷିକୀ ପାଳନ କରିବାକୁ ତାଙ୍କର ଆନ୍ତରିକତା ନାହିଁ, କୌଣସିଥିରେ ତାଙ୍କର ମନ ନାହିଁ । ସବୁବେଳେ ଛୋଟ ଛୋଟ କଥାରେ ଚିଡ଼ି ଚିଡ଼ି ହେଉଥିବେ । କେବେ ଦିପଦ ସ୍ନେହବୋଳା କଥା ଶୁଣିବା ସ୍ୱପ୍ନର କଥା ।

କିଛିଦିନ ପରେ ଦିନେ ଉପରବେଳା ବାଲକୋନୀରେ କୁଣ୍ଡରେ ଲଗାଇଥିବା ଫୁଲଗଛରେ ପାଣିଦେବା ବେଳେ ବାହାରେ ଠିଆ ହୋଇ ଗପର ଆସର ଜମେଇଥିବା ପଡ଼ୋଶୀ ସ୍ତ୍ରୀ ଲୋକମାନଙ୍କ କଥାବାର୍ତ୍ତା ଶୁଣିବାକୁ ପାଇଲା । ନୀଳିମା, ସ୍ୱପ୍ନା, ଅନୀମା, ସୁନିତା ତଳେ ଠିଆ ହୋଇ କଥା ହେଉଥାନ୍ତି ।

ସୁନୀତା କହିଲା, "ମୋ ସ୍ୱାମୀ କହିଥିଲେ ଏ ବର୍ଷ ଆମ ବିବାହ ବାର୍ଷିକୀରେ ହୀରାର ହାରଟିଏ ନିଶ୍ଚିତ ଭାବେ ଉପହାର ଦେବେ, ହେଲେ ଠିକ୍ ସମୟରେ ଭୁଲିଗଲେ । ସେଥିପାଇଁ ମୁଁ ଗୋଟେ ସପ୍ତାହ ତାଙ୍କ ସହ କଥା ହେଲିନି । ଏଇ ଗତକାଲି ସନ୍ଧ୍ୟାରେ ତନିଷ୍କରୁ ଯାଇ କିଣିଲୁ, ହେଲେ ବାବୁଙ୍କ ମୁହଁ ବଡ଼ ଗମ୍ଭୀର ।"

ସ୍ୱପ୍ନା କହୁଥାଏ, "ହଁ ପୁରୁଷମାନେ ସେମିତି କଥା ଦିଅନ୍ତି, କିନ୍ତୁ ପରେ କାମର ବାହାନା କରି ଖସିଯାଆନ୍ତି । ଆମର ଇଏ ପରା କଥା ଦେଇଥିଲେ ମୋ ଜନ୍ମଦିନ ଏଥର ପ୍ୟାରିସରେ ପାଳନ କରିବାପାଇଁ, ହେଲେ ଅସଲ ବେଳକୁ ଜରୁରୀ କାମ ଅଛି କହି ଟାଳିବାରେ ଲାଗିଲେ । ଶେଷରେ ରାଗରୁଷା କରିବାକୁ ଶିମଳା ନେଇଗଲେ ।"

 Magazine Downloaded from www.aahwaan.com

ଅନିମା କହିଲା, "ଶେଖର କହିଥିଲେ ତାଙ୍କର ପ୍ରମୋଶନ ହେଲେ ପଞ୍ଚତାରକା ହୋଟେଲରେ ଡିନର୍ ଖୁଆଇନେବେ, ହେଲେ ପ୍ରମୋଶନ ପରେ ସବୁବେଳେ କାମର ଅତ୍ୟଧିକ ଚାପ କହି ଏବେ ଶନିବାର ରବିବାର ଦିନ ମଧ୍ୟ ଅଫିସ ଯାଉଛନ୍ତି ।"

ନୀଳିମା ସବୁବେଳେ ଭାବୁଥିଲା, ଏମାନେ କେତେ ସୁଖୀ ଜୀବନରେ, ସବୁବେଳେ ମନବୁଝି ପ୍ରେମ କଲାପରି ସ୍ୱାମୀ ପାଇଛନ୍ତି, ମନଲାଖି ଖାଉଛନ୍ତି, ପିନ୍ଧୁଛନ୍ତି, ବୁଲି ଯାଉଛନ୍ତି, ଦୁନିଆକୁ ଦେଖାଯିବାପରି ଦୁଃଖ ବୋଲି କଣ କିଛି ନାହିଁ । ଏତେ ପାଇବା ପରେ ମଧ୍ୟ ସେମାନେ ଅସନ୍ତୁଷ୍ଟ ।

ସୁଖର ସଂଜ୍ଞା ସମସ୍ତଙ୍କ ପାଇଁ ସମାନ ନୁହେଁ, କିଏ ଲୁଣ ଭାତରେ ଖୁସି ତ କିଏ କ୍ଷୀରିପୁରୀରେ । ସେମିତି ଦୁଃଖର ସଂଜ୍ଞାମଧ୍ୟ ସମସ୍ତଙ୍କ ପାଇଁ ସମାନ ନୁହେଁ । କିଏ ଖାଇବାକୁ ନ ପାଇ ଦୁଃଖୀ ତ କିଏ ଖାଇସାରି ଜୀର୍ଣ୍ଣ ନ କରିବା ହେତୁ ଦୁଃଖୀ, ଆଉ କିଏ କୌଣସି ଦୁଃସାଧ୍ୟ ବ୍ୟାଧିର କାରଣ ଯୋଗୁଁ ଡାକ୍ତର ବାରଣ କରିଛନ୍ତି ଇଚ୍ଛା ମୁତାବକ ଖାଇବାକୁ ବୋଲି ଦୁଃଖୀ । ସମସ୍ତେ ଅଭିଯୋଗ କରୁଛନ୍ତି, କିଏ ନିରବରେ କରୁଛି ତ କିଏ ବଡ଼ିମା ଦେଖାଇବାକୁ ବାହାରେ କହି ଅଭିଯୋଗ କରୁଛନ୍ତି । ମାତ୍ର ସେଇ ଅଭିଯୁକ୍ତ ଲୋକଟି ସହ ବଞ୍ଚିଥିଲେ, ବଞ୍ଚୁଛନ୍ତି ଆଉ ବଞ୍ଚିଥିବେ । ମାତ୍ର ଯାହା ବର୍ତ୍ତମାନ ଅଛି ସେତିକିରେ ସୁଖୀ ହେବା ବହୁତ କମ ଲୋକ ଜାଣନ୍ତି ।

 Magazine Downloaded from www.aahwaan.com

# ବକ୍ସର



ସୁଧୀର କୁମାର ଦ୍ୱିବେଦୀ

ମୋ ପୁଅ କୁଆଡେ ବକ୍ସିଂରେ ଭଲ ପ୍ରଦର୍ଶନ କରୁଥିଲା । ଏଥିପାଇଁ ସେ ଖଣ୍ଡମଣ୍ଡଳରେ ତାକୁ ସମସ୍ତେ 'ବକ୍ସର' ବୋଲି ବି ଡାକୁଥିଲେ । ତା'ର ପାଠ ଅପେକ୍ଷା ବକ୍ସିଂରେ ଅଧିକ ରୁଚି ଥିଲା । ମୁଁ ତା'ର ଏ ପ୍ରଦର୍ଶନରେ ଯେତିକି ଖୁସି ନ ଥିଲି, ତା ମାଆ ସେତିକି ଅଧିକ ଖୁସି ଥିଲେ । ଦିନେ ଦିନେ ପୁଅ ମୋତେ ବକ୍ସିଂ ଲଢ଼ିବାକୁ ଆହ୍ୱାନ କରୁଥିଲା । ଏଥିରେ ତା ମାଆ ମୋତେ ଲଢ଼ିବାକୁ ପ୍ରକାରାନ୍ତରେ ଉତ୍ସାହିତ କରି କହୁଥିଲେ - ଦେଖିବା, ବାପ ଜିତୁଛନ୍ତି ନା ପୁଅ ! ମୋ ପୁଅ ମୋତେ ଅକ୍ଳେଶରେ ହରାଇ ଦେଉଥିଲା । ମୋ ସ୍ତ୍ରୀଙ୍କ ଛାତି କୁଣ୍ଢେମୋଟ ହୋଇ ଯାଉଥିଲା । ଆଉ କହୁଥିଲେ - ଦେଖିବ, ମୋ ପୁଅ ଦିନେ ନା ଦିନେ ଜଣେ ବଡ ବକ୍ସର୍ ହେବ । ଅଲମ୍ପିକ୍ ମେଡାଲ୍ ଆଣିବ । ଦେଶର ନାଁ ରଖିବ ।

ମୋର କହିବାର କିଛି ନ ଥିଲା । ମୋତେ କିଏ କାହିଁକି ଅସ୍ୱୀକାରବାଦୀ ବୋଲି କହିବ ହୋ !!!

ମୋ ପୁଅର ବକ୍ସିଂ ନିଶା ଦିନକୁ ଦିନ ବଢ଼ି ଚାଲିଥିଲା । ମ୍ୟାଚ୍, ରିଂ, ଫାଇଟ୍, ସ୍କୋର୍, ରୋପ୍, ଗ୍ଲୋଭ୍ସ୍ ଆଦି ଶବ୍ଦ ଗୁଡ଼ିଏ ତା ପାଟିରେ ସର୍ବଦା ଲାଖି ରହୁଥିଲା । ତା'ର କୁଆଡେ 'ଯାବ୍', 'ହୁକ୍', 'କ୍ରସ୍' ଆଦି ବକ୍ସିଂର କିଛି କୌଶଳ ଉପରେ ଦକ୍ଷତା ଆସିଯାଇଥିଲା । କେବଳ 'ଅପର୍ କଟ୍' ଟିକେ ହେଉ ନ ଥିଲା । ଆଉ ସେ ଏଥିପାଇଁ ଦିନରାତି ଅଭ୍ୟାସ ଜାରି ରଖି ଥିଲା । ପ୍ରତିଦ୍ୱନ୍ଦୀର ମୁଥରୁ ରକ୍ଷା ପାଇବା ପାଇଁ ସେ କୁଆଡେ ମୁହଁକୁ ସୁନ୍ଦର ଭାବରେ

 Magazine Downloaded from www.aahwaan.com

ଗତିଶୀଳ କରାଇପାରୁଥିଲା । କେତେବେଳେ ଆକ୍ରମଣାତ୍ମକ ଖେଳିବାକୁ ହୁଏ ତ କେତେବେଳେ ଆତ୍ମରକ୍ଷା ମୂଳକ ଖେଳିବାକୁ ହୁଏ, ସେ ଜାଣିଥିଲା । 'ରାବିଟ୍ ପଞ୍ଚ୍', 'କିଡ୍ନୀ ପଞ୍ଚ୍' କେମିତି ଆଇନ ବିରୁଦ୍ଧ, ଅଥଚ 'ଲିଭର ପଞ୍ଚ୍', ଆଇନ ବିରୁଦ୍ଧ ନୁହଁ; ତା ଛଡା ଗୋଡ, ଆଣ୍ଠୁ, କହୁଣୀରେ ପ୍ରତିଦ୍ୱନ୍ଦୀକୁ ଆଘାତ କରିବା ମଧ୍ୟ ଅବୈଧ ବୋଲି ସେ ତା ମାଆ ଓ ଭଉଣୀକୁ ବୁଝାଇ ଦେଉଥିଲା । ବେଳେବେଳେ ଅଗଣାରେ ତା ସାନ ଭଉଣୀକୁ ପ୍ରତିଦ୍ୱନ୍ଦୀ ମନେକରି ବକ୍ସିଂର କିଛି ମାମୁଲି କଳା କୌଶଳ ପ୍ରଦର୍ଶନ କଲାବେଳେ ସେ ଚିତ୍କାର କରିଉଠୁଥିଲା - ହା, ହୁ, ଢିସୁମ୍, ଢ଼ାସୁମ୍

ମୋ ପୁଅ ତା' ସାଙ୍ଗମାନଙ୍କୁ ବକ୍ସିଂ ଲଢ଼ିବା ପାଇଁ ଘରକୁ ଆମନ୍ତ୍ରଣ କରି ଆଣୁଥିଲା । ମାତ୍ର ସେମାନେ ଶୋଚନୀୟ ପରାଜୟ ବରଣ କରୁଥିଲେ । ଏମିତି ସେ ଗୋଟାକ ପରେ ଗୋଟାଏ ପ୍ରତିଯୋଗୀଙ୍କୁ ପରାସ୍ତ କରି ଚାଲିଥାଏ । ମନେ ହେଉଥିଲା ଯେମିତି ଆମ ଜିଲ୍ଲାରେ ଚମ୍ପିଆନ୍ ହେବାକୁ ତାର ଆଉ ବେଶୀ ବାଟ ନାହିଁ ।

ସେ ଦିନ ମୋ ସ୍ତ୍ରୀ ଦୁଃଖିତ ମନରେ ମୋତେ କହିଲେ, ଦେଖ, ପୁଅଟା ଆଉ ବକ୍ସିଂ ଖେଳି ପାରୁନି । କେଡେ ଚଳ ଚଞ୍ଚଳ ପିଲାଟା ! ସବୁବେଳେ ମନ ମାରି ବସୁଛି । ତୁମେ କିଛି ଗୋଟାଏ କର ।

ମୁଁ ଟିକିଏ ପରିହାସ କରି କହିଲି - କାହିଁକି, କଣ ହେଲା ? ତୁମ ଗେହ୍ଲା ପୁଅର ଗୋଡ଼ ହାତ ଭାଙ୍ଗି ଯାଇନି ତ !

ସ୍ତ୍ରୀ ହସି ଉତ୍ତର ଦେଲେ - ଏମିତି କଥା କ'ଣ କହୁଚ ମ ! ଗୋଟେ ବୋଲି ପୁଅ । ତାର ପ୍ଲେ-ଷ୍ଟେସନର ମଦରବୋର୍ଡଟା ପରା ଖରାପ ହୋଇ ଯାଇଛି ।

ମୁଁ ମୁହଁରେ ଅସନ୍ତୋଷ ଓ ବିରକ୍ତିର ଭାବ ଫୁଟାଇ କ୍ଷୋଭଭରା ସ୍ୱରରେ କହିଲି - କଣ

 Magazine Downloaded from www.aahwaan.com

ହେଲାଣି ଆଜିକାଲି ପିଲାଙ୍କ ଅବସ୍ଥା ? ଶହେ ମିଟର ଦୌଡ଼ି ପାରୁନାହାନ୍ତି, ଏକ କିଲୋମିଟର ଚାଲି ପାରୁନାହାନ୍ତି । ପ୍ରକୃତ ମୈଦାନ ଛାଡି କଂପ୍ୟୁଟର, ମୋବାଇଲରେ ଖେଳୁଛନ୍ତି ବକ୍ସିଂ, ଫୁଟବଲ, ସୁଟିଂ, ତୀରନ୍ଦାଜ.... । ଏତିକିରେ ମାଆମାନେ ସ୍ୱପ୍ନ ଦେଖୁଛନ୍ତି ଅଲମ୍ପିକରେ ମେଡାଲ । ବିଶ୍ୱକପ ଫୁଟବଲ ଖେଳିବାର ସମ୍ଭାବନା । କି ବିଡମ୍ବନା !!!

ସ୍ତ୍ରୀ ମୋ କଥା ନ ଶୁଣିଲାପରି ଅଭିନୟ କରି କହିଲେ - ଆଉ ମଦରବୋର୍ଡଟା ବଦଳାଇବା ପାଇଁ ତିନି ହଜାର ଟଙ୍କା ଲାଗିବ, ଦିଅ । ନହେଲେ ବକ୍ସିଂ କେମିତି ଖେଳିବ ଯେ !

ଶାସନ ସାହି, ଦେବଗଡ଼

ଜିଲ୍ଲା: ଦେବଗଡ଼

ମୋ : ୯୪୩୯୯୧୫୪୧୬

 Magazine Downloaded from www.aahwaan.com

# ଚାମଚ



ଧୀରେନ୍ଦ୍ର

ଅଲରା ଜଟ ଚୁଟି ଭିତରେ ଅସନା ମୁହଁଟି ଘୋଡେଇ ହୋଇଯାଇଛି । ଛିଣ୍ଡା ମେକ୍ସି ଖଣ୍ଡେ ପିନ୍ଧିଛି । କୋଉଠୁ ଆସିଛି କେଜାଣି ? ଏଇ କିଛି ଦିନ ହେଲା । କେତେବେଳେ କେମିତି ମୁହଁ କରେ ସେ । ହସେ ତ ଖତେଇ ହୁଏ ତ କଣ କଣ ମୁଖ ଭଙ୍ଗୀ ସେ କରେ । ବେଳେବେଳେ ଚିତ୍କାର କରେ କିଛି ଅବୁଝା ଭାଷାରେ । ହାତରେ ନୂଆ ଚାମଚଟିଏ । ଚାମଚଟିକୁ ରାସ୍ତାରେ ଘୋରି ଏକଦମ ତାମ୍ଫଣ କରି ସାରିଲାଣି ।

ନିର୍ବାଚନ ପ୍ରଚାରରେ ବଣ୍ଟା ଚାଲିଥିଲା ସଭିଙ୍କୁ ଗୋଟେ ଗୋଟେ ଚାମଚ । କେମିତି ତାକୁ ମିଳିଯାଇଥିଲା ଚାମଚଟିଏ । ସେ ଥିଲା ଗୋଟେ ବାୟାଣୀ ।

ଚାମଚ ହେଉଛି ଏକ ରାଜନୈତିକ ଦଳର ଚିହ୍ନ । ସେଇ ଦଳର ସ୍ଥାନୀୟ ମନ୍ତ୍ରୀ ଆସିଛନ୍ତି ତାଙ୍କ ନିଜ ଜିଲ୍ଲାର ଏକ ବ୍ଲକକୁ । ଏକ ସାନ୍ତ୍ୱନା ଶୋକସଭାକୁ ଉଦବୋଧନ ଦେଉଛନ୍ତି । ଧର୍ଷଣ ଓ ହତ୍ୟା ହୋଇଥିବା ମୃତା ଜନୈକା ଯୁବତୀ ମନ୍ତ୍ରୀଙ୍କ ମଣ୍ଡଳୀର ।

ଶାଣିତ ଭାଷଣ । ନାରୀ ମାଆ ଭଗ୍ନୀ ଭାରତୀ ଝାନ୍‌ସୀ ରାଣୀ ତଥା ଅବଳା ଦୁର୍ବଳା ନୁହେଁ ଏମିତି ଅନେକ । ସାଙ୍ଗରେ ତାଳିରେ ପ୍ରକମ୍ପିତ ବଜାର ଛକର ସଭାସ୍ଥଳ । କାହାକୁ ନିଲମ୍ବନ କଲେ, କଣ ପଦକ୍ଷେପ ନେଲେ ସବୁର ବିବରଣୀ । କିନ୍ତୁ ଅପରାଧୀ ପଳାତକ ।

କେବେ ଧରାପଡିବ କହି କିଛି ଚିଲେଇବାକୁ ଲାଗିଲେ । ଧସ୍ତାଧସ୍ତି ଠେଲାପେଲାରେ ହଠାତ୍ ଅଣାୟତ୍ତ ହୋଇଗଲା ସଭା । ପୋଲିସର ବହୁ କଷ୍ଟରେ ଅବସ୍ଥା ଶାନ୍ତ ପଡିଲା ।

 Magazine Downloaded from www.aahwaan.com

ଏ କଣ ହଠାତ୍ ମନ୍ତ୍ରୀ ସଭା ତଳକୁ ଓହ୍ଲାଇ ଭିଡକୁ ଆସୁଛନ୍ତି । ବାଟ ଛାଡିଦେଲେ ସବୁ । ମନ୍ତ୍ରୀ ସିଧାଯାଇ ବସିପଡିଲେ ବାୟାଣୀ ପାଖରେ । ବାୟାଣୀଟି କ୍ଷତାକ୍ତ ରକ୍ତାକ୍ତ । ସାଉଁଟୁଛି କିଛି ରେଜା ପଇସା ଆଉ ବିସ୍କୁଟ ଖଣ୍ଡ । ମନ୍ତ୍ରୀ ନିଜ ଶାଲଟିକୁ ଘୋଡାଇ ଦେଇ ମଥାକୁ ଆଉଁସି ଦେଇ ପାଣି ପିଆଇଲେ । ପିଏଙ୍କୁ ନିର୍ଦ୍ଦେଶ ଦେଲେ ବାୟାଣୀର ଚିକିତ୍ସା ପାଇଁ ।

ପିଏ ଓ ଡ୍ରାଇଭର୍ ନେଇଗଲେ ବାୟାଣୀକୁ ଡାକ୍ତରଖାନା । ମନ୍ତ୍ରୀ ମଞ୍ଚ ଉପରକୁ ଫେରିଗଲେ । ସଭା ସାଧୁବାଦରେ କମ୍ପିଉଠୁଥାଏ । ସମସ୍ତଙ୍କୁ କ୍ୟାଣ୍ଡେଲ୍ ଜଳାଇବାକୁ ମନ୍ତ୍ରୀ ଆହ୍ୱାନ ଦେଲେ ।

ମୃତା ପୀଡିତା ଘରେ ପହଞ୍ଚି ମନ୍ତ୍ରୀ ସମବେଦନା ଜଣାଇଲେ । ବିଧାୟକ ପାଣ୍ଠିରୁ ପଚାଶ ହଜାର ଟଙ୍କା ପ୍ରଦାନ କଲେ । ଅପରାଧୀ ଶୀଘ୍ର ଧରାପଡିବ ବୋଲି ଆଶ୍ୱାସନା ଦେଇ ଫେରିଲେ ନିଜ ଫାର୍ମହାଉସକୁ । ଆଜି ସଂଧ୍ୟା ହୋଇଗଲାଣି । ଆଉ ରାଜଧାନୀକୁ ଫେରିବା ମୁସ୍କିଲ୍ ।

ତ ପିଏ ମନ୍ତ୍ରୀଙ୍କ ଜଙ୍ଗଲସ୍ଥ ନିଜ ଫାର୍ମହାଉସରେ ଖାଇବା ଶୋଇବା ବ୍ୟବସ୍ଥା କରିଛନ୍ତି ।

ଚାଲିଛି ମାଂସ କଷା । ଢଳା ଚାଲିଛି ହ୍ୱିସ୍କି ନେତାଙ୍କ ପ୍ରିୟ ବ୍ରାଣ୍ଡର ।

ମନ୍ତ୍ରୀ ପିଏଙ୍କୁ କହୁଛନ୍ତି - ବୁଝିଲ ସାହୁଏ । (ମଦ ଢୋକେ)

ପିଏ- ଆଜ୍ଞା ।

ମନ୍ତ୍ରୀ - ନିର୍ବାଚନ ଆସୁଛି । ପୂର୍ବରୁ ଏତେ ଟେନ୍‌ସନ୍ । ହାଇକମାଣ୍ଡଙ୍କ ପ୍ରେସର୍ । ମିଡିଆ ।

 Magazine Downloaded from www.aahwaan.com

ଜନତା । ଶଳା ସବୁ ଆଖି ତରାଟିକି ଚାହିଁଛନ୍ତି । ମଣିଷର ଐଶ୍ ଆରାମ ବୋଲି କିଛି ନାହିଁ । ବହୁଦିନ ହେଲାଣି ଦେହଟା କଟମଟ କରୁଛି ।

ପିଏ - ହଁ ଯେ ଆଜ୍ଞା ଏ ଯେଉଁ ଅବସ୍ଥା । ମିଡିଆ ପଛେ ପଛେ । ରାଜଧାନୀରୁ ସୁବିଧା ହେଲାନି । ଆମ ଜିଲ୍ଲାରେ ଗରମ ପୁରା ହତ୍ୟା ଧର୍ଷଣ ପାଇଁ ।

ମନ୍ତ୍ରୀ - ବୁଝିଲ ସାହୁଏ । ତମେ ଜମା ଭିଡକୁ ନୁହଁ । ରାତି କେମିତି କଟିବ ?

ପିଏ - ଆଜ୍ଞା । ଏତେ ବର୍ଷ କାମ କଲିଣି । ମୁଁ କଣ ଜାଣିନି ଆପଣଙ୍କ ଆବଶ୍ୟକତା । ସବୁ ବ୍ୟବସ୍ଥା ହୋଇଛି । ହେ ହେ ହେ ।

ମନ୍ତ୍ରୀ - ସାହୁଏଏଏଏଏ ? ବାୟାଣୀ ନା ? ?

ପିଏ - ଆଜ୍ଞା ଆପଣଙ୍କ ନଜର କଣ ମୋତେ ଅଛପା । ମୁଁ ଡାକ୍ତରଖାନାରୁ ତାକୁ ଗାଡି ପଛରେ ଉଠେଇଛି ପରା ।

ମନ୍ତ୍ରୀ - ଓଃ ସାହୁଏ । କୋଉଠି ?

ପିଏ - ଆଜ୍ଞା ପଛପଟ ଷ୍ଟୋର ରୁମ୍ ରେ । ଚଳେଇ ନିଅନ୍ତୁ ।

ମନ୍ତ୍ରୀ - ସାହୁଏ ମୁଁ ଟିକେ ଫ୍ରେସ ହୋଇ ଆସେ । କହି ମନ୍ତ୍ରୀ ଚାଲିଗଲେ ଷ୍ଟୋର ରୁମ୍ କୁ ।

ହଠାତ ଏକ ଶବ୍ଦ ହେଲା ଷ୍ଟୋରରୁ । ଦୌଡିଗଲେ ପିଏ ଓ ଚେଲା ସବୁ । ଏ କଣ । ପଛପଟ କବାଟ ଖୋଲା । ବାୟାଣୀ ପଳେଇଯାଉଛି ।

ମନ୍ତ୍ରୀ ଛଟପଟ ହେଉଥାନ୍ତି ରକ୍ତାକ୍ତ ହୋଇ ଚଟାଣ ଉପରେ ଅର୍ଧ ନଗ୍ନ ଅବସ୍ଥା ରେ । ନିଶାରେ ବାଉଳେଇ ହେଉଥାନ୍ତି । ଆଉ ମନ୍ତ୍ରୀଙ୍କ ଯୌନାଙ୍ଗ ଭେଦିଥିଲା ଥିଲା ଚାମଚଟିଏ । ଯାହା ତାଙ୍କ ଦଳର ଚିହ୍ନଥିଲା । ବାୟାଣୀ ମାରିଥିଲା ମୋହର ନିର୍ବାଚନର ବହୁ ପୂର୍ବରୁ ।

ଝଜିରୀବାହାଳ । ଅନୁଗୋଳ । ୭୯୦୪୪୫୮୧୪୫

 Magazine Downloaded from www.aahwaan.com

# ଆଜ୍ଞା, ମୁଁ ଭଗବାନ ସାହୁ ଲେଖୁଛି



ଜ୍ୟୋତିରଞ୍ଜନ ସାହୁ

"ଆଜ୍ଞା ମୁଁ ଭଗବାନ ସାହୁ ଲେଖୁଛି । କହିବାକୁ ମୋର ଆଉ ବଳ ନାହିଁ । ସ୍ୱରଟାବି ଥକିପଡିଲାଣି । ସେଥିରେ ପୁଣି ମୋ କଥା ଶୁଣିବାକୁ କେହି ନାହାନ୍ତି । ସେଇଥିପାଇଁ ଆଜି କିଛି ଲେଖିବାକୁ ଚେଷ୍ଟାକରୁଛି । ଆଜିମୁଁ ଲେଖୁଛି ମୋ ମନର କଥା । ମୋ ହୃଦୟର ଭାଷା । ଥର ଥର ହାତଟା ଆଉ ମୋର ବୋଲମାନୁନାହିଁ । ସେହିଥିରେ କାହିଁକି କେଜାଣି ମନ ବାରମ୍ବାର କହୁଛି କିଛି ଲେଖିବାକୁ । ନବେ ବର୍ଷ ବୟସରେ ହାତଟା ଚାଲୁଛି ସେହିଟାହିଁ ପ୍ରଭୁଙ୍କ ଆଶୀର୍ବାଦ । କିଛି ପାପ ବୋଧହୁଏ ମୁଁ କରିଛି । ସେଇଥିପାଇଁ ମୋ ସମୟର ସଂସାର ପାଇଁ ମୁଁ ପାଲଟିଯାଇଛି ଗୋଟିଏ ଯୁଗାନ୍ତର ଶେଷ ଖୁଣ୍ଟ । ବାପା ମା ଭାଇ ଭଉଣୀ କକା ଖୁଡୀ ପତ୍ନୀ ସହପାଠୀ ସମସ୍ତେ ଆର ପୁରକୁ ଚାଲିଗଲେ ସମୟ ଆଉ ସ୍ମୃତିର ଆଶାବାଡିଟାକୁ ମୋ ହାତରେ ଧରାଇଦେଇ । ମୋ ସ୍ମୃତିର କାନ୍ଧରେ ଆଜି ଦଣ୍ଡାୟମାନ ମୋ ସମୟର ବିଗତ ସଂସାର । ଆଜିର ସମୟ ପାଇଁ ମୁଁ ଗୋଟେ ଅଲୋଡା ଅଖୋଜା ସାମଗ୍ରୀଟିଏ । ତିନି ପୁଅ ଆଉ ଚାରିଝିଅ ଥାଉଥାଉ ମୁଁ ଆଜି ବର୍ତ୍ତମାନର ଦୁନିଆଁରେ ପୁରାପୁରି ଏକା । ଏକଦା ନିଜ ସଂସାରର ବୋଝଟା ଉଠାଇ ଉଠାଇ ଆଜି ନିଜେ ସଂସାର ପାଇଁ ଗୋଟିଏ ବୋଝ ପାଲଟି ଯାଇଛି । ବହୁତ ଡର ଲାଗୁଛି ଏକାଏକା । ନବେ ବର୍ଷର ଏ ପରିଚିତ ଦୁନିଆଁଟା ଆଜି କାହିଁକି ମୋତେ ଅଚିହ୍ନା ଅଚିହ୍ନା ଲାଗୁଛି । ପୁଅ ଝିଅ ସମସ୍ତେ ମୋପାଇଁ ଆଉ ମୁଁ ସେମାନଙ୍କ ପାଇଁ ଅଚିହ୍ନା । କାହାକୁ ଆଶ୍ରାକରି ଚାଲିବି ? କାହାକୁ ନେଇ ବଞ୍ଚିବି ? ଏକଦା ମନରେ ଥିବା ମରଣ ଭୟଟା କେଉଁ ଦିନରୁ ପାଶୋରି ସାରିଲିଣି । ଆଜି ମୃତ୍ୟୁ ଖୋଜିଲେବି ସେ

 Magazine Downloaded from www.aahwaan.com

ମୋସହ କାହିଁକି କେଜାଣି ଲୁଚକାଳି ଖେଳୁଛି ? ସମସ୍ତେ କୁହନ୍ତି ମୃତ୍ୟୁଟା ଭୟଙ୍କର ଆଉ ଯନ୍ତ୍ରଣାଦାୟକ । ହେଲେ ମୋତେ ଆଜି କିଏ ପଚାରନ୍ତା କି ! ମୁଁ କହିଥାନ୍ତି ଆଜି ମୋପାଇଁ ମୃତ୍ୟୁଟା ଖୁବ୍ ସୁନ୍ଦର ଆଉ ଆନନ୍ଦଦାୟକ । ଆଜି ମୃତ୍ୟୁଟା ମୋପାଇଁ ଯନ୍ତ୍ରଣା ନୁହେଁ ଜୀବନଟା ଗୋଟିଏ ଯନ୍ତ୍ରଣାପରି ମନେହେଉଛି । ମୃତ୍ୟୁ ତ ଯନ୍ତ୍ରଣାରୁ ମୁକ୍ତିର ବାଟ ମୋପାଇଁ । ସତରେ ଜୀବନଟା ଗୋଟିଏ ମୃଗତୃଷ୍ଣା । ଜୀବନସାରା ଗୋଟିଏ ମିଥ୍ୟାକୁ ନେଇ ମୁଁ ବଞ୍ଚିଥିଲି । ବଞ୍ଚିଥିଲି ଏହି ଆଶାରେ ଯେ ମୁଁ ଯାହାକରୁଛି ମୋ ପରିବାର ପାଇଁ । ଏହିମାନେ ହିଁ ମୋ ବଳ । କିନ୍ତୁ ମୁଁ ଭୁଲ୍ । ଏ ସଂସାରରେ କେହି କାହାରି ନୁହେଁ । ସମସ୍ତେ ଏକାଏକା । ନିଜ ପେଟକାଟି ବଡକରିଥିବା ସନ୍ତାନ ପାଇଁ ମୁଁ ଗୋଟିଏ ଅଯଥା ଖର୍ଚ୍ଚର ବୋଝ । ମୁଁ କଣ ଜାଣିଥିଲି ଯେଉଁ ମାନଙ୍କପାଇଁ ମୁଁ ମୋ ଭାଗର ହସ ସୁଖ ଆରାମ ଆଉ ଆନନ୍ଦକୁ ବଳିଦେଇଛି ସେହିମାନଙ୍କ ପାଇଁ ମୋ ବଞ୍ଚିବାଟା ଦିନେ ଦୁଃଖର କାରଣ ହେବ ବୋଲି । ଦୁନିଆଁର ସବୁ ପୁତ୍ର ଅଜାତଶତ୍ରୁ ହୋଇପାରନ୍ତି କିନ୍ତୁ ପିତା ତ ପିତା । ନା ତାର କାନ୍ଦିବାର ଅଧିକାର ଅଛି ନା ଘୃଣାର । ତା ଜୀବନତ କଟିଯାଏ ଆଲିଙ୍ଗନରେ । କେବେ ପୁତ୍ରକୁ ତ କେବେ ପତ୍ନୀକୁ କେବେ ପୌତ୍ରକୁ ତ କେବେ ପରିଜନଙ୍କୁ ପୁଣି କେବେ ସୁଖକୁ ତ କେବେ ଦୁଃଖକୁ । ପିତା କେବେ ହିସାବ ରଖିନି ତା ତ୍ୟାଗର । ସେତ କେବଳ ହିସାବଟା ଶୁଣିଥାଏ ତା ସନ୍ତାନଙ୍କ ମୁଖରୁ । ସାନବେଳେ ପିଲାମାନେ ନିଜେ କେତେ ଖର୍ଚ୍ଚକଲେ ଆଉ ବଡ ହେଲାପରେ ପିତାଙ୍କ ପାଇଁ କେତେ ଖର୍ଚ୍ଚକଲେ ? ବାଃରେ ସମୟ! ତୋର ହିସାବ ବି ମାନିବାକୁ ପଡିବ । ସବୁ ହିସାବ ଭିତରେ ମୋ ଜୀବନର ହିସାବଟା କାହିଁକି ସାରିଦେଉନି କେଜାଣି ? ଏ ଜୀବନ ରୂପି ମୃତ୍ୟୁକୁ ଆଉ ବଞ୍ଚି ହେଉନି । କେମିତି ବଞ୍ଚିବି ? ନିଜ ହାତରେ ନିଜର ସବୁ କାମ କରିପାରିବା ଭଳି ଯୌବନର ବଳ ଆଉ ମୋ ପାଖରେ ନାହିଁ । କେତେଦିନ ପର ହାତକୁ ଚାହିଁଥିବି । ସାନ ବେଳେ ମୋପିଲାଙ୍କୁ ସିନା ହାତଧରି ଚାଲିବା

 Magazine Downloaded from www.aahwaan.com

ଶିଖାଇଥିଲି, ଖାଇ ନପାରିଲେ କ୍ଷୀରରେ ରୁଟି ଚକୁଟି ଖୁଆଇଦେଉଥିଲି, ପିଲାଙ୍କର ଶୁଖିଲା ମୁହଁରେ ହସ ପାଇଁ ନିଜ ତାଳିପକା ସାର୍ଟଟା ପିନ୍ଧିଦେଇ ନୂଆ ବହି ଖାତା କିଣିବାପାଇଁ ଟଙ୍କା ବଢାଇ ଦେଉଥିଲି; ହେଲେ ଆଜି ମୁଁ ତ ଆଉ ସାନପିଲା ହୋଇଯାଇନାହିଁ ଯେ ସେମାନେ ମୋ ହାତଧରି ଚାଲିବା ଶିଖାଇବେ, ମୋ ପାକୁଆ ପାଟିପାଇଁ ହୋଟେଲର ନାନ୍ ପୁରୀ ବଦଳରେ ହାତ ତିଆରି ନରମ ରୁଟି ଖଣ୍ଡେ କରିଦେବେ, ମୋ ମନର ଖୁସିପାଇଁ ପୁରା ପରିବାର ଏକାଠି ହୋଇଯିବେ ! ସେମାନେ ପରା ଏହା ଭିତରେ ବଡ ହୋଇଗଲେଣି । ଏତେବଡ ହୋଇଗଲେଣିଯେ ମୋତେ ତାଙ୍କ ହାତ ଧରିବାକୁ ଭୟଲାଗୁଛି; ଭୟ ଲାଗୁଛି ତାଙ୍କୁ କହିବାକୁ ଯେ ବାପାରେ ଦେହଟା ଭଲ ଲାଗୁନି; କାଳେ ମୋ ଦେହ ଖରାପ କଥାଟା ଶୁଣି ତାଙ୍କ ମୁହଁରୁ ହସ ଲିଭିଯିବ ! ଭୟ ଲାଗୁଛି କାଳେ ମୋପାଇଁ ଅଧିକ ଖର୍ଚ୍ଚଟା ପିଲାମାନଙ୍କ ଭିତରେ କଳହର କାରଣ ହୋଇଯିବ ! ଭୟ ଭୟରେ ବିତୁଛି ସମୟ । କଣ କରିବି ? କେଉଁଆଡେ ଯିବି ମୁଁ ମୋର ଏହି ବୟସର ଅପରାହ୍ନରେ । ବଡ ପୁଅ କହୁଛି ସାନକୁ ବେଶୀ ଗେହ୍ଲା କରି ତା ପଛରେ ବହୁତ ଟଙ୍କା ସାରିଦେଇଛ ଆଉ ମୋ ଦରକାର ବେଳେ ଟଙ୍କା ଦେଉନ । ସାନ କହୁଛି ଚାକିରି ନାହିଁ ମୋର । ମୁଁ ଘର ଚଳାଇବାକୁ ଟଙ୍କା ଦେଇପାରିବି ନାହିଁ । ମଝିଆଁ ପୁଅଟା ଆଜିକୁ ପନ୍ଦର ବର୍ଷ ହେଲା କାହିଁକି କେଜାଣି ଆଉ କଥା ହେଉନାହିଁ । ଆରେ ନବେ ବର୍ଷର ବୁଢା ଗଛଟା ପାଖରୁ ଆଉ କେତେ ଆଶା କରୁଛ ? ଏ ବୟସରେ ଖାଲି ଯାହା ପେନସନ୍ ରୂପକ ଛାଇ ଟିକିଏ ଛଡା ମୁଁ ଆଉ କଣ ଦେଇପାରିବି ! କାହାକୁ ବେଶୀ ତ କାହାକୁ ଦେବାରେ ଟିକିଏ କମ୍ ହୋଇଯାଇଥିବ । ହଁ ହଁ ସେଇଟା ମୋର ବିରାଟ ଏକ ଅପରାଧ । ଭଲ ହୋଇଛି ବୁଢୀଟା ଆଗ ଚାଲିଯାଇଛି । ନଚେତ୍ ଏମାନେ ତାକୁ ମଧ୍ୟ ହିସାବ ମାଗିଥାଆନ୍ତେ ତା ଛାତିଚିରି ପିଆଇଥିବା କ୍ଷୀରର । ମାଗିଥାଆନ୍ତେ ହିସାବ କାହାକୁ କେତେ କମ୍ ଦେଇଥିଲୁ ଆଉ କାହାକୁ କେତେ ଅଧିକ ପିଆଇଥିଲୁ ! ସତରେ କେତେ

 Magazine Downloaded from www.aahwaan.com

କଷ୍ଟ ପାଇନଥାନ୍ତା ସିଏ ! ମୋ ପିଲାବେଳେ ମୁଁ ଗପଟେ ଶୁଣିଥିଲି । ଗଛ ଆଉ କାଠୁରୀଆ ଗପ । କାଠୁରୀଆର ସୁଖ ପାଇଁ ଫୁଲ, ଫଳ, ପତ୍ର, ଡାଳ ଆଉ ଗଣ୍ଡି ସବୁ ତାକୁ ସମର୍ପିଦେଲା କୌଣସି ଆଶା ନରଖି । ଖାଲି ଯାହା ମୂଳଟା ଥିଲାଯେ ତାକୁବି କାଠୁରୀଆ ଜାଳିଦେଲା ଶୀତରୁ ରକ୍ଷା ପାଇଁ । ସବୁ ସରିଗଲାପରେ କାଠୁରୀଆଟି ଗଛର ମୂଲ୍ୟ ବୁଝିପାରିଲା । ମୋର ବି ଆଜି ଠିକ୍ ସେହି ଗଛର ମୂଳ ପରି ଅବସ୍ଥା । ସେଦିନ କାଠୁରୀଆ ସିନା ବୁଝିଗଲା ଗଛର ମୂଲ୍ୟ କିନ୍ତୁ ଏ ମୂଳଟା ଜଳିଗଲାପରେ ଦୁନିଆଁ ମୂଲ୍ୟଟା ବୁଝିବ ନା ନାହିଁ କେଜାଣି ! କାହିଁକିନା ଆଜି ଏଦୁନିଆଁ  ଶିଖାଇ ଦେଇଛି ମୂଲ୍ୟର ପରିଭାଷା । ଏବେ ମୋ ପିଲାଙ୍କ ଆଖିରେ ମୂଲ୍ୟ ହିଁ ସବୁକିଛି । ତେଣୁ ମୋପରି ଗୋଟିଏ ମୂଲ୍ୟହୀନ ଜୀବର ବଞ୍ଚିବା କେତେ ନା ମରିବା କେତେ ! ତେବେ ସବୁଥିରେ ମୂଲ୍ୟ ଖୋଜୁଥିବା ଆଜିର ପିଢୀ କଣ ଦେଇପାରିବ ମୋ ଅସୁସ୍ଥ ପିଲାଙ୍କପାଇଁ ରାତି ପରେ ରାତି ମୋ ଆଖି ହଜାଇଥିବା ନିଦର ମୂଲ୍ୟ, ଦେଇପାରିବ ଅନ୍ତରର ବେଦନା ଉପରେ ଖେଳିବୁଲୁଥିବା ମିଥ୍ୟା ହସଟାର ମୂଲ୍ୟ, ନିଅଣ୍ଟିଆ ଘରଟାର ବାହାରେ ପତଳା କମ୍ବଳତଳେ ବିତାଇଥିବା ଅସଂଖ୍ୟ ହାଡଭଙ୍ଗା ଶୀତରାତିର ମୂଲ୍ୟ , ସାରାଦିନ ଅନ୍ୟର ଆଦେଶ ଶୁଣିଶୁଣି ରାତିରେ କ୍ଳାନ୍ତ ମନ ଆଉ ଶରୀରଧରି ପିଲାଙ୍କୁ ଦେଇଥିବା ଶିକ୍ଷାର ମୂଲ୍ୟ । ନା ଏହାର କୌଣସି ମୂଲ୍ୟନାହିଁ । କି ମୂଲ୍ୟ ଆକଳନ କରିବେ ଏହାର ଆଜିର ପିଢୀ । ମୂଲ୍ୟଟାତ ସବୁବେଳେ ସ୍ୱାର୍ଥ କୈନ୍ଦ୍ରୀକ । ତେଣୁ ମୋର ଲୋଡା ନାହିଁ ମୂଲ୍ୟ । ମୁଁ ତ ମାଗୁନାହିଁ ଧନ ସମ୍ପତ୍ତି କି ଭୋଗ ବିଳାସ । ମୁଁ ତ ଚାହିଁଥିଲି ଟିକିଏ ହସ ପିଲାଙ୍କ ମୁହଁରେ; ଶୁଣିବାକୁ ଚାହୁଁଥିଲି ମୋ ସହ ପଦିଏ ମିଠାକଥା; ମାଗୁଥିଲି ତାଙ୍କର ବ୍ୟସ୍ତତା ଭରା ଜୀବନରୁ କିଛି ସମୟ ମୋ ସହ ବିତାଇବା ପାଇଁ, ଦରକାର କରୁଥିଲି ମୋ ସନ୍ତାନ ମାନଙ୍କ ପାଖରୁ ତିରସ୍କାର ବଦଳରେ ଟିକିଏ ଆଲିଙ୍ଗନ । ଏହାଛଡା ମୋର ଆଉ କୌଣସି ଅଭିଳାଷା ନାହିଁ ତାଙ୍କଠାରୁ । ନିଜ ହାତ ତିଆରି ମୋ ସ୍ୱପ୍ନର ଘରେ ଆଜି ନିଜେ ମୁଁ

 Magazine Downloaded from www.aahwaan.com

ଶଙ୍କିତ ଭୟଭୀତ ଆଉ ଅପରିଚିତ । ବେଳେବେଳେ ଭାବେ ବୋଧହୁଏ ଭୁଲ ହୋଇଗଲା ସେମାନଙ୍କୁ ପରିଚୟ କରାଇ ଏନ୍ତୁଡିରୁ ଏଦୁନିଆଁ ସହ । ଭୁଲ୍ ହୋଇଗଲା ସାରା ଜୀବନଟା ତାଙ୍କର ମଙ୍ଗଳ କମନା କରିକରି । ଆରେ ନା ନା ! ମୁଁ ପରା ଗୋଟେ ପିତା । ପିତା କଣ କେବେ ନିଜ ସନ୍ତାନର ଅମଙ୍ଗଳ ଚିନ୍ତା କରିପାରେ ! ହେ ପ୍ରଭୁ ! ସେମାନଙ୍କୁ ସୁଖରେ ରଖ । ତାଙ୍କର ଦୁଃଖର ଏହି କାରଣଟାକୁ ଶୀଘ୍ର ଉଦ୍ଧାର କର । ଆରେ ! ଏ କାହାର ଏକ ଅଜଣା ପଦଧ୍ୱନି ମୋ ହୃଦୟ ଶୁଣିପାରୁଛି ! ଏଇଟା ଆଉ ମୁକ୍ତି ନୁହେଁତ ! ହଁ ହଁ ଏଇଟାତ ମୁକ୍ତିର ପଦଧ୍ୱନି । ଏଇଟା ମୁକ୍ତି । ଏଜନ୍ମରୁ ମୁକ୍ତି । ହେ ମୃତ୍ୟୁ ! ମୋତେ ଆଲିଙ୍ଗନ କର । ମୋତେ ଆଲିଙ୍ଗନ କର । ଆଉ ଏହାପରେ ଚିଠି ଲେଖିଥିବା ସେହି ବ୍ୟକ୍ତି ଜଣକ ହାର୍ଟ ଷ୍ଟ୍ରୋକରେ ଚାଲିଗଲେ ବୋଲି ଚିଠି ପଢୁଥିବା ବିକାଶ ବାବୁଙ୍କୁ କହୁଥାଆନ୍ତି ସାହୁ ବାବୁ ।

ବାର ବର୍ଷତଳର ଏହି ସାଇତା ଚିଠିଟା ପଢିସାରିଲା ବେଳକୁ ବିକାଶ ବାବୁଙ୍କ ମନରେ ନିଜ ପରିବାର ପ୍ରତିଥିବା ସମସ୍ତ ଦୁର୍ଭାବନା ଦୂର ହୋଇସାରିଥିଲା । ସେ ନିଜ ଭୁଲ୍ ବୁଝିପାରି ହସିହସି ପୁଣି ତାଙ୍କ ଘରକୁ ଚାଲିଗଲେ । ସେ ଗଲାପରେ ସାହୁବାବୁଙ୍କ ପତ୍ନୀ ତାଙ୍କୁ ପଚାରିଲେ, "କଣ ମେଡିସିନ ଦେଲ ଯେ ବିକାଶ ବାବୁଙ୍କର ସବୁ ରାଗ ଏକାବେଳକେ କେଉଁଆଡେ ଉଭେଇଗଲା ?" ଟିକିଏ ହସିଦେଇ ସାହୁ ବାବୁ କହିଲେ, "ସେହି ମେଡିସିନଟା ଯେଉଁଟା ଜେଜେ ଯିବା ପୂର୍ବରୁ ଆମ ପରିବାରକୁ ଦେଇଯାଇଥିଲେ ।"

ଡି ଆର୍ ଡି ଓ, ଚାନ୍ଦିପୁର

# ଫେସବୁକରେ ପ୍ରେମ



ପ୍ରିୟଙ୍କା ସାହୁ

ସ୍ରଷ୍ଟାଙ୍କ ସୃଷ୍ଟିର ନିୟମ ବଡ ବିଚିତ୍ର । କେତେବେଳେ କାହା ସହ ଆଉ କାହାର ମନକୁ ଯୋଡ଼ି ଦିଅନ୍ତି ସେ ବିଷୟରେ ସାଧାରଣ ମନୁଷ୍ୟଟିଏ ଟେର ପାଇବନି । ସ୍ରଷ୍ଟା ସୃଷ୍ଟିର ଆରମ୍ଭରେ ୬ଟି ଋତୁ ରଚିଲେ କିନ୍ତୁ ଆଜିର ମଣିଷ ସେହି ଷଡଋତୁ ମଧ୍ୟରେ ଆଉ ଗୋଟିଏ ଋତୁକୁ ନିମନ୍ତ୍ରଣ କରିଲେ ଆଉ ତାର ନାଁ ରଖିଲେ ପ୍ରେମଋତୁ । ସାଧାରଣତଃ ଏଇ ପ୍ରେମଋତୁଟି ଇଂରାଜୀ ମାସ ଠିକ୍ ଫେବୃଆରୀ ମାସରୁ ଆରମ୍ଭ ହୋଇଯାଏ । ସେମିତି ଇନ୍ଦ୍ରଧନୁର ସାତରଙ୍ଗ ମଧ୍ୟରେ ମଣିଷ ଅଷ୍ଟମ ରଙ୍ଗର ନାଁ ରଖିଲା ପ୍ରେମରଙ୍ଗ । ମୁଖ୍ୟତଃ ଏଇ ପ୍ରେମରଙ୍ଗଟି ଖୋଲା ଆଖିକୁ ଦେଖାଯାଏନି ସତ କିନ୍ତୁ ହୃଦୟରେ ଅନୁଭବ କରିହୁଏ ।

ଆଜିକାଲିର ଏଇ ଫେସନ ଦୁନିଆର ପିଲାମାନଙ୍କୁ କେତେବେଳେ କେଉଁଠି କାହା ସହ କେମିତି ପ୍ରେମ ହେଇଯାଉଛି ସେକଥା ସେମାନେ ନିଜେ ବି ଜାଣି ପାରୁ ନାହାନ୍ତି । ଆଉ ଏବେ ତ ପ୍ରେମ କରିବା ପାଇଁ କେତେ ନୂଆ ନୂଆ ମାଧ୍ୟମ ମିଳୁଛି ଯେମିତିକି ଫେସବୁକ୍, ହ୍ୱାଟସ୍ଅପ୍ ଇତ୍ୟାଦି ଅନଲାଇନ୍‌ରେ ପ୍ରେମ । ସେକାଳ ପଖାଳ କଣ ଆଉ ଅଛି ଯେ ପ୍ରେମିକଟିଏ ନୀଳ ଲଫାଫାରେ ଗୋଲାପୀରଙ୍ଗର ଅକ୍ଷରରେ ସଜେଇ ଲେଖି ପ୍ରେମିକା ପାଖକୁ ପ୍ରେମପତ୍ରଟିଏ ପଠାଇବ । ଏବେ ତ ଅନଲାଇନରେ ସାଙ୍ଗେସାଙ୍ଗେ ମେସେଜ୍ ଦିଆଯାଉଛି ଆରପଟୁ ତାର ଉତ୍ତର ଆସିଗଲା ତ ଜାଣ ପ୍ରେମର ପ୍ରଥମ ସୋପାନରେ ସଫଳତା ମିଳିଗଲା । ଏବେକାର ଯୋଉ ସ୍ମାର୍ଟ ଛୁଆ ସମସ୍ତଙ୍କ ହାତରେ ବଡ଼ ବଡ଼ ଫୋନ ।

 Magazine Downloaded from www.aahwaan.com

ମୋବାଇଲରେ ବାଲାନ୍ସ ଆଉ ନେଟ୍ ଅଛି ତ ପ୍ରେମ ଜୋରଦାର ଚାଲିଲା । ନେଟ୍ ସରିଗଲା ତ ପ୍ରେମରେ ବ୍ରେକ୍ ଲାଗିଗଲା । ସେମିତି ଗୋଟେ ଫେସବୁକ୍ ପ୍ରେମର ଝଲକ ମୋ ଭାବନା ଭିତରକୁ ପଶି ଆସୁଛି ।

ଏଇ ପ୍ରେମଋତୁ ସମୟମାନେ ଫେବୃଆରୀ ମାସ ପିଙ୍କିର ଫେସବୁକକୁ କେତେ ନୂଆ ନୂଆ ପିଲାମାନେ ବନ୍ଧୁତ୍ୱର ଅନୁରୋଧ / ନିମନ୍ତ୍ରଣ ପଠାଇଥାନ୍ତି । ପିଙ୍କି ଦେଖେ ମାତ୍ର ସେଇ ବନ୍ଧୁତ୍ୱର ନିମନ୍ତ୍ରଣକୁ ଗ୍ରହଣ କରେନି । କାରଣ ପିଙ୍କି ଆଗରୁ ସାଙ୍ଗମାନଙ୍କ ଠାରୁ ଶୁଣିଥାଏ ଯେ ଫେସବୁକ୍‌ର ପିଲାମାନେ କୁଆଡେ ଭାରି ଖରାପ ପିଲାବୋଲି । ଥରେ ଯଦି ସେମାନଙ୍କ ସହ ଦୁଇପଦ ଭଲରେ କଥା ହୋଇଗଲ ଫସେଇ ଦେବେ ତମକୁ । ପୁଣି କିଏ ଚୋରକି ଡାକୁ, କିମ୍ବା ମାଓବାଦୀ ହୋଇଥିବେ ମାତ୍ର ମିଛରେ ନିଜକୁ ସୁନାପିଲା ବୋଲି ଜଣେଇ ହେଉଥିବେ । ତେଣୁ ପିଙ୍କି ସେଇ ଅଜଣା ପିଲାମାନଙ୍କର ବନ୍ଧୁତ୍ୱର ନିମନ୍ତ୍ରଣକୁ ଗ୍ରହଣ କରେନି ।

ମାତ୍ର ବାରମ୍ବାର ଦେଖେ ସେଇ ପିଲାମାନଙ୍କ ମଧ୍ୟରୁ ଗୋଟିଏ ପିଲା ଥାଏ ଯିଏକି ପିଙ୍କିର ନଜରକୁ ନିଜ ଆଡକୁ ଟାଣି ନେଉଥାଏ । ପିଙ୍କି ବାରମ୍ବାର ଦେଖେ ଶାନ୍ତ, କାନ୍ତ, ନମ୍ର, ଭଦ୍ର ପିଲାଟି ପରି ଦୃଶ୍ୟମାନ ତା'ର ଛବି । ଧଳା ପ୍ୟାଣ୍ଟ୍, ସାର୍ଟ ପିନ୍ଧି ଛାତ ଉପରର ଗୋଟିଏ କଣରେ ଦଣ୍ଡାୟମାନ ହୋଇଥିବାର ଫଟୋଟିଏ ଦେଇଥାଏ ତା'ର ଫେସବୁକରେ । ସତେ ଯେମିତି କେଉଁ ଭାବନାରେ ହଜି ଯାଇଛି ସେ । ତା'ର ସରଳ ମୁହଁକୁ ଦେଖିଲେ ପିଙ୍କିର ହୃଦବୋଧ ହୁଏକି ଏ ପିଲାଟି ନିଶ୍ଚିତ ଗୋଟେ ଭଲ ପିଲା ହୋଇଥିବ । ତେଣୁ ପିଙ୍କି ସେଇ ପିଲାଟିକୁ ନିଜ ବନ୍ଧୁତା ତାଲିକାରେ ସ୍ଥାନ ଦେଲା ।

ଏମିତି କିଛିଦିନ ଗଲା ପରେ ସେ ପିଲାଟି ତା ନିଜ ଆଡୁ ମେସେଜ ପଠାଇଲା ।

 Magazine Downloaded from www.aahwaan.com

- ହାଏ !

ପିଙ୍କିର ଉତ୍ତର ଥିଲା - ତୁମ ନାଁ କ'ଣ ?

ମୋ ନାଁ ଶିବାନନ୍ଦ ।

ଶିବାନନ୍ଦ - ତୁମ ନାଁ କଣ ?

ପିଙ୍କି - ମୋ ନାଁ ପିଙ୍କି ।

ବାସ ଆରମ୍ଭ ହୋଇଗଲା ଭାବର ଆଦାନ ପ୍ରଦାନ । ବେଶ୍ କିଛିଦିନ ଯାଏ ବନ୍ଧୁତ୍ୱ ଜାରି ରହିଲା । ଶିବାନନ୍ଦର କଥାବାର୍ତ୍ତା ଓ ଚିନ୍ତାଧାରାରୁ ପିଙ୍କି ଅନୁଭବ କରୁଥାଏ ପିଲାଟି ଖରାପ ହୋଇନଥିବ । ଦିନେ ଶିବାନନ୍ଦ ତା ଫେସବୁକରେ ଗୋଟେ ଫଟୋ ଛାଡିଲା । ସେଇ ଫଟୋଟିକୁ ଦେଖି ପିଙ୍କି ଡରିଗଲା । ସାଙ୍ଗେସାଙ୍ଗେ ଶିବାନନ୍ଦକୁ ପଚାରିଲା - ଭାଇ ତୁମେ କିଏ ?

ସେପଟୁ ଉତ୍ତର ଆସିଲା ମୁଁ ଜଣେ ଶିକ୍ଷକ । ମାତ୍ର ଏଇ କଥାଟିକୁ ପିଙ୍କି ଜମା ବି ଗ୍ରହଣ କରି ପାରୁନଥାଏ । କାରଣ ସେଇ ଫଟୋରେ ପୁଳାଏ ଦାଢି ସାଙ୍ଗକୁ ବିରାଡିଆ ନିଶ ହଳେ ଓ ମୁଣ୍ଡକୁ ଆବୃତ କରିରଖିଛି କଳାରଙ୍ଗର ଟୋପିଟି । ପିଙ୍କି ତ ଭୟାଳୁ ସ୍ୱଭାବର ଝିଅଟି ତେଣୁ ତା'ର ଧାରଣା ଥାଏ ଯେ ଦାଢି ନିଶ କେବଳ ଚୋର ଡକାୟତମାନେ ହିଁ ରଖନ୍ତି । ସେଇଦିନଠୁ ପିଙ୍କି ଶିବାନନ୍ଦକୁ ଭୟ କରିଲା ତା'ର କେଉଁ ମେସେଜର ଉତ୍ତର ଦେଲା ନାହିଁ । ପିଙ୍କି ଭାବୁଥାଏ ସାଙ୍ଗମାନେ ଯାହା କହୁଥିଲେ ଠିକ ବୋଧେ । ଏଇ ଫେସବୁକ୍ ପିଲା ସହ କାହିଁକି ବନ୍ଧୁ ବାନ୍ଧିଲି କେଜାଣି ।

ମାତ୍ର ଶିବାନନ୍ଦ ପିଙ୍କି ମନ ମଧ୍ୟରେ ଥିବା ସନ୍ଦେହକୁ ଅନୁଭବ କରିପାରିଲା । ତେଣୁ ଆହୁରି ଅନେକ ଗୁଡିଏ ଫଟୋ ପିଙ୍କିକୁ ପଠାଇଲା । ସେଇସବୁ ଫଟୋରେ ଶିବାନନ୍ଦ

 Magazine Downloaded from www.aahwaan.com

କୁନିକୁନି ପିଲାମାନଙ୍କୁ ପଢାଉଛି । କିଛି ପିଲାମାନେ ମଧ୍ୟ ଶିବାନନ୍ଦ ସହଖୁସିର ମୁହୂର୍ତ୍ତ ଗୁଡିକୁ ଫଟୋ ମାଧ୍ୟମରେ ସାଇତି ରଖିଛନ୍ତି । ତା'ର ସେଇ ନିଶଦାଢିଥିବା ମୁହଁକୁ ଦେଖି କାଇଁ ପିଲାମାନେ ଡରୁନାହାଁନ୍ତି ତ । ଏଥର ପିଙ୍କି ପଚାରିଲା ତେବେ ତୁମେ କଣ ସତରେ ଜଣେ ଶିକ୍ଷକ ?

ଶିବାନନ୍ଦ କହିଲା ଫେସବୁକରେ ଥିବା ସବୁ ପିଲାମାନେ ଖରାପ ନୁହନ୍ତି କିମ୍ବା ମିଛର ସାହାରା ନେଇ ବଞ୍ଚନ୍ତି ନାହିଁ । ଆଉ ହଁ ମୁହଁରେ ନିଶ କି ଦାଢି ରହିଲେ କେହି ମାଓବାଦୀ ହୋଇଯାଏନି । ସୁନ୍ଦର ରୂପଧାରୀ ଅନେକ ଖରାପ ଲୋକ ଏଇ ସମାଜରେ ଅଛନ୍ତି କେବଳ ମୁହଁକୁ ଦେଖି କାହାର ହୃଦୟକୁ କଳନା କରାଯାଇ ପାରେନା । ହଁ ଆଗରୁ ଦେଇଥିବା ଫଟୋଟି ମୋର ପୁରୁଣା ଫଟୋ । କାର୍ଯ୍ୟବ୍ୟସ୍ତତା ଯୋଗୁଁ ମୁଁ ସବୁବେଳେ ଫଟୋ ଅପଲୋଡ଼ କରେନି । ଏବେ ତୁମ ଇଚ୍ଛା ମୋ ସହ ବନ୍ଧୁତା ରଖିପାର ନଚେତ୍ ଏଇ ବନ୍ଧୁତ୍ୱର ଡୋରିକୁ କାଟିଦେଇପାର ।

ପିଙ୍କି ଭାବୁଥାଏ ଅଜଣା ଅଚିହ୍ନା ପିଲାଟି କେମିତି ଏତେ ଭଲ ବନ୍ଧୁ ହୋଇଗଲା । ଆଉ ଆଜି ସେଇ ସମ୍ପର୍କ ଏତେ ନିବିଡ ହୋଇଯାଇଛି ଯେ ବିନା ମୋବାଇଲରେ ସେଇ ସମ୍ପର୍କରେ କିଛି ବି ତିକ୍ତତା ଆସୁନି । ସେଇ ବନ୍ଧୁତ୍ୱର ସମ୍ପର୍କରେ ଏକ ନୂଆ ରଙ୍ଗ ଲାଗି ଜୀବନ ସାଥୀରେ ପରିଣତ ହେବାକୁ ଯାଉଛି ।

ସତରେ ଫେସବୁକ ତୁମକୁ ଧନ୍ୟବାଦ ।

ସାହାନିଆଜ ପୁର , କଟକ

 Magazine Downloaded from www.aahwaan.com

# ସଂପର୍କର ଖିଅ



କୁମୁଦ ଛନ୍ଦ୍ର ଦଳେଇ

ଘର ଭିତରେ ଚଉକି ଉପରେ ବସି ଖବର କାଗଜ ଉପରେ ଆଖି ବୁଲାଉ ବୁଲାଉ, ହଠାତ୍ ଦାଣ୍ଡ କବାଟଟା ଖଟ୍ ଖଟ୍ ଶବ୍ଦ ହେବାକୁ ଲାଗିଲା । ଶବ୍ଦ ଶୁଣି ବିରକ୍ତିଭରା କଣ୍ଠରେ ପଚାରିଲେ ଆର୍ତତ୍ରାଣ ବାବୁ, "କିଏ ? ...କିଏ ଡାକୁଛ ?" ଉତ୍ତର ଶୁଭିଲା, "ମୁଁ ମହେଶ ବାବୁ, ଆପଣଙ୍କ ପଡୋଶୀ ।" କଣ୍ଠସ୍ୱରରୁ ଯେମିତି ତାଚ୍ଛଲ୍ୟଭରା ବ୍ୟସ୍ତତା ବାରି ହୋଇ ପଡୁଥିଲା । ଆର୍ତ୍ତତ୍ରାଣ ବାବୁ କାଳ ବିଳମ୍ବନକରି ଖବର କାଗଜ ଉପରୁ ଦୃଷ୍ଟି ଫେରାଇ ଆଣି, କବାଟ ଖୋଲି ଦେଖନ୍ତି ତ ଦ୍ୱାର ସମ୍ମୁଖରେ ଛିଡ଼ା ହୋଇଛନ୍ତି ପଡ଼ୋଶୀ ମହେଶ ବାବୁ, ଏବଂ ତାଙ୍କ ଠାରୁ କିଛି ଦୂରରେ ଠେକୁଆ ହୋଇ ତିନି ମୁଣ୍ଡରେ ବସିଥିଲେ ଜଣେ ବୟସ୍କ ଲୋକ । ତାଙ୍କ ବେଶଭୁଷାରୁ ଯାହା ଜଣାଯାଉଥିଲା ସେ ଜଣେ ପାଗଳପ୍ରାୟ । ପେଟପର୍ଯ୍ୟନ୍ତ ଲମ୍ବି ଯାଇଥିବା କଁରିଆ ପାଚିଲା ବାଳ ଗୁଡ଼ିକ ପୁଷ୍ଟି ଓ ରକ୍ଷଣ ଅଭାବରୁ ବିଶୃଙ୍ଖଳିତ, ମୁଣ୍ଡବାଳ ଗୁଡ଼ିକ ଧୂଳି ଧୂସରରେ ପୂର୍ଣ୍ଣ, ଆଜନ୍ମରୁ ତୈଳ ସହ ତାଙ୍କର ସାକ୍ଷାତ ବି ହୋଇନାହିଁ । ଆଖି ଦୁଇଟିରେ ପୋଶେ ପୋଶେ ଚାଉଳ ଭରିଲେ ଚାଉଳ ନଅଁଟ ପଡ଼ିପାରେ । ପୁଙ୍ଗୁଳା ଶରୀରରେ ଦୁଇଶହ ଛଅ ଖଣ୍ଡ ଅସ୍ଥି ନିର୍ଭୁଲ ଭାବେ ଗଣି ହୋଇଯିବ । ପୋଷାକ କଥା ନ କହିଲେ ଭଲ । ହାତ ବୁଲାଇ ଆଣିଲେ ହାତ ପାପୁଲିରେ ମେଞ୍ଚେ ବହଳର ମଳି ନେସି ହୋଇଯିବ । ନିତମ୍ବ ଯୁଗଳ ତାଙ୍କୁ ଘୋଡାଇ ରଖିଥିବା ବସ୍ତ୍ର ବାଟଦେଇ ବାହାରର ଦୃଶ୍ୟ ଉପଭୋଗ କରୁଛନ୍ତି । ଦୃଶ୍ୟ ଓ ଶ୍ରାବ୍ୟ ବେନି ଅଙ୍ଗ ଅଚଳପ୍ରାୟ ।

ତାଚ୍ଛଲ୍ୟ କରି ମହେଶ ବାବୁ କହିଲେ, "ଏ ବ୍ୟକ୍ତି ଜଣକ ଆପଣଙ୍କ ନିଜଲୋକ ବୋଲି

 Magazine Downloaded from www.aahwaan.com

ପରିଚୟ ଦେବାସହ ଆପଣଙ୍କୁ ସାକ୍ଷାତ କରିବାକୁ ଆପଣଙ୍କ ଠିକଣା ପଚାରୁଥିଲେ, ତେଣୁ ମୁଁ ତାଙ୍କୁ ହାତଧରି ନେଇ ଆସିଲି ।" ଏତିକି କହି ମହେଶ ବାବୁ ନିଜ କାମରେ ଚାଲିଗଲେ । କିଛି ସମୟ ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କରିବା ପରେ ଆର୍ତ୍ତତ୍ରାଣ ବାବୁ ଲୋକଟିର ପରିଚୟ ଜାଣିବାର ଅବକାଶ ରହିଲା ନାହିଁ । ସେ ଦୃଢ ନିଶ୍ଚିତ ହୋଇଗଲେ ଯେ ସେ ଲୋକଟି ଆଉ କେହି ନୁହେଁ, ତାଙ୍କୁ ପିଠିରେ ବୋହି ଆଣିଥିବା, ତାଙ୍କ ଶରୀରର ରକ୍ତର ଗନ୍ଧ ବାହାରୁଥିବା ତାଙ୍କ ନିଜ ବଡଭାଇ । ଏଭଳି ରୁଗ୍‌ଣ, ଜରାଜୀର୍ଣ୍ଣ, ସର୍ବହରା ରୂପକୁ ଦେଖି ଆର୍ତ୍ତତ୍ରାଣ ବାବୁ ତାଙ୍କ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ, ତାଙ୍କ ନିଜ ବେନିନୟନରୁ ଧାର ଧାର ହୋଇ ବୋହି ଚାଲିଲା ଅଶ୍ରୁର ଧାରା ଶ୍ରାବଣ । ପୁଣି ସାମାଜିକ ଆତ୍ମସମ୍ମାନ ଦୃଷ୍ଟିରୁ ତାଙ୍କ ଭାଇ ଉପରେ କ୍ରୋଧର ଛାପ ମଧ୍ୟ ବାରି ହୋଇପଡୁଥିଲା । ନିରୁପାୟ ହୋଇ ପାଦଧୁଳିକୁ ମୁଣ୍ଡରେ ମାରି କଇଁକଇଁ କାନ୍ଦିବାକୁ ଲାଗିଲେ ଆର୍ତ୍ତତ୍ରାଣବାବୁ । କୋହଭରା କଣ୍ଠରେ ନିଜକୁ ଧିକ୍କାର କରି କହିଲେ, "ତୁମର ଏ ପ୍ରକାର ଅବସ୍ଥା ଆଜି ମୋତେ ଦେଖିବାକୁ ପଡ଼ିଲା ।" ହାୟରେ ବିଧାତା... ! ! ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ ବଚସାକୁ ନେଇ ତୁମେ ଘର ଦ୍ୱାର ଚାକିରୀ ବାକିରି ଛାଡ଼ି ଚାଲିଗଲ ଯେ ଗଲ ଆଉ ଫେରିଲ ନାହିଁ । ଦୀର୍ଘ ପନ୍ଦର ବର୍ଷ ଭିତରେ ତୁମର ପରିବାରର କେହିବି ତୁମର ମନେ ପଡ଼ିଲେ ନାହିଁ । କି ଦୋଷ କରିଥିଲେ ଅଜ୍ଞାନ ଶିଶୁ ଗୁଡ଼ାକ ? ତାଙ୍କୁ ଯଦି ଦାଣ୍ଡର ଭିକାରୀ କରିବାର ଥିଲା, ବେଘର, ବେସାହାରା କରିବାର ଥିଲା, ସେମାନଙ୍କୁ ସଂସାରକୁ ଆଣୁଥିଲ କାହିଁକି ?" ନିଜ ବଡ଼ଭାଇଙ୍କୁ ବହୁତ ଧିକ୍କାର କରିଥିଲେ ଆର୍ତ୍ତତ୍ରାଣ ବାବୁ । କାଷ୍ଠ ପାଷାଣ ପରି ସବୁ ଶୁଣି ନିରବି ଯାଇଥିଲେ ବଡ ଭାଇ । ଶେଷରେ ଦୀର୍ଘ ଶ୍ୱାସଟିଏ ମାରି ବଡ ଭାଇ ସଙ୍କୋଚ ଭରା କଣ୍ଠରେ କହିଲେ, "ହଉ ଛାଡ଼ ସେ କଥା; ଯାହା ହେବାର ଥିଲା ହେଲା ମୁଁ ବର୍ତ୍ତମାନ ତୋ ପାଖକୁ ଆସିବାର ଉଦ୍ଦେଶ୍ୟ ହେଲା, ବୟସର ତାଡନାରେ ମୋର ଆଖି ଦୁଇଟି ଦୃଷ୍ଟିର ଆଡୁଆଳରେ, ପରଳ ମାଡ଼ିଗଲାଣି

 Magazine Downloaded from www.aahwaan.com

ବୋଧେ ମୋତେ ଜମା ଦେଖାଯାଉନି କି ଶୁଣା ଯାଉନି, ଏମିତି ଅଣ୍ଡାଳି ଅଣ୍ଡାଳି ଆଉ କେତେ ଦିନ ଚାଲିବି, ଭାରି କଷ୍ଟ ହେଉଛି, ଏଣେତେଣେ ଝୁଣ୍ଟି ଖଣ୍ଡିଆ ଖାବରା ହେବାକୁ ପଡୁଛି, ଭାବୁଥିଲି ତୋର ଚେଷ୍ଟାରେ ଯଦି ଆଖି ଦୁଇଟିରୁ ପରଳ କାଢି ହୁଅନ୍ତା, ଅନ୍ତତଃ ପକ୍ଷେ ବାକି ଜୀବନଟା ସୁବିଧାରେ  କଟି ପାରନ୍ତା, ଭଲରେ ଯିବା ଆସିବା କରି ପାରନ୍ତି, ସେହି ଆଶା ବାନ୍ଧି ମୁଁ ତୋ ପାଖକୁ ଚାଲି ଆସିଛି, ମୋତେ ଟିକିଏ ସାହାଯ୍ୟ କରି ପାରିବୁ ?

ଘର ଭିତରେ କବାଟ ପାଖ ଗବାକ୍ଷ ସେପଟେ ଆଢୁଆଳରେ ଆର୍ତ୍ତବାବୁଙ୍କର ସ୍ତ୍ରୀ ପ୍ରଭାମୟୀ ଏସବୁ ଦୃଶ୍ୟ ପୂର୍ଣ୍ଣ ନିଘାକରି ଏକଲୟରେ ଦେଖୁଥିଲେ । ଘର ଭିତରେ ଥାଇ ଚାପା ଗଳାରେ କହିଲେ, “ହଁ ଏଠାରେ ଅନାଥ ଆଶ୍ରମ ଅନ୍ନଛତ୍ର  ଖୋଲା ହେଇଛି ତ, ଯିଏ ଯେତେବେଳେ ଆସିବ ଖାଇବ ରହିବ, ଏବଂ ଦେହପା କରିବ । ଭାଇ ପ୍ରତି ଯଦି ଏତେ ପ୍ରେମ ଆଉ କେଉଁଠି ଘର ଭଡ଼ା କରି ରହିବ ଯାଅ ।” ମୁଁ ଭଲରେ ଭଲରେ କହି ଦେଉଛି, ତାଙ୍କୁ ଏଠୁ ବିଦା କରିବାର ବ୍ୟବସ୍ଥା କର ନତୁବା ମୁଁ ଭୁଲିଯିବି ତୁମେ ମୋର ସ୍ୱାମୀ ବୋଲି ।” ନିଜ ପିଲାଛୁଆ କଥା ବୁଝିବାକୁ ତ ପାଖରେ କାଣି କଉଡ଼ିଟିଏ ନାହିଁ, ଭାଇ ସୁଆଗ ଦେଖଉଛ କାହିପାଇଁ । ନିଜ ଘର କଥା ଛାଡ଼ି ପରପାଇଁ ଏତେ ଦରଦକିଆଁ,... ଆଖୁକୁ ମାରି ଗବକୁ ପାଣି ମଡାଇବାକୁ ମନ ଉଚ୍ଛୁଳି ପଡୁଛି । ନିଜ ସ୍ତ୍ରୀଙ୍କ ମୁଖରୁ ଏପରି କେଇପଦ ନିଷ୍ଠୁର ବଚନ ଶୁଣିସାରିବା ପରେ ଆର୍ତ୍ତତ୍ରାଣବାବୁ ନିଜର କ୍ରୋଧ ସମ୍ବରଣ କରିପାରିଲେ ନାହିଁ । ଘର ଭିତରକୁ ଯାଇ ନିଜ ସ୍ତ୍ରୀଙ୍କ ଉପରକୁ ହାତ ଉଠାଇବାପାଇଁ ଉଦ୍ୟତ୍ ହେବା ସମୟରେ ତାଙ୍କ ବିବେକ ତାଙ୍କୁ ବାଧାଦେଲା, କ୍ରୋଧକୁ ପ୍ରସମିତ କରି ନରମିଗଲେ ସେ, ଲୋକେ ବୋଲିବେ କଣ ? ତଥାପି ସ୍ତ୍ରୀଙ୍କ ପାଟି ବନ୍ଦ ହେଲାନାହିଁ । ସେ ଚାଲି ଆସିଲେ ବାହାରକୁ, ଦାଣ୍ଡ ଘର ଚଉକି ଉପରେ ବସି ଚିନ୍ତାକରିବାକୁ ଲାଗିଲେ । ଭାଇ ଯଦି ଏକଥା ଶୁଣି ପାରୁଥାନ୍ତେ କଣ ଭାବନ୍ତେ, ଏ ଦୁନିଆଁରେ ସମସ୍ତେ ସ୍ୱାର୍ଥପର, ସ୍ୱାର୍ଥ ଆଗରେ ସମ୍ପର୍କର କୌଣସି ମୂଲ୍ୟ ନଥାଏ,

 Magazine Downloaded from www.aahwaan.com

ସବୁ ମିଛିମିଛିକା ସମ୍ପର୍କ । ନିଜ ସ୍ତ୍ରୀକୁ ବୁଝାଇବାକୁ ଚେଷ୍ଟାକଲେ ଆର୍ତ୍ତତ୍ରାଣ ବାବୁ, ଦେଖ ମୋ ସହ ରକ୍ତର ସମ୍ପର୍କ ଥିଲା ବୋଲି ସିନା ସେ ସମାଜର ଅନ୍ୟମାନଙ୍କୁ ଛାଡ଼ି ମୋ ପାଖକୁ ଚାଲି ଆସିଲେ ସେ ପର ହେଲେ କିପରି ? ସେ ଯଦି ପର ତା'ହେଲେ ନିଜର କିଏ ? ତୁମ ଘର ପରିବାର, ଆମ ଘର ପରିବାର ସମସ୍ତେ ଆମର ନିଜର କେହି ବି ପର ନୁହନ୍ତି ପରସ୍ପରର ପରସ୍ପରପ୍ରତି ଅଧିକାର ଓ କର୍ତ୍ତବ୍ୟ ରହିଛି, ଏହା ହିଁ ସମ୍ପର୍କର ଖିଅ । ଜଣଙ୍କ ଅସହାୟ ସମୟରେ ସହାୟ ହେଲେ ସେ ସହଯୋଗର ମୂଲ୍ୟ ଥାଏ । କିନ୍ତୁ ସ୍ତ୍ରୀ ପ୍ରଭାମୟୀ ତାଙ୍କ ଜିଦରେ ଅଟଳ ଅଚଳ । କିଂକର୍ତ୍ତବ୍ୟ ବିମୁଢ଼ ଆର୍ତ୍ତତ୍ରଣବାବୁ ପୁଣି ଭାବିବାକୁ ଲାଗିଲେ, ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି,ତେଣୁ ବୁଝି ବିଚାରି କାର୍ଯ୍ୟ କରିବାଟା ବୁଦ୍ଧିମତ୍ତାର ପରିଚୟ । ନିଜର ମୁରବୀପଣିଆକୁ ଜାହିରକଲେ ପରସ୍ପର ମଧ୍ୟରେ ଅସହଯୋଗର ପାଚେରୀ ଠିଆ ହେବାର ସମ୍ଭାବନାକୁ ଏଡାଇ ହେବନାହିଁ । ଯାହାର ଫଳ ମାନସିକ ଚାପ ବ୍ୟତୀତ ଆଉ କିଛି ନୁହେଁ । ସ୍ତ୍ରୀଙ୍କ ଜିଦି ଆଗରେ ସେ ପାଲଟିଗଲେ ଏକ ପ୍ରକାର ପରାଜିତ ସୈନିକ । ଅଶ୍ରୁ ବିଗଳିତ ଆଖି ଦୁଇଟିକୁ କୌଣସି ମତେ ବୁଝାଇ ଶୁଝାଇ ଭାଇଙ୍କୁ ସହାୟତା କରିବାର ନିଷ୍ପତିର ଦୋ ଛକିରେ ଦଣ୍ଡାୟମାନ ହୋଇଗଲେ ଆର୍ତ୍ତତ୍ରାଣବାବୁ । ନିଷ୍ପତିକୁ ସମୟ ଉପରେ ଛାଡ଼ିଦେଇ ଭାଇଙ୍କ ପାଖକୁ ଆସି ହାତ ଧରି ଉଠାଇ ନେଇ ଚାଲିଗଲେ ଘର ଭିତରକୁ । ଆସନଟିଏ ପକାଇ ତାଙ୍କୁ ବସାଇଦେଇ କହିଲେ, ମୁଁ କିଛି ଖାଇବା ଆଣୁଛି ତୁମେ ଆଗ ଦି'ଟା ଖାଇନିଅ ତାପରେ ଯାଇ କଥାହେବା ।" ପୁଣି ଘର ଭିତରକୁ ଯାଇ କହିଲେ ଭାଇଙ୍କ ପାଇଁ କିଛି ଖାଇବା ହବକି ? ସ୍ତ୍ରୀ ଉତ୍ତର ଦେଲେ, "ହଁ ମୋତେ ଆଗରୁ ବରାତ କରିଥିଲତ.... ! ତେଣୁ ମୁଁ ରାନ୍ଧିବାଢ଼ି ରଖିଦେଛି ।" ଅନ୍ୟ ଉପାୟ ନପାଇ ନିଜେ ଆର୍ତ୍ତତ୍ରାଣ ବାବୁ ନିଜପାଇଁ ପ୍ରସ୍ତୁତ ହୋଇଥିବା ଖାଦ୍ୟରୁ କିଛି ଥାଳିରେ ବାଢ଼ିଆଣି ଭାଇଙ୍କ ପାଖରେ ପହଞ୍ଚି ହାତ ଧୋଇ ଖାଇବାକୁ କହିଲେ ଏବଂ ପାଖରେ ବସି

 Magazine Downloaded from www.aahwaan.com

କହିଲେ ଭାଇନା, "ମୁଁ କାଲି ଏକ ଜରୁରୀ କାମରେ ବାହରକୁ ଯାଉଛି ଫେରୁ ଫେରୁ ସାତଦିନ ଲାଗିଯିବ ତେଣୁ ଗୋଟାଏ କାମ କର କେମିତି କଣ ସପ୍ତାହେ ରହିବାର ବ୍ୟବସ୍ଥା କର ଓ ମୋର ଟେଲିଫୋନ୍ ନମ୍ବରଟି ରଖ, ସାତଦିନ ପରେ ତୁମେ ଏହି ନମ୍ବରରେ ଯୋଗାଯୋଗ କରିବ, ମୁଁ ନିଜେ ଯାଇ ତୁମକୁ ସାକ୍ଷାତ କରିବି କହି ଭୁଲ ନମ୍ବରଟିଏ ପ୍ରଦାନ କରି ନିଜକୁ ଦୋଷୀକରି ପରିସ୍ଥିତିର ଚାପରେ ଭାଇଙ୍କୁ ବିଦା କରିବାଙ୍କୁ ଏକ ପ୍ରକାର ବାଧ୍ୟ ହୋଇଥିଲେ ଆର୍ତ୍ତତ୍ରାଣବାବୁ । କଥାରେ ନାହିଁ "ଅଜାଗା ଘା' ଦେଖି ହୁଏନାହିଁ କି ଦେଖାଇ ହୁଏନାହିଁ । ଏଣେ ମାଇଲେ ଗୋ ହତ୍ୟା ତେଣେ ମାଇଲେ ବ୍ରହ୍ମହତ୍ୟା ।" ଏଇତ ଆଜିର ସଭ୍ୟ ସମାଜର ପାରିବାରିକ ବ୍ୟବସ୍ଥା । ସ୍ୱାର୍ଥ ଆଗରେ ସମ୍ପର୍କରେ କିଛି ମୂଲ୍ୟ ନଥାଏ । ଅର୍ଥ ହିଁ ଅନର୍ଥର କାରଣ ସାଜିଥାଏ । ଦେବା ନେବାର ସମ୍ପର୍କ ଆଗରେ ଆନ୍ତରିକତା, ଭଲ ପାଇବା, ମୂଲ୍ୟହୀନ ହୋଇଯାଏ । ଲୋକ କଥାରେ କହନ୍ତିନି, "ଦେଉଥିବା ଯାକ ନେଉଥିବି ସୁନ୍ଦର ମୁହଁକୁ ଚାହୁଁଥିବି, ଅଭାବ ପଣରେ ଦେଇନ ପାରିଲେ ମୁହଁକୁ ଫେରେଇ ଚାଲିଯିବି ।" ତେଣୁ ଏହିପରି ସାମାଜିକ ବ୍ୟବସ୍ଥା ଭିତରେ ଆର୍ତତ୍ରାଣ ବାବୁ ସେଥିରୁ ବଞ୍ଚିତ ହେବେ ବା କିପରି ? ଭାଇଙ୍କୁ ଘରୁ ବିଦା କରିଦେଲେ ସିନା ତାଙ୍କ ଉପରେ ଏକ ବିରାଟ ପାହାଡ଼ ଲଦି ହୋଇ ପଡ଼ିଲାପରି ସେ ଅନୁଭବ କଲେ । ଭାରାକ୍ରାନ୍ତ ମାନସିକ ଚାପରେ ସେ ଉବୁଟୁବୁ ହେବାକୁ ଲାଗିଲେ, ସବୁ ସାମର୍ଥ୍ୟ ଥାଇ ସୁଧା ପରିସ୍ଥିତିର ଚାପରେ ସହାୟତା କରିବାର ସାମର୍ଥ୍ୟକୁ ସେ ହରାଇ ବସିଛନ୍ତି । କିନ୍ତୁ ବଡ ଭାଇଙ୍କ ଜୀବନ ଦର୍ଶନକୁ ଆପଣାଇ ନେଇ ନାହାନ୍ତି ଆର୍ତତ୍ରାଣ ବାବୁ । ଚୋର ମା ଦୁଆର ଦେଇ କାନ୍ଦିଲା ପରି, ମାନସିକ ଭାରାକ୍ରାନ୍ତ ଜୀବନ କଟାଇ ସମ୍ପର୍କର ଖିଅକୁ ଯୋଡିବାର ପ୍ରୟାସ ଜାରୀ ରଖିଛନ୍ତି ସେ । କର୍ତବ୍ୟର ବୋଝକୁ ମୁଣ୍ଡାଇ ଚାଲିବା ଭିତରେ ଭୁଲ୍ ଠିକ୍ ବାଛିବାର ନିଷ୍ପତିରେ ପହଞ୍ଚି ପାରିନାହାନ୍ତି ଆର୍ତ୍ତତ୍ରାଣବାବୁ ।

 Magazine Downloaded from www.aahwaan.com

# ମଙ୍ଗଳସୂତ୍ର



ନୂତନକୁମାର ବେହେରା

ଭାବି ଚାଲିଛି ଶୁଭ୍ରଜିତ୍, ତା ଭାବନାର ଅନ୍ତ ନାହିଁ । ଆଜି ସେ ଏକାଏକା ବଞ୍ଚିବାରେ ଅଭ୍ୟସ୍ତ ହୋଇ ଯାଇଛି । ପାଞ୍ଚବର୍ଷ ଆଗରୁ ଛାଡ଼ି ଆସିଥିବା ସେ ଅତୀତଟା ଏମିତି ଭାବେ ତାକୁ ଜାବୁଡ଼ି ଧରିବ, ତାହା ସେ କେବେ କଳ୍ପନା କରି ନଥିଲା କି ସ୍ୱପ୍ନ ମଧ୍ୟ ଦେଖି ନଥିଲା । କାରଣ ତନ୍ମୟୀ ତାକୁ ଛାଡ଼ପତ୍ର ଦେଇ ଚାଲିଗଲା ପରେ ସେ ବଞ୍ଚିଛି କି ମରିଛି, ନିଜେ ସୁଦ୍ଧା ଜାଣେନା । ଖାଉଛି ପିଉଛି ଜୀଅନ୍ତା ଶବଟିଏ ହୋଇ ବଞ୍ଚିଛି । ମରୁଭୂମିର ବାଲିସ୍ତୁପ ଉପରେ ନାଚୁଥିବା ମରୀଚିକା କଣ ତା ଜୀବନରେ ରଙ୍ଗ ଭରି ଦେଇପାରିବ ? ଏମିତି କେତେ କଣ ଭାବି ଚାଲିଛି ଶୁଭ୍ରଜିତ୍ । ଦିନେ ଯେଉଁ ତନ୍ମୟୀ ତା ପାଇଁ ସାରା ଦୁନିଆ ସାଥେ ଲଢ଼େଇ କରି ଗୋଟାପଣେ ନିଜର କରି ନେଇଥିଲା ତାକୁ, ଏମିତି ଭାବରେ ତାକୁ ଭର୍ତ୍ସନା କରି ମିଛ ସନ୍ଦେହରେ ଛାଡ଼ପତ୍ର ଦେଇ ଚାଲିଗଲା କେମିତି ? ଯେଉଁ ଶୁଭ୍ରଜିତ୍‌ପାଇଁ ବାପାମାଆ ଭାଇଙ୍କ ପାଖରେ ସାତଦିନ ନିର୍ଜଳ ଉପବାସ କରି ତାଙ୍କୁ ରାଜି କରିଥିଲା ଆଉ ଶେଷରେ ବାଧ୍ୟ ହୋଇ ସେମାନେ ଉଭୟଙ୍କ ବାହାଘର ଅତି ଧୁମ୍‌ଧାମରେ କରି ଦେଇଥିଲେ । ସେମାନେ ଯେତେ ବୁଝାଇଲେ ବି ସେ କିଛି ନବୁଝି ନିଜ ତରଫରୁ ଛାଡ଼ପତ୍ର ଦେଇଛି । ବିଚରା ଶୁଭ୍ରଜିତ୍ ମରିବାର ଉପକ୍ରମ କରି ମଧ୍ୟ ମରିପାରିନି, ନିଜ ପରିବାର ବାପା ମାଆ ପାଇଁ କେବଳ ବଞ୍ଚିଛି, ତା'ର ଭଲପାଇ ବିବାହ କରିବା ଯଦି ଭୁଲ୍ ହେଲା, ସେଥିରେ ଅନ୍ୟ କାହାକୁ ଦାୟୀ କରିବ କାହିଁକି ? ତା'ର ଅନ୍ତରାତ୍ମା ତାକୁ ବାରମ୍ବାର ଚେତାଇ ଦେଉଥାଏ, ଆରେ ତନ୍ମୟୀ ତୋର ପ୍ରେମିକା, ତା'ପରେ ତୋର ସ୍ତ୍ରୀ, ସେ ଏମିତି ଏକ ଭୁଲ ନିଷ୍ପତି ନେଇ ଚାଲିଗଲା ବୋଲି ତୁ ଦୁନିଆଁ ଛାଡ଼ି ଚାଲିଯିବୁ,

 Magazine Downloaded from www.aahwaan.com

ମଦପିଇ ମାତାଲ ହେବୁ, ବାପାମାଆ ଯେଉଁମାନେ ତୋତେ ଏତୁଟିଏରୁ ଏତେଟିଏ କରିଛନ୍ତି, ସଂସାର ଆଲୁଅ ଦେଖାଇ ମଣିଷ ପରି ମଣିଷ କରିଛନ୍ତି, ଏତେ ବଡ଼ ପଦରେ ଅଧିଷ୍ଠିତ କରିଛନ୍ତି, ସେମାନଙ୍କ ଅପରାଧ କଣ ?

ତାଙ୍କୁ ଉପେକ୍ଷା କରିବା କଣ ଠିକ୍ ? ତା ଛଡ଼ା ନିଜ ଶ୍ରମସାଧନ ବଳରେ ଯେଉଁ ଉଚ୍ଚପଦର ଅଧିକାରୀ ହୋଇଛୁ, ତା'ର କଣ କିଛି ମୂଲ୍ୟ ନାହିଁ? ତୋର ଦାୟିତ୍ୱ କର୍ତ୍ତବ୍ୟ ମନେପକା....., ଅନ୍ତରାତ୍ମାର ନିର୍ଦ୍ଦେଶ ଶୁଣି ଶୁଭ୍ରଜିତ ସବୁ ସମ୍ଭାଳି ନେଇଛି ସତ କିନ୍ତୁ ଛାଡ଼ପତ୍ର ଦେଲାପରେ ବି, ଏ ପାଞ୍ଚବର୍ଷ ଜଳବିନା ମାଛପରି ଛଟପଟ ହେଉଛି ଖାଲି ନିଜ ଭିତରେ । ବଞ୍ଚିବାର ମୋହ ତା'ର ଆଉ ନାହିଁ, ବଞ୍ଚିଛି କେବଳ ଅନ୍ୟମାନଙ୍କୁ ମହକାଇବା ପାଇଁ । ଭିତରେ ଭିତରେ ଭାଙ୍ଗି ଯାଇଥିଲେ ବି ଉପରକୁ ଦୃଢ ହୋଇ ରହିଛି । ଏ ସହିଷ୍ଣୁତାର ମହତ ପରିଚୟ । ଏଇ ବିଶେଷ ଗୁଣ ପାଇଁ ବୋଧହୁଏ ଆଜି ସେ ଓ. ଏ. ଏସ୍. ଭଳି ଉଚ୍ଚପଦର ଅଧିକାରୀ ।

ହଠାତ ଡାକ୍ତରବାବୁଙ୍କ ଉପସ୍ଥିତି ଶୁଭ୍ରଜିତ୍‌ଙ୍କୁ ଭାବନାର ନିଦ୍ରାରୁ ଜାଗ୍ରତ କରିଦେଲା । ଇତସ୍ତତଃ ହୋଇ ପଡିଲେ ସେ । ସାନ୍ତ୍ୱନା ଦେଇ ଡକ୍ଟର୍ ସାର୍ କହିଲେ, ବ୍ୟସ୍ତ ହେବାର କିଛି ନାହିଁ, ମ୍ୟାଡାମ୍ ଏବେ ଠିକ୍ ଅଛନ୍ତି, ଆଉ କେଇ ଘଣ୍ଟା ଭିତରେ ସେନ୍‌ସ ଫେରି ଆସିବ । ଆପଣ ଚାହିଁଲେ ଆଜି ହିଁ ମ୍ୟାଡାମ୍‌ଙ୍କୁ ସାଥିରେ ନେଇ ଯାଇପାରିବେ । ଏତିକ କହି ସେ ଚାଲିଗଲେ ।

ଏ କଣ ତନ୍ମୟୀ ପୁଣି ମୋ ସାଥିରେ, ନା ଅସମ୍ଭବ । ସେଦିନର ସେ ପବିତ୍ର ବନ୍ଧନ କି ମଧୁର ସମ୍ପର୍କ ଆଜି ଆଉ କିଛିବି ନାହିଁ । ଦୀର୍ଘ ପାଞ୍ଚବର୍ଷର ବ୍ୟବଧାନ ଭିତରେ ସେ ତନ୍ମୟୀଙ୍କୁ ବହୁତ ଖୋଜିଛି, ମାତ୍ରା ଏତେ ବଡ ଦୁନିଆଁରେ ଯା' ଠିକଣା ଥରେ ହଜିଯାଏ ତାକୁ ମନେମନେ ଭାବି ହୁଏ ସତ ହେଲେ ଖୋଜିଲେ ମିଳେନା । ନୂଆକରି ଏ ସହରକୁ ବଦଳି

 Magazine Downloaded from www.aahwaan.com

ହୋଇ ଆସିଲା ପରେ ଏଠି ତାଙ୍କର ଆଜିକୁ ପାଞ୍ଚଦିନ । ଅଫିସ୍ ଟୁରରୁ ଫେରୁଫେରୁ ଦୁର୍ଘଟଣା ସ୍ଥାନରେ ଅଟକି ଯାଇଥିଲା ଶୁଭ୍ରଜିତ୍ ଆଉ ସେଇଠି ହିଁ ସେ ଆବିଷ୍କାର କରିଥିଲେ ତନ୍ମୟୀଙ୍କୁ, ମୁମୂର୍ଷୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡିଥିଲେ । ହଠାତ୍ ତନ୍ମୟୀଙ୍କୁ ଏ ଅବସ୍ଥାରେ ଦେଖି ସଙ୍ଗେ ସଙ୍ଗେ ନେଇ ଆସିଥିଲେ ଏଠାକାର ନାମୀ ନର୍ସିଂହୋମ୍‌କୁ । ଶୁଭ୍ରଜିତ୍ ତନ୍ମୟୀଙ୍କର ତତ୍ତ୍ୱାବଧାନ କରିଛନ୍ତି ନିଜର ପତ୍ନୀ ଭାବରେ ନୁହେଁ, ଜଣେ ସଚେତନ ନାଗରିକ ଭାବେ ସେ କେବଳ ତାଙ୍କ କର୍ତ୍ତବ୍ୟ ତୁଲାଇଛନ୍ତି । ଏବେ ତନ୍ମୟୀଙ୍କ ସେନ୍‌ସ ଫେରିଆସିବ । ଆଖି ଖୋଲି ଶୁଭ୍ରଜିତ୍‌ଙ୍କୁ ଦେଖିଲେ କଣ ଭାବିବେ । କି ଉତ୍ତର ଦେବ ସେ । ବିଚଳିତ ହୋଇ ଉଠିଲା ଶୁଭ୍ରଜିତ୍ । ବହୁ ପୂର୍ବରୁ ସେ ତ ତାଙ୍କ ଠିକଣା ଅନୁସନ୍ଧାନ କରି ଏ ଖବର ଜଣାଇ ଦେଇଛି । ଅଳ୍ପ ସମୟ ଭିତରେ ସେମାନେ ଆସିଯିବେ । ତନ୍ମୟୀଙ୍କ ସ୍ୱାମୀ ମଧ୍ୟ ଆସିପାରନ୍ତି । ଏବେ ବି ତନ୍ମୟୀ ସଜଫୁଟା ଗୋଲାପ ପରି ଝଟକୁଛନ୍ତି । ନା, ତାଙ୍କ ବିଷୟରେ ଆଉ କିଛି ଅଧିକ ଭାବିବା ତା'ର ଉଚିତ ନୁହେଁ । ଏବେ ସେ ଆଉ କାହାର..

ଗୋଟାଏ ଦୀର୍ଘଶ୍ୱାସ ପରେ ଆଗକୁ ପାଦ ବଢାଇ ଦ୍ୱାର ଖୋଲୁଖୋଲୁ ଶୁଣିଗଲା, ଶୁଭ୍ର, ତୁମେ... ପଛକୁ ଫେରି ଚାହିଁ ଦେଖିଲେ ତନ୍ମୟୀଙ୍କ ଚେତା ଫେରିଆସିଛି ଆଉ ସେ ତାଙ୍କୁ ଆଖିଠାରି ପାଖକୁ ଡାକୁଛନ୍ତି ।

ଶୁଭ୍ରଜିତ ଯନ୍ତ୍ରବତ୍ କିଂକର୍ତ୍ତବ୍ୟବିମୁଢ଼ ହୋଇ ଅଜାଣତରେ ତନ୍ମୟୀଙ୍କ ପାଖରେ ବସି ପଡ଼ିଲେ । ଆଖି ଆଖିର ଚାହାଣୀରେ ଅନେକ ଅତୃପ୍ତ ଭାବନାର ଉତ୍ତଳ ତରଙ୍ଗ, ଓଠ ଥରଥର । ପଦୁଟିଏ କଥା କାହା ପାଟିରୁ ସ୍ଫୁରୁନଥାଏ । ଦୁହେଁ ଏକଲୟରେ ଦୁହିଁଙ୍କୁ ଚାହିଁଥାନ୍ତି । ଯୁଗଯୁଗର ନିଦ୍ରା ଭାଙ୍ଗି ଏ ଚାରିଆଖି ବୋଧହୁଏ ଜାଗି ଉଠିଛି । ନୀରବତା ଭିତରେ ଉଭୟ ଉଭୟଙ୍କୁ ନିଜ ଭିତରେ ଖୋଜି ପାଇଲେ । ବରଫ ପରି ଧିରେ ଧିରେ ତରଳି

 Magazine Downloaded from www.aahwaan.com

ଯାଉଥାଏ ତାଙ୍କର ମାନ ଅଭିମାନ, ଛାଡପତ୍ର ହୋଇଥିବା କଥା । ଉଭୟଙ୍କ ଆଖିରୁ ଝରି ପଡୁଥାଏ ଅମାନିଆଁ ଲୁହ ଧାରଧାର... ଅନେକ ସମୟ ପରେ ପ୍ରକୃତିସ୍ଥ ହୋଇ ଶୁଭ୍ରଜିତ୍ ତନ୍ମୟୀଙ୍କ ଆଡକୁ ଚାହିଁ ଦେଖିଲେ, ତାଙ୍କ ସୀମନ୍ତର ସିନ୍ଦୂର ଦାଉଦାଉ ଜଳୁଛି, ଗଳାରେ ଚହଟି ଉଠୁଛି ମଙ୍ଗଳସୂତ୍ର... ତନ୍ମୟୀ ବୁଝିଗଲେ ଶୁଭ୍ରଙ୍କର ମନ ଗହନର କଥା । ଓଠ ଥରାଇ ଭ୍ରୂକୁଞ୍ଚନ କରି ଖନି ଖନି ଖଣ୍ଡବାକ୍ୟରେ କହି ଚାଲିଲେ, ଶୁଭ୍ର ଏ ତ ତୁମହାତର ଦିଆ ସିନ୍ଦୂର, ଆଜିଯାଏଁ ମୁଁ... ଆଉ ଏ ମଙ୍ଗଳସୂତ୍ର ବି ତୁମ ଉପହାର... ତୁମକୁ ସନ୍ଦେହ କରି ଦୂରେଇ ଯାଇଥିଲି, ଆଜି ତୁମେ ନ ଥିଲେ ଏ ଦୁନିଆଁରୁ... ନା, ଚିହିଁକି ଉଠି ତନ୍ମୟୀଙ୍କ ମୁହିଁରେ ପାପୁଲି ରଖି ଶୁଭ୍ରଜିତ୍ କହିଲେ, ସେ ଅଶୁଭ କଥା ଆଉ କୁହନା । ତନ୍ମୟୀ କହି ଉଠିଲେ, ସତରେ ମୁଁ ତୁମ ଭଲପାଇବା ପାଇ ବାର ଯୋଗ୍ୟା ନୁହେଁ । ଛାଡପତ୍ର ଦେଲା ପରେ ବି ମୋ ପ୍ରତି ତୁମର ସେହି ଅନୁରାଗ, ଟିକେ ବି କମି ନାହିଁ । ମୁଁ ସିଷ୍ଟରଙ୍କ ଠାରୁ ଶୁଣିଛି । ମୋତେ ତୁମେ ମରଣ ମୁହଁରୁ ଫେରାଇ ଆଣିଛ । ସେ କଥା ଆଉ କୁହନା, ତୁମେ ତୁମ ଭୁଲ ସୁଧାରି ନେଇଛ । ତାହା ହିଁ ଆମ ପାଇଁ ଯଥେଷ୍ଟ । ସେ ସମୟ ହୁଏତ ଆମପାଇଁ ଠିକ୍ ନଥିଲା । ତୁମ ସିନ୍ଦୂର ଆଉ ମଙ୍ଗଳସୂତ୍ର ଆଜି ଛାଡପତ୍ରକୁ ଛିଡାଇ ଦେଇ ପୁଣିଥରେ ଆମ ହୃଦୟକୁ ଯୋଡି ଦେଇଛି । ଏ ମଙ୍ଗଳସୂତ୍ର ଆମ ସମ୍ପର୍କକୁ ଏମିତି ବାନ୍ଧି ରଖିଥିବ ଜୀବନର ଶେଷ ଯାଏଁ...

କେବିନ ଭିତରକୁ ତନ୍ମୟୀଙ୍କ ବାପାମାଆ ଭାଇଭାଉଜ ପଶି ଆସିଲେ । ଦୁହିଁଙ୍କ ପୁନର୍ମିଳନ ଦେଖି ଖୁସିରେ ଆତ୍ମହରା ହୋଇ ଉଠିଲେ । ସମସ୍ତଙ୍କ ମୁହିଁରେ ଫୁଟି ଉଠିଲା ହୃଦୟ ଭରା ହସ । ସତେକି ଅମାବାସ୍ୟାର ଘନଅନ୍ଧାରରେ ଉଇଁଆସିଲା ପୁନେଇଁ ଚାନ୍ଦ ।

କୋହି, ଗଡିଆ, ମୟୂରଭଞ୍ଜ

ଦୂରଭାଷ :-୯୯୩୮୫୫୭୮୭୧

 Magazine Downloaded from www.aahwaan.com

# ମୋ ପିଲାଦିନର ସ୍ମୃତି



ଶ୍ରୀ ରମା କାନ୍ତ ମିଶ୍ର

## ଅଁଳା ନବମୀ ମୋ ସ୍ମୃତି

ଆଜି ୨୦୧୮ ନଭେମ୍ବର ୧୭ ତାରିଖାରେ ଏ ବର୍ଷର ଅଁଳ ନବମୀ । ଶ୍ରୀ ରାଧାଙ୍କ ପାଦ ଦର୍ଶନ ସାକ୍ଷୀଗୋପାଳଙ୍କ ମନ୍ଦିରରେ । ଅନେକ ଭିଡ ହୁଏ ଭକ୍ତ ମାନଙ୍କର ଏ ଦିନରେ । ଏହା ଏକ ଅତ୍ୟନ୍ତ ପବିତ୍ର ଦିବସ । ମୋର ମନେ ପଡୁଥିଲା ୧୯୬୫ ମସିହାରେ ଅଜାଙ୍କ ସାଙ୍ଗରେ ଯାଇ ପ୍ରଥମେ ଏହି ଦିନରେ ଶ୍ରୀ ରାଧାଙ୍କ ପାଦ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲି । ଆମେ ମାନେ ରହୁଥିଲୁ ଜାମଶେଦପୁରରେ ତେଣୁ ଓଡ଼ିଶାର ପର୍ବପର୍ବାଣୀ ସମ୍ବନ୍ଧରେ ବିଶେଷ ଜ୍ଞାନ ନଥିଲା । ୧୯୬୫ରେ ହାୟର୍ ସେକେଣ୍ଡାରୀ ସାରିବା ପରେ ମୁଁ ଯାଇଥିଲି ବଡ଼ ମାମୁଁ ଶ୍ରୀଯୁକ୍ତ ନୃସିଂହ ଚରଣ ଦାସ ଚୌଧୁରୀଙ୍କ ଘରକୁ । ତାଙ୍କ ସରକାରୀ ଘର ଟାଇପ VI ଭୁବନେଶ୍ୱର କ୍ଲବ୍ ପଛପଟକୁ ଥିଲା । ମୁଁ ଯାଇଥିବା ବେଳକୁ ଆମ ଅଜା ଶ୍ରୀଯୁକ୍ତ ଗୋପୀନାଥ ଦାସ ଚୌଧୁରୀ ମଧ୍ୟ ସେତେବେଳେ ତାଙ୍କ ବଡ଼ ପୁଅ ପାଖରେ ଥିଲେ । ଅଁଳା ନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀ ରାଧାଙ୍କର ପାଦ ଦର୍ଶନ ହୁଏ ବର୍ଷକରେ ଥରେ । ଏକଥା ମୁଁ ସେତେବେଳେ ଜାଣୁ ନଥିଲି । ଆମ ନିଜ ଗାଁ ଶ୍ରୀ ରାମଚନ୍ଦ୍ରପୁର ଶାସନ କିନ୍ତୁ ଆମେ ସବୁ ଗାଁ ବିଷୟରେ ଅନଭିଜ୍ଞ ଥିଲୁ କାରଣ ପିଲା ଦିନରେ ଥରେ କି ଦୁଇ ଥର ଯାଇଥିଲୁ । ଅଁଳା ନବମୀ ଦିନ ମୁଁ ମାମୁଙ୍କ ଘରେ ଥିଲି । ଅଜା ସେ ଦିନ ମତେ ସକାଳୁ ଉଠାଇଲେ ଆଉ କହିଲେ ଚାଲଯିବା ସାକ୍ଷୀଗୋପାଳ ରାଧାଙ୍କ ପାଦ ଦର୍ଶନ କରିବା ପାଇଁ । ମୁଁ ତାଙ୍କ ସାଙ୍ଗରେ ବାହାରି ଥିଲି । ଯେବେକାର କଥା ଲେଖୁଛି ସେତେବେଳେ ଭୁବନେଶ୍ୱର ଅତି ଛୋଟ ଥିଲା । ଭୁବନେଶ୍ୱର କ୍ଲବରୁ ସିଧା ମାଷ୍ଟରକ୍ୟାଣ୍ଟିନକୁ ଯାଇ ହେଉ

 Magazine Downloaded from www.aahwaan.com

ଥିଲା । ଏତେ ବିଶାଳ କୋଠାବାଡି କି ରାସ୍ତାମାନ ନଥିଲା । ଅଜା ଆମର ବହୁତ ଜୋରରେ ଚାଲି ପାରୁଥିଲେ । ସେ ଶୀଘ୍ର ବାହାରି ଯାଉଥିଲେ ମୋ ଠାରୁ । ତାଙ୍କ ସହିତ ତାଳ ଦେବା ପାଇଁ ମତେ ଦୌଡିବାକୁ ପଡୁଥିଲା । ଆମେ ଯାଇ ଭୁବନେଶ୍ୱର ଷ୍ଟେସନରେ ପହଂଚି ପୁରୀ ଲୋକାଲ ଟ୍ରେନରେ ଯାଇ ସାକ୍ଷୀଗୋପାଳ ମନ୍ଦିରରେ ପହଂଚିଥିଲୁ । ସେତେବେଳେ କିନ୍ତୁ ଏତେ ଭିଡ ହେଉ ନଥିଲା । ମୁଁ ମନ ପୁରାଇ ଶ୍ରୀ ରାଧାଙ୍କର ପାଦ ଯୁଗଳକୁ ଦର୍ଶନ କରିଥିଲି । ବିଶୁଦ୍ଧ ଓଡ଼ିଆଣୀ ବେଶରେ ଶ୍ରୀ ରାଧାଙ୍କର ସେ କଳା ମୁଗୁନି ପଥରର ପ୍ରତିମା ଅତି ଜୀବନ୍ତ ଲାଗୁଥିଲେ । ଜୀବନରେ ପ୍ରଥମ ଶ୍ରୀ ରାଧାଙ୍କର ଦର୍ଶନ କରି ମୁଁ ସେ ଦିନ ଧନ୍ୟ ହୋଇ ଯାଇ ଥିଲି । ସେ ଦିନର ସେ ଅଭୁଲା ସ୍ମୃତି, ରାଧାଙ୍କର ସେ ମୁଖ ମଣ୍ଡଳର ଜ୍ୟୋତି ଆଉ ତାଙ୍କ ପାଦ ଆଜି ବି ଏତେ ଦିନ ପରେ ମତେ ଅଭିଭୂତ କରିଥାଏ । ସେ ଦିନର ସେ ସ୍ମୃତି ଭୁଲିନାହିଁ କି ଭୁଲି ପାରିବି ନାହିଁ ।

୨୩.୧୧.୨୦୧୮

## କାର୍ତ୍ତିକ ପୂର୍ଣ୍ଣିମୀ ମୋ ପିଲାଦିନ ସ୍ମୃତି

ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମୀ । ସକାଳେ ପୂଜା ସାରି ବସିବା ପରେ ମୋର ପିଲା ଦିନରେ କରୁଥିବା କାର୍ତ୍ତିକ ପୂର୍ଣ୍ଣିମାର କଥା ମନେ ପଡିଲା । ଆମ ପିଲାଦିନ କଟିଛି ଜାମଶେଦପୁରରେ । ମୋର ହେତୁ ହେବା ପରଠାରୁ ମନେ ଅଛି କାର୍ତ୍ତିକ ମାସ ଆସିଲେ ଘରେ ଆଉ ଆଁଇଷ ପଶୁ ନଥିଲା । ମୁଁ ଏ ସବୁ କଥାକୁ ସେତେବେଳେ ଜାଣି ନଥିଲି ଯେ କାର୍ତ୍ତିକ ମାସ ଧର୍ମ ମାସ ଆଉ ଏ ମାସରେ କାଳେ ବଗ ବି ଆମିଷ ଖାଏ ନାହିଁ । ମୁଁ ତେଣୁ ବିରକ୍ତ ହେଉ ଥିଲି ମାସ ସାରା ଆମିଷ ଟିକିଏ ନ ଖାଇପାରି । ପଂଚୁକରେ ପୁଣି ଆହୁରି କଟକଣା । ଖାଲି ଅରୁଆ ଭାତ ମୁଗ ଡାଲମା ଓ ଶାଗ । ଅନ୍ୟ ଦିନ ମାନଙ୍କରେ ସାରା ବର୍ଷ ଆମେ ଉଷୁନା ଚାଉଳ ଖାଉଥିବାରୁ ସେଥିରେ ଆମ ପେଟ ଅଭ୍ୟସ୍ତ ରହିଥିବାରୁ କୋଷ୍ଠ

 Magazine Downloaded from www.aahwaan.com

କାଠିନ୍ୟ ହୋଇ ଯାଉଥିଲା । ଏଇଟା ଆଉ ଗୋଟେ କାରଣ ଥିଲା ମୁଁ କାର୍ତ୍ତିକ ମାସ ଆସିଲେ ଦିନ ଗଣୁଥିଲି କେବେ ସରିବ ?

ମନେ ଅଛି କାର୍ତ୍ତିକ ପୂର୍ଣ୍ଣିମା ଦିନ ଅତି ସକାଳୁ ଉଠି ଆମେ ସବୁ ଭାଇ ଭଉଣୀ ନନା ଆଉ ବୋଉଙ୍କ ସାଂଗରେ ଘରୁ ଚାଲି ଚାଲି ଯାଉଥିଲୁ ସୁବର୍ଣ୍ଣରେଖା ନଦୀକୂଳ ଶିବଂକ ମନ୍ଦିରକୁ । ସେଠାରେ ଗାଧୋଇ ସାରି ଠାକୁରଂକୁ ପୂଜା ଦେଇ ଘରକୁ ଫେରୁଥିଲୁ ।

ମନେ ଅଛି ଅତି ସକାଳୁ ଜାଂଗୁଲୁ ଜାଂଗୁଲୁ ଅନ୍ଧାରରେ ଆମେ ସେତେବେଳର ବାଘାକୁଦା ଲେକ୍‌ର ଜଂଗଲ ଦେଇ ଚାଲି ଚାଲି ଯାଉଥିଲୁ । ବାଘାକୁଦା ଲେକ୍ କୁ ପରବର୍ତ୍ତି ସମୟରେ ୧୯୫୭ରେ ଜୁବଲି ପାର୍କ କରାଯାଇଥିଲା ଟାଟା କଂପାନୀର ୫୦ ବର୍ଷ ପୂର୍ତ୍ତି ଅବସରରେ । ଆମ ପିଲାଦିନେ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ସକାଳେ ବେଶ୍ ଭଲ ଥଣ୍ଡା ପଡୁଥିଲା । ଭୋର ବେଳା ବାଘାକୁଦା ଲେକ୍ ର ଜଂଗଲ ଭିତର ଚଲା ବାଟଦେଇ ଯିବା ବେଳର ଥଣ୍ଡା ମୋର ଏବେବି ମନେ ଅଛି । ମନେ ଅଛି ସେ ଜଂଗଲିଆ ବାସ୍ନା ଯାହା ଏବେ ମିଳିବା ସ୍ୱପ୍ନ । ମନେ ଅଛି କାକର ଭିଜା ସେ ସବୁ ଗଛ ପତ୍ର, ଟପ୍ ଟପ୍ ପଡୁଥିବା ଶିଶିର କଣିକା, ଲେକ୍ ଉପରର ସେ କୁହୁଡିଆ ଚାଦର ଆଉ ଉପରେ ଉଡୁଥିବା ମାଳ ମାଳ କଜଳପାତୀ ପକ୍ଷୀଙ୍କର କୁହୁତାନ, ଯାହା ସବୁ ଆଜି ସାତ ସପନ ।

ପୂଜା ସାରି ଫେରିବା ପରେ ବୋଉ ଯେଉଁ ଅରୁଆ ଅନ୍ନ ଆଉ ଓଉ ପକା ଡାଲମା ରାନ୍ଧୁଥିଲା ତାର ସ୍ୱାଦ ମନେ ପଡି ଯାଉଛି । ଆଉ ସେ ସ୍ୱାଦ କାହୁଁ ପାଉନାହିଁ ।

ଏବେ ନା ସେ କାର୍ତ୍ତିକ ପୂର୍ଣ୍ଣମୀର ଆନନ୍ଦ ଅଛି ନା ସେ ବୋଉ ହାତ ତିଆରି ଅନ୍ନର ସ୍ୱାଦ ଅଛି । ଜୀବନ ତା ବାଟରେ ଚାଲିଛି ।

ଭି.ଆଇ.ଏମ - .୨୬୮, ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧ ମୋବାଇଲ -୯୯୩୭୨୬୮୦୧୨

 Magazine Downloaded from www.aahwaan.com

# ସନିଆ ଓରଫ୍ ସନ୍ୟାସୀବାବା



ବାଲ୍ମୀକି ନାୟକ

ପ୍ରାୟ ଗତ ଚାଳିଶି ବର୍ଷ ହେଲା ମୁଁ ଓଡିଶା ବାହାରେ ରହି ଆସୁଛି, ତଥାପି ପ୍ରତି ବର୍ଷ ଥରେ ଦୁଇଥର ଓଡିଶାକୁ ଯିବାକୁ ଭୁଲି ନଥାଏ । ଥରେ ଓଡିଶା ଭ୍ରମଣ ସମୟରେ ଗୋଟିଏ ସହରରେ ରହୁଥିବା ମୋର ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲି । ଟ୍ରେନରୁ ଓହ୍ଲାଇ, ଷ୍ଟେସନ ବାହାରକୁ ଆସି ଦେଖିଲି, ରାସ୍ତାକଡ଼ କାନ୍ଥ ଓ ବିଜୁଳି ଖମ୍ବମାନଙ୍କରେ ଫୋଟ ସହିତ ଗୋଟିଏ ଆଧ୍ୟାତ୍ମିକ ବାବାଙ୍କର ପ୍ରବଚନ ସମ୍ପର୍କିତ ବିଜ୍ଞାପନ ଫଳକ ସବୁ ଲାଗିଛି ।

ବାବାଙ୍କ ମୁହଁଟି ମୋତେ ଚିହ୍ନା ଚିହ୍ନା ଲାଗିଲା । ସୁସ୍ଥ ସବଳ ଚେହେରା । ମୁହଁରେ କିନ୍ତୁ ଦାଢ଼ି କିମ୍ବା ନିଶ ନାହିଁ । ମୁଣ୍ଡର ଲମ୍ବା କେଶକୁ ସଯତ୍ନେ ସେଟ କରାଯାଇଛି । ଦେହରେ ଗେରୁଆ ବସ୍ତ୍ର, ଗଳାରେ ଦୁଇଟି ରୁଦ୍ରାକ୍ଷ ମାଳା ଝୁଲୁଛି । କପାଳରେ ଚନ୍ଦନ ଟୀକା । ଭକ୍ତମାନଙ୍କୁ ପ୍ରଭାବିତ କଲାଭଳି ଦିପ୍ତିମନ୍ତ ଚାହାଣୀ । ମୋଟ ଉପରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ମଣିଷଟିଏ ଭଳି ଲାଗିଲା । ମୋଟା ଅକ୍ଷରରେ ଲେଖାଥିଲା - "ଶ୍ରୀ ଶ୍ରୀ ସନ୍ୟାସୀ ବାବାଙ୍କ ଆଧ୍ୟାତ୍ମିକ ପ୍ରବଚନ ସଭାରେ ଯୋଗ ଦେଇ ନିଜକୁ କୃତାର୍ଥ କରନ୍ତୁ ।"

ଚାଳିଶି ବର୍ଷ ତଳର ସ୍ମୃତି ପଟଳରେ ହଠାତ ଚମକି ଉଠିଲା ଗୋଟିଏ ନାମ 'ସନିଆ'। ମନେ ପଡିଗଲା - ଆରେ ଇଏତ ମୋର ହାଇସ୍କୁଲର ପଢା ସାଙ୍ଗ । ଗୋରା ରଙ୍ଗର ପତଳା ଶରୀରର ଟୋକାଟିଏ । ସବୁ କାମକୁ ଆଗେଇ ଯାଉଥିବା ସ୍ମାର୍ଟ ଗୁଣ ଯୋଗୁ ହାଇସ୍କୁଲରେ ତା'ର ବହୁତ ଖ୍ୟାତି ଥିଲା । ପାଠ ପଢ଼ାରେ ସାଧାରଣ ଥିଲେ ମଧ୍ୟ ଖେଳ, ଅଭିନୟ ଓ ବାକ

 Magazine Downloaded from www.aahwaan.com

ପଟୁତାରେ ସେ ସମସ୍ତଙ୍କ ଠାରୁ ଦୁଇପାଦ ଆଗରେ ରହୁଥିଲା । ପ୍ରତିତ୍ୟୁପନ୍ନମତି ପ୍ରତିଭାଟି ଥିଲା ତା'ର ଏକ ବିଶେଷ ଗୁଣ ।

ସ୍କୁଲରେ ବା କ୍ଲାସରେ ଯେତେ ପ୍ରକାର ଦୁଷ୍ଟାମୀ କଲେ ମଧ୍ୟ ଶିକ୍ଷକମାନଙ୍କୁ ତା'ର ଉପସ୍ଥିତ ବୁଦ୍ଧି ଦ୍ୱାରା ତର୍କ ସଙ୍ଗତ ଉତ୍ତର ଦେଇ, ଶାନ୍ତ କରି ଦେଉଥିଲା । ତା'ର ଏହି ଗୁଣଯୋଗୁ ସେ ଥିଲା ମୋର ଏକ ରୋଲ ମଡେଲ ସାଙ୍ଗ । ମୋର କବିତା ଓ ଗଳ୍ପ ଲେଖା ଗୁଣଟି ତା'କୁ ମୋ ସହିତ ବନ୍ଧୁତାର ସୂତ୍ରରେ ବାନ୍ଧି ଦେଇଥିଲା । ମୁଁ ଲେଖିଥିବା କବିତାକୁ ତା' ନାମରେ ପ୍ରକାଶ କରିବାପାଇଁ ହାଇସ୍କୁଲ ସ୍ମରଣିକାକୁ ଦେଉଥାଏ । ହାଇସ୍କୁଲ ଛାଡିବା ପରେ, ଆମର ଯୋଗସୂତ୍ର ବିଛିନ୍ନ ହୋଇ ଯାଇଥିଲା ।

ମୋ ସ୍ମୃତିରେ ବ୍ରେକ ଲଗାଇ, ସେହିଦିନ ସନ୍ଧ୍ୟାରେ, ତା'ର ପ୍ରବଚନ ସଭାକୁ ଯିବାପାଇଁ ଠିକ କରି ବନ୍ଧୁଙ୍କ ଘରକୁ ଗଲି । ସେଦିନ ପ୍ରବଚନ ଶୁଣି ଯିବାକୁ ବନ୍ଧୁଙ୍କୁ କହିବାରୁ ସେ ଓଲଟା ମୋତେ ପଚାରିଲେ - ତୁମେ କେବେଠାରୁ ବାବାମାନଙ୍କ ପ୍ରବଚନ ଶୁଣିବାକୁ ପସନ୍ଦ କଲଣି ? ମୁଁ କହିଲି - ପ୍ରବଚନ ଶୁଣିବାକୁ ନୁହେଁ, ପ୍ରବଚନ ଦେଉଥିବା ବାବାଙ୍କୁ ଦେଖିବାକୁ ଚାହୁଁଛି । ମୁଁ ପରେ ସବୁ କଥା କହିବି । ସେ କହିଲେ - ମୋର ଅନ୍ୟ କାମ ଅଛି, ତୁମେ ଏକା ଯାଅ । ମୁଁ ବି ଚାହୁଁ ନଥିଲି ସେ ମୋ ସହିତ ଆସନ୍ତୁ ।

ନିର୍ଦ୍ଦିଷ୍ଟ ପ୍ରବଚନ ମଣ୍ଡପରେ ଯାଇ ଦେଖିଲି, ଶହ ଶହ ଶ୍ରୋତା ଓ ଭକ୍ତଙ୍କ ଭିଡ଼ ଲାଗିଛି । ସୁସଜ୍ଜିତ ମଣ୍ଡପରେ ସୁଶୋଭିତ ଆସନରେ ବସି, ଜଣେ ବାବା ଧାରାପ୍ରବାହ ଭାଷଣ ଦେଉଥିଲେ । ତା'ଙ୍କ ବାଣୀରେ ବେଶ ମନମୁଗ୍ଧକର ଭାଷା ପ୍ରକାଶ ପାଉଥିଲା । ମୁଁ ବିଳମ୍ବରେ ପହଞ୍ଚି ଥିବାରୁ, ପଛ ଧାଡିରେ ଠିଆ ହୋଇ ଭାଷଣ ଶୁଣୁଥିଲି । ମୁଁ ନିକଟସ୍ଥ ଜଣେ ଶ୍ରୋତାଙ୍କୁ ପଚାରିଦେଲି - "ଆଜ୍ଞା କିଏ ଏହି ବାବା ଭାଷଣ ଦେଉଛନ୍ତି ?" ସେ ମୋତେ ତଳୁ ଉପର

 Magazine Downloaded from www.aahwaan.com

ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଥରେ ଚାହିଁ କହିଲେ - "ସେ ଭାଷଣ ଦେଉନାହାନ୍ତି, ଆଧ୍ୟାତ୍ମିକ ପ୍ରବଚନ ପରିବେଷଣ କରୁଛନ୍ତି । ଆପଣ ଶ୍ରୀ ଶ୍ରୀ ସନ୍ୟାସୀ ବାବାଙ୍କୁ ଜାଣି ନାହାନ୍ତି କିପରି ? ସେ ସ୍ୱୟଂ ପ୍ରବଚନ ଦେଉଛନ୍ତି ମନଦେଇ ଶୁଣନ୍ତୁ । ମୁଁ ତା'ଙ୍କ କଥାକୁ ଉପେକ୍ଷା କରି ଭିଡ ଭିତରେ ଆଉ ଟିକିଏ ଆଗକୁ ଚାଲିଯାଇ ମଞ୍ଚ ପାଖରେ ପହଞ୍ଚିଗଲି । ସନ୍ୟାସୀ ବାବା କହୁଥିଲେ - "ମୁଁ ବାରମ୍ବାର ତୁମକୁ ଆହ୍ୱାନ କରୁଛି, ମୁଁ ତୁମକୁ ନିଦ୍ରାରୁ ଜାଗ୍ରତ କରିବାକୁ ଆସିଛି । ଜାଗ୍ରତ ହୁଅ । ମୁଁ ଦେବି ଗତି ଆଉ ମୁକ୍ତି । ଏହି ପାପୀ ସଂସାରରୁ ମୁକ୍ତି ପାଇବାପାଇଁ ମୋର ଶରଣାଗତ ହୁଅ ।"

ଶ୍ରୋତାମାନେ ସତରେ ନିଦରୁ ଉଠିଲାଭଳି ଅଭିନୟ କରି ତାଳି ବଜାଇ ବାବାଙ୍କ ଜୟଗାନ କରୁଥିଲେ । ପରିବେଶଟି ଆଧ୍ୟାତ୍ମିକ ରସରେ ସତେ ଯେମିତି ରସାୟୁତ ହୋଇ ପଡୁଥିଲା । କାୟ ମନୋବାକ୍ୟରେ ସମସ୍ତେ ଯେପରି ବାବାଙ୍କ ଶରଣାଗତ ହୋଇପଡୁଥିଲେ । ସମସ୍ତେ ଯେପରି କହୁଥିଲେ - "ହଁ ବାବା ଆମକୁ ଏହି ପାପୀ ସଂସାରରୁ ମୁକ୍ତ କରିଦିଅ ।"

ବାବା କହୁଥିଲେ - "ପରିବର୍ତ୍ତନଶୀଳ ଦୁନିଆରେ ଧର୍ମ ବି ପରିବର୍ତ୍ତନ ହେଉଛି । ଯଦି ଧର୍ମ ବଞ୍ଚିରହିବାକୁ ହେବ, ତେବେ ତା'କୁ ବି ସମୟ ସହିତ ପରିବର୍ତ୍ତନ କରିବାକୁ ପଡିବ । ମହାବୀର ଜୈନ, ଗୌତମ ବୁଦ୍ଧ, ଗୁରୁ ନାନକ, ଯୀଶୁଖ୍ରୀଷ୍ଟ, ମହମ୍ମଦ ସମସ୍ତେ ଅତୀତର ମହାପୁରୁଷ ଥିଲେ । ସେମାନଙ୍କୁ ଆଜିର ଯୁଗରେ ପୂଜାକରି କିଛି ଲାଭନାହିଁ । ସେମାନଙ୍କୁ ଭୁଲିଯିବା ହିଁ ଶ୍ରେୟସ୍କର ହେବ । ନୂଆ ଯୁଗ, ନୂଆ ଜୀବନଦର୍ଶନ ଦାବି କରୁଛି । ମୁଁ ତୁମଙ୍କୁ ଯୁଗୋପଯୋଗୀ ନୂତନ ମାର୍ଗ ଦର୍ଶାଉଛି, ଯାହା ପାଳନ କରିବା ସହଜ ଏବଂ ମଣିଷର ସ୍ୱାଭାବିକ ପ୍ରବୃତ୍ତି ସହିତ ମେଳ ଖାଉଛି । ମୁଁ ତୁମକୁ ଆହ୍ୱାନ କରୁଛି ମୋର ଶରଣାଗତ ହୁଅ ।"

 Magazine Downloaded from www.aahwaan.com

ପ୍ରବଚନ ସମାପ୍ତ ହେବାପରେ ସନ୍ୟାସୀ ବାବାଙ୍କ ଜୟ ଧ୍ୱନୀରେ ମଣ୍ଡପଟି କମ୍ପି ଉଠିଲା । ଶିଷ୍ୟମାନଙ୍କ ଗହଣରେ ସନ୍ୟାସୀ ବାବା ମଞ୍ଚରୁ ଓହ୍ଲାଇ ନିଜ କାର ଆଡକୁ ଚାଲିଲେ । ମୁଁ ସେତେବେଳକୁ ସ୍ଥିର ନିଶ୍ଚିତ ହୋଇ ସାରିଥିଲି ଯେ ସେ ହିଁ ମୋର ପୁରୁଣା ସାଙ୍ଗ 'ସନିଆ' ।

ସେ କାର ଭିତରେ ପଶିଯିବା ପୂର୍ବରୁ ମୁଁ ଭିଡକୁ ଠେଲି ତା'ର ହାତକୁ ଧରି ପଚାରିଦେଲି - "ଆରେ ସନିଆ ?" ମୋର ଏଭଳି ଆଚରଣରେ ଖପା ହୋଇ କିଛି ଶିଷ୍ୟ ମୋତେ ଠେଲି ଦେବାକୁ ଚେଷ୍ଟା କଲେ । ହଠାତ ସନ୍ୟାସୀର ଦୃଷ୍ଟି ମୋ ଉପରେ ପଡିଲା । ସେ ତାଙ୍କ ଶିଷ୍ୟମାନଙ୍କୁ କହିଲେ - "ଛାଡିଦିଅ । କେହିଜଣେ ଦୁଃଖୀ ମଣିଷ, ମୋ ସହିତ ମିଶିବାକୁ ବ୍ୟାକୁଳ ହେଉଛି । ଏହାର ଆତ୍ମା ଦିବ୍ୟାଲୋକର ସନ୍ଧାନ କରୁଛି । ମୁଁ ତାକୁ ସେହି ସନ୍ଧାନ ଦେବି ।"

ଏତିକି କହି ସେ କାରର ପଛ ସିଟରେ ନିଜ ପାଖରେ ବସିବାକୁ ମୋତେ ନିର୍ଦ୍ଦେଶ ଦେଲା । ମୁଁ ନିର୍ବାକ ହୋଇ, କେବଳ ତା'ର ନିର୍ଦ୍ଦେଶ ପାଳନ କଲି । ତା'ର ସମ୍ମାନ ଓ ପ୍ରତିପତ୍ତି ଦେଖି ମୁଁ କିଂକର୍ତ୍ତବ୍ୟବିମୁଢ଼ ହୋଇ ଭାବୁଥିଲି – "ଅନାମଧେୟ ଗ୍ରାମର ଜଣେ ସାଧାରଣ ଯୁବକ ଆଜି କାହିଁ କେତେ ଉପରକୁ ଉଠିଗଲାଣି ? କେତେ କେତେ ନାରୀ-ପୁରୁଷ ତାକୁ ପୂଜା କରୁଛନ୍ତି ? ମୁଁ କିନ୍ତୁ ମୋ' ମନର ଶଙ୍କାକୁ ଚାପି ପାରୁ ନଥାଏ । ଡ୍ରାଇଭର ଗାଡି ଚଲାଇବା ପରେ, ମୁଁ ଅତି ଧୀର କଣ୍ଠରେ ପଚାରିଲି - "ସନିଆ ଏସବୁ କ'ଣ ? ମୋର ତ ବୁଦ୍ଧି ଭ୍ରମ ହୋଇଯାଉଛି ।"

ସେ ବି ସେମିତି ମୃଦୁ୍ୟ କଣ୍ଠରେ କହିଲା - "ତୁ ବୁଝି ପାରୁନୁ ତେଣୁ ତୋର ଭ୍ରମ ଦୂର କରିବାକୁ ପଡିବ । ମୁଁ ତୋର ଭ୍ରମକୁ ଦୂର କରିଦେବି ଓ ସତପଥର ଦର୍ଶନ ମଧ୍ୟ କରାଇଦେବି । ତୁ ହୁଏତ ତୋ ଜୀବନରେ ବହୁତ ଥର ନିରାଶ ହୋଇ ପଡ଼ିଥିବୁ ମୁଁ ତୋତେ

 Magazine Downloaded from www.aahwaan.com

ଗୋଟିଏ ନୂଆ ଜୀବନ ଦର୍ଶନ ଦେବି, ଯେଉଁଥିରେ ଆଶା ଓ ଉଲ୍ଲାସ ଭାରି ରହିଥିବ ।"

ସେ ଡ୍ରାଇଭର ଆଡକୁ ଚାହିଁ ମୋତେ ଚୁପ ରହିବାକୁ ସଙ୍କେତ ଦେଲା । ମୁଁ ବୁଝି ପାରିଲି ସେ ଡ୍ରାଇଭରକୁ ଜଣାଇବାକୁ ଚାହୁଁ ନାହିଁ ମୁଁ କିଏ ?

କିଛି ସମୟ ପରେ ଗୋଟିଏ ସୁନ୍ଦର ଆଧୁନିକ ବଙ୍ଗଳାର ପୋର୍ଟିକୋରେ କାର ଠିଆ ହେଲା । ଚୌକିଦାର ଦୌଡ଼ି ଆସି କାରର ଦରଜା ଖୋଲିଦେଲା । ଆମେ ଦୁହେଁ ବଙ୍ଗଳା ଭିତରକୁ ଗଲୁ । ଗୋଟିଏ ଲମ୍ବା ହଲର ଦୁଇପାଖରେ କେତେ ଗୁଡିଏ କୋଠରୀ ରହିଛି । ସନ୍ୟାସୀ ଗୋଟିଏ କୋଠରୀରେ ପ୍ରବେଶ କଲାପରେ ଜାଣିଲି, ଏଇଟା ତା'ର ବ୍ୟକ୍ତିଗତ ଧ୍ୟାନ କକ୍ଷ । ଏଠାରେ ସମସ୍ତ ପ୍ରକାର ଆଧୁନିକ  ସୁଖ ସୁବିଧାର ବସ୍ତୁ ରହିଛି ।

ଗୋଟିଏ ପାଖରେ ଥିବା ଦୁଇଟି ବଡ଼ ଆଲମିରାରେ ସଜା ହୋଇ ରହିଛି ଅନେକ ପୁସ୍ତକ, ସମ୍ଭବତଃ ଧର୍ମ ପୁସ୍ତକ । ଅନ୍ୟ ପାଖରେ ଏକ ମହଙ୍ଗା ଟେବୁଲ ଉପରେ କିଛି ପୁସ୍ତକ, ଲେଖନ ସାମଗ୍ରୀ, କମ୍ପ୍ୟୁଟର, ଲ୍ୟାପଟପ, ଟେଲିଫୋନ ଆଦି ରହିଛି । କୋଠରୀର ଶେଷ ଭାଗରେ ଗୋଟିଏ ନରମ ଗଦି ପଡିଛି । ସେଇଠି ହୁଏତ ସନ୍ୟାସୀ ବାବା ଧ୍ୟାନରେ ବସେ ।

ସନ୍ୟାସୀ ମୋତେ ପଚାରିଲା - "ତୁ କମ୍ପ୍ୟୁଟର ବ୍ୟବହାର ଜାଣିଛୁ ?"

ମୁଁ କହିଲି - "ହଁ ଜାଣିଛି ।"

ସେ କହିଲା - "ତୁ ତେବେ ଏହି କମ୍ପ୍ୟୁଟରରେ ବସି ଟାଇମ ପାସ କରୁଥା, ମୁଁ ବାହାରେ ଅପେକ୍ଷା କରିଥିବା ଭକ୍ତମାନଙ୍କୁ ଦର୍ଶନ ଦେଇ, ବିଦାୟକରି ଆସୁଛି । ତୁ' ଆଜିରାତି ଓ କାଲିଦିନଟି ମୋ ସହିତ ରହିବୁ । ତେବେ ହିଁ ତୁ' ମୋତେ ଠିକଭାବେ ଜାଣିପାରିବୁ ।" ତା'ପରେ ସେ କକ୍ଷ ତ୍ୟାଗ କରି ଚାଲିଗଲା ।

ମୁଁ ମୋର ବନ୍ଧୁଙ୍କୁ ଫୋନ କରି କହିଦେଲି – "କୌଣସି ବିଶେଷ କାମ ଯୋଗୁ ମୁଁ କାଲି

 Magazine Downloaded from www.aahwaan.com

ସନ୍ଧ୍ୟା ପର୍ଯ୍ୟନ୍ତ ତୁମ ଘରକୁ ଯାଇ ପାରିବି ନାହିଁ ।"ମୁଁ କମ୍ପ୍ୟୁଟର ନଖୋଲି, ବହି ଆଲମିରାରେ ଥିବା ଗ୍ରନ୍ଥସବୁ ନିରୀକ୍ଷଣ କଲି । ବେଦ, ଭାଗବତ, ରାମାୟଣ, ମହାଭାରତ, ଗୀତା, ଅଷ୍ଟାଦଶ ପୁରାଣ ସହିତ ହିନ୍ଦୁ ଧର୍ମର ଅନେକ ଧର୍ମଗ୍ରନ୍ଥ ରହିଛି । ମୁଁ ଭାବୁଥିଲି –"ହାଇସ୍କୁଲରେ ଟାଣି ଓଟାରି କେବଳ ପାସମାର୍କ ଆଣି ଯେଉଁ ସନିଆ ମାଟ୍ରିକରେ ଥାର୍ଡ଼ ଡିଭିଜନରେ ପାସ କରିଥିଲା, ସେ ଆଜି ଏତେସବୁ ଧର୍ମଗ୍ରନ୍ଥ ପଢୁଛି କେମିତି ?"

ସନିଆର ଜୀବନଶୈଳୀ ସମ୍ପର୍କରେ ଜାଣିବାକୁ ମୋର ଉତ୍କଣ୍ଠା ବଢ଼ିବାରେ ଲାଗିଥିଲା । ପ୍ରାୟ ଅଧଘଣ୍ଟା ପରେ ସେ କୋଠରୀକୁ ଫେରିଆସିଲା । କୋଠରୀ କବାଟ ଭିତରୁ ବନ୍ଦ କରିଦେଇ ଆସି ମୋ ପାଖରେ ବସିଲା । ଛାତ୍ର ଜୀବନର ସାଙ୍ଗ ଭଳି ମୋ' କାନ୍ଧରେ ହାତରଖି ଖୁବ ସହଜ କଣ୍ଠରେ ପଚାରିଲା - "ହଁ ତୁ କ'ଣ ପଚାରୁଥିଲୁ ?"

ମୁଁ କହିଲି - "ସତରେ ମୁଁ ବୁଝି ପାରୁନି, ତୁ ଏଭଳି ନାଟକ ରଚନା କରିଛୁ କାହିଁକି ?"

ସେ କହିଲା - "ଶୁଣ ! ଏଇ ସଂସାରଟି ଏକ ନାଟକ ମଞ୍ଚ ବୋଲି ସମସ୍ତେ କହୁଛନ୍ତି ! ମୁଁ ବି ଅନୁଭବ କରୁଛି, ସମସ୍ତେ ନିଜ ନିଜ ଭୂମିକାରେ ଅଭିନୟ କରୁଛନ୍ତି । ଭଗବାନ ମୋତେ ଏହି ଦାୟିତ୍ୱ ଦେଇଛନ୍ତି ଯେ ମୋହଗ୍ରସ୍ତ ଲୋକମାନଙ୍କର ମୁଁ ମୋହ ଭଙ୍ଗ କରିବି । ସେମାନଙ୍କୁ ମୁଁ ମୁକ୍ତିର ମାର୍ଗ ଦେଖେଇବି । ତୁ' ଚିନ୍ତା କରନାହିଁ । ତୁ' ବର୍ତ୍ତମାନ ମୋ ପାଖକୁ ଆସିଛୁ ତେଣୁ ତୋର ମଧ୍ୟ ସମସ୍ତ ଦୁଃଖ ଦୂର ହୋଇଯିବ ।"

ମୁଁ ଆଶ୍ଚର୍ଯ୍ୟ ହୋଇ ତା' କଥା ଶୁଣୁଥିଲି । ପିଲା ଦିନେ ତା'ସହିତ ଖାଇବା, ଖେଳିବା, କଳିକରିବା ସହିତ ପରସ୍ପରକୁ ଭଲ ପାଇବା ମଧ୍ୟ ଥିଲା । ଆମ ଦୁହିଁଙ୍କ ବନ୍ଧୁତ୍ୱରେ କୌଣସି ଆବିଳତା ନଥିଲା । ସୁଖ, ଦୁଃଖରେ ଦୁହେଁ ପରସ୍ପରକୁ ସାହାଯ୍ୟ କରୁଥିଲୁ । ମୁଁ ଆଜି ସାଂସାରିକ ଜୀବନଭିତରେ ଚଳୁ ଥିବାରୁ, ସେ ହୁଏତ ଭାବୁଛି –"ମୁଁ ବହୁତ ଦୁଃଖ ଭୋଗ

 Magazine Downloaded from www.aahwaan.com

କରୁଛି ।”

ସେ ଟେବୁଲ ଡ୍ର' ଟାଣି ଗୋଟିଏ ଦାମିକା ସିଗାର ଡବା ବାହାର କଲା । ମୋତେ ଗୋଟିଏ ଦେଇ ସେ ଗୋଟିଏ ନେଲା । ଆମେ ହାଇସ୍କୁଲରେ ପଢିବାବେଳେ ଗୋଟିଏ 'ଚାରମିନାର' ସିଗାରେଟ ଦୁହେଁ ମିଶି ଟାଣୁଥିଲୁ । ମୁଁ ଏବେ ମଧ୍ୟ ସମୟ ସମୟରେ ଗୋଟେ ଅଧେ ସିଗାରେଟ ଟାଣିଥାଏ । ମୁଁ ଆଗରୁ ଏତେ ମହଙ୍ଗା ବିଦେଶୀ ସିଗାର ବ୍ୟବହାର କରି ନଥିଲି । ସିଗାର ଧୂଁଆରୁ ଏକ ମହକ କକ୍ଷରେ ଭରିଗଲା ।

ମୁଁ ଖୁସି ହୋଇ କହିଲି - "ବାଃରେ ଖୁବ ବଢିଆ ଜିନିଷ ତ ! ମହଙ୍ଗା ହୋଇଥିବ ନିଶ୍ଚୟ ।"

ସେ କହିଲା - "ମହଙ୍ଗା ହେଉ କି ଶସ୍ତା ମୋତେ କିଣିବାକୁ ପଡୁନି । ବିଦେଶରେ ରହୁଥିବା ଜଣେ ଭକ୍ତ ପଠାଇ ଦେଇଛି । ଖାଲି କ'ଣ ସେତିକି ? ମହଙ୍ଗା ସ୍କଚଭିସ୍କି ମଧ୍ୟ ଅଛି । ଟିକିଏ ନେବୁକି ?

ମୁଁ କହିଲି - " ନା ଭାଇ ମୁଁ କେବେ ମଦ୍ୟ ସେବନ କରିନାହିଁ । ତୁ' ତ ବାବା ରୂପରେ ଭଗବାନଙ୍କ ଅବତାର ହୋଇ ଗଲୁଣି । ତୋର ପୁଣି ମାଦକ ଦ୍ରବ୍ୟ ଦରକାର ପଡୁଛି କାହିଁକି ?

ସେ ହସିଲା । କହିଲା –“ହଇରେ ! ମଣିଷ ରୂପୀ ଭଗବାନଙ୍କୁ କ'ଣ ଭୋକ ଶୋଷ ଲାଗିବ ନାହିଁ ? ସେ କ'ଣ ଜୀବନର ସମସ୍ତ ଭୌତିକସୁଖ-ସମ୍ଭୋଗରୁ ବଞ୍ଚିତ ରହିବା ଉଚିତ ? ତୁ' କହିଲୁ ଭଲା, କେଉଁ ଦେବୀ ଦେବତାମାନେ ଭୌତିକ ସୁଖ ସମ୍ଭୋଗରୁ ଦୂରେଇ ରହୁଥିଲେ ?ଦେବତାମାନଙ୍କ ପାଇଁ ସୁରା ପାନ କରି, ଆମିଷ ଭୋଜନ କରିବା ଏକ ସାଧାରଣ କଥା ଥିଲା । ନିଜର ସ୍ତ୍ରୀ (ଦେବୀ) ଥାଉ ଥାଉ ଅନ୍ୟର ସ୍ତ୍ରୀମାନଙ୍କୁ ମଧ୍ୟ ସମ୍ଭୋଗ

 Magazine Downloaded from www.aahwaan.com

କରିବାର ଦାହରଣ ରହିଛି ।

ନାଇଁରେ ବାବୁ ! ସାଧୁ ହୋଇଗଲେ ସବୁ ଖାଇବା ପିଇବାରେ ଲଗାମ ଲଗାଇଦେବା,ସେ ସବୁ ମିଛ କଥା ।

ମୋ ମତରେ - "ସଂସାରେ ଥିବ ଯେତେ ଦିନ ଆନନ୍ଦ କରୁଥାଅ ମନ ।"ସ୍ୱଙ୍ଘଂଭୁ ଭଗବାନମାନଙ୍କୁ ସବୁ କିଛି ଉପଭୋଗ କରିବା ଉଚିତ । ଭକ୍ତମାନେ ନିଜେ ଉପଭୋଗ କରୁଥିବା ସମସ୍ତ ବସ୍ତୁ ଭଗବାନଙ୍କ ଚରଣରେ ଅର୍ପଣ କରୁଛନ୍ତି । ତେଣୁ ଭଗବାନ ସମସ୍ତ ଭକ୍ତଙ୍କର ଭାବନାକୁ ଆଦର କରିବା ଉଚିତ ।"

ମୁଁ କହିଲି - " ଯାହା ବି କହ ସନିଆ ତୁ ଏକ ମାୟାବୀ ସଂସାର ଗଢିଛୁ । କେତେ ବଡ ବଡ ଶିକ୍ଷିତ, ଉଚ୍ଚ ପଦସ୍ଥ ଅଫିସର, ଡାକ୍ତର, ଇଂଜିନିୟର, ପ୍ରାଧ୍ୟାପକ, ନେତା, ଅଭିନେତା ସମସ୍ତେ ତୋର ପ୍ରବଚନ ଶୁଣିବାକୁ ଏକତ୍ର ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେହି କ'ଣ ବୁଝିପାରୁନାହାନ୍ତି ଯେ ତୋର ଏହି ଭୋଗ ବିଳାସ ପୂର୍ଣ୍ଣ ଜୀବନଶୈଳୀ ସହିତ ଧାର୍ମିକ ପ୍ରବଚନ ଏକ ନିରର୍ଥକ ପ୍ରଳାପ ଓ ପ୍ରବଞ୍ଚନା ମାତ୍ର ?"

ସନିଆ ତା' ସିଗାରରୁ ଗୋଟିଏ ଦୀର୍ଘ କଶ ଟାଣି, ମୋତେ ଚାହିଁଲା । ମୁହଁରେ ବିଦୃପର ହସ ଖେଳାଇ କହିଲା - "ତୋ ପ୍ରଶ୍ନର ଉତ୍ତର ଦେଉଛି ଶୁଣ - "ଅଧିକାଂଶ ତଥାକଥିତ ବୁଦ୍ଧିଜୀବୀ, ଏହି ରହସ୍ୟ ବୁଝିବାକୁ ଏଠାକୁ ଆସନ୍ତି ନାହିଁ । ସେମାନଙ୍କର ବିଭିନ୍ନ ପ୍ରକାର ସମସ୍ୟାର ଚମତ୍କାରୀ ସମାଧାନ ଖୋଜିବାକୁ ଧାଇଁ ଆସନ୍ତି । ସେମାନେ ଭାବନ୍ତି ମୋ ପାଖରେ ସେହି ଚମତ୍କାରୀ ଶକ୍ତି ଅଛି । ହଁ ! ତୋ ଭଳି କେତେ ଜଣ ଜିରାରୁ ଶିରା ଖୋଜିବା ବୁଦ୍ଧିଜୀବୀ ମଧ୍ୟ ଆସନ୍ତି । ସେମାନଙ୍କ ସହ ଅଲଗା ଭାବେ ଯୋଗ ସାଧନା କରିବାକୁ ପଡେ ।"ଆପଣଙ୍କ ତର୍କ ବହୁତ ଉଚ୍ଚ କୋଟିର, ଆପଣ ସତରେ ଜ୍ଞାନୀ ମଣିଷ"କହିଦେଲେ

 Magazine Downloaded from www.aahwaan.com

ସେମାନେ ଖୁସି ହୋଇ ଯାଆନ୍ତି । ନିଜର ପରିବାର ଓ ସମାଜ ଦ୍ୱାରା ନିର୍ଯ୍ୟାତିତ ଅନୁଭବ କରୁଥିବା ତଥାକଥିତ ବଡ଼ ଲୋକମାନେ, ମୋ କକ୍ଷରେ କିଛି ସମୟ ବିତାଇ ଗଲାପରେ ସବୁ କିଛି ଭୁଲି ଯାଆନ୍ତି । ସନ୍ୟାସୀ ବାବାଙ୍କ ଜୟଗାନ କରି ପୁଣି ଥରେ ଆସିବାର ପ୍ରତିଶୃତି ଦେଇ ଯାଆନ୍ତି ।"

ମୁଁ କହିଲି - "ହଁ ମୁଁ ଜାଣେ, ତୁ ହାଇସ୍କୁଲରେ ବାଦ-ବିବାଦ ଭାଷଣ ପ୍ରତିଯୋଗିତାରେ ପାରଙ୍ଗମ ଥିଲୁ । ତା'ସହିତ ତୁ' ଗାର୍ଲଫ୍ରେଣ୍ଡ ବନେଇବାରେ ମଧ୍ୟ ନମ୍ବର ଏକ ପ୍ରେମିକ ଥିଲୁ । ଗାର୍ଲଫ୍ରେଣ୍ଡ ବଦଳାଇବା ତୋର ଏକ ସଉକ ଥିଲା । ମନେ ଅଛି ତ ?"

ସେ କହିଲା - "ଛିଃ ଛିଃ ପିଲାଦିନର ସେ ସବୁ ପୁରୁଣା କଥାକୁ ମନେପକାଇବା ଉଚିତ ନୁହେଁ । ଅତୀତର ଦୁଃଖଦ ଘଟଣାକୁ ଯଦି ଧରିବସିବା, ତେବେ ତାହା ମନୁଷ୍ୟର ଉନ୍ନତିରେ ବାଧକ ହୋଇଥାଏ । ତୁ' କେବଳ ବର୍ତ୍ତମାନରେ ଜିଇଁବା ଓ ଭବିଷ୍ୟତକୁ ଲକ୍ଷ୍ୟ ରଖି ଚାଲିବା ଶିଖ ।"

ମୁଁ କହିଲି –"ଅତୀତକୁ ମୁଁ କେମିତି ଭୁଲି ପାରିବି କହ ? ତୋ' ଭଳି ଏକ କାମୁକଓ ଲମ୍ପଟ ଟୋକା ଆଜି ଭଗବାନ ସାଜି ବସିଛି । ତୋ' ଦ୍ୱାରା ଯେଉଁ ଝିଅଟି ଗର୍ଭବତୀ ହୋଇଯାଇଥିଲା, ତାକୁ ନେଇ ତୋର ଚିହ୍ନା ଡାକ୍ତର ପାଖରେ ଗର୍ଭପାତ କରାଇ ଆଣିଥିଲୁ । ଶେଷରେ ଗୋଟିଏ ପରିବାରର ତିନୋଟି ଭଉଣୀଙ୍କୁ ପ୍ରେମ ଜାଲରେ ବାନ୍ଧି ରଖିଥିଲୁ । ଗାଆଁ ଟୋକାମାନେ ଏହା ଜାଣିପାରି ତୋତେ ଧରିବା ପୂର୍ବରୁ ତୁ' ଗାଆଁରୁ ଉଭାନ ହୋଇଗଲୁ । ତୁ' ସତରେ କୁଆଡେ ପଳାଇଗଲୁ ? ତୋ' ପାଇଁ ତୋର ପରିବାର କେତେ ଅପନିନ୍ଦା ଶୁଣିଛନ୍ତି ତୁ' ଜାଣିଛୁ ?"

ସେ କହିଲା - "ସେସବୁ ଏକ ଲମ୍ବା କାହାଣୀ । ପରେ କେବେ କହିବି । ଚାଲ ଯିବା

 Magazine Downloaded from www.aahwaan.com

ମୋର ଶୟନ କକ୍ଷକୁ, ସେଠାରେ ରାତ୍ରି ଭୋଜନ କରି ଶୋଇବା ।

ସନ୍ୟାସୀ ବାବାଙ୍କ ଶୟନକକ୍ଷ, କୌଣସି ପଞ୍ଚତାରକା ହୋଟେଲରୁ କମ ନଥିଲା । ସନିଆର ନିର୍ଦ୍ଦେଶ କ୍ରମେ ପରିଚାରିକାମାନେ ଖାଇବା, ପିଇବାର ସମାନ ଆଣି ଡ଼ାଇନିଙ୍ଗ ଟେବୁଲ ଉପରେ ରଖି ଚାଲିଗଲେ । ସନିଆ ତା'ର ଡ୍ରିଙ୍କସ ନେଲା । ଏତେ ବଢିଆ ଆମିଷ ଓ ନିରାମିଷ ଖାଦ୍ୟ ମୁଁ କେବେ ବି ଖାଇ ନଥିଲି । ସନିଆ ଏମିତି ଖାଦ୍ୟ ପ୍ରତିଦିନ ଖାଉଛି ଦେଖି, ମନେ ମନେ ତା'ପ୍ରତି ଇର୍ଷା ହେଉଥିଲା । ଖାଇ ସାରିବା ପରେ ଆମର ବାର୍ତ୍ତାଳାପ ପୁଣି ଥରେ ଆରମ୍ଭ ହେଲା ।

ମୋ ମନରେ ଅନେକ ପ୍ରଶ୍ନ ଉଠୁଥାଏ । ଗତ ଚାଳିଶି ବର୍ଷ ବ୍ୟବଧାନର ସନିଆ ଓରଫ ସନ୍ୟାସୀ ବାବାଙ୍କ ଜୀବନ ରହସ୍ୟ ଜାଣିବାପାଇଁ ମୋ ମନରେ ଗଭୀର ଉତ୍କଣ୍ଠା ଜାଗ୍ରତ ହୋଇ ସାରିଥିଲା । ଏମିତି ସୁଯୋଗ ଆଉ କେବେ ମିଳିବନି । ମୋ ଆଖିରୁ ନିଦ ହଜିଯାଇଥିଲା । ମୁଁ ତଥାପି ଭଦ୍ରତାଖାତିରରେ ତାକୁକହିଲି-"ତୋର ବିଶ୍ରାମ କରିବା ସମୟକୁ ମୁଁ ନଷ୍ଟ କରୁନାହିଁ ତ ?"

ସେ କହିଲା - " ଆରେ ନାହିଁ । ଭଗବାନ କ'ଣ କେବେ ଶୁଅନ୍ତି ? ଏତେ ଦିନ ପରେ ମୋର ଅତି ପ୍ରିୟ ସାଙ୍ଗକୁ ନିକଟରେ ପାଇଛି । ରାତି ପାହିଯାଉ ଚିନ୍ତା ନାହିଁ । ଆମେ ଗପିବା ।"

ମୁଁ ପଚାରିଲି - ତୁ ବିବାହ କରି ଘର ସଂସାର କଲୁ ନାହିଁ କାହିଁକି ?

ସେଏକ ତାଚ୍ଛଲ୍ୟ ହସରେ ଉତ୍ତର ଦେଲା - "ମୋ ଭଳି ଏକ ବାସ୍ତୁହରା, ବେକାର ଯୁବକକୁ କିଏ ବିବାହ କରିବାକୁ ରାଜି ହୋଇଥାନ୍ତା କହିଲୁ ? ସ୍ତ୍ରୀ ଓ ଛୁଆଙ୍କୁ ପୋଷିବା ପାଇଁ ମୋର ଆମଦାନୀ ତ ନଥିଲା । ଘର ତ୍ୟାଗ କଲାପରେ ମୁଁ ବିଭିନ୍ନ ମଠ ଓ ମନ୍ଦିରମାନଙ୍କରେ

 Magazine Downloaded from www.aahwaan.com

ରହି ସେବାକାର୍ଯ୍ୟ କରୁଥିବାରୁ, ଦୁଇଓଳା ପେଟ ପୂରା ଖାଇବାକୁ ମିଳୁଥିଲା । ପ୍ରାୟ ଦୁଇ ବର୍ଷ ପରେ ଦିନେ ଜଣେ ସାଧୁଙ୍କ ସହିତ ପରିଚୟ ହେଲା । ତାଙ୍କୁ ମୋର କଥାବାର୍ତ୍ତା ଓ ବ୍ୟବହାର ଭଲ ଲାଗିବାରୁ, ସେ ମୋତେ ହରିଦ୍ୱାରକୁ ନେଇଗଲେ । ସେଠାରେ ଗୋଟିଏ ଆଶ୍ରମରେ ରହିବାଭଳି ଯୋଗାଡ଼ କରିନେଲି । ଆଶ୍ରମର ପରିଚାଳକ ବାବା ସଦାନନ୍ଦ, ମୁଁ ଓଡିଶାରୁ ଆସିଛି ଜାଣିବା ପରେ, ମୋତେ ଆଗ୍ରହରେ ଆଶ୍ରମରେ ରହିବାକୁ ଅନୁମତି ଦେଲେ । କାରଣ ସେ କିଛି ବର୍ଷ ପୁରୀରେ ରହି ଯୋଗ ସାଧନା କରୁଥିଲେ । ଓଡ଼ିଆ ଭାଷା ମଧ୍ୟ ସେ ଶିଖି ଯାଇଥିଲେ । ତୁ ଜାଣିଥିବୁ, ମୁଁ ହାଇସ୍କୁଲରେ ସଂସ୍କୃତ ପଣ୍ଡିତଙ୍କ ମାଡ଼ ଭୟରେ, ସଂସ୍କୃତ ଶ୍ଲୋକ ଗୁଡିକୁ ଘୋଷି ଘୋଷି ମୁଖସ୍ଥ କରି ଦେଉଥିଲି । ଅନ୍ୟାନ୍ୟ ବିଷୟ ଅପେକ୍ଷା ସଂସ୍କୃତରେ ମୋର ବେଶି ଭଲ ନମ୍ବର ଆସୁଥିଲା । ସେହି ଜ୍ଞାନ ମୋତେ ଆଶ୍ରମର, ଧର୍ମଗ୍ରନ୍ଥ ପଢି ବୁଝିବାରେ ବହୁତ ସାହାଯ୍ୟ କଲା ।

ବାବା ସଦାନନ୍ଦଙ୍କ ସାହାଯ୍ୟରେ ମୁଁ ଏକ ସଫଳ ଧର୍ମଗୁରୁ ଓ ପ୍ରବଚକ ଭାବେ ମାନ୍ୟତା ପ୍ରାପ୍ତ କଲି । ତୋତେ ଆଜି ନିଃସଂକୋଚରେ ଗୋଟିଏ ଅପ୍ରିୟ ସତକଥା କହିବି –"ମୁଁ ହରିଦ୍ୱାରରେ ପ୍ରାୟ ଦଶ ବର୍ଷ ରହିଲି । ସେଠାରେ ଥିବା ଅନେକ ମଠ ଓ ଆଶ୍ରମରେ ଆସ୍ଥାନ ଜମେଇ ବସିଥିବା ଅନେକ ତଥାକଥିତ ସାଧୁ, ସନ୍ୟାସୀ, ବାବା, ତାନ୍ତ୍ରିକ, ଓ ସିଦ୍ଧ ପୁରୁଷଙ୍କ ସହ ମିଶିଛି । ସେମାନଙ୍କ ଜୀବନଶୈଳୀ ଦେଖିଛି । ସମସ୍ତେ ବିଭିନ୍ନ ଦେବୀ ଦେବତାଙ୍କ କୃପା ଓ ଶକ୍ତି ପ୍ରାପ୍ତ କରିଥିବା ଦାବି କରିଥାନ୍ତି । ତାଙ୍କର ଶିଷ୍ୟ ଓ ଭକ୍ତମାନଙ୍କ ଦ୍ୱାରା ପ୍ରଚାର ଫଳରେ ଦେଶ ବିଦେଶରୁ ହଜାର ହଜାର ଲୋକ ଆସି ସେଠାରେ ଜମା ହୁଅନ୍ତି । ଧର୍ମଗୁରୁମାନଙ୍କର ପ୍ରବଚନ ଶୁଣି ନିଜକୁ ଧନ୍ୟ ମନେ କରୁଛନ୍ତି । ମୁକ୍ତ ହସ୍ତରେ ଗୁରୁମାନଙ୍କୁ ଦାନ ଓ ଦକ୍ଷିଣା ଦେଇ ଫେରିଯାଆନ୍ତି ।

 Magazine Downloaded from www.aahwaan.com

ମୁଁ କିନ୍ତୁ ସେମାନଙ୍କର ଆଚରଣ ଓ ଉଚ୍ଚାରଣରେ ଅନେକ ବିରୋଧାଭାସ ରହୁଥିବା ଅନୁଭବ କରୁଥିଲି । ସେମାନେ ପ୍ରବଚନ ଦେଲାବେଳେ, ଭକ୍ତମାନଙ୍କୁ ଯେଉଁ ନୀତିଶିକ୍ଷା ଦେଉଥିଲେ, ନିଜ ଜୀବନରେ ତାହା ପାଳନ କରୁନଥିଲେ । ଧିରେ ଧିରେ ମୁଁ ଜାଣି ପାରିଲି ଯେ ସେଠାରେ ଅନେକ ପ୍ରକାର ଜଘନ୍ୟ ଅପରାଧ କରିଥିବା ବ୍ୟକ୍ତି ସାଧୁ ବେଶରେ ରହୁଛନ୍ତି । ବେଳେ ବେଳେ ବିଭିନ୍ନ ପ୍ରଦେଶର ପୋଲିସ ଅନୁସନ୍ଧାନ କରି କେତେକ ସାଧୁ ବେଶଧାରୀ ଅପରାଧୀଙ୍କୁ ଗିରଫ କରି ନିଅନ୍ତି ।

ଆଶ୍ରମରେ ଦେଶୀ ବିଦେଶୀ ନିଶା ଦ୍ରବ୍ୟର ସେବନ କରିବା ଏକ ସାଧାରଣ କଥା । କେତେକ ଆଶ୍ରମରେ ମହିଳା ଭକ୍ତମାନଙ୍କୁ ମାନସିକ ଭାବେ ବଶୀଭୂତ କରି ଯୌନ ଶୋଷଣ କରାଯାଉଛି । ଏସବୁ କାମ ଅତି ଚତୁରତାର ସହିତ ସମ୍ପାଦନ ହେଉଥିଲେ ବି, ବେଳେବେଳେ ଲୋକ ଲୋଚନକୁ ଆସି ଯାଉଛି । କିଛି ଦିନ ମିଡ଼ିଆ ଦ୍ୱାରା ଚହଳ ପଡୁଛି । ଘଟଣାଟି ପୁରୁଣା ହୋଇଗଲେ ସମସ୍ତେ ଭୁଲି ଯାଉଛନ୍ତି ।

ସମସ୍ତ ପ୍ରକାର ଅନୈତିକ ଧନ୍ଦାକୁ ଅଣଦେଖା କରି, ପାପରୁ ମୁକ୍ତି ଓ ମୋକ୍ଷ ପାଇବାର ଧାର୍ମିକ ବିଶ୍ୱାସ ନେଇ ଦୌଡ଼ି ଯାଇଥିବା ଲୋକମାନଙ୍କୁ ଦେଖି ମୁଁ ସ୍ଥିର ନିଶ୍ଚିତ ହୋଇଗଲି ଯେ ଭଗବାନ ବୋଲି କେହି କେଉଁଠି ନାହିଁ । ଧର୍ମ ନାମରେ କେବଳ ସ୍ୱାର୍ଥନ୍ୱେଷୀ ଲୋକମାନେ ଧନ୍ଦା କରୁଛନ୍ତି ।

ମୁଁ ପଚାରିଲି - "ତୁ' ତ ପିଲାଟିବେଳୁ ପୂଜା ପାଠ କରୁ ନଥିଲୁ । ଭଣ୍ଡ ଲୋକମାନଙ୍କୁ ବିରୋଧ କରୁଥିଲୁ । ବର୍ତ୍ତମାନ ତୁ ନିଜେ ଏଭଳି ଭାଣ୍ଡାମିକୁ ସମର୍ଥନ କରୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଛି ।"

ସେ କହିଲା - "ହଁ ତୁ ଠିକ କହିଛୁ । ମୁଁ ପୂଜା ପାଠସିନା କରୁନଥିଲି କିନ୍ତୁ ଦେବ

 Magazine Downloaded from www.aahwaan.com

ଦେବୀଙ୍କ ପ୍ରତି ଭୟ ନିଶ୍ଚୟ ଥିଲା । ତା' ଛଡା ଗୃହ ତ୍ୟାଗ କଲାପରେ ବଞ୍ଚି ରହିବା ପାଇଁ ମୋତେ ଏକ ସହଜ ସାଧନ ବି ତ ମିଳିଗଲା । ମଠ, ମନ୍ଦିର, ସାଧୁ ଓ ସନ୍ୟାସୀଙ୍କୁ ବିରୋଧ କରିଥିଲେ, ଆଉ କିଏ ମୋତେ ମାଗଣାରେ ରହିବାକୁ - ଖାଇବାକୁ ଦେଇଥାନ୍ତା ? ମୁଁ ଆଜି କିନ୍ତୁ ସମ୍ପୂର୍ଣ୍ଣ ଭାବେ ନିରୀଶ୍ୱରବାଦର ସମର୍ଥକ । ଧର୍ମଶାସ୍ତ୍ର ପଢି ଧର୍ମଗୁରୁଙ୍କ ସହିତ ମିଶି ଜାଣିପାରିଛି ଯେ ଧର୍ମ ଏକ ପ୍ରହସନ । ସ୍ୱର୍ଗ, ନର୍କ, ଆତ୍ମା, ପରମାତ୍ମା, ମୋକ୍ଷ ଓ ପୁନର୍ଜନ୍ମ ସବୁ ପ୍ରହେଳିକା । ତଥାପି ମୁଁ ସେମାନଙ୍କ ଭାଣ୍ଡାମିକୁ ସମର୍ଥନ କରୁଛି । ମୁଁ ବି ଚାହୁଁଛି ଏଭଳି ଭାଣ୍ଡାମି ଚାଲୁ ରହୁ । କାରଣ ଏଥିରେ ମୋର ସ୍ୱାର୍ଥ ନିହିତ ଅଛି । ମୋତେ ଏତେ ମାନ-ସମ୍ମାନ ଆଉ କେଉଁଠି ମିଳିବ ?”

“ମୁଁ ପ୍ରଥମେ ଭାଣ୍ଡାମିକୁ ବିରୋଧ କରୁଥିଲି, କାରଣ ତର୍କଶୀଳ ଲୋକମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଚାହୁଁଥିଲି । ସମାଜରୁ କୁସଂସ୍କାର ଏବଂ ରୂଢିବାଦୀ ପରମ୍ପରା ଦୂର କରିବାପାଇଁ ତର୍କ କରୁଥିଲେ ମଧ୍ୟ ଶେଷରେ ତଥାକଥିତ ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡି ପ୍ରଣାମ କରୁଥିଲି । ମୋ' ମନରେ ଭୟ ଥିଲା - ସମାଜ ମୋତେ ନିରୀଶ୍ୱରବାଦୀ ବା ନାସ୍ତିକ କହି ଉପେକ୍ଷା ନକରୁ ।  ମୋର ସେହି ଛଳନାତ୍ମକ ଅଭିନୟ ଅନେକ ବୁଦ୍ଧିଜୀବିଙ୍କୁ ଆକର୍ଷିତ କଲା । ସମାଜରେ ପ୍ରଚଳିତ କିଛି ଅନାବଶ୍ୟକ କଠୋର ଧାର୍ମିକ କର୍ମକାଣ୍ଡ, ନୀତି, ନିୟମ ଆଦିକୁ ମୁଁ ବିଜ୍ଞାନ ସମ୍ମତ ଓ ତର୍କସଙ୍ଗତ ଭାବେ ବ୍ୟାଖ୍ୟା କରି ପ୍ରବଚନ ମାଧ୍ୟମରେ ଖଣ୍ଡନ କରିଥାଏ ।"

"ଯେଉଁମାନେ ବ୍ରତ, ଉପବାସ, ଧ୍ୟାନ ଆଦି କରିବାକୁ ସମୟ ପାଉ ନାହାନ୍ତି, କିନ୍ତୁ ମନରେ ଧାର୍ମିକ ବିଶ୍ୱାସ ଓ ଭୟ ଭର୍ତ୍ତି କରିଥାନ୍ତି, ସେହିମାନଙ୍କୁ ମୋର ପ୍ରବଚନ ବହୁତ ବଢିଆ ଲାଗେ । ସତେ ଯେମିତି ମୁଁ ସେମାନଙ୍କ ମନରୁ ଅପରାଧବୋଧକୁ  ଦୂର କରି ଦେଉଛି

 Magazine Downloaded from www.aahwaan.com

। ମୋର ପ୍ରବଚନ ଶୁଣିବାକୁ ସେଇମାନେ ଆସନ୍ତି, ଯେଉଁମାନଙ୍କ ମନରେ ପିଲାଟି ବେଳୁ ତର୍କ ନକରି ଈଶ୍ୱରଙ୍କୁ ବିଶ୍ୱାସ କରିବାପାଇଁ ଏକ ବଦ୍ଧମୂଳ ଅବଧାରଣା ଭରି ରହିଛି । ଯେଉଁମାନେ ତୋ' ଭଳି ତର୍କଶୀଳ ଓ ହେତୁବାଦୀ, ସେମାନେ କେବେ ବି ମୋ ପାଖକୁ ଆସନ୍ତିନାହିଁ । ମୁଁ ସେଥିପାଇଁ ନିରାପଦ ଭାବେ ମୋ ଧନ୍ଦା ଚଲେଇଛି ।

ମୁଁ ପଚାରିଲି - "ଯେଉଁ ଦିନ ତୋ'ର ଏହି ଭାଣ୍ଡାମିର ଅସଲ ରହସ୍ୟ ଜଣା ପଡିବ, ସେ ଦିନ କ'ଣ ହେବ କଳ୍ପନା କରିଛୁ ?ସେ ବଡ ଆତ୍ମବିଶ୍ୱାସର ସହ ଦୃଢ଼ କଣ୍ଠରେ କହିଲା - "ହଁ ମୁଁ ଜାଣିଛି ।" କଥାରେ ଅଛି - "ନେଇ ଆଣି ଥୋଇ ଜାଣିଲେ ଚୋରି କାମଟି ଭଲ ।"

ସେ ପୁଣି କହିଲା - "ଭାରତୀୟ ଦଣ୍ଡ ସଂହିତା ଅନୁସାରେ କେଉଁ କେଉଁ କାମ କରି ଧରା ପଡିଲେ ଜେଲ ଦଣ୍ଡ ହେବ, ତାହା ବି ମୁଁ ଜାଣେ । ଯଥା :ନାରୀମାନଙ୍କର ଯୌନ ଶୋଷଣ, ନିଶା ଦ୍ରବ୍ୟର ଅନୈତିକ ବ୍ୟାପାର, କୌଣସି ବ୍ୟକ୍ତିଙ୍କୁ ମିଥ୍ୟା ପ୍ରଲୋଭନ ଦେଇ ଟଙ୍କା ହଡପ କରିବା ଏବଂ କୌଣସି ଭ୍ରଷ୍ଟାଚାରୀ ନେତା, ମନ୍ତ୍ରୀ, ଅଫିସର ଓ ପ୍ରତିଷ୍ଠିତ ବ୍ୟକ୍ତିବିରୋଧରେ ଭାଷଣ ଦେବା କାମ କଲେ, ଦିନେ ନା ଦିନେ ମୁଁ ଦଣ୍ଡ ଭୋଗିବି ।"

"ଯେଉଁ ଇଜ୍ଜତଦାର ଘରର ମହିଳାମାନେ, ସ୍ୱଇଚ୍ଛାରେ ମୋ ସହିତ ଯୌନ ସମ୍ପର୍କ ରଖିବାକୁ ଚାହୁଁଛନ୍ତି, ସେମାନେ ମୋ ଇଜ୍ଜତ ଅପେକ୍ଷା ସେମାନଙ୍କ ଇଜ୍ଜତ ରକ୍ଷା କରିବାପାଇଁ ସମସ୍ତ ପ୍ରକାର ସାବଧାନତା ଅବଲମ୍ବନ କରିଥା'ନ୍ତି ।ମୁଁ କୌଣସି ସାଧାରଣ କନ୍ୟା ବା ସ୍ତ୍ରୀ ପ୍ରତି ନଜର ପକାଏ ନାହିଁ । ତେଣୁ ମୋ ଉପରେ ଯୌନ ଶୋଷଣର ଆରୋପ ଲାଗିବାର ଭୟ ନାହିଁ । ନିଶା ଦ୍ରବ୍ୟ ମୁଁ ମୋର ଆବଶ୍ୟକ ପରିମାଣରେ ବ୍ୟବହାର କରେ କିନ୍ତୁ ବ୍ୟବସାୟ କରେ ନାହିଁ । ମୁଁ କାହାରିକୁ ମିଥ୍ୟା ପ୍ରଲୋଭନ ଦେଇ ଧନ ହଡପ କରେ ନାହିଁ । ମୁଁ କୌଣସି ଭ୍ରଷ୍ଟ ନେତା, ମନ୍ତ୍ରୀ ଓ ଅଫିସରଙ୍କ ବିରୋଧରେ କୁହେ ନାହିଁ । ମିଡ଼ିଆ ଲୋକମାନଙ୍କ

 Magazine Downloaded from www.aahwaan.com

ଆଗରେ ମୁଁ ଖୁବ ସଙ୍କୁଚିତ ଭାବେ ଧାର୍ମିକ ପ୍ରବଚନ ଦେଇଥାଏ । ସେଥିପାଇଁ ମୁଁ ଆଜି ପର୍ଯ୍ୟନ୍ତ ଏକ ଶୁଦ୍ଧ, ସାତ୍ତ୍ୱିକ ସନ୍ୟାସୀ ବାବା ନାମରେ ଖ୍ୟାତି ପ୍ରାପ୍ତ କରିଛି ।"

ସେ ରାତିରେ ସନିଆ ମୁହଁରୁ ଅଯାଚିତ ପ୍ରବଚନ ଶୁଣୁ ଶୁଣୁ ମୁଁ ଭାବୁଥିଲି –"ସତରେ କ'ଣ ସନିଆ ଯାହା କହୁଛି ସତ ? ହଁ ସେସବୁ ଅପ୍ରିୟ ସତ୍ୟ । ଦୁନିଆର ପ୍ରାୟ ପ୍ରତ୍ୟେକ ଦେଶରେ ଛଦ୍ମବେଶୀ ସଂସାର ତ୍ୟାଗୀ ସାଧୁ, ସନ୍ୟାସୀ ବିଭିନ୍ନ ନାମରେ ବିଦ୍ୟମାନ ଅଛନ୍ତି, ଯେଉଁମାନେ - ସେମାନଙ୍କ ଧାର୍ମିକ ଧନ୍ଦାକୁ "ନେଇ ଆଣି ଥୋଇ ଜାଣିବା" କଳାରେ ପାରଙ୍ଗମ । ସେମାନେ ଆଜୀବନ ସମାଜରେ ମାନ, ସମ୍ମାନ ଓ ଧନ ପ୍ରାପ୍ତ କରି ବଞ୍ଚିଛନ୍ତି । ଭକ୍ତମାନେ କହନ୍ତି - "ବାବାମାନେ ସେମାନଙ୍କର ପ୍ରାରବ୍ଧର ଫଳ ଭୋଗ କରୁଛନ୍ତି ।" ପରିତାପର ବିଷୟ ହେଉଛି ଯେ ଯେତେବେଳେ କୌଣସି ବାବା ଅନୈତିକ କର୍ମ କରୁଥିବା ଅପରାଧରେ ଜେଲଦଣ୍ଡ ଭୋଗ କରୁଛନ୍ତି, ସେତେବେଳେ ଅନ୍ଧଭକ୍ତମାନେ କାହିଁକି ମାନୁନାହାନ୍ତି ଯେ ଏଇଟା ମଧ୍ୟ ବାବାଙ୍କ ପ୍ରାରବ୍ଧର ଫଳ ? ତାଙ୍କର ନିର୍ଦ୍ଦୋଷ ପଣକୁ ସମର୍ଥନ କରି ଦେଶର ଆଇନକୁ ବିରୋଧ କରୁଛନ୍ତି କାହିଁକି ?

ଅନ୍ଧଭକ୍ତମାନଙ୍କ ଯୁକ୍ତି - "ଆମ ବାବା ସେମିତି ଅପକର୍ମ କରନ୍ତି ନାହିଁ । ତାଙ୍କୁ କେତେକ ଅସହିଷ୍ଣୁ ଲୋକ ବଦନାମ କରିବାପାଇଁ ମିଥ୍ୟାରୋପ ଲଗାଉଛନ୍ତି ।" ବାବାଙ୍କ ପ୍ରତି ଲାଗିଥିବା ଆରୋପ ସତ ବୋଲି ପ୍ରମାଣିତ ହୋଇଗଲେ ମଧ୍ୟ ଅନ୍ଧଭକ୍ତ ଯୁକ୍ତି କରନ୍ତି-"ବାବାଙ୍କର ସାମାନ୍ୟ ଭୁଲକୁ ନ ଦେଖି ତାଙ୍କଦ୍ୱାରା କରାଯାଇଥିବା ମହତକାମ ଗୁଡିକୁ ଦେଖି ବିଚାରକରିବା ଉଚିତ ।"ଏଇଠି ପ୍ରଶ୍ନ ଉଠୁଛି -ପ୍ରଥମ କଥା ହେଉଛି ଯେ ମଣିଷ ସମାଜର ଏକ ଆଦର୍ଶ ପୁରୁଷ ଭାବେ ସମ୍ମାନିତ ବ୍ୟକ୍ତିର ଅନୈତିକ କର୍ମ ଗୁଡିକୁ ସାମାନ୍ୟ ଭୁଲ କହି ଏଡାଇ ଦେବା ଉଚିତ କି ?"

 Magazine Downloaded from www.aahwaan.com

ବାବାମାନଙ୍କର ମହତ କାମ ହେଉଛି - ଭକ୍ତମାନେ ଦାନ କରିଥିବା ଅଜସ୍ର ଧନରାଶିରୁ କିଛି ଅଂଶ ତ୍ୟାଗ କରି ଜନମଙ୍ଗଳ କାର୍ଯ୍ୟରେ ବ୍ୟୟ କରା ଯାଉଛି । ଯଥା : ସ୍କୁଲ, କଲେଜ, ଡାକ୍ତରଖାନା ଖୋଲିବା ସହିତ ସେହି ଅଞ୍ଚଳରେ ଗୋଟିଏ ଦୁଇଟି ଭବ୍ୟ ମନ୍ଦିର ନିଶ୍ଚୟ ନିର୍ମାଣ କରିବେ । ଯାହାର ଖର୍ଚ୍ଚ ସ୍କୁଲ, କଲେଜ ଓ ଡାକ୍ତରଖାନା ଅପେକ୍ଷା ପାଞ୍ଚ ଦଶ ଗୁଣ ଅଧିକ ହୋଇଥିବ । ଅନ୍ଧଭକ୍ତମାନେ ବୁଝିବା ଉଚିତ ଯେ ଏହିଭଳି ମହତ କାମ ତ ଗୃହସ୍ଥ ଜୀବନରେ ରହି ମଧ୍ୟ, ବୌଦ୍ଧିକ ନିଷ୍ଠା ଯୋଗୁ ଜନସମର୍ଥନ ପ୍ରାପ୍ତ କରି ଜଣେ ନିଃସ୍ୱାର୍ଥ, କର୍ମଠ ଜନସେବକ ମଧ୍ୟ ଖୁବ ସହଜରେସ୍କୁଲ, କଲେଜ, ଡାକ୍ତରଖାନାନିର୍ମାଣ କରିପାରୁଥିବା ଅନେକ ଉଦାହରଣ ଅଛି ।

ତା' ପରଦିନ ମୁଁ ସନିଆଠାରୁ ବିଦାୟ ନେଇ ମୋର ବନ୍ଧୁଙ୍କ ଘରକୁ ଫେରିଲି । ଭାବୁଥିଲି ବନ୍ଧୁଙ୍କୁ ସବୁ କଥା କହିବି କିନ୍ତୁ ଚୁପ ରହିଲି ।

ବେଙ୍ଗାଲୁରୁ, ଭାରତବର୍ଷ

ଭ୍ରାମ୍ୟଭାଷ : ୯୪୮୨୦୧୬୨୬୦

 Magazine Downloaded from www.aahwaan.com

# ବଡ଼ଲୋକ



ଅନୁସୂୟା ଜେନା

ସକାଳୁ ସକାଳୁ ବାବୁ ଘର ଗେଟ ଖୋଲୁ ଖୋଲୁ ବାଲକୋନିରୁ ବାବୁଆଣୀ ବଡ ପାଟିରେ କହିଲେ: "ଆମ୍ମା , ଗ୍ୟାରେଜ ଖୋଲି ଟିକେ ବାବୁଙ୍କ ଗାଡିଟା ପାଣି ମାରି ପୋଛି ଦେ । ଆଜି ଡ୍ରାଇଭର ଆସିନି । " ବାବୁଆଣୀଙ୍କ କଥାରେ ମୁଣ୍ଡ ଟୁଙ୍ଗାରି ଦେଇ ଆମ୍ମା ଗ୍ୟାରେଜର ସଟର ଟେକିଲା । ଗେଟ କଡ଼ରେ ଲାଗିଥିବା ଟ୍ୟାପ୍‌ରୁ ବାଲତିରେ ପାଣି ଆଣି ଗାଡ଼ି ପୋଛିବାକୁ ଗଲା । ଓଦା କପଡ଼ାରେ ଗାଡ଼ି ପୋଛୁ ପୋଛୁ ତା' ନଜର ଗ୍ୟାରେଜ କାନ୍ଥକୁ ଲାଗି ଦାନ୍ତ ନିକୁଟି ପଡ଼ିଥିବା ଦଦରା ମଟର ସାଇକେଲ ଉପରେ ପଡ଼ିଲା । କେଜାଣି କୋଉ କାଳରୁ ସେଠି ପଡ଼ିଛି, ଧୂଳି ଆଉ ଅଳନ୍ଧୁ ପରସ୍ତ ପରସ୍ତ ତା' ଉପରେ ନେସି ହେଇଯାଇଛି । ଗୋଟେ ମୁହୂର୍ତ୍ତ ପାଇଁ ଭାବନାରେ ଭାସିଗଲା ପାର୍ବତୀ ଆମ୍ମା । ବାବୁଆଣୀକି ପଚାରିବ କି ଏଇ ମଟର ସାଇକେଲ ବିଷୟରେ । ଯଦି କିଛି ପଇସା ନେଇ ତାକୁ ଦେଇ ଦିଅନ୍ତେ, ଟିକିଏ ସଜାଡି ଦେଲେ ସକାଳୁ ସକାଳୁ ତିନି କିଲୋମିଟର ଚାଲି ଚାଲି ଆସିବାରୁ ତାକୁ ଟିକିଏ ରକ୍ଷା ମିଳିଯାଆନ୍ତା । ଆଜି ଘରକୁ ଗଲେ କ୍ରିଷ୍ଣା ବାପାକୁ ଆଗେ ପଚାରିବ ସିଏ, ତା'ପରେ ବାବୁଆଣୀ କି କହିବ । ମନର କଥାକୁ ମନରେ ଚାପି ଗାଡ଼ି ପୋଛି ସାରି ବାବୁ ଘରେ ଝାଡୁ ପୋଛା ଆଉ ବାସନ ମଜାରେ ଲାଗି ଗଲା ଆମ୍ମା ।

ସଞ୍ଜ ବେଳକୁ ଆପ୍ପା ରାଓ ଘରେ ପହଞ୍ଚି ପାର୍ବତୀ ଆମ୍ମାର ଖୁସିରେ ଉଚ୍ଛୁଳି ପଡୁଥିବା ମୁହଁକୁ ଦେଖି ଅନୁମାନ କରିନେଲା ଯେ ଆଜି ବୋଧେ କିଛି ନୂଆ ଘଟଣା ହେଇଚି । ଆମ୍ମାକୁ

 Magazine Downloaded from www.aahwaan.com

ପାଣି ଗିଲାସେ ମାଗି ବାରଣ୍ଡାରେ ବସି ପଡିଲା ଆପ୍ପା ରାଓ । ପାଣି ଗିଲାସ ଧରାଇ ଦେଇ ଆମ୍ମା ଗେହ୍ଲେଇ ହେଇ କହିଲା, ଦେଖିଲୁ, ମୁଁ ସବୁଦିନ ଏତେ ବାଟ ଚାଲି ଚାଲି କାମକୁ ଯାଉଛି, ମୋ ତଳିପା କେମିତି ବିଣ୍ଡି ହେଇଗଲାଣି, ସବୁ ଦିନ ରାତିରେ ପୁଣି ଅଣ୍ଟା ବିନ୍ଧୁଛି, ମୁଁ ଶୋଇ ପାରୁନି । ଏକା ନିଶ୍ୱାସରେ ପାଣି ପିଇଦେଇ ଆପ୍ପା ରାଓ ଆମ୍ମା ମୁହଁକୁ ଚାହିଁଲା । କହିଲା, କଣ କରିବା କହିଲୁ । ଆମେ ଖଟିଖିଆ ଲୋକ । ଆମ୍ମା ମୁଣ୍ଡ ହଲେଇ କହିଲା, ନାଇଁ, ମୁଁ କଣ କହୁଥିଲି କି, ମିଶ୍ର ବାବୁଙ୍କ ଘରେ ଗୋଟେ ପୁରୁଣା ମଟର ସାଇକେଲ ଦେଖିଲି । ଆମେ ଯଦି କିଛି ପଇସା ଦେଇ ତାକୁ ଆଣିପାରନ୍ତେ, ତାହେଲେ........... ଆମ୍ମା କଥାର ଖିଅ ଏଥର ଧରିପାରିଲା ଆପ୍ପା ରାଓ । କହିଲା, ଦେଖ, ମୁଁ ଜମାରୁ ଦୁଇ-ତିନି ହଜାର ଟଙ୍କା ଦେଇପାରିବି । ସବୁ ପଇସା ତ ଗଲା ମାସରେ ସରିଗଲା ପୁଅର ଦେହ ଭଲ କରିବାରେ । ତା଼’ କଥା ଶୁଣି ଆମ୍ମା କହିଲା, “ହଉ, ମୁଁ ଆମ ଗ୍ରୁପରୁ ଆଉ ଦୁଇ ହଜାର ଧାର ଆଣି ପାରିବି । କାଲି ବାବୁଆଣୀଙ୍କି ପଚାରୁଛି, ସେ କଣ କହୁଛନ୍ତି ।”

ରାତି ସାରା ବିଲକୁଲ ନିଦ ନାହିଁ ଆମ୍ମା ଆଖିରେ । ମନରେ କେତେ କେତେ ଭାବନା ଖାଲି ଢେଉ ଖେଳୁଛନ୍ତି । ଆପ୍ପା ରାଓ ପଛରେ ସେ ବସି ଏଥର କାମ କରିବାକୁ ଯିବ, ଯେମିତି ସଜନୀ ମା’ ପଣତ କାନି ଉଡେଇ ଦେଇ ତାକୁ ଦେଖେଇ ହେଇଯାଏ । ହାଟ ସଉଦା କଲେ ଏଥର ଆଉ ଓଜନିଆ ବ୍ୟାଗ ବୋହି ଘରକୁ ଫେରିବନି, ଗାଡିରେ ଥୋଇକି ଆଣିବ । କ୍ରୀଷ୍ଣାଟା ବସ୍ତି ଆରପଟ ସ୍କୁଲରେ ପଢୁଛି, ସବୁଦିନ ଗାଡି ମଟର ରାସ୍ତା ପାରି ହେଇକି ଯାଉଛି । ପିଲାଟା । କୋଉ ଦିନ କୋଉ କଥା । ଗାଡି ଆସିଲେ ତା’ ବାପା ତା’କୁ ସ୍କୁଲରେ ନେଇ ଛାଡି ଦେବ, ଆଉ ଆଣିବ । ଆଉ ତା’ ମା’ ମନଟା ଦକ ଦକ ହବନି । ଏମିତି ଅନେକ ଭାବନା ଭିତରେ ପାର୍ବତୀ ଆମ୍ମା ଝରକା ଫାଙ୍କରେ ବାହାରକୁ ଅନାଉଛି, କେତେବେଳେ

 Magazine Downloaded from www.aahwaan.com

ସକାଳ ହବ, ସେ କାମକୁ ବାହାରିବ ଆଉ ବାବୁଆଣୀଙ୍କି ତା' ମନ କଥା କହିବ ।

ଘର ଝାଡୁ ମାରୁ ମାରୁ ଆମ୍ମା ପଚାରିଦେଲା ସେଇ ପୁରୁଣା ମଟରସାଇକେଲ କଥା । ସୋଫା ଉପରୁ ଉଠିପଡି ବାବୁଆଣୀ କହିଲେ, "ତୁ ସେ ମଟର ସାଇକେଲ ନବୁ ? ? ବାବୁଙ୍କ ପୁରୁଣା ଗାଡିଟା, ସେ ରାଜି ହେବେନି । ଆଚ୍ଛା, କେତେ ପଇସା ଦେଇପାରିବୁ ? ? ଛ ହଜାରରୁ କମରେ ଦେଇହବନି ।" ମା, ଏତେ ପଇସା ମୁଁ କୋଉଠୁ ଆଣିବି ? ତା' ପରେ ସେ ଗାଡିର ଯୋଉ ଅବସ୍ଥା, ସେଥିରେ ତ ଆଉ କିଛି ପଇସା ଖରଚ କରିବାକୁ ପଡିବ । ଅତିବେଶୀରେ ଚାରି ହଜାର ଦେଇ ପାରିବି ମା । ଗୋଟେ ତାଚ୍ଛଲ୍ୟଭରା ହସ ଫୁଟାଇ ବାବୁଆଣି ସିଧା ସିଧା ଶୁଣେଇ ଦେଲେ, "ଛ ହଜାରରୁ ଗୋଟେ ଟଙ୍କା କମରେ ଗାଡି ଦେଇ ହବନି ।" ଆମ୍ମାର ହାତ ଗୋଟିଏ ମୂହୁର୍ତ୍ତ ପାଇଁ ଅଟକି ଗଲା । ତା' ସ୍ୱପ୍ନର ତଣ୍ଟି ଚିପି ହେଇଗଲା । ମନ ଭିତରୁ ବାହାରି ଆସୁଥିବା ହତାଶ ଭାବକୁ ଚାପି ଦେଇ ପୁଣି ଝାଡୁ ମାରିବାରେ ଲାଗିଗଲା ସେ । ଏଇ ଭିତରେ ପନ୍ଦର ଦିନ ବିତିଗଲା ।

ଏ ଆମ୍ମା ! ! ସେ କବାଡିବାଲାକୁ ଡାକିଲୁ, ରାସ୍ତାରେ ଯାଉଛି । ବାବୁଆଣୀ ଆଦେଶ ଦେଲେ । ଗେଟ ପାଖକୁ ଦଉଡି ଯାଇ ଆମ୍ମା ଡାକ ପକାଇଲା, ହୋ ଭାଇ, ଏଠିକି ଆସ । ଚା' କପ ହାତରେ ଧରି ବାବୁଆଣୀ ସିଡିରୁ ଓହ୍ଲେଇ ଗ୍ୟାରେଜ ପାଖକୁ ଆସିଲେ । ଡ୍ରାଇଭର ସନାତନ ପାଇପରେ ପାଣି ମାରି ସେଠି ଗାଡି ଧୋଉଛି । "ସନାତନ, ସେ ମଟର ସାଇକେଲଟା ଏଇ କବାଡି ବାଲାକୁ ଦେଖାଇଲୁ ।" ପଛରେ ଠିଆ ହେଇ ଆମ୍ମା ବାବୁଆଣୀଙ୍କର ଉଦ୍ଦେଶ୍ୟ ଠିକ ବୁଝିପାରୁଥିଲା । କେଜାଣି କେତେ ଟଙ୍କାରେ ମୂଲଚାଲ ହେଲା, ପାର୍ବତୀ ଆମ୍ମାର ସେକଥା ଜାଣିବା ପାଇଁ ଇଚ୍ଛା କି ଧୈର୍ଯ୍ୟ ନଥିଲା । ବାସନ ମଜା ଅଧାରେ ଛାଡି ଆସିଥିବା କଥା କହି ସେ ସିଡି ଚଢି ଚାଲିଗଲା ରୋଷେଇ ଘରକୁ । ବାସନ

 Magazine Downloaded from www.aahwaan.com

ମଜାର ଖଡ ଖାଡ ଶବ୍ଦ ସଙ୍ଗେ ତଳେ କବାଡି ବାଲାର ମଟର ସାଇକେଲର ପାର୍ଟସ ସବୁ ପିଟି ପିଟି ଢଂ ଢଂ କରିବାର ଶବ୍ଦ ଏକାକାର ହଉଥିଲା । ରୋଷେଇ ଘର ସିଙ୍କରେ ବାସନ ଧୋଇବା ପାଣି ଆଉ ଆମ୍ଭ ଆଖିର ଲୁହ ଏକାକାର ହଉଥିଲେ । ତଳେ ବାବୁଆଣୀ ଗୋଟେ ହାତରେ ଚା' କପ ଆଉ ଅନ୍ୟ ହାତରେ ମୋବାଇଲ ଫୋନ କାନରେ ଦେଇ କାହା ସଙ୍ଗେ କଥା ହଉଥିଲେ, "ଆରେ ଭାଇନାଙ୍କର ସେଇ ଯୋଉ ପୁରୁଣା ମଟର ସାଇକେଲଟା ଥିଲା, ତା'କୁ କବାଡି ବାଲାକୁ ଆଜି ଦେଇଦେଲି । ସେମିତି କିଛି ଖରାପ ହେଇ ନଥିଲା ମ ! ଖାଲି ପୁରୁଣ । ହେଇ କଳଙ୍କି ଲାଗି ଯାଇଥିଲା । ଯାହା ହଉ, ଏତେ ବର୍ଷ ପରେ ବି ଭଲ ରେଟରେ ଗଲା ।"

 Magazine Downloaded from www.aahwaan.com

# ମୋ ମାଆ



ସଙ୍ଗୀତାମଞ୍ଜରୀ ମହାନ୍ତି

ଏହି ମା ଶବ୍ଦଟି ଶୁଣିବା ମାତ୍ରେ ମନ ଖୁସି ହୋଇଯାଏ । ଏହି ମା'ଟିକୁ ଥରେ ହରେଇଲା ପରେ ଆଉ ଯେତେ ଖୋଜିଲେ ମଧ୍ୟ ପାଇହୁଏ ନାହିଁ । ମୋ ମା ଦେଖିବାକୁ ବହୁତ୍ ସୁନ୍ଦର ଆଉ ସ୍ନେହମୟୀ । ଯେତେ ଯାହା ହେଉପଛେ ତା'ର ହାତରନ୍ଧା ଖାଇଦେଲେ ମନରେ ଶାନ୍ତି ଆସିଥାଏ । ଦେହ ଖରାପ ଥିଲେ ବୋଉ ଆମର ବହୁତ ଯତ୍ନ ନେଇଥଏ ସେହିଁ ରାତି ରାତି ଅନିଦ୍ରା ରହି ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଥାଏ ମୋ ପିଲାର ଦେହ ଭଲ କରିଦିଅ । ପ୍ରକୃତରେ ମା'ର ସ୍ନେହ ଅପାର, ତା ପାଖରେ ଆମେ ସର୍ବଦା ଋଣୀ ହୋଇ ରହିଯାଉ । ସେ ହିଁ ସବୁବେଳେ ଆମ କଥା ଚିନ୍ତା କରୁଥାଏ । ପର୍ବପର୍ବାଣୀ ହେଲେ ମଧ୍ୟ ତା'ର ହାତତିଆରି ପିଠା ଭାରି ସୁଆଦିଆ ଲାଗେ । ସେ ମା ହିଁ ଗୋଟିଏ ପରିବାରକୁ ଯୋଡ଼ି ରଖିଥାଏ । ତାକୁ ଯେତେ କଷ୍ଟ ହେଲେ ମଧ୍ୟ ସେ ମନରେ ଚାପି ମୁହଁରେ ହସିଥାଏ । ଗୋଟିଏ ପରିବାରରେ ମା'ର ସ୍ଥାନ ସର୍ବଦା ଉଚ୍ଚରେ ରହିଥାଏ । କାରଣ ସେ ସମସ୍ତଙ୍କର ଦାୟିତ୍ୱ ନେବା ସହିତ ସମସ୍ତଙ୍କ ଅଳିଅର୍ଦ୍ଦଳି ମଧ୍ୟ ସମ୍ଭାଳିଥାଏ । ସେ କାହାର ଅମଙ୍ଗଳ ଚିନ୍ତା କରିନଥାଏ । ସେ ସର୍ବଦା ସ୍ନେହମୟୀ, ଦୟାମୟୀ ।

ତୁଳସୀପୁର, କଟକ, ଓଡ଼ିଶା

 Magazine Downloaded from www.aahwaan.com

# ଉଚିତ ଶିକ୍ଷା



ସଙ୍ଗୀତାମଞ୍ଜରୀ ମହାନ୍ତି

ସଙ୍ଗୀତା ନାମକ ଏକ ଝିଅଟିଏ ଥିଲା । ତା'ର ଘର ପୁରୀ ଜିଲ୍ଲାର ଏକ ଗ୍ରାମରେ ଥିଲା । ପିତା ମାତାଙ୍କର ଅଲିଅଳି ଝିଅଟିଏ ସେଇ, ଆଗକୁ ପଛକୁ ଭାଇଭଉଣୀ ବୋଲି କେହିନଥିଲେ । ଗେହ୍ଲାରେ କିଏ ସଙ୍ଗୀ ତ ଆଉ କିଏ ସଙ୍ଗୀନି ବୋଲି ଡାକନ୍ତି । ପାଠପଢ଼ା ସହ ଖେଳକୁଦ କରିବାକୁ ଭଲପାଏ ସେ । ଗୀତ ମଧ୍ୟ ଶୁଣିବାକୁ ବହୁତ ଭଲପାଏ । ଆସ୍ତେ ଆସ୍ତେ ସେ ବଡ଼ ହେଲା । ତା'ର ସ୍କୁଲ୍ ଓ କଲେଜର ପାଠପଢ଼ା ସରିଗଲା । ବିବାହ ପ୍ରସ୍ତାବ ବହୁତ ଆସୁଥିଲା । ଗୋଟିଏ ଜାଗାରେ ବିବାହ ସ୍ଥିର ହୋଇଗଲା । ସଙ୍ଗୀର ଶାଶୁଘର ସାଲେପୁରରେ ଅବସ୍ଥିତ । ପିତାମାତାଙ୍କର ସେ ମଧ୍ୟ ଗୋଟିଏ ବୋଲି ପୁଅ ଥିଲା । ସେହି ପୁଅଟିର ନାମ ପାଣୁଆ ମହାନ୍ତି । ଏହାପରେ ସଙ୍ଗୀତା ବିବାହ ସେହି ପାଣୁଆ ସହିତ ହୋଇଗଲା । ବାହାଘର ବର୍ଷେ ହୋଇଛି କି ନାହିଁ ଶାଶୁଘରର କଟକଣା ସହ ଗଞ୍ଜଣା ତାକୁ ବହୁତ ବାଧିଲା । ବାପାମା'ଙ୍କୁ ସଙ୍ଗୀ ସବୁକିଛି କୁହେ । ତଥାପି କିଛି ହୁଏନାହିଁ । ଯେଉଁ କଥାକୁ ସେଇ କଥା । ପିତାମାତା ଧୈର୍ଯ୍ୟ ଧରି ରହିବାପାଇଁ ତାକୁ ବୁଝାନ୍ତି । ଅନେକ ଦିନ ବିତିଗଲା, କିଛି ବଦଳିଲା ନାହିଁ । ଥରେ ଅଧେ ବାପାମା ଆସି ଶାଶୁଶଶୁର ଓ ସ୍ୱାମୀଙ୍କ ସହ କଥା ହେଲେ । ଏହାପରେ କିଛି ଦିନ ସବୁ ଶାନ୍ତ ହୋଇଯାଏ ପୁଣି ଅତ୍ୟାଚାର ବଢ଼ିବାକୁ ଲାଗେ । ସଙ୍ଗୀ ଆଉ ଧୈର୍ଯ୍ୟଧରି ରହିପାରିଲା ନାହିଁ, ଏତେ ଗଞ୍ଜଣା ସହିବାପରେ ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଲା । ମାତ୍ର ସେ ଶାଶୁଘରେ ରହି ସେମାନଙ୍କୁ ଉଚିତ ଶିକ୍ଷା ଦେବାକୁ ଠିକ୍ କଲା ।

ଆଉ ଥରେ ଗଞ୍ଜଣା ସହି ନପାରି ନିଜେ ଶାଶୁଘର ଲୋକଙ୍କୁ ଥାନାରେ ଦେଲା । ଏଥିରୁ ଆମେ ଶିଖିଲୁ, କେବେ ହେଲେ କୌଣସି କଥାରେ ଭାଙ୍ଗିପଡ଼ିବ ନାହିଁ । ବରଂ ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରିବା ଆବଶ୍ୟକ ।

ତୁଳସୀପୁର, କଟକ

 Magazine Downloaded from www.aahwaan.com

# ଦୁଇକପ୍ ଚା



ସୁଧାଂଶୁ ଶେଖର ଦ୍ୱିବେଦୀ

"ସାର୍, ଗୋଟିଏ ଟିକେଟରେ ଗୋଟେ କପ୍ ଚା ଦେଇହେବ ।"

ମୁଁ ନିର୍ବୁଦ୍ଧିଆ ନୁହେଁ, ଡେଲି ଟ୍ରେନରେ ଯା-ଆସ କରୁଛି । ରାଜଧାନୀରୁ ରାଉରକେଲା ଯାଏଁ ସବୁ ଖବର ମୁଁ ଜାଣେ । ଏଇ ନେ କୋଡ଼ିଏ ଟଙ୍କା, ଶୀଘ୍ର ଆଉ ଗୋଟେ କପ୍ ଚା ଦେ ।

ହଁ ଆଉ ନା ଭିତରେ ଉବୁଟୁବୁ ହେଉ ହେଉ ପେଣ୍ଟ୍ରି ଷ୍ଟାଫ୍ ଆଉ ଗୋଟେ କପ୍ ଚା ବଢ଼େଇଦେଲା ବିଜୟ ବାବୁଙ୍କୁ ।

ବିଜୟବାବୁ ଗରମ କ୍ଷୀରଥିବା ଚା କପରେ ଟି ବ୍ୟାଗକୁ ହଲେଇ ହଲେଇ ପିଇବା ପାଇଁ ପ୍ରସ୍ତୁତ କଲେ । ପୁଣି ଗୋଟେ କପ୍ ଚା ପିଇସାରିବା ପରେ ଅନ୍ୟ କପ୍‌ଟି ସେହିପରି ବସିରହିଲା ସିଟ୍ ପାଖକୁ ଲାଗିଥିବା ଟିପୟ ଉପରେ ।

"ଆପଣଙ୍କ ଚା ଥଣ୍ଡା ହେଉଛି, ପିଉନାହାନ୍ତି କାହିଁକି ? ଯଦି ପିଇବାର ନଥିଲା ମଗାଉଥିଲେ କଣ ପାଇଁ ?" ସମ୍ମୁଖରେ ବସିଥିବା ଭଦ୍ରବ୍ୟକ୍ତି ବିଜୟବାବୁଙ୍କୁ ଜଣାଇଲେ ।

- ଆଜ୍ଞା ଏଇଟା ମୋର ପୁରୁଣା ଅଭ୍ୟାସ । ଯେତେବେଳେ ବି ମୁଁ ଚା ପିଏ ଦୁଇକପ୍ ମଗାଏ । ଗୋଟେ କପ୍ ମୋ ପାଇଁ ଆଉ ଅନ୍ୟଟି ମୋ ସ୍ତ୍ରୀ ପାଇଁ ।

- ଅଜବ କଥା କହୁଛନ୍ତି ଆଜ୍ଞା ! ଏକାକୀ ତ ଅଛନ୍ତି, ପୁଣି ସ୍ତ୍ରୀଙ୍କ ପାଇଁ ଚା କଣପାଇଁ ମଗାଇଲେ ?

ସହଯାତ୍ରୀଙ୍କ ପ୍ରଶ୍ନ ଶୁଣି ବିଜୟବାବୁ କିଛି ସମୟ ଚୁପଚାପ୍ ବସି ରହିଲେ ।

 Magazine Downloaded from www.aahwaan.com

- ଜଣାଯାଏ ସ୍ତ୍ରୀଙ୍କୁ ବହୁତ ଭଲ ପାଆନ୍ତି, ନୁହେଁ ? ତେବେ ଆପଣ ସ୍ତ୍ରୀଙ୍କ ସହ ଯାତ୍ରା କରିବା ଉଚିତ ଥିଲା । ସହଯାତ୍ରୀ ପୁଣି ଜଣାଇଲେ ।

ଆପଣାତ୍ୱର ସ୍ମୃତିରେ ବିଜୟ ବାଉଙ୍କ ପୁରୁଣା ଜଖମରେ ଯନ୍ତ୍ରଣା ଅନୁଭବ ହେଲା । ଯନ୍ତ୍ରଣା ମନରେ ହସର ମଇଲମ ଲଗେଇ ସେ କହିଲେ, "ଡିଭର୍ସ୍ କରିଛି ! ସ୍ୱପ୍ନ ଦେଖିଥିଲି, ବାହାହେବି, ସ୍ତ୍ରୀ ଆସିବ, ଘର ସ୍ୱର୍ଗ ହେଇଯିବ, ତାହା ହେଲା ବି । ଖୁବ୍ ଭଲ ପାଉଥିଲି ତାକୁ । ସକାଳୁ ସକାଳୁ ତା ହାତ ତିଆରି ଚା'ରେ ଏକ ଚମକ ଥିଲା ଯେମିତି, କିନ୍ତୁ ସ୍ତ୍ରୀ ସୁଖ ସମସ୍ତଙ୍କ ଭାଗ୍ୟରେ ନଥାଏ ଆଜ୍ଞା । ତା'ର ଦରକାର ଥିଲା ଧନ, ବୈଭବ, ହୋଟେଲରେ ଖାଇବା, ବାହାରେ ବୁଲିବା, ସବୁଦିନ ସପିଂ କରିବା, ଏ ସବୁ ତାର ଏକ ପ୍ରକାର ଦିନଚର୍ଯ୍ୟା ଥିଲା । ତା ଆଖିରେ ସ୍ୱାମୀ କମ୍ ଅଥଚ ଚାକର ଅଧିକ ଦେଖିବାକୁ ଲାଗିଲି ମୁଁ, ସତରେ ଧୈର୍ଯ୍ୟର ଗୋଟେ ସୀମାଥାଏ ଆଜ୍ଞା, ଶେଷରେ ହିସାବ - କିତାବ୍ କରି ମୁକ୍ତି ଦେଇଦେଲି ।

- ତା ହେଲେ ଏଭଳି ଦୁଇକପ୍ ଚା'ର ନାଟକ କଣପାଇଁ ?

- ସତ କହିଛନ୍ତି ଆଜ୍ଞା ଆପଣ । ଏଭଳି ନାଟକ ନ କଲେ ନିଜକୁ ଠକି ପାରିବି କେମିତି ? କ୍ରମଶଃ ବିଜୟବାବୁଙ୍କ ମୁହଁ ଗମ୍ଭୀର ହୋଇଯାଉଥାଏ ।

ବିସି-୭୪, ସେକ୍ଟର-୧

ସଲ୍ଟ୍ ଲେକ୍, କୋଲକାତା - ୭୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

 Magazine Downloaded from www.aahwaan.com

# ହ୍ୱାଟ୍‌ସଆପ୍



ସୁଧାଂଶୁ ଶେଖର ଦ୍ୱିବେଦୀ

ହ୍ୱାଟ୍‌ସଆପରେ ହସକଥା ପଢୁଥାଏ, ଯାହାକୁ କିଛି ସମୟ ପୂର୍ବରୁ ମୋ ବଡ଼ମାମୁଁଙ୍କ ପୁଅ ପଠାଇଥିଲା । ହସି ହସି ବେଦମ୍ ହେଉଥାଏ ମୁଁ, ସେତିକିବେଳେ ମୋ ସାନମାମୁଁଙ୍କ ପୁଅ ଠିକ୍ ଏକାପରି ହସକଥାଟେ ହ୍ୱାଟ୍‌ସାପ୍‌ରେ ପଠାଇଲା । ମୁଁ ଆଉଥରେ ହସିବାକୁ ଚେଷ୍ଟା କରି ଆଶ୍ଚର୍ଯ୍ୟ ହେଉଥାଏ । କାରଣ ଦୁଇ ମାମୁଁଙ୍କ ମଧ୍ୟରେ ବହୁଦିନରୁ କଥାବାର୍ତ୍ତା ବନ୍ଦ, ଜଣକର ଛାଇ ପଡ଼ିଲେ ଅନ୍ୟଜଣଙ୍କର ନାହି ଡିଏଁ । ତାଙ୍କ ପିଲାମାନେ ମଧ୍ୟ ସ୍ୱଇଚ୍ଛାରେ କଥାବାର୍ତ୍ତା କରି ପାରନ୍ତିନି, କେବେ କେମିତି ଲୁଚିଛପି କଥାବାର୍ତ୍ତା ହୁଅନ୍ତି । ଦୁଇ ମାମୁଙ୍କ ମଧ୍ୟରୁ ଯଦି କେହି ଦେଖିନେଲା ଅଗତ୍ୟା ସାଂସାରିକ ଝଡ଼-ବାତ୍ୟା ହେବାର ପୂର୍ବାନୁମାନ ମିଳେ, ଦୁହିଁଙ୍କ ମଧ୍ୟରେ ପାରିବାରିକ କଳହ କାରଣରୁ ସଂପର୍କରେ ବନ୍ଧ ଆଜି ପର୍ଯ୍ୟନ୍ତ ପଡ଼ି ରହିଛି ।

କିଛି ସମୟ ପରେ ପୁଣି ମଉସା ପୁଅଠାରୁ ବି ଏକାପ୍ରକାର ହସକଥାଟେ ମୋ ମୋବାଇଲକୁ ଆସିଲା । ହସକଥା ପଠାଉଥିବା ଲୋକମାନଙ୍କ ମଧ୍ୟରେ ପ୍ରାୟତଃ ସେଇମାନେ ଥିଲେ, ଯେଉଁମାନେ ଅନ୍ୟଜଣକ ମଧ୍ୟରେ କଥାବାର୍ତ୍ତା ହୁଅନ୍ତି ନାହିଁ ।

ଏଭଳି ହସକଥା କୋଉଠୁ ମିଳିଲା ବୋଲି ମୁଁ ମାମୁପୁଅକୁ ଫୋନ କରି ଜାଣିବାକୁ ଚାହିଁଲି । ସେ କହିଲା, "ହଁ କୋଉଠୁ ହେଲେ ଆସିଛି, ପଠେଇଦେଲି ।"

ମୁଁ ଆଉ ଅପେକ୍ଷା ନ କରି ତାକୁ କହିଲି, "ଏମିତି ତ କେବେ ବି ମୁହାଁମୁହିଁ କଥାବାର୍ତ୍ତା ହେଉନାହଁ । ହେଲେ ମୁଁ ଦେଖୁଛି ହ୍ୱାଟ୍‌ସଆପ୍‌ରେ ତୁମେମାନେ ବେଶ୍ ଯୋଡ଼ି ହୋଇ

 Magazine Downloaded from www.aahwaan.com

ରହିଛ !”

ବାସ୍ତବିକ ସୋସିଆଲ୍ ମିଡ଼ିଆକୁ ଅନେକ ଧନ୍ୟବାଦ ଦେବାକୁ ଇଚ୍ଛା ହେଉଥିଲା ମୋର । ଯାହାଦ୍ୱାରା କୌଣସି ପ୍ରକାରେ ଲୋକମାନଙ୍କୁ ତ ଯୋଡ଼ି ରଖିବାକୁ ପ୍ରୟାସ କରି ପାରିଛି । କିନ୍ତୁ ଦୁଃଖର ବିଷୟ ଯେ ଟଚ୍ ସ୍କ୍ରିନ୍ ମୋବାଇଲ୍ ଦୁନିଆରେ ଆଙ୍ଗୁଳି ହିଁ ସଂପର୍କ ସ୍ଥାପନ କରୁଛି, ସମସ୍ତେ ଟଚ୍‌ରେ ବ୍ୟସ୍ତ ହେଲେ କେହି ଟଚ୍‌ରେ ଆସୁନାହାନ୍ତି ।

ବିସି-୭୪, ସେକ୍ଟର-୧
ସଲ୍ଟ୍ ଲେକ୍, କୋଲକାତା - ୭୪
ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

Magazine Downloaded from www.aahwaan.com

# କବିତା ବିଭାଗ

Magazine Downloaded from www.aahwaan.com

# ସମ୍ପର୍କ



ଅଭୀପ୍ସା ଜେନା

ଶବ୍ଦମାନେ ଖୁବ୍ ଅସହାୟ

ମୋ କଲମ ବି ହୋଇପଡିଛି ଅବଶ

କେମିତି ବୁଝେଇବି ଏ ସଂପର୍କର ମଧୁର ପରିଭାଷା

ବିତି ଯାଇଥିବା ଛୋଟ ଛୋଟ ମୁହୂର୍ତ୍ତ

ହୃଦୟରେ ଭରିଦିଏ ଖୁସିର ଅନୁଭବ

ଅନ୍ତରଙ୍ଗ ଏ ଅନୁଭବ

ସଂପର୍କର ମୂଲ୍ୟକୁ ଦ୍ୱାହି ଦେଇ

ପ୍ରାଚୁର୍ଯ୍ୟ ଭରା ଜୀବନରେ ମଜ୍ଜି ରହି

ମଣିଷ ଭୁଲିଯାଉଛି ଖୁସିର ପ୍ରକୃତ ସଂଜ୍ଞା

ସଂପର୍କଠୁ ବଡ଼ ସଂପତ୍ତି ଆଉ କିଛି ହୋଇପାରେନା

କିଛି ହସ,ଖୁସି ଆଉ ତ୍ୟାଗ ଦେଇ

ବାନ୍ଧି ରଖିବାକୁ ହୁଏ ସଂପର୍କର ଡୋର

ନଚେତ୍ ସମୟର ଚକା ଭଉଁରୀ ଖେଳ ମଧ୍ୟେ

ଆଖିପିଛୁଳାକେ ନିଜର ବି ଛିଟିକି ପଡନ୍ତି ବହୁ ଦୂର ।

 Magazine Downloaded from www.aahwaan.com

# ଆଶିଷ ଦିଅ ଚାଚାଜୀ



ସନ୍ତୋଷ ପଟ୍ଟନାୟକ

ଆମରି ହସ ଚହଟ ଚମ୍ପା
ଭାରତମାଆ ଅଞ୍ଚଳେ,
ମହକାଇ ଦେବୁ ଆମରି ସୁରଭି
ଜ୍ଞାନଲୋକ ଜ୍ୟୋତିବଳେ....

ଏକଥାକୁ ହେଜି ନେହରୁ ଚାଚାଜି
ନିଜ ଜନ୍ମଦିନ ସ୍ମୃତି
ଉତ୍ସର୍ଗୀତ କଲେ ଶିଶୁଙ୍କ ନାମରେ
ଦେଇ ସ୍ନେହାଶିଷ ପ୍ରୀତି.....

ଛୋଟଦେହେ ଭରା ଦିବ୍ୟ ସମ୍ଭାବନା
ଆଜିକେ ବୁଝୁଚି କାଇଁ !
ଖାଦ୍ୟ ବସ୍ତ୍ର ଶିକ୍ଷା ଉତ୍ତମ ଚିକିତ୍ସା
ଅନୁକୂଳ ସ୍ଥିତି ନାଇଁ....

ଶାସକ ବିବେକ ବିକଶିତ ପାଇଁ
ଆଶିଷ ଦିଅ ଚାଚାଜି
ପ୍ରତିଭାର ପ୍ରଭା ଆଲୋକିତ ହେଉ
ନବୀନ ସୂର୍ଯ୍ୟଟେ ସାଜି.....

ଗଞ୍ଜାମ, ଓଡ଼ିଶା

# ପଲ୍ଲୀ ସନ୍ଧ୍ୟା



ତପନ ଦୀକ୍ଷିତ

କଳ କାକଳୀରେ ମୁଖର  ଦିଗନ୍ତ
ଦିବସର ଅବସାନ
ସନ୍ଧ୍ୟା ର ଶୁଭ  ଶଙ୍ଖ ନାଦ ଶୁଭେ
ଅରୁଣ ହେଲେଣି ମ୍ଲାନ,
ମେଲାଣି ନେଲେଣି ବିହଙ୍ଗମ ଦଳ
ଯିଏ ଯେଝା ଯେଝା ନୀଡ଼େ
ଗୋଧୂଳିର ଧୂଳି ଉଡାଇ ଉଡାଇ
ଗୋଧନ  ଦଳ  ବାହୁଡେ  ,
ଦିହୁଡ଼ି  ଜଳାଇ  ଜହ୍ନ  ଆସିଲାଣି
ଫୁଟିଲେଣି ତାରା ଫୁଲ
ପଲ୍ଲୀ ସୁନ୍ଦରୀ ମୋ ଜହ୍ନ ରୋଷଣିରେ
ହୋଇଲାଣି ଝଲମଲ,
ଗହଳ ଚହଳ  ପଲ୍ଲୀ  ବାଳା ଙ୍କର
ଗାଁ ଗାଡ଼ିଆର ତୁଠେ
ନୀଳକଇଁ  ସାଜେ ଅଭିସାର ବେଶ
ହୃଦୟ  ବିଳପି ଉଠେ ।।

ତପନ ଦୀକ୍ଷିତ (ବେଳାଭୂମି)
ନାଶିକେଶ୍ୱର, କାକଟପୁର, ପୁରୀ
ଭ୍ରାମ୍ୟଭାଷ : ୯୫୩୭୪୦୦୭୪୪

 Magazine Downloaded from www.aahwaan.com

# ଲାଗିଗଲା ମନ



କୁମୁଦ ଚନ୍ଦ୍ର ଦଳେଇ

ଲାଗିଗଲା ମନ   ପ୍ରଥମ ଦେଖାରେ
ଲୋଭନୀୟ ତୁମ ଛବି
ବେଳାଭୂମି ପରେ ଭାବୁ ଅଛି ଏକା
କେବେ ମୁଁ ତୁମର ହେବି
ଜଳ ପ୍ରତିବିମ୍ବେ  ଖେଳୁ ଅଛ ତୁମେ
ଭ୍ରୁକୁଟିକୁ ଦୋହଲାଇ
ଶିକ୍ତ ଅବୟବ    ଖୋଲି ଦେଇଅଛ
ରୂପ ଉପଭୋଗ୍ୟ ପାଇଁ
ମତ୍ସ୍ୟ ଗହଣରେ  ସାଜିଅଛ ତୁମେ
ସାଗରର ମତ୍ସ୍ୟ ଗନ୍ଧା
ସାଗର ତରଙ୍ଗେ ସ୍ୱପ୍ନପୁରୀ ତୁମେ
ମୋ ମନ ରଖିଲ ବନ୍ଧା
ନୀଳାମ୍ବରୀ ସାଜି ସାଗର ଢେଉରେ
ଭାସି ତୁମେ ନାଚୁ ଅଛ
ଚୋରା ଚାହାଣିରେ ପଦ୍ମ ବିମ୍ବାଧରେ
ଲାଜେଇ କେତେ ହସୁଛ

 Magazine Downloaded from www.aahwaan.com

ପକ୍ୱ ଯଉବନେ     କାମନା ଜୁଆର

ସୃଷ୍ଟି କରେ ଭୂମି କମ୍ପ

ମନ କହୁଅଛି.     ଲହଡି ଭାଙ୍ଗନ୍ତି

ଜୁଆର କୁ ଦେଇ ଲମ୍ଫ

ମଦାଳସା ସାଜି   ଲୁଚକାଳି ଖେଳ

ତରଙ୍ଗ ମାଳାର ଅଙ୍କେ

ଧୀବର ସାଜି ମୁଁ. ଖୋଜି ବୁଲୁଅଛି

ଅତଳ ସାଗର ବକ୍ଷେ

ଆକୁଳ, ଅତଳ,   ଅନନ୍ତ ସାଗର.

ଦିଶୁଛି ନୀଳିମା ମୟ

ବିରହୀ ପ୍ରେମିକ. ଖୋଜୁଛି ତୁମକୁ

କେଉଁ ଠାରେ ତୁମେ କୁହ

କେଉଁଠାରେ ତମେ କୁହ...

କେଉଁଠାରେ ତୁମେ କୁହ...

ପୋଲସରା, ଗଞ୍ଜାମ ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୮୭୬୩୨୬୦୩୩୪

 Magazine Downloaded from www.aahwaan.com

# ମଦ୍ୟପାନ ହେଉ ଛେଦନ



ପ୍ରଦୀପ କୁମାର ଗୌଡ଼

ଯେ ଦେଶରେ ଦିନେ ସର ଲବଣିରେ
ଭାସୁଥିଲେ କଳା କହ୍ନେଇ,
ସେ ଦେଶର ସନ୍ତାନ ସୁରା ପାନରେ
ନିତି ରାସ୍ତା ଘାଟେ ଲୋଟଇ ।୧ ।

କରି ସୁରା ପାନ ସଦନ ଦହନ
କରଇ କ୍ଷଣିକେ ସେହି,
ବଢେ ଋଣ ଭାର ନାହିଁ ତ ବିଚାର
ତହିଁରେ ଧ୍ୟାନଟି ନାହିଁ ।୨ ।

ମଦ ଭାଙ୍ଗେ ବନ୍ଧୁ ଆତ୍ମୀୟ ସ୍ୱଜନ
ଘୃଣ୍ୟ ମନୋଭାବ ମଣି,
ଛାଡି ମଦ୍ୟପାନ ଗଢିବା ସଦନ
ଘର ହେବ ସୁନା ଖଣି ।୩ ।

ଅବିବେକୀ ବୋଲି କେହିତ ନକହୁ
ସମ୍ମାନ ନେଇ ବଞ୍ଚିବା,
ସନ୍ତାନେ ସଂସ୍କାର ଉତ୍ତମ ବିଦ୍ୟାରେ
ସୁନାଗରିକ କରିବା ।୪ ।

ମଦ ନିଏ ପ୍ରାଣ ଏକଥା ପ୍ରମାଣ
ନହେଉ ବ୍ୟର୍ଥ ଜୀବନ,
ହୋଇ କୁସୁମଟେ ବାସିବା ଜଗତେ
ହୁଅ ବେଳୁ ସାବଧାନ ।୫ ।

ଘେନି ଭକ୍ତି ମାର୍ଗ ଆସହେ ମାନବ
ମଦ ଆଜିଠୁ ଛାଡିବା,
ମାଗଣା ମଦରେ ମନ ଭାଙ୍ଗି ଦେଇ
ଉତ୍ତମ ପଥ ଧରିବା ।୬ ।

 Magazine Downloaded from www.aahwaan.com

ଛାଡିଲେ ମଦକୁ ଆପେ ଆପେ ମଦ
ସଂସ୍ଥା ସବୁ ଲୋପ ଯିବ,
ପୁଣିଏ ଦେଶରେ ସର ଲବଣିରେ
ବିମଳ ବିପ୍ଳବ ହେବ ।୭ ।

ଆସିବେ ଗୋବିନ୍ଦ ଦେବେ ମକରନ୍ଦ
ଯିବ ସବୁ ଦ୍ୱେଶ ଦ୍ୱନ୍ଦ,
ଆସ ଦେଶ ବନ୍ଧୁ ସମ୍ମିଳିତ ହେବା
ଭାଙ୍ଗିବା ମଦ ପ୍ରତିବନ୍ଧ ।୮ ।

ହସିବ ଜଗତ ହସିବ ଜଗାତ
ଉଡିବ ତିରଙ୍ଗା ପ୍ରୀତେ,
ପ୍ରତି ହୃଦେ ଗୁଞ୍ଜରିତ ହେବ ବିଭୁ
ନାମ,ରମ୍ୟ ହୃଦ ଅନ୍ତେ ।୯ ।

ନବ ପ୍ରଭାତରେ ନବ ଆଲୋକରେ
ଦେଖିବା ନବ ଭାରତ,
ନବୀନ ତପନ ଦେବ ସ୍ୱର୍ଣ୍ଣ ବର୍ଣ୍ଣ
ଏଭୂମି ହୋଇବ ପୂତ ।୧୦ ।

ଗୀତେ କହେ ହୀନ ଛାଡ ମଦ୍ୟପାନ
ହସୁ ଭାରତ ଜନନୀ,
ପୁରୁବ ଗୌରଗ ପୁରୁବ ମହିମା
ପୁଣି ପାଉ ଏ ଧରଣୀ ।୧୧ ।

ହସୁ କଳା ସଂସ୍କୃତି ପର୍ବପର୍ବାଣି
ହସୁ ନିତ୍ୟ ବସୁ ମାତା,
ଜନମ ଭୁମିରେ ଜନମ ଭାଷାରେ
ଜଳାଅ ଆତ୍ମ ସଳିତା ।୧୨ ।

ଚଢିଆପଲ୍ଲୀ, ପୁରୁଷୋତ୍ତମପୁର, ଗଞ୍ଜାମ

 Magazine Downloaded from www.aahwaan.com

# ଯୁଦ୍ଧ



ଶଙ୍କର୍ଷଣ କର

ମୁଁ ଯୁଦ୍ଧ.....

ମୁଁ ଦେଖିଛି କେତେ ଅନିଷ୍ଟ,

ମୁଁ ଦେଖିଛି ଭୟଙ୍କର ଦୃଶ୍ୟ...

ମୋର ଅନ୍ୟନାମ ବିନାଶ,,,

ଇତିହାସ ରହିଛି ସାକ୍ଷୀ...

ପଚାର ହିରୋସୀମା,ନାଗାସାକିକୁ...

ଦେଖିଛି ମୋ କରାଳ ଦୃଶ୍ୟ !

ଏବେବି ବାରିହୁଏ ବାରୁଦର ବାସ୍ନା,,,

ଧନ,ଜୀବନ ବାଜିଲାଗେ ରକ୍ତର ଛିଟାରେ,,,

ହିସାବ ଚାଲେ ଲାଭ କ୍ଷତିର...

ସର୍ବମୋଟ ତ କ୍ଷତିରେ ହିଁ ଅଟକି ଯାଏ,,,

ତଥାପି ଏ ମଣିଷ ଅବୁଝା ??

ମୋତେ ଆଲିଙ୍ଗନ ପାଇଁ....

ନିଜ ମଧ୍ୟରେ ଚାଲେ ପ୍ରତିଯୋଗୀତା,,

ଇତିହାସର ପୃଷ୍ଠାର ଓଲଟାଇ...

ମୁଁ ଅନୁତପ୍ତ,ମୁଁ ଅନୁତପ୍ତ !!!

ମୋ ପାଇଁ ନୀରିହ ଜୀବନ ଜର୍ଜରୀତ...

ପରିସମାପ୍ତିର ବହୁପୂର୍ବରୁ ସତର୍କବାଣୀ,,,

ହେ !ମାନବ,ମୁଁ ଅଜନ୍ମା ହୁଏ !!

ତୁମ କ୍ରୋଧରୁ ତ ମୋ ସୃଷ୍ଟି !

ମୋତେ ମୋକ୍ଷପ୍ରାପ୍ତି ମିଳୁ ...

ମୁଁ ପୁଣି ନ ଜନ୍ମେ ଏ ଧରା ପୃଷ୍ଠରେ...

ମୁଁ ପରା ଯୁଦ୍ଧ, ଯୁଦ୍ଧ, ଯୁଦ୍ଧ...

ଅନ୍ୟନାମ ବିନାଶ,ଧ୍ୱଂସ ।

କମାରପାଳ,କୁଳିଅଣା,ମୟୂରଭଞ୍ଜ

 Magazine Downloaded from www.aahwaan.com

# ଜହ୍ନ ବୁଡ଼ିଗଲାପରେ



ଗୋକୁଳାନନ୍ଦ ପଧାନ

ମଝି ପାହାଚରୁ ସେ ଯେବେ
ନିରୁଦ୍ଦିଷ୍ଟ ହେଇସାରିଥିଲା
ପାପ ଭରା ଗର୍ଭ ନେଇ,
ଘନ ଘୋର ଅନ୍ଧାର ଭିତରେ
ପେଚା ଘୁମୁରିଲା
'ଅନ୍ତିକ ଦୁଃଖ କବିତା",
ତେନ୍ତୁଳି ଗଛରେ
କାଉ କାନ୍ଦି କାନ୍ଦି ଗାଳି ଦେଲା
ଅଶ୍ରାବ୍ୟ ଭାଷାରେ ଭଗବାନଙ୍କୁ,
ଅଶରୀରୀ ବାଦୁଡ଼ି ସାଜି
ନିଇତି ଝୁଲିଲା ଗାଁ ମୁଣ୍ଡ ବର ଓହଳରେ,
ଜହ୍ନ ବୁଡ଼ିଗଲା ପରେ.....

ଧୋକା ଦିଏ ସମ୍ପର୍କ,
ଧକା ଖାଏ ନାଜୁକ ହୃଦୟ
ଭାଙ୍ଗିଯାଏ, ଫୁଲ ଭରା
ମାର୍ଚ୍ଚର ଋତୁ ଜଳି ଯାଏ
ସାହାରା ବାଲୁକା ଛାତିରେ,
ଖଇ ଫୁଟେ, ମାଡି ଆସେ
ଜରା, ଜର ଯୁଆନ ଦେହରେ....

 Magazine Downloaded from www.aahwaan.com

କାଲି ଥିଲା କଦମ୍ବରୀ ପିଆଲା
ଓଠରେ,ଫଗୁଣ ଗୁଣୁ ଗୁଣୁ
ଗାଉଥିଲା କଂଜକ କଣ୍ଠରେ,
ଫୁଲମାନେ ସ୍ୱପ୍ନ ସାଜି
ତାର ପରି ହସୁଥଲେ,
ମତୁଆଲ ରାତିର ଆଖିରେ.......

ବାସୁକୀ ଟିକେ ବୋଧେ ହଲିଗଲା,
ଦୂର....ଦୂର... ଶବ୍ଦରେ,
କାହାର ବାଡ଼ି କବାଟ ଫିଟିଲା ।
ବିତୃଷ୍ଣାର ଲୁହ କେଇବୁନ୍ଦା
ଟପ ଟପ ଝରି ଗଲା
ଜ୍ୟେଷ୍ଠ ମେଘ ସାଥେ ।
ନିହାତି ଡରକୁଳି ପାଦ ଦି,ଟା
ଲମ୍ବି ଗଲା, ଗାଁ ମୁଣ୍ଡ ବରଗଛ ଡାଳରେ,
ବାଦୁଡ଼ିଟେ ଲତ କରି ଝୁଲି ପଡିଲା........

ଗୋକୁଳାନନ୍ଦ ପ୍ରଧାନ
କୋଲକାତା
ମୋ : 7044069940

 Magazine Downloaded from www.aahwaan.com

# ଚୁପ୍ ଚାପ୍ ଲୁହ ଠୋପା



ଡା ନୀଳମାଧବ କର

ସେ ଚାଲି ଗଲା ପରେ
ତମ ଦୁଃଖ
ମୋ ପାଖରେ ଅଜାଡି
ତମେ ଉଶ୍ୱାସ ହେବା ବେଳେ
ବୋଝ ଓହ୍ଲେଇଲା ବେଳେ
ମୁଁ କେମିତି ଖୋଲିଥାନ୍ତି କବର !

ତାଙ୍କ ମୃତ ଦେହ
ଶୀତଳ ଶରୀର
ଥୋଇ ତୁମ ଆଗେ
ଆଙ୍କିଥାନ୍ତି କେମିତି ମୁଁ
ଦୁଃଖର ବଉଦ
ତୁମ ଆକାଶରେ !

ଦୁଃଖକୁ ଜାବୋଡି
ଦୁଃଖୀ ହେବା ଭଲ
ନିରବ ରହିବାଟା ଭଲ
ଯାହା ଅପରିବର୍ତ୍ତନୀୟ
ତାକୁ ମାନିନେବା ଭଲ
ଚୁପ୍ ଚାପ୍ ଲୁହ ଠୋପା
ତମ ସାଥେ ବୁହେଇବା ଭଲ ।

ଖୋଲି ତାଡ଼ି
ବିଭତ୍ସ କବର
ଦୁଃଖ ଖାଲି ଗୁଣି ହେବ ସିନା
ଲାଘବ ହେବ କି
ତମ ପାଇଁ, ମୋ ପାଇଁ
ବର୍ତ୍ତମାନ ପାଇଁ ।

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

 Magazine Downloaded from www.aahwaan.com

# ଶେଷ କଥା

(ବରିଷ୍ଠନାଗରିକ ଦିବସ ଉପଲକ୍ଷେ)



କୁଳମଣି ରାଉତ

କାହାଣୀଟିଏ -

କୋରଡ଼ିଆ ଆଖିରୁ ବାହାରି

କହୁଣୀ ଅଗରୁ ଝରିପଡୁଥିବା

କତିପୟ ଲୁହର,

କରୁଣ କୋହରେ କମ୍ପିତ

କଳାହାଣ୍ଡିଆ, କାଲୁଆ କବିତାର

କିଲିବିଲିଆ କେଇ ପଦର,

ଜୀବନ ଜ୍ୟାମିତିର

ସାମାନ୍ୟ କଥନରୁ

ସିଦ୍ଧାନ୍ତ ପର୍ଯ୍ୟନ୍ତ

ଉଦାହରଣ ବିହୀନ

ଅସରନ୍ତି ଜଟିଳ ଉପପାଦ୍ୟର ।

ବରିଷ୍ଠ ଭାଜ୍ୟଟା

କନିଷ୍ଠ ଭାଜକମାନଙ୍କ ଦ୍ୱାରା

ବିଭାଜିତ ହୋଇ

ଭାଗଫଳରେ ଦଶମିକ ବିନ୍ଦୁ

ବସେଇ ଦେଇନି ସତ,

ହେଲେ ଭାଗଶେଷ ଅସମୟରେ

ଶୂନ ହୋଇଯାଇଛି ।

ବରିଷ୍ଠ ବୟସ୍କଟି ବିପତ୍ନୀକ,

ବୟସ୍କାଟି ବିଧବା ହେବାର

ବିଧିର ବିଚିତ୍ର ନିର୍ଦ୍ଦେଶକୁ

ବଳ ହଟା ଅଣ୍ଟା

ଟଳମଳ ପାଦ

ଥରଥର ମୁଣ୍ଡଟା

ମୁଣ୍ଡେଇବାକୁ ବିବାକ୍ ରାଜିନୁହେଁ ।

Magazine Downloaded from www.aahwaan.com

ସବୁ 'ନାଇଁ ନାଇଁ' ଭିତରେ
ଚିମୁଟାଏ 'ହଁ'ର
ନିଷ୍କପଟ ପ୍ରତିଶ୍ରୁତିଟିଏ
ପାଲଟି ଯାଏ
ସେବାଶ୍ରମ, ବୃଦ୍ଧାଶ୍ରମ, ଜରାଶ୍ରମ
ଅଘୋଷିତ ବାନପ୍ରସ୍ଥାଶ୍ରମ -
ଯିଏ ଶୋଷି ଜାଣିଛି ଲୁହ
ଘଷି ଜାଣିଛି କତରାଲଗା ଦେହ
ଶୁଣି ଜାଣିଛି ଜତୁଗୃହର
ପୂର୍ବାପର ଭଲମନ୍ଦ
ପଢ଼ିଜାଣିଛି ଶ୍ରୀମଦ୍ ଭାଗବତର
ଏକାଦଶ ସ୍କନ୍ଧ ।
'ହରି ଓଁ ତତ୍‌ସତ୍' ଠାରୁ
'ହରିନାମ ସତ୍ୟ ହେ' ପର୍ଯ୍ୟନ୍ତ
ଲମ୍ବିଥିବା ସାନ୍ଧ୍ୟ ସେତୁବନ୍ଧଟିର
ଗୁଣ୍ଡୁଚି ମୂଷା ସେମାନେ
ରାମଚନ୍ଦ୍ର ବି ସେମାନେ ।
ମିଞ୍ଜି ମିଞ୍ଜି ଆଖି, ପାକୁଆ ପାଟି
ଫୁଲିଲା ପାଦ, ନଇଁଲା କଟି
ଅସ୍ପଷ୍ଟ କଥା, ଭ୍ରମିତ ମଥା
ଲୁଣ୍ଠିତ ଲୌକିକତା, ବେତାଏ ବ୍ୟଥା
ମଲା ସହନଶୀଳତା
ଦରମଲା ମଲାଜହ୍ନଟା
କ'ଣ ସତରେ ଆମ ଆତ୍ମକଥା
ବରିଷ୍ଠ ନାଗରିକର ଶେଷକଥା ?

କୁରୁଜଙ୍ଗା, ଫକିରାବାଦ
କେନ୍ଦ୍ରାପଡ଼ା, ୭୫୪୨୫୦, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୧୦୪୭୨୦

 Magazine Downloaded from www.aahwaan.com

# ହାଏରେ ମଣିଷ



ଦୀପକ ଷଡ଼ଙ୍ଗୀ

ଜୀବନ ମରଣ ଭରା ମିଛ ମାୟା ସଂସାର
ଭାଇ ଏଠି ଭଗାରୀ ସାଜେ କେହି ନୁହେଁ କାହାର ।
ପାପ ସଂସାରରେ ବୁଡ଼ି ରହି ମଣିଷ
ସାହାଯ୍ୟ ସହଯୋଗ ବଳେ ପିଏ କେତେ ଯେ ପୀୟୂଷ ।
ପର ବଚନେ ମାତି ହାରେ ନିଜ ବିଶ୍ୱାସ
ସନ୍ଦେହୀ ମନରେ ଆସେ କେତେ ଅବା କଳୁଷ ।
ମୋହ ମାୟା ସଂସାରକୁ ସେ ଧରିଅଛି ଜାବୁଡ଼ି
ବିରାଡ଼ି ବୈଷ୍ଣବ ସାଜିଛି ଶୁଖୁଆକୁ କାମୁଡ଼ି ।
ସେବା ହିଁ ଧର୍ମ ସେବା ହିଁ କର୍ମ କହୁଥାଏ ଉପରେ
ପର ଗୋଡ଼ ଟାଣିବାକୁ ପଛାଏନି ସେ କେବେରେ ।
ଭଦ୍ର ଲୋକ ମୁଖା ପିନ୍ଧି ବୁଲୁଥାଏ ଦିନରେ
ସ୍ୱାର୍ଥ ପାଇଁ ଘୃଣ୍ୟ କାମ କରୁଥାଏ ରାତିରେ ।
ମଦ ଜୁଆ ନାରୀ ପ୍ରତି ହୋଇଯାଏ ଆସକ୍ତ
ବୁଝେ ନାହିଁ କେବେ ସେ ଜୀବନର ମହତ୍ୱ ।

ସହକାରୀ ଅଧ୍ୟାପକ
ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ, ଖୋଡାସିଙ୍ଗି, ବ୍ରହ୍ମପୁର-୧୦

 Magazine Downloaded from www.aahwaan.com

# ସାଥୀ



ପ୍ରିୟଙ୍କା ସାହୁ

ଜୀବନ ଉଦ୍ୟାନ ସାଥୀ ବିନାଶୂନ୍ୟ
ମନ ମରୁଭୂମି ହେଲା ,
ପ୍ରେମବର୍ଷା ବାରି ଢାଳି ଆସ ଫେରି
ବିରହ କଷଣ ଦେଲା ।

ଶକ୍ରଶରାସନ ଲାଗେ ବର୍ଣ୍ଣହୀନ
ଦିଅ ପ୍ରେମ ପ୍ରଲେପନ ,
ରାଗ - ଅନୁରାଗେ ହୃଦୟ ସରାଗେ
ପ୍ରୀତି ସ୍ପର୍ଶେ ରୋମାଞ୍ଚନ ।

ମୋ ମନ ନାୟକ ସପନ ପ୍ରେମିକ
ସ୍ପନ୍ଦନ ମୋ ହୃଦପୁରେ,
ପ୍ରେମ ବହୁଦୂରେ କର୍ମ ସମ୍ପ୍ରହାରେ
ଅନ୍ତର ତୁମକୁ ଝୁରେ ।

ସାହାନିଆଜ ପୁର , କଟକ

Magazine Downloaded from www.aahwaan.com

# ଭ୍ରମରେ ଭ୍ରମର



ସମ୍ବିତ
ସତ୍ୟପ୍ରକାଶ ମିଶ୍ର

ଗୁଣୁ ଗୁଣୁ ହୋଇ ଭ୍ରମରେ ଭ୍ରମର
କି ଗୀତ ଗାଉ ,
ଖରା ବରଷା ରେ ଶୀତ କାକର ରେ
ବସି ନଥାଉ ।୧ ।

ଅବିରାମ କର୍ମ ଚଞ୍ଚଳ ତୋତେ
ଦେଖିଛି ମୁହିଁ ,
ଖାଇବା ପିଇବା ଭୁଲିଛୁ ହେଲେ
ଦୁଃଖିତ ନାହିଁ ।୨ ।

କାହା ପାଇଁ ଆଜି ଭ୍ରମୁଛୁ ଭ୍ରମର
ଫୁଲ କୁ ଫୁଲ ,
କରି ଠିକଣା କେ ଦେବ
ତୋର ଶ୍ରମ ର ମୂଲ ।୩ ।

ମନେ ନାହିଁ ଟିକେ ଗରବ ଉଡୁ
ସଞ୍ଜ ସକାଳେ ,
କେତେ ଫୁଲ ର ତୁ ଖବର ରଖୁ
ଆନନ୍ଦ ଭୋଳେ ।୪ ।

ଟିକି ଟିକି ଡେଣା ହଲାଇ ବୁଲୁ
ମନ ମୋହିତେ ,
ଟିକେ ଟିକେ ମଧୁ ସଞ୍ଚିଣ ରଖୁ
ପର ର ହିତେ ।୫ ।

ଧନ୍ୟ ହେ ଭ୍ରମର
ଧନ୍ୟ ତୋ ଜୀବନ
ଧନ୍ୟ ତୋ ଦାନ ,
ତୋ ପାଖେ ସାଇତି ରଖୁଛୁ
ସବୁ ମହତ ଗୁଣ

ଗୁଡିଆନଳୀ ,ଢେଙ୍କାନାଳ ୭୫୯୦୦୧
ଇ ମେଲ ଠିକଣା –sambitsm1987@gmail.com

Magazine Downloaded from www.aahwaan.com

# ବାଧକ ସାଜ ନି ଜମା



ପ୍ରଶାନ୍ତ କୁମାର ନାଥ

ଅଙ୍କାବଙ୍କା ଏହି ଜୀବନର ପଥ

ପଡିଛି ଅନେକ ଦୂର

କାହା ଚଲାପଥେ ସାଜ ନାହିଁ ତୁମେ

ଶକ୍ତ ପଥର ପ୍ରାଚୀର ।

ଚଲାପଥେ ଯଦି ଫୁଲଟିଏ କା'ର

ବିଛେଇ ପାରିଲ ନାହିଁ

କାହିଁକି ଭାବିବ ଚଲାପଥେ କା'ର

କଣ୍ଟାଟେ ସାଜିବା ପାଇଁ ।

ହୋଇପାରେ ଟିକେ କଷ୍ଟ ବାଟୋଇକୁ

କଣ୍ଟା ତ କାଢ଼ିବ ସିଏ

ନହେଲେ ତା ବାଟ ବୁଲେଇ ନେବ ସେ

ତାର ଲକ୍ଷ୍ୟସ୍ଥଳ ଯାଏ ।

ପଥ ପରିବର୍ତ୍ତନ କରିଦେଇ ନିଶ୍ଚେ

ପହଞ୍ଚିବ ଲକ୍ଷ୍ୟସ୍ଥଳେ

ଅଥବା କଣ୍ଟାର ଆଘାତ ବି ସହି

ଯାଇପାରେ ରକ୍ତ ଧାରେ ।

ସେହି କଣ୍ଟା ପରା ଫୋଡ଼ିହେବ ଦିନେ

ଅଜାଣତେ ନିଜ ପାଦେ

ସେତେବେଳେ ତୁମେ ଜାଣି ପାରୁଥିବ

ଆଘାତଟା କେତେ ବାଧେ ।

କାହାରି ବାଟରେ କଣ୍ଟା ସାଜନାହିଁ

ନସାଜି ପାରିଲେ ଫୁଲ

ହେବନି ଘୃଣିତ କାହାରି ପାଖରୁ

ନକହିଲେ କେହି ଭଲ ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

ମୋ- ୦୮୮୯୨୩୦୧୧୪୩

# ତୁମେ ଶଳା ସୈତାନ



ହୃଦୟାନନ୍ଦ ପଧାନ

ଧର୍ମ ନାରେ ଲୁଟି ଖାଉଅଛ ଗରିବ ମୁଲିଆ ଧନ

ତୁମ ମୁହେଁ କିମ୍ବା ଲଜ୍ୟାସର୍ମ ନାହିଁ ତୁମେ ଶଳା ସୈତାନ ।

ନିରୀହ ଶିଶୁର ରକ୍ତ ପିଉଅଛ  ପ୍ରତିଦିନ ପ୍ରତିରାତିରେ

ମନରେ ତୁମର ମାନବତା ନାହିଁ ପଶୁପ୍ରାଣ ତୁମ ହୃଦୟରେ ।

ବିକିଚାଲି ଅଛ ବଜାର ବ୍ରହ୍ମାଣ୍ଡ ଯେତେ ମିଥ୍ୟା ଅପଧନ

ସଂସାର ସାଗରେ ବୈରାଗୀ ସାଜିକି ଲିଟୁଛ ବାଳାଙ୍କ ପ୍ରାଣ  ।

ଧିକ ତୋ ଜୀବନ ତୋଷା ମଦପଣ କେମିତି ବଞ୍ଚିଛୁଏଠି

କୁକୁର ପ୍ରକୃତି ଅଇଁଠା ପତରେ ଯିବନାଇଁ ତୋର ସବୁଠି ।

ତୁ କହୁଅଛୁ ମୁ ଶ୍ରେଷ୍ଠ ଯିବ ଏ ଦୁନିଆ ମିଥ୍ୟା ଗୃହେ

ଗ୍ରାମ ଶୁକୁରୀଠୁ ହୀନ ତୋ ପ୍ରକୃତି ଭରି ରହିଛି ତୋଗାତ୍ରେ ।

ଆରେରେ ପାଷାଣ ଜନ୍ମିଅଛୁ ତୁଯେ ଅଳିଆ ଗଦାର ମୂଳେ

ସବୁବେଳେ କହୁ ମୋ ଜୀବନ ଧନ୍ୟ ପ୍ରତିଟି ଅନ୍ୟାୟ ବେଳେ ।।

ଅମର ପାଲି

ବୀରାମହରାଜପୁର

ସୁବର୍ଣ୍ଣପୁର

 Magazine Downloaded from www.aahwaan.com

# ଇହଲୋକ ଇନ୍ଧନ



ଶ୍ରୀରାଜଶେଖର ସି
'ଚିମା'

ଇହଲୋକ ଇନ୍ଧନ ଶୋଷି ଦେଉଅଛି ସମସ୍ତଙ୍କର ଧନ ଧ୍ୟାନ,
ପ୍ରଶ୍ନ ପଚାରି ପଚାରି ଧ୍ୱସ୍ତବିଧ୍ୱସ୍ତ ହୋଇ ସାରିଛନ୍ତି ସର୍ବଜନ,
ପ୍ରଜାତନ୍ତ୍ର ଶାସନତନ୍ତ୍ରର ଏହା କି ପ୍ରକାର ପ୍ରହସନ,
ଅନ୍ୟାୟ ଅନୁଚିତ ଯାହାର ମିଥ୍ୟା ପ୍ରଦର୍ଶନ ।୧।

ତେଲର ଦର୍ପିତ ଦାରୁଣ ଦାମ କରିଲାଣି ପାଣ୍ଠିର କ୍ଷତି,
ଉତ୍ତାପିତ ଦେଶବାସୀ ଗମ୍ଭୀର କ୍ରୋଧରେ ହେଲେଣି ତାତି ,
ପ୍ରଜା ପ୍ରତିନିଧିଙ୍କର ଦୁଃସାହସିକ ଦୁର୍ନୀତି ହେଲାଣି ଅତି ,
ସହନ ଶେଷ ହେଲେ ତାଙ୍କୁ ମିଳିବ ନିର୍ବାଚନରେ ଇତି ।୨।

କେନ୍ଦ୍ର ସରକାର ରାଜ୍ୟ ସରକାର ନେଲେଣି କେତେ ଯେ ରାଜସ୍ୱ କର,
ଦୈନନ୍ଦିନ ଚାଲିଚଳନ ହେତୁ ଦେବାକୁ ପଡୁଛି ଏହି ଅତିରିକ୍ତ ଦର,
ନିର୍ଦ୍ଦିଷ୍ଟ ନିର୍ଣୀତ ଗମ୍ୟସ୍ଥାନ ପହଞ୍ଚିବା ହେଲାଣି ଦୁଷ୍କର କଷ୍ଟକର,
ତେଲମୂଲ୍ୟ ନିରନ୍ତର ବୃଦ୍ଧିପାଇଲେ ଜୀବନ ହେବ ଅଗମ୍ୟ ଗୋଚର ।୩।

ଇହଲୋକ ଇନ୍ଧନ ସମସ୍ୟାର ଦିଶୁନି କୌଣସି ବିଶିଷ୍ଟ ବିକଳ୍ପ,
ସମ୍ପୃକ୍ତ ଶାସନ ମନ୍ତ୍ରୀ ପ୍ରଶାସନ ପ୍ରବକ୍ତା ଶୁଣାଉଛନ୍ତି ନିରର୍ଥକ ଗଳ୍ପ,
ସମାଧାନ ପାଇଁ ନିହାତି ଅନିବାର୍ଯ୍ୟ ନୂଆ ଫଳପ୍ରଦ ପ୍ରଜାହିତ ପ୍ରକଳ୍ପ,
ଜନସାଧାରଣ ପଚାରୁଛନ୍ତି ପ୍ରଜାପାଳକ ପଦାଧିକାରୀଙ୍କ ଠାରୁ ସମୁଚିତ ସଙ୍କଳ୍ପ ।୪।

Magazine Downloaded from www.aahwaan.com

# ପନ୍ଦରଟି ଲଘୁ କବିତା



ଶ୍ରୀ ରମା କାନ୍ତ ମିଶ୍ର

## ୧ ।। ନିଜ ଲୋକ

ପ୍ରତ୍ୟେକ ସକାଳର ଖରା
କିଛି ସ୍ମୃତିକୁ ଦିଏ ଧରା
ପ୍ରତ୍ୟେକ ଫୁଲର ମହକ
କିଛି ବି ଜଗାଏ କୁହୁକ
ଜୀବନ ଥାଉ ଯେତେ ବ୍ୟସ୍ତ
ନିଜ ଲୋକ ହୁଅନ୍ତିନି ଅସ୍ତ ।

## ୨।। ଇଚ୍ଛା

ନାହିଁ ଆମର କିଛି ବି ଇଚ୍ଛା
ସବୁ ସେହି ଜଣଙ୍କର ଇଚ୍ଛା
ଯାହାର କିଛି ମୂଲ୍ୟ ଅଛି ।
ମନା ନାହିଁ କରିବାକୁ ଇଚ୍ଛା
ପୂର୍ଣ୍ଣ ହେବ ଜଣଙ୍କର ଇଚ୍ଛା
ଭାଗ୍ୟଠାରୁ ଅଧିକା କିଛି
ସମୟ ପୂର୍ବରୁ ମିଳେନି କିଛି ।

## ୩ ।। ଆତଂକ

ଅପେକ୍ଷା କରିବା କଷ୍ଟଦାୟକ
ଭୁଲି ଯିବାଟା ହିଁ କଷ୍ଟ କାରକ
ଚିନ୍ତା ନ କରିବା କ୍ଷତି କାରକ
ସବୁ ଠୁ ବଡ ଅନିଷ୍ଟ କାରକ
ଜାଣି ନ ପାରିବା କେଉଁ ଆତଂକ
ହୁଏ ସବୁ ଠାରୁ ଯନ୍ତ୍ରଣା ଦାୟକ ।

## ୪ ।। ଶେଷ

ଶେଷରେ ସାଥି ହେବ କର୍ମ
ଶେଷରେ ସାଥି ହେବ ଧର୍ମ
ଶେଷ ସାଥି ଦେବ ନିଶ୍ୱାସ
ଶେଷ ଉପାର୍ଜନ ବିଶ୍ୱାସ
ଶେଷ ଯାନ ହେବ କୋକେଇ
ରାମ ନାମ ଧ୍ୱନୀ ଶୁଣାଇ

 Magazine Downloaded from www.aahwaan.com

ଶେଷ ନିଦ୍ରା ଜଳନ୍ତା ଜୁଇ
ଶେଷ ଠିକଣା ଶ୍ମଶାନ ଭୂଇଁ ।

## ୫ ।। ସଂପଦ

ଦରିଦ୍ର ର ସଂପଦ ଜ୍ଞାନ
ଧନୀର ସଂପଦ ସମ୍ମାନ
ଯୁବକର ସଂପଦ ଭରସା
ବୃଦ୍ଧଙ୍କର ସଂପଦ ହତାଶା
ମଣିଷର ସଂପଦ ଆଶା ।

## ୬ ।। ଦୀପାବଳୀ

ଦୀପାବଳୀର ଏ ପବିତ୍ର ପୂଜନ
ଜୀବନରେ ଆଣିଥଏ ଖୁସି ଦିନ
ମା ଲକ୍ଷ୍ମୀ ବିରାଜନ୍ତି ଘରେ ଘରେ
କରନ୍ତି ମନ କାମନା ପୂର୍ଣ୍ଣ ଅଚିରେ
ଆଜିର ଏ ଚିର ପବିତ୍ର ଦିବସରେ
ବନ୍ଧୁମାନେ ମୋର ଥା'ନ୍ତୁ ଖୁସିରେ ।

## ୭ ।। ଅଭିନଂଦନ

ଆଜିର ଏ ଶୁଭ ଦିନରେ
ଥା'ନ୍ତୁ ବନ୍ଧୁମାନେ ଭଲରେ
ଦୀପାବଳି ଆଲୋକର ପର୍ବ
ଉଦ୍ଭାସିତ ହେଉ ଜୀବନ ସର୍ବ
ଦୀପାବଳି ମା ଲକ୍ଷ୍ମୀଙ୍କ ଆଗମନ
ଧନଧାନ୍ୟରେ ସଭିଙ୍କୁ କରନ୍ତୁ ପୂର୍ଣ୍ଣ
ଶୁଖ ଶାନ୍ତିରେ କଟୁ ଥାଉ ଏ ଜୀବନ
ବନ୍ଧୁ ମାନଙ୍କୁ ମୋର ଅନ୍ତରୁ ନମନ
ଆଜି ସଭିଙ୍କୁ ମୋର ଅଭିନଂଦନ ।

## ୮ ।। ପ୍ରଗତି

କମେ ନାହିଁ ଇଜ୍ଜତ
ଭଲ ଲୋକଙ୍କ ମହତ
କମେ ନାହିଁ ସୁନା ମୂଲ୍ୟ
ଶହ ଖଣ୍ଡରେ ବି ଦୁର୍ମୂଲ୍ୟ

 Magazine Downloaded from www.aahwaan.com

ଭୁଲ୍ ହେବା ପ୍ରକୃତି

ମାନି ନେବା ସଂସ୍କୃତି

ସୁଧାରି ନେବା ପ୍ରଗତି ।

## ୯ ।। ଭେକ ରୁ ଭିକ

ଭେକ ଥିଲେ ମିଳିଥାଏ ଭିକ

କଥାଟା ନୁହେଁ ଅମୂଳକ

ସମୁଦ୍ର ଲକ୍ଷ୍ମୀଙ୍କୁ ଦେଲେ ଦାନ

ପିତାମ୍ବର ଯୁକ୍ତ ଆୟୁଷ୍ମାନ

ସମୁଦ୍ର ଦେଲେ ହଳାହଳ

ବିତାମ୍ବର ଯେ ନେଲେ ଗରଳ ।

## ୧୦ ।। ତ୍ୟାଗ ର ଯୋଗ୍ୟ

ରାଜା ଯେ ପ୍ରଜାଙ୍କୁ ଘୃଣା କରେ

ବ୍ରାହ୍ମଣ ଯେ ସବୁ ଗ୍ରାସ କରେ

ସ୍ତ୍ରୀ ଯେ ଜମାରୁ ନୁହଁଇ ବାଧ୍ୟ

ଭୃତ୍ୟ ଯେ ଅଟେ ଅତି ଅବାଧ୍ୟ

ସାହାଯ୍ୟ ଯାହା ଉଦ୍ଦେଶ୍ୟ ଯୁକ୍ତ

ଅଧିକାରୀ ଯେ ପ୍ରମାଦ ଯୁକ୍ତ

ମଣିଷ ଯେ କର୍ତ୍ତବ୍ୟ ବୈରାଗ୍ୟ

ଏମାନେ ସବୁ ତ୍ୟାଗର ଯୋଗ୍ୟ ।

## ୧୧ ।। ନିର୍ବିଘ୍ନ

ପଛକୁ ଦେଖିବା ଅନୁଭୂତି ପାଇଁ

ଆଗକୁ ଦେଖିବା ପ୍ରଗତି ପାଇଁ

ଚାରିଦିଗ ଦେଖିବା ଜାଣିବା ପାଇଁ

ଅନ୍ତରକୁ ଦେଖିବା ନିଜ ପାଇଁ

କିଛି ନୂତନ ଥାଏ ପ୍ରତିଦିନ

ଭାବନା ନୂତନ ଶକ୍ତି ନୂତନ

ଶାନ୍ତିରେ ଅତିବାହିତ ହେଉ ଦିନ

 Magazine Downloaded from www.aahwaan.com

କାମ ସବୁ ସରି ଯାଉ ନିର୍ବିଘ୍ନ ।

**୧୨ ।। ଯାତ୍ରା ସାଥି**

ଜୀବନ ଯାତ୍ରାକୁ ସୁଗମ କରିବାକୁ ହେଲେ

ଯାତ୍ରା ଜିନିଷ ସବୁକୁ କମ୍ କରି ପାରିଲେ

ଆଶା ଆକାଂଖ୍ୟା କାହାଠାରୁ ନାହିଁ ତିଳେ

ଜୀବନର ଖୁସି ନୁହେଁ ଇପ୍ସିତ ମିଳି ଗଲେ

ଜୀବନର ଖୁସି ଯାହା ଅଛି ରହି ପାରିଲେ ।

**୧୩ ।। କର୍ମ**

ଗୋଟିଏ ଅସ୍ଥାୟୀ ଜୀବନରେ

ସବୁ ଆମେ ସ୍ଥାୟୀ ଦରକାର କରେ

ଯାହା ତ ବୁଣି ଥିବୁ

ତାହାହିଁ ତ ପାଇବୁ

ସୁଖ ଦୁଃଖ ସବୁ କର୍ମ ଫଳ

ଯେତିକି କର୍ମ ସେତିକି ଫଳ ।

ସବୁ ଠାରୁ ବଡ ପୂଜା

ବାପାମା'ଙ୍କ ସେବା

ଭାଗ୍ୟବାନଙ୍କୁ ମିଳେ ସୁଯୋଗ

ଦୂରେଇ ଦେଲେ ଅଯୋଗ୍ୟ

ସ୍ୱର୍ଗର ଦ୍ୱାର ଖୋଲି ଯିବ

ଯାହା କରିଥିବ ମିଳିଯିବ ।

ନିଜ ଲୋକକୁ ଯେ ଦୂରେଇ ଦିଏ

ଜଣା ଅଜଣାରେ ହାଏ ଲାଗିଯାଏ

କର୍ମ ଆମକୁ ଖ୍ୟମା କରି ଦେବ

କର୍ମ ଆମକୁ ଆଗକୁ ନେବ ।

**୧୪ ।। କରଜ**

ଯେଉଁ ଦିନ ଯିବ ଚାଲି

ବୃକ୍ଷ୍ୟଟିଏ ହେବ ଖାଲି

ପ୍ରକୃତିଠୁ ଯାହା ନେବ

କରଜଟିଏ କରି ଦେବ

ସେ କରଜ ଦୂର ହେବ

 Magazine Downloaded from www.aahwaan.com

ବୃକ୍ଷ୍ୟଟିଏ ଯଦି ଲାଗିବ

ଜୀବନରେ ଥିବା ବେଳେ

ବୃକ୍ଷ୍ୟ ଲଗାଅ ସଦାବେଳେ ।

## ୧୫ ।। ପରିଶ୍ରମ

ଆମେ ହେଉ ଅଧିକା ଉତ୍ତରଦାୟୀ

ପ୍ରତିସ୍ପର୍ଦ୍ଧାକୁ ସାଦରେ ଗ୍ରହଣ କରି

ବିନା ସଂଘର୍ଷରେ ଜୀବନ ଅର୍ଥହୀନ

ପରିଶ୍ରମ କରିଯିବା ସାରା ଜୀବନ

ଜୀବନ ଆମର ଉଠିବ ପୁରିରେ

ପ୍ରେମରେ, ଖୁସିରେ, ସୁଖ ଶାନ୍ତିରେ ।

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୂବନେଶ୍ୱର -୭୫୧୦୨୧

ମୋବାଇଲ -୯୯୩୭୨୬୮୦୧୨

 Magazine Downloaded from www.aahwaan.com

# ମହାକାଳୀ ଚଣ୍ଡୀ



ଶିବାଶିଷ ନାଏକ

ଚଳଚ୍ଛକ୍ତି ମହାମାୟେ
ତ୍ରିବିଧ ଗୁଣ ଧାରୀ
ମହାଲକ୍ଷ୍ମୀ ମହାକାଳୀ ମହାସରସ୍ୱତୀ ।
ନାମ ନାମ ଭିନ୍ନ ନାମ
ମହାକାଳୀ ନାମ
ନାମ ଭିନ୍ନ ହେଲେ ଏକ
ଶକ୍ତି ଏକ କାମ ।
ସିଦ୍ଧ ହସ୍ତେ ସିଦ୍ଧ କାଳୀ
ମାତୃକାଳୀ ସଂଭିଥା
ଭଦ୍ର ରୂପୀ ଭଦ୍ର କାଳୀ
ଶ୍ୟାମାକାଳୀ ରୁଦ୍ରତା ।
ଚଣ୍ଡ ମଣ୍ଡ ଭଙ୍ଗ ରୂପୀ
କାଳୀ ଶ୍ମଶାନୀ
ରକ୍ତ ମୁଖୀ ଜ୍ୱଳା ମୟୀ
କାଳୀ ଦକ୍ଷିଣୀ ।
ଅପେି ଭକ୍ତେ ନିର୍ଭୀକତା
ନାନା ବିଧା ଗତି
ଦୂର ଗତେ ମହାମାୟା
ଭକ୍ତେ ସୁଖୀ ପ୍ରାପ୍ତି ।
ମୁକ୍ତେ ପୂଜା ଅର୍ଚ୍ଚେ ପିଡା
ଅସାଧ୍ୟ ଗତି
ମୁକ୍ତ ହସ୍ତେ ବ୍ୟାଧି ରୋଗ
ନାଶ ବହୁରୂପୀ ।
ତନ୍ତ୍ରଶକ୍ତି ମନ୍ତ୍ରଶକ୍ତି
ହେଉବା ବିପତ୍ତି
ମା ହସ୍ତେ ସର୍ବଶକ୍ତି
ଉଦ୍ଧା ହୁଏ ଗତି ।
ଭାର ଋଣ ବ୍ୟବସାୟ
କ୍ଷତି ଅବା ଗତି
ମାତା ପୂଜେ ସର୍ବକାର୍ଯ୍ୟ
ଶାନ୍ତି ମାର୍ଗ ଚୁକ୍ତି ।

 Magazine Downloaded from www.aahwaan.com

ପ୍ରିୟଜନେ ବନ୍ଧୁ ମେଳେ
ଆସେ କେତେ ବାଧା
ପୂଜ ଗତେ ମହାକାଳୀ
ବିଘ୍ନ କାଳ ଧାରା ।

ଶିକ୍ଷା ଅବା ମାନ ହେଉ
ଅବା ସେ ସମ୍ପତ୍ତି
ଗୃହେ ଗୃହେ ଏହି ଖର
ମେଳ ଖାଏ ନିତି ।

ଖର ଗତି ଯିବା ଲକ୍ଷ୍ୟେ
ପୂଜ ହୁଏ କାଳୀ
କବଚ ହସ୍ତେ ମହାଦଶା
ପିତୃ ଦୋଷା
ସଙ୍ଗେ ସର୍ପ କାଳ
ସର୍ବ ଯାଏ ଲଭି ।

ଅତ୍ୟାଚାର ମହାଚାର
ରାକ୍ଷ ବିନାସିନୀ
ତ୍ରିନେତ୍ରେ ଦୁର୍ଗା ମଧ୍ୟେ
ସୃଷ୍ଟି ମହାକାଳୀ ।

ରାକ୍ଷ ଶୁମ୍ଭ ନିଶୁମ୍ଭ
ଚଣ୍ଡ ମଣ୍ଡ ଭେଦି
ରକ୍ତମୁଖା ମହାକାଳୀ
ଚଣ୍ଡୀ ମହାମାୟୀ ।

ଅଶାନ୍ତ ଏ ଗତେ ମା
କେମନ୍ତ ହେବ ଶାନ୍ତି
ଦେବ ଗଣେ ଚିନ୍ତେ
ଅନ୍ୟଥା ଗତି ।

ସର୍ବ ଗତି ପଥେ ଗାଥା
ହରପାର୍ବତୀ
ଏମନ୍ତ ଏ ଶାନ୍ତି ଗାଥା
ଶିବ ହିଁ ଅଟନ୍ତି ।

ଚଣ୍ଡ ମଣ୍ଡ ଭଙ୍ଗ ରୂପୀ
ନୃତ୍ୟାଯେ ମାତା

 Magazine Downloaded from www.aahwaan.com

ପଦଭାର ଆଗଭାର
ଅଶାନ୍ତି ମାତା ।
ଏମନ୍ତ ଏ କାର୍ଯ୍ୟ ଚକ୍ଷେ
ଆଗଭର ଶିବ
ମାତା ଅଗ ସ୍ୱଳ୍ପ ପଦେ
ଶୋୟନ ଯେ ଶିବ ।
ମାତା ମର୍ତ୍ତ ଚିନ୍ତା ଶକ୍ତି
ନ ପାରିଲେ ନିଜେ
ପଦ ଅଗେ ଛାପ ଦେଲେ
ଶିବ ହୃଦ ପିଣ୍ଡେ ।
ମାତା ମର୍ତ୍ତ ଚିନ୍ତା ଶକ୍ତି
ମନେ ମଧ୍ୟେ ଧ୍ୟାୟୀ
ସ୍ୱଚକ୍ଷେ ଲଜ୍ଜା ଭର
ଅଗ୍ରଜିହ୍ୱା ଛନ୍ଦି ।
ଚଣ୍ଡୀ ରୂପୀ ବିପେ ମା
ପାର୍ବତୀ ରୂପେ ଗତ
କ୍ଷମା ଜୁଡୋ ମହାଦେବ
ବୋଲନ୍ତି ମାତ ।

ଏମନ୍ତ ଏ ଶକ୍ତି ରୂପେ
ହୁଏ ଶକ୍ତ କାର୍ଯ୍ୟ
ଏହି କ୍ଷଣ ଭୁଲ୍ ପାଇଁ
କାହିଁ ମାଗ କ୍ଷମା
ଜଗତ ଉଦ୍ଧାର ଗତେ
ନାହିଁ ତା'ର ସୀମା ।
ତୁମ୍ଭେ ତୋ ମା
ସର୍ବ ମୟୀ
ସର୍ବ ରୂପୀ ଧାରୀ
ସର୍ବ ମୁଖେ ତୁମ୍ଭେ ଅଛ
ସର୍ବ କାର୍ଯ୍ୟ ପାଇଁ ।

ଘର - ଜଘିଂରା ( କେନ୍ଦୁଝର )
ବାର୍ତ୍ତାଳାପ - +୯୧୯୭୬୮୭୦୩୮୭୧

 Magazine Downloaded from www.aahwaan.com

# ସ୍ମୃତି ସେତ ରୂପାଜହ୍ନ



ଶରତ କୁମାର ଦାସ

ସ୍ମୃତି ସେତ ପୂର୍ଣ୍ଣିମା ର ପୂର୍ଣ୍ଣ ଚାନ୍ଦ
ଶାନ୍ତ ଶୁଭ୍ର ଜୌସ୍ନା ସମୀରଣ
କେତେବେଳେ ବିହଙ୍ଗର ଗୁଂଜନ ତ
କେତେବେଳେ ଶୁଷ୍କ ଉପବନ ।।

ସ୍ମୃତି ସେତ ଫଗୁଣର ମଧୁ ଝରା
କୋଇଲି ର କୁହୁକୁହୁ ତାନ
କେତେବେଳେ ଅମାରାତି ଅନ୍ଧକାର
କେତେବେଳେ ଆଲୋକ ପାର୍ବଣ ।।

ସ୍ମୃତି ସେତ ପାହାନ୍ତିଆ ଦିବ୍ୟ ଜ୍ୟୋତି
ଝଲମଲ ରଂଗ ଓ ବେରଙ୍ଗ
କେତେବେଳେ ସୁମଧୁର ଆକର୍ଷଣ
କେତେବେଳେ ଉତ୍ତାଳ ତରଙ୍ଗ ।।

ସ୍ମୃତି ସେତ ଅଝଟିଆ ପିଲାଦିନ
ବାଲିଘର କଣ୍ଢେଇର ଖେଳ
କେତେବେଳେ ଡହ ଡହ ମରୁଭୂମି
କେତେବେଳେ ସ୍ୱପ୍ନ ଢଳଢଳ ।।

ସ୍ମୃତି ସେତ ଗାଆଁ ଦାଣ୍ଡ ବୋହୂ ଚୋରି
କବାଡି ଓ ବାଗୁଡିର ଖେଳ
କେତେବେଳେ କୁଳୁକୁଳୁ ଫଲ୍ଗୁ ଧାର
କେତେବେଳେ ଅଶାନ୍ତ ହିଲ୍ଲୋଳ ।।

ସ୍ମୃତି ସେତ ନିଛାଟିଆ ଖରାବେଳ
ଆମ୍ବ ତୋଟା ସବୁଜ କେଦାର
କେତେବେଳେ ଶୁଷ୍କ କ୍ଳାନ୍ତ ଅପରାହ୍ନ
କେତେବେଳେ ଆନନ୍ଦେ ବିଭୋର ।।

ସ୍ମୃତି ସେତ ଝଙ୍କାଳିଆ ବରଗଛ
ଝାଉଁ ବଣ ଶୀତଳ ପବନ
କେତେବେଳେ ମହମହ ଫୁଲବନ
କେତେବେଳେ ରୁକ୍ଷ ବାସହୀନ ।।

 Magazine Downloaded from www.aahwaan.com

ସ୍ମୃତି ସେତ ନଇପଠା କାଶତଣ୍ଡି
ଜହ୍ନୀଫୁଲ କୁଆଁର ପୁନେଇଁ
କେତେବେଳେ ଥୁରୁଥୁରୁ ଶୀତରାତି
କେତେବେଳେ ନିଆଁ ର ଉହ୍ମେଇ ।।

ସ୍ମୃତି ସେତ ମଧୁ ବସନ୍ତ ର ଚିଠି
ମନ ଦିଆ ନିଆ ଚୋରା ପ୍ରୀତି
କେତେବେଳେ ଗୋଲାପରେ ମହମହ
କେତେବେଳେ କଣ୍ଟକିତ ରାତି ।।

ସ୍ମୃତି ସେତ ଆଦ୍ୟ ଯୌବନର ରଂଗ
ଶାଳବଣ ସ୍ନିଗ୍ଧ ମଧୁକୁଂଜ
କେତେବେଳେ ପ୍ରେମର ସଂଗୀତ ଧାର
କେତେବେଳେ ଅଶ୍ରୁର ନିକୁଂଜ ।।

ସ୍ମୃତି ସେତ ଟିକି ଟିକି ପ୍ରଜାପତି
ମଧୁ ଝରା ମଧୁର ସପନ
କେତେବେଳେ ହାତ ପାହାନ୍ତାରେ ପଦ୍ମ
କେତେବେଳେ ଜର୍ଜରିତ ପ୍ରାଣ ।।


ସ୍ମୃତି ସେତ ପୁଣ୍ୟ ସାକ୍ଷୀ ଅତୀତ ର
ବିଶ୍ୱାସ ର ସ୍ତୁତି ସମ୍ମୋହନ
କେତେବେଳେ ଉର୍ଦ୍ଧ୍ୱମୁଖୀ ଦୀପଶିଖା
କେତେବେଳେ କରୁଣ ସ୍ପନ୍ଦନ ।।

ସ୍ମୃତି ସେତ ବିମୋହିତ ପୁଷ୍ପ ଗୁଚ୍ଛ
ପୂର୍ଣ୍ଣତାର ମୁଗ୍ଧ ରୂପା ଜହ୍ନ
କେତେବେଳେ କଳକଳ ଝରଣା ତ
କେତେବେଳେ ଦଗ୍ଧ ତପୋବନ ।।

ଅଧ୍ୟାପକ ଶରତ କୁମାର ଦାସ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର-୭୫୮୦୩୫
ଦୂରଭାଷ-: ୯୪୩୮୨୪୩୧୪୯

 Magazine Downloaded from www.aahwaan.com

# ନୟନ ରାଣୀ



ସୌମ୍ୟରଞ୍ଜନ ପାଲ

ନିଶାରେ ପୂରିଛି
ନୟନ ତୁମର
ନିଶାରେ ସୂରୁଜ ଦିଶେ ,
ନିଦାଘ କାଳର
ନିଶାମୁଖ ବେଳେ
ନଭସ୍ୱାନ ପରି ଭାସେ ।
ନିୟିକା ସମକ୍ଷ
ନୃତ୍ୟ ଯେ ତୁମର
ନନ୍ଦେ ମନ ଉଡିଯାଏ ,
ନଭ ଛୁଇଁଆସି
ନନ୍ଦନ ପରାଣ
ନିର୍ଜ୍ଝର ଶରଣ ଯାଏ ।

ନିମ୍ନଗା ଚରିତ୍ର
ନେଇ ସପକ୍ଷରେ
ନିସ୍ତାର ସଭିଙ୍କୁ ନିଜେ ,
ନିଶାକର ହୃଦେ
ନ୍ୟାସି ରଖିଅଛି
ନଳିନୀ କାସାରେ ବିଜେ ।

ବଡ଼ସୋଲ, ଝାରପୋଖରିଆ
ମୟୁରଭଞ୍ଜ ଜିଲ୍ଲା, ୭୫୭୦୮୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୮୯୮୩୩

 Magazine Downloaded from www.aahwaan.com

# ମଲ୍ଲୀର ଗଜରା



ଜଗନ୍ନାଥ ତରେଇ

ମହ ମହ ଆଜି ଭାସି ଆସେ ବାସ
ତୁମରି କବରୀ ଦେଶରୁ,
ରାଜରାଣୀ ପରି ଦିଶ ଆଜି ତୁମେ
ଗଜରା ଲଗା ସେ ବେଶରୁ ।

ବାସନାରେ ତୁମ କି ଯାଦୁ ରହିଛି
ପାରେନା କେବେ ମୁଁ କଳି,
ସେ ବାସ ର ରସ ପାଇବା ପାଇଁକି
ଦୂରୁ ଉଡି ଆସେ ଅଳି ।

କୋମଳ ଖୋସାରେ କୋମଳ ଗଜରା
କମଳ ପରିକା ଦିଶେ,
ଦେଖି ତୁମ ଗୋଭା ସକାଳ ସୂରୁଜ
ମୁରୁକି ମୁରୁକି ହସେ ।

କଳା ମେଘେ ଯେହ୍ନେ ଧଳାର ବାଦଲ
ବେଳେ ବେଳେ ଉଙ୍କି ମାରେ,
କଳା ବାଳେ ତୁମ ଫୁଲେଇ ମଲ୍ଲୀକା
ସଭିଙ୍କର ମନ ହରେ ।

ମଲ୍ଲୀ ଫୁଲ ଆଜି ଗରବେ କହଇ
ସାର୍ଥକ ହୋଇଲା ଜୀବନ,
ସୁନ୍ଦରୀ ଗୋଭାରେ ଜାଗା ପାଇ ମୁହିଁ
ପୂର୍ଣ୍ଣ ହେଲା ମୋର ସପନ ।

କାନରେ ଗୋପନେ ମଲ୍ଲୀର ଗଜରା
କହୁଛି ଶୁଣ ଗୋ ପ୍ରିୟେ,
ଏତିକି କରୁଣା କରିବ ଯେମିତି
ମୋ ଜାଗା କେହି ନ ନିଏ ।

 Magazine Downloaded from www.aahwaan.com

ଏପରି ସରସ ନରମ ତନୁର

ପରଶ ପାଇନି କେବେ,

ଏହିପରି ମୁହିଁ ଲାଖି ରହିଥିବି

ମଉଳିବି ନାହିଁ ତେବେ ।

ତୁମ ସାନିଧ୍ୟରେ ମରୁର ପଥରେ

ଝରଣା ବି ବହିଯିବ,

ଶୁଖିଲା ଡାଳରେ ପତର କଅଁଳି

ଫୁଲ ଫୁଟି ବାସି ଯିବ ।

ମୁଁ ତ ଗୋଟିଏ ସାମାନ୍ୟ ଗଜରା

ମୋହର ବା କେତେ ଭାଉ,

ତୁମରି ପରଶେ ଗଭାରେ ତୁମର

ସ୍ଥାନ ମୋର ରହିଥାଉ ।

ଜଗନ୍ନାଥ ତରେଇ (ଶିକ୍ଷକ)

ବହଳଦା ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

ଇମେଲ୍-jagannathtarei88@gmail.com

Magazine Downloaded from www.aahwaan.com

# ଆଜିର ସ୍ୱପ୍ନ ନାରୀ



କେ. ନିର୍ମଳ

ସମାଜର ଆଶାର ଆଲୋକଟିଏ
ମୁଁ ଆଜିର ସ୍ୱପ୍ନ ନାରୀ,
ଅନ୍ଧକାର ମୋତେ ଭୟ କାହିଁ ଲାଗେ
ଚିନ୍ତାରେ ରୁହେ ମୁଁ ଝୁରି ।

ଆଜିର ସମାଜେ ଭ୍ରଷ୍ଟାଚାର ମାନେ
ଖରାପ ତାଙ୍କର ଲକ୍ଷ୍ୟ,
ସ୍ୱାଧୀନ ରାଜ୍ୟରେ ଅସ୍ୱାଧୀନ ଆମେ
ହୋଇଯାଉ ବଟ ବୃକ୍ଷ ।

ଚିନ୍ତା ଆଜି ଆମ ବାପ ମାଆ ଙ୍କର
କେମିତି ବଢ଼ିବୁ ଆମେ,
ସ୍ୱପ୍ନ ଦେଖିବାକୁ ଭୟତ ଲାଗୁଛି
ଚିନ୍ତାକର ଜନ ତୁମେ ।

ନ୍ୟାୟ ମାଗିବାକୁ ଚାହେଁ ଯେବେ
ପଛଘୁଞ୍ଚା ସମସ୍ତଙ୍କ,
ପଡ଼ିଶାରେ ଏଠି ଶତ୍ରୁତ ବଢ଼ନ୍ତି
ମେଣ୍ଟେନାହିଁ ତାଙ୍କ ଭୋକ ।

ବଦଳି ଯାଅ ବହୁରୂପୀ ଶତ୍ରୁଗଣ
ରହିଅଛି କିଛି କ୍ଷଣ,
ନିଜର ଭଉଣୀ ଆଜିତ ବଢୁଛି
ମୁଣ୍ଡରେ ପଡ଼ିବ ବାଣ ।

ଭଦ୍ରକ, ବାସୁଦେବପୁର (ଜଗନ୍ନାଥି)
ମୋବାଇଲ:-୯୫୬୭୧୧୩୬୦୭
ଇମେଲ୍ : nirmaln270@gmail.com

 Magazine Downloaded from www.aahwaan.com

# ଜମା ଭୁଲିଯିବ ନାହିଁ



ଭାଗିରଥୀ ଯାନୀ

ଲୋଡ଼ା ନାହିଁ ମୋତେ ସୁବର୍ଣ୍ଣର ପଥ
ଲୋଡ଼ାଖାଲି ମୋର ଲକ୍ଷ୍ୟସ୍ଥଳ ।
ସମସ୍ତଙ୍କୁ ଶାନ୍ତି ଦେବା ପାଇଁ ।।
ଗିରି କନ୍ଦର ବିଲ ପ୍ରାନ୍ତର ଲଙ୍ଘି
କୁଳୁ କୁଳୁ ନାଦେ ଅଙ୍କାବଙ୍କା ପଥେ
କରୁଥାଏ ଗତି ।

କେତେ ଯେ ହଂସ ହଂସୀରାଳୀ
ମୋରି କୂଳରେ
ଖେଳୁଥାନ୍ତି ନିତି ଦୋଳି ।

ଜୀବିକା ନିର୍ବାହ ପାଇଁ,
ଯେତେସବୁ ଗାଁ ଓ ସହରବାସୀ
ତାଙ୍କରି ଜୀବନେ
ମୋତେ ହିଁ ତ ଲୋଡ଼ୁଥାନ୍ତି ।।

କେହି ଯଦି କେବେ ଯିବେ
ଯେଉଁ ଦେଶ ଓ ସହରକୁ,
ମୋ ସ୍ଥିତି ବିଷୟେ ନିଶ୍ଚୟେ ଜାଣିବେ ।
ମୁଁ ଏକ ଏମିତିକା ବସ୍ତୁଟିଏ ।।
ପ୍ରତ୍ୟେକ ସହର ଓ ନଗରକୁ
ସ୍ପର୍ଶ କରିଯାଉଥାଏ ।।

ନାହିଁ ମୋର ଭେଦ ଭାବ,ଉଚ୍ଚନୀଚ
ନାହିଁ ପୁଣି ଗର୍ବ ।
ମୁଁ ଥାଏ ଯହିଁ ଦେଶେ
ସଭିଙ୍କ ମନକୁ ହରଷେ ।।

 Magazine Downloaded from www.aahwaan.com

ଆନନ୍ଦେ ତ ବଞ୍ଚିଅଛ

ହେ ଜ୍ଞାନୀ ମାନବ !!

ମୋରି ଯତନ ଟିକେ ଟିକେ ନେଉଥିବ

ଜମା ଭୂଲି ଯିବନାହିଁ ।

ମୋରି ସ୍ମରଣେ ନୂତନ ଜୀବନ ପାଇ ।।

କାହିଁ କେଉଁକାଳରୁ ରହିଥିଲି,

ବର୍ତ୍ତମାନ ମୋର ଅବସ୍ଥିତି

ସଭିଏଁ ଜାଣନ୍ତି ।

ଆଉ ରହିଥିବି ମଧ୍ୟ

ସମସ୍ତ ଜୀବ ଓ ନିର୍ଜୀବଙ୍କୁ

ଏ ବିଶାଳ ଜଗତରୁ ଉଦ୍ଧାର କରି ।।

ଗ୍ରାମ/ଡା.ଘ.- ଦଳପଡା,ଭାୟା-ଖଜୁରୀପଡା,

ଜିଲ୍ଲା-କନ୍ଧମାଳ,ଓଡିଶା,ଭାରତ ।

 Magazine Downloaded from www.aahwaan.com

# ଛାଡ଼ଖାଇ



ମନୋରଞ୍ଜନ ମୁଦୁଲି

ମାସସାରା ଟିକେ ଆଶ୍ୱସ୍ତରେ ଥିଲୁ
ଡାକୁଥିଲୁ ତ୍ରାହି ତ୍ରାହି,
ବାରମାସ ସାରା ପ୍ରଭୁ କଲେନି କାର୍ତ୍ତିକ
ବଞ୍ଚିଥାନ୍ତେ ଆମ ଭାଇ ।
ମାସସାରା ଯାହା ଛାଡିଥିଲେ ନର
ସବୁଯିବେ ଆଜି ଖାଇ,
ଦାନ୍ତକୁ ପଜେଇ ରଖିଛନ୍ତି ସବୁ
ଆଜି ପରା ଛାଡ଼ଖାଇ ।

ଜମିଲ୍ ପଠାଣ ଛୁରୀଧାର କରି
ରଖିଛି ଆମରି ପାଇଁ,
ନେହୁରା ଜୁହାର କେତେ ବି କରିଲେ
ସିଏ ତ ଶୁଣିବ ନାହିଁ ।

ହିନ୍ଦୁ ହୋଇ ପୁଣି ବ୍ରାହ୍ମଣ କୁଳର
ଯାଆନ୍ତି ଆମକୁ ଖାଇ,
ପଶୁପକ୍ଷୀ ଆମ ପାଟି ଖୋଲୁନାହିଁ
କାହାକୁ କହିବୁ ଯାଇ ।

ଜୟଗୁରୁ ଭାଇ ମିନତୀ କରୁଛୁ
ବୁଝାଅ ଲୋକଙ୍କୁ ଯାଇ,
କାର୍ତ୍ତିକର ପୂଣ୍ୟ ବିସର୍ଜନ ଦିନ
ନୁହେଁ ଏଇ ଛାଡ଼ଖାଇ ।

 Magazine Downloaded from www.aahwaan.com

# ଯମରାଜଙ୍କ ସଙ୍ଗେ ସାକ୍ଷାତକାର



ନୂତନକୁମାର ବେହେରା

ଆମ ଚାନେଲର ଜଣେ
ନିଉଜ୍ ରିପୋର୍ଟର
ଯମଙ୍କ ସଙ୍ଗେ କରି ଦିନେ
ସୌଜନ୍ୟମୂଳକ ସାକ୍ଷାତ୍
ପଚାରିଲେ... ଧର୍ମରାଜ, ଆମ ମର୍ତ୍ତ୍ୟମଣ୍ଡଳରେ
ପ୍ରତିଦିନ ଏତେ ଲୋକ ମରୁଛନ୍ତି
କାହିଁକି ଅକସ୍ମାତ୍ ?
ଯମରାଜ ରିପୋର୍ଟରଙ୍କ ଆଡେ ଚାହିଁଦେଇ ଥରେ
ମୃଦୁ ହସି କହିଲେ ଗୁରୁ ଗମ୍ଭୀରରେ,
'ଶୁଣ ତେବେ ସଧିରେ,
କହୁଛି ମୁଁ ସତରେ,
ପ୍ରତିଦିନ ମରୁଛନ୍ତି ଯେତେ ଲୋକ
ତାଙ୍କର ଆୟୁଷ ହୋଇ ନଥାଏ ଶେଷ,
ନିଜେ ନିଜେ କରି ଦୋଷ
ମରୁଛନ୍ତି ଶହେରୁ ଅନେଶତ ମଣିଷ
ଏହି ମୋର ଅବଶୋଷ ।

 Magazine Downloaded from www.aahwaan.com

କିଛି ତ ଅଛନ୍ତି ଏମିତି ରାକ୍ଷସ
ସରଳ ନିରୀହଙ୍କୁ ମାରୁଛନ୍ତି
ଯଦିଓ ସେମାନେ ନିର୍ଦ୍ଦୋଷ,
ଆଉ କିଛି ଦାୟିତ୍ୱହୀନ ନିଶାସକ୍ତ
ଗାଡ଼ିଚାଳକ,
ଦୁର୍ଘଟଣା ଘଟାଇ ମାରୁଛନ୍ତି ଲୋକ ।
କେତେକ ବେହୁସିଆର ଅସାବଧାନତା ବଶତଃ
ହେଉଛନ୍ତି ସ୍ୱର୍ଗତଃ,
ପୁଣି କିଛି ମରୁଛନ୍ତି ରୋଗରେ
କିଛି ଭୋଗରେ,
କିଏ ମରେ ଲୋଭରେ କିଏ କ୍ଷୋଭରେ
କିଏ ମାରେ ମରେ ହିଂସାରେ
କିଏ ମାରେ ଈର୍ଷାରେ
କିଏ ମରେ ଭୋକରେ
କିଏ ମରେ ପୁଣି ପାପରେ ।

ଆଉ କିଛି ମରୁଛନ୍ତି ଖାଇଖାଇ ନିଶା
ଅବା ମରୁଛନ୍ତି ଭୋଗୀ ଦୁର୍ଦ୍ଦଶା ।
ଏମିତି ତ ମରିବାର ଅଛି ଅନେକ କାରଣ,
ଏସବୁ କରିବାକୁ ନିୟନ୍ତ୍ରଣ
ଆଗେ ହେଉ ନିଶା ନିବାରଣ ।
ତୁମ ମର୍ତ୍ତ୍ୟରେ ତ କାମ କମ୍
ବେଶି ଖାଲି ଚାଲିଛି ଭାଷଣ ।
ଅଯଥା ଯମ ବୋଲି ମୋତେ
ସଭିଏଁ ଦେଉଛନ୍ତି ଦୋଷ,
ନିଜେ ନିଜକୁ ନ ସୁଧାରିଲେ
ଯୁଗେଯୁଗେ ଚାଲିଥିବ ଅପମୃତ୍ୟୁ
ହେବନାହିଁ ତାହା ହ୍ରାସ ।
ରିପୋର୍ଟରଙ୍କ ନିଦଗଲା ଭାଙ୍ଗି,
ଚଟାପଟ ଉଠିପଡ଼ି ନିଉଜ୍
ରେଡ଼ି କରିବାକୁ ଗଲେ
କ୍ୟାମେରା ଅନର ଭଙ୍ଗି ।

କୋହି,ମୟୂରଭଞ୍ଜ,
ଦୂରଭାଷା:-୯୯୩୮୫୫୭୮୬୧

 Magazine Downloaded from www.aahwaan.com

# ଏମିତି କେମିତି ହୁଏ ?



ଦୀପକ କୁମାର ଦାସ

ସମୟର ଅଜଣା ରାସ୍ତାରେ ବାଟ ଚାଲୁଚାଲୁ

ହଠାତ୍ ସ୍ପର୍ଶ କରେ ହୃଦୟକୁ ବସନ୍ତର ଦଲକାଏ ମଳୟ ପବନ...

ରୋମାଂଚିତ ହୁଏ ମନ

ଅହରହ ଖୋଜିବାକୁ ଖାଲି ଇଛା ହୁଏ,

ସ୍ୱପ୍ନରେ ଦେଖିଥିବା ସେହି ସୁସଜ୍ଜିତ ନାୟିକାକୁ.....

କେଜାଣି କାହିଁକି ଏବେ ଅନେକ ଅସଜଡା ରାସ୍ତା ବି ନିଜର ଲାଗେ

ଇଛା ହୁଏ ସମୁଦ୍ର ଲଂଘିବାକୁ

ପୁଣି ହଜିଯିବାକୁ ଦୂର ଦିଗ୍ ବଳୟର କେଉଁ ଏକ ନୁତନ ଇଲାକାକୁ

ଯେଉଁଠି ପ୍ରିତିର ବାସ୍ନାରେ ସମସ୍ତେ ହଜିଥିବେ ......

ହେଲେ ଅମାନିଆ ମନଟା ଆଜିବି ଅବୁଝା ହୋଇ ବାରମ୍ବାର ମତେ ପ୍ରଶ୍ନକରେ

ପ୍ରିତି ସର୍ମ୍ପକର କିଛି ଅଛିଣ୍ଡା ଅଙ୍କକୁ ନେଇ

ଯେଉଁଠି ପରିଚୟ ତିଆରି କରେ ଚିମୁଟାଏ ସିନ୍ଦୂର

ସବୁ ଅବାସ୍ତବ ହୁଏ ବାସ୍ତବ

ଏବଂ ଆରମ୍ଭ ହୁଏ ଜୀବନ ପୁସ୍ତିକାର ଆଉ ଏକ ନୁତନ ଅଧ୍ୟାୟ ।

ଛତ୍ରପୁର, ଗଂଜାମ

ଭ୍ରାମ୍ୟଭାଷ- ୯୭୭୬୩୬୭୦୭୮

 Magazine Downloaded from www.aahwaan.com

# ତୁମେ ମୋର ଏକ ଅଭୁଲାସ୍ମୃତି



ଡମ୍ବରୁଧର ବାଗ

ପଚାରିବ ଯଦି ପ୍ରିୟା ମୋର ଆଜି
ଭଲପାଅ ତୁମେ କାହାକୁ ?
ନିଷ୍ଟେ କହିଦେବି ଭଲ ମୁଁ ପାଏନି
ତୁମ ଛଡା ଆଉ କାହାକୁ ।
ତୁମେ ମୋର ସଂଜ ତୁମେ ମୋ ସକାଳ
ତୁମେ ମୋର ଦିବା ନିଶି ।
ତୁମ ବିନା କିବା ବଞ୍ଚି ମୁଁ ପାରିବି
କୁହ ଥରେ ପାଶେ ବସି ।
ତୁମେ ମୋ ନିଃଶ୍ୱାସ ତୁମେ ମୋ ପ୍ରଶ୍ୱାସ
ତୁମେ ମୋର ଅନ୍ନ ଜଳ ।
କେମିତି କହିବି ବୁଝାଇ ତୁମକୁ
ତୁମକୁ ମୁଁ ପାଏ ଭଲ ।
ତୁମେ ମୋର ଜହ୍ନ ତୁମେ ମୋର କଇଁ
ତୁମେ ମୋ ବରଷା ରାଣୀ ।
ତୁମ ବିନା ମୋର ସବୁ କିଛି ଅଧା
ଅଧା ପୁଣି ମୋ କାହାଣୀ ।

ସାତ ରଙ୍ଗ ତୁମେ ମୋ ଜୀବନର
ଜୀବନ ପ୍ରଦୀପ ମୋର ।
ପାରିଜାତ ପୁଷ୍ପ ତୁମେ ହିଁ ତ ମୋର
ତୁମେ ପୁଣି ସ୍ୱର୍ଗ ପୁର ।
ତୁମେ ଥିଲେ ମୋର ଊଣା ନାହିଁ କିଛି
ତୁମେ ମୋର କାମଧେନୁ ।
ତୁମେ ଯେ ମୋହର ଅଭୁଲା ସ୍ମୃତି ଟେ
କେମିତି ଭୁଲିବି ମନୁ ।
ସମ୍ପର୍କ ତୁମର ମୋ ସାଥେ ତୁମ
ଅଛି ଯୁଗ ଯୁଗ ଧରି ।
ପ୍ରିୟା ତୁମେ ମୋର ମୁଁ ତୁମ ପ୍ରିୟ
ସତେ ରାଧା କୃଷ୍ଣ ପରି ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି
ଫୋନ ନମ୍ବର - ୯୧୭୮୨୨୫୭୬୪

 Magazine Downloaded from www.aahwaan.com

# ଅଧୁରା ଜୀବନ



ସ୍ୱାବିତ କୁମାର ପାତ୍ର

ଏ ଜୀବନଟା ତ  ସେ
ସମୁଦ୍ରକୂଳ ବାଲିଘର ପରି,
ଅଜସ୍ର ଦୁଃଖର ଲହରୀ ଆଣି
ଚାଲିଯାଏ କୁଆଡେ କେଜାଣି
ମେଞ୍ଚା ମେଞ୍ଚା ସ୍ୱପ୍ନ ଦେଖି
କଷ୍ଟେ ଗଢି ଥିବା ସେ ଘରକୁ
କେଣେ ଅଜାଡ଼ି ଦେଇ  । [୧]

ନୂଆ ବିବାହିତ ବୀର ସୈନିକ
ସହିଦ୍ ହେଇଛି ଦେଶ ପାଇଁ
ମହମ ଜାଳି ଆଉ କିଛି ଟଙ୍କାରେ
ସେ ପୁରୁଣା ସ୍ମୃତି
କଣ ଫେରି ଆସିବ  ?
ସେ ମିଛ ସାହାନୁଭୂତି ରେ
ସ୍ତ୍ରୀ ହୃଦୟ ରେ ହୁ ହୁ ଜଳୁଥିବା
ଦୁଃଖ ର ନିଆଁ କଣ ଲିଭି ପାରିବ  । [୨]

ବୁଢା ବାପ ଏକୁଟିଆ ବସି
ପୁଅ କଥା ଭାବି ଭାବି ମଗ୍ନ,
ବୁଢା ର ଅଶ୍ରୁରେ ଦିଶୁଥାଏ
ଅନ୍ତର ଭିତର ସେ ଯନ୍ତ୍ରଣା
ନାତି ନାତୁଣୀ ସହ ହସି ଖେଳି
ସମୟ ବିତାଇବା ର ସେ ସପ୍ନ
ଏକା ଥରେ ସବୁ ଛିନ୍ନବିଛିନ୍ନ   । [୩]

ଏମିତି କେତେଯେ କଳବଳ
ଅଧା ଅଧୁରା ଜୀବନ ସହ
ଅନ୍ଧାର ଜୀବନରେ
ଦୁଃଖଭରା ଲନ୍ଠନ ଜଳେଇ
ଏକାନ୍ତ ବଞ୍ଚିଚନ୍ତି କଣ୍ଢେଇ ପରି
ସେହି ଅଭୁଲା ସ୍ମୃତିକୁ ସାଥୀ କରି  । [୪]

ଧର୍ମଗଡ଼, କଳାହାଣ୍ଡି
ନଂ-୮୪୫୬୮୦୩୫୯୦

 Magazine Downloaded from www.aahwaan.com

# ଜୀବନସାଥୀ ତୁମେ...



ଶୁଭଲକ୍ଷ୍ମୀ ଦାସ

ଅଚିହ୍ନା ମଣିଷଟିଏ ସାମ୍ନାରେ

ଓଠରେ କିନ୍ତୁ କିଛି ଗୋଟେ ପାଇଗଲା ଭଳି ହସ

ଅଜଣା ଅସଜଡା ଅଙ୍କକଷା ଭିତରେ

ସେ ସମ୍ପର୍କର ଆରମ୍ଭ ଥିଲା

ଆଜି ସେ ସମ୍ପର୍କ ଖାଲି ତୃପ୍ତି ନୁହେଁ

ଅନେକ ଅଲିଭା ସ୍ମୃତି ବି ସାଉଁଟିଛି

ଅଙ୍କାବଙ୍କା ନଈଟିଏ ମୁଁ

ସାଗର ସଂଗମ ତୁମେ

ପୂର୍ଣ୍ଣିମାର ଚନ୍ଦ୍ର ହେଲେ ମୁଁ

ଆନମନା ହୋଇ ଖୋଜୁଥିବା ଚକୋର ତୁମେ

ମୋ ଜୀବନ ଦିଗ୍ ବଳୟରେ

ରକ୍ତିମ ଆଭାର ପ୍ରକାଶ ତୁମେ

ନିରବି ଯାଇଥିବା କଣ୍ଠର

ସାତସୁର ଝଙ୍କାର ତୁମେ

ମୋ ନାରୀତ୍ୱରେ ପୂର୍ଣ୍ଣତାର ପ୍ରତୀକ ତୁମେ

ହୃଦୟରେ ଅନେକ ଅସମାହିତ ପ୍ରଶ୍ନର ଢେଉ

ସେ ସବୁ ପ୍ରଶ୍ନର ସରଳ ସାବଲୀଳ ଉତ୍ତର ତୁମେ

ମୋର କିଛି ହଜି ଯାଇଥିବା ସ୍ୱପ୍ନର ସୌଦାଗର ତୁମେ

ଜଣା କି ଅଜଣା କେବଳ ଶବ୍ଦରେ ସୀମିତ

ଆମର ସମ୍ପର୍କ ଏସବୁର ଅନେକ ଉର୍ଦ୍ଧ୍ୱରେ

ଉଦିତ ସୂର୍ଯ୍ୟର କିରଣ ପରି ଶାନ୍ତ ଓ ସ୍ଥିର

ଯେତେ ବି ଝଡ ଆସୁ ହେବ ନାହିଁ କେବେ ଅସ୍ତମିତ

ମୁଁ ତୁମର ଅର୍ଦ୍ଧାଙ୍ଗିନୀ .......

ସାତଜନ୍ମ ନୁହେଁ ଜନ୍ମ ଜନ୍ମାନ୍ତର ପାଇଁ

ମୋର ଜୀବନସାଥୀ ତୁମେ,

ଜୀବନସାଥୀ ତୁମେ !!!!!!!

 Magazine Downloaded from www.aahwaan.com

# ମାଆ



ସେଠୀ କାର୍ତ୍ତିକ ଚନ୍ଦ୍ର

ଦେଶଫୁଲ କଳି   ଗଲ କି ଝାଉଁଳି
ଦେଖ ମାଆ ତୁମ ଡାକେ
ତୁମ ମୁଖୁ ହସ   ଦେଖିବା ମୋ' ଆଶ
ଲକ୍ଷେ ସପନ ମୋ' ବୁକେ  । ।୧

ସିଂହ ଛୁଆ ତୁମେ  ଏ ଭାରତ ଭୂମେ
ବିପ୍ଳବ ଆଣିବ ଦିନେ
ମାଆ ର ମନକୁ   ସୁଖେ ଭରିଦେବ
ଶାନ୍ତି ଲଭିବି ମୁଁ ମନେ  । ।୨

ଚାଚା ନେହେରୁଙ୍କ   ଜନମ ଦିନରେ
ନେବ ଟି ବଜ୍ର ଶପଥ
ସବୁଜ ବିପ୍ଳବେ    ହସିବ ଦୁନିଆ
ପୂରିବ ମୋ' ମନୋରଥ  । ।୩

ମାଆ ତୁମ ବୋଲି  କହୁଚି ରେ ପିଲେ
ମାନିବ ମୋହରି କଥା
କୃଷକ ହସିଲେ       ହସିବ  ଜଗତ
ଘୁଞ୍ଚିବ ଦୁଃଖୀ ର ବ୍ୟଥା  । ।୪

ଅନାହାରେ ଥାଇ  କେତେ ତୁମ ଭାଇ
ମନ୍ଦବୁଦ୍ଧି   ଆପଣେଇ
ଭୋକିଲା ପେଟରେ    କିଛି ଦିଶେ ନାହିଁ
ପେଟ କରେ କଇଁ କଇଁ  । ।୫

ଭଉଣୀଙ୍କୁ ତୁମ   ସଂସ୍କାରୀ କରିବ
ସଂସ୍କୃତି ମନ ବସନେ
ଅର୍ଦ୍ଧରାତ୍ର ମେଳା   ଏକା ପାର୍କବୁଲା
ନ ଆଣିବ କେବେ ମନେ  । ।୬

 Magazine Downloaded from www.aahwaan.com

ଗୁରୁଜନେ ଥାଇ  ସଭାସ୍ଥଳେ ଯିବ
ସୁରକ୍ଷା ନିଜର ହେବ
ଅଜଣା  ବିପଦ  ମାଡ଼ି ଆସୁଥିଲେ
ପଲକେ ଦୂରେଇ ଯିବ  । ।୭

ତୁମେ ଭାଇ, ଭଗ୍ନୀ   ଯଦି  ଠିକ୍ ହେବ
ପର ପୀଢି ଚିନ୍ତା ଯିବ
କୁସୁମ କଳି ଙ୍କ   ହସ ଓ ଖୁସି ରେ
ଭାରତ ସୁନା ହୋଇବ  । ।୮

ଯୋଗ କସରତେ  ବଳଶାଳୀ ହେଲେ
ନିରୋଗ ରହିବ ଧନ
ପରାକ୍ରମୀ ହୋଇ   ଶତ୍ରୁ ସଂହାରିବ
ଦେଶ ର ରଖିବ ମାନ  । ।୯

କୃଷକ ସୃଜାଏ     ବଳିଷ୍ଠ ସଇନ
ଖାଦ୍ୟ ରୁ ଜ୍ଞାନ ବିଜ୍ଞାନ
କୃଷି ଉନ୍ନତି କୁ    ନ ଭାବନ୍ତି ଏଠି
ତେଣୁ ଦୁଃଖୀ ମୋର ମନ  । ।୧୦

ମୋ କଥାକୁ ଟିକେ  କହିବ ବାବୁରେ
ସଭାସ୍ଥଳ ତୁମେ ଯାଇ
ଅକୁହା କଥା କୁ   ଅବଶ ପ୍ରାଣ ମୋ'
ଥକି  ପଡିଅଛି  ମୁହିଁ  । । ୧୧

-ସେଠୀ କାର୍ତ୍ତିକ ଚନ୍ଦ୍ର,

ଚଉମୁଖ, ବାଲେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

# ମୋ ଗାଁ



ଅରୁଣ କୁମାର ମହାନ୍ତି

ସବୁଠୁ ପ୍ରିୟ ଗାଁଆ ଟି ମୋର
ମଧୁଠୁ ମିଠା ନାଁଟି ତାର
ତାହାରି କୋଳେ ଜନମ ଆମ
ରଖିବା ଆମେ ତାହାରି ମାନ..... ! !

ସ୍ୱଚ୍ଛ ପବନ ବହୁଛି ଏଠି
ବିଶୁଦ୍ଧ ଜଳ ମିଳଇ ଏଠି
ତାର ରକ୍ଷଣ କରିବା ଆମେ
ବୃକ୍ଷ ରୋପଣ କରିବା ସର୍ବେ..... ! !

ବଣ ପାହାଡ଼ ଝରଣା ନଇ
ବୃକ୍ଷ ଦିଅଇ ଶୀତଳ ଛାଇ
ସବୁଜ କ୍ଷେତ କେଡେ ସୁନ୍ଦର
ଗାଉଛି ଗୀତ ନଦୀର ଧାର..... ! !

ବଡ଼ଙ୍କୁ ଏଠି ମିଳେ ସମ୍ମାନ
ସଭିଏ ଏଠି ଆମ ନିଜର
ମିଶିକି କାମ କରିବା ଏଠି
ଏକତା ଅଟେ ଆମରି ଶକ୍ତି.... ! !

ହସୁଛି କ୍ଷେତେ ପାଚିଲା ଧାନ
ବଳଦ ଟାଣେ ଶଗଡ଼ ଯାନ
ଧାନ ପଖାଳେ ସାଧବ ବୋହୂ
ଆଃ କି ସୁନ୍ଦର କୋଇଲି କୁହୁ.... ! !

ସମୟ ସ୍ରୋତ ଯାଉଛି ବିତି
କ୍ଷୀଣ ହେଉଛି ଭାତୃତ୍ୱ ପ୍ରୀତି
ଗାଁଆ ଟି ପାଇଁ ଗର୍ବ ଆମର
ରଖିବା ମିଶି ତାହାରି ମାନ..... ! !

 Magazine Downloaded from www.aahwaan.com

ପଲ୍ଲୀ ସୁନ୍ଦର ଦେଶ ସୁନ୍ଦର

ବାରତା ବଳ ନନ୍ଦ କିଶୋର

ସବୁଠୁ ପ୍ରିୟ ଗାଆଁ ଟି ମୋର

ନାଆଁ ଟି ତାର ଇଷାଣପୁର..... ! !

ଅରୁଣ କୁମାର ମହାନ୍ତି

ଇଷାଣପୁର, ଯାଜପୁର

ଦୂରଭାଷ:-୭୭୧୫୦୮୧୩୦୮

# ମରୀଚିକା



ଅଜୟ କୁମାର ବେହେରା

ଧୂ ଧୂ ଖରା ବେଳେ
ଶୂନ ଶାନ ନୀଶବ୍ଦ
ସେଇ ନିକାଂଛନ ରାସ୍ତାରେ
ଚାଲି ଯାଉଥିଲା ଯେବେ ସିଏ
ମନ ସିହରିତ ହେଲା
ତାର ସେଇ ପ୍ରଥମ ଦେଖାରେ.........(୧)

ନବ ଯୌବନ ତାର
ଝଟକୁ ଥିଲା
ହୀରକର ସମ
ଅଙ୍ଗେ ଅଙ୍ଗେ ଭରିଥିଲା
ଚଳ ଚଞ୍ଚଳତା
ମନେ ଥିଲା କିଛି
ଅକୁହା କଥା

ପାଖେ ଆସି ଯେବେ
ପଚାରେ ଥରେ
ଲାଜେଇ ବାଳା ସେ
କହେ ଧୀରେ ଧୀରେ....(୨)

ଜୀବନ ଜଞ୍ଜାଳ
ଲାଗେ ଭାରି ପ୍ରବଳ
ଶାନ୍ତିରେ ଟିକେ ବଞ୍ଚିବାକୁ
ମିଳେନା ବେଳ
ବଦଳି ଯାଏ ଏଠି ସବୁକିଛି
ଇଏ ପରା ସମୟର ଖେଳ..(୩)

 Magazine Downloaded from www.aahwaan.com

ପ୍ରେମ ବୋଲି ଯାହାକୁ

ଆଦରି ଥିଲି

ଯାହାର ପୂଜାରୁଣୀ ସାଜି

ନିତି ସେବୁଥିଲି

ଆଜି ସିଏ ସୈତାନ

ବୁଝେ ନାହିଁ ମାନ....(୪)

ମନ ବୋଲି ତାର

କିଛି ନାହିଁ

ମିଠା ମିଠା କଥା କହି

ନେଇଥିଲା ସେ

ମୋର ମନ ଚୋରେଇ....(୫)

ତା ମିଠା ମିଠା କଥାରେ

ପାଗଳି ଟେ ଥିଲି ମୁହିଁ

ଭଲ ମନ୍ଦ କିଛି

ବୁଝିଲି ନାହିଁ

ଦେହ ,ମନ ସବୁକିଛି ସମର୍ପି ଦେଇ

ଆଜି ସମାଜରେ ବୁଲେ

ମରୀଚିକା ହୋଇ

ମିଥ୍ୟା ପରିଚୟ

ସାଥିରେ ନେଇ

ପ୍ରେମ ଟିକେ ପାଇବା ପାଇଁ.(୬)

ମରୁଭୂମିର ଶୁଷ୍କ

ବାଲି କଣାଟିଏ ମୁହିଁ

ବିଶାଳତା ମଧ୍ୟେ

ସୁକ୍ଷ୍ମତା ର ସ୍ଥାନ

ଖୋଜିଲେ ମିଳିବ କାହିଁ....(୭)

 Magazine Downloaded from www.aahwaan.com

ବହିଯିବି ସମୀରେ

ବାଲି ଝଡ଼ ହୋଇ

ମିଶିଯିବି କୋଉଠି

ବାଲୁକା ସ୍ତୁପ ହୋଇ

ମୋ ପରିଚୟ ହଜି ଯିବ

ବଣ ମଲ୍ଲୀ ସମ

ମରୁଭୂମିରେ ମରୀଚିକା ହୋଇ

ଖୋଜିଲେ କେହି ପାଇବେ ନାହିଁ....(୮)

ଅଜୟ କୁମାର ବେହେରା

ମୋରଡ଼ା, ମୟୂର ଭଞ୍ଜ

Magazine Downloaded from www.aahwaan.com

# ମୋ କୋଳକୁ ତୁ ଆସନା



ବନ୍ଦିତା କର

ମୋ କୋଳକୁ ତୁହି ଆସନା ଲୋ ମା

ମୋ କୋଳକୁ ତୁହି ଆସନା ... !

ପ୍ରେମ ପଣତରେ ଘୋଡାଇ ପାରିବି

ସେ ଭରସା ଆଉ ପାଏନା ।

ତୋ ସ୍ମିତିର ଗନ୍ଧ ବାଜିବା ମାତ୍ରକେ, ଚମକିଯିବ ସଂସାର

ତୋ ମରଣଜନ୍ତା ସାଜିବ ଗର୍ଭମୋ, ନାଚାର ମୁଁ ନିର୍ବିକାର

କେମିତି ଦେଖିବି କହ ଧନ ମୋର ମା' ପରାଟି ମୁଁ ତୋହର

ଜନମ ପୂର୍ବରୁ ମୃତ୍ୟୁର ସ୍ପର୍ଶରେ, ନିର୍ଜୀବ ଶରୀର ତୋର

ମୋ ଗର୍ଭକୁ ତୁହି ଆସନାଲୋ ମା

ମୋ ଗର୍ଭକୁ ତୁହି ଆସନା.. !

ପ୍ରେମ ପଣତରେ ଘୋଡାଇ ପାରିବି

ସେ ଭରସା ଆଉ ପାଏନା .... !

କୁନିପାଦେ ତୋର କଷଣର କଣ୍ଟା, ଫୁଟୁଥିବ ବାରଂବାର

ନିର୍ମମ କଟାକ୍ଷେ, ତୀକ୍ଷ୍ଣ ତୀରାଘାତେ, କାନ୍ଦୁଥିବ ଆତ୍ମାତୋର

 Magazine Downloaded from www.aahwaan.com

କେମିତି ସହିବି କହ ଧନ ମୋର, ମା ପରାଟି ମୁଁ ତୋହର

ଲୋଲୁପ ଦୃଷ୍ଟିର ପାପିଷ୍ଠ ପ୍ରହାରେ, ରକ୍ତସିକ୍ତ ତନୁ ତୋର

ମୋ ଗର୍ଭକୁ ତୁହି ଆସନାଲୋ ମା

ମୋ ଗର୍ଭକୁ ତୁହି ଆସନା

ପ୍ରେମ ପଣତରେ ଘୋଡେଇ ପାରିବି


ସେ ଭରସା ଆଉ ପାଏନା.... ! !

ବନ୍ଦିତା କର, ଶିକ୍ଷୟିତ୍ରୀ

ନୂଆବନ୍ଧସାହି ନବରଂଗପୁର

 Magazine Downloaded from www.aahwaan.com

# ଇଚ୍ଛା



ଅର୍ପିତା ରଣା

ଆଜିବି ମନେପଡେ ପିଲାଦିନ କଥା
ଖିଲିଖିଲି ହସୁଥିବା ଶେଫାଳୀ ଲତା,
ପିନ୍ଧିବାକୁ ଇଚ୍ଛା ହୁଏ ସବୁ ଧାରେ ପାଉଁଜି,
ଝୁମିବାକୁ ଇଚ୍ଛା ହୁଏ ଶିଶୁ ଟିଏ ସାଜି ।

ଇଚ୍ଛା ହୁଏ ଧରିବାକୁ କେତେ ପ୍ରଜାପତି,
ହସି ହସି ଗଡି ବାକୁ ମନହୁଏ ନିତି ।
ଇଚ୍ଛା ହୁଏ ରୁଷି ବାକୁ ବାପା ପାଶେ ଯାଇ,
କଇଁ କଇଁ କାନ୍ଦିବାକୁ ଲୁହ ବନ୍ୟା ନେଇ ।

ରାତି ହେଲେ ଜହ୍ନ ଦେଖା ତାରା ଗଣାଗଣି
ହଜିଗଲା ମାମୁଁ ମାଇଁ, ଆମ ଟୁଆଁ କୁଆଁ,
ମନ ନିତି ଖୋଜୁଥାଏ ମାଆର ପଣତ
ଲୋରୀର ଶବଦ ଆଉ ସ୍ନେହ ବୋଳା ଭାତ ।

ଇଚ୍ଛା ହୁଏ ପାଇବାକୁ ସେ ଛୋଟ ବୟସ,
ଧୂଳିଖେଳି ଗାଇବାକୁ ଖୁସିର ସଂଗୀତ ।

ପଦ୍ମପୁର, ରାଜବୋଡାସମ୍ବର, ବରଗଡ଼

 Magazine Downloaded from www.aahwaan.com

# ମୁଁ



ପଙ୍କଜ ମହନ

ମୁଁ ......
ଯେବେ ଅନ୍ଧକାରମୟ ଆକାଶରେ
ଆସଇ ଆଲୋକର କିରଣ ।
ଚାରିଦିଗେ ବିଚ୍ଛୁରିତ ହୋଇ
ଆଲୋକିତ ହୁଏ ତାର କିରଣ ।
କେତେ ଯେ ଦୁଃଖ ଯାତନାକୁ
ଦୂରେଇ ଦେଇ ଦୀପାବଳୀରେ
ଆଣିଥାଏ ସଭିଙ୍କର ମନରେ
ନୂତନ ଭାବନା ।
ମନରେ ଆସେ,
ନୂତନତାର ପରିକଳ୍ପନା ।
ସଭିଙ୍କ ମନରେ ସୃଷ୍ଟିହେଉ
ଶାନ୍ତି-ମୈତ୍ରୀ-ପ୍ରେମ-ସଦଭାବନା ।
ସଭିଙ୍କର ମଙ୍ଗଳ କାମନା
କରୁଛି ମୁଁ ରଶ୍ମି !

 Magazine Downloaded from www.aahwaan.com

# କଣ ଲେଖିବି



ସୁଶାନ୍ତ କୁମାର ଧଳ

କବିତା ତ ଲେଖିବାକୁ ଚାହେଁ
ହେଲେ ଶବ୍ଦ ପାଉନାହିଁ,
ବିନାଶବ୍ଦରେ କାବ୍ୟପୁଷ୍ପ
କାବ୍ୟ ଲାଗେନାହିଁ ।

ଶବ୍ଦ ତ ଦରକାର
ଭାବୁଛି କେଉଁଠି ଆଣିବି
ଆଣିବି କି ସେଇ,
ଧୂଳି ଧୂସର ମୋର ଜନ୍ମମାଟିରୁ
ନୀଳବର୍ଣ୍ଣ ସେ ଆକାଶରୁ ।

ଅବା ଆଣିବି କି
କୃଷକର ସବୁଜିଆ କ୍ଷେତରୁ
ଗାଁ ମୁଣ୍ଡେ ଥିବା
ପୋଖରୀ ତୁଠରୁ
ଭାବୁଛି କିଛି ଆଣିବି
ଭୋକରେ କାନ୍ଦୁଥିବା
ସେଇ ନିରୀହ ଛୁଆଠାରୁ
ମାତୃହରା ସେଇ ଶିଶୁଠାରୁ
କିଛି ଆଣିବି
ସେଇ ଋଣଗ୍ରସ୍ତ କୃଷକଠାରୁ
ଆଶାକୁ ଭରସା କରିଥିବା
ଗରୀବ ଲୋକଠାରୁ ।

 Magazine Downloaded from www.aahwaan.com

ନିଶାର ସୌଦାଗରଠାରୁ

ଅବା ଭେଜାଲରେ ବଜାରଠୁ

ପାପୀର ପାପ କାର୍ଯ୍ୟରୁ

ଅବା ଧର୍ମର ବେପାରରୁ ।

ଖଚମିଛ ଲାଞ୍ଛର ଏ ଦୁନିଆରେ

ସାର୍ଥକ ଶବ୍ଦଟିଏ ମିଳେନାହିଁ ।

ବେଢ଼ଙ୍ଗ ନିରର୍ଥକ ଶବ୍ଦ

କାବ୍ୟ ବଜାରରେ ଚାଲେନାହିଁ ।

ବ୍ରାହ୍ମଣୀକୂଳ, ଜୟନ୍ତରା

ଯାଜପୁର, ୭୫୫୦୦୭, ଓଡ଼ିଶା

ଭ୍ରାମ୍ୟଭାଷ : ୮୩୩୮୯୩୪୫୨୭

 Magazine Downloaded from www.aahwaan.com

# ପ୍ରେମ



ଅମ୍ବିକା ସ୍ୱାଇଁ

ପ୍ରେମ ନୁହେଁ ଖାଲି କାମନା ବାସନା ଆକର୍ଷଣ ଶରୀରର
ପ୍ରେମରେ ଥାଏ ସ୍ୱର୍ଗୀୟ ଭାବନା ହୃଦୟର ସେ ଇଶ୍ୱର,
ପ୍ରେମ ନୁହେଁ ଖେଳ ଘର ପ୍ରେମ ନୁହେଁ ପିଲା ଖେଳ ବାଲିଘର
ପ୍ରେମ ଦୁଇଟି ହୃଦୟ ମନ ଆତ୍ମା ମିଳନର ଗନ୍ତାଘର । । [୧]
ପ୍ରେମ ନୁହେଁ ଖାଲି ବଗିଚା ଗୋଲାପ, ତୋଳି ଆଣି ଫିଙ୍ଗି ଦେବ
ପ୍ରେମ ନୁହେଁ ଖାଲି ଖେଳ ବାଲି ଘର ଗଢ଼ି ତାକୁ ଭାଙ୍ଗି ଦେବ
ପ୍ରେମର ବନ୍ଧନ ନୁହେଁ କେବଳ ପ୍ରେମୀ ଯୁଗଳଙ୍କ ଭିତରେ
ପ୍ରେମର ଭାବନା କର ଇଶ୍ୱରୀୟ ପ୍ରତି ଜୀବ ଜଗତରେ । । [୨]
ପ୍ରେମ ପରିଭାଷା ସୀମିତ ନୁହେଁ ପ୍ରେମିକ ପ୍ରେମିକା ମଧ୍ୟରେ
ପ୍ରେମ ବାଖ୍ୟା କରିବା ନୁହେଁ ସହଜ କେବଳ ମଣିଷ ଠାରେ
ପ୍ରେମ କର ବାପା ମା ଭାଇ ବନ୍ଧୁ ଗଛଲତା ଜୀବ ଜନ୍ତୁଙ୍କୁ
ପ୍ରେମ କର ସଂସାରର ପ୍ରତ୍ୟେକଙ୍କୁ ସବୁ ଆତ୍ମାର ଇଶ୍ୱରଙ୍କୁ । । [୩]
ପ୍ରକୃତ ପ୍ରେମରେ ନ ଥାଏ ଛନ୍ଦ, କପଟ, ମାୟା ଓ ଛଳନା
ଶାଶ୍ୱତ ପ୍ରେମ ତ ଆତ୍ମାର ମିଳନ ତାହାର ନାହିଁ ତୁଳନା । । [୪]

ଭୁବନେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

# କାଇଁ ପୂଜିବି ଏ ପଥର



ସୁଧାଂଶୁଶେଖର ସାହୁ

କାଇଁ ଯିବି ଏ ମନ୍ଦିର
କାଇଁ ପୂଜିବି ଏ ପଥର ।
ପାଖେ ଅଛନ୍ତି ମୋ
ଚଳନ୍ତି ଠାକୁର ।

ଆଖିର ଲୁହକୁ ଓଠରେ ଭିଜେଇ
ପୁରା କରନ୍ତି ସେ ମୋର
ସବୁ ଆଶାକୁ ନେଇ ।

ନିଜ ଖୁସିକୁ ନିଜେ ଜାଳିଦେଇ
ଜଳାନ୍ତି ସେ ଦୀପରେ,
ଆମ ଜୀବନର
ବତୀକୁ ।

କାଇଁ ପୂଜିବି ସେ
ବଡ଼ ଦେଉଳର
ସେ ଖଣ୍ଡିଆ ହାତକୁ ।

ଦୋରୋଡ଼, ଆଠଗଡ଼, କଟକ
ଭ୍ରାମ୍ୟଭାଷ : ୯୬୬୮୪୯୯୧୬୧

Magazine Downloaded from www.aahwaan.com

# ଚଳନ୍ତି ଈଶ୍ୱର



ରାହାସ କୁମାର ବେହେରା

ପର ପର ବୋଲି ଯାହାକୁ କହୁଚ
ପର ନୁହେଁ ଆମ ଘର ଠାକୁର
କଥା କୁହା ଆମ ଜନମଦାୟୀ ସେ
ଚଳନ୍ତି ଈଶ୍ୱର ପରମେଶ୍ୱର ।

ଦାନ ଧର୍ମ କଲେ ମିଳେନାହିଁ କିଛି
ପଥର ଦେବତା ମନ୍ଦିରେ ସିନା
ମୁଣ୍ଡପିଟି ଯେତେ ଗୁହାରି କରିଲେ
ଲୁହପୋଛିବାକୁ ସେ ଆନମନା ।

କେତେ କଷ୍ଟ ସହି ମାଆର ମମତା
କରୁଣା ଆଶିଷ ପଡୁଛି ଝରି
ଲକ୍ଷେ ଉପବାସେ ରାତି ଉଜାଗର
କିଏହେବ କୁହ ତାହାକୁ ସରି ।

ନିଜ ସୁଖ ଭୁଲି ଖଟିଖଟି ଯିଏ
ଦାନା କନା ଦେଲା ଜୀବନ ଯାକ
ସେଇ ବାପା ଏବେ ଅଲୋଡ଼ା ଅସାର
କେମିତିକା ପୁଅ ନାହିଁ ବିବେକ ।

ପିଲାବେଳେ ବାପା କାନ୍ଧରେ ବସାଇ
ବୁଲିଛନ୍ତି କେତେ ଯାନିଯାତରା
କେତେଯେ ଖେଳନା କିଣିଦେଇଛନ୍ତି
ହିସାବ କି ତାର ରଖିଛ ପରା ।

ଦେହଖରାପରେ ସେଇ ବାପାମାଆ
ଜଗି ବସିଛନ୍ତି କେତେଯେ ରାତି
ଲୁହଢାଳି କାନ୍ଦି ସେବାକରିଛନ୍ତି
ବଢିଗଲେ ଟିକେ ଦେହର ତାତି ।

 Magazine Downloaded from www.aahwaan.com

ନିଜ ପେଟକାଟି ଖାଇବାକୁ ଦେଇ
ପାଠପଢ଼େଇ ଯେ ହାକିମ କଲେ
କେତେ ଖୁସି ତାଙ୍କ କହିଲେ ନସରେ
ବୟସ ଉତ୍ତାରେ ଜରୁରୀ ବେଳେ ।
ବାହାସାହାହୋଇ ସଂସାର କରିଲ
ଭୁଲିଗଲ ସେହି ଦୁଃଖୀ ମଣିଷ
ସହରରେ ରହି ସହରୀ ହୋଇଲ
ବାପାମାଆ କିବା ହୋଇଲେ ବିଷ ।
ଭୁଲିଗଲ ସବୁ ଅତୀତ କାହାଣୀ
ଅଭାବୀ ଦିନର ବିକଳ କଥା
ଅମଣିଷପଣେ ମହାଜ୍ଞାନୀ ଭାବି
ନଇଁଲାନି କେବେ ସେ ପାଦେ ମଥା ।

ବେଳକାଳ ତାଙ୍କ ସରିଲାଣି ଭାଇ
କେଇ ଦିନର ସେ  ଅତିଥି ଭଲେ
କିଏସେ ଜାଣିଛି ଝଡିଯିବେ କେବେ
ପାଚିଲା ଫଳ ସେ ସଂସାର ଡାଳେ ।
ନିଜ ପିଲାକୁତ କେତେ ଯତନରେ
ଲାଳନପାଳନ କର ସେନେହେ
ସେହିପରି ଦିନେ ତୁମ ବାପା ମାଆ
ଅନ୍ଧହୋଇଥଲେ ପୁତ୍ର ମୋହରେ ।
ବେଳଥାଉ ସେବା କରୁଥାଅ ଟିକେ
ଭବିଷ୍ୟତ ତୁମ ମଙ୍ଗଳ ପାଇଁ
ଉଦ୍ଧାର ମାଣକ ପଞ୍ଚପାଆ ନୁହେଁ
ଏଇ କଥା କେବେ ଭୁଲିବ ନାହିଁ  ।
ତୁମ ସେବା ଦେଖି ତୁମ ପିଲାମାନେ
ତୁମଙ୍କୁ କରିବେ ଲକ୍ଷେ ଆଦର

Magazine Downloaded from www.aahwaan.com

ନହିଲେ ଅନ୍ୟଥା ହତାଦରକରି

ଭାବିବେ ତୁମକୁ କରିବେ ପର ।

ମାଆଟି ଆମର ନିହାତି ନିଜର

ଧରଣୀ ରାଣୀ ସେ କରୁଣାମୟୀ

ସରଗଠୁ ବଡ଼ ସେଇ ପିତା ଆମ

ଯାହା ପାଇଁ ସୃଷ୍ଟି ଆଲୋକ ପାଇ ।

ଜୀବ ଥିଲା ଯାଏଁ କରୁଥିବା ସେବା

ସେଇ ଆମ ଲକ୍ଷ୍ମୀ ଜଗତରନାଥ

ଦୁହେଁ ଚାଲିଗଲେ ହତାଦର କରି

ହୋଇଯିବା ସତେ କେଡେ ଅନାଥ ।

ବାପା ମାଆ ପରି ଅମୁଲ୍ୟ ସମ୍ପଦ

ମିଳିବେନି ଆଉ ଜୀବଦଶା ରେ

ଯେତେ ହୀରା ନୀଳା ଥିଲେ କି ହେବ

ସବୁ ମୂଲ୍ୟହୀନ ତାଙ୍କ ଆଗରେ ।

ଅଳପ ଦିନକୁ ବହୁମୂଲ୍ୟ ଦେଇ

ରଖିଲେ ସାଇତି ହୋଇବ ଧନ୍ୟ

ଜଗତେ କହିବେ ସୁଗୁଣ ଗାଇବେ

ସାଉଁଟିବ ସତେ ଲକ୍ଷେ ସୁନାମ ।

ବାଲ୍ୟମ୍ବା ,ଢେଙ୍କାନାଳ -୭୫୯୦୧୫

ଦୂରଭାସ :୯୭୭୮୯୩୩୪୮

 Magazine Downloaded from www.aahwaan.com

# ଅଫେରା ଫଗୁଣ



ପ୍ରଦୀପ ବନ୍ଧ

ଫଗୁଣର ଫଗୁ ବାସ୍ନା
କେତେଥର ମୋର ଏ ଥୁଣ୍ଟା
ଦେହକୁ ଛୁଇଁ ଚାଲିଗଲାଣି
ତା'ର ହିସାଵ ରଖିନି,
ଏମିତି ତ କେତେ ବସନ୍ତ ବି
ମୃଦୁ ମଳୟର ମହକ ଛୁଟେଇ
ମୋ ଝରକା ଫାଙ୍କ ଦେଇ
ବହି ଗଲାଣି ତାକୁ ବି ରୋକିନି,
ହେଲେ,,,,
ସେ ଫଗୁଣର ରଙ୍ଗ ମୋ ଦେହରେ
ଏମିତି ଛିଟା ଲଗେଇ
ଯାଇଛି ଯେ ଯାଇଛି

ଏବେବି ମୋ ଦେହରେ
କଳଙ୍କର ଟିକା ହୋଇ ରହିଛି,
ସବୁ ନିନ୍ଦା ଅପବାଦକୁ ସହି ସହି
ମୁଁ ଆଜି ବେସାହାରା
କାହିଁକି ?
କ'ଣ ପାଇଁ ??
ଏମିତି ସେ ଅଟାଳିକର ଅହଙ୍କାର
ପିନ୍ଧାଇ ଯିବାର ମନେ କ'ଣ
ମୁଁ ତାକୁ ବି ସହୁଛି,,,,, । ।

ଗାଁ ଦାଣ୍ଡରେ ଟାହି ଟାପରା
ପତ୍ରଝଡା ଗଛବି ଡାଳକୁ ଡାଳ ବାଡେଇ

 Magazine Downloaded from www.aahwaan.com

ଦାନ୍ତ ନିକୁଟି ହସୁଛି

ନାକରେ ଲଙ୍କା ଦେଇ ଛିଙ୍କିଲା ପରି

ଗାଁ ମୁଣ୍ଡ କ୍ଲବ ଘରେ

ମୋ ନାଁରେ ବି ଚର୍ଚ୍ଚା

କାନ୍ଥ ବଡ଼ରେ ମୋ ବିଦ୍ରୁପ

ଚେହେରାର ପ୍ରତିଛବି

ଏସବୁ ଦେଖି ଆଉ ସହିପାରୁନି,,, ।।

ଆସ ତୁମେ ଫେରିଆସ

ଏହି ଫଗୁଣରେ ରଙ୍ଗବୋଳି

ମୋ ଆଖିର ସବୁତକ ସ୍ୱପ୍ନକୁ

ରଙ୍ଗେଇ ସଜେଇଦେଇ କୁହ

ଥରେ ମାତ୍ର କହିଦିଏ

ମୁଁ ଫେରିଆସିଛି

ମୁଁ ସେହି

ଅଫେରା ଫଗୁଣ,,,,, ।।।।

ଭଦ୍ରକ, ବାସୁଦେବପୁର, ରାଜଘରପୋଖରୀ,

ସାନମଛୁଆଘାଇ,

ଫୋନ-୮୦୭୨୭୮୩୨୨୦.

 Magazine Downloaded from www.aahwaan.com

# ଶିଳ୍ପୀର ସନ୍ଧାନରେ ଶିଳ୍ପା



ରାମ କଲତା

ଶିଳ୍ପୀଟିଏ ଆଙ୍କୁ ଆଙ୍କୁ
ଆଙ୍କିଦିଏ ଶିଳ୍ପା ସୁନ୍ଦରୀର ଚିତ୍ର
ରଙ୍ଗୋଲିର ଭିଡ ଭିତରେ
ତା' ଯୌବନର ସୁନ୍ଦରତା
ଓଠର ଚଞ୍ଚଳତା
ଶରୀରର ଉଷ୍ଣତା
ତା' ଆଖିର ଭ୍ରୁଲତା
ପାଦର ଅଳତା
ଏକ ନିଆଁରା ହାତରେ
ଠିକ ଗୋଟେ ନର୍ତ୍ତକୀ ପରି
ହଳଦିଆ ପାଟଶାଢୀରେ
ନୃତ୍ୟାଙ୍ଗନା କରେ ଓଡ଼ିଶୀର ନୃତ୍ୟ ।।

ଇର୍ଷାରେ କାମାତୁର ହୋଇଉଠେ
ଦ୍ୱିତୀୟ ଶିଳ୍ପୀର ରଙ୍ଗତୁଳୀ
ଆଉ ଆଙ୍କିଦିଏ ଶିଳ୍ପାର ଲୋଭନୀୟ ଚିତ୍ର
ଲାଜକୁଳୀ ଚାନ୍ଦମୁହେଁ
କଳାଟିପାର ଆକର୍ଷଣ
ତା ହରିଣୀ ଆଖିର ନିମନ୍ତ୍ରଣ
ଡାକୁଛି କାହାକୁ ପ୍ରତୀକ୍ଷଣ
ଅଝଟ କରୁଛି ତା' ପୁରୁଣା ସ୍ମୃତି
ଢଳଢଳ କାକରରେ
ସେହି ମନଲୋଭା ଚିତ୍ରରେ ।।

 Magazine Downloaded from www.aahwaan.com

ତା' ପରେ ଘୁରିବୁଲେ ଶିଳ୍ପୀ

ସେ ଶିଳ୍ପୀକୁ ଦେଖିବା ସକାଶେ

ଅଣ ନିଶ୍ୱାସୀ ହୋଇଉଠେ ଶିଳ୍ପୀ

ଖୋଜିଖୋଜି ଶିଳ୍ପୀକୁ

ଶିଳ୍ପୀ ଏବେ ଅଦୃଶ୍ୟ

ରଙ୍ଗତୁଳୀର ଭିଡ ଭିତରେ

ଆଉ ଶିଳ୍ପୀ ରହିଯାଏ ଶିଳ୍ପୀର ସନ୍ଧାନରେ

କାରଣ ତା' ଚିତ୍ରରେ ରହିଛି

ଛଅ ବର୍ଷର କାଳ୍ପନିକ ସ୍ମୃତି

ତା' ବିନା କିଏ ବା ଆଙ୍କିପାରେ

ଏମିତି ଆନନ୍ଦଭରା ଚିତ୍ର

ଯେଉଁଥିରେ ଲେଖାଥିଲା ତା' ହସର କାହାଣୀ

।।

( ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର

ଦୂରଭାଷ: ୭୭୫୨୦୮୯୧୬୫ )

 Magazine Downloaded from www.aahwaan.com

# ଜୀବନ



ଡଃ ଦୀପାଞ୍ଜଳୀ ସାହୁ

ଝରିଗଲା ପରେ କାନ୍ଦୁଥିଲୁ ତୁହାଇ ତୁହାଇ,
ବଞ୍ଚିବାର ଯୁକ୍ତି ଯେଣୁ ନାହିଁ ,
ମୁକ୍ତି ତେଣୁ କେବେ ମିଳେ ନାହିଁ ।୧ ।

ଝରିଯାଇଥିବା ବକୁଳର କାନ୍ଦିବାର ଅର୍ଥ
କଣ ?
ବସନ୍ତ ବିଫଳ ହେଲେ,
ଜୀବନଟା ବୈଶାଖୀ ନଈ ।୨ ।

ଆଶାର ନୌକା ଯଦି ଭୁଲିଯାଏ ଲକ୍ଷ୍ୟପଥ,
ଶୁଣାଯାଏ ଯଦି ଖାଲି ବ୍ୟର୍ଥତାର ସୁର,
ଆମେ ଚାଲ ଏଠୁ ଉଡିଯିବା,
ମୂଲ୍ୟବୋଧ ଖୋଜିବାକୁ,
ହସ୍ତିନା ରୁ ବରୁଣାକୁ ଅବା,
ଗୋପ ରୁ ଦ୍ୱାରକା ନବର ।୩ ।

ସମ୍ପର୍କ ରଖିବି ରଖିବି କହି,
ଦିନ ବହିଗଲା ।
ସପନ ସାଇତିବି ସାଇତିବି ଭାବି,
ରାତି ତ ସରିଲା ।
ସୁଷମା ସାଇତିବି ସାଇତିବି ବୋଲି,
ଯୌବନ ଟା ଝରିଗଲା ।
ହେଲେ ଜୀବନ ର ସଂଜ୍ଞା ଟା ମୋ ପାଇଁ,
ଅଧା ରହିଗଲା ।୪ ।

ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟ
କନିକପଡା, ଯାଜପୁର, ଓଡ଼ିଶା
ଇ.ମେଲ- dipanjalisahoo1970@gmail.com

 Magazine Downloaded from www.aahwaan.com

# କୋଡ଼ିଏ ଟଙ୍କା



ସନାତନ ସର୍କାର

ଗାଆଁର ମୁଣ୍ଡର ନଡ଼ାର ଛପର
ଥିଲା ଏକ ଛୋଟ ଘର
ଯେଉଁ ଘରେ ତିନି ପ୍ରାଣୀ ରହୁଥିଲେ
ଅନଟନ ଅଭାବର
ମାଆ ଘରେ ରହି ଦୁଃଖକୁ ନିକାଏ
ବାପା ଯାଏ ରିକ୍ସା ଟାଣି
ତିନି ଚକ ପାଇଁ ତିନି ପେଟ ଯାକ
କ୍ଷୁଧାରେ ଦିଅନ୍ତି ପାଣି
ଦାନା ମୁଠେ ଲାଗି ଲଢ଼େଇ କରନ୍ତି
ବାପା ମାଆ ଦୁହେଁ ମିଶି
ପୁଅକୁ ମଣିଷ କରିବାର ସ୍ୱପ୍ନ
ଦେଖି ହେଉଥିଲେ ଖୁସି
ସବୁଦିନ ଭଳି ସେଦିନ ସେମିତି
ଉଇଁଲା ନବ ସକାଳ
କିଏ ଜାଣିଥିଲା କେଉଁ ଭୁଲ୍ ପାଇଁ
ଆସିବ ମୃତ୍ୟୁ ଅକାଳ

ସକାଳୁ ସକାଳୁ ଉଠି ବିଛଣାରୁ
ବାପାକୁ କହିଲା ପୁଅ
ସାଇକେଲ ବିନା ସ୍କୁଲ ମୁଁ ଯିବିନି
କଅଣ କରିବି କୁହ
ପୁଅ କଥା ସବୁ ଶୁଣୁଥିଲା ବାପା
ସମ୍ମୁଖରେ ହୋଇ ଠିଆ
ମନେ ମନେ ଚିନ୍ତା କରି ଭାବୁଥାଏ
ଧିକ୍ ମୋ ବାପ ପଣିଆ
ସାଇକେଲ ଖଣ୍ଡେ କିଣି ଦେବା ପାଇଁ
ସକ୍ଷମ ପାଉନି ମୋର
କେମିତି ଯିବ ସେ ପଢିବାକୁ ପାଠ
ଚାଲି ଚାଲି ବହୁଦୂର
ବୁଝେଇ ସୁଝେଇ କୋଡ଼ିଏ ଟଙ୍କାକୁ
କହିଲା ପୁଅକୁ ଦେଇ

 Magazine Downloaded from www.aahwaan.com

ଯେଉଁଠୁ ଯେମିତି ସାଇକେଲ ଆଜି
ଆଣିବି ତୋହରି ପାଇଁ
ପୁଅ ସିନା ଟଙ୍କା ନେଇ ଚାଲି ଗଲା
ବାପ ଗାଲେ ଗେଲ କରି
ଦଶଟାରୁ ଆସି  ଚାରିଟା ବାଜିଲା
ହେଲେ ଆସିଲାନି ଫେରି

ଏପଟେ ବିଚରା ବାପା ମାଆ ଦୁହେଁ
ଉଧାର କରଜ ଆଣି
ପୁଅ ଖୁସି ପାଇଁ  ଧରି ବସିଥାନ୍ତି
ସାଇକେଲ ଖଣ୍ଡେ କିଣି
ଚାହିଁ ଚାହିଁ ବାଟ ସନ୍ଧ୍ୟାହେଲା ଯେବେ
ବାପ ଖୋଜି ବାହାରିଲା
ଠିକ୍ ସେତେବେଳେ  ମୃତ ଶବଟିଏ
ପାଖେ ଆସି ପହଞ୍ଚିଲା
ଶବଟିକୁ ଦେଖି  ସେଇଦିନ ଠାରୁ
ବାପ ମୁଣ୍ଡ ପୁରା ବଙ୍କା
ଯାହାକୁ ଦେଖୁଛି ବାଟରେ ଘାଟରେ
ମାଗୁଛି କୋଡ଼ିଏ ଟଙ୍କା ।

 Magazine Downloaded from www.aahwaan.com

# ଗଛ ଆମର ମିତ



ପ୍ରେମଶିଳା ରାଉତ

ଯା' ଲାଗି ଆଜିରେ ବଂଚିଛୁ ସଭିଏଁ
ଏ ସୁନ୍ଦର ମୟ ଜଗତେ
ଜୀବନ ଦେଉଛି ଜୀବନ ରଖୁଛି
ଅଛି ପାଖେ ଆମ ସହିତେ ।

ବହୁ ଉପକାରୀ ଆମ ପାଇଁ ସିଏ
ଆମ ପାଇଁ ଦିଏ ଜୀବନ
ସବୁକିଛି ତା'ର ବାଜି ଲଗାଏ
ରଖିବାକୁ ଆମ ପରାଣ ।

ପ୍ରଚଣ୍ଡ ଖରାରେ ବିଛେଇ ଦିଏ ସେ
ତା' ଦେହର ବିରାଟ ଛାଇ
ପଥ ର ପଥିକ ଯାଉଥିବା ବେଳେ
ଅଟକେ ତା' ପାଖକୁ ଯାଇ ।

ଦେହରୁ ତାହାର କାଠ ଦେଇଥାଏ
ଜଳେଇବା ପାଇଁ ଯେ ନିଆଁ
ରୋଷେଇ ପାଇଁ ତ ଲୋଡା ହୋଇଥାଏ
ଖୋଜଇ ନିତି ମୋର ମାଆ ।

ଶୀତ ଦିନରେ କାଠ ଜଳାଇ ଆମେ
କରୁ ଶୀତର ନିବାରଣ
ସତରେ ଗଛତୁ କେତେ ଉପକାରୀ
କହିଲେ ସରେନି ତୋ ଗୁଣ ।

ଫୁଲଫଳ ପତ୍ର ଦେଇଥାଉ କେତେ
ଲାଗୁ ସବୁବେଳେ ସେବାରେ
ଆମରି ପାଇଁ ତୁ କେତେ ଯେ ମହାନ
କହି ହେବନାହିଁ କଥାରେ ।

ତୁ ଅଛୁ ବୋଲି ତ ଆକାଶରୁ ଝରେ
ବିନ୍ଦୁ ବିନ୍ଦୁ ବରଷା ରାଣୀ
ତୋ ତଳେ କେତେ ଯେ ଆଶ୍ରୟ ନିଅନ୍ତି
ହାତୀଘୋଡା, ବାଘ ବାଘୁଣୀ ।

ତୋ ଡାଳ ଉହାଡେ ବସା ବାନ୍ଧିଥାନ୍ତି
କେତେ ପକ୍ଷୀ କୀଟପତଙ୍ଗ

 Magazine Downloaded from www.aahwaan.com

ସଭିଙ୍କର ତୁହି ବାସସ୍ଥଳୀ ଅଟୁ
ସମସ୍ତେ ତୋର ସାଥି ସାଙ୍ଗ ।
ତଥାପି ରେ ଗଛ ଆଜିର ମଣିଷ
କାଟୁଅଛି ତୋତେ ନୀଇତି
ନ ଭାବିକି ତୋର ସେବାର ତ୍ୟାଗକୁ
କଷ୍ଟ ଦେଉଛି ଦିନ ରାତି ।
କେବେ କରେ ତୋତେ ଖଣ୍ଡ ବିଖଣ୍ଡିତ
କେବେ ହାଣି କେବେ ଜଲାଏ
ହେଜେ ନାହିଁ ତୋର ଅନୁପସ୍ଥିତିକୁ
ତଥାପି ତୋ ଜୀବନ ନିଏ ।
ତୋ ବିନୁ ଜୀଇବା ନୁହଇ ସମ୍ଭବ
ବୁଝେନି ଏ ମାନବ ଜାତି

କାଟି ହାଣି ତୋତେ ମାରି ଦେଇଥାଏ
କରେ ପରିବେଶର କ୍ଷତି ।
ଆସ ଆଜି ସବୁ ଭାଇ ଓ ଭଉଣୀ
ପରିବେଶ ରକ୍ଷା କରିବା
କାଟିବା ନି ଗଛ ଲଗେଇବା ଚାରା
ଗଛକୁ ସୁରକ୍ଷା ଦେବା ।
ଗଛ ଯେ ଆମର ଅଟେ ସବୁକିଛି
ସେ ଆମର ଜୀବନ ମିତ
ତା ପାଇଁ ଆମେ ତ ବଞ୍ଚିଛୁ ସଭିଏଁ
ଜାଣ ଏହା ନିରାଟ ସତ ।

ଗ୍ରାମ- ବୃନ୍ଦାବାହାଲ
ବ୍ଲକ - ଗୋଲାମୁଣ୍ଡା
ଜିଲ୍ଲା- କଳାହାଣ୍ଡି

Magazine Downloaded from www.aahwaan.com

# ଚନ୍ଦ୍ରମା



ଶୁଭସ୍ମିତା ବେହେରା

ଆଗୋ ଚନ୍ଦ୍ରମା !
ଥରେ ଫେରି ଆସନା ମୋ ପାଖକୁ
ଦିହେଁ ମିଶି ଗପିବା ଅନେକ କଥା
ଲେଖିବା ଅନେକ କାହାଣୀ
ଦେଶ ବିଦେଶର
ଘର ସଂସାରର
ଭାଇ ଭଉଣୀର
ବନ୍ଧୁ ବାନ୍ଧବୀର
ପ୍ରେମ ଓ ପ୍ରଣୟର ।
ଆଗୋ ଚନ୍ଦ୍ରମା !

ମୋ ମନ କଥାକୁ
ନିବିଡ଼େ ଥରେ ଭାବନା
ଭଲ ଲାଗେ ଭାବନା ରାଇଜେ
ବିଚରଣ କରିବାକୁ ମୋତେ
ଖାସ୍ ସେଇ ସକାଶେ
ତୁମ ସହ ସାଥୀ ହୋଇ
ବୁଲିବାକୁ ମନ ।
କଥା ଦିଅନା
ତୁମେ କେବେ ଛାଡ଼ିବନି
ମୋ ହାତ
ସେ ଅବିବେକୀ
ମଣିଷଟା ପରି ।

ଜେନାପୁର, ଯାଜପୁର, ଓଡ଼ିଶା

 Magazine Downloaded from www.aahwaan.com

# ପ୍ରେମର ସନ୍ଧ୍ୟା



ପ୍ରଶାନ୍ତ କୁମାର ପ୍ରଧାନ

ପୂରୁବରୁ ଯେବେ ପଶ୍ଚିମ ଦିଗକୁ
ଅସ୍ତ ହେଉଥାନ୍ତି ରବି
ସେ ନାଲି ଆକାଶେ ଉଦ୍ ଭାସିତ ହୁଏ
ମୋ ପ୍ରିୟାର ପ୍ରତିଛବି ।।

ବିହଙ୍ଗ ବି ଫେରେ ନୀଡ଼କୁ ଯେ ତା'ର
ଜହ୍ନ ଖେଳେ ଲୁଚକାଳି
ମନ ହୁଏ ମୋର ପ୍ରେମ ପଲ୍ଲବିତ
ପ୍ରିୟା ମୋ ଆସିବ ବୋଲି ।।

ଅନ୍ତଘଟେ ପୁଣି ଅପେକ୍ଷାର ମୋର
ଗୋଧୂଳି ସମୟ ପରେ
ନୀରବତା ଭାଙ୍ଗି ସ୍ପନ୍ଦନ ଯେ ବଢେ
ପ୍ରିୟାର ପାଉଁଜି ସୁରେ ।।

ଝିଙ୍କାରୀର ସ୍ୱର ବଢି ବଢି ଯାଏ
ବଢିଯାଏ ପୁଣି ରାତି
କଥା ରହିଯାଏ ଓଠରେ ଓଠରେ
ଥରୁଥାଏ ଖାଲି ଛାତି ।।

କେବେ କେବେ ପୁଣି ଜହ୍ନ ଲୁଚିଯାଏ
ତମସାର ଆଗମନେ
ପାରିଜାତ ଫୁଟେ ପ୍ରିୟାର ସ୍ପର୍ଶରେ
ପ୍ରେମର ଏ ମଧୁବନେ ।।

ଓଢଣୀକୁ ଛାଡି ଚାଲିଯାଏ ଦୂରେ
କେତେ ମିଛ ବାହାନାରେ
ହସ ଝରିଉଠେ ମୁହଁରେ ପ୍ରିୟାର
ଗୋଲାପି ଓଠର ଧାରେ ।।

ଚାଲିଗଲା ପରେ କହିଦେଇ ଯାଏ
କାଲିକି ଆସିବା ପାଇଁ
ଉଜାଗରେ କଟେ ରଜନୀ ଯେ ମୋର
ପ୍ରିୟାର ବାଟକୁ ଚାହିଁ ।।

ବୁରୋମୁଣ୍ଡା, ଜିଲ୍ଲା: ବରଗଡ
ମୋ: ୯୯୩୭୭୪୫୪୯୭

 Magazine Downloaded from www.aahwaan.com

# ଦୁଃଖନଦୀ ତୀରେ



କସ୍ତୁରୀଚରଣ ରାଉତ

ମନକ୍ଷେତ ମୋର ବାଲି ଚରିଯାଏ
ଅଦିନିଆ ବରଷାରେ
ବିଶ୍ୱାସର ଡଙ୍ଗା ଭାସିଭାସି ଯାଏ
ଦୁଃଖ ନଈ ସୁଅ ଧାରେ ।
ଆଶାର କଦମ୍ବ ଫୁଲିଫୁଲି କାନ୍ଦେ
ଦେଖି ଶୁଖିଲା ଆକାଶ
ହଜିଯାଏ ମୋର ଅଜଣା ପୁଲକ
ସେନେହ, ପ୍ରେମ, ବିଶ୍ୱାସ ।
ଏକା ଏକା ବସି ଗଭୀରତା ମାପେ
ଦୁଃଖ ନଈ ମୁହାଣରେ
ପାରେନାହିଁ ରୋକି ଆଡ଼ିବନ୍ଧ ଦେଇ
ଆଖିରୁ ଲୋତକ ଝରେ ।

ଅବିଶ୍ୱାସ, ଘୃଣା, ତାସ୍ସଲ୍ୟ ମଞ୍ଜର
ଆକାଶଟା ମେଘାଚ୍ଛନ୍ନ
ଜ୍ୟୋସ୍ନାର ଅରଣ୍ୟ ଲାଗେ ଫିକାଫିକା
ଅବସନ୍ନ ବେଣୁ ସ୍ୱନ ।
କେତେ ଯେ ବେଦନା କେତେ ଯେ ବତାସ
ତଥାପି ଯାଇନି ହାରି
ନୂତନ ସକାଳ ଆଲୋକ ପସରା
ଆଣିବ ହୃଦୟ ଭରି ।

****

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ଦେଓଗାଁ, ବଲାଙ୍ଗିର
ମୋ: ୯୯୩୭୯୮୨୮୪୬

 Magazine Downloaded from www.aahwaan.com

# ଜଳିଜଳି ଯାଏ ଦୀପ



ଆଶୁତୋଷ ମେହେର

ଦୀପ ଜଳି ଜଳି ଆଲୁଅ ଖେଳାଏ

ନିଜ ତଳେ ଅନ୍ଧକାର

ସୁଖ ବାଣ୍ଟି ବାଣ୍ଟି ପରାଣ ହସାଏ

ଦୁଃଖ ନିଜ ସହୋଦର ।।୦।।

ପରକୁ ହସାଇ ନିଜ ଆଖି ଲୁହ

ସେଇଠି ତ ମାରିଦିଏ

ଆନର ଓଠରେ ରଂଗ ଭରି ଦେଇ

ନିଜ ହସ ଚାପେ ସିଏ

ଆନ ପାଇଁ ଲଢି ଲହୁ ତ ଗଡାଏ

ଆପଣା କୁ କରେ ପର.......

........... ଦୁଃଖ ନିଜ ସହୋଦର ।।୧।।

ନିଜ ସୁଖ ଛାଡି ଆନ ର ଜୀବନେ

ପୀୟୂଷ ର ଧାର ଢାଳେ

ପର ପ୍ରେମ ପାଇଁ ଆହୁତି ହେଇକି

ନିଜକୁ ଏକାନ୍ତେ ଜାଳେ

ଏଥି ପାଇଁ ଏକା,ଜୀବନ ତା ଗଢା

ଖେଳାଏ ସୁଖ ର ଧାର.........

...........ଦୁଃଖ ନିଜ ସହୋଦର ।।୨।।

୫୪, ଆର୍ଯ୍ୟପଲ୍ଲୀ

କିଟ ଛକ,ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬

 Magazine Downloaded from www.aahwaan.com

# ଭାଗ୍ୟବାନ ଢେଉ



ଧୀରେନ୍ ବାଗ

ଆରେ ଢେଉ

ତୁ ଦୁଃଖୀ

ତଥାପି ଭାଗ୍ୟବାନ ।

ତୋ ଦୁଃଖ ଓଗାଳିବା ପାଇଁ

ରହିଛି ପ୍ରଶସ୍ତ ବେଳା ଭୂଇଁ ।

ଯେଉଁଠି ପ୍ରିୟାକୁ ଝୁରି

ପ୍ରତିଦିନ ମଥା ପିଟି କାନ୍ଦୁଛି ତୁହି ।

ମୁଁ ହତଭାଗା

ମୋ ଦୁଃଖ ବୁଝିବ କିଏ

କାନ୍ଦିବି କାହାପାଖେ

ଲୋକହସା ହେବି ।

ସ୍ୱାର୍ଥଲିପ୍‌ସୁ ଦୁନିଆରେ

ବୁଝିବେ ନାହିଁ ମୋତେ

ଟିପ୍ପଣୀ ଦେବେ

ଦାରିଦ୍ର୍ୟ ପାଇଁ କାନ୍ଦୁଛି ସିଏ ।

ଗଉଡ଼ରମା, କୁଳିଅଣା, ମୟୂରଭଞ୍ଜ

ଭ୍ରାମ୍ୟଭାଷ : ୯୬୯୨୧୮୮୦୮୧

 Magazine Downloaded from www.aahwaan.com

# ତୁମ ଅପେକ୍ଷାରେ



ଗଙ୍ଗାସୁନନ୍ଦିନୀ
ରୁପମା ଗୁରୁ

ତାରା ମିଶିଲାଣି ଆକାଶ ଛାତିରେ
ନଇ ବି ସାଗର ପରେ
ଶେଫାଳୀ ଫୁଲ ତା ପାଖୁଡ଼ା ଖୋଲୁଛି
ନିଝୁମ ରାତିର କୋଳେ ।
ପାହାଡ଼ି ଝରଣା ହସି କହିଲାଣି
ତା' ପ୍ରେମର ସ୍ମୃତି କଥା
ଫୁଲର ଓଠକୁ ଛୁଇଁଛି ଭଅଁର
କହି କହି ମିଠାକଥା ।
ଶୀତ ଫେରିଲାଣି ମଗୁଶୁର ଦେହେ
ସୋରିଷ ଫୁଲକୁ ନେଇ
କେଉଁ ମୁହୂର୍ତ୍ତର ଅପେକ୍ଷରେ ତୁମେ
ଆମର ମିଳନ ପାଇଁ ।
ଆଖିପତା ସାଥି ନଇଁ ଆସିଲାଣି
ନିରବୀ ଗଲାଣି ରାତି
ଅନ୍ଧାର ବୟସ ବଢ଼ି ବଢ଼ି ଯାଇ
ସରିବାକୁ ଅଳ୍ପବାକି ।

କାଲି ଆଉ ଆଜି ଭିତରେ ମୁଁ ଅଛି
ତୁମ ବାଟ ଚାହିଁ ଚାହିଁ
ଅଳସୀ ଜହ୍ନ ବି ଫିକା ପଡ଼ିଲାଣି
ତୁମେ କିନ୍ତୁ ଫେର ନାହିଁ ।
ରାତି ଆସେ ସାଥି ଜାଳିବାକୁ ମୋତେ
ତୁମ ଅପେକ୍ଷାକୁ ନେଇ
କଥା ଦେଇ ତୁମେ ଭୁଲିଯାଅ ବୋଲି
ନିଇତି ମୁଁ ଜଳୁଥାଇ ।
ପାହାନ୍ତି ପହରେ ଆସିବକି ଭାବି
ଚାହିଁ ଚାହିଁ ରାତି ସରେ
ଆଖିର କଜଳ ଲୁହରେ ଯେ ଭିଜି
ମନ କଥା ମନେ ମରେ ।

ବାଲିସୁଆଁ, ୟୁଜିୟୁପି ସ୍କୁଲ୍, ମହାକାଳପଡ଼ା
କେନ୍ଦ୍ରାପଡ଼ା, ଓଡ଼ିଶା

 Magazine Downloaded from www.aahwaan.com

# ଲକ୍ଷ୍ମୀପ୍ରିୟା ତୁମେ ନୁହଁ କାହାର



ଦିଲ୍ଲୀପକୁମାର ସାମଲ

ଭଲ ପାଉଥିଲି ଲକ୍ଷ୍ମୀପ୍ରିୟା ତୁମକୁ
ଚାଲିଗଲ କାହା ସାଥେ,
ତୁମକୁ କେତେ ଝୁରି ମୁଁ ହେଉଛି
ରହିଗଲ କେଉଁ ବାଟେ ।
ଜୀବନଠୁ ବଳି ଭଲ ପାଉଥିଲି
କହୁଥିଲ ମୋତେ ଭଲ
ବିଶ୍ୱାସେ ଜହର ଭରିଦେଇ ତୁମେ
ଧୋକା କାହିଁ ଦେଇଗଲ ।
ଜାଣି ବି ଅଜଣା ହେଉଛି କାହିଁକି
ମନ ମୋର ଟଳମଳ
ଆଶା ଆକାଂକ୍ଷା ଯାହା ସବୁଥିଲା
କରିଦେଲ ଗୋଳମାଳ ।
ଜାଣିଥିଲି ମୁହିଁ କାହା ସାଥେ ଯିବ
ଏ ସବୁ ଜାଣନ୍ତି ସତ୍ୟ
ହଠାତ୍ ଭାଙ୍ଗିବ ଆଶା ମୋ ନଥିଲା
ନେଲା କେଉଁ ଡକାୟତ ।

ବସଷ୍ଟାଣ୍ଡରୁ ରେଳୱେ ଷ୍ଟେସନ
ଖୋଜିଲି ମୁଁ ରାଜ ରାସ୍ତେ
ପାଇଲିନି ଆଉ ହେ ପ୍ରିୟା ତୁମକୁ
ସାଥୀ କରିଥିଲି କେତେ ।
ତୁମପାଇଁ କେତେ ତାରକା ହୋଟେଲ
ଦେଖିଚି ମୁଁ ଯାନିଯାତରା
ତୁମକୁ ଖୋଜି ମୁଁ କେତେ ସାରିଲିଣି
ପାଖେ ନାହିଁ ଆଉ ମାତରା ।
କେତେ ଗାଳି ଶୁଣେ କେତେ ଅପବାଦ
ବୁଝେ ନାହିଁ ମନ ମୋର
ମୁହଁ ପୋଡି ପୋଡି ନୟାନ୍ତ ହେଲିଣି
ମୋର ଝରୁଛି ଅଶ୍ରୁର ଧାର ।
ହେ ପ୍ରିୟା ତୁମେ ହେଲ କାହାର
ମନ ମୋର ନାହିଁ ଦୁଃଖ

 Magazine Downloaded from www.aahwaan.com

ଦରକାର ବେଳେ କାହା ହାତେ ଗଲ
ମିଳେଇ ଦେଲ ମୋ ସୁଖ ।
କେତେ ରଙ୍ଗାରଙ୍ଗ କେତେ ଯେ ମହଲ
ବୁଲିଥାନ୍ତି ତୁମ ପାଇଁ
କାହାର ନଜର ଲାଗିଲା ମୋ ପାଶେ
ନବା ପାଇଁ ସିଏ ଆସିଗଲା ଧାଇଁ ।
ହେ ପ୍ରିୟା ବୁଝିଗଲି ତୁମକୁ
ତୁମେ ନୁହେଁ କାହାର
କ୍ଷଣ କ୍ଷଣକରେ ଚାଲିଯାଅ ତୁମେ
ହୋଇଯାଅ ଆଉ ଯାହାର ।
ଯୋଜନା ମୋହର ପଣ୍ଡ କରିଦେଲା
ସ୍ଥାନ ଥିଲା ରାମ ମନ୍ଦିର
ହଠାତ୍ ଆସିଲା ଝାମ୍ପି ନେଇଗଲା
କେଉଁ ଦୁଷ୍ଟ ଦୁରାଚାର ।

ହେ ପ୍ରିୟା ତୁମେ ନୁହେଁ କାହାର
ଛାଡ଼ିଯାଅ ସବୁ ଜାଣି
ତାହା ଆଉ କିଛି ନଥିଲା
ଥିଲା ମୋ ମାଆର ଫୁଟାଣି ମୁଣି ।
ଏଠି ସବୁ ସଭିଙ୍କର
କିଏ କୁହନାହିଁ ମୋହର
ଆଜି ମୋ ପାଶେ କାଲି କାହାଠାରେ
ଲକ୍ଷ୍ମୀପ୍ରିୟା ତୁମେ ନୁହଁ କାହାର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଦ୍ୱିତୀୟ ବର୍ଷ)
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା
ଭ୍ରାମ୍ୟଭାଷ : ୯୮୫୩୫୭୦୦୧୯

Magazine Downloaded from www.aahwaan.com

# ତୁମରି ଆସିବା ପାଇଁ



ବିଦ୍ୟାଧର ସେଠୀ

ତୁମେ ଆସିବ ଆସିବ ବୋଲି
ଆସୁନ ଏ ଯାଏ
ମୁଁ କିନ୍ତୁ ରହିଛି ଚାହିଁ
ତୁମରି ଆସିବା ପାଇଁ ।
ଅହରହ ଜଳୁଛି ମୁଁ
କିଟିକିଟି ଅନ୍ଧାରରେ
ବୃଦ୍ଧ କାରାଗୃହେ ।
ତୁମେ ତ ଅର୍ଣ୍ଣବସମ ଅନନ୍ତ ଅସୀମ
ତୁମେ ଅମା ରଜନୀରେ ପୂର୍ଣ୍ଣ ନୀଳଜହ୍ନ
ତୁମେ ପୁଣି ଅନ୍ତର୍ଯ୍ୟାମୀ ପରମ ଈଶ୍ୱର
ବିଶ୍ୱ ବ୍ରହ୍ମାଣ୍ଡରେ ତୁମେ ହିଁ ତ ଅଧୀଶ୍ୱର
ଗରଭ ଯାତନା ଜ୍ୱାଳା
ସହି ହୁଏନାହିଁ ପୀଡ଼ା
ଦୁର୍ବିସହ ଲାଗେ ସତେ
ଜୀବନ ଯନ୍ତ୍ରଣା ମୋତେ
ଆସ ବାରେ ଧରାଧାମେ
କରିବାକୁ ପୂର୍ଣ୍ଣଚ୍ଛେଦ ପାପଧାରା
ଏ ମହୀମଣ୍ଡଳେ ।
ଏଠେଇ ଦୁର୍ମତି ଏ କଂସ ଦୁରାଚାରୀ
ଦୌରାତ୍ମ୍ୟ ତା' ଦିଗନ୍ତ ବିସ୍ତାରୀ
ଦୁର୍ବୃତ୍ତ ସେ ଦୁର୍ଦ୍ଦମ ଦୁର୍ଦ୍ଧାନ୍ତ
ଦୁରାଶୟ ଦୁର୍ଦ୍ଧର୍ଷ ପ୍ରଚଣ୍ଡ
ନରହନ୍ତା ପାପୀ ନରାଧମ
ନୀଚମନା ନିକୃଷ୍ଟ ଅଧମ
ହେ ବିଷ୍ଣୁ... ହେ ବିଷ୍ଣୁ...
ପ୍ରତୀକ୍ଷାର ଅନ୍ତ କରି
ଆସ ତୁମେ ଅବତରି
ଗର୍ଭ ଫାଡ଼ି ଛାତି ଚିରି
ମା'ର ମମତା ବୋଲି
ପୁଣି ସତ୍ୟର ପ୍ରଦୀପ ଜାଳି
ବିଞ୍ଚିବି ସୁଗନ୍ଧି ପୁଷ୍ପ
ତବ ଆଗମନେ ।

ବ୍ୟକ୍ତିଗତ ସହାୟକ
ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର
ଓଡ଼ିଶା, ୭୫୬୦୦୧, ଭ୍ରାମ୍ୟଭାଷ :
୯୯୩୭୮୩୫୮୭୭

Magazine Downloaded from www.aahwaan.com

# ନିଶ୍ୱାସ ସ୍ରୋତେ ମୋ ଦିଅଁ



ରାମ ପ୍ରସାଦ ସିଂହ

ହେ କଳାକାଞ୍ଚନ କୁସୁମିତ

ପ୍ରଭା ସଂଦିପୀୟ ପ୍ରତିଭା ଦିଅଁ,

ନିଶ୍ୱାସ ସ୍ରୋତର ମହାସାଗରେ

ରମ୍ୟମାନ ସଜ୍ଜିତ ଆକର୍ଷଣ

ପ୍ରତିଭା ବିହଙ୍ଗେ ତୁମରି ବାସ ।

ମନର ତପୋବନ ଗୁପ୍ତ ସାଗରେ

ଘୁଁଘୁଁରିତ କଳାରଙ୍ଗିଆ ପ୍ରଲୋଭନ

ନିଶ୍ୱାସ କ୍ରୀଡ଼ିତ ଭକ୍ତିର ଆଭା

କମ୍ପନ ଶକ୍ତି ସଂଘାରେ ପରିଚୟ

ଶରଣ ଭାବ ଅର୍ଘ୍ୟ ପ୍ରୀତିବାନ୍ଧେ ମନ ।

ଉଲ୍ଲାସ ଅଗଣା ପୁଷ୍ପିତ ଶରୀର

ଛାଠର ସୁଗନ୍ଧ ବାସନା ଦେହ ଚମକକୁ,

ଆଲୋକପ୍ରାତର ପ୍ରଭା ରଶ୍ମୀ

ଅଳଂକୃତ ଗଠଣି ମିତେ ତୁମ କରୁଣା

ଚେତନାର ଜଡ଼ତା ସାଥେ ସ୍ଫୁଟେ ପୀରତି

ଆତ୍ମାକୁ ।

Magazine Downloaded from www.aahwaan.com

# ସୁଯୋଗ୍ୟ ସନ୍ତାନ ହେବା



ମହେଶ୍ୱର ସାହୁ

ଦୁର୍ବଳ ଅକ୍ଷମ,    ଅକର୍ମ ଅଚଳ
ବୁଦ୍ଧିହୀନ ଜ୍ଞାନହୀନ ।
କ୍ଷୁଧା ତୃଷ୍ଣା ଅର୍ଥେ    ବିକଳେ କ୍ରନ୍ଦନ
ବାଲ୍ୟକାଳେ ଶିଶୁମନ ।
କୋଳାଗ୍ରତ ସଦା    ପିତାମାତା କୋଳେ
ଭୋଜନ ମାତାଙ୍କ କୋଳେ ।
ସ୍ନେହ ଶ୍ରଦ୍ଧା ପ୍ରୀତି    ମାତୃ ହୃଦୟରୁ
ବାତ୍ସଲ୍ୟ ମମତା ଢାଳେ ।
ଦୁର୍ବଳ ପଣିଆ    ଉଦ୍ଧାର କରିଣ
ଆମକୁ କରି ସବଳ ।
ଦିବାରାତ୍ରୀ ତାଙ୍କୁ    ଏକ ହୋଇଯାଏ
ରୋଗରେ ଥିଲେ ଦୁର୍ବଳ ।
ସନ୍ତାନର ହସ୍ତ    ଧରି ଚଲାଇଣ
ବଞ୍ଚିବାର ଦେଲ ନିଷ୍ଠା ।
ଆଚାର ବେଭାର    ଶିକ୍ଷା ଦୀକ୍ଷା ଦେଇ
ସମାଜେ କଲେ ପ୍ରତିଷ୍ଠା ।
ଆମରି ଠିକଣା    ପିତାମାତା ନାମେ
ବାସ ହିଁ ତାଙ୍କରି ଗୃହ ।
ଆଜିପରା ସିଏ    ଶିଶୁସଙ୍ଗେ ସମ
ଦୁର୍ବଳ ଶରୀର କୋହ ।
ଚର୍ମ ଯେ କୁଞ୍ଚିତ    ଦନ୍ତହୀନ ମୁଖ
ଦୃଶ୍ୟହୀନ ଚକ୍ଷୁଦୁଇ ।
ଶ୍ରବଣ ବିହୀନ    କର୍ଣ୍ଣ ଯେ ଯୁଗଳ
ହସ୍ତପଦ ଥରୁଥାଇ ।
ଆଶ୍ରା ଏକା ତାଙ୍କ    ଜନ୍ମିତ ସନ୍ତାନ
ସ୍ନେହ ଭକ୍ତି ସେବା ଦାନ ।
ଶଯ୍ୟାଗ୍ରସ୍ତ ଆଜି    ଦୁର୍ବଳ ଶରୀର
କାର୍ଯ୍ୟହୀନ କର୍ମହୀନ ।
ଦେଇ ପାରିବାକି    କୋଳରେ ବସାଇ
ପିତୃମାତୃ ମୁଖେ ଦାନା ।
ତେବେ ସିନା ଆମେ    ଜଗତ କହିବ
ସୁଯୋଗ୍ୟ ସନ୍ତାନ ସିନା ।
ଆମକୁ ଯେମିତି    ଶିଶୁ ବୟସରେ
କରିଥିଲେ ଆମ ସେବା ।
ସେହି ଋଣ ତାଙ୍କ    ପରିଶୋଧ କଲେ
ନିଶ୍ଚୟ ସୁଯୋଗ୍ୟ ହେବା ।

 Magazine Downloaded from www.aahwaan.com

# ଜୀବନ କି ରକ୍ତ ମାଗୁନାହିଁ



ଏମ୍. ବିଜୟ କୁମାର

ମତେ ହାତଦିଅ

ଯେମିତିକା ଧରିପାରବି କଲମ

ବର୍ଷିଯିବି ଅବିରତ ଅଗ୍ନିବର୍ଷା

ଲେଖିବି ଲୋକଙ୍କ ପାଇଁ

ମତେ ଗୋଡ଼ ଦିଅ

ଯେମିତିକା ଠିଆ ହେବି ମାଟି ଉପରେ

ଆଉ କହିବି ମୁଁ ପଙ୍ଗୁନୁହେଁ

ମୁଁ ଜଣେ ମଣିଷ...

ମତେ ଆଖି ଦିଅ

ଯେମିତି ଦେଖିବି ବିଶାଳ ପୃଥିବୀ

ନିର୍ବିକାର ମାନବ ଏକ

ମତେ ମୁହଁ / ଜିଭ ଦିଅ

ଯେମିତିକା ଦେଇ ପାରିବି

ମୁହଁତୋଡ଼ ଜବାବ

କହିବି ଭେଦଭାବ ଚଳିବ ନାହିଁ

ଗଣହତ୍ୟାର ତନ୍ତ୍ର ଚଳିବ ନାହିଁ

ହାତଗୋଡ଼ ନଥିବା ଛିନ୍ନମସ୍ତା

ଗଣ୍ଡିଟିଏ ମୁଁ

ଏ ସବୁ ମୋର ହଇସାରିଛି

ସରକାରୀ ପଞ୍ଜିକୃତ

ସମ୍ରାଜବାଦୀ କବଜାରେ

ଜୀବନ କି ରକ୍ତ ମାଗୁନାହିଁ

ତୁମକୁ ବଞ୍ଚିବାକୁ ହେବ

ଇଜ୍ଜତ ସ୍ୱାଭିମାନ ସହ

କେବଳ ଦରକାର ବୁଝାମଣା ସହଯୋଗ ।

ଉତ୍ତରା ଶାସନ, ଗଙ୍ଗୋତ୍ରୀ ନଗର

ଭୁବନେଶ୍ୱର, ୦୨, ଓଡ଼ିଶା

ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

 Magazine Downloaded from www.aahwaan.com

# ଶହୀଦ ଅମର ରହେ



ସୋମନାଥ ବେହେରା

ଶହୀଦ ଅମର ରହେ

ସୋମନାଥ ବେହେରା

କାଶ୍ମୀର ପ୍ରାନ୍ତରେ କାରଗିଲଠାରେ
ପାକିସ୍ତାନ କରେ ରଣ
କେତେ କେତେ ବୀର ଶହୀଦ ହେଲେଣି
ଶତ୍ରୁ ସୈନ୍ୟ ଯୁଦ୍ଧ ଟାଣ ।
କେତେ ପୁତ୍ର ହେଲେ ପିତୃହରା ପୁଣି
କେତେ ମାତା ପୁତ୍ରହରା
କେତେ ସିମନ୍ତିନୀ ପୋଛିଲେ ସିନ୍ଦୁର
ଅନ୍ତରେ ବେଦନା ଭରା ।

କାହାର ସନ୍ତାନ ଜନନୀକୁ ପୁଛେ
ଫେରିଲେନି ବାପା କାହିଁ
କି ଦେବ ଉତ୍ତର ଜନନୀ ତାହାର
ନିରବେ ଲୁହ ପୋଛଇ ।
ଚାହିଁ ବସିଥିଲା କୋଉ ବୃଦ୍ଧପିତା
ଶତ୍ରୁ ପରାଜୟ କରି
ଫେରିବ ମୋ ପୁତ୍ର ବୀରଦର୍ପ ନେଇ
ଜନନୀ ଭୂମି ଉଦ୍ଧାରୀ ।
ଫେରିଲା ତା ପୁତ୍ର ଶବଦେହ ନେଇ
ନଥିଲା ଦେହରେ ପ୍ରାଣ
ହତାଶ ହୋଇଲା ଶବ ଦେଖି ବୃଦ୍ଧ
ଲଢ଼ିଲା ନିଜ ମରଣ ।
କଥା କହ କଥା କହ ମାଆ
ସେ କେତେ ଯୁଗର କଥା

 Magazine Downloaded from www.aahwaan.com

କାଶ୍ମୀର କୋଳେ ଟେକିଥିଲା ଯେବେ

ଏ ଜାତି ବୀରମଥା ।

ଆଖିରେ ନାଚୁଛି ଗାନ୍ଧୀ ଆନ୍ଦୋଳନ

ଗୋପବନ୍ଧୁ ଜନସେବା

ସୁବାଷଙ୍କ ଡାକେ ତାତିଯାଏ ରକ୍ତ

ପାକିସ୍ତାନକୁ ଚିରିବା ।

କରିବାରେ ଆମେ ପ୍ରତିଜ୍ଞା ସରବେ

ଦେଶ ମାତୃକାର ପାଇଁ

ବଡ଼ ହୋଇଦିନେ ସମର କରିବା

ପରାଣ ବାଜି ଲଗାଇ ।

ଶାନ୍ତିର ଦୀପାଳି ଜଳାଇବା ଆସ

ଆମେ ଏକତ୍ରିତ ହୋଇ

ଦୀପାଳି ଜଳାଇ ସମସ୍ତେ କହିବା

ଶହୀଦ ଅମର ରହେ...

 Magazine Downloaded from www.aahwaan.com

# ମନକୁ ଦେଇଛି ମାରି



ଶିଶିର କୁମାର ପଣ୍ଡା

ଖବରକାଗଜ ଦେଖୁ ଦେଖୁ ଦିନେ
ପଢ଼ିଲି ଗୋଟିଏ କଥା
ଏମିତି ହୁଅଇ ଏଇ ସଂସାରରେ
ଭାବିଲି ଘୁରିଲା ମଥା ।
କୋଡ଼ିଏ ବୟସ ଯୁବକ ସାଥୀରେ
ପଚାଶ ବରଷ ବୁଢ଼ୀ
ଫେସବୁକ୍ ପ୍ରେମ କରୁକରୁ ଏବେ
ଯାଇଛି କୁଆଡ଼େ ଉଡ଼ି ।
ଶରଧାରେ ବୁଢ଼ା ଘଷା ମୋବାଇଲ୍
ଆଣି ସିନା ଦେଇଥିଲା
ହେଲେ ସିଏ ପ୍ରେମ କରି ପଳାଇଲା
ଛାଡ଼ିକି ଦୁଇଟା ପିଲା ।

ଭାବିଥିଲି ଗୋଟେ ବଡ଼ ମୋବାଇଲ୍
ଭାରିଯାକୁ ଦେବି କିଣି
ଫେସବୁକ୍ ଆଉ ହ୍ୱାଟ୍‌ସାପ୍ ଖୋଲି
ପାରିବି ତା ମନ ଜିଣି ।
ହେଲେ ଏଇ କଥା ଜାଣିବା ପରଠୁ
ଭିତରେ ହେଉଛି ଘାରି
ମୋବାଇଲ୍ କଥା ପାଟିରେ ଧରୁନି
ମନକୁ ଦେଇଛି ମାରି ।

କୁଆଁସ, ମେରଦାକାଟିଆ, ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୮୯୮୧୭୭୭୨୮

 Magazine Downloaded from www.aahwaan.com

# ଅଫେରା ଅତୀତ



ରବୀନ୍ଦ୍ରନାଥ ମହାରଣା

କେଉଁ ଦୁର୍ବଳ ମୁହୂର୍ତ୍ତରେ ଅର୍ଜିତ
ଅବା ଅଫେରା ଅତୀତର
ଅପାସୋରା ସାଇତା ସ୍ମୃତିର
ତୁମେ ଏକ ମିଠାଗପ;
ମୁଁ ତୁମର ସେଇ ଗପ ପଛର
ଅବାଞ୍ଛିତ କାହାଣୀର ଗୁପ୍ତ ନାୟକ
ଅବା କହିପାର ଏକ ଅଭିଶପ୍ତ
ଗନ୍ଧର୍ବପରି କେଉଁ କୁକର୍ମରୁ
ଛାଇପରି ଧାବମାନ ଏକ ପାପ ।

ତୁମେ ଶତ ଶୃଙ୍ଗାରରେ ସଜ୍ଜିତ
ଏକ ନାୟିକାର ମିଠାହସ
ମୁଁ ହୋଇପାରେ ଏକ ପାଗଳ ଭ୍ରମର
ଯିଏ ସେ ହସରେ ହୋଇଛି ବଶ
ଅଫେରା ଅତୀତ ଯାହା ଫେରେନାହିଁ
ହେଲେ ସ୍ମୃତି ହୋଇ ପ୍ରତିଦିନ
କରେ କ୍ଷତାକ୍ତ ଦିଏ ଅସହ୍ୟ ଯନ୍ତ୍ରଣା
ବେଳେ ବେଳେ ଭୁଲାଇ ଦିଏ ହସ ।

ତୁମେ ସ୍ୱଚ୍ଛ ଆଇନର ପ୍ରତିଛବି
ଯାହା ସତପରି ଲାଗେ
ଧରିବାର ଚେଷ୍ଟା ହୁଏନି ସମ୍ଭବ
ହେଲେ ତୁମ ଉପସ୍ଥିତି ନିଶ୍ଚିତ
ମୁଁ ହୁଏତ ମରୁ ଇଲାକାରେ
ଦୃଶ୍ୟମାନ ପ୍ରହେଳିକାପୂର୍ଣ୍ଣ
ସେହି ଅବାସ୍ତବ ମୃଗତୃଷ୍ଣା
ସନ୍ଧୀହାନ ଯାହାର ଉପସ୍ଥିତି
ଭାବିପାର ଏହା ଧ୍ରୁବସତ୍ୟ ।

 Magazine Downloaded from www.aahwaan.com

# ପ୍ରିୟତମା



ବେଦବ୍ୟାସ ମାଝୀ

ଦେଖିଲା କ୍ଷଣିକେ ତତେ ମୁଁ ରୂପସୀ
ମାନିଅଛି ପ୍ରିୟତମା
ସେହିଦିନ ଠାରୁ ଆଜିଯାଏଁ ତତେ
ଭୁଲିନାହିଁ ଟିକେ ଜମା ।

କାହିଁକି କେଜାଣି ତୋ ଆଖି ଚାହାଣୀ
ପାଗଳ କରିଛି ମୋତେ
ବର୍ଷସାରା ମୁହିଁ ହଟହଟା ହେଲି
ଧାଇଁଲି ତୋ ପଛେ ପଛେ ।

ତୋ ପାଦ ପାଉଁଜି ଶବଦ ସାଉଁଟି
ଏପଟ ସେପଟ ହୁଏ
ଥରୁଟିଏ ପାଇଁ ତତେ ମୁଁ ଦେଖିଲେ
ଦୁଃଖ ମୋର ହଜିଯାଏ ।

ତୋ କଥା ଭାବି ମୋ ରାତିପାହିଯାଏ
ହୃଦୟେ ଆଙ୍କେ ତୋ ଛବି
ଏତେ ଝିଅ ମଧ୍ୟେ ତତେ କିଆଁ ଦେଖେ
କେତେଥର ବସେ ଭାବି ।

ଲେଖୁଛି କାଟୁଛି ନାମକୁ ତୋର ମୁଁ
କିଏ ଦେବ ବୋଲି ଦେଖି
କାହିଁକି ଲେଖିବି ନାମତୋ ବାହାରେ
ହୃଦୟେ ଦେଇଛି ଲେଖି ।

ଉଡ଼ା ପକ୍ଷୀ ହୋଇ ଆସିଛୁ ରୂପସୀ
ବାନ୍ଧିଛୁ ହୃଦୟେ ବସା
ସେ ବସାକୁ ମୁଁ ସୁରକ୍ଷା ଦେବାକୁ
କରିଦେଇଅଛି ପେଶା ।

କୁଚିପାଲି, ବରଗଡ଼, ଓଡ଼ିଶା

 Magazine Downloaded from www.aahwaan.com

# ଆମ ଓଡ଼ିଶାରେ ହକି



ତପନ କୁମାର ସ୍ୱାଇଁ

କୋଉଠି ବାଜୁଛି ଭେରୀ, ତୁରୀ ଆଉ
ଶଙ୍ଖ,ହୁଳହୁଳି,କାହାଳୀ,
ଯୁଆଡେ ଚାହିଁବ ସିଆଡେ ଦେଖିବ
ରାଜଧାନୀ ଜଣ ଗହଳି । [୧]

ଝଟକି ଉଠୁଛି ଆମ ରାଜଧାନୀ
ସଡକ ତୋରଣ ମାଳରେ,
ବିବିଧ ରଙ୍ଗର ଆଲୁଅ ଯେମିତି
ଝୁଲୁଛି ତାହାର ଗଳାରେ । [୨]

ଶଙ୍ଖ,ହୁଳହୁଳି, ଆତସବାଜିରେ
କମ୍ପୁଛି ଯେମିତି ଧରଣୀ
ବିବିଧ ଢଙ୍ଗରେ କଳାକାର ମାନେ
ଆସୁଛନ୍ତି ହୋଇ ବରଣୀ । [୩]

କାନ୍ଥ,ବାଡ଼ ସାରା ଯୋଉଠି ଦେଖିବ
ମାସ୍କଟ ଓଲିର ଚିତର,
ଆମ ଓଡିଶାରେ ହକି ବିଶ୍ୱକପ
ହେଉଛି ପ୍ରଥମ ଏଥର । [୪]

ଓଡିଶା ବାସୀଙ୍କ ପାଦ ଲାଗୁନାହିଁ
ଖୁସିରେ ବିଭୋର ହେଲେଣି,
ଷ୍ଟାଡିଅମ ଠାରେ ଖେଳ ଦେଖିବାକୁ
ସଭିଏଁ ପହଞ୍ଚି ଗଲେଣି । [୫]

କେତେ କେତେ ଦେଶୁ ଆସିଛନ୍ତି ପ୍ରେମୀ
ଦେଖିବାକୁ ଆମ ଓଡ଼ିଶା,
ଓଡ଼ିଆ ଭାଇଙ୍କୁ ନିବେଦନ ମୋର
ସଭିଙ୍କୁ ଭାବିବ ପଡିଶା । [୬]

ବିଶ୍ୱ ବାସୀ ସବୁ ଚାହିଁ ବସିଛନ୍ତି
ଦେଖିବାକୁ ଏଇ ଖେଳକୁ,
ବିଶ୍ୱ ଇତିହାସେ ଓଡ଼ିଶାର ନାଆଁ
ରହିଯିବ କାଳ କାଳକୁ । [୭]

ଜଳଯୋଗାଣ ଶାଖା,
ରାଣୀହାଟ, କଟକ, ୯୦୪୦୦୩୩୩୯୦

 Magazine Downloaded from www.aahwaan.com

# ଆମନ୍ତ୍ରଣ, ଏକ ଶୀତ ସ୍ୱପ୍ନର



ବିନ୍ଦୁ ନିବେଦିତା

(୧)

ଏଇ...

ଦେଖିପାରୁନ କି ?

ମୁକୁଳା ପିଠିର ଆମନ୍ତ୍ରଣ ! ! !

ଆନତ ଚକ୍ଷୁର ଆବେଗପଣ ।

ସର୍ଦ୍ଦି ରାତିର ନିମନ୍ତ୍ରଣ ।

ଭିଜା କାକରର ଗୁମସୁମ୍ ରାତିର ବିରହୀପଣ ।

ପଢ଼ିପାରୁନ କି ?

ଥର ଥର ହୋଇ ଦରଦୀ ଓଠରୁ

ସ୍ଫୁରୁ ନଥିବା କଥା ।

ନିଦ୍ରିତ ମୁଖେ ତୁମ ନାମେ

ବସା ବାନ୍ଧିଥିବା ଯେତେ ସଙ୍ଗୋପିତ ଇଚ୍ଛା ।

ବୁଝି ପାରୁନ କି ?

ନିରବ ମନର ଭାଷା ।

ଏ ଅଧିରାର ହୃଦେ ତୁମ ଛୁଆଁ ପାଇଁ

କେତେ ଯେ ବ୍ୟାକୁଳିତ ପରିଭାଷା ।

ସବୁକିଛି ତ ତୁମପାଇଁ...

ସଞ୍ଚରିଯାଅ ମୋ ଦେହେ

ପ୍ରାପ୍ତିର ବ୍ୟାପ୍ତିରେ ଭରିଯାଉ ମନେ

ଲିଭିଯାଉ ମନୁ ବିରହୀପଣର ତୃଷ୍ଣା ।

ଏମିତି ନ ହେଉ;

ସେଦିନ କେବେ ନ ଆସୁ ।

ରତିକ୍ଲାନ୍ତ ଆକାଶ ଶୋଇଥିବ ପୃଥିବୀ ଛାତିରେ...

ପ୍ରେମ ନିମଗ୍ନ ଭଅଁର ଖୋଜୁଥିବ ମଧୁ

ପ୍ରେମାସ୍ପଦା ଫୁଲର ବିମ୍ବିତ ଅଧରେ;

ଆଉ ତୁମେ ଖୋଜୁଥିବ ମୋର ନିବିଡ଼ ସାନ୍ନିଧ୍ୟ ।

 Magazine Downloaded from www.aahwaan.com

ହେଲେ ମୁଁ ନଥିବି...

ଚାଲିଯାଇଥିବି କେଉଁ ଅଫେରା ପଥରେ,

ଅଲୋଡ଼ା ଅଖୋଜା ପଣରେ ଥିବି

କେଉଁଆଡ଼େ ନିରୁଦ୍ଦିଷ୍ଟ ।

(୨)

ଦେଖି ପାରୁଥିଲି ସେ ମୁକୁଳା ପିଠିକୁ

ଛୁଇଁ ପାରୁଥିଲି ସେ ଅଧୀର ଓଠକୁ

ଶୀତଟା ଶବ୍ଦଭେଦି ବାଣ ହେଇ ବିନ୍ଧୁଥିଲା ହୃଦୟକୁ;

ଆବେଗ ସବୁ ଟକମକ ହେଇ ମନରେ

ଫୁଟୁଥିଲା ରଡ଼ନିଆଁ ଉହ୍ଲେଇଟିଏ ପରି ।

ପଢ଼ି ପାରୁଥିଲି ସେ ନିରବ ମନର ଭାଷା,

ବୁଝି ପାରୁଥିଲି ଅର୍ଦ୍ଧନିମିଳିତ ଚକ୍ଷୁରେ ତା'ର

ଯେତେ ସାଇତା ସ୍ୱପ୍ନର କଥା,

ହେଲେ ନିରବପଣରେ ସେ ନିରବି ଯାଇଥିଲା...

କେଜାଣି ଅଭିମାନ କରି ବା ଅବଶୋଷ ଧରି

ଛାଡ଼ି ଯାଇଥିଲା ପଛେ...

ଅସରନ୍ତି ଭାବନାର ଇତିହାସ ଖଣ୍ଡେ,

ପଢୁଥିଲି ତା'ର ନିରବପଣର ସେ

ଅବ୍ୟକ୍ତ ଅକୁହା ସାଇତା ସ୍ମୃତିର ବ୍ୟଥା ।

ଶୈଳଶ୍ରୀ ବିହାର,

ଭୁବନେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

# ଚିଠି



ସିଦ୍ଧେଶ୍ୱର ତ୍ରିପାଠୀ

ଛଳନାରେ ଭରା ଶବଦକୁ ଲେଖି
ଦେଇଥିଲୁ  ଚିଠି ଗୋଟେ
ମିଛ ବାହାନାରେ ସୁନ୍ଦର ଚିତ୍ରଟେ
ଆଙ୍କିଥିଲୁ ପଛପଟେ  ।

ସେଇ ଚିଠି ଆମ ପ୍ରେମର ସନ୍ତକ
ସାଇତି ରଖିଛି ତାକୁ
ସେଇ ଉପହାର  ବାର ବାର ଦେଖେ
ଆଖି ଲୁହେ ଭିଜିବାକୁ  ।

ଦିନେ ନଦେଖିଲେ ସେ ଉପହାରକୁ
ଭଲ ଲାଗେନାହିଁ ମୋତେ
ଛଳନାରେ ଭରା ଶବଦକୁ ଲେଖି
ଦେଇଥିଲୁ ଚିଠି ଗୋଟେ  ।

ହଜି ଗଲା ତୋର କୁଆଁରୀ ବୟସ
ପ୍ରିୟା ତୁ ବଦଳିଗଲୁ
ସାତ ଜନମର ସାଥୀ ହେବୁ କହି
ଏ ଜନମେ ଧୋକା ଦେଲୁ  ।

ଯନ୍ତ୍ରଣା ଦାୟକ କଣ୍ଟକିତ ପଥେ
ଚାଲି ମୁଁ ପାରୁନି ମୋତେ
ଛଳନାରେ ଭରା ଶବଦକୁ ଲେଖି
ଦେଇଥିଲୁ ଚିଠି ଗୋଟେ - - -

କବିର ଘର
କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
୮୦୧୮୭୪୬୭୦୪

Magazine Downloaded from www.aahwaan.com

# ସର୍କାର ବସି ମଦ ପିଉଛି



ପ୍ରଶାନ୍ତ ମାଝୀ

ସରର୍କାର ବସି ମଦ ପିଉଛି

ବିରୋଧି ବୁଲି ଦୁଧ ପିଉଛି

ଜନତା ପିଉଛି ଲୁହ

ବଡଘର ବଡ ଗୁମର କଥା

କାହାକୁ କହିବୁ କହ ।।

ଧଣ୍ଡା ଧରେଇ ପଣ୍ଡା ଲୁଟୁଛି

ଛୁରୀ ଦେଖାଇ ଗୁଣ୍ଡା ଝାମ୍ପୁଛ

ହୁଣ୍ଡାଙ୍କର ବର ବାଦି

ଦେଖି ହେଉଛିନା ଦେଖେଇ ହଉଛି

ଅଜାଗା ଜାଗାରେ ବିଣ୍ଡି ।।

ହାଇଦ୍ରାବାଦ, ତେଲେଙ୍ଗାନା,

ଇମେଲ୍ : prashantmajhee018@gmail.com

 Magazine Downloaded from www.aahwaan.com

# ସୁର୍ପଣଖା ଅଜାଣତେ କଣ କଲ ?



ରାମ ପ୍ରସାଦ ସିଂହ

ହଇଓ ରାବଣ ଭଗିନୀ ସୁର୍ପଣଖା
ଅଜାଣତେ କଣ କରିଦେଲ
ଏତେ ସୁନ୍ଦର ଭ୍ରାତାକୁ
ସଂସାରୁ ନିଜେ ହରେଇଲ ।

ରାମ ଲକ୍ଷ୍ମଣ ସୁନ୍ଦରତା
ଅଟଇ କେବଳ ବାହାନା
କେମିତି ଜନ୍ମିବ ସୀତା ହରଣ
ସତେ ଏମିତି କଳନା ।

ତୁମ ନାକ କଟା ହୁଇଇ ସୂତ୍ର
ଏହାର ଅତି କାରଣେ
ତୁମ କ୍ରୋଧ ଭ୍ରାତା ଆଗେ
ଭେଟିଲା ଦୁଃସ୍ୱପ୍ନ ପଣେ ।

କ୍ରମ ଟି ଘଟିଲେ ସମୟେ
ଦଶାନନ ସଂହାର ଘଟିବ
ଗୋଟେ ମହାନ ପଣ୍ଡିତ
ସଂସାରୁ ବିଦାୟ ନବ ।

ବୁଝିଲ ସୂର୍ପଣଖା ଏ ସବୁ
କାରଣ ରହସ୍ୟ ଚିତ୍ର
ତମେ ବି ଅଜାଣତେ ସାଜିଛ
ଧର୍ମ ରକ୍ଷାର ଏକ ପାତ୍ର ।

ଭ୍ରାମ୍ୟଭାଷ : ୯୫୭୪୫୬୦୫୬୪

 Magazine Downloaded from www.aahwaan.com

# ମନେ ପଡୁଛି



ସୁଦର୍ଶନ ସାହୁ

ମନେ ପଡୁଛି

ମୋ ଗାଁ ସକାଳ

ଆଜି ମନେ ପଡୁଛି

ଫେରି ଯାଆନ୍ତି କି

ମୋର ପାହାନ୍ତି ସକାଳର

ସୂର୍ଯ୍ୟ ଉଦୟ ଦୃଶ୍ୟକୁ

ଟିକେ ଦର୍ଶନ କରନ୍ତି

ଫେରି ଯାଆନ୍ତି କି

ସକାଳର ସେ

ନଦୀ କୁଳର ଥଣ୍ଡା ଥଣ୍ଡା

ପବନର ସୁଅ ,

ଆଉ ହାଡ଼ ଭଙ୍ଗା ଶୀତକୁ

ଅନୁଭବ କରନ୍ତି ।

ସୁଦର୍ଶନ ସାହୁ

ଓଡ଼ିଆ ବିଭାଗ ଛାତ୍ର

ଏନ୍ ସି କଲେଜ ,ଯାଜପୁର

 Magazine Downloaded from www.aahwaan.com

# ଆଜିର ଆହ୍ୱାନ



ହରେରାମ ପଣ୍ଡା

ଗଛ ଠାରୁ ପ୍ରିୟ ଏହି ଦୁନିଆଁରେ
କିଏ ଅଛି ପିଲେ କୁହ,
ପ୍ରକୃତିକୁ କରେ ସରସ ସୁନ୍ଦର -
ତା'ର ତୁଲ କେହି ନୁହଁ ॥

ଫୁଲ ଫଳ ପୁଣି ଡାଳ କି ପତର -
ସବୁଯାକ ଆମ ପାଇଁ ,
ସୁଶୀତଳ ଛାଇ, ଶୀତଳ ପବନ -
କେଉଁଠୁ ପାଇବା ଭାଇ ?

ଖାଦ୍ୟ, ବାସଗୃହ ଅବା ପରିଧାନ -
ଯେତେ ସବୁ ତା'ର ଦାନ ,
ସାରା ଜଗତର ଜୀବନ ବଞ୍ଚାଏ -
ଦାନ କରି ଅମ୍ଳାନ ॥

ବିଜ୍ଞାନୀ ମଣିଷ ଅଜ୍ଞାନୀ ସାଜିଛି -
କରେ ଜଙ୍ଗଲର କ୍ଷୟ ,
ଓଜନ ସ୍ତର କି ପରିବେଶ କଥା -
ଭାବିଲେ ଲାଗୁଛି ଭୟ ॥

ଚାଲ ଆଜି ଆମ୍ଭେ ଗଛ ଲଗାଇବା -
ସର୍ବେ ହୋଇ ଏକମନ ,
"ଗଛ ଆମ ପ୍ରାଣ" "ଗଛ ହିଁ ଜୀବନ"
ହେବ ଆଜିର ଆହ୍ୱାନ ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ,
ଗ୍ରା-କୁଆଁସ, ପୋ-ମେର୍ଦ୍ଦା କାଟିଆ ଛକ
ଜି-ଯାଜପୁର ଭ୍ରାମ୍ୟଭାଷ-୯୪୩୮୦୬୪୧୯୫

# ବର୍ଷା



ଶିବାନନ୍ଦ ବନଛୋର

ହେ ବର୍ଷା
ତୁମେ ଚିର କଳ୍ପିତ
ତୁମେ ସଦା ଆଦରଣୀୟ
ତୁମର ଅପେକ୍ଷାରେ ମୋର ଦିନ ଗଢି ଚାଲିଛି
କେତେବେଳେ ତୁମେ ଆସିବ
ମୋତେ ଏକ ଅଭୁଲା ସ୍ପର୍ଶ ଦେବ
ମୋତେ ତୁମ ମୃଦୁ ପ୍ରେମ ଧାରେ ଭିଜାଇ ଦେବ
ଆଉ ତୁମ ସେ ଧାରାରେ ବିରାମହୀନ ନୃତ୍ୟ କରିବି
ଯେତେବେଳେ ଯାଏ ତୁମେ ବର୍ଷି ଚାଲିବ
କିନ୍ତୁ ଜାଣିନି ଯେ
ତୁମେ ଗଗନର ବାହୁ ବଳୟକୁ ଭେଦ କରି ମୋ ପାଖରେ ପହଞ୍ଚି ପାରିବ କି ନାହିଁ
ମୋ ସମସ୍ତ ଶରୀରକୁ ଓଦା କରି ପାରିବ ନା ନାହିଁ
ହେଲେ ଆଜି ବି ମୋ ବିଶ୍ୱାସର ହିମାଳୟ ଅତୁଟ
ତୁମେ ନିଶ୍ଚିତ ଆସିବ
ହୁଏତ ବିଳମ୍ବ ହୋଇପାରେ
କିନ୍ତୁ ତୁମେ ମୋତେ ଛାଡି ରହିପାରିବ ନାହିଁ
ଆସିବ ନା, କଥା ଦିଅ ମୋତେ, ତୁମେ ନିଶ୍ଚୟ ଆସିବ ।।

ଶକ୍ତି, ଝାରବନ୍ଧ
ବରଗଡ

 Magazine Downloaded from www.aahwaan.com

# ଦୁଇଟି ପ୍ରୀତିଗୀତି



ରାଜେଶ ପୁଝାରୀ

।୧ ।

ମନ ଯମୁନାର ଆର ପାରେ ବସି

ମନ ଯମୁନାର ଆର ପାରେ ବସି
କେହି ଜଣେ ରସରାଜ
ବାଇ ବାଇ ବଂଶୀ ମଧୁର ତାନରେ
ବୁଣୁଛି ପୀରତି ବୀଜ... ।୧ ।
ନୁପୁର ବିହୁନେ ନାଚିଯାଏ ପାଦ
ହଜିଗଲା ନୀଦ ବଡ଼ ପରମାଦ
କେଜାଣି କାହିଁକି ହେଉଛି ଏମିତି
ପାହାନ୍ତି ପହରୁ ଆଜ... ।୨ ।
କ୍ଷୁଧା ତୃଷ୍ଣା ଜମା ଲାଗୁନାହିଁ ମତେ
ଆଖି ଆଲୟରେ ନୂଆଁ ସ୍ୱପ୍ନ କେତେ
ଭଙ୍ଗା ଆଇନାରେ ଦେଖି ନିଜ ମୁହଁ
ଲାଗେ ଆଜି ଭାରି ଲାଜ... ।୩ ।

।୨ ।

ବେପରୁଆ ବାଆ ପରି

ଛୁଇଁ ଦେଉଥିବି ତତେ ସବୁବେଳେ
ବେପରୁଆ ବାଆ ପରି
ହୋଇ ଲୁହ ଧାର ଅଥକେ ତୋହର
ଆଖିରୁ ପଡ଼ିବି ଝରି... ।୧ ।
ଆଜି  ତୋ ପାଖରେ ସମୟ ନାହିଁ
ମତେ ପଚାରିବୁ କହ ତୁ' କାହିଁ
ହଜିଯିବି ଯେବେ ଦୂରେ ବହୁଦୂରେ
ଖୋଜୁଥିବୁ ମନ ମାରି... ।୧ ।
ଯେତେ ହୋଇଲେ ବି ଅଥୟ ଅଧିର
ପାଇବୁନି ଜମା ଠିକଣା ମୋହର
ସେବେଳେ ଜାଣିବୁ ବିରହ କେନ୍ଦରା
ସୁର ତୋଳଇ କିପରି... ।୨ ।

କୁଶମେଲ, ଝାରସୁଗୁଡ଼ା
ମୋ-୯୭୭୨୮୦୫୯୪

 Magazine Downloaded from www.aahwaan.com

# ପାଗଳ ଭ୍ରମର



ଅନିଲ କୁମାର ମହାରଣା

ପାଗଳ ଭ୍ରମର,,,, ! !

ଭ୍ରମରେ ଭ୍ରମର ଭ୍ରମୁଅଛି ଆଜି
ମେଣ୍ଟିବାକୁ ମଧୁ ତୃଷ୍ଣା,,
ମଧୁଠାରୁ ବେଶି ପାଗଳ କରିଛି
ସଜଫୁଟା ଫୁଲ ବାସ୍ନା,,, ।

ହେଲେ ସେ କି ଜାଣେ ମହକ ମୋହରେ
ରସି କ୍ଲାନ୍ତ ଅପରାହ୍ନେ,,
ପୀରତି ଫାଶରେ ବନ୍ଦୀ ହୋଇଯିବ
ନିଶି ଧୀର ଆଗମନେ,,, ।

ବିଟପୀ ବାରିଜ ବକ୍ଷରେ ଜଡେଇ
କରି ଦୃଢ ଆଲିଙ୍ଗନ,,
ଛାତିରେ ସାଇତା ପୀରତି ପିୟୁଷ
କରିଦେବ ସିନା ଦାନ,,, ।

ତନ୍ଦ୍ରାଭିଜା ନିଶି ହୋଇବ କି ଦୋଶି
କମଳ କଳଙ୍କ ବହି
ମୃତ୍ୟୁ ସ୍ୱର୍ଶ ପାଇଁ ପାଗଳ ଭ୍ରମର
ପ୍ରତୀକ୍ଷାରେ ଥିବ ଚାହିଁ,,, ।

କାଲିର ଭାସ୍କର ଭ୍ରମର ପାଇଁକି
ଆଉ କି ଆସିବ ଉଇଁ,, ?
ସ୍ୱାର୍ଥୀ ସରସିଜ ପୁଣି ହେବ ସଜ
ଆଉ'କା ସାନିଧ୍ୟ ପାଇଁ,,, ।

ନୟାଗଡ, ଭାପୁର, ବଡସହରା
ଦୂରଭାଷ;-୮୫୯୮୮୩୨୮୮

 Magazine Downloaded from www.aahwaan.com

# ସେ ଘା'



କ୍ଷମାନିଧି ସାହୁ

ଜୀବନରେ ଯିଏ ଅତି କଷ୍ଟଦିଏ
ଦିନରାତି ମାନେନା, ସେ ଘା..

ଝୁଣ୍ଟି ପଡିଗଲେ ନିଗିଡା ପଥରେ
କ୍ଷତହୋଇ ହୁଏ ଯାହା, ସେ ଘା..

ବେଦନା ତାହାର କିଏବା ସହିବ
ଡାକେ ଖାଲି ମାଆ ମାଆ, ସେ ଘା..

ପାଚିଯାଏ ସେତ ଭଲ ହେଲେ ମଧ୍ୟ
ପିଇଦେଲେ ଟିକେ ଚାହା, ସେ ଘା..

ରସଗୋଲା ପରି ଲାଗୁଥାଇପାରେ
ମାଛିଙ୍କର ପଡେ ଲାହା, ସେ ଘା..

ଯେତେବି ଔଷଧ ଖାଇଲେ ତା'ପାଇଁ
କେହି ନାହିଁ ତା'ର ସାହା, ସେ ଘା..

ଜାମପାଲି, ସାଲେପାଲି, ମେଲଛାମୁଣ୍ଡା, ବରଗଡ଼,
୭୦୭୭୦୫୯୩୪୯

 Magazine Downloaded from www.aahwaan.com

# ଧୂଆଁ



ଅଜୟ କୁମାର ମହାନ୍ତି

ନିଆଁ ଥିଲେ
କୁହୁଳୁଥାଏ ଧୂଆଁ
ଚହଟିଯାଏ ଚଉଦିଗ
ପହଞ୍ଚ ଅପହଞ୍ଚ
ସମିପ ଓ ଦୂର । । [୧]

ଗୋଲ୍ ଗୋଲ୍ କରି
ସମୟକୁ ଘେରେ ଧୂଆଁ
ପୋଖରୀତୁଠ ଗାଁଚଉରା
କିଟିପାର୍ଟି କ୍ଲବ ଖଟି
କ୍ୟାଣ୍ଟିନ୍ ଓ ରେସ୍ତୁଁରା । । [୨]

ପ୍ରଯୋଜିତ ସତ୍ୟ
ପ୍ରଦୂଷିତ ଶବ୍ଦ
ଗୁଜବ ବିସ୍ତାରିଯାଏ
ପୃଥିବୀରୁ ଆକାଶ
ଧୁମ୍ରାଭ ହୁଏ ଦିଗନ୍ତ । । [୩]

ଗୁଜବର ସୀମା କଣ
ଧୂଆଁର କି ବିମା ହୁଏ
ସବୁ ଉଡେ ପବନରେ
ସଂକ୍ରମିଯାଏ ଆକାଶ
କୁହୁଡ଼ିର ଘନ ଆସ୍ତରଣ । [୪]

ସବୁ ଝାପ୍ସା ଧୁଆଁଳିଆ
ପୃଥିବୀ କାନିରେ ପୋଛେ
ସୂର୍ଯ୍ୟ ଚଷମା ଚାଳିଶା
କାହିଁ କେଉଁଠି ନିଆଁ
କୁହୁଳୁ ଥାଏ ଧୂଆଁ । । [୫]

ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ମୁଖ୍ୟ କାର୍ଯ୍ୟାଳୟ, ୧୧ ହେମନ୍ତ ବସୁ ସରଣୀ
କଲିକତା ୭୦୦୦୦୧

 Magazine Downloaded from www.aahwaan.com

# ଆସ ପୃଥିବୀଟେ ପାଲଟିଯିବା



ସବ୍ୟସାଚୀ ବିଷୋୟୀ

ଆସ

ତୁ ତୁ ଆଉ ମୁଁ ମୁଁ ମିଶି
ପୃଥିବୀଟେ ପାଲଟି ଯିବା,
ପୃଥିବୀ ପରି ସହିଯିବା,
ଜୀବନର ସବୁ ତୁଚ୍ଛା ପଣକୁ ଛାଡି
ବିରହର ବିରସକୁ ମାରି
ଗୋଟାପଣେ ଆପଣେଇ ନେବା
ସମୁଦ୍ରେ ତ୍ୟାଗକୁ । [୧]
ଆଖିରେ ଆଖିଏ ସ୍ୱପ୍ନକୁ ମାରି
ପର ପାଇଁ ଦେଖିଯିବା ସ୍ୱପ୍ନ ।
କାଶତଣ୍ଡୀର ଲହରୀ ଭାଙ୍ଗିଲା ଭଳି
ଭାଙ୍ଗି ଦେବା ସବୁତକ ମାନ ଅଭିମାନକୁ ।
ଆସ କଲାକୋଳି ହେବା
କୁଣ୍ଡାକୁଣ୍ଡି ହେବା
'ତୁ' ଆଉ 'ମୁଁ' ଭିତରେ ଥିବା ସମ୍ପର୍କକୁ
ଗୋଟିଏ ସୁତାରେ ବାନ୍ଧି ଦେବା ।
ଦୁଃଖର ଅନ୍ତରେ ହିଁ ସୁଖ ଅଛି
ସୁଖକୁ ସାଉଁଟି ଧରିବା ପରେ ମଧ୍ୟ
ଦୁଃଖ ଛୁଟି ଯାଉଛି ?
ଏ ଗୋଲ୍ ଦୁନିଆ ଭିତରେ ସବୁ
ଚକ୍ର ଭଳି ଘୁରିବୁଲୁଛି ।
ତଥାପି ଏ ମଣିଷ ହସୁଛି କାନ୍ଦୁଛି
ନିଜ ଜୀବନକୁ ଜିଇଁବାରେ ବ୍ୟସ୍ତ ରହୁଛି ।
ଏଇତ ବଞ୍ଚିବାର ପରମ୍ପରା,
କିନ୍ତୁ ତୁମେ କଣ ଏମିତି ବଞ୍ଚିଯିବ ?
ଆସ କିଛି ନିଆରା ଢଙ୍ଗରେ
ଆମେ ମଣିଷ ହେବା ।
ତୁ ଆଉ ମୁଁ ମିଶି ପୃଥିବୀଟେ ପାଲଟି ଯିବା ।
ତୁ ଆଉ ମୁଁ ମିଶି ଗାଇଦେବା

*"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,*
*ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ" ।*

କଣ୍ଟାମାଳ(ନବରଙ୍ଗପୁର)

 Magazine Downloaded from www.aahwaan.com

# ଦୟାମୟୀ ମୋର ମା ମଙ୍ଗଳା



କୁମାର ଲୋକେଶ୍

ଦୟାମୟୀ ମୋର ମା ମଙ୍ଗଳା
ଘଣ୍ଟ ଘୋଡାଇଣ ରଖିବୁ ଲୋ ମାତ
ପାଦ ତଳେ କରେ ଅଳି
ଦରିଦ୍ର ଅନାଥ କେମିତି ପୂଜିବ
ପାରୁନି ଲୋ କିଛି ଜାଣି,
ଦୟାମୟୀ ମୋର ସର୍ବ ମଙ୍ଗଳା ଲୋ
ରକ୍ଷାକର ମହାମାୟୀ
ସୁଖିଲା ସମୁଦ୍ରେ ବୁଡିଲା ମୋ ଭେଳା
ତମେ ମୋ ପାଖରେ ଥାଇ,
ମହିମାକୁ ତୋର କିଏବା ନଜାଣେ
ଦୂର ଦୂରାନ୍ତର ଯାଏ
ତୋ ପାଦ ସେବିଲେ ସକାଳୁ ସଞ୍ଜରେ
ଆତ୍ମା ମୋର ଶାନ୍ତି ପାଏ,

ଗ୍ରାମ ଦେବୀ ବୋଲି ଗ୍ରାମରେ ରହିଲୁ
ମୋ ପାଖେ ଆସିଲୁ ନାହିଁ
ଏତେ ପରକାରେ ଭକ୍ତିରେ ଡାକିଲି
ପାରିବିନି ତତେ କହି,
ମୋ ଭକ୍ତି ଚିତ୍ତରେ ମନ ନାହିଁ ଯଦି
କରି ଦେବୁ କ୍ଷମା ମୋତେ
ଅଧମ ବାଳକ ଗୀତରେ ଲେଖୁଛି
ମଙ୍ଗଳାଙ୍କ ସ୍ତୁତି ସତେ ।

ଢେଙ୍କାନାଳ
ଗୋରଡାପାଳ
୭୯୮୧୩୧୦୭୧୯

 Magazine Downloaded from www.aahwaan.com

# ଶ୍ରେଷ୍ଠ ଧନୁର୍ଦ୍ଧର



ଚିତ୍ତରଞ୍ଜନ ସାହୁ

ଜୟ ପ୍ରଭୁ ରାମ ଚନ୍ଦ୍ର କୌଶଲ୍ୟା ନନ୍ଦନ ।
ରାବଣ ନାଶନ ପ୍ରଭୁ ପୁରୁଷୋତ୍ତମ ।।
ଜୟ ଦଶରଥ ସୂତ ଜୟ ଧନୁର୍ଦ୍ଧର ।
ତୁମ୍ଭ ନାମେ ଦୁରେ ଯାନ୍ତି ରାକ୍ଷସ ଅସୁର ।।
ଶିବଧନୁ ଉଠାଇଲ ବାମ ହସ୍ତଭାରେ ।
ମେଦିନୀ ଥରଇ ତୁମ୍ଭ ଧନୁଶର ସ୍ୱରେ ।।
ଜୟ ସୀତାପତି ଦେବ ଉମାପତି ଇଷ୍ଟ ।
ତୁମ୍ଭରି ଦୟାରୁ ବିଭୁ ଉଦ୍ଧରନ୍ତି ଶିଷ୍ଟ ।।
ମର୍ଯ୍ୟାଦା ପୁରୁଷୋତ୍ତମ ଆହେ ରଘୁରାଇ ।
ରଘୁକୂଳର ତିଳକ ଅଯୋଧ୍ୟା ଗୋସାଇଁ ।।
ଅଧର୍ମର କରି ନାଶ ଶ୍ରେଷ୍ଠ ଧନୁର୍ଦ୍ଧର ।
ଧର୍ମ ସ୍ଥାପନା କରିଲ ରଘୁକୁଳ ବୀର ।।
ରାବଣ ସଂହାରି ପ୍ରଭୁ ଅଯୋଧ୍ୟା ଆସିଲ ।
ଅମାବାସ୍ୟା ତିମିରକୁ ଦୁର କରିଦେଲ ।।

ଆଗମନେ ତୁମ୍ଭ ଆଜି ଅଯୋଧ୍ୟା ନଅର ।
ହସ ଉଲ୍ଲାସରେ ପୁର୍ଣ ଅଯୋଧ୍ୟା ପରିସର ।।
ଦୀପ ଜଳାଇଲ ପ୍ରଭୁ ରାଜନଅରରେ ।
ହନୁମାନ ଲଗାଇଲେ ସାରା ଅଯୋଧ୍ୟାରେ ।।
ସ୍ୱର୍ଣର କି ମୂଲ୍ୟ ଅଛି ଅଯୋଧ୍ୟାର ପାଶେ ।
ପାରିଜାତ ଭଳି ଆଭା ତହୁଁ ପରକାଶେ ।।
ତୁମରି ନାମକୁ ଦେବ ଦେବ ମହେଶ୍ୱର ।
ନିତି କରୁଥାନ୍ତି ଜପ କୋଟି କୋଟି ବାର ।।
ତୁମେ ଯେବେ କୃପା କର ହେ ଭକ୍ତବତ୍ସଳ ।
ମରୁଭୂମି ପ୍ରାପ୍ତହୁଏ ଘନ ଘନ ଜଳ ।।
ଦୟାମୂର୍ତ୍ତି କ୍ଷମାଦାତା କରୁଣାସାଗର ।
ଶରଣ ରକ୍ଷକ ତୁମ୍ଭେ ଦୟାରଭଣ୍ଡାର ।।
ନ୍ୟାୟମୂର୍ତ୍ତି କର୍ମବୀର ଧର୍ମ ରକ୍ଷାକାରୀ ।
କେ ଗାଇ ପାରିବ ପ୍ରଭୁ ମହିମା ତୁମ୍ଭରି ।।

 Magazine Downloaded from www.aahwaan.com

ତୁମ୍ଭ ପାଦ ପଦ୍ମେ ମୋର ଜୀବନ ଦୀପକୁ ।

ଦୀପଭଳି ଜଳାଉଛି ସ୍ୱଦେହ ପ୍ରାଣକୁ ।।

ସେହି ଦୀପ ଜଳି ଜଳି ମହାଦୀପ ହେଉ ।

ତୁମ୍ଭ ନାମ ତୁଣ୍ଡେ ଥାଇ ଏ ଜୀବନ ଯାଉ ।।

ରାମନାମ ଯେଉଁଠାରେ ସୁଭିବ ନିଶ୍ଚୟ ।

ସେହିଠାରେ ରହିଯାଉ ମନ ପ୍ରାଣ ଲୟ ।।

ତୁମ୍ଭରି ନାମର ହେଉ ସବୁଠାରେ ଜୟ ।

ଜୟ ରାମଚନ୍ଦ୍ରଙ୍କର ଜୟ ଜୟ ଜୟ ।।

ସିଙ୍ଗିରୀ, ଅଉଲ, କେନ୍ଦ୍ରାପଡ଼ା, ଓଡ଼ିଶା

୭୫୪୨୧୫

ଭ୍ରାମ୍ୟଭାଷ : ୭୩୭୭୬୭୮୭୩୮

ଇମେଲ୍ : schittaranjan93@gmail.com

 Magazine Downloaded from www.aahwaan.com

# ଭଙ୍ଗା ହୃଦୟ



ନିହାରିକା ବେହେରା

ଭଙ୍ଗା ହୃଦୟରେ ତୁମ ପାଇଁ ଘର
କେମିତି କରିବି କୁହ
ଅକୁହା ସେ କଥା ଅଭୁଲା ସେ ଦୁଃଖ
ଭୁଲିବା ସହଜ ନୁହଁ ।।
ପ୍ରୀତି ବଦଳରେ ପ୍ରତାରଣା ଯେତେ
ବିଧି ଦେଇଅଛି ଲେଖି
ଭୁଲିବି କେମିତି ଅତୀତକୁ ମୋର
ପାରେ ନାହିଁ କିଛି ବୁଝି ।।

ପ୍ରେମ ପ୍ରତିଶବ୍ଦ ଅଟେ ଏଠି ପାପ
ବିଶ୍ୱାସର ନାଗ ବିଷ
ଥରେ ଏ ଜହର ପି ଦେଲା ପରେ
ଲାଗେ ନାହିଁ ଭୋକ ଶୋଷ ।।
କେମିତି ପୋଛିବି ଏ ଆଖିର ଲୁହ
ଲୁହ ନୁହେଁ ସେତ ଲହୁ
ବିତିଗଲା ଗଲା କାଲି ଆଜି ବି କାହିଁକି
ସାଧିଥାଏ ଏତେ ଦାଉ ।।

**ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁର**

 Magazine Downloaded from www.aahwaan.com

# ସୁନ୍ଦର




ଜୟଶ୍ରୀ ମହାରଣା

ସୁନ୍ଦର ମୋ'  ଶାଗୁଆ କ୍ଷେତ
 ସୁନ୍ଦର ମୋ' ଗାଆଁ
ସୁନ୍ଦର ମୋ'  ପାହାଡ଼ ନଈ
 ସୁନ୍ଦର ମୋ' ମାଆ  । [୧]
ସୁନ୍ଦର ମୋ'  ସଂସ୍କୃତି,ପ୍ରଥା
 ସୁନ୍ଦର ମୋ' ଭାଷା
ସୁନ୍ଦର ମୋ'  ଗଛର ଡାଳେ
 ବାଇଚଢେଇ ବସା । [୨]
ସୁନ୍ଦର ମୋ'  ଓଡିଶୀ ନୃତ୍ୟ
 ସୁନ୍ଦର ମୋ' ଗୀତ
ସୁନ୍ଦର ମୋ'  ଜଗତନାଥ
 ସୁନ୍ଦର ତା'  ନେତ  । [୩]
ସୁନ୍ଦର ମୋ'  ଓଡ଼ିଆ ପର୍ବ
 ସୁନ୍ଦର ମୋ' ମେଳା
ସୁନ୍ଦର ମୋ'  ଓଷା, ବରତ
 ଯାତରା ଓ ପାଲା  । [୪]
ସୁନ୍ଦର ମୋ'  କୋକିଳ ତାନ
 ସୁନ୍ଦର ମୋ'ବନ
ସୁନ୍ଦର ମୋ'  ପରାଜାପତି
 ଫୁଲରେ ତା' ମନ  । [୫]
ସୁନ୍ଦର ମୋ'  ମନ୍ଦିର ମଠ
 ସୁନ୍ଦର ମୋ' ଭକ୍ତି
ସୁନ୍ଦର ମୋ' କୋଣାର୍କ ଗାଥା
 ସୁନ୍ଦର ମୋ' ଜାତି  । [୬]
 ସୁନ୍ଦର ମୋ' ଜାତି  । ।

ବାଣପୁର,ଖୋର୍ଦ୍ଧା  ।

 Magazine Downloaded from www.aahwaan.com

# ମାଆ



ଗୌରୀ ପଣ୍ଡା

ମାଆ ନାମେ ମଧୁର ଅଛି
ସେ ଯେ, ଦୟାର ସାଗର ।
ମାଆ ମୋର ସବୁ ସହେରେ
ସେ, ତ ମୋ ନିଜର ।
ମାଆ ଡାକେ କୁହୁକ ଅଛି
ତା ବିନା ଅନ୍ଧାର ।
ରକତ ଦେଇ ଗଢ଼ିଛି
ଶରୀର ଆମର ।
ପୃଥିବୀ ପରି ସେ ସହେ
ଅଳି ଯେ ମୋହର ।
ସାଗର ପରି ଯେ ଅଟେ
ମନ ତା' ଗଭୀର ।
ସାଗରରେ ଉଠେରେ
ସ୍ନେହର ଜୁଆର ।
ଜୁଆର ପରି ଅଟେରେ
ହୃଦୟ ତାହାର
ସନ୍ତାନ ରହୁ ସୁଖରେ
ଗୁହାରି ତାହାର ।
ଭୟ ଜମା ଲାଗେ ନାହିଁରେ
କୋଳରେ ତାହାର ।
ଦୁଃଖ ଦେଖିପାରେନା
ସେ ତ ଦୁଃଖର ସାଗର ।
ଲାଘବ କରିବ ଦୁଃଖ
କାମନା ତାହାର ।
ମାଆ ପରି ନାହିଁ କୁହନ୍ତି
କାଳିଆ ଠାକୁର ।
ସେଇ ମାଆ ପାଦତଳେରେ
କୋଟି ନମସ୍କାର ।
ତା' ପାଦତଳେ ରଖିବା
ପ୍ରଣାମ ଆମର ।

ଜୟପୁର, କୋରାପୁଟ, ଓଡ଼ିଶା

Magazine Downloaded from www.aahwaan.com

# ସ୍ମୃତି ପରା ଇତିହାସ



ନରେନ୍ଦ୍ର ସାହୁ

ଆଦିମ ମାନବ ଅନାଦି କାଳରୁ
ଏ ଯାଏଁ ରଚିଛି ଯଶ,
ପଛର ଘଟଣା ଲେଖନୀ ରଚନା
ସ୍ମୃତି ସବୁ ଇତିହାସ ।

ସ୍ମୃତିର ପାଖୁଡା କରେ ବାଟ ହୁଡା
ବାଟୋଇକୁ କରେ ବଶ,
ମନ ଆନ୍ଦୋଳିତ କରଇ ନିଶ୍ଚିତ
ସ୍ମୃତି ଯେବେ କରେ ସ୍ପର୍ଶ ।

ପଛକୁ ଅନାଇ ମଣିଷ ଭାବଇ
ଅତୀତଟା ଅଟେ ବିଷ,
ସ୍ମୃତି କିନ୍ତୁ କହେ ଜମା ବିଷ ନୁହେଁ
ସ୍ମୃତି ଅଫେରା ବୟସ ।

ସ୍ମୃତି କହେ କଥା ଜୀବନର ଗାଥା
ସ୍ମୃତି ଜୀବନ ସାହାସ,
ସ୍ମୃତିକୁ ସାଥୀରେ ଧର ଜୀବନରେ
ସ୍ମୃତି କହେ ଇତିହାସ ।

ସ୍ମୃତି ଲାଗେ ତିକ୍ତ କାଳରେ ବାହିତ
ଫେରେ ନାହିଁ ଆମ ପାଶ,
ଘଟିଲା ଘଟଣା କରେ ଆନମନା
ସ୍ମୃତି ନାଶଇ ମଣିଷ ।

 Magazine Downloaded from www.aahwaan.com

ଇତିହାସ ପୃଷ୍ଠା ଆମ ଜୀବନଟା
ଦୁଃଖ ଦରଦ ମିଶା ହସ,
ପୃଷ୍ଠା ତାର ଥରେ ଓଲଟାଅ ଧିରେ
ସ୍ମୃତି ପରା ଇତିହାସ ।

ସ୍ମୃତି କର ବ୍ୟାଖ୍ୟା ଆଜିକାର ଦୀକ୍ଷା
ଅତୀତ ସ୍ମୃତି ସାହାସ,
ସେ ସାହାସ ଆଜି ଜୀବନର ବାଜି
ହେବ ଦିନେ ଇତିହାସ ।

ଇତିହାସ ବୋଲି ନ ଯାଅ ଯେ ଭୂଲି
ଶିକ୍ଷା ତା ଠାରେ ବିନ୍ୟାସ,
ପୂର୍ବର ତ୍ରୁଟିକୁ ସୁଧାରି ଆମକୁ
ସଜାଏ ଭଲ ମଣିଷ ।

ସହକାରୀ ଶିକ୍ଷକ,
ଡଭାର, ଗଂଜାମ ।

 Magazine Downloaded from www.aahwaan.com

# ଦୁର୍ଘଟଣା



ତୁଷାରକାନ୍ତ ପ୍ରସାଦ

ଦ୍ରୁତ ଗତିରେ ପ୍ରଗତି ହେଉନି,
ଦ୍ରୁତ ବେଗେ ଚଳେ ଯାନ ।
ମଟର ଯାନକୁ ଉଦ୍ଧତ ମଣେ,
ସତେ ଚଳାଏ ବିମାନ । । [୧]

ଅନ୍ୟର ସୁରକ୍ଷା, ନିଜ ଜୀବନ
ନଥାଏ ଯାହାର ଚିନ୍ତା ।
ଆଜି ଏ ଅଧମ ବଖାଣିବ ସେ,
ମହତ ଜନଙ୍କ କଥା । । [୨]

ରାଜ ରାସ୍ତା ସତେ ପିତୃ ସମ୍ପତ୍ତି,
ଭାବନ୍ତି ମହତ ଜନେ ।
ସେଇ ସମ୍ପତ୍ତି ପ୍ରାଣ ହରି ନିଏ,
ନିଖୋଜ ହୁଅନ୍ତି ଦିନେ । । [୩]

ଆଉ ଥୋକେ ପରା ଚଳାନ୍ତି ଗାଡି,
ପାନ କରିଥାଇ ନିଶା ।
ତାଙ୍କ ଅଜାଣତେ ଗୋଡାଏ ତାଙ୍କୁ,
ବାଟେ ବାଟେ ଶନି ଦଶା । । [୪]

ନିଜ ଚିନ୍ତା ଯଦି ନାହିଁ ତୁମର,
ଭାବ ପରିବାର କଥା ।
ବିନା ଦୋଷେ ତାଙ୍କୁ ଦଣ୍ଡିତ କର,
ଦେଇଣ ଅଭୁଲା ବ୍ୟଥା । । [୫]

ମୃତ୍ୟୁ ଯେ ଅବଶ୍ୟ ଆସିବ ଦିନେ,
ଏ କଥା ସଭିଙ୍କୁ ଜଣା ।
ଅକାଳ ମୃତ୍ୟୁର ବିକୃତ ରୂପ,
ନାମ ଯା'ର ଦୁର୍ଘଟଣା । । [୬]

ବରୀ, ଯାଜପୁର
ମୋ - ୯୮୫୩୦୯୨୬୩୦

 Magazine Downloaded from www.aahwaan.com

# ଗଡ଼ବଡ଼



ଜ୍ୟୋତିରଞ୍ଜନ ମହାରଣା

ଆଧୁନିକ ଆଜି ସବୁଠି ଦୁନିଆ
ଯନ୍ତ୍ରପାତି ଆଧୁନିକ
କଥାକୁହା ଏଠି ଆଧୁନିକ ପୁଣି
Zomato ମେଣ୍ଟୁଚି ଭୋକ

ଫଟା ଜିନ୍ ଟା ମହଙ୍ଗା ପଡୁଛି
ଶସ୍ତା ସମଲେଇ ପାଟ
ଅଣ୍ଡିରା ଫୋନ୍ ବିଗାଡି ଦଉଛି
ସମ୍ପର୍କରେ ଖାଲି ଫାଟ

ନିଆରା ରଙ୍ଗରେ Bigboss ଆସେ
Host କରେ ସଲମାନ
ଖରାପ ଆଡ଼କୁ ଆଧୁନିକ ଡାକେ
ହଜାଇ ସଭ୍ୟତା ଜ୍ଞାନ

ବୃନ୍ଦାବତି ରେ ସେ ତୁଳସୀ ଚଉରା
ସୁଖିକି ଝାଉଁଳି ପଡୁଛି
ବଙ୍କୁଲି ବାଡ଼ିରେ ବୁଢ଼ୀ ଆଇ ଯାଇଁ
ପାଣି ମୁନ୍ଦେ ମୁଁନ୍ଦେ ଢାଳୁଛି

ସଞ୍ଜ ସଳିତା ଜଳେ ନାହିଁ ପୁଣି
ଜଳେ ଖାଲି ଧୂପ କାଠି
ଅଭିଷେକ ଆଉ ମନ୍ଦିରେ ହୁଏନା
ଚାଲେ ଏଠି Dj ପାର୍ଟି .....

ସିଠାଲୋ, ନିଆଳି, କଟକ
୭୫୪୨୯୪, ଓଡ଼ିଶା
ଭ୍ରାମ୍ୟବଭାଷ : ୯୯୩୮୮୫୭୪୪

 Magazine Downloaded from www.aahwaan.com

# ତୁ ମନେ ପଡୁ



ଜିତେନ୍ଦ୍ର କୁମାର କହଁର

ତୁ ମନେ ପଡୁ ଆଜି ଭାରି
ଯେବେ ମୁଁ ଚାଲୁ ଚାଲୁ ଏକା ଗଲି ହୋଇ,
ପଥିକ ଥିଲୁ ଗୋଟିଏ ପଥ'ର
ଖୋଜେ ଆଜି ହେଲେ ତୁ ନାହୁଁ କାହିଁ ?
ଅତୀତର ଖାଲି ତୁହି
ସ୍ମୃତିଟିଏ ହୋଇଗଲୁ ରହି,
ଯେବେ ବି ମନେ ମୋ ହୁଏ ତୋ ଆଗମନ
ନୟନ ମୋ ଓଦା କାହିଁପାଇଁ ।
ଖୋଜୁଛି ବୋଧେ ସେ ପୁଣି
ତୋର ମିଠା ସ୍ମୃତି,
ଫେରିବନି ଜାଣିବି ଦିନ ଅତୀତର
ଏବେବି ଲିଭି ନାହିଁ ଯାର ତାତି ।
ଆସିଥିଲୁ ନେଇ
ନୂଆ ଦୁନିଆର ଅନୁଭବ ହୋଇ,
ମୁଁ ବି ଥିଲି ଭାରି ଖୁସି
ତୋ ଅନୁଭବର ପରଶ ପାଇ ।

ତୋ ମିଠା ମିଠା କଥା
ତୋ ଆପଣାର ଡାକ,
ନେଇଥିଲା ବାନ୍ଧି ତୋ ସାଥିରେ
ଗଢିଥିଲା ଏକ ପ୍ରୀତିର ସମ୍ପର୍କ ।
ମଣୁଥିଲି ସବୁଠାରୁ ଭାଗ୍ୟବାନ ନିଜକୁ
ରଖୁଥିଲି ସାଇତି ପ୍ରତି ମୁହୂର୍ତ୍ତକୁ,
ଅଜାଡି ଦେଇଥିଲୁ ସତେ
ଦୁନିଆର ସବୁ ସୁଖ ମୋରି ଭାଗ୍ୟକୁ ।
କୋଉ ଅଜଣା ଦିଗୁ କାହିଁ ଆସିଲା ମାଡି
କଳା ବାଦଲର ଛାଇ,
ଘୋଟିଗଲା ଚିର ଅନ୍ଧକାର
ବିଶ୍ୱାସ ଗଲା ହାରି ସମ୍ପର୍କକୁ ଦେଲା ମାରି ।
ସବୁ କଥା ସବୁ ପ୍ରତିଶ୍ରୁତି
ଗଲା ସବୁ ହୋଇ ପାଣିର ଫୋଟକା,

 Magazine Downloaded from www.aahwaan.com

କ୍ଷଣିକେ ସାଜିଲା ଭଗ୍ନର ସ୍ତୂପଟିଏ,

ଦେଖୁଥିଲି ହୋଇ ନିସ୍ତବ୍ଧ ଜର୍ଜରିତ ଜଳକା ।

ଆତ୍ମା କି ସତେ ଦେହୁ

ଅଲଗା ଯାଇଥିଲା ହୋଇ,

ଶବ ପ୍ରାୟ ମୁହିଁ

ରହିଥିଲି ହୋଇ ।

ଚାହୁଁଥିଲି ଗଢିବାକୁ ପୁଣି ଥରେ

ଭଗ୍ନ ପ୍ରାୟ ବାଲିଘର,

ଯହିଁ ବଇରି ସାଜି ଦରିଆ ଢେଉ

ଦେଉଥିଲା ଦଗା ବାରମ୍ବାର ।

ମୁଁ ଚାହୁଁ ଥିଲି କିନ୍ତୁ ଚାହୁଁ ନଥିଲୁ ତୁ

ଭୁଲ କି ଥିଲି ମୁଁ ନା ଭୁଲ୍ ଥିଲୁ ତୁ,

ଆଜି ବି ମୁଁ ପ୍ରସ୍ତୁତ ସବୁ ଦୋଷ ନେବାକୁ ମୁଣ୍ଡାଇ,

ତୁ ପାରିବୁକି ପୁଣି ଥରେ

ମୋ ସାଥିରେ ମୋ ରାସ୍ତାରେ ଆଗେଇ ।

ନା ରହିଛି ଟିକିଏ ଭରସା

ନା ବଞ୍ଚିଛି ଟିକିଏ ଆଶା,

ସମୟ କଲା ପରିସ୍ଥିତିର ଦାସ

ବନ୍ଦୀ ନେଲା କରି ବୁଣି ନାଗ ଫାସ ।

ଶତ ଚେଷ୍ଟିତ ଥିଲି

ମୁକୁଳିବାକୁ ସମୟର ଫାସୁ,

ବଳଶାଳୀ ସମୟକୁ ଜିତିବା କ'ଣ ଏତେ ସହଜ

ଯାଇଥିଲି ପୁଣି ନେଇ ବିନା ଆତ୍ମାର ଦେହ ଲଢିବାକୁ ।

ହୁଏତ ଜିତି ଯାଇଥାନ୍ତି

ତୁ ରହିଥିଲେ ସାଥିରେ,

ଭାବିକି ଅବା କି ଲାଭ

ଯାହା ଆଉ ନାହିଁ ନିଜ ଆୟତରେ ।

ଆଜି ମନେ ପଡୁ ତୁ ଭାରି

ଯେବେ ଲାଗେ ଜୀବନ ପଥରେ ମୁଁ ଏକା ଏକା,

ତଥାପି ଚାହେଁ ନି ଫେରିବାକୁ ପଛକୁ

ଯୋଉଠି ଯେମିତି ଅଛୁ ତୁ ଭଲରେ ଥା ।

ଯୋଉଠି ଯେମିତି ଅଛୁ ତୁ ଭଲରେ ଥା । ।

କଲାଡ଼ି, ଫୁଲବାଣୀ କନ୍ଧମାଳ

ଭ୍ରାମ୍ୟଭାଷ : ୯୪୩୯୫୪୨୫୨୧

 Magazine Downloaded from www.aahwaan.com

# ମିନି ମାରାଥନ୍



ସୁସ୍ମିତା ମହାପାତ୍ର

(ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ)

କେବେ କେବେ ଏଠି ଡେଙ୍ଗୁରା ବାଜେ
ସଚେତନ ହେବାପାଇଁ,
ଏଡ୍‌ସ ହେଉ ବା ଏଡ଼ିସ ଦାଉରୁ
କିପରି ରହିବା ଜୀଇଁ ।

ବିଦ୍ୟାଳୟରୁ ଯାତ୍ରା ମେଲଇ
ସହର ନଗର ସାହି
ଜନଜାଗରଣ ସନ୍ଦେଶ ଦେଇ
ମୈତ୍ରୀ ଶଙ୍ଖ ବାଇ ।

ଗଣମାଧ୍ୟମେ ଦିନା କେତେ ଚାଲେ
ପ୍ରଚାର ପ୍ରସାର ଜୋର,
ପାଖେଇ ଆସିଲେ ଏଡ଼ସ ଦିବସ
ତତ୍ପର ସରକାର ।

ମାସ ହିସାବରେ ଅବା ତାରିଖରେ
ଆସୁଥାଏ ରୋଗ ଚଳି,
ଏଡ୍‌ସ ଭୂତାଣୁ କବଳରେ ପଡ଼େ
ଡିସେମ୍ବରର ପାଳି ।

ସମ୍ପୃତ ହୁଏ ମିନି ମାରାଥନ୍
ସ୍ୱାଗତ ସମ୍ଭାଷଣେ
ଉଲ୍ଲାସ ରବେ ଦଉଡୁ ସରବେ
ଉତ୍ସବ ଅନୁରଣେ ।

ଦିବସ ଅନ୍ତେ ବିଶ୍ୱାସ ନୋହେ
ମହାମାରୀ ରୋଗ ବୋଲି
ଅର୍ଥ ଅରଜି ଜଳରେ ବରଜି
ତହାଲେ ଯାଉ ଭୁଲି ।

 Magazine Downloaded from www.aahwaan.com

ଏଇକି ବିଶ୍ୱେ ଏଡ୍‌ସ ଦିବସ
ପାଳନର ଆଭିମୁଖ୍ୟ
ଜାକଜମକରେ ପାଳିଦେଲେ ଥରେ
ସାଧିପାରିବା କି ଲକ୍ଷ୍ୟ ?

ଘୃଣ୍ୟ ନୁହଁଇ ରୋଗୀ ଆମପାଇଁ
ରୋଗକୁ କରିବା ଘୃଣା
କାରଣ ବାରଣ ଜାଣିଲେ ସଭିଏଁ
ନହୋଇବେ ଆଉ ବଣା ।

ଦିନେ ଅଧେ ନୁହେଁ ସବୁ ଦିନେ ଯଦି
ଚାଲୁ ଆମେ ଅଭିଯାନ
ସମାଜ ଦେହରୁ ଘଟିବ ରୋଗର
ସମୂହ ଉତ୍ପାଟନ ।

ସରକାରୀ ଉଚ୍ଚ ବିଦ୍ୟାଳୟ
ସେକ୍ଟର-୧୭, ରାଉରକେଲା-୩, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୫୦୩୧୩୮

 Magazine Downloaded from www.aahwaan.com

# ଶୀତ - ଅଲାଜୁକୀ ଝିଅ



ସତ୍ୟବ୍ରତ ସାହୁ

ଶୀତ ଗୋଟେ ଅଲାଜୁକୀ ଝିଅ
ମୁଁ ଯୁବକ ଜାଣି ବି
ମୋତେ ଛୁଏଁ, ଜାଣିଶୁଣି ଘଷି ହୁଏ ମୋ ଦେହେ
ସୁଯୋଗ ପାଇଲେ ମୋତେ ଆଲିଙ୍ଗନ କରିବାକୁ
ହାଇଁ ପାଇଁ ହୁଏ ଅହରହ ।
ଶୀତ ଗୋଟେ ଅଲାଜୁକୀ ଝିଅ
ଜିଦ୍ଧି କରେ ରାତିରେ ବି ଶୋଇବ ମୋ ପାଶେ
ମୋ ଧର୍ମପତ୍ନୀ ଶୋଇଥାଉ ପଛେ ।
ତା'ଠୁ ବଞ୍ଚିବା ପାଇଁ ପିନ୍ଧିଲି ସୁଏଟର, ମଫଲର୍
ଘୋଡ଼େଇ ହେଲି ରେଜେଇ
ତଥାପି ସେ ଛାଡ଼ିବାର ନୁହେଁ ।
ଟିକେ ଫାଙ୍କା ପାଇ ପଶିଗଲା ରେଜେଇ
ଭିତରେ ଆଉ ଜଡ଼ି ଧରିଲା ମୋତେ
ଛିଃ... କେଡ଼େ ଅଲାଜୁକୀ ମ ତମେ ! କହିଲି
ରାଗରେ ।
ସେ ହସିଦେଲା,
ମୋ କାନରେ ଫିସ୍ ଫିସ୍ କହିଲା...
ପ୍ରକୃତିର ସୁନାଝିଅ ମୁଁ, ମତେ ଟିକେ ବଞ୍ଚିବାକୁ ଦିଅ,
ମୁଁ ଖାଲି ତୁମର ନୁହଁ
ଶୁଭାକାଂକ୍ଷୀ ସାରା ଜଗତର,
ତିନି ଚାରିମାସ ପାଇଁ ମୋତେ ଆପଣେଇ ନିଅ ।
ମନେରଖ... ତମେ ମନାକଲେ ବି
ମୁଁ କିନ୍ତୁ ଛାଡ଼ିବାର ଝିଅ ନୁହେଁ ।
ମୁଁ ବୁଝିଲି ତା ମନକଥା / ବିବଶତା
କଲି ଆପଣାର,
ଅଲାଜୁକୀ ହେଉ ପଛେ...
ଏବେ ସିଏ ମୋ ନିଜର
ଖୁବ୍ ଆପଣାର ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର
୭୫୫୦୩୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

Magazine Downloaded from www.aahwaan.com

# ଆମେ ଦୀନ ଅରକ୍ଷିତ



ସୁରଞ୍ଜନ ପାତ୍ର

ରକତ ନିଗାଡ଼ି ଆମେ ଫଳାଉଛୁ
ତୁମ ପେଟ ପାଇଁ ଭାତ
ସେଇ ଭାତଖାଇ ତୁମେ ଲଗାଉଛ
ସଦା ଆମ ପେଟେ ଲାତ ।
ତୁମ ଖୁସି ପାଇଁ ଜୀବନକୁ ଆମ
ସଡ଼କ କରିଛୁ ଦେଇ
କେତେ ଗାଳି ଆମେ ସହିଛୁ ନିରବେ
ମୁହଁ ତ ଖୋଲିନୁ କେହି ।
ଆମରି ହାଡ଼ର ପଲଙ୍କରେ ଶୋଇ
ନିତି ଗାଅ ତୁମେ ଗୀତ
ଆମେ ଦୀନ ଅରକ୍ଷିତ ।

ଆମରି ଲୁହର ବତୁରା ମାଟିରେ
ତୁମଘର ଇଟା ଗଢ଼େ
ତୁମ ବଗିଚାରେ ଆମ ମେହନ୍ତି
ପରଜାପତି ଟି ଉଡ଼େ ।

କେବେହେଲେ ତୁମେ ଥରୁଟିଏ ଦିନେ
ବଢ଼ାଇନ ଖୁସି ହାତ
ଆମେ ଦୀନ ଅରକ୍ଷିତ... ।

ସଂପାଦକ, ନୀହାରକନ୍ୟା ସାହିତ୍ୟ ସଂସଦ
ନୁଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର, ୪୫
ଭ୍ରାମ୍ୟଭାଷ : ୯୫୮୩୯୩୬୭୫୬

 Magazine Downloaded from www.aahwaan.com

# ଦଶହରା



ଅଭିଷେକ ପାଢ଼ୀ

ଆରେ ବାପାରେ ଘରେ ବସି ବସି
ବିରକ୍ତ ଲାଗିଲାଣି, ଆଜିଟିକେ
ସଅଳ ଅଫିସରୁ ଆସନ୍ତନି
ଦଶହରାଟା ଟିକେ ବୁଲି ଆସନ୍ତି ।
ପାଟିରୁ ମୋର ବାହାରିଯାଏ
ବୁଝିଲ ବାପା ତମର ସିନା କାମ
ଧନ୍ଦା ନାହିଁ ଘରେ ବସି ରହୁଛ
ମୋର ବା ବେସରକାରୀ ସଂସ୍ଥା
ଛୁଟି କିଏ ଦେବ ? ବୁଢ଼ା ବୟସରେ
ତମର ବେଶୀ ବୁଲିବାକୁ ଇଛା
ଦେଖୁଛି କହି ରାଗି ଚାଲିଯାଏ ।
ରାତିରେ ଅଫିସରୁ ଫେରୁଥାଏ ।
ଦଶହରା ଯୋଗୁ କଟକ ସହରଟା
ପୁରା ବିଭିନ୍ନ ରଙ୍ଗରେ ସଜେଇ
ହୋଇଥାଏ । ହଠାତ୍ ଦେଖେ
ଗୋଟେ ଛୋଟ ପିଲାଟେ ବାପା
ଗାଡ଼ି ଆଗେ ଛିଡ଼ା ହୋଇ ଦଶହରା
ମଜା ନଉଛି । ଭେଳିକି ଭେଳିକି
ପ୍ରଶ୍ନ ପଚାରି ପକାଏ ବାପାକୁ ।

ତାକୁ ଦେଖି ମୋ ପିଲାବେଳକଥା
ମନେ ପଡ଼ିଯାଏ । ଗୋଟେ ଆଖିରେ
ସେ ଖୁସିଭରା ସ୍ମୃତିର ଲୁହ ତ
ଆଉ ଗୋଟେ ଆଖିରେ ସକାଳେ
ବାପାଙ୍କୁ କଟୁ ବାକ୍ୟ କହିଥିବାରୁ
ଅନୁତାପର ଲୁହ । ଅନ୍ତରାତ୍ମା
ବାରମ୍ବାର ପ୍ରଶ୍ନକରେ କଣ
ଗୋଟାଏ ବାପାପାଖେ ସବୁବେଳେ
ସମୟ ଥାଏ । ଫରକ ଏତିକି
କାଲି (ପିଲାଦିନେ) ସମୟ ଥିଲା
ଗାଡ଼ିରେ ବସେଇ ପୁଅକୁ ଦଶହରା
ବୁଲେଇବାକୁ ଆଉ ଆଜି ସମୟ
ଅଛି ଘରେ ବସିରହି ସେହି
ଦଶହରା ଟିକେ ଦେଖିବାକୁ ପୁଅ
ଫେରିବା ବାଟକୁ ଚାହିଁ ରହିବାକୁ ।
ସତରେ କଣ ଆମଭଳି ପୁଅଙ୍କ
ପାଇଁ ସମୟ ମୁହଁ ମୋଡ଼ି ଦେଇଛି ।

 Magazine Downloaded from www.aahwaan.com

# ଶହୀଦ



ପ୍ରକାଶ ଚନ୍ଦ୍ର ପଣ୍ଡା

ରକ୍ତରଞ୍ଜିତ ମାତୃଭୂମି ଏଠି
ଶହୀଦର ରକତରେ
ଦେଶମାତୃକାର ସେବାପାଇଁ ସେ
ଲୋଟିପଡ଼େ ଏ ଭୂଇଁରେ ।
ଏ ଦେଶର ନାରୀ ଦିଏ ଏଠି ବଳି
କପାଳୁ ପୋଛି ସିନ୍ଦୁର
ବୁଢ଼ାବାପା କହେ ଶହୀଦ ମୋ ପୁଅ
ଛାତିକୁ କରି ପଥର ।
ବୁଢ଼ୀମା ହରାଏ ଏକୋଇର ବଳା
ଆଖିରୁ ଗଡ଼ାଏ ଲୁହ
କେବେ ଫେରିବ ମୋ ଅନ୍ଧର ଲଉଡ଼ି
ଦିଶିଯାଏ ତା'ର ମୁହଁ ।
କୁନିଝିଅ ତା'ର କାଠକଣ୍ଢେଇକୁ
ଗେଲ କରି କହେ ପୁଅ
ମୋ ବାପା ଫେରିଲେ ତୋ ପାଇଁ ଆଣିବେ
ସାଥି କଣ୍ଢେଇଟେ ରହ ।

ଧନ୍ୟରେ ବୀର କୋଟି ଜନତାର
ତ୍ରାଣକର୍ତ୍ତା ସାଜି ଲଢୁ
କମାଣମୁନରେ ନିପାତୁ କାହାକୁ
କେତେବେଳେ ନିଜେ ଗଡୁ ।
ରକ୍ତଭିଜା ତା'ର ଶରୀରଟା ଆଜି
ଭୂଇଁରେ ପଡ଼ିଛି ଲୋଟି
ଦେଶ ମାତୃକାର କୋଳରେ ଶୋଇଛି
ସତେକି ଯାଇଛି ଥକି ।
ସଲାମ କରୁଛି ଏ ଅଧମ ତୋତେ
ଅମର ରୁହ ହେ ବୀର
ବୁଣିଦିଅ ଶାନ୍ତି ମୈତ୍ରୀର ଫଗୁ
ଲିଭାଇ ରକତ ଗାର ।

କଲ୍ୟାଣପୁର, ଭୂଇଁପୁର, ଯାଜପୁର
ପାଣିକୋଇଲି, ଓଡ଼ିଶା

 Magazine Downloaded from www.aahwaan.com

# ମନ ଦର୍ପଣ



ରୁଖସାର୍ ବେଗମ୍

ଆଣି ଦିଅ ଗୋ ହସ୍ତକୁ ମୋ ମନ ଦରପଣ,

କବି ହୋଇ ବି ନ ହେବି କେବେ ଭାବପ୍ରବଣ ।

ଦରପଣରେ ପ୍ରତିଫଳିବ ଯେଉଁ ସୌନ୍ଦର୍ଯ୍ୟ,

ସେହି ସୌନ୍ଦର୍ଯ୍ୟ ରେ ରଙ୍ଗେଇବି ସ୍ୱଚ୍ଛ ସୁରୁଜ ।

ତା ରଙ୍ଗର ତରଙ୍ଗ ଦରଶି ପୃଥିବୀ ବାସୀ,

ଉଦ୍ୟମେ ଜାଣିବେ ଏହା ସନ୍ଧାନରେ ଆସି ।

ଏହା ତ ହସ୍ତରେ ଥିବା ସେହି ମନ ସୌନ୍ଦର୍ଯ୍ୟ,

ସମ୍ଭବ ଥିଲା ଏ କେବେ,ଯେବେ ଥିଲେ ସେ ଆର୍ଯ୍ୟ୍ !

ଏହି ଭାରତୀୟ ବୀଜ ଗୋ ଅଟଇ ତ ମୁହିଁ,

ପୂର୍ବ ପିତା ଗୁଣ ତ ଟିକିଏ ଦବ ହିଁ ଛୁଇଁ ।

ମନଦରପଣ ପାଇଅଛି ମୋ ଦାତା ଠାରୁ,

ଯାହା ସୌନ୍ଦର୍ଯ୍ୟ ତୁଳନା ନାହିଁ ଏ ସଂସାରରୁ ।

 Magazine Downloaded from www.aahwaan.com

# ବଢ଼ିଲା ଝିଅର ବାପା



ବିକେଶ ସାହୁ

କି ଦିନ କି ରାତି

ସବୁ କିଛି ତ ତା' ପାଇଁ ସମାନ

ଖାଲି ଫରକ୍ ଯାହା

ଆଲୁଅ ଆଉ ଅନ୍ଧାରର

ଗୁଡାଏ ଚଳ ଚଞ୍ଚଳତା ଆଉ ନିସ୍ତବ୍ଧତାର

ହେଲେ ସେ

ଯେମିତି ଥିଲା ଦିନରେ

ରାତିରେ ବି ଠିକ୍ ସେମିତି

ମସଗୁଲ୍ କୋଉ ଗୋଟେ ଅଜଣା ଚିନ୍ତାରେ

ସମୟ ପୃଷ୍ଠାରେ ଆୟୁଷର ଗାର ଟାଣି

ହିସାବ କରେ

ଅଳି ଅଳି ମନ୍ଦାରର ବୟସ

ଦାଣ୍ଡ ପିଣ୍ଡା ମାଟି କାନ୍ଥରେ ।

ନା' ସେ କେବେ ଧରିଛି ସିଲଟ୍ ନା' କେବେ ଛୁଇଁଛି ଖଡି

ନା' ସେ ଜାଣିଛି ମିଶାଣ , ଫେଡାଣ ,ଗୁଣନ , ହରଣ

ତଥାପି ସେ ଠିକ୍ ଠିକ୍ ହିସାବ କରିନିଏ

 Magazine Downloaded from www.aahwaan.com

ପୁଣି ଘଡିଏ ବସିରୁହେ
ଆଉ ନିସ୍ତେଜ ଆଖିରେ ଦେଖେ ଗୋଟେ ଅସୁମାରି ସ୍ୱପ୍ନ
ପରିଣୟ ବୟସରେ ପରିଣତ ଅଳିଅଳି ମନ୍ଦାରକୁ
ହାତେରୁ ଦି' ହାତ କରିବାର
ଭଲ ଘର ଭଲ ବାରଟିଏ ଖୋଜିବାର
ପୁଣି ଗୋଟେ ହସ ଖୁସିର ସଂସାର ବସେଇ ଦେବାର
ମେଞ୍ଚାଏ ଆଶା ଆଉ ଉଦ୍ଦୀପନାରେ ।

ଆଉ କେବେ ଥରି ଉଠେ ତାର ହାଡୁଆ ଦେହ
କୋଉ ଏକ ଅଜଣା ଭୟରେ
ହେଲେ କାହାକୁ କୁହେନି ସେ
ସବୁ କିଛିକୁ ଚାପି ଦିଏ ହୃଦୟର କୋଉ ଗୋଟେ କୋଣରେ
ସବୁ ସାହସ ଆଉ ଦମ୍ଭକୁ ଏକାଠି କରି
ତଥାପି ହୃଦୟଟା କାଇଁ ବଳ ପାଏନି
ସବୁ କିଛି ବୋଧେ ଫିକା ପଡିଯାଏ
ଗୋଟେ ବଢିଲା ଝିଅ ଥିବା
ବାପାର ହୃଦୟ ଆଗରେ ।

ଭୁଷଲାଡ଼, ସିନ୍ଦେକେଲା, ବଲାଙ୍ଗୀର
ମୋ – ୭୭୫୨୦୬୬୨୧୭

 Magazine Downloaded from www.aahwaan.com

# ଜଳସଂକଟ ଏକ ଆହ୍ୱାନ



ପ୍ରଦ୍ୟୁତ କୁମାର ମହାକୁଡ଼

ସର୍ବତ୍ର ଖୋଜନ୍ତି ଜଳକୁ ସଭିଏଁ
ଜଳହିଁ ଅଟେ ଜୀବନ
ଜଳ ସଙ୍କଟ ଯେ ବିଜ୍ଞାନୀଙ୍କ ପାଇଁ
ସବୁଠୁ ବଡ଼ ଆହ୍ୱାନ ।୧
ନିଦାଘ କାଳରେ ବିପତ୍ତି ପଡ଼ଇ
ଉତ୍କଟ ଏ ଜଳାଭାବ
ଦୂଷିତ ଜଳର ଅପ ବ୍ୟବହାର
ସମାଜ ପାଇଁ ଅଶୁଭ ।୨ ।
ବର୍ଷା ଋତୁ ବେଳେ ହୁଏ ବାରିମୟ
ପୃଥିବୀ ଜଳ ବହୁଳ
ସେଇ ଜଳ ଯଦି ସଂରକ୍ଷିତ ହୁଏ
ଆସିଯିବ ଶୁଭ ବେଳ ।୩ ।
ସମୁଦ୍ର ଜଳରୁ ମଧୁର ଜଳକୁ
ଲବଣ ଅପ ସାରଣ
ବାୟୁରୁ କରିବା ପାନୀୟ ତିଆରି
କଲେ ରକ୍ଷଣା ବେକ୍ଷଣ ।୪ ।

ସରକାରୀ ଅବା ସ୍ୱେଚ୍ଛାସେବୀ ସଂସ୍ଥା
ଉତ୍ସାହରେ ଦେଲେ ମନ
ସଠିକ ଉପାୟ ପୁନଃ ଚକ୍ରଣ ରେ
କଲେ ଜ ସଚେତନ ।୫ ।
ତ୍ରାହି ପାଇବା ଏ ଦାରୁଣ ସଙ୍କଟୁ
ହେଲେ ଆମେ ସାବଧାନ
ସୁନ୍ଦର ବସୁଧା ଆନନ୍ଦେ ହସିବ
ଉଲ୍ଲସିତ ହେବ ମନ ।୬ ।
ଭାଇ ଓ ଭଉଣୀ ମଉସା ମାଉସୀ
ହୋଇ ଆମେ ଆଗଭର
ଅମୂଲ୍ୟ ସମ୍ପଦ ଅଟେ ଏହି ନୀର
କର ତାର ସୁବ୍ୟବହାର ।୭ ।

ପଞ୍ଚାୟତ ଉଚ୍ଚବିଦ୍ୟାଳୟ
ଇଚ୍ଛା ବଟୀପୁର,ଢେଙ୍କାନାଳ
ମୋ ୯୮୬୧୬୮୫୫୫୪

 Magazine Downloaded from www.aahwaan.com

# ଜଙ୍ଗଲି ଫୁଲ



ପରମିତା ମିଶ୍ର

ଆଜିବି କାହିଁକି ସନ୍ଧ୍ୟା ହେଲେ ମହୁଲି ମହୁଲି ବାସେ,

ଶୀତୁଆ ସକାଳେ ଝରକା ଖୋଲିଲେ

କାହିଁ ଦୁରୁ ପୁଣି ସେଇ ମଲ୍ଲୀ ଫୁଲ ବାସ ଆସେ ।

କେତେ ଯେ ବରଷା, କେତେ ଯେ ବସନ୍ତ

ତା ସାଥେ ଗଲାଣି ବିତି,

ବୟସ ର ପକ୍ଷୀ ଡେଣା ଝାଡି ତାର କେବେଠୁ ଗଲାଣି ଉଡି ।

କେଜାଣି କାହିଁକି ତଥାପି ଲାଗୁଛି,

ଜଙ୍ଗଲି ଫୁଲ ମୋ ଆଜି ବୋଧେ ମୋ ବାଟକୁ ଥିବ ଜଗି ।

କେତେ ବିବଶ ମୁଁ ସଖି ଦେଖନା,

ଓଠର କୋହ, ଆଖିର ଲୁହ

ଏ ମନରେ ତୋ ସ୍ମୃତିଚାର କୁ ବି

ବାହାରକୁ କାଢ଼ିବାକୁ ସାହାସ ହୁଏନା ।

କିନ୍ତୁ

ସ୍ମୃତିର ସେଇ ସୌଧରେ ବି ଘର ଟିଏ ତୋଳିଛି,

ସେ ଘରେ ଅଛି

ଶେଷରେ ବିତାଇ ଥିବା ତୋ ଦେହର ବାସ୍ନା,

 Magazine Downloaded from www.aahwaan.com

ତୋ ଅଧର କୁ ପୁଣି ଥରେ ଛୁଇଁ ବାକୁ ଚାହୁଁଥିବା ମୋର ତୃଷା,

ତୋ ଗଭା ରୁ ଝରି ଯାଇ ଥିବା ମଲ୍ଲୀ ଫୁଲ ର ଅସ୍ଥି,

ତୋ ପାଇଁ କିଣିଥିବା ସେଇ ନାଲି ସଙ୍ଖା, ସିନ୍ଦୂର ର ସମାଧି ।

ଆଜି ବି କେତେ ସତେଜ ସେ ଫୁଲ,

ମତେ ସଫା ଦେଖା ଯାଏ ଲାଜ ରେ ଲାଲ ପଡିଥିବା ତୋ ଗାଲ ।

ଜାଣିଛି, ମୁଁ ତା ଆଖିରୁ ଝରୁଥିବା ଅଶ୍ରୁ ର କାରଣ

ହତାଶ, କେତେ ନିର୍ଲଜ୍ଜ ମୁଁ

ଆଜି ବି ଝୁରି ହୁଏ, ତତେ ଟିକେ ଦେଖିବାକୁ ମନ ।

ମୋ ଜୀବନେ ଆସିବ କି ଆଉ ସେଇ ଫଗୁଣ ର ଖେଳ,

ଆଶା ଖାଲି

ମୋ ସମାଧି ରେ ନୀତି ପଡୁଥାଉ

ମୋର ପ୍ରିୟ ଜଙ୍ଗଲୀ ଫୁଲ ।

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

 Magazine Downloaded from www.aahwaan.com

# ଶୀତ



ଶ୍ରୀଧର ପଟ୍ଟନାୟକ

ଶୀତ ଚେଇଁଥାଏଁ
ରେଜେଇ ମୁହଁରେ,
କାଠ ନିଆଁରେ, ଉଷୁମ ଚା' ରେ ;
ବାହାରିଆସ ଦେଖିବ,
ଶୀତ କେମିତି ମୁହଁ ଲୁଚେଇ ଦୌଡୁଛି,
ଲାଜେଇ ଗଲାଣି ଶୀତ,
ପଣତ ସଜାଡୁ ସଜାଡୁ ତେଣେ
ଅରୁଣ ଦିଶିଲାଣି ତ ଖୋଜୁଛି
କୋଉଠି ମୁହଁ ଜାକି ଆଶ୍ରୟ ନେବ,
ସଂଧ୍ୟା ଦୀପ ଉଠିବା ପର୍ଯ୍ୟନ୍ତ !

ଅପ୍ରାପ୍ତି ଜନିତ ନିରାଶାର କୁହୁଡି
ଚାରିଆଡୁ ମାଡିପଡୁଛି,
ଶୀତ ତ ଶୀତ ନୁହେଁ କୋଉଠି
ଆଳସ୍ୟ ବି ଭୂତ ହୋଇ ମୁଣ୍ଡରେ ବସିଛି ;
ଆଶାର କିରଣ ଦେଖ, ପୂବେଇ ଆକାଶରେ
ଦେଖୁ ଦେଖୁ ବିଞ୍ଚି ହେଲାଣି ;
ନୂଆ ସୂର୍ଯ୍ୟ ଖବର ଆଣିଛି ,
ଦିଗବଳୟ ସେ ପାଖୁ ପଠେଇଛି ଡଙ୍ଗର ଦେବତା

ଏ ନିରାଶାକୁ ଭେଦିବାକୁ ହେବ,
ନୂଆ ସ୍ୱପ୍ନ ନ ଦେଖିଲେ ଜୀବନ କାହିଁ,
ସ୍ୱପ୍ନ ପାଇଁ ପୂରା ରାତି ନିଅଣ୍ଟ,
ସାଧନା ପାଇଁ ସାରା ଜୀବନ ବି ନିଅଣ୍ଟ,
ଏଣୁ ଉଠିବାକୁ ହେବ ଇଁ ହେବ !

ଏ ଶୀତରୁ ରକ୍ଷା କାହିଁ,
କାଠ ଜଳେଇ ନିଜକୁ ଜଳେଇ
ସୁଝିବାକୁ ହେବ ମାଟିର ଋଣ ,
ଋଣରୁ ମୁକ୍ତି କ'ଣ ଏତେ ସହଜ;
ତଥାପି ଲଢିବାକୁ ହେବ,
ନିଜେ ନିଶ୍ଚିହ୍ନ ହେବା ପର୍ଯ୍ୟନ୍ତ !

କଲ୍ୟାଣସିଂହପୁର, ରାୟଗଡ
୯୧୭୮୭୪୪୨୫୦

 Magazine Downloaded from www.aahwaan.com

# ସମୟ ବି ଧୋକାଦିଏ



ରୋଜା ପଣ୍ଡା

ସମୟ ବି ଧୋକାଦିଏ ଖୁବ ସହଜରେ ବେଳେବେଳେ

କେବେ ଦିଏ ପ୍ରେମିକା ରୂପରେ ତ କେବେ ଦେଖାଦିଏ ପ୍ରତାରକର ଆଖିରେ

ଆସେ ସିଏ ରୋଷଣୀ କରି,ଫେରେ କିନ୍ତୁ ନିରୋଳାରେ

ସମୟ ବି ଧୋକାଦିଏ ଖୁବ ସହଜରେ ବେଳେବେଳେ ।।

କେବେ ଆସେ ଦରକାର ପୂର୍ବରୁ,ଢାଳିଦିଏ ଅଜସ୍ର ଆଲୋଡନ

ପୁଣି କେବେ ଖୋଜିଲେ ମିଳେନି,ଚାରିଆଡେ ଖାଲି ମହାଶୂନ୍ୟ

ଥରେ ହାତଛଡା ହେଲେ ତାକୁ ଖୋଜିବାକୁ ପଡେ ବିକଳରେ

ସମୟ ବି ଧୋକାଦିଏ ଖୁବ ସହଜରେ ବେଳେବେଳେ ।।

କେବେ ଆୟୁଷ ପୂର୍ବରୁ ଆସିଯାଏ ମୃତ୍ୟୁ ସାଜି ଡେଙ୍ଗୁରା ବଜେଇ

କେବେ ସମୟ ସରେନା ଆୟୁଷର,କଷ୍ଟ ଦିଏ ବୃଦ୍ଧା ସଜେଇ

ବସ୍ତ୍ର ତ୍ୟାଗୀ ବୁଲୁଥାଏ ଏମିତି ସେ ଫୁଙ୍ଗୁଳାରେ

ସମୟ ବି ଧୋକାଦିଏ ଖୁବ ସହଜରେ ବେଳେବେଳେ ।।

କାଙ୍ଗାଳକୁ କେବେ ଦିଏ ଅହିମୟୀ ଭୋଗିବାକୁ ସ୍ୱହସ୍ତ ବଢ଼ାଇ

କୁବେରର ପରମ ଭକ୍ତଠୁ ମଧ୍ୟ କେବେ ନିଏ ସର୍ବସ୍ୱ ଛଡାଇ

ସଞ୍ଜେ ହାତ ଛାଡିଦିଏ ଧରି ସିଏ ସକାଳରେ

 Magazine Downloaded from www.aahwaan.com

ସମୟ ବି ଧୋକାଦିଏ ଖୁବ ସହଜରେ ବେଳେବେଳେ ।।

ଗଡୁଥାଏ କେବେ ପଥର ଖଣ୍ଡଟି ନଦୀର ତୁଠରେ

ସମୟର ତାଳେ କେବେ ପୂଜାପାଏ ତାହା ମନ୍ଦିର ବେଢ଼ାରେ

ନଫୁଟିବା ଫୁଲ କଢି କେବେ ପୁଣି ଝଡିଯାଏ ଅକାଳରେ

ସମୟ ବି ଧୋକାଦିଏ ଖୁବ ସହଜରେ ବେଳେବେଳେ ।।

ହସୁଥିବା ଆଖି କେବେ ଲୁହ ଢାଳେ ଗଭୀର ଦୁଃଖରେ

ସଦା ଦୁଃଖୀ ଗର୍ବ କରେ କାଣିଚାଏ ଖୁସିକୁ ପାଇଲେ

କପଟିର ଜ୍ୱାଳା କେବେ ରହିଯାଏ ଚିରକାଳ ହୃଦୟରେ

ସମୟ ବି ଧୋକାଦିଏ ଖୁବ ସହଜରେ ବେଳେବେଳେ ।।

ପୂର୍ଣ୍ଣାନନ୍ଦ ଭବନ

ନେତାଜୀ ନଗର,ମଧୁପାଟଣା

କଟକ-୭୫୩୦୧୦

# ସରଗଟା କେତେ ସୁନ୍ଦର



ତନୁଶ୍ରୀ ଅନିନ୍ଦିତା
ପଟ୍ଟନାୟକ

ସରଗଟା କେତେ ସୁନ୍ଦର ଲୋ ସଜନୀ
ସରଗଟା କେତେ ସୁନ୍ଦର
ସୂର୍ଯ୍ୟ ଚନ୍ଦ୍ର ତାରା ଦେଖା ଯେ ଦିଅନ୍ତି
ଦିବା ରଜନୀ ଜମା ସେ ନ ଛାଡ଼ନ୍ତି
ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ରତାରା
ଅନ୍ଧକାରରୁ କରନ୍ତି ଆଲୋକିତ
ସଭିଁଙ୍କ ମନେ ଭରନ୍ତି ଖୁସି
ପରାଲୋ ସଜନୀ
ସଭିଙ୍କ ମନେ ଭରନ୍ତି ଖୁସି
ସୂର୍ଯ୍ୟଙ୍କ ତେଜ ଅତି ପ୍ରଖର
ଦେଖାଯାଏ ଆକାଶ ପୃଥିବୀ
ଶୁଭ୍ର ସବୁଜ ରଙ୍ଗର
ଚନ୍ଦ୍ରତାରା ଉଅଁନ୍ତି ଆକାଶେ ସଂଧ୍ୟାରେ
ଚିକିମିକି ହୁଏ ସଂସାରଟା
ସାରା ଆଲୋକରେ ।

 Magazine Downloaded from www.aahwaan.com

# କ'ଣ ଚାହଁ ?



ଜୟନ୍ତ କୁମାର ସାହୁ

ସମୟର ଢେଉ ସାଥେ
ଅତୀତର ଧାରା ଦେଖି
ବର୍ତ୍ତମାନକୁ ସାଙ୍ଗେ ନେଇ
ଥରେ ପଚାର ସମୟକୁ
କ'ଣ ଚାହଁ !
ଆତ୍ମ ବିଶ୍ୱାସ ହରାଇବା
ନା ନିଜର ପରିହାସ କରିବା
ବିଶ୍ୱାସଘାତୀ ହୃଦୟକୁ କୁହ
ଥରେ ପଚାର ତା'କୁ
କ'ଣ ଚାହଁ ।
ଦେଇ ମଣିଷର ପରିଚୟ
ନା ଭିତର ବାଟୋଇ
କାହାକୁ ପ୍ରଶ୍ନ କ'ଣ
ପଚାର ସେଇ ସ୍ପନ୍ଦନକୁ
କ'ଣ ଚାହଁ ।
ଦୀପପରି ଆଲୋକର ଧାରା
ନା ଶ୍ମଶାନର ପାଉଁଶ
କାହାକୁ ଆଲୋକିତ କରିବ
ନା ଆଲୋକରେ ହଜିଯିବ
ପଚାର ସେ ଶରୀରକୁ
କ'ଣ ଚାହଁ ।
ଝୁଣ୍ଟିବା ଯଦି ମୋର ଭୂଲ
କାନ୍ଦିବା ଯଦି ମୋର ଭୁଲ
ପଚାର ସେଇ ଲୁହକୁ
କାହାପାଇଁ ଝରୁଛି ଆଉ ପଚାର
କ'ଣ ଚାହଁ ।
ଆଉଥରେ ପଚାର ନିଜକୁ
ମୁଁ ବି ମଣିଷ
ପଥର ପରି କିପରି ପାଲଟିଯିବି ।
କେମିତି ପଚାରିବି
କିଏ ଦବ ଏଇ ପ୍ରଶ୍ନର ଉତ୍ତର ।
କ'ଣ ଚାହେଁ ଆଜି ।

 Magazine Downloaded from www.aahwaan.com

# ତୁମ ବିନା



ସାଗର ନାୟକ

ତୁମବିନା ଯେଉଁ ଯନ୍ତ୍ରଣା ମୁଁ ପାଏ...

ତୁମେ କୁହ ବୁଝିକି ପାରିବ କେବେ..

ଆଖିରେ ମୋର ନିରବ ଅନୁରୋଧ...

ରୁଦ୍ଧ ବେଦନାର ଜଳ ହୋଇ ଝରିଯାଏ...

ମନରେ ଅନେକ ଭାବନାର ଜୁଆର....

ପାଟି ପାଖରେ କଥା ଥାଏ.. ହେଲେ ଓଠକୁ କଥା ଆସେ ନାହିଁ...

ଆଖି କିନ୍ତୁ କହି ଚାଲିଥାଏ... ଅନେକ କଥା...

ମନଟା କ୍ଲାନ୍ତ ହୋଇପଡେ...

ଅସ୍ୱସ୍ତିକର ମନେ କରେ ତୁମ ଅନୁପସ୍ଥିତିରେ..

ଅସ୍ଥିର ମନକୁ କେବଳ ସାନ୍ତ୍ୱନା ଦେଇ ଚାଲେ.. ଘଡିକୁ ଘଡି...

ପାଖରେ ଥିଲେ ତୁମେ ସବୁ କ୍ଲାନ୍ତି ଦୁର ହୋଇଯାଏ...

ମନଟା ଆନନ୍ଦରେ ଫୁଲିଉଠେ...

ହାତ ବଢାଇଲେ ତୁମକୁ ଛୁଇଁ ପାରିବି..

ହେଲେ ଆମ ଦୁହିଙ୍କ ଭିତରେ ଅଜସ୍ର ବ୍ୟବଧାନ...

ଏଇ ବ୍ୟବଧାନ କେବେ କମିବକି ନାହିଁ ମଧ୍ୟ ଜଣା ନାହିଁ ମତେ...

ଅବଶିଷ୍ଟ ଜୀବନ ପାଇଁ କେବଳ ଅଶେଷ ଶକ୍ତି ସଞ୍ଚୟ କରୁଛି....

ତୁମବିନା ବଞ୍ଚିବାପାଇଁ ବଞ୍ଚିବାର ବାହାନା କରୁଛି..

ଭ୍ରାମ୍ୟଭାଷ : +୯ ୬୮୯୦୮୩୧୮୪

ଇମେଲ୍ : Sagarnayaksagu143@gmail.com

ରିୟାଦ୍, ସାଉଦୀ ଆରବ ଅମିରାତ୍

Magazine Downloaded from www.aahwaan.com

# ଜୀବନ



କାର୍ତ୍ତିକ ପାଣିଗ୍ରାହୀ

ଜୀବନ...

ତୁମେ ମନଭରି ଜୀଇଁବାର ଅଦମ୍ୟ ନିଶାଟିଏ

ଜୀବନ...

ତୁମେ ଖୁବ୍ ନିକଟରୁ ଛୁଇଁବାର ପ୍ରବଳ ଇଚ୍ଛାଟିଏ

ଜୀବନ...

ତୁମେ ଜୀବନଜଞ୍ଜାଳର ନିଚ୍ଛକ ବ୍ୟଥାଟିଏ

ଜୀବନ...

ତୁମେ ଜୀବନ ସଂରଚନାର କଥାଟିଏ

ଜୀବନ...

ତୁମେ ଶୀତରାତିର ଗୀତଟିଏ

ଜୀବନ...

ତୁମେ ଅନାବନା ବାଟର ମିତଟିଏ

ଜୀବନ...

ତୁମେ ଆଲୋକର ସୂକ୍ଷ୍ମ ବିନ୍ଦୁଟିଏ

ଜୀବନ...

ତୁମେ ଆଶା ବୈତରଣୀର ସିନ୍ଧୁଟିଏ

ଜୀବନ...

ତୁମେ ସୁଖର ସୁନ୍ଦର ଆଳାପଟିଏ

ଜୀବନ...

ତୁମେ କାରୁଣ୍ୟ ହୃଦୟର ବିଳାପଟିଏ

ଜୀବନ...

ତୁମେ ଭୋକିଲାପେଟର ଲୁହଟିଏ

ଜୀବନ...

ତୁମେ ବିଦଗ୍ଧ ମନର କୋହଟିଏ

ଜୀବନ...

ତୁମେ ପ୍ରେମର ଫଲ୍ଗୁ ଧାରାଟିଏ

ଜୀବନ...

ତୁମେ ପ୍ରତାରଣାର ସିକ୍ତ ହାରଟିଏ

ଜୀବନ...

ତୁମେ ଜୀବନର ଶେଷ ରାତିଟିଏ

ଜୀବନ...

ତୁମେ ଅନ୍ତିମ ଯାତ୍ରାର ଅଦେଖା ସାଥୀଟିଏ

ବ୍ରହ୍ମପୁର

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

 Magazine Downloaded from www.aahwaan.com

# ମଡ଼େନ୍ ବୁହାରି



ଆର୍ତ୍ତତ୍ରାଣ ଖୁର୍ଡ଼ିଆ

ଭାଇବହର୍ ବିକନି ପିଂଧା ଫଟୁକେ
ଡେଢଶୁର୍ ଲେଖୁଛେ ନାଇସ୍ ,
ଲେମ୍ବୁ ପାନି ଆରୁ ନି ପିଇବାର୍ ନ
ପିଉଅଛନ୍ ଖାଲି ସ୍ଲାଇସ୍ ।
ଶାଢି ପିନ୍ଧିଲେ ଭାଇ ଲାଜ୍ ଲାଗୁଛେ
ପିନ୍ଧୁଛନ୍ ଜିନ୍ସ୍ ସାଲୱାର୍ ,
ମାଁ ଘର୍ ଗଲେ କେତେକାମ କରବେ
ଶାଶଘରେ ସବୁ ପାୱାର୍ ।
ଭାଇକେ ଦେଖଲେ କେଡେ ଗହଗହ
ଦିଅର ଟା ଲାଗସି ପିତା,
ବଏଫ୍ରେଣ୍ଡ ସାଙ୍ଗେ କେତେ ଭାବ୍ ରଙ୍ଗ୍
ବୋରିଙ୍ଗ ଲାଗସି ଘଏତା ।

ବହନି ଆଏଲେ ବନେ ରକମର୍
ନିଜେ ଘିନି ଯିବେ ଶାଢି,
ନନ୍ଦକେ ଦେଖଲେ ଏବର ବହୁକର୍
ବିପି ଟା ଯାଏସି ବଢି ।
ଶାଶ୍ ଶଶୁର୍ କଥା କିଏ ପଚାରୁଛେ
ଟିଭିଥି ଅଛେ ତ ମନ୍ ,
କେନତା ଶାଢି ଆରୁ କେନତା ମେକପେ
ଅଏନ୍ ଦିଶବା ତନ୍ ।
ସବୁ ଦିନେ ଭାଇ ଉଠଲା ବେଲକେ
ଦଶଟେ ଯାଏସି ବାଜି,
ବିଚରି ଶାଶୁଟା ପହ ପହନୁ ଉଠି
କାମେ ହେଉଥିସି ଭାଜି ।

 Magazine Downloaded from www.aahwaan.com

ଗୁଟେଦିନ୍ ଭାଇ ଗୁସିଆଁ

ପୂଜବେ

ଆରୁ ସବୁଦିନେ ଗାଲି,

କେତେ ପ୍ୟାର୍  ସତେ ଉଛୁଲିସି ଜେ

ଗୁଡ ଧୁଇ ଦେବେ ଥାଲି ।

କେଭେ କେନତା ଯଦି ଫୁନ୍ କଲା

ଜିନିଷ୍ ନି ଦେଇଛ ଆନି,

ଆଏଲେ ଦେଖବ କେତେ ମୁହୁଁ ଫୁଲା

ସଥେ ସେ କରମସାନି ।

ଚିକେନ୍ ମଟନ୍ ରେ କେତନି ଟେ ମନ

ପୂଜା, ପରବରେ ନାଇଁ,

ମଗସିର୍ ମାସେ ଏତେ ପହପହନୁ

କିଏ ଉଠିପାରେ ଭାଇ ।

ଖରସି ଛିଁଇଲେ ଗଂଧାଉଥିସି ହାତ୍

ମେକପ୍ ଲାଗସି ବାସନା,

ଜିଁଇତା ଠାକୁର୍ ଶାଶ ଶଶୁର୍ ତାହାକୁ

ଲାଗସି ବଢେଟେ ଅସନା ।

ବୀରମହାରାଜପୁର, ସୁବର୍ଣ୍ଣପୁର, ଓଡ଼ିଶା

Magazine Downloaded from www.aahwaan.com

# କେତେ କଥା କହେସି



ରାମ କଲତା

ପାଠ୍‌ପଢ଼ି ପିଲା ହେଲେ ବେକାରୀ
ନାଇଦେଲା ଯେ ଚାକିରିବାକିରି
ଦେମି ଦେମି ବୋଲି ଟକେଇ ରଖିଛେ
ସବୁ କଥାକେ ଠକ୍‌ସି...
ଆଉ ଇ ସରକାର୍ କେତେ କଥା କହେସି ।

ଯିବୁବେଳେ ତୁଇ ଡାକ୍ତରଖାନା
ବେମାରୀ ହେସନ୍ ଅନାବନା
କେନ୍‌ସି ନେ ତ ଡାକ୍‌ତର ନି'ନ
ଫେର୍ ନୂଆଁ ମେଡ଼ିକାଲ୍ ଖୁଲ୍‌ସି...
ଆଉ ଇ ସରକାର୍ କେତେ କଥା କହେସି ।

ଚାଷର୍ କଥା ନି କହେଲେ ହେବା
ଚାଷ୍ ଉଜ୍‌ଡ଼ିଲେ ଚାଷୀ ମର୍‌ବା
ନୀଇ ବୁଝନ୍ କିଏ ତା'ର୍ କଥା
ଜୀବନ୍‌ବୀମା ନାକେ ଥିସି...
ଆଉ ଇ ସରକାର୍ କେତେ କଥା କହେସି ।

କେନ୍ କଥାଥି ପ୍ରତିବାଦ କଲେ
ସବୁ ଦୋଷ୍ ତ ପଦମ୍ ଫୁଲେ
ଅମ୍‌କା ଦେମି ଢିମକା ଦେମି
ଶଂଖେ କେତେ ଡିଙ୍‌ଗ୍‌ରା ପିଟ୍‌ସି...
ଆଉ ଇ ସରକାର୍ କେତେ କଥା କହେସି ।

 Magazine Downloaded from www.aahwaan.com

# ଛାଡ଼ଖାଇ



କଲ୍ୟାଣୀ ନନ୍ଦ

ମୁନୁଷ ହେଉଛନ୍ କେତେ ଉସତ୍,
ମନାବେ ବଲି ଛାଡ଼ଖାଇ,
ମାସକର୍ ହବିଷ ତ ଗଲାନ ସରି,
ସବୁ ପୁଏନ୍ ତ ଦେଲେନ କମେଇ ।

ମାଁ ଛେଲିଟା ଛୁଆକେ ତାର୍ କୁଲେ ବସେଇ
କେତେ ଲାଡ଼୍ ଗେଲ କରସି,
ତାର୍ ଲାଡ଼ଗେଲ ଦେଖିକରି
ଛୁଆଟା ତାର୍ ମାଁକେ ଦେଖସି ହକବକେଇ ।

ମାଁ ଛେଲିର୍ ଆଁଖିନୁଁ ଲୁହୁ କେତେ ଡଗମଗାସି
ହେଲେ ମାଁଟା କାନ୍ଦି ନାଇଁ ପାରସି,
ଛୁଆକେ ତାର୍ କାଁ ବଲି ଯେ କହେସି
ଜୀବନ୍‌ଟା ଯେ ତାର୍ ଅଛେ ରାଏତ୍ କର୍ ଲାଗି ।

ବୁଢ଼ାରଜା, ସମ୍ବଲପୁର, ଓଡ଼ିଶା

 Magazine Downloaded from www.aahwaan.com

# କଲେଜ୍ ପାଠ୍



କ୍ଷମାନିଧି ସାହୁ

ଇସ୍କୁଲ୍ ଠାନୁ କଲେଜ୍ ପାଠ୍
ବଢେ କଡା ହେସି,
ଆର୍ଟ୍ସ,ସାଇନ୍ସ,କମର୍ସ୍ ଟା
ମୁଡକେ ଘାଟି ନେସି ।

ଏଭର୍ ପିଲା କଲେଜକେ ପରେ
ବନେଇଛନ୍ ଧରମ୍ ଶାଳା,
ପ୍ରିନ୍ସିପାଲକେ ଖାତିର୍ ନାଇନ
ପୂରା ଖୁଲୁଙ୍ଖୁଲା ।

ପୁଓ ପାଠ୍ ପଢୁଛେ ବଲି
ବୁଆ ଦେଖୁଛେ ସପନ୍,
ଇଆଡେ ପୁଓ ବେକାର୍ ହେଇ
ବୁଡେଇ ଦେଲାନ ଜୀବନ୍ ।

ଝି ଯାଇଛେ କଲେଜ୍ ପଢି
ଫେସନ୍ ସଜେଇକରି,
ହେଲୋ ହାଏ କେତେ ଦେଖବ
ମୋବାଇଲ୍ ହାତେ ଧରି ।

ବରଷ୍ ଯାକର୍ ପାଠପଢା ପରେ
ଆସିଛେ ପରୀକ୍ଷାର୍ ଦିନ୍,
ପଏସା ଦେଲେ ମାର୍କା ଅଛେ
କେତେ ଘିନବୁ ଘିନ୍ ।

କପି କରଲେ କାଣା ହେବା
ପର୍ସେନ୍ଟେଜ୍ ଦରକାର୍,
ନେହେତ ବାବୁ ଭୁଖେ ମରବୁ
ଜୀବନ୍ ଟା ତ ବେକାର୍ ।

 Magazine Downloaded from www.aahwaan.com

କେତେବେଲେ କପି ଘିଚିନେଲେ
ହେଇ ଯାଇପାରୁ ଫେଲ୍,
ଘରର୍ ଲୁକେ ଘିନିନେବେ ଦେଖି
ଚରଉଥିବୁ ପୋଢ୍ ଛେଲ୍ ।

ଡିଜେନ୍ ଫିଜେନ୍ ଦରକାର୍ ନାଇ
ଭଲକରି ପାଠ୍ ପଢମା,
ମୁଡ୍ ଖେଲେଇ ପାଠ୍ ପଢମା
ମୁନୁଷ୍ ମାକର୍ ହେମା ।

ହାତେ କପି କେଭେ ନାଇ ରଖୁ
ଡିମାକ୍ ଥିନ୍ ରଖମା,
ଡିମାକ୍ ର କପି କିଏ ଘିଚବା
ମନକେ ମନ୍ ଲେଖମା ।

ମନ୍ ଦେଇକରି ଆସପିଲେ
ସଭେ ପାଠ୍ ପଢମା,
ଧରତି ଥିନ୍ ଠିଆ ହେଇକରି
ଦେଶର୍ ନାଁ'କେ ରଖମା ।

ଜାମପାଲି,ମେଲଛାମୁଣ୍ଡା,ବରଗଡ
ମୋ:-୭୦୭୭୦୫୯୩୪୯

Magazine Downloaded from www.aahwaan.com

# ରାଏତ୍ ରାନୀ



ଏମ୍ ବିଜୟ କୁମାର

ସିତ କାକଁରେ

ଜାଡ଼ ସିତନେ

ଫୁଟସୁ ରାଏତରାନୀ

ବୁଗବୁଗା ହେଇ

ମୁଲ ମୁଲ ହସି

ମନ ନେଉଛୁ ଘିନି

ଖରଖସିଆ ଗଛ

ପତର ଡ଼ାଲେ

କୁହି କୁହି

ଅନ୍ଧାର ଭିତରେ

ମନ ମହନୀ

ମହକ ମହକେଇ

ରାଏତରାନୀ

କିଏ ଜାନିଛେ

ସେଫାଲି ବଲି ତ

କିଏ କହେଛେ

ଗଗଂ ସିଉଲି

କେଚ କେଚାନୁ

ବାହାରି ପାରେ

କେତନେଇ ସୁନ୍ଦର

ତାର ବି ଅଛେ ମୂଲ

ଖରଖସିଆନୁ

ଏଡ଼େ ସୁନ୍ଦର ଫୁଲ

 Magazine Downloaded from www.aahwaan.com

କାଦୋ ଭିତରୁ

ପଦମ ଫୁଲ

କଲା କୁଇଲିନୁ

ମଧୁର ସୋର

ମରନହାରି

ଖରସେଲ ଫୁଲ

ରାଏତ କର ଲାଗି

ବେଲ ଉଦାର

ଆଘୋ ଝଡ଼ିଫଡ୍ଡୁ

ଇଛା ମରନ ମାଗି

ଜନମହେଇ

କୁହିଲି କୁହିଲି

ବଜଁଲେ କାଏ ଲାଭ

ନିଆଁମେତାନ

ଦଘ ଦଘ ଜଲି

ମୁହଁ -କାନେ ଦାଗ

ଅନ୍ଧାର ରାଏତେ

କଜାଁକିରା ବାଗୁର

ଉକିଆ ହଅ ସତ

ଭଲ କାମ କରି

ହସି ହସାଅ ଜଗତ

ଭୁବନେଶ୍ୱର ଉତ୍ତରା

ମୋ-୭୯୭୮୭୮୪୧୩୦

 Magazine Downloaded from www.aahwaan.com

# ଲୁହୁ



ପ୍ରସନ୍ନ ପ୍ରୟାସ ଭୁଏ

ଛାତି ମରମ୍ ଥି ଦରଦ୍ ହେଲେ
ଲୁହୁ ଯାଏସି ଆଁଖିନୁ ଥିପି,
ଲାଗସି ଏନ୍ତା ମନ୍ କେ ନିଜର୍
ବେଁକ୍ କେ ଗୁଟେ ଦଉଛେ ଚିପି ।

ମନର୍ କଥାକେ ମନେ ରଖଲେ
ହଉଥିବ କେତେ ଘାଁଟିସାନି,
ଦରଦ୍ ହେବା ଅନ୍ତର୍ ଭିତରେ
କେହି ନାଇଁ ପାରନ୍ ଜାନି ।

ମନର୍ ଦରଦ୍ ଆଏଁଖ ବୁଝସି
ଲୁହୁ ଦେସି କେଥନି ଢାଲି,
ଆଁଖିର୍ ଲୁହୁକେ ହାତ୍ ଜାନସି
କଲେ କଲେ ଦେସି ସୁଆଁଲି ।

ସୁଆଁଲି କରି ଆଁଖିର୍ ପାଏନ୍
ଭାବ୍ ଦେସି ହାତ୍ ଚେତେଇ,
ମନ୍ ସାଂଗେ ଦରଦ୍ ଟେ ଅଛେ
ଲୁହୁ ଦେସି ସେଟା ହେତେଇ ॥

ପ୍ରଧାନପାଲି, ସମ୍ବଲପୁର

 Magazine Downloaded from www.aahwaan.com

# ଯେନ୍‌ତା ବୀଜକେ ସେନ୍‌ତା ଫସଲ୍



କବି ପ୍ରସାଦ

ଦିନ୍ ଯଉଛେ ବିତି
ସମିହା ଯଉଛେ ଗଡି
କୁଏଁର୍ କୁଏଁର୍ କରି ଆଇଥିନୁ
ଦିନେ ଧରମୁ ଆଶାବାଡି ।
ଦିନ୍ ଥିଲା ନାଇଁ ଥାଇର୍
ଦିନ୍ ଆଏବା ନାଇଁ ଥାଉଁ
ଆନିକରି କିଛି ନାଇଁ ଆସି
ନେଇକରି ଭିଲ ନାଇଁ ଯାଉଁ ।

ମୋର୍ ତୋର୍ ଯେନ୍ କହୁଛୁଁ
କିଛିନୁହେଁ ସଁସାରେ କାହାର୍
ନାମ୍ ଟିକ ଇନ ଛାଡିକରି ଯିମୁ
ଅଏନ୍ ହଉ କି ଅସାର୍ ।
କରମ୍ ରଚେ ଯେନ୍ ଅଏନ୍ କରିଯିମୁ
ସେଟା ହେବା ଆମର୍ ସାହା
ଆରୁ ଯେତେସବୁ ମିଛମାୟା ଆଏ
ଯେନ୍ତା ବୀଜାକେ ସେନ୍ତା ଫସଲ୍ ଥୁଆ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା
ପିନ୍ - ୭୬୭୦୨୬
ମୋବାଇଲ୍ - ୭୬୦୬୦୫୧୩୯୫

 Magazine Downloaded from www.aahwaan.com

# କୁଲାଫଁରି



ରମଣୀରଞ୍ଜନ ବିଶ୍ୱାଳ

ଆଶ କରିଥିଲା କମିହାଁ ବିଚରା
ଭାତ ସାଙ୍ଗେହେବା ଝୁରି
ଭରା ଭିଡିକରି ଧାନ ବୁହୁଥିଲା
ପଡିଯଉଥିଲା ହୁରି ।

ଟିଆ ଦେଇଥିଲା ଆଝିରି ଦିନକେ
ଘିନବା କପଟା ଚୁରି
ମୁକୁଲେଇ ଆନବା ଗଁତିଆ ଘରୁ
ଗହନାର କଁସା ଖୁରି ।

କଲେଜ ପଢୁଆ ବଡଖା ନିନିକେ
ସେଲୁଆର ଦେବା ଯୁରେ
ଗଲାଖେପି ତାର ମନ ଭାଙ୍ଗିଥିଲା
ପଏସା ଥିଲାଯେ ଥୁରେ ।

ଦିନ ଯାକିର କେତେ କବାର କରଲା
ଆଶକେ ମନଥି ଚାପି
ବେଲ ଘଡେ ଥିଲା ଧାନକେ ମଡାଲା
ଟିପି ଟୁପା ଦେଲା ଥାପି ।

ଖଲାଠାନୁ ସବୁ ସଁକଲି ବେପାରୀ
ପଏସା ରଖଲା ବାକି
ଦେଇଥିଲା ଯାହା ନଗଦି ପଏସା
ସାହାଁକାର ନେଲା ଗାଁପି ।

ବୁଡିରିଲା ମନ ଭାଙ୍ଗଲା ସପନ
ନିପାଏଲା କୁଲାଫଁରି
ସେଦିନୁ କମିହାଁ ଯାଇଛେ ଦାଦନ
ଘରକେ ଆରୁ ନି ଫିରି ।

ଉପର ବାହାଲ, ବଲାଙ୍ଗିର
ମୋ-୭୭୪୯୦୦୦୧୯୦

Magazine Downloaded from www.aahwaan.com

# ଚୁଟରୀ



ରମଣୀରଞ୍ଜନ ବିଶ୍ୱାଳ

ଇନର କଥାକେ ସେନ ନି କରଲେ
ନି ଜିରେ ପେଟର ଭାତ
ଦିନକ ଦଶଟା ଘର ନି ବୁଲଲେ
ମୁଡ ଲାଗେ ମାତ ମାତ ।

ଶାଶର କଥାକେ ବହର୍ ନ ଚୁଟବା
କାନ ତରେ କଲେ କଲେ
କେତେ ଖଟଉଛେ ତୋର ଶାଶ ବୁଢୀ
ଧଏନ୍ ସହିଛୁ ବେଲେ ।

ଶାଶକେ କହେବା ତୋର ସୁରୁବହ
ମୁଟେଁ ନାଇ ସହେ ତତେ
ତୁଇ ନାଇ ଥିଲେ ତୋର ପଛଆଡେ
ସଁପସି କେତେନି କେତେ ।

ଦେରେନ୍ ଜେଠେନ୍ ଭିନେ କରିଦେବା
ବତରେ ଲଗାବା ଗାଲି
ଭାଏ ଭାଏ ଯଦି ମାର ହଉଥିବେ
ଲୁକି ମାରୁଥିବା ତାଲି ।

ଶକୁନି ମନ୍ଥରା ଏଭେବି ଅଛନ୍
ଲଗାବାର ଲାଗି କଲି
ଜାନି ନିପାରଲେ ଚୁଟରୀ ଚଲନ
ସୁନାଘର ଯିବା ଜଲି ।

ଉପର ବାହାଲ, ବଲାଙ୍ଗିର
ମୋ-୭୭୪୯୦୦୦୧୯୦

# ପ୍ରବନ୍ଧ ବିଭାଗ

 Magazine Downloaded from www.aahwaan.com

# ହିନ୍ଦୁଧର୍ମରେ ଉତ୍ସବ ଏବଂ ପର୍ବପର୍ବାଣୀ



ନରେଶ କୁମାର ବେହେରା

ରୀତିଭିତ୍ତିକ ପୂଜାପାର୍ବଣ, ଋତୁଭିତ୍ତିକ ଉତ୍ସବ, ବ୍ରତ, ଉପାସନା, ଜାଗରଣ, ବାର ମାସରେ ତେରପର୍ବ, ଏଭଳି କି ମୃତ୍ୟୁରେରେ ବି ଉତ୍ସବ ପାଳୁଥିବା ଦେଶ ଏ ବିଶ୍ୱରେ ଭାରତ ଛଡ଼ା, ଆଉ କେହି ହେବ ! ଅଧିକତଃ ଭାରତର ହିନ୍ଦୁ ପର୍ବପର୍ବାଣି ତିଥି, ନକ୍ଷତ୍ର, ଚନ୍ଦ୍ର, ସୂର୍ଯ୍ୟ, ଅମାବାସ୍ୟା, ପୌର୍ଣ୍ଣମୀ, ଆଦିକୁ ନେଇ ପାଳିତ । କିଛି ପର୍ବ ସୂର୍ଯ୍ୟଙ୍କ ଗତିବିଧିକୁ ନେଇ ତ, ଆଉକିଛି ଚନ୍ଦ୍ରଙ୍କ ଗତିବିଧିକୁ ନେଇ ପରିଚାଳିତ ହୁଏ । ହିନ୍ଦୁ ଧର୍ମକୁ ଛାଡିଦେଲେ ଅନ୍ୟ କୌଣସି ଧର୍ମରେ ମୁଖ୍ୟତଃ ଉପବାସ, ଦିନଚର୍ଯ୍ୟା, ପୂଜାବିଧି, ହୋମଯଜ୍ଞ, ପଶୁବଳି, ତନ୍ତ୍ରସାଧନା, ଏବଂ ବିବିନ୍ନ ପ୍ରକାରର ବାରଣ ଆଦି କମ୍ ଦେଖିବାକୁ ମିଳେ ।

ବାସ୍ତବରେ ଉଷ୍ଣକଟିବନ୍ଧୀୟ ଜଳବାୟୁ ଏବଂ ପୂର୍ବ ଦେଶମାନଙ୍କରେ ବିଭିନ୍ନ ଅଦ୍ଭୁତ ପ୍ରକାରର ସାମାଜିକ ଚଳଣି, ପ୍ରଥା, ପୂଜାପାଠ, ବାରଣ, ଆଦି ହଜାର ହଜାର ବର୍ଷରୁ ଚାଲିଆସିଛି । କିନ୍ତୁ, ୟୁରୋପୀୟ ଇସାୟିମାନେ ନିଜର ଆତ୍ମସମ୍ମାନ ରକ୍ଷାପାଇଁ ଭାରତର ବିଭିନ୍ନ ପ୍ରାନ୍ତରେ, ବିଭିନ୍ନ ଧାର୍ମିକ ସ୍ଥଳରେ ନିଜକୁ ସ୍ଥାପିତ କରିବାକୁ ଚେଷ୍ଟାକରି ଆଗେଇଛନ୍ତି ।

ଏହା ନିଶ୍ଚିତରୂପେ ଧ୍ୟାନ ଦେବା ଉଚିତ ଯେ, ଭାରତୀୟ ହିନ୍ଦୁ ଭକ୍ତମାନେ ଉପବାସ ଓ ସାଧନା ଦ୍ୱାରା ନିଜର ଧାର୍ମିକ ଯୋଗ୍ୟତା ବା ସାଧନକୁ ପରିପୃଷ୍ଠ କରିବାପାଇଁ ସର୍ବଦା ତତ୍ପର; ନା କି ଦଣ୍ଡନୀୟ ଅଭ୍ୟାସ ଭଳି । ଏହା ବ୍ୟତୀତ ଗମ୍ଭୀର ଆତ୍ମନିର୍ଭରତା ସର୍ବଦା ଅସାଧାରଣ ପବିତ୍ରତା ବା ଅତିମାନବୀ ଶକ୍ତିଗୁଡ଼ିକର ପ୍ରାପ୍ତିରେ ସଂଲଗ୍ନ ହୋଇଥାଏ ।

 Magazine Downloaded from www.aahwaan.com

ଯେପରି କି, ଅତ୍ୟଧିକ ସାଧନା, ଧ୍ୟାନ ଆଦି ଦ୍ୱାରା କିଛି ସାଧକ ବା ଯୋଗୀ ନିଜକୁ ଅତି ଉତ୍ସାହିତ ବା ସମର୍ପିତ କରିବା ଦ୍ୱାରା ମାଧ୍ୟାକର୍ଷଣ ବଳର ସହାୟତାରେ ନିଜ ଶରୀରକୁ ଶୂନ୍ୟରେ ଭସାଇ ପାରୁଛନ୍ତି ।

ସମୟ ପରିବର୍ତ୍ତନାନୁସାରେ ଆଜି ବହୁ କଠିନ ଓ ଅସାଧାରଣ ପୂଜା, ଉପାସନା ପଦ୍ଧତିସବୁ ଭାରତରେ ବଦଳି ଯାଇଛି । ଯେପରିକି, ପ୍ରାଚୀନକାଳରେ ମନୁଙ୍କ ନୀତି (୧୧-୨୧୩) ଅନୁଯାୟୀ ସନ୍ତାପନ କ୍ରିଖରା ନାମକ ଦଣ୍ଡପଦ୍ଧତି ମତରେ ଦଣ୍ଡିତ କରାଯାଉଥିଲା । ସନ୍ତାପନ କ୍ରିଖରା (ଏକ ପ୍ରକାର ଦଣ୍ଡବିଧି) ଦ୍ୱାରା ଦୋଷୀ ଏକ ମୁଠା (ଗୋମୁତ୍ର, ଗୋବର, ଦୁଗ୍ଧ, ଲହୁଣୀ, କୁଶଘାସ, ଆଦି) ଦିନକୁ ଥରେ, ଏଭଳି ନଅଦିନ ଖାଇବେ; ପୁଣି ତା'ପର ତିନିଦିନ ନିର୍ଜଳ ଉପବାସ ରହିବାକୁ ହୁଏ ।

ଅନ୍ୟ ଏକ ଉଲ୍ଲେଖନୀୟ ଉଦାହରଣ ବି ଅଛି, ଯାହାକୁ ଚନ୍ଦ୍ର-ସ୍ୱର (ବା କନ୍ଦ୍ରାୟଣ) କୁହାଯାଉଥିଲା । ଏହି ନୀତି ଅନୁସାରେ ପୂର୍ଣ୍ଣମୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନିଜ ଆହାର (କେବଳ ଯଅ ପେଜ)ରୁ ଏକ-ଏକ ଅଂଶ ପ୍ରତିଦିନ କମେଇ କମେଇ ଖାଇବାକୁ ହେବ । ଦିନକୁ ଥରେ ମାତ୍ର । ପୁଣି ଅମାବାସ୍ୟାରୁ ଏକ-ଏକ ଅଂଶ ବଢେଇ ବଢେଇ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଖାଇବେ । ମନୁଙ୍କ ନୀତି (୬-୨୦) ।

ଆଜିକାର ହିନ୍ଦୁଲୋକ ପ୍ରାୟ ଏକାଦଶୀ କରିବାକୁ ଭଲ ପାଆନ୍ତି; ଯାହା ପ୍ରତି ମାସରେ ଦୁଇଥର ପଡ଼େ । ଏହା ମୁଖ୍ୟତଃ ଭଗବାନ ବିଷ୍ଣୁଙ୍କ ଉପାସନା ପାଇଁ କରାଯାଏ; କିନ୍ତୁ ଏହା ସେତେ କଠିନ ବ୍ରତ ନୁହେଁ । ବ୍ରତୀ ଫଳ, କ୍ଷୀର ଆଦି ଗ୍ରହଣ କରିପାରିବେ । ଶିବଭକ୍ତମାନେ ପ୍ରତି ମାସର କୃଷ୍ଣପକ୍ଷ ତ୍ରୟୋଦଶୀ ଏବଂ ଚତୁର୍ଦ୍ଦଶୀକୁ ପାଳନ କରିଥାନ୍ତି ।

ହିନ୍ଦୁ ଧର୍ମ ଏବଂ ଅନ୍ତରାଷ୍ଟ୍ରୀୟ କାଲେଣ୍ଡର ଅନୁସାରେ ଜାନୁଆରୀ ଏବଂ ଫେବ୍ରୁୟାରୀ ମାସ, ଯାହା ବୈଦିକ/ହିନ୍ଦୁ କାଲେଣ୍ଡର ଅନୁସାରେ ମାଘମାସର ଆରମ୍ଭ ହୁଏ; ସେହି ମାସରୁ

 Magazine Downloaded from www.aahwaan.com

ବିଭିନ୍ନ ପର୍ବପର୍ବାଣୀ ପ୍ରାରମ୍ଭ ହୋଇଥିବା ଦେଖାଯାଏ । ପ୍ରଥମତଃ ମକର ସଙ୍କ୍ରାନ୍ତି । ଏହା ଏକ ପ୍ରମୁଖ ପର୍ବ; ସୂର୍ଯ୍ୟଙ୍କ ଉତ୍ତରାୟଣକୁ ନେଇ ଏହି ଉତ୍ସବ, ଭାରତରେ ବିଭିନ୍ନ ପ୍ରାନ୍ତରେ ଭିନ୍ନଭିନ୍ନ ଶୈଳୀରେ ହୁଏ । ଏହିଦିନ କିଛି ଅଞ୍ଚଳରେ ପୌଷମାସ (ଅଶୁଭ)ର ଶେଷ ଏବଂ ମାଘମାସ(ଶୁଭ)ର ପ୍ରାରମ୍ଭ ବୋଲି ପୂଜାର୍ଚ୍ଚନା ହୋଇଥାଏ । ଏହି ସମୟରେ, ଗଙ୍ଗା ଯମୁନାର ମିଳନସ୍ଥଳୀ ପ୍ରୟାଗ(ଆଲ୍ଲାହାବାଦ)ରେ କୁମ୍ଭମେଳାର ଆୟୋଜନ ହୋଇଥାଏ; ଯେଉଁଠି ପ୍ରତିବର୍ଷ ଲକ୍ଷଲକ୍ଷ ଭକ୍ତ ପୃଥିବୀର ବିଭିନ୍ନ ସ୍ଥାନରୁ ଆସି ବୁଡ଼/ସ୍ନାନ କରିଥାନ୍ତି ।

ଦକ୍ଷିଣ ଭାରତରେ ଏହାକୁ ପୋଙ୍ଗଲ କୁହାଯାଏ । ଏହିଦିନ ତାମିଲମାନେ ନୂଆବର୍ଷ ପାଳି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥାନ୍ତି । ତାମିଲଲୋକେ ନୂଆ ବାସନ କିଣି ସେଥିରେ ଖିରୀ (କ୍ଷୀର ଏବଂ ଚାଉଳ) ରାନ୍ଧିଥାନ୍ତି ଏବଂ ସମସ୍ତଙ୍କୁ ପୋଙ୍ଗଲର ଅଭିନନ୍ଦନ (କ୍ଷୀର ଫୁଟିଲାଣି ? କହି) ଜଣାଇଥାନ୍ତି । ଏହା ପ୍ରକୃତରେ କୃଷିକୁ ସମର୍ପିତ ହୋଇଥାଏ । ଗୃହପାଳିତ ପଶୁ, ମୁଖ୍ୟତଃ ଗାଈ ଏବଂ ବଳଦଙ୍କୁ ସୁନ୍ଦର ସଜାଇ, ଶିଙ୍ଗରେ ରଙ୍ଗବୋଳି, ବେକରେ ଫୁଲମାଳ ଦେଇ ରାସ୍ତାରେ ଛାଡ଼ି ଦିଆଯାଏ । ଏହା ପ୍ରକୃତରେ କୌଣସି ପୂଜା ନୁହେଁ; ଖୁସି ଓ ଆନନ୍ଦର ପର୍ବ ଭଳି ମାନିଥାନ୍ତି ।

ଶୁକ୍ଲପକ୍ଷ ପଞ୍ଚମୀ ତିଥିକୁ ବସନ୍ତ ପଞ୍ଚମୀ କୁହାଯାଏ । ବସନ୍ତ ଋତୁ ଚାଲିଥାଏ । କଳା ଏବଂ ଶିକ୍ଷାଦାତ୍ରୀ ମାତା ସରସ୍ୱତୀଙ୍କ ପୂଜାର୍ଚ୍ଚନା ଏହି ଦିନ ହୁଏ । ପ୍ରାଚୀନକାଳରେ ଏହି ଦିନ ଗୁରୁ ବା ଶିକ୍ଷକ ମାତା ସରସ୍ୱତୀଙ୍କ ଏକ ଚିତ୍ର ରଖିଥାନ୍ତି; ଏବଂ ତାଙ୍କର ଶିଷ୍ୟଶିଷ୍ୟା ବା ଛାତ୍ରଛାତ୍ରୀମାନେ ଆସି ଗୁରୁଙ୍କୁ ନଡ଼ିଆ (ଶ୍ରୀଫଳ), ମୁଦ୍ରା ଆଦି ଦକ୍ଷିଣା ସ୍ୱରୂପ ଦେଇଥାନ୍ତି । ଓଡ଼ିଶାରେ ଏହାକୁ ଶ୍ରୀପଞ୍ଚମୀ ବୋଲି କୁହାଯାଏ ।

ମହାଶିବରାତ୍ରୀ ମାଘମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ପାଳିତ ହୋଇଥାଏ । ଏହିଦିନ ଶୈବଭକ୍ତମାନେ ଦିନସାରା ଉପବାସ ରୁହନ୍ତି ଏବଂ ରାତ୍ରିରେ ଜାଗର କରିଥାନ୍ତି । ବିଭିନ୍ନ

 Magazine Downloaded from www.aahwaan.com

ଶୈବକ୍ଷେତ୍ରରେ ଏହିଦିନ ପୂଜାର୍ଚ୍ଚନା ଦେଖିବାକୁ ମିଳିଥାଏ ।

ଭାରତର ଉପରପ୍ରାନ୍ତରେ ଦୋଳଯାତ୍ରା ଦେଖିବାକୁ ମିଳିଥାଏ । ଭଗବାନ ଶ୍ରୀକୃଷ୍ଣଙ୍କୁ ଏକ ଦୋଳିରେ ବସାଇ, ଝୁଲାଇ ପୂଜା କରାଯାଏ । ଏହା ଫଗୁଣ (ଫାଲଗୁନ / ଫେବ୍ରୁୟାରୀ-ମାର୍ଚ୍ଚ) ମାସ ପୂର୍ଣ୍ଣମୀର ଦଶଦିନ ପୂର୍ବରୁ ଆରମ୍ଭ ହୁଏ । କିନ୍ତୁ ଶେଷ ତିନିଦିନ ମୁଖ୍ୟତଃ ପାଳନ କରାଯାଏ । ଫାଲଗୁନ ପୂର୍ଣ୍ଣମୀକୁ ଦୋଳପୂର୍ଣ୍ଣମୀ ବା ହୋଲି ମଧ୍ୟ କୁହାଯାଏ । ଏହି ଦିନରେ ସମସ୍ତେ ପରସ୍ପର ଦେହରେ ରଙ୍ଗବୋଳି ଅଭିନନ୍ଦନ ଜଣାଇଥାନ୍ତି ।

ଚୈତ୍ରମାସ (ମାର୍ଚ୍ଚ-ଏପ୍ରିଲ) ଶୁକ୍ଳପକ୍ଷ ନବମୀ ତିଥିରେ ଭଗବାନ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ ହୁଏ । ଏହିଦିନ ପ୍ରତ୍ୟେକ ହିନ୍ଦୁବ୍ୟକ୍ତି ଶ୍ରୀରାମଙ୍କୁ ପୂଜା କରିବାର ଦେଖାଯାଇଥାଏ ।

ଶ୍ରାବଣ ଶୁକ୍ଳପକ୍ଷ ପଞ୍ଚମୀ ତିଥି (ନାଗପଞ୍ଚମୀ) ରେ ନାଗଦେବତାଙ୍କୁ ପୂଜା କରାଯାଏ । ଏହାର ଦୁଇଦିନ ପରେ ଶୀତଳା ସପ୍ତମୀ ପାଳିତ ହୁଏ । ମାତା ଶୀତଳାଦେବୀଙ୍କୁ ଏହିଦିନ ବସନ୍ତରୋଗରୁ ଉଦ୍ଧାର ପାଇଁ ପୂଜାକରିଥାନ୍ତି । ମାତାଙ୍କୁ କେବଳ ଥଣ୍ଡାଖାଦ୍ୟ ଭୋଗଲାଗେ ।

କୃଷ୍ଣ ଜନ୍ମାଷ୍ଟମୀ ଭାରତରେ ଏକ ପ୍ରମୁଖ ପର୍ବ । ଶ୍ରାବଣ (ଜୁଲାଇ-ଅଗଷ୍ଟ) କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ ହୁଏ ।

ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତର ବ୍ରାହ୍ମଣମାନଙ୍କ ମାସିକ ପକ୍ଷଭେଦ ଯୋଗୁଁ ବିଭିନ୍ନ ପର୍ବପର୍ବାଣି ଏବଂ ପୂଜାପଦ୍ଧତିରେ ଭିନ୍ନତା ଦେଖାଦେଇଥାଏ ।

ଭାଦ୍ରବ (ଅଗଷ୍ଟ-ସେପ୍ଟେମ୍ବର) ଶୁକ୍ଳ ଚତୁର୍ଥୀରେ ଶ୍ରୀ ଗଣେଶଙ୍କୁ ପୂଜା କରାଯାଇଥାଏ । ନଡା, ପାଳ, ମାଟି ଆଦିରେ ତିଆରି ଗଣେଶଙ୍କ ମୂର୍ତ୍ତିକୁ କିଛିଦିନ ପୂଜା କରିଲା ପରେ ପାଣିରେ ବିସର୍ଜ୍ଜନ କରାଯାଇଥାଏ ।

ଭାଦ୍ରବ ମାସ କୃଷ୍ଣପକ୍ଷର ଷୋହଳ ଦିନକୁ ପିତୃପକ୍ଷ କୁହାଯାଏ । ଏହିଦିନ ମାନଙ୍କରେ ଭାରତର କିଛି ସ୍ଥାନରେ ହିନ୍ଦୁମାନେ ଶ୍ରାଦ୍ଧ କରିଥାନ୍ତି ।

 Magazine Downloaded from www.aahwaan.com

ଆଶ୍ୱିନ (ସେପ୍ଟେମ୍ବର-ଅକ୍ଟୋବର) ଶୁକ୍ଳପକ୍ଷ ପ୍ରଥମାରୁ ଦଶମୀ ପର୍ଯ୍ୟନ୍ତ ନବରାତ୍ରୀ ବା ଦୁର୍ଗାପୂଜା ପାଳିତ ହୁଏ । ଦଶମୀ ଦିନକୁ ବିଜୟା-ଦଶମୀ ବା ଦଶହରା କୁହାଯାଏ ।

ଆଶ୍ୱିନ ଅମାବାସ୍ୟାକୁ କାଳରାତ୍ରି ବା ଦୀପାବଳି ବୋଲି କୁହାଯାଏ । ମା କାଳୀଙ୍କୁ ଏହି ରାତ୍ରିରେ ପୂଜାର୍ଚ୍ଚନା କରାଯାଏ । ନବରାତ୍ରୀର ଏକୋଇଶି ଦିନପରେ ଦୁଇଦିନ ଧରି ଏହି ପୂଜା କରାଯାଏ । ପୁଣି କାର୍ତ୍ତିକ ମାସ ପ୍ରଥମାରୁ ପଞ୍ଚମୀ ପର୍ଯ୍ୟନ୍ତ ମାତା ଲକ୍ଷ୍ମୀ ଏବଂ ପାର୍ବତୀଙ୍କୁ ପୂଜାର୍ଚ୍ଚନା କରାଯାଏ । ଏହା ହିନ୍ଦୁ ଶାସ୍ତ୍ରାନୁସାରେ ସର୍ବାଧିକ ଉତ୍ତମ ଦିନ ବୋଲି ମାନ୍ୟତା ଅଛି । ଭାରତର କିଛି ପ୍ରାନ୍ତରେ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ତିଥିରେ ମା ସରସ୍ୱତୀଙ୍କୁ ମଧ୍ୟ ପୂଜା କରାଯିବାର ଦେଖାଯାଏ ।

କାର୍ତ୍ତିକ ପୂର୍ଣ୍ଣିମା ତ୍ରିପୁରାସୁର ନାମକ ରାକ୍ଷସକୁ ବଧ କରିବାହେତୁ ଶିବଙ୍କ ସମ୍ମାନରେ କାର୍ତ୍ତିକମାସ (ଅକ୍ଟୋବର-ନଭେମ୍ବର)ରେ ପାଳିତ ହୁଏ ।

ଏହା ଜାଣିବା ଉଚିତ ଯେ, ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ କାଲେଣ୍ଡର ହୋଇଥାଏ । ଆଉ ପ୍ରତି ମାସର, ଯେପରି ଶ୍ରାବଣ, ବୈଶାଖ ଏବଂ ଅଧିମାସ (ତେର ମାସ)ର ନିଜସ୍ୱ ମହତ୍ୱ ଅଛି । ପ୍ରତି ତିନିବର୍ଷରେ ହେଉଥିବା ଅଧିମାସକୁ ବିଜ୍ଞ ଓ ପଣ୍ଡିତମାନେ ଖୁବ ଗୁରୁତ୍ୱ ଦେଇଥାନ୍ତି । ଠିକ ସେହିପରି ସୋମବାର ଦିନ ପୂର୍ଣ୍ଣିମୀର ମହତ୍ତ୍ୱ । ସୋମବାରରେ ଶିବଙ୍କ ପୂଜା ଏବଂ ଶନିବାରରେ ହନୁମାନଙ୍କ ପୂଜାରେ ଅଧିକ ଗୁରୁତ୍ୱ ଥିବାର ଶାସ୍ତ୍ରରେ ପରିଲକ୍ଷିତ । ଏଭଳି ଦିନମାନଙ୍କରେ ଦାନର ଗୁରୁତ୍ୱ ହଜାରଗୁଣ ଅଧିକ ହୋଇଥାଏ ।

ଭାରତୀୟ ହିନ୍ଦୁମତରେ ଚାରୋଟି ଯୁଗ ଅଛି; ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି । ବର୍ତ୍ତମାନର କଳିଯୁଗ ମହାଭାରତ ଯୁଦ୍ଧ ପରଠାରୁ ବା କୃଷ୍ଣଙ୍କ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନଠାରୁ ପ୍ରାରମ୍ଭ ହୋଇଛି; ଯାହା ୧୮ ଫେବ୍ରୁୟାରୀ ଖ୍ରୀଷ୍ଟପୂର୍ବ ୩୧୦୨ରୁ ବୋଲି ଖଗୋଳବିଦ୍ ଓ

 Magazine Downloaded from www.aahwaan.com

ଗଣିତଜ୍ଞ ଆର୍ଯ୍ୟଭଟ୍ଟଙ୍କ ହିସାବରେ ଏବଂ ସୂର୍ଯ୍ୟ ସିଦ୍ଧାନ୍ତରେ କୁହାଯାଇଅଛି । ଭାରତରେ ବିଭିନ୍ନ ପ୍ରକାରର ପଞ୍ଜିକା ପ୍ରଚଳିତ । ଯେପରିକି ଖ୍ରୀଷ୍ଟପୂର୍ବ ୫୭ରୁ ବିକ୍ରମାଦିତ୍ୟ ସଂବତ, ଖ୍ରୀଷ୍ଟପୂର୍ବ ୭୮ରୁ ଶାଳିବାହନ ଶକ ଏରା, ଖ୍ରୀଷ୍ଟାବ୍ଦ ୫୯୩/୫୯୪ରୁ ବଙ୍ଗାଳୀ ସଂବତ ବା ସୂର୍ଯ୍ୟ କାଲେଣ୍ଡର, ଓ ତାମିଲ କାଲେଣ୍ଡର, ମାଲୟାଲମ କାଲେଣ୍ଡର ଆଦି । ଶକ ଏରା ମତରେ ବର୍ଷର ପ୍ରାରମ୍ଭ ଶୁକ୍ଳ ଚୈତ୍ରରୁ ହୋଇଥିବା ବେଳେ ବିକ୍ରମ ସଂବତ ଅନୁସାରେ କାର୍ତ୍ତିକ ମାସରୁ ।

ଓଡ଼ିଶାର ପଞ୍ଜିକା/ପାଞ୍ଜି ମାଦଳା ପାଞ୍ଜିରୁ ପ୍ରାରମ୍ଭ ହୋଇଥିବା ଜଣାଯାଏ । ଏହି ପାଞ୍ଜିରେ ଓଡ଼ିଶାର ଇତିହାସ ଏବଂ ଜଗନ୍ନାଥ ସଂସ୍କୃତି ଆଦି ବର୍ଣ୍ଣନା ହୋଇଥାଏ । ଏହା ରାଜା ଅନନ୍ତବର୍ମନ ଚୋଡଗଙ୍ଗଦେବଙ୍କ (୧୦୭୮-୧୧୫୦) ପରମ୍ପରାରୁ ପ୍ରାରମ୍ଭ ହୋଇଥିବା ବେଳେ ବାରଶହ ଶତାବ୍ଦୀରୁ ବର୍ଷ-ପରେ-ବର୍ଷ ଧରି ପୁରୀର କରଣମାନଙ୍କ ଦ୍ୱାରା ପ୍ରଚଳିତ ହେଇ ଆସୁଅଛି । ଏହା ବ୍ୟତୀତ ଅନ୍ୟ ପାଞ୍ଚପ୍ରକାରର ଓଡ଼ିଆ ପାଞ୍ଜି ଅଛି; ତାହାହେଲା ଖଡିରତ୍ନ ପଞ୍ଜିକା, ବିରଜା ପାଞ୍ଜି, ଭାଗ୍ୟୋଦୟ ପାଞ୍ଜି, କୋହିନୂର ପାଞ୍ଜି, ଏବଂ ଗୌଡିଆ ବୈଷ୍ଣବ ପଞ୍ଜିକା । ପଠାଣି ସାମନ୍ତ ଚନ୍ଦ୍ରଶେଖର (୧୮୩୫-୧୯୦୪) ଆମ ଓଡ଼ିଆ ପାଞ୍ଜିକୁ ବୈଜ୍ଞାନିକ ପଦ୍ଧତିରେ ପୁନର୍ଜୀବିତ କରିଥିବା ଇତିହାସରୁ ଜଣାଯାଏ ।

*- ବସୁଧା କମ୍ପ୍ୟୁଟର, ଗୋଇଲୁଣ୍ଡି ମେନ୍ ରୋଡ, ବ୍ରହ୍ମପୁର, ଗଞ୍ଜାମ, ୭୬୦୦୦୪*

*ମୋବାଇଲ-୭୮୦୯୮୭୨୪୮୩*

 Magazine Downloaded from www.aahwaan.com

# କୋଣାର୍କର କୋହ ଏବଂ ମୂର୍ତ୍ତିକଳା



ପ୍ରମୋଦ କୁମାର ପଣ୍ଡା

ପଦ୍ମଶ୍ରୀ କବି ଡ: ମାୟାଧର ମାନସିଂହ ଲେଖିଲେ,

*"ବାରଶତ କବି କଳ୍ପନାରେ, ଜଗତର ବୁଦ୍ଧି ଅଜଣାରେ,*
*ଅଜ୍ଞାତ ରହସ୍ୟମୟ ଶଇଶବ ଯାପିତ ତୋହରି ଯେ ଦିନ ଚକିତ ଦୃଷ୍ଟି ବିଶ୍ୱର ଗୋ ପଡ଼ିଲା ।*
*ତୋ'ପରି ଯୌବନ-ଲାବଣ୍ୟ-ଲୀଳା ଖେଳୁଅଛି ଅଙ୍ଗେ ଅଙ୍ଗେ ତବ, ଫୁଟି ଉଠେ ଦେହେ ଦେହେ,*
*ସୁଲଳିତ ଅଙ୍ଗ-ସଉଷ୍ଠବ ମନ୍ତ୍ର ଶିଖି ଆସିଥିଲ, ମନ-ଜୟେ ମନର ସେ ପାରେ ବାରଶତ କବି କଳ୍ପନାରେ ।" (୧)*



ସ୍ଥପତି ନିର୍ମାଣର ଅପୂର୍ବ ଅଣବୈଜ୍ଞାନିକି ଅଥଚ ବୈଦିକି କୌଶଳରେ ନିର୍ମିତ ବର୍ତ୍ତମାନର ଭଗ୍ନ ମନ୍ଦିରର ନିର୍ମାଣର ଅନେକ ପୂର୍ବରୁ କିମ୍ବଦନ୍ତୀରେ ତଥା ଶାମ୍ବ ପୁରାଣ ଓ ଭବିଷ୍ୟ ପୁରାଣ ଗର୍ଭରେ ବର୍ଣ୍ଣିତ ଜମ୍ବୁଦ୍ୱୀପରେ ଅବସ୍ଥିତ ତିନିଗୋଟି ପ୍ରାଚୀନ ସୂର୍ଯ୍ୟ ମନ୍ଦିରର ବ୍ୟାଖ୍ୟା କରା ଯାଇଛି, ସେଥି ମଧ୍ୟରେ ସମୁଦ୍ରତଟେ ଚନ୍ଦ୍ରଭାଗା ନଦୀ କୂଳେ ଅବସ୍ଥିତ

 Magazine Downloaded from www.aahwaan.com

ମୈତ୍ରୟାରଣ୍ୟରେ ସ୍ଥିତ ସୂର୍ଯ୍ୟ ମନ୍ଦିର ଅନ୍ୟତମ; ଯାହା ସମ୍ବନ୍ଧରେ ପଦ୍ମଶ୍ରୀ କବି ଡ: ମାୟାଧର ମାନସିଂହ ଉପରୋକ୍ତ କୋଣାର୍କ କାବ୍ୟରେ ଯଥାର୍ଥରେ ଲେଖିଛନ୍ତି; ଯାହାର ମୁଣ୍ଡି ମାରି ମାଘ ଶୁକ୍ଳ ପ୍ରତିପଦା ସୂର୍ଯ୍ୟଙ୍କ ପ୍ରଥମ ରଶ୍ମି ତ୍ରିକୋଣର କୋଣେ ଉଷ୍ମ-ରଶ୍ମିର ମହତ କୁଟୀର ଉପରେ ପତିତ ହେବା ଆଗରୁ ବୈଦିକ ପ୍ରଣାଳୀରେ ଚୁମ୍ବକ ଶାସ୍ତ୍ର ସମ୍ବନ୍ଧରେ (୨) ବାପା ମାଙ୍କୁ କହୁଥିବାର ମା ଗର୍ଭରେ ଥାଇ ଶୁଣିଥିବା ଗର୍ଭଜୀବ ଯେତେବେଳେ ଜୀବାବସ୍ଥାରେ କୂର୍ମ ଭିକ୍ଷୁମଠରେ ପୁନର୍ବାର ପଢିଥିବା ସେହି ପାଠକୁ, ୧୨ ବର୍ଷ ବୟସରେ ସେ ଜନ୍ମ ନେଇଥିବା ପୂର୍ବରୁ ଗୃହତ୍ୟାଗୀ ବାପାଙ୍କୁ ଖୋଜି ଆସି ଅର୍କକ୍ଷେତ୍ରରେ ବାପାଙ୍କୁ ସେହି ପ୍ରଣାଳୀ ବିଷୟରେ ମନେ ପକେଇ ଦେଇ ପାରିଥିଲା ସତ; କିନ୍ତୁ ରାଜାଙ୍କ ଆକ୍ରୋଶରୁ ବାରଶହ କାରିଗରଙ୍କୁ ଜୀବନ ଦାନ ସ୍ୱରୂପ, ବ୍ରାହ୍ମ ମୂହୁର୍ତ୍ତରେ ମନ୍ଦିର ଶିଖରକୁ ଛୁଇଁବା ଉଦ୍ଦେଶ୍ୟେ ଜଗମୋହନର ବେକୀ ପର୍ଯ୍ୟନ୍ତ ବ୍ୟାଳବତ୍‌ଉତ୍ତାଳ ଲହରୀମାଳା ତା ଫେନିଳ ଜଳସାଗର ସହ ଯେତେବେଳେ ଆସିଥିଲା, ସେହି ଜଳରେ ଇତିହାସକୁ ସାକ୍ଷୀ ରଖି କିମ୍ବଦନ୍ତୀ ଗଢିବା ପାଇଁ, ତ୍ୟାଗର ନମସ୍ୟ ମୂର୍ତ୍ତି ସ୍ଥାପନ ନିମନ୍ତେ, ନିଜ ଜୀବନକୁ ନିକ୍ଷେପ କରିଥିଲା । (୩)

Indian Monuments by N S Ramaswami ତାଙ୍କ କୋଣାର୍କ ଆଲେଖ୍ୟରେ ସପ୍ତମ ଶତାବ୍ଦୀର ଆରମ୍ଭରେ ଭାରତ ପରିଦର୍ଶନରେ ଆସିଥିବା ଚୀନ ପରିବ୍ରାଜକ ହୁଏନସାଂ ଙ୍କ ଉଲ୍ଲିଖିତ ବିଷୟରୁ ଆରମ୍ଭ କରିଛନ୍ତି ।

"ଦେଶର ଦକ୍ଷିଣ-ପୂର୍ବ ତଟବର୍ତ୍ତୀ ଅଞ୍ଚଳ ( "ଉଚ" କିମ୍ବା ଉଡ୍ର କିମ୍ବା ଓଡିଶା ) ର ଚରିତ୍ରା ନାମ୍ନୀ ଏକ ଛୋଟ ସହର ବିଷୟ ଉଲ୍ଲେଖ କରିଛନ୍ତି । ସେଠାରୁ ବ୍ୟବସାୟୀ ମାନେ ଦୂରଦେଶକୁ ଯାତ୍ରା କରିଥାନ୍ତି ତଥା ଯାତଆତ କରୁଥିବା ଚିହ୍ନା-ଅଚିହ୍ନା ଲୋକ ସବୁ ସେଠାରେ ରହିଥାନ୍ତି । ସହରର କାନ୍ଥ ଗୁଡିକ ଶକ୍ତିଶାଳୀ ଓ ଗଗନଚୁମ୍ବୀ । ସେଠାରେ ବିରଳ

 Magazine Downloaded from www.aahwaan.com

ଓ ମୂଲ୍ୟବାନ ଦ୍ରବ୍ୟ ମିଳିଥାଏ । ସହର ବାହାରେ ଗୋଟିକ ଉପରେ ଆଉ ଗୋଟିଏ ରହିଥିବା ଊର୍ଦ୍ଧ୍ୱାଭିମୁଖୀ ଅତି ଉଚ୍ଚ ବହୁତଳ ସଂପନ୍ନ ବକ୍ରାକୃତିର କାରୁକାର୍ଯ୍ୟେ ପାଞ୍ଚୋଟି ଭିକ୍ଷୁ ମଠରେ ସନ୍ଥମାନଙ୍କ ଛବି ରହିଛି ।“

N S Ramaswami ଆଗକୁ ପୁଣି ଲେଖୁଛନ୍ତି ମାଦଳା ପାଞ୍ଜିରେ ବର୍ଣ୍ଣିତ ବିବରଣୀରେ ଜଣେ ରାଜା ପୁରନ୍ଦର କେଶରୀ କୋଣାର୍କ ଦେବଙ୍କର ଏକ ମନ୍ଦିର ତିଆରି କରିଥିଲେ, ଯାହା ଫଳରେ ହିନ୍ଦୁ ଯାତ୍ରୀମାନଙ୍କ ଭିଡ ସେଇଠି ଜମୁଥିଲା । ବଙ୍ଗର ହିନ୍ଦୁ ରାଜା ଲକ୍ଷ୍ମଣ ସେନଙ୍କୁ ଗାଦିଚ୍ୟୁତ କରିଥିବା ଆଫଗାନି ଶାସକ ତୁଗଲକ ଖାନ ସହ ଲଢେଇରେ ନରସିଂହଦେବ(୧) ବିଜୟଧ୍ୱଜା ସ୍ୱରୂପରେ ପୁରନ୍ଦର କେଶରୀ ତିଆରି କରିଥିବା ମନ୍ଦିରର ସାମନାରେ ଶିବ ସାମନ୍ତରାୟ ମହାପାତ୍ର ନାମରେ ଜଣେ ରାଜକର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ତ୍ତମାନର ଏହି ଭଗ୍ନ ମନ୍ଦିର ତିଆରି କରିଥିଲେ । ଏହି ବିଶାଳ ମନ୍ଦିର ପଶ୍ଚାଦଭାଗରେ ଥିବା ପୁରାତନ ମନ୍ଦିରରେ ପୂର୍ବରୁ ଯେଉଁ ବିଗ୍ରହ ଥିଲେ, ତାହାଙ୍କୁ ନୂଆ ମନ୍ଦିରରେ ଅବସ୍ଥାପିତ କରା ଯାଇଥିଲା । ନରସିଂହଦେବଙ୍କ ଉତ୍ତରାଧିକାରୀ ମାନଙ୍କ ତାମ୍ର ଫଳକ ମାନଙ୍କରେ ଖୋଦିତ ଏହି ତଥ୍ୟ ବିବରଣରେ ମନ୍ଦିରଟିକୁ “ତ୍ରିକୋଣର କୋଣରେ ଉଷ୍ଣରଶ୍ମୀର ମହତ କୁଟୀର” ରୂପେ ଦିଆ ଯାଇଥିବା ମନ୍ଦିରର ବିଶାଳ ଆକୃତି ଓ କାରୁକାର୍ଯ୍ୟର ସମସ୍ତ ଶ୍ରେୟ ୧୨୩୮ ରୁ ୧୨୬୪ ପର୍ଯ୍ୟନ୍ତ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାରିତ କଳିଙ୍ଗକୁ ଶାସନ କରିଥିବା ଗଙ୍ଗବଂଶୀୟ ଲାଙ୍ଗୁଳା ନରସିଂହଦେବ(୧) ଙ୍କୁ ଯାଉଛି ।

ଅବୁ ଫଜଲ (ଆକବରଙ୍କ ଆଇନ ମନ୍ତ୍ରୀ, ୧୫୫୫-୧୬୦୨)ଙ୍କ ଦ୍ୱାରା ଲେଖା ଯାଇଥିବା ବିବରଣୀରେ ଏହା ଆକବରଙ୍କ ସମୟରେ କ୍ଷତିଗ୍ରସ୍ତ ହୋଇ ନ ଥିବା ଦର୍ଶାଇଛନ୍ତି । ଯେହେତୁ ସେଥିରେ ଲେଖାଅଛି – ୯ଟି ଝପଟି ମରା ପାହୁଣ୍ଡ ପଡିଲା ପରେ ଆଗରେ ଏକ ସୁଦୃଶ୍ୟ

 Magazine Downloaded from www.aahwaan.com

ପ୍ରାଙ୍ଗଣରେ ଅବସ୍ଥାପିତ ଥିବା ଏକ ବିରାଟ ଅର୍ଦ୍ଧବୃତ୍ତାକାର ପ୍ରସ୍ତର ଦେହରେ ଖୋଦିତ ସୂର୍ଯ୍ୟ ଓ ଅନ୍ୟ ଗ୍ରହମାନେ ଚତୁର୍ଦ୍ଦିଗରେ ଅବନତ ମସ୍ତକେ, ଦଣ୍ଡାୟମାନେ, ଉପବେସନେ, ସାଷ୍ଟାଙ୍ଗ ପ୍ରଣମ୍ୟେ, ହାସ୍ୟରତେ, କ୍ରନ୍ଦନରତେ, ବିସ୍ମୟାବିଭୂତେ କିମ୍ବା ତନ୍ମୟେ ବିଭିନ୍ନ ଶ୍ରେଣୀର ନାନା ଜାତିର ଉପାସକଙ୍କର ଦୃଶ୍ୟ ଥିଲା ଏବଂ ଏହାକୁ ପହଁରାଳୀ, ସଙ୍ଗୀତଜ୍ଞ ମାନେ କଳ୍ପନା ବ୍ୟତୀତ କେବେ ହେଲେ ଅସ୍ତିତ୍ୱରେ ନ ଥିବା ଅଦ୍ଭୁତପୂର୍ବ ପଶୁମାନଙ୍କ ସହ ଅନୁସରଣ କରୁଥିଲେ । (ସୌଜନ୍ୟ: ଆଇନ-ଏ-ଆକବରୀ)

(ଅବୁ ଫଜଲଙ୍କ ବିବରଣୀ ସହ କଳାପାହାଡର କୋଣାର୍କ ବିଧ୍ୱଂସ କିଛି ମେଳ ଖାଉନି । ସେଥିପାଇଁ ସେ ଦୁଇ ଘଟଣାରୁ କେବଳ ଗୋଟିଏ ହିଁ ସତ୍ୟ । ଅନ୍ୟଟି ସନ୍ଦେହ ଯୋଗ୍ୟ । କାରଣ ୧୫୬୫ ମସିହାରେ ବଙ୍ଗ ସୁଲତାନଙ୍କ ହିନ୍ଦୁରୁ ମୁସଲମାନ ଧର୍ମାନ୍ତରିତ ହୋଇଥିବା ରାମାନନ୍ଦ ରାୟ ଓରଫ କଳାପାହାଡ ଓଡିଶା ଆକ୍ରମଣ କରିବାକୁ ଆସିଥିଲା । ତା ପରେ ପରେ ଓଡିଶା ଆକବର ଶାସନକୁ ଚାଲି ଯାଇଥିଲା । ତା ପରେ ....)

ମାଦଳା ପାଞ୍ଜିର ବିବରଣୀ ଅନୁସାରେ ଖୋର୍ଦ୍ଧା ନରେଶ ପୁରୀରୁ କୋଣାର୍କ ୧୬୨୮ରେ ଜାହାଙ୍ଗୀର ଶାସନ କାଳରେ ଓଡିଶା ପ୍ରଦେଶ ଦାୟିତ୍ୱରେ ଥିବା ବକର ଖାନ ରାଜତ୍ୱ ସମୟରେ ଗଲାବେଳେ ସେହି ଯବନ ଶାସକର ହିଂସାତ୍ମକ ଆଚରଣ ଫଳରେ ସୂର୍ଯ୍ୟଙ୍କ ମୁଖ୍ୟ ବିଗ୍ରହ ମୈତ୍ରାଦିତ୍ୟ ବିରଞ୍ଚି ନାରାୟଣଙ୍କୁ ପୁରୀର ନୀଳାଦ୍ରିମହୋତ୍ସବ ମନ୍ଦିରକୁ ସ୍ଥାନାନ୍ତରିତ କରା ଯାଇ ସାରିଥିଲା ।

[କିନ୍ତୁ ବିରଞ୍ଚିନାରାୟଣଙ୍କ ବିଗ୍ରହ ବିସ୍ଥାପିତ ହେବା ପରେ ପରେ ସେଠରେ ଥିବା ମାୟା, ମହାମାୟା ଅଥବା ମହାଗାୟତ୍ରୀ ବିଗ୍ରହକୁ ନେଇ ପୁରୀ-କୋଣାର୍କର ବେଳାଭୂମିରେ ରାମଚଣ୍ଡୀ ମନ୍ଦିରର ମୂଳ ବିଗ୍ରହ ରୂପେ ସ୍ଥାପନ କରା ଯାଇଥିବା ଜନଶୃତି ଅଛି ।]

ମଧ୍ୟକାଳୀନ ରାଜାମାନଙ୍କ ପାଖରେ ପରିଲକ୍ଷିତ ନ ହେଉଥିବା ବିରଳ ପ୍ରକୃତିର

 Magazine Downloaded from www.aahwaan.com

ବାହାରେ ସେହି ଶୂନ୍ୟ ମନ୍ଦିରର ପରିମିତି ତଥ୍ୟ ନେବାର ମାନସିକତାରେ ପ୍ରେରିତ ହୋଇ ପୁରୀ ମନ୍ଦିର ଦାୟିତ୍ୱରେ ଥିବା ନାଥ ମହାପାତ୍ରଙ୍କ ଦ୍ୱାରା ମାପ କରେଇଥିଲେ । ମାପର ଏକକ ଭାବରେ ରାଜାଙ୍କ ୨୮ ଆଙ୍ଗୁଳି ମାପର ଏକ ବାଡିକୁ ଏକକ ରୂପେ ବ୍ୟବହାର କରିଥିଲେ । ଏହି ବିବରଣୀରେ  ବିଗ୍ରହ ପୀଢ ସହ ଗର୍ଭଗୃହ, ଦ୍ୱାରମଣ୍ଡପ ଏବଂ ଅରୁଣ ସ୍ତମ୍ଭର ମାପର ବିବରଣୀ ସେଥିରେ ଉଲ୍ଲେଖ ରହିଛି । କଳଶ ଓ ପଦ୍ମସ୍ତୁପିକା ଭଗ୍ନ ଅବସ୍ଥାରେ ଥିଲା । ଗୋଟିଏ ଚୁମ୍ବକୀୟ ବାଡି, ବୋଧହୁଏ କଳଶରେ ଲାଗିଥିଲା, ଯଥା ସ୍ଥାନରେ ଥିଲା ।

(ସୌଜନ୍ୟ : Indian Monuments by N S Ramaswami)

ମନ୍ଦିରର ସଂରଚନା ସମ୍ବନ୍ଧରେ ବିଷଦ ରୂପେ ବି ଜେ ବି (ସ୍ୱୟଂଶାସିତ) ମହାବିଦ୍ୟାଳୟର ପ୍ରାଧ୍ୟାପିକା ସୁପ୍ରଭା ମିଶ୍ରଙ୍କ ଉତ୍କଳ ପ୍ରସଙ୍ଗ ନଭେମ୍ବର ୨୦୧୨ରେ ପ୍ରକାଶିତ ଆଲେଖ୍ୟ "ଅର୍କକ୍ଷେତ୍ର – କୋଣାର୍କ" ରେ ବର୍ଣ୍ଣନା କରା ଯାଇଛି । ଆଇନ-ଏ-ଆକବରୀରେ ସନ୍ଥ କବୀରଙ୍କ ସମାଧି କୋଣାର୍କରେ ରହିଥିବା ବି ସେ ଉଲ୍ଲେଖ କରିଛନ୍ତି । ଅତୀତରେ କୋଣାର୍କର ପବିତ୍ର ରଥଯାତ୍ରା କଥା ବି ସେ ଲେଖିଛନ୍ତି ।

୧୭୫୯ ମସିହାରେ ସେତେବେଳେ ଶାସନ କରୁଥିବା ସହ ମରାଠା ଶାସକଙ୍କ ଗୁରୁ ବାବା ବ୍ରହ୍ମଚାରୀ କୋଣାର୍କ ପରିଭ୍ରମଣରେ ଯାଇଥିଲେ । ବାବା ବ୍ରହ୍ମଚାରୀଙ୍କ ବିବରଣ ଅନୁଯାୟୀ  ତାଙ୍କ ସାଥୀରେ ଯାଇଥିବା ନିଳାମ୍ବର ପଟ୍ଟନାୟକ କରଣଙ୍କ ଠାରୁ ସେ ଶୁଣିଲେ ଯେ ଜଣେ କେଶୋମାରୁ, ଜଣେ ହିନ୍ଦୁ ଧ୍ୱଜପଦ୍ମକୁ ନେଇ ପଳେଇଲା । ଯେଉଁ କେଶୋମାରୁ ଅଥବା ହିନ୍ଦୁରୁ ମୁସଲମାନ ଧର୍ମ ଗ୍ରହଣ କରିଥିବା କଥା ବାବା ବ୍ରହ୍ମଚାରୀ କହିଛନ୍ତି, ସେ ଜଣକ କଳାପାହାଡ ବ୍ୟତୀତ ଆଉ କିଏ ହେଇପାରେ ? (୪)

[ପ୍ରଶ୍ନ ଉଠେ : ଯଦି ଭଗ୍ନ କଳଶ ଓ ପଦ୍ମସ୍ତୁପିକା କଳାପାହାଡ ଆକ୍ରମଣର ୬୩ ବର୍ଷ ପରେ ୧୬୨୮ ରେ ଖୋର୍ଦ୍ଧା ନରେଶ ଦେଖି ଆସିଥିଲେ, ସେହି ପଦ୍ମଧ୍ୱଜକୁ ୧୫୬୫ ରେ

 Magazine Downloaded from www.aahwaan.com

କଳାପାହାଡ ନେଇ ଯାଇଥିବା କଥା ବାବା ବ୍ରହ୍ମଚାରୀଙ୍କୁ ନିଳାମ୍ବର ପଟ୍ଟନାୟକ କହିଲେ କେମିତି ? ଶୁଣାଶୁଣିର କଥା ନୁହେଁ ତ ଇଏ ଆଉ ?]

ବାବା ବ୍ରହ୍ମଚାରୀ ଯାଇଥିବା ବହୁତ ବର୍ଷ ପରେ ସରକାରୀ ନଥିପତ୍ରରୁ ୧୮୨୪ ରେ କଟକର ଇଂରେଜ କମିଷନରଙ୍କ ପାଖରେ କର୍ମରତ ଇଂରେଜ ଅଫିସର ଆଣ୍ଡ୍ରୁ ଷ୍ଟେର୍ଲିଂଙ୍କୁ ମନ୍ଦିରର ଦାୟିତ୍ୱ ଦିଆ ଯିବାର ଲିପିବଦ୍ଧ ସନ୍ଦର୍ଭ ମିଳୁଛି, ଏଥିମଧ୍ୟରେ ଲମ୍ବା ସମୟର ଅନ୍ତରାଳରେ ପରିତ୍ୟକ୍ତ ଅବସ୍ଥାରେ ଥିବା ମନ୍ଦିରଟି ଉପେକ୍ଷା, ପ୍ରାକୃତିକ ବିପର୍ଯ୍ୟ, ସ୍ଥାନୀୟ ଅଧିବାସୀ ମାନଙ୍କ ଦ୍ୱାରା ପ୍ରାସାଦ ସାମଗ୍ରୀର ବିନିୟୋଜନ ଜନିତ ଅବସ୍ଥା ଭୋଗିଥିଲା । ଆଣ୍ଡ୍ରୁ ଷ୍ଟେର୍ଲିଂ ତାଙ୍କ ରିପୋର୍ଟରେ ଲେଖିଛନ୍ତି – "ସ୍ୱାଭାବିକ ରୂପେ ଭୂମିକମ୍ପ କିମ୍ବା ବିଜୁଳୀ ଏହି ଜୀର୍ଣ୍ଣାବସ୍ଥାର ମୂଳ ଉତ୍ସ ଯେତେବେଳେ ହେଇଯାଆନ୍ତି ଅନେକ କାରଣର ସହଭାଗୀତାରେ ଏହି ଧ୍ୱଂସ ଅଧିକ ତ୍ୱରାନ୍ୱିତ ହୋଇଯାଏ । ପାଣିପାଗର କିମ୍ବା ବୃକ୍ଷଲତାଗୁଡିକର ଭିତ୍ତିପ୍ରସ୍ତର ତଳ ପର୍ଯ୍ୟନ୍ତ ବୃଦ୍ଧିର ପ୍ରଭାବ ଏହି ପରିତ୍ୟକ୍ତ ପ୍ରାସାଦରେ ଯେତିକି କୁହା ଯାଇ ପାରିବ, ପରିଷ୍କାର ରୂପେ ଧାତୁର ଇଛା କରି ପଥରକୁ ଭିଡି ରଖୁଥିବା ଲୁହା କ୍ଲାମ୍ପ ଗୁଡିକୁ ଜବରଦସ୍ତ ବାହାର କରି ନେଇ ସ୍ଥାନୀୟ ବାସିନ୍ଦାମାନେ ଅଧିକ କ୍ଷତି ଘଟାଇ ଥିବା କଥା ତାଠୁଁ ଅଧିକ କୁହା ଯାଇ ପାରିବ । ଏବଂ ଏହା ମଧ୍ୟ ସର୍ବଜନବିଦିତ ଯେ ପୁରୀର କେଉଁ ଅନାମଧେୟ ମନ୍ଦିର ତୋଳିବା ସାମଗ୍ରୀ ଏଠାରୁ ନେବା ପାଇଁ ମରାଠା ସରକାର କାନ୍ଥର ଗୋଟିଏ ପାଖ ଭାଙ୍ଗି ଦେଇଛନ୍ତି ।"

ଆଣ୍ଡ୍ରୁ ଷ୍ଟେର୍ଲିଂଙ୍କ ଏହି ରିପୋର୍ଟ Asiatic Researches ର ୧୫ତମ ଖଣ୍ଡରେ ପ୍ରକାଶିତ ହୋଇଛି । ତାଙ୍କ ପନ୍ଦର ବର୍ଷ ପରେ ଫର୍ଗୁସନ ଆସିଥିଲେ ଯିଏ ମୂଳ ମନ୍ଦିରର ୧୪୦ରୋ ୧୫୦ଫୁଟ ଉଚ୍ଚର ଦୁର୍ଗ ରହିଥିବା କଥା ଉଲ୍ଲେଖ କରି ଲେଖିଥିଲେ୍ । କିନ୍ତୁ ଭିତ୍ତି ଉପରେ ଆଜି ଦେଖା ଯାଉଥିବା ଚକ ଓ ଅଶ୍ୱ କଥାର ଉଲ୍ଲେଖ କରି ନ ଥିଲେ । ତା ଅର୍ଥ ସେଗୁଡିକ ସେତେ

 Magazine Downloaded from www.aahwaan.com

ଯାଏଁ ବାଲି ସ୍ତୁପ ଭିତରେ ଥିଲା ।

୧୮୪୮ରେ ହୋଇଥିବା ଝଡ କ୍ଷୟକ୍ଷତିକୁ ବଢ଼େଇ ଦେଇଥିଲା । ସେଠାକୁ ପଠା ଯାଇଥିବା ଏକ ବାପ୍ଟିଷ୍ଟ ମିଶନ ତାଙ୍କ ରିପୋର୍ଟରେ ଏହା ଦର୍ଶେଇ ଥିଲେ ।

୧୮୬୮ ରେ କୋଣାର୍କ ର ପରବର୍ତ୍ତୀ ବୃତ୍ତାନ୍ତ ଲେଖିଥିବା ରାଜେନ୍ଦ୍ରଲାଲ ମିତ୍ର ତାଙ୍କ ପୁସ୍ତକ "Antiquities of Orissa" ରେ କୋଣାର୍କର ଭଗ୍ନ ସ୍ତୁପ ଉପରେ ହିଁ ଅଧିକ ଆଲୋକପାତ କରିଥିଲେ । କିନ୍ତୁ ସେତେବଳକୁ କ୍ଷୟକ୍ଷତିର ପରିମାଣ ଅଧିକ ହୋଇ ସାରିଲାଣି ।

୧୯୦୦ ମସିହାରେ ବଙ୍ଗ ମଣ୍ଡଳ Archaeological Surveyor ପରାମର୍ଶ ଦେଲେ ଯେ କ୍ଷତିଗ୍ରସ୍ତ ଭବନ ଟିର ସଂରକ୍ଷଣ ଆବଶ୍ୟକ ।

୧୯୦୧ ରେ ବାଲିସ୍ତୁପ ଭିତରୁ ପ୍ରଥମ ଚକ ଟିର ଆବିଷ୍କାର କରାଗଲା ।

୧୯୧୦ରେ ସ୍ମୃତିଭବନ ଟି ତାର ବର୍ତ୍ତମାନର ଅବଥାକୁ ପ୍ରାୟ ଆସି ଯାଇଥିଲା ।

୧୯୫୬ ରେ ଆହୁରି ସଫା କରାଯିବା ଫଳରେ ମାୟାଦେବୀ ମନ୍ଦିର ପାଖରେ ଅନ୍ୟ ଏକ ଇଟା ନିର୍ମିତ ବୈଷ୍ଣବ ମନ୍ଦିର ବାହାରିଲା । ସେଠାରେ ବହୁବର୍ଷ ଧରି ଅବସ୍ଥାପିତ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ସେହି ଇଟାରୁ ଏହା ଶାମ୍ବଙ୍କ ଦ୍ୱାରା ନିର୍ମିତ ପୁରାତନ ସୂର୍ଯ୍ୟ ମନ୍ଦିର ବୋଲି ଅଭିହିତ କରିଥିଲେ ।

ଆଜିର ଭଗ୍ନ ମନ୍ଦିର ଅବୁ ଫଜଲଙ୍କ ବିବରଣୀ ଠାରୁ ଅନେକ ଦୂରରେ । ତଥାପି, ସପ୍ତ ଅଶ୍ୱ ଖଚିତ ଦ୍ୱାଦଶ ଚକ ବିଶିଷ୍ଟ ରଥାରୂଢ ସୂର୍ଯ୍ୟ ଦେବତା ପ୍ରାତଃ, ମଧ୍ୟାହ୍ନ, ସନ୍ଧ୍ୟାର କ୍ଲୋରାଇଟ ପ୍ରସ୍ତରର ସ୍ଥାପତ୍ୟର ସ୍ଥାପିତ ମୂର୍ତ୍ତି ମନ୍ଦିରର ବାହାର ପ୍ରାଙ୍ଗଣ କାନ୍ଥର ବିଭିନ୍ନ ଦିଗରେ ପ୍ରଦର୍ଶିତାବସ୍ଥାରେ ବଙ୍ଗୋପସାଗର କୂଳେ ଜମ୍ବୁଦ୍ୱୀପେ ବିଭିନ୍ନ କଥା କିମ୍ବଦନ୍ତୀ ଓ ପ୍ରମାଣିତ ଐତିହାସିକ ତଥ୍ୟରେ ପ୍ରତିପାପୋଷିତ ଭଗ୍ନ, ଅସହାୟ କୋଣାର୍କ ମନ୍ଦିର

 Magazine Downloaded from www.aahwaan.com

ଗର୍ଭଗୃହରେ ବିରାଜିତ ନାହାଁନ୍ତି ସତ, ଓଡିଆ ସଂସ୍କୃତିର ତାଳରେ, ହିନ୍ଦୁ ସଭ୍ୟତାର ନିନାଦରେ, ମାନବତାର ପ୍ରତୀକ ରୂପେ ଆଜି ବି ସେ ଜାଜ୍ୱଲ୍ୟମାନ, ଦିପ୍ତୀମାନ ଓ ସୁରଭି ସମ୍ପନ୍ନ ।

ଅତି ସହଜରେ ରକ୍ଷଣଶୀଳ ଦର୍ଶକଙ୍କ ସମ୍ବେଦନଶୀଳତାର କାରଣ ହୋଇ ଯାଉଥିବା ମନ୍ଦିର କାନ୍ଥ ଗାତ୍ରରେ ଜଟିଳ ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ସଜ୍ଜିତ ମୂର୍ତ୍ତିକଳା ସମ୍ବନ୍ଧରେ ମତ ଦେଇ ପ୍ରଖ୍ୟାତ ଆମେରିକୀୟ ଲେଖକ ଓ ଅଭିନେତା ଲୋୱେଲ ଥୋମାସ ଏହାକୁ ବିଶ୍ୱର ଏକ ସୁନ୍ଦର ଓ କାମୋଦ୍ଦୀପକ ପ୍ରସାଦ ରୂପେ ବର୍ଣ୍ଣନା କରିଥିଲେ ।

ଏହି ପରିପେକ୍ଷୀରେ ସୁଇସ୍ ମନୋଚିକିତ୍ସକ କାର୍ଲ ଜଙ୍ଗଙ୍କ ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ । ସେ ଆଜି ଜୀବିତ ନାହାନ୍ତି ସତ, କିନ୍ତୁ ତାଙ୍କ ପ୍ରତିଷ୍ଠିତ ସଂସ୍ଥା ମାନସିକ ରୋଗୀଙ୍କ ପ୍ରାକୃତିକ ଚିକିତ୍ସା ଅନୁକ୍ରମେ ଭାରତ ଦର୍ଶନ ବ୍ୟବସ୍ଥାରେ ଆଜି ବି କୋଣାର୍କ ଓ ପୁରୀର ଦର୍ଶନ ସେମାନଙ୍କୁ କରେଇଥାଏ ।

ସେ ୧୯୩୮ରେ ଯେତେବେଳେ ଭାରତ ବୁଲିବାକୁ ଆସିଥିଲେ, କୋଣାର୍କ ମନ୍ଦିରରେ ତାଙ୍କ ପଥପ୍ରଦର୍ଶକ ରୂପେ ନିୟୋଜିତ ଥିବା ଜଣେ ପଣ୍ଡିତ, ତାଙ୍କୁ (ଜଣେ ୟୁରୋପୀୟ ପରିଦର୍ଶକଙ୍କୁ) ମନ୍ଦିର କାନ୍ଥ ଗାତ୍ରରେ ଖୋଦିତ ଏହି କାମୋତ୍ତେଜକ ଦୃଶ୍ୟମାନ ଦେଖେଇବା ନିମନ୍ତେ କୁଣ୍ଠା ଅନୁଭବ କରିଥିଲେ । କିନ୍ତୁ ମାନବୀୟ କାମ ବାସନାର ସୂକ୍ଷ୍ମତମ ସ୍ତରକୁ ବୁଝି ପାରିଥିବ ମନୋଚିକିତ୍ସକ କାର୍ଲ ଜଙ୍ଗ ଅନ୍ୟ ପକ୍ଷରେ ମନ୍ତ୍ରମୁଗ୍ଧ ପୂର୍ବକ ତାଙ୍କ ସ୍ୱବିଚାରପୂର୍ଣ୍ଣ ଲେଖାରେ ଲେଖିଥିଲେ – "ମୁଁ ଭାରତରେ ଏକ ଜାଜ୍ୱଲ୍ୟମାନ, ଅଥଚ ବାଲୁକାସ୍ତୁପ ଭିତରେ ପରିତ୍ୟକ୍ତ ୪୦୦ ବର୍ଷ ତଳେ ମୁସଲମାନମାନଙ୍କ ଦ୍ୱାରା ଧ୍ୱଂସ ଆରମ୍ଭ କରାଯାଇ ଧୀରେ ଧୀରେ ଧ୍ୱଂସର ଶିଖରରେ ଆସି ପହଞ୍ଚି ଥିବା ମନ୍ଦିର ଦେଖିଲି । ଅପବିତ୍ର ଭାବର ଉତ୍‌ଜାଗରଣ ଫଳରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ତଥା ଏକ ଅଲୌକିକ ଅନୁଭବରେ

 Magazine Downloaded from www.aahwaan.com

ରଞ୍ଜିତ ଅନୁଭୂତିର ଧାରଣା ଏହା ମୋତେ ଦେଇଥିଲା ।“

ଓଡିଶାର ଅନ୍ୟତମ ସଂସ୍କୃତ କବି ଜୟଦେବ (ବଙ୍ଗ ରାଜା ଲକ୍ଷ୍ମଣ ସେନଙ୍କ ଦରବାରୀ କବି, ୧୧୮୫-୧୨୦୫) ଙ୍କ ରଚିତ ରାଧାକୃଷ୍ଣଙ୍କ ପ୍ରେମକାବ୍ୟ ଗୀତଗୋବିନ୍ଦର ଶୃଙ୍ଗାରରସରେ ଆବିଭୂତ ଓ ଅନୁପ୍ରାଣିତ ସ୍ଥାପତ୍ୟ ଶିଳ୍ପୀମାନେ ଆଧୁନିକ କୋଣାର୍କର ନିର୍ମାଣ ବେଳେ ଏହି କାମୋଦ୍ଦୀପକ ମୂର୍ତ୍ତିମାନଙ୍କରେ ପ୍ରାଣ ସଂଚାର କରିବା ସହ ରାଧାକୃଷ୍ଣଙ୍କ ଅନାବିଳ ଓ ଅଲୌକିକ ପ୍ରେମ ଗାଥାକୁ ଗୀତଗୋବିନ୍ଦ ପ୍ରତ୍ୟହ ରାତିରେ ଜଗନ୍ନାଥଙ୍କ ପହୁଡ ସମୟରେ ଦେବଦାସୀ ପମ୍ପରା ଅନୁସାରେ ଗାନ ମଧ୍ୟ କରାଯାଇଥାଏ ।

( ସୌଜନ୍ୟ : ଶିଶିର କୁମାର ପଣ୍ଡାଙ୍କ ରଚିତ Medieval Orissa: A Socio-economic Study ବହି ର ୧୦୪ ପୃଷ୍ଠା)

କିନ୍ତୁ ପ୍ରେମକାବ୍ୟକୁ ପବିତ୍ରତା ସହ କାହିଁକି ଯୋଡା ଯାଇଥାଏ, ଏହା ବୁଝିବାକୁ ହେଲେ ଆମକୁ ଦିବଙ୍ଗତ ଐତିହାସିକ ଓ ଲେଖକ ଏ କୁମାରସ୍ୱାମୀଙ୍କ ସହଜ ବ୍ୟାଖ୍ୟାକୁ ବେଦ ସହିତ ବୁଝିବାକୁ ମଧ୍ୟ ହେବ । ଭାରତୀୟ ମନ୍ଦିର ଗାତ୍ରରେ ଭୋଗବିଳାସର ପରମାନନ୍ଦକୁ ପ୍ରଦର୍ଶିତ କରୁଥିବା କାମୋଦ୍ଦୀପକ ଦୃଶ୍ୟାବଳୀ ଏହାର ନିର୍ମାଣ କୌଶଳର ଏକ ଅଙ୍ଗ ଅଟେ । ଏହା ଆନନ୍ଦ ପ୍ରାପ୍ତି ଉଦ୍ଦେଶ୍ୟରେ ଥିବା ଇନ୍ଦ୍ରିୟାସକ୍ତ ଲୋକମାନଙ୍କୁ ଦର୍ଶାଇଥାଏ । ମନ୍ଦିରର ବାହରାଞ୍ଚଳରେ ଜନ୍ମ ଓମୃତ୍ୟୁ ଚକ୍ରର ବନ୍ଧନ ଓ କାମନାରେ ଆବଦ୍ଧ ସାଂସାରିକ ବ୍ୟକ୍ତିଟିର ଜୀବନକୁ ଚିତ୍ରଣ କରା ଯାଇଥାଏ, ଯଦିବା ଭିତରେ ସ୍ୱୟଂ ଈଶ୍ୱର ବିଦ୍ୟମାନ ଥାଆନ୍ତି ।

[ ହିନ୍ଦୁ ଧର୍ମରେ ଆମେ ମାନୁ, ପୁନର୍ଜନ୍ମ□ ଏହା ଆଜିର ବିଜ୍ଞାନ ବି ଧୀରେ ଧୀରେ ମାନିଲାଣି । ତାର ସର୍ବୋତ୍କୃଷ୍ଟ ଉଦାହରଣ ହେଲା, DNA ଉପରେ ଗବେଷଣା । କର୍ମ ଅଛି ତ ଜୀବନ ରହିବ । ଜୀବନ ଅଛି ତ କାମନା, ବାସନାର ଅଭିଳାଷା ରହିବ । ହଁ, ତାକୁ କମେଇବାକୁ ହେବ । ସିଦ୍ଧମୁନି ମାନେ ତା ପାଇଁ କମ ସମୟ ନିଅନ୍ତି । ଆମେ ସାଧାରଣ

 Magazine Downloaded from www.aahwaan.com

ମାନେ ଜନ୍ମ ପରେ ଜନ୍ମ ର ସମୟ ନେଉ ।

The work done and finished perfectly within a time limit.

ସେହି ବାସନାକୁ କମ କରିବା ପାଇଁ ଅସାମାଜିକ ହୁଅନ୍ତି  ପୁଣି ପତ୍ନୀ ସାନିଧ୍ୟ ରେ ସାମାଜିକ ହୋଇପାରେ ସମୟ ଆହୁରି କମି ଯାଏ  ମୁନିଋଷି ମାନେ ତପସ୍ୟାରତ ହୋଇ ବୀର୍ଯ୍ୟ ହାନି ନ କରି କାମନାକୁ ବଶୀଭୂତ କରନ୍ତି  ସେହି କାମନାକୁ ଈଶ୍ୱର ଦର୍ଶନ ଆଗରୁ ମନ୍ଦିର କାନ୍ଥରେ ଦେଖି କିଛି ଲୋକ ବଶୀଭୂତ ହୋଇ ରହନ୍ତି  କିଛି ଲୋକ ଛି ଛି କହି ଭିତରକୁ ଯାଆନ୍ତି  କିଛି ଲୋକ ସ୍ୱର୍ଗୀୟ ଆନନ୍ଦ ରେ ବିଭୂଷିତ ହୋଇ ଭିତରକୁ ଯାଇଥାନ୍ତି  ତେଣୁ ଏହା ଜନ୍ମ ମୃତ୍ୟୁର ଚକ୍ର  ]

କୋଣାର୍କର ମୂଳ ମନ୍ଦିର ନାହିଁ । ସେଥିରେ ଦୋଳାୟମାନ ଅବସ୍ଥାରେ ସ୍ଥାପନ କରା ଯାଇଥିବା ବିଗ୍ରହ ବି ନାହାଁନ୍ତି । ତଥାପି ଅନେକ ସତ୍ୟ କାଳର ଅଭିକେନ୍ଦ୍ରାଭିମୁଖୀ । ଧୀରେ ଧୀରେ ସ୍ଥାପତ୍ୟ ଜରାଜୀର୍ଣ୍ଣ ଅବସ୍ଥା ଆଡକୁ ଗତି କଲାଣି । ଅନନ୍ୟ ଓ ଅନନ୍ତକାଳ ଯାଏଁ କେବଳ ଈଶ୍ୱରଙ୍କ ଅସ୍ତିତ୍ୱ ବ୍ୟତୀତ ଆଉ କିଏ ବା ରହି ପାରିବ ?

ଶେଷରେ, ବାବା ବ୍ରହ୍ମଚାରୀଙ୍କ ବିବରଣୀ ଦେଲା ପରେ ସୁପ୍ରିୟା ମିଶ୍ର ତାଙ୍କ ଟୁଇଟରେ ଲେଖିଥିଲେ – ମନ୍ଦିରର ପୁନର୍ସ୍ଥାପନ ପାଇଁ, ସେତେବେଳେ ସେ କିଛି କରି ପାରି ନ ଥିଲେ । ଆଜି ଆମେ ବି କିଛି କରି ପାରିବୁ ନାହିଁ ଏବଂ ଏହା ଆମକୁ ଅତ୍ୟନ୍ତ ଦୁଃଖ ଦେଉଛି ।

ସତ କଥା । ଉତ୍ପତ୍ତିର ୪୦୦ ବର୍ଷ ଭିତରେ ହିଁ ତାର ରୂପ-ଲାବଣ୍ୟ-ଶ୍ରେଷ୍ଠ-ତିଆରି-ପ୍ରଣାଳୀ ଅଜଣା, ଅର୍ଦ୍ଧଶୁଣା, ଗୁଜବର ସନ୍ଧିସ୍ଥଳରେ ଲୁପ୍ତ ଐତିହାସିକ ସମ୍ପତ୍ତି ହେବା ଦିଗରେ ଥିଲା ! ଯେମିତି ଲୁମ୍ବେଇ ପ୍ରଗଣାର ସିଦ୍ଧାର୍ଥ ଗୌତମ ! ଯେମିତି ଉଡ୍ଡୀୟାନର ରାଜା ମହାସିଦ୍ଧ ଇନ୍ଦ୍ରଭୂତୀ ଓ ତାଙ୍କ ଭଉଣୀ ମହାସିଦ୍ଧା ଲକ୍ଷ୍ମୀଙ୍କରା ! ଯେମିତି ଉଡ୍ଡୀୟାନର ପରବର୍ତ୍ତୀ ରାଜା ମହାସିଦ୍ଧ ପଦ୍ମସମ୍ଭବ, ଯିଏ ତିବ୍ବତରେ ବୌଦ୍ଧଧର୍ମର ଆରମ୍ଭ କରିଥିଲେ !

 Magazine Downloaded from www.aahwaan.com

ତଥାପି ତାର ଉପଯୁକ୍ତ ସଂରକ୍ଷଣର ଆବଶ୍ୟକତା ରହିଛି ।

ପ୍ଲଟ ନଂ ୧୦୦୦, ଦ୍ୱିତୀୟ ତୋଟା ସାହି, ବିଜିପୁର
ବ୍ରହ୍ମପୁର

ଟିପ୍ପଣୀ:

ଅନେକ ଐତିହାସିକଙ୍କ ବର୍ଣ୍ଣିତ ମତ ଅନୁସାରେ ତଥ୍ୟ ସ୍ଥାପନ କରାଯାଇଛି । କେବଳ ଗୋଟିଏ, ଧର୍ମପଦଙ୍କ କାହାଣୀ କୁ ଛାଡି ।

(୧) କୋଣାର୍କ, କବି ମାୟାଧର ମାନସିଂହ – ସୌଜନ୍ୟ : @ଡାକ୍ତରବାବୁ ତା ୧୦-୧୧-୨୦୧୮)

(୨) ବୈଦିକ ଚୁମ୍ବକ ଶାସ୍ତ୍ର:

କ) http://gyanpro.com/blog/ancient-indian-historical-background-of-magnets-and-its-properties/

ଖ) https://ramanan50.wordpress.com/2014/05/06/vedas-on-magnetism-rig-veda-verses/

ଗ) https://haribhakt.com/solved-mysteries-hidden-secrets-of-hindus-extracting-source-of-energies-in-temples-vedic-knowledge-at-its-best/

(୩) ଡ: ବେଣୁଧର ପାତ୍ର, ଚଣ୍ଡୀଗଡ ସରକାରୀ ମହାବିଦ୍ୟାଳୟ, ଇତିହାସ ଅଧ୍ୟାପକଙ୍କ Orissa Review April 2006, ରେ "Antiquity of Arkakshetra Konark" ରେ

 Magazine Downloaded from www.aahwaan.com

ଲେଖିଥିବା ଆଲେଖ୍ୟ ଅନୁଯାୟୀ ବିଗ୍ରହ ସ୍ଥାପନ ଓ ପୂଜାରମ୍ଭ ମାଘ ଶୁକ୍ଲ ସପ୍ତମୀ ତିଥିରେ କରା ଯାଇଥିଲା । କିମ୍ବଦନ୍ତୀରେ ଅଛି, ମୁଣ୍ଡି ମାରିଲା ପରେ ଧର୍ମପଦ ସମୁଦ୍ରରେ ଝାସ ଦେଇଥିଲା । ବର୍ତ୍ତମାନ ସମୁଦ୍ର ମନ୍ଦିର ଠାରୁ ୩ କି ମି ଦୂରରେ ଅଛି । ପ୍ରଶ୍ନ ଉଠେ, ଚୂଳ ଉପରୁ ଝାସ କେମିତି ଦେଇ ହେବ ?

ମୋ ବିଚାରରେ – ମନ୍ଦିରର ଉତ୍ତର ଦିଗରେ ସମୁଦ୍ରଠାରୁ ଦୁଇ କିଲୋମିଟର ଦୂରରେ ବର୍ତ୍ତମାନ ଆବିଷ୍କୃତ ମାଟି ଭିତରେ ପୋତି ହୋଇଥିବା, ପୁରାଣ, କିମ୍ବଦନ୍ତୀରେ ବର୍ଣ୍ଣିତ ଚନ୍ଦ୍ରଭାଗା ନଦୀରେ ସମୁଦ୍ର ଜୁଆର ପୂର୍ଣ୍ଣମୀ ତିଥିରେ ମନ୍ଦିର ପର୍ଯ୍ୟନ୍ତ ମାଡି ଆସିଥିଲା । ଚନ୍ଦ୍ରଭାଗା ହିଁ କୋଣାର୍କ ପୋତାଶ୍ରୟର ସାମୁଦ୍ରିକ ରାସ୍ତା ଥିଲା । (ଯେମିତି ଋଷିକୂଲ୍ୟାର ମୁହାଣ ପାଲୁରର ସାମୁଦ୍ରିକ ରାସ୍ତା ଥିଲା ।) ଶିବେଇ ସାଆନ୍ତରାଙ୍କ କ୍ଷୀରିଥାଳି ମଝିରେ ହାତ ମାରି ଗରମ କ୍ଷୀରି ନ ଖାଇ ପାରିବାର କିମ୍ବଦନ୍ତୀ ମୂଳକ କାହାଣୀ ବି ସମସ୍ତେ ଜାଣିଛନ୍ତି । ସେହି କାହାଣୀରେ, କୂଳରୁ ପଥର ପକେଇ ନେବା ପାଇଁ ତାଙ୍କୁ ପରାମର୍ଶ ମଧ୍ୟ ମିଳିଛି । ଶିଳ୍ପୀକୂଳର ମର୍ଯ୍ୟଦା ରକ୍ଷା କରିବା ଉଦ୍ଦେଶ୍ୟରେ ଧର୍ମପଦ ତା ଉପରକୁ ଲମ୍ଫ ପ୍ରଦାନ କରିଛି ।

ଦକ୍ଷିଣ ଗୁଜୁରାଟରେ ବି ଆଜି ସ୍ତମ୍ଭେଶ୍ୱର ମହାଦେବ ମନ୍ଦିରରେ ପ୍ରତିଦିନ ଜୁଆରରେ ମନ୍ଦିର ଟି ଅଧାରୁ ଅଧିକ ବୁଡି ଯାଇଥାଏ । ଆଜି ବି ବାଲେଶ୍ୱର ର ଚାନ୍ଦିପୁର ବେଳାଭୂମି ଚନ୍ଦ୍ରଙ୍କ ଉଦୟ ପରେ ସମୁଦ୍ର ଦୁଇ କିଲୋମିଟର ପର୍ଯ୍ୟନ୍ତ କୂଳ ଆଡକୁ ମାଡି ଆସିଥାଏ । ଅବଶ୍ୟ ଏହା ମୋର ନିଜସ୍ୱ ବିଚାର ଓ ଇତିହାସକାରମାନଙ୍କ ଦ୍ୱାରା ଅଧିକ ତଥ୍ୟଭିତ୍ତିକ ଗବେଷଣା ଏହି ଦୃଷ୍ଟିକୋଣରୁ ଆବଶ୍ୟକ ।

(୪) @mishra9_supriya ଙ୍କ ୧୦-୧୧-୨୦୧୮ ଟୁଇଟ ଅନୁଯାୟୀ ।

ଚିତ୍ର - @ଆଶିଷ କୁମାର ନାୟକ ଟୁଇଟ ତା ୧୫-୧-୨୦୧୬

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜାନୁଆରୀ ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ଜାନୁଆରୀ ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : January 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ଅନୁରୋଧ

ନମସ୍କାର

ଆପଣ ଜାଣିଥିବେ ଯେ ଆହ୍ୱାନ ଇ-ପତ୍ରିକା ଏକ ଲାଭଜନକ ବା ବ୍ୟବସାୟିକ ପତ୍ରିକା ନୁହେଁ । ଆପଣଙ୍କ ଭଳି ସହୃଦୟ ପାଠକ ଏବଂ ଲେଖକ ମାନଙ୍କ ଯୋଗୁଁ ହିଁ ଏହି ପତ୍ରିକା ପ୍ରକାଶିତ ହୋଇ ଆସୁଛି । ଏହି ପତ୍ରିକା ପ୍ରକାଶନ ହେତୁ ସମସ୍ତ କାର୍ଯ୍ୟ ସମ୍ପାଦକଙ୍କୁ କରିବାକୁ ପଡୁଥିବା ହେତୁ ଅନେକ ସମୟରେ ଏହାର ପ୍ରକାଶନରେ ଅହେତୁକ ବିଳମ୍ବ ପରିଲକ୍ଷିତ ହେଉଛି । ଅନେକ ବନ୍ଧୁ ଯେଉଁମାନେ ପତ୍ରିକା ପାଇଁ ଲେଖା ଦେଉଛନ୍ତି ସେମାନେ ଫୋନ୍ କରି ପତ୍ରିକା କେବେ ପ୍ରକାଶିତ ହେବ ବୋଲି ପ୍ରଶ୍ନ କରୁଛନ୍ତି, ତେଣୁ ସମସ୍ତଙ୍କ ସୁବିଧା ପାଇଁ ଆମେ ଏକ ଗୁଗୁଲ୍ ଗ୍ରୁପ୍ ତିଆରି କରିଛୁ, ଯେଉଁଠାରେ ଆହ୍ୱାନ ପତ୍ରିକାର ପ୍ରକାଶନର ସମସ୍ତ ବିବରଣୀ ଆପଣଙ୍କୁ ସହଜରେ ମିଳିପାରିବ । ଏହି ଗ୍ରୁପର୍ ଲିଙ୍କ୍ ନିମ୍ନରେ ଦିଆଯାଇଛି, ଆପଣ ସେହି ଗ୍ରୁପରେ ଯୋଗ ଦେଲେ ଆପଣ ସମସ୍ତ ତଥ୍ୟ ପାଇ ପାରିବେ ।

ଏତଦ୍ ବ୍ୟତୀତ ଆହ୍ୱାନ ଆଣ୍ଡ୍ରଏଡ୍ ଆପରେ ମଧ୍ୟ ଆଗାମୀ ମାସରୁ ଲେଖା ଦେଉଥିବା ବନ୍ଧୁମାନଙ୍କ ସୂଚନା ଆମେ ପ୍ରକାଶିତ କରିବୁ । ଯାହା ଫଳରେ ଆପଣ ପଠାଇଥିବା ଲେଖା ଆମକୁ ମିଳିଛି କି ନାହିଁ ତାହା ଆପଣ ସ୍ୱୟଂ ଜାଣିପାରିବେ ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ କିଛି ବନ୍ଧୁ ହ୍ୱାଟ୍ସଆପ୍ ମାଧ୍ୟମରେ ହିଁ ଲେଖା ପ୍ରେରଣ କରୁଛନ୍ତି, ସେମାନଙ୍କୁ ବିନିତ ଅନୁରୋଧ ଦୟାକରି ଇମେଲ୍ ଦ୍ୱାରା ହିଁ ଲେଖା ଦିଅନ୍ତୁ । ହ୍ୱାଟ୍ସଆପ୍ ଦ୍ୱାରା ମିଳିଥିବା ଲେଖା ଆହ୍ୱାନ ନିମନ୍ତେ ଗ୍ରହଣୀୟ ହେବ ନାହିଁ ।

**ନିମ୍ନରେ ଦିଆଯାଇଥିବା ଆହ୍ୱାନ ପତ୍ରିକାର ଇମେଲ୍ ଗ୍ରୁପରେ ଯୋଗ ଦିଅନ୍ତୁ:-**

**https://groups.google.com/forum/#!forum/aahwaan-epatrika**